# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

[ ଶ୍ରୀମ–କଥିତ ]

## ପଞ୍ଚମ ଭାଗ

''ତବ କଥାମୃତଂ ତପ୍ତଜୀବନଂ କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ ଭୁବି ଗୃଣନ୍ତି ଯେ ଭୂରିଦା ଜନାଃ ॥''
—ଶ୍ରୀମଭାଗବତ, ଗୋପୀଗୀତା

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ,ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର - ୭୫୧ ୦୦୨
ଫୋନ୍ : (୦୬୭୪) ୨୪୩ ୦୦୫୯, ୨୪୩ ୨୦୨୮
Email : bhubaneswar@rkmm.org

ସର୍ବସ୍ୱତ୍ୱ ସଂରକ୍ଷିତ

ଦ୍ୱିତୀୟ ସଂସ୍କରଣ : ନଭେମ୍ବର ୨୦୧୨
**ପ୍ରଥମ ପୁନର୍ମୁଦ୍ରଣ : ୧୯ ଅକ୍ଟୋବର ୨୦୧୭**
ଶ୍ରୀଶ୍ରୀକାଳୀପୂଜା
୧୦୦୦

ଅନୁବାଦକ : ସ୍ୱାମୀ ଭକ୍ତ୍ୟାନନ୍ଦ

**ମୂଲ୍ୟ — ଟ. ୧୦୦.୦୦**

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କ୍ସ୍
ଏ/୪୮, ରାମେଶ୍ୱରପାଟଣା
ଭୁବନେଶ୍ୱର - ୨

***SRISRIRAMAKRISHNAKATHAMRUTA Vol.-V***; by Sri MA; Published by Ramakrishna Math, Vivekananda Marg, Bhubaneswar -2; 2nd Edition 1st Reprint on 19th October 2017; **Price: ₹. One Hundred only.**

## ପ୍ରଥମ ପ୍ରକାଶନର ନିବେଦନ

ଭଗବାନ ଶ୍ରୀଶ୍ରୀରାମକୃଷ୍ଣ ଦେବଙ୍କର କୃପାରୁ ତାଙ୍କର ମୁଖନିଃସୃତ ଭଗବତୀ ବାଣୀ ''ଶ୍ରୀଶ୍ରୀରାମକୃଷ୍ଣକଥାମୃତ'' ଗ୍ରନ୍ଥର ପଞ୍ଚମ ଭାଗ ପ୍ରକାଶିତ ହେଲା । ସ୍ୱାମୀ ଭକ୍ତ୍ୟାନନ୍ଦ ଏହି ଗ୍ରନ୍ଥ, ମୂଳ ବଙ୍ଗଳାରୁ ଓଡ଼ିଆ ଭାଷାରେ ଅନୁବାଦ କରି ଓଡ଼ିଶାବାସୀଙ୍କର ଯଥାର୍ଥ କଲ୍ୟାଣକାରୀ ହୋଇଛନ୍ତି ।

ଶ୍ରୀଶ୍ରୀରାମକୃଷ୍ଣକଥାମୃତ ବର୍ତ୍ତମାନ ପୃଥିବୀର ପ୍ରାୟ ସମସ୍ତ ପ୍ରଧାନ ପ୍ରଧାନ ଭାଷାରେ ଅନୁଦିତ ହୋଇ ଅତ୍ୟନ୍ତ ଜନପ୍ରିୟ ଗ୍ରନ୍ଥରୂପେ ପରିଚିତ । ଏହି ପଞ୍ଚମଭାଗର ପ୍ରକାଶନ ପାଇଁ ଓଡ଼ିଶାର ବହୁ ଶୁଭେଚ୍ଛୁ ଜନସାଧାରଣ ଓ ଭକ୍ତଗଣ ଆନ୍ତରିକ ଆଗ୍ରହ ପ୍ରକାଶ କରିଛନ୍ତି । ନାନା ଅସୁବିଧା ବଶତଃ ପ୍ରକାଶନରେ ବିଳମ୍ବ ହୋଇଥିବାରୁ ଆମେ ଦୁଃଖିତ । ଏହି ଭାଗରେ ଶ୍ରୀମ ପ୍ରଦତ୍ତ ପରିଶିଷ୍ଟ ସମୂହ ଏବଂ ଗ୍ରନ୍ଥାକାର ଶ୍ରୀମ(ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ଗୁପ୍ତ)ଙ୍କର ସଂକ୍ଷିପ୍ତ ଜୀବନୀ ଅର୍ନ୍ତଭୁକ୍ତ କରାହୋଇଛି । ପୂର୍ବ ପ୍ରକାଶିତ ଚାରୋଟି ଭାଗ ଭଳି ଏହି ଭାଗଟି ମଧ୍ୟ ବିଶେଷ ଆଦୃତ ହେବ ବୋଲି ଆମର ବିଶ୍ୱାସ ।

ଏହି ଗ୍ରନ୍ଥର ପ୍ରକାଶନରେ ଅକୁଣ୍ଠ ସହଯୋଗ ପାଇଁ ଅଧ୍ୟାପକ ଶ୍ରୀ ତତ୍ତ୍ୱକନ୍ଦର ମିଶ୍ରଙ୍କ ନିକଟରେ ଆମେ କୃତଜ୍ଞ । କାଗଜ, ମୁଦ୍ରଣ ଓ ଆନୁସଙ୍ଗିକ ଖର୍ଚ୍ଚର ମୂଲ୍ୟବୃଦ୍ଧି ସତ୍ତ୍ୱେ ଗ୍ରନ୍ଥର ମୂଲ୍ୟ ଯଥାସମ୍ଭବ କମ୍ ରଖାଯାଇଛି ।

ସମସ୍ତଙ୍କର କଲ୍ୟାଣ ହେଉ—ଏହା ହିଁ ଭଗବାନଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା ।

ଫେବୃଆରୀ, ୧୯୯୬ ॥ ଇତି ॥
ରାମକୃଷ୍ଣ ମଠ, ଭୁବନେଶ୍ୱର ପ୍ରକାଶକ

## ଦ୍ୱିତୀୟ ପ୍ରକାଶନର ନିବେଦନ

ଭଗବାନ ଶ୍ରୀରାମକୃଷ୍ଣ ଦେବଙ୍କ ମୁଖ ନିସୃତ ଅମୃତ-ମନ୍ଦାକିନୀ ଜୀବର ସଂସାର-ତାପ ଉପଶମ କରି ପରମାନନ୍ଦ ପ୍ରାପ୍ତିର ଦ୍ୱାର ଉନ୍ମୁକ୍ତ କରେ । ପାଞ୍ଚ ଖଣ୍ଡରେ ପ୍ରକାଶିତ 'ଶ୍ରୀଶ୍ରୀରାମକୃଷ୍ଣକଥାମୃତ' ଗ୍ରନ୍ଥର ପଞ୍ଚମ ଭାଗର ଦ୍ୱିତୀୟ ସଂସ୍କରଣ ପ୍ରକାଶନ ଅବସରରେ ଆମେ ଆନନ୍ଦ ଅନୁଭବ କରୁଛୁ । ଏହି ସଂସ୍କରଣଟିର ସୁସ୍ପଷ୍ଟ ଅକ୍ଷର ସଜ୍ଜା ପାଠକମାନଙ୍କ ସୁଖପାଠ୍ୟ ହେବ ।

ଓଡ଼ିଶାର ପାଠକ-ପାଠିକାମାନଙ୍କ ଦ୍ୱାରା ଏହି ସଂସ୍କରଣଟି ଆଦୃତ ହେବ —ଏହା ଆମର ଆଶା ଓ ବିଶ୍ୱାସ ।

ବିନୀତ
୨୭ ନଭେମ୍ବର, ୨୦୧୨ ପ୍ରକାଶକ

## ସୂଚୀପତ୍ର


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| ୧. | ଶ୍ରୀରାମକୃଷ୍ଣଙ୍କ ସହିତ ବିଜୟକୃଷ୍ଣ, ନରେନ୍ଦ୍ର, ମାଷ୍ଟର, ଡାକ୍ତର ସରକାର, ମହିମାଚରଣ ପ୍ରଭୃତି ଭକ୍ତଗଣଙ୍କର କଥୋପକଥନ ଓ ଆନନ୍ଦ | ୧ |
| ୨. | ଶ୍ରୀରାମକୃଷ୍ଣ–ଗିରିଶ, ମାଷ୍ଟର, ଛୋଟ ନରେନ୍ଦ୍ର, କାଳୀ, ଶରତ, ରାଖାଲ, ଡାକ୍ତର ସରକାର ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୧୧ |
| ୩. | ଶ୍ୟାମପୁକୁର ଘରେ ନରେନ୍ଦ୍ରାଦି ଭକ୍ତମାନଙ୍କ ସଙ୍ଗରେ | ୨୫ |
| ୪. | ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମପୁକୁରରେ ଭକ୍ତଙ୍କ ସଙ୍ଗରେ | ୪୧ |
| ୫. | ଠାକୁର ଶ୍ରୀରାମକୃଷ୍ଣ କଲିକତାର ଶ୍ୟାମପୁକୁର ଘରେ ଭକ୍ତଙ୍କ ସଙ୍ଗରେ | ୫୦ |
| ୬. | ଶ୍ୟାମପୁକୁର ଘରେ ହରିବଲ୍ଲଭ, ନରେନ୍ଦ୍ର, ମିଶ୍ର ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୬୨ |
| ୭. | କାଳୀପୂଜା ଦିବସରେ ଶ୍ୟାମପୁକୁର ଘରେ ଭକ୍ତଙ୍କ ସଙ୍ଗରେ | ୬୮ |
| ୮. | କାଶୀପୁର ଉଦ୍ୟାନରେ ନରେନ୍ଦ୍ରାଦି ଭକ୍ତଙ୍କ ସଙ୍ଗରେ | ୭୬ |
| ୯. | ଈଶ୍ୱରଙ୍କ ପାଇଁ ଶ୍ରୀଯୁକ୍ତ ନରେନ୍ଦ୍ରଙ୍କର ବ୍ୟାକୁଳତା | ୮୨ |
| ୧୦. | କାଶୀପୁର ଉଦ୍ୟାନରେ ଶ୍ରୀଯୁକ୍ତ ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତଙ୍କ ସଙ୍ଗରେ | ୮୮ |
| ୧୧. | ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତଙ୍କ ସଙ୍ଗରେ | ୯୯ |
| ୧୨. | ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ଭକ୍ତଙ୍କ ସଙ୍ଗରେ | ୧୧୦ |
| ୧୩. | କାଶୀପୁର ଉଦ୍ୟାନରେ ନରେନ୍ଦ୍ର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ | ୧୧୮ |
| ୧୪. | ଠାକୁର ଶ୍ରୀରାମକୃଷ୍ଣ ଭକ୍ତଙ୍କ ସଙ୍ଗରେ କାଶୀପୁର ଉଦ୍ୟାନରେ | ୧୨୬ |
| | **ପରିଶିଷ୍ଟ** | |
| ୧. | କେଶବଙ୍କ ସହିତ ଦକ୍ଷିଣେଶ୍ୱର ମନ୍ଦିରରେ | ୧୪୪ |
| ୨. | ଶ୍ରୀରାମକୃଷ୍ଣ ମନୋମୋହନଙ୍କ ମନ୍ଦିରରେ | ୧୫୪ |
| ୩. | ଶ୍ରୀରାମକୃଷ୍ଣ ଓ ଶ୍ରୀଯୁକ୍ତ ବଙ୍କିମ | ୧୬୩ |
| ୪. | ନରେନ୍ଦ୍ର, ରାଖାଲ ପ୍ରଭୃତି ମଠର ଭାଇମାନଙ୍କର ଶିବରାତ୍ରି ବ୍ରତ | ୧୮୦ |
| ୫. | ଭକ୍ତମାନଙ୍କ ହୃଦୟରେ ଠାକୁର ଶ୍ରୀରାମକୃଷ୍ଣ | ୧୯୭ |
| ୬. | ବରାହନଗର ମଠ | ୨୨୧ |
| | ମହେନ୍ଦ୍ରନାଥ (ଶ୍ରୀମ)ଙ୍କ ସଂକ୍ଷିପ୍ତ ଜୀବନୀ | ୨୩୪ |

# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

## ପ୍ରଥମ ପରିଚ୍ଛେଦ

### ଶ୍ରୀରାମକୃଷ୍ଣଙ୍କ ସହିତ ବିଜୟକୃଷ୍ଣ, ନରେନ୍ଦ୍ର, ମାଷ୍ଟର, ଡାକ୍ତର ସରକାର, ମହିମାଚରଣ ପ୍ରଭୃତି ଭକ୍ତଗଣଙ୍କର କଥୋପକଥନ ଓ ଆନନ୍ଦ

### (୧)

(ଠାକୁରଙ୍କର ଅବସ୍ଥା ଜଣାଇବା ପାଇଁ ମାଷ୍ଟରଙ୍କର ଡାକ୍ତରଙ୍କ ପାଖକୁ ଗମନ)

ଆଜି ରବିବାର, କାର୍ତ୍ତିକ ୧୦ଦିନ; କୃଷ୍ଣଦ୍ୱିତୀୟା — ୨୫ ତାରିଖ ଅକ୍ଟୋବର, ୧୮୮୫ । ଶ୍ରୀରାମକୃଷ୍ଣ କଲିକତାସ୍ଥ ଶ୍ୟାମପୁକୁରରେ ଅବସ୍ଥାନ କରୁଛନ୍ତି । ଗଳା-ରୋଗ (Cancer) ଚିକିତ୍ସା କରାଇବାକୁ ଆସିଛନ୍ତି ଏବଂ ଡାକ୍ତର ସରକାରଙ୍କ ଚିକିତ୍ସାଧୀନ ଅଛନ୍ତି ।

ଡାକ୍ତରଙ୍କ ପାଖକୁ ପରମହଂସ ଦେବଙ୍କର ଅବସ୍ଥା ଜଣାଇବାପାଇଁ ମାଷ୍ଟରଙ୍କୁ ପ୍ରତ୍ୟହ ପଠାଯାଏ । ଆଜି ସକାଳ ସାଢ଼େ ଛଅଟା ସମୟରେ ପ୍ରଣାମ କରି ମାଷ୍ଟର ପ୍ରଶ୍ନ କଲେ, ''ଆପଣ କିପରି ଅଛନ୍ତି?'' ଶ୍ରୀରାମକୃଷ୍ଣ କହୁଛନ୍ତି, ''ଡାକ୍ତରଙ୍କୁ କହିବ, ଶେଷ ରାତ୍ରରେ ମୁଖରେ ଜଳ ଭର୍ତ୍ତି ହୋଇଯାଏ, କାଶ ଅଛି ଇତ୍ୟାଦି । ପଚାରିବ ସ୍ନାନ କରିବି କି ନାହିଁ ?''

ମାଷ୍ଟର ସାତଟା ପରେ ଡାକ୍ତର ସରକାରଙ୍କ ସଙ୍ଗରେ ଦେଖାକଲେ ଓ ସମସ୍ତ ବିଷୟ କହିଲେ । ଡାକ୍ତରଙ୍କ ବୃଦ୍ଧ ଶିକ୍ଷକ ଓ ଜଣେ ଦୁଇଜଣ ବନ୍ଧୁ ଉପସ୍ଥିତ ଥିଲେ । ଡାକ୍ତର ବୃଦ୍ଧ ଶିକ୍ଷକଙ୍କୁ କହୁଛନ୍ତି, ମହାଶୟ ରାତି ତିନିଟାଠାରୁ ମୋର ପରମହଂସଙ୍କର ଚିନ୍ତା ଆରମ୍ଭ ହୋଇଛି, ନିଦ୍ରା ନାହିଁ । ବର୍ତ୍ତମାନ ମଧ୍ୟ ପରମହଂସ ଚାଲିଛି । (ସମସ୍ତଙ୍କର ହାସ୍ୟ) ।

ଡାକ୍ତରଙ୍କର ଜଣେ ବନ୍ଧୁ ଡାକ୍ତରଙ୍କୁ କହୁଛନ୍ତି, ମହାଶୟ, ଶୁଣାଯାଏ ପରମହଂସଙ୍କୁ କେହି କେହି ଅବତାର କହନ୍ତି । ଆପଣ ତ ପ୍ରତିଦିନ ଦେଖୁଛନ୍ତି, ଆପଣଙ୍କର କିପରି ବୋଧ ହୁଏ?

ଡାକ୍ତର — As man I have the greatest regard for him.

ମାଷ୍ଟର(ଡାକ୍ତରଙ୍କର ବନ୍ଧୁଙ୍କ ପ୍ରତି) — ଡାକ୍ତର ମହାଶୟ ଅନୁଗ୍ରହ କରି ତାଙ୍କର ଚିକିତ୍ସା କରୁଛନ୍ତି ।

ଡାକ୍ତର — ଅନୁଗ୍ରହ !

ମାଷ୍ଟର—ଆମମାନଙ୍କ ଉପରେ, ପରମହଂସ ଦେବଙ୍କ ଉପରେ ବୋଲି କହୁନାହିଁ ।

ଡାକ୍ତର—ତାହା ନୁହେଁ ହେ । ତୁମେସବୁ ଜାଣ ନାହିଁ, ମୋର actual loss ହେଉଛି, ପ୍ରତିଦିନ ଦୁଇ ତିନୋଟି call ବାକି ରହିଯାଏ । ତା'ପରଦିନ ନିଜେ ନିଜେ ରୋଗୀଙ୍କ ଘରକୁ ଯାଏ, ଆଉ ଫି ନିଏ ନାହିଁ; ନିଜେ ଯାଇ ଫି ନେବି କିପରି ?

ଶ୍ରୀଯୁକ୍ତ ମହିମା ଚକ୍ରବର୍ତ୍ତୀଙ୍କର କଥା ହେଲା । ଶନିବାର ଦିନ ଯେତେବେଳେ ଡାକ୍ତର ପରମହଂସ ଦେବଙ୍କୁ ଦେଖିବାକୁ ଯାଆନ୍ତି, ସେତେବେଳେ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ; ଡାକ୍ତରଙ୍କୁ ଦେଖି ସେ ଶ୍ରୀରାମକୃଷ୍ଣଙ୍କୁ କହିଥିଲେ, 'ମହାଶୟ, ଆପଣ ଡାକ୍ତରଙ୍କର ଅହଙ୍କାର ବଢ଼ାଇବା ପାଇଁ ରୋଗ ସୃଷ୍ଟି କରିଛନ୍ତି ।'

ମାଷ୍ଟର(ଡାକ୍ତରଙ୍କ ପ୍ରତି)—ମହିମା ଚକ୍ରବର୍ତ୍ତୀ ଆପଣଙ୍କର ଏଠାକୁ ଆଗରୁ ଆସୁଥିଲେ । ଆପଣ ଘରେ ଡାକ୍ତରୀ ବିଜ୍ଞାନ ଉପରେ Lecture ଦିଅନ୍ତି, ସେ ଶୁଣିବାକୁ ଆସନ୍ତି ।

ଡାକ୍ତର ସତ ? ଲୋକଟାର କି ତମୋଗୁଣ ! ଦେଖିଲେ—ମୁଁ ନମସ୍କାର କଲି as God's Lower Third ! ଆଉ ଈଶ୍ୱରଙ୍କ ଭିତରେ ତ (ସତ୍ତ୍ୱ, ରଜଃ, ତମଃ) ସବୁ ଗୁଣ ଅଛି । ସେ କଥାଟା mark କରିଥିଲେ, 'ଆପଣ ଡାକ୍ତରଙ୍କର ଅହଙ୍କାର ବଢ଼ାଇବା ପାଇଁ ରୋଗ ସୃଷ୍ଟି କରିଛନ୍ତି ?'

ମାଷ୍ଟର—ମହିମା ଚକ୍ରବର୍ତ୍ତୀଙ୍କର ବିଶ୍ୱାସ ଯେ, ପରମହଂସ ଦେବ ମନେକଲେ ନିଜେ ରୋଗ ଭଲ କରିପାରନ୍ତି ।

ଡାକ୍ତର—ଓଃ ! ତାହା କ'ଣ ହୁଏ ? ନିଜେ ରୋଗ ଭଲ କରିବା ! ଆମେମାନେ ଡାକ୍ତର, ଆମେମାନେ ତ ଜାଣୁ Cancer ଭିତରେ କଅଣ ଅଛି ! — ଆମେମାନେ ଭଲ କରିପାରୁନାହୁଁ । ସେତ କିଛି ଜାଣନ୍ତି ନାହିଁ, ସେ କିପରି ଭଲ କରିବେ ! (ବନ୍ଧୁମାନଙ୍କ ପ୍ରତି)—ଦେଖନ୍ତୁ, ରୋଗ ଦୁଃସାଧ୍ୟ ସତ, କିନ୍ତୁ ଏମାନେ ସମସ୍ତେ ସେହିପରି devotee ଭଳି ସେବା କରୁଛନ୍ତି ।

## (୨)

## ଶ୍ରୀରାମକୃଷ୍ଣ ଭକ୍ତଙ୍କସଙ୍ଗରେ

ମାଷ୍ଟର ଡାକ୍ତରଙ୍କୁ ଆସିବାକୁ କହି ପ୍ରତ୍ୟାଗମନ କଲେ । ଖିଆପିଆ ପରେ ଦିନ ତିନିଟା ସମୟରେ ଶ୍ରୀରାମକୃଷ୍ଣଙ୍କୁ ଦର୍ଶନକରି ସମସ୍ତ ନିବେଦନ କଲେ । କହିଲେ, ଡାକ୍ତର ଆଜି ବଡ଼ ଅପ୍ରସ୍ତୁତ କରିଛନ୍ତି ।

ଶ୍ରୀରାମକୃଷ୍ଣ—କଅଣ ହୋଇଛି ?

ମାଷ୍ଟର—'ଆପଣ ହତଭାଗା ଡାକ୍ତରଙ୍କର ଅହଙ୍କାର ବଢ଼ାଇବା ପାଇଁ ରୋଗ ସୃଷ୍ଟି କରିଛନ୍ତି—କାଲି ଏହି କଥା ଶୁଣି ଯାଇଥିଲେ ।

ଶ୍ରୀରାମକୃଷ୍ଣ—କିଏ କହିଥିଲା ?

ମାଷ୍ଟର—ମହିମା ଚକ୍ରବର୍ତ୍ତୀ ।

ଶ୍ରୀରାମକୃଷ୍ଣ—ତାହା ପରେ ?

ମାଷ୍ଟର—ସେଥିପାଇଁ ମହିମା ଚକ୍ରବର୍ତ୍ତୀଙ୍କୁ କହନ୍ତି, 'ତମୋଗୁଣୀ ଈଶ୍ୱର' (God's Lower Third) । ବର୍ତ୍ତମାନ ଡାକ୍ତର କହୁଛନ୍ତି, ଈଶ୍ୱରଙ୍କ ଠାରେ ସବୁଗୁଣ (ସତ୍ତ୍ୱଃ, ରଜଃ, ତମଃ) ଅଛି । (ପରମହଂସ ଦେବଙ୍କର ହାସ୍ୟ) । ପୁଣି ମୋତେ କହନ୍ତି, ରାତ୍ରି ତିନିଟା ସମୟରେ ନିଦ ଭାଙ୍ଗିଯାଇଛି, ଆଉ ପରମହଂସ ଦେବଙ୍କର ଚିନ୍ତା । ଦିନ ଆଠଟା ସମୟରେ କହନ୍ତି, 'ବର୍ତ୍ତମାନ ମଧ୍ୟ ପରମହଂସ ଚାଲିଛି ।'

ଶ୍ରୀରାମକୃଷ୍ଣ(ହସି ହସି)—ସେ ଇଂରାଜୀ ପଢ଼ିଛି, ତାଙ୍କୁ କହିବାକୁ ଲୁ ନାହିଁ ଯେ ମୋତେ ଚିନ୍ତା କର, ସେ ନିଜେ କରୁଛି ।

ମାଷ୍ଟର—ପୁଣି କହନ୍ତି As man I have the greatest regard for him. ଏହାର ମାନେ ଏହି ଯେ, ମୁଁ ତାଙ୍କୁ ଅବତାର କହେ ନାହିଁ, କିନ୍ତୁ ମନୁଷ୍ୟ ହିସାବରେ ମୋର ଯଥେଷ୍ଟ ଭକ୍ତି ଅଛି ।

ଶ୍ରୀରାମକୃଷ୍ଣ— ଆଉ କିଛି କଥା ହେଲା ?

ମାଷ୍ଟର —ମୁଁ ପ୍ରଶ୍ନ କଲି, 'ଆଜି ରୋଗ ପାଇଁ କି ବନ୍ଦୋବସ୍ତ ହେବ ?' ଡାକ୍ତର କହିଲେ, 'ବନ୍ଦୋବସ୍ତ ଆଉ ମୋର ମୁଣ୍ଡ ଗଣ୍ଡି । ପୁଣି ଆଜି ଯିବାକୁ ହେବ, ଆଉ କ'ଣ ବନ୍ଦୋବସ୍ତ !' (ଶ୍ରୀରାମକୃଷ୍ଣଙ୍କର ହାସ୍ୟ) । ଆଉ କହନ୍ତି, ''ତୁମେମାନେ ଜାଣ ନାହିଁ ଯେ ମୋର କେତେ ଟଙ୍କା ରୋଜ ଲୋକସାନ୍ ହେଉଛି — ଦୁଇ ତିନିଟା ଜାଗାକୁ ରୋଜ ଯିବାପାଇଁ ସମୟ ହୁଏ ନାହିଁ ।''

## (୩)

## ପ୍ରେମାନନ୍ଦରେ ବିଜୟାଦି ଭକ୍ତଗଣଙ୍କ ସଙ୍ଗରେ

କିଛିକ୍ଷଣ ପରେ ଶ୍ରୀଯୁକ୍ତ ବିଜୟକୃଷ୍ଣ ଗୋସ୍ୱାମୀ ପରମହଂସ ଦେବଙ୍କୁ ଦର୍ଶନ କରିବାକୁ ଆସିଲେ । ସଙ୍ଗରେ କେତେଜଣ ବ୍ରାହ୍ମଭକ୍ତ । ବିଜୟକୃଷ୍ଣ ଢାକାରେ ଅନେକ ଦିନ ଥିଲେ । ଆପାତତଃ ପଶ୍ଚିମରେ ଅନେକ ତୀର୍ଥ ଭ୍ରମଣ କରି ଅଳ୍ପଦିନ ପୂର୍ବରୁ କଲିକତାରେ ପହଞ୍ଚିଛନ୍ତି । ଆସି ଠାକୁର ଶ୍ରୀରାମକୃଷ୍ଣଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଅନେକ ଉପସ୍ଥିତ ଥିଲେ—ନରେନ୍ଦ୍ର, ମହିମା ଚକ୍ରବର୍ତ୍ତୀ, ନବଗୋପାଳ, ଭୂପତି, ଲାଟୁ, ମାଷ୍ଟର, ଛୋଟନରେନ୍ଦ୍ର ଆଦି ଭକ୍ତଗଣ ।

ମହିମା ଚକ୍ରବର୍ତ୍ତୀ(ବିଜୟଙ୍କୁ)—ମହାଶୟ, ତୀର୍ଥ କରି ଫେରିଲେ, ବର୍ତ୍ତମାନ କ'ଣ ଦେଖିଲେ କହନ୍ତୁ ।

ବିଜୟ—କ'ଣ କହିବି । ଦେଖୁଛି, ଯେଉଁଠାରେ ବର୍ତ୍ତମାନ ବସିଛି, ସେହିଠାରେ ହିଁ ସବୁ । କେବଳ ମିଛରେ ଘୂରିବା ! କୌଣସି କୌଣସି ଜାଗାରେ ଏହାର ଅଣାଏ ବା ଦୁଇଅଣା, କେଉଁଠାରେ ବା ଚାରିଅଣା, ଏହି ପର୍ଯ୍ୟନ୍ତ । ଏହିଠାରେ ପୂର୍ଣ୍ଣ ଷୋଳଅଣା ଦେଖୁଛି !

ମହିମା ଚକ୍ରବର୍ତ୍ତୀ—ଠିକ୍ କହିଛନ୍ତି, ପୁଣି ଏଇ ଘୂରାନ୍ତି ଏଇ ମଧ୍ୟ ବସାନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ଦେଖ ବିଜୟଙ୍କର ଅବସ୍ଥା କ'ଣ ହୋଇଛି । ଲକ୍ଷଣ ସବୁ ବଦଳି ଯାଇଛି, ଯେପରି ସବୁ ଆଉଟି ହୋଇଯାଇଛି । ମୁଁ ପରମହଂସଙ୍କର ଗଳା ଓ କପାଳ ଦେଖି ଚିହ୍ନିପାରେ । କହିପାରେ ପରମହଂସ କି ନା ।

ମହିମା ଚକ୍ରବର୍ତ୍ତୀ—ମହାଶୟ! ଆପଣଙ୍କର ଆହାର କମିଯାଇଛି ?

ବିଜୟ—ହଁ, ବୋଧହୁଏ କମି ଯାଇଛି । (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣଙ୍କର ପୀଡ଼ା କଥା ଶୁଣି ଦେଖିବାକୁ ଆସିଛି । ପୁଣି ଢାକାରୁ—

ଶ୍ରୀରାମକୃଷ୍ଣ—କଅଣ ?

ବିଜୟ—କୌଣସି ଉତ୍ତର ଦେଲେ ନାହିଁ । କିଛିକ୍ଷଣ ଚୁପ୍ ହୋଇ ରହିଲେ ।

ବିଜୟ—ଧରା ନଦେଲେ ଧରିବା ଶକ୍ତ । ଏଇଠାରେ ହିଁ ଷୋଳଅଣା ।

ଶ୍ରୀରାମକୃଷ୍ଣ—କେଦାର[୧] କହିଲେ, ଅନ୍ୟ ସ୍ଥାନରେ ଖାଇବାକୁ ମିଳେ ନାହିଁ—ଏଠାକୁ ଆସି ପେଟଭରା ପାଇଲି !

ମହିମା ଚକ୍ରବର୍ତ୍ତୀ—ପେଟଭରା କ'ଣ ? ଉଛୁଳି ପଡୁଛି ।

ବିଜୟ(ହାତଯୋଡ଼ି ଶ୍ରୀରାମକୃଷ୍ଣଙ୍କ ପ୍ରତି)—ବୁଝିଛି ଆପଣ କିଏ ! ଆଉ କହିବାକୁ ହେବ ନାହିଁ!

ଶ୍ରୀରାମକୃଷ୍ଣ(ଭାବସ୍ଥ)—ଯଦି ତାହା ହୋଇଥାଏ, ତେବେ ହେଉ ।

ବିଜୟ—ବୁଝିଛି ।

ଏହା କହି ଶ୍ରୀରାମକୃଷ୍ଣଙ୍କ ପାଦମୂଳରେ ପତିତ ହେଲେ ଓ ନିଜ ବକ୍ଷରେ ତାଙ୍କର ଚରଣ ଧାରଣ କଲେ ।

ଶ୍ରୀରାମକୃଷ୍ଣ ସେତେବେଳେ ଈଶ୍ୱରାବେଶରେ ବାହ୍ୟଶୂନ୍ୟ ଚିତ୍ରାର୍ପିତ ପରି ବସିଛନ୍ତି ।

---

୧. ଶ୍ରୀଯୁକ୍ତ କେଦାର ନାଥ ଚାଟୁର୍ଯ୍ୟ, ଅନେକ ଦିନ ଢାକାରେ ଥିଲେ । ଈଶ୍ୱରଙ୍କ କଥା ପଡ଼ିଲା ମାତ୍ରକେ ତାଙ୍କର ଚକ୍ଷୁ ଜଳପୂର୍ଣ୍ଣ ହୋଇଯାଏ, ସେ ଜଣେ ପରମଭକ୍ତ, ଘର ହାଲି ସହର ।

ଏହି ପ୍ରେମାବେଶ, ଏହି ଅଦ୍ଭୁତ ଦୃଶ୍ୟ ଦେଖି ଉପସ୍ଥିତ ଭକ୍ତମାନେ କେହି କାନ୍ଦୁଛନ୍ତି, କେହି ସ୍ତବ କରୁଛନ୍ତି । ଯାହାର ମନର ଭାବ ଯେପରି, ସେ ସେହି ଭାବରେ ଏକ ଦୃଷ୍ଟିରେ ଶ୍ରୀରାମକୃଷ୍ଣଙ୍କ ଆଡ଼କୁ ଚାହିଁ ରହିଛନ୍ତି । କେହି ତାହାଙ୍କୁ ପରମଭକ୍ତ, କେହି ସାଧୁ, କେହି ବା ସାକ୍ଷାତ୍ ଦେହଧାରୀ ଈଶ୍ୱରାବତାର ଦେଖୁଛନ୍ତି, ଯାହାଙ୍କର ଯେପରି ଭାବ ।

ମହିମା ଚରଣ ସାଶ୍ରୁନୟନରେ ଗାଇଲେ—ଦେଖ ଦେଖ ପ୍ରେମମୂର୍ତ୍ତି—ସେ ମଝିରେ ମଝିରେ ଯେପରି ବ୍ରହ୍ମଦର୍ଶନ କରୁଛନ୍ତି, ଏହି ଭାବରେ କହୁଛନ୍ତି,

"ତୁରୀୟଂ ସଚ୍ଚିଦାନନ୍ଦମ୍ ଦ୍ୱୈତାଦ୍ୱୈତ ବିବର୍ଜ୍ଜିତମ୍ ।"

ନବଗୋପାଳ କାନ୍ଦୁଛନ୍ତି । ଆଉ ଭକ୍ତ, ଭୂପତି ଗାଇଲେ—

ଜୟ ଜୟ ପରଂ ବ୍ରହ୍ମ ଅପାର ତୁମେ ଅଗମ୍ୟ,
ପରାତ୍ପର ତୁମେ ସାରାତ୍ସାର ।
ସତ୍ୟର ଆଲୋକ ତୁମେ ପ୍ରେମର ଆକାର ଭୂମି,
ମଙ୍ଗଳର ତୁମେ ମୂଳାଧାର ।
ନାନା ରସଯୁତ ଭବ, ଗଭୀର ରଚନା ତବ,
ଉଚ୍ଛ୍ୱସିତ ଶୋଭାରେ ଶୋଭାରେ ।
ମହାକବି ଆଦିକବି, ଛନ୍ଦେ ଉଠେ ଶଶୀ ରବି
ଛନ୍ଦେ ପୁନଃ ଅସ୍ତାଚଳେ ଯାଏ ।
ତାରକା କନକ ରୁଚି, ଜଳଦ ଅକ୍ଷର ରୁଚି
ଗୀତ ଲେଖା ନୀଳାମ୍ବର ପାତେ ।
ଛଅ ଋତୁ ସମ୍ବତ୍ସରେ ମହିମା କୀର୍ତ୍ତନ କରେ,
ସୁଖପୂର୍ଣ୍ଣ ଚରାଚର ସାଥେ ।
କୁସୁମେ ତୁମର କାନ୍ତି, ସଲିଳେ ତୁମର ଶାନ୍ତି,
ବଜ୍ରନାଦେ ରୁଦ୍ର ତୁମେ ଭୀମ ।
ତବ ଭାବ ଗୂଢ଼ ଅତି, କି ଜାଣିବ ମୂଢ଼ମତି,
ଧାୟୀ ଯୁଗ ଯୁଗାନ୍ତ ଅସୀମ ।
ଆନନ୍ଦେ ସର୍ବେ ଆନନ୍ଦେ, ତୁମର ଚରଣ ବନ୍ଦେ,
କୋଟି ଚନ୍ଦ୍ର କୋଟି ସୂର୍ଯ୍ୟ ତାରା !
ତୁମର ଏ ରଚନାର ଭାବ ନେଇ ନାରୀନର,
ହାହାକାରେ ନେତ୍ରୁ ବହେ ଧାରା ।
ମିଳି ସୁର, ନର, ଋଭୁ, ପ୍ରଣନ୍ତି ତୁମ୍ଭଙ୍କୁ ବିଭୁ,
ତୁମେ ସର୍ବ ମଙ୍ଗଳ ଆଳୟ ।

ଦିଅ ଜ୍ଞାନ, ଦିଅ ପ୍ରେମ, ଦିଅ ଭକ୍ତି, ଦିଅ କ୍ଷେମ,
ଦିଅ ଦିଅ ଶ୍ରୀପଦେ ଆଶ୍ରୟ ।

ଭୂପତି ପୁଣି ଗାଉଛନ୍ତି—

[ଝିଁ ଝିଟ-(ଖୟରା) କୀର୍ତ୍ତନ]

ଚିଦାନନ୍ଦ ସିନ୍ଧୁନୀରେ ପ୍ରେମାନନ୍ଦ ଲହରୀ ।
ମହାଭାବ ରସଲୀଳା କି ମାଧୁରୀ ମରି ମରି
ବିବିଧ ବିଳାସ ରସପ୍ରସଙ୍ଗ, କେତେ ଅଭିନବ ଭାବତରଙ୍ଗ
ବୁଡୁଛି ଉଠୁଛି କରୁଛି ରଙ୍ଗ, ନବୀନ ନବୀନ ରୂପ ଧରି,
(ହରି ହରି ବୋଲ)
ମହାଯୋଗେ ସମୁଦାୟ ଏକାକାର ହୋଇଲା,
ଦେଶକାଳ ବ୍ୟବଧାନ ଭେଦାଭେଦ ଘୁଞ୍ଚିଲା,
(ଆଶା ପୂରିଲାରେ, ମୋର ସକଳ ସାଧ ମେଣ୍ଟିଗଲା !)
ଏବେ ଆନନ୍ଦରେ ମାତି, ଦୁଇବାହୁ ଟେକି ବୋଲରେ ମନ ହରି ହରି ।

[ଝାମ୍ପ ତାଳ]

ତୁଟିଲା ଭରମ ଭୀତି ଧରମ କରମ ନୀତି
ଦୂର ହେଲା ଜାତି କୂଳମାନ;
କାହିଁ ରାମ, କାହିଁ ହରି ପ୍ରାଣମନ ଚୋରି କରି,
ବନ୍ଧୁ କଲା ପଳାୟନ
(କାହିଁକି ମୁଁ ଆସିଲି ଏ ପ୍ରେମ ସିନ୍ଧୁ ତଟେ)

ଅନେକ କ୍ଷଣ ପରେ ଠାକୁର ଶ୍ରୀରାମକୃଷ୍ଣ ପ୍ରକୃତିସ୍ଥ ହେଲେ

**[ବ୍ରହ୍ମଜ୍ଞାନ ଓ 'ଆଶ୍ଚର୍ଯ୍ୟ ଗଣିତ' ! ଅବତାରଙ୍କର ପ୍ରୟୋଜନ]**

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଆବେଶରେ କଅଣ ଗୋଟାଏ ହୁଏ, ବର୍ତ୍ତମାନ ଲଜ୍ଜା ହେଉଛି । ଯେପରି ଭୂତ ଲାଗେ, ମୁଁ ଆଉ ମୁଁ ହୋଇ ରହେ ନାହିଁ ।

"ଏ ଅବସ୍ଥା ପରେ ଗଣି ପାରେ ନାହିଁ । ଗଣିବାକୁ ଗଲେ ୧, ୭, ୮, ଏହିଭଳି ଗଣନା ହୁଏ ।"

ନରେନ୍ଦ୍ର—ସବୁ ଏକ କି ନା ।

ଶ୍ରୀରାମକୃଷ୍ଣ—ନା ଏକ ଓ ଦୁଇର ପାରେ ।[୧]

ମହିମା ଚରଣ—ଆଜ୍ଞା ହଁ, ଦ୍ୱୈତାଦ୍ୱୈତବିବର୍ଜିତମ୍ ।

ଶ୍ରୀରାମକୃଷ୍ଣ—ହିସାବ ଭୁଲ ହୋଇଯାଏ ! ପାଣ୍ଡିତ୍ୟ ଦ୍ୱାରା ତାଙ୍କୁ ଲାଭ କରାଯାଏ ନାହିଁ । ସେ ଶାସ୍ତ୍ର, ବେଦ, ପୁରାଣ, ତନ୍ତ୍ରର ଅତୀତ । ହାତରେ ଖଣ୍ଡିଏ

୧. The absolute as distinguished from the Relative.

ବହି ଯଦି ଦେଖେ, ଜ୍ଞାନୀ ହେଲେ ମଧ ତାଙ୍କୁ ରାଜର୍ଷି ବୋଲି କହେ । ବ୍ରହ୍ମର୍ଷିଙ୍କର ଚିହ୍ନ କିଛି ନ ଥାଏ । ଶାସ୍ତ୍ରର କିପରି ବ୍ୟବହାର ଜାଣ ? ଜଣେ ଚିଠି ଲେଖିଥିଲା ପାଞ୍ଚସେର ସନ୍ଦେଶ ଓ ଖଣ୍ଡେ ଲୁଗା ପଠାଇବ । ଯେ ଚିଠି ପାଇଲା, ସେ ଚିଠି ପଢ଼ି, ପାଞ୍ଚସେର ସନ୍ଦେଶ ଓ ଖଣ୍ଡେ ଲୁଗା, ଏହି କଥା ମନେ ରଖି ଚିଠି ଖଣ୍ଡ ପକାଇଦେଲା । ଆଉ ଚିଠିର କଅଣ ଦରକାର ?

ବିଜୟ—ସନ୍ଦେଶ ପଠାଯାଇଛି, ବୁଝାଗଲା !

ଶ୍ରୀରାମକୃଷ୍ଣ—ମନୁଷ୍ୟ ଦେହ ଧାରଣ କରି ଈଶ୍ୱର ଅବତୀର୍ଣ୍ଣ ହୁଅନ୍ତି । ସେ ସର୍ବସ୍ଥାନରେ ସର୍ବଭୂତରେ ଅଛନ୍ତି ସତ, କିନ୍ତୁ ଅବତାର ନହେଲେ ଜୀବର ଆକାଂକ୍ଷା ପୂରେନାହିଁ, ପ୍ରୟୋଜନ ମେଣ୍ଟେ ନାହିଁ । କିପରି ଜାଣ? ଗାଈର ଯେଉଁ ସ୍ଥାନଟା ଛୁଇଁବ ଗାଈକୁ ଛୁଆଁ ହେଲା । ଶିଙ୍ଗ ଛୁଇଁଲେ ମଧ ଗାଈକୁ ଛୁଆଁ ହେଲା; କିନ୍ତୁ ଗାଈର ଚିର ଦେଇ ଦୁଧ ଆସେ । (ସମସ୍ତଙ୍କର ହାସ୍ୟ) ।

ମହିମା—ଦୁଧ ଯଦି ଦରକାର ହୁଏ, ଗାଈର ଶିଙ୍ଗରେ ମୁଖ ଦେଲେ କଅଣ ହେବ? ଚିରରେ ମୁଖ ଦେବାକୁ ହେବ ! (ସମସ୍ତଙ୍କର ହାସ୍ୟ) ।

ବିଜୟ—କିନ୍ତୁ ବାଛୁରୀ ପ୍ରଥମେ ପ୍ରଥମେ ଏପଟେ ସେପଟେ ମୁଣ୍ଡିଆ ମାରେ ।

ଶ୍ରୀରାମକୃଷ୍ଣ(ହସି ହସି)—ପୁଣି କେହି ହୁଏତ ବାଛୁରୀକୁ ଏପରି କରିବା ଦେଖି ଚିରଟାକୁ ଧରାଇ ଦିଏ । (ସମସ୍ତଙ୍କର ହାସ୍ୟ) ।

## (୪)

## ଭକ୍ତଙ୍କ ସଙ୍ଗରେ ପ୍ରେମାନନ୍ଦ

ଏହି ସମସ୍ତ କଥା ହେଉଛି, ଏପରି ସମୟରେ ଡାକ୍ତର ଶ୍ରୀରାମକୃଷ୍ଣଙ୍କୁ ଦେଖିବାକୁ ଆସିଲେ ଓ ଆସନ ଗ୍ରହଣ କଲେ । ସେ କହୁଛନ୍ତି, କାଲି ରାତି ତିନିଟାରୁ ମୋର ନିଦ ଭାଙ୍ଗିଛି, କେବଳ ତୁମ କଥା ଭାବୁଥିଲି, କାଳେ ଥଣ୍ଡା ଲାଗିଥିବ । ଆଉ କେତେ କଅଣ ଭାବୁଥିଲି ।

ଶ୍ରୀରାମକୃଷ୍ଣ—କାଶ ହୋଇଛି, ଗଳା ଫୁଲିଛି, ଶେଷ ରାତ୍ରିରେ ମୁଖରେ ଜଳ ଭର୍ତ୍ତି ଆଉ ବିନ୍ଧା ଛିଟିକା ହେଉଛି ।

ଡାକ୍ତର—ସକାଳେ ସବୁଖବର ପାଇଛି ।

ମହିମା ଚରଣ ତାଙ୍କର ଭାରତ ବର୍ଷ ଭ୍ରମଣ କଥା କହୁଛନ୍ତି । କହିଲେ, ଲଙ୍କାଦ୍ୱୀପରେ 'Laughing man' ନାହିଁ । ଡାକ୍ତର ସରକାର କହିଲେ, ତାହା ହୋଇପାରେ; ସେଇଟା enquire କରିବାକୁ ହେବ । (ସମସ୍ତଙ୍କର ହାସ୍ୟ) ।

### [ ଡାକ୍ତରୀ ବ୍ୟବସାୟ ଓ ଠାକୁର ଶ୍ରୀରାମକୃଷ୍ଣ ]

ଡାକ୍ତରୀ କର୍ମ କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି)—ଡାକ୍ତରୀ କର୍ମ । ଖୁବ୍ ଉଚ୍ଚ କର୍ମ ବୋଲି ଅନେକଙ୍କର ଧାରଣା ରହିଛି । ଯଦି ଟଙ୍କା ନ ନେଇ ପରର ଦୁଃଖ ଦେଖି ଦୟାରେ କେହି ଚିକିତ୍ସା କରେ, ତେବେ ସେ ମହତ୍ । କାର୍ଯ୍ୟଟି ମଧ୍ୟ ମହତ୍ । କିନ୍ତୁ ଟଙ୍କା ନେଇ ଏ ସବୁ କାର୍ଯ୍ୟ କରି କରି ମନୁଷ୍ୟ ନିର୍ଦ୍ଦୟ ହୋଇଯାଏ, ବ୍ୟବସାୟ ହିସାବରେ ଟଙ୍କା ପାଇଁ ମଳ, ତାହାର ରଙ୍ଗ ପ୍ରଭୃତି ଦେଖିବା—ଛୋଟ କାମ ।

ଡାକ୍ତର—ତେବେ, ଯଦି କେବଳ ସେହିପରି କରାଯାଏ, କାର୍ଯ୍ୟଟା ଖରାପ ସତ । ତୁମ ପାଖରେ କହିବାଟା ଅତିରଞ୍ଜିତ କରିବା ମାତ୍ର ।

ଶ୍ରୀରାମକୃଷ୍ଣ—ହଁ, ଡାକ୍ତରୀ କାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ଯଦି ପରର ଉପକାର କରାହୁଏ, ତାହାହେଲେ ଖୁବ୍ ଭଲ ।

''ତେବେ ଲୋକେ ଯେଉଁ କର୍ମ କରନ୍ତୁ ନା କାହିଁକି, ସଂସାରୀ ବ୍ୟକ୍ତିର ମଝିରେ ମଝିରେ ସାଧୁସଙ୍ଗ ବଡ଼ ଦରକାର । ଈଶ୍ୱରଙ୍କଠାରେ ଭକ୍ତି ଥିଲେ ଲୋକେ ସାଧୁସଙ୍ଗ ନିଜେ ଖୋଜି ନିଅନ୍ତି । ମୁଁ ଗୋଟିଏ ଉଦାହରଣ ଦେଉଛି—ଗଞ୍ଜେଇ ଖୋର ଗଞ୍ଜେଇ ଖୋର ସଙ୍ଗରେ ରହେ, ଅନ୍ୟ ଲୋକ ଦେଖିଲେ ମୁହଁ ତଳକୁ କରି ଚାଲି ଯାଏ ବା ଲୁଚି ଯାଏ । କିନ୍ତୁ ଆଉ ଜଣେ ଗଞ୍ଜେଇ ଖୋରକୁ ଦେଖିଲେ ଖୁବ୍ ଆନନ୍ଦ । ହୁଏତ କୋଳାକୋଳି କରେ । (ସମସ୍ତଙ୍କର ହାସ୍ୟ) । ପୁଣି ଶକୁନି ଶକୁନି ସଙ୍ଗରେ ରହେ ।''

[ସାଧୁର ସର୍ବଜୀବରେ ଦୟା ]

ଡାକ୍ତର—ପୁଣି କାକ ଭୟରେ ଶକୁନି ପଳାଏ । ମୁଁ କହେ କେବଳ ମନୁଷ୍ୟ କାହିଁକି, ସବୁ ଜୀବଙ୍କରହିଁ ସେବା କରିବା ଉଚିତ୍ । ମୁଁ ଏପରିକି ଚଢ଼େଇଙ୍କୁ ମଇଦା ଦିଏ । ଛୋଟ ଛୋଟ ମଇଦାର ଗୁଳି କରି ଏଣେ ତେଣେ ପକାଇ ଦିଏ, ଆଉ ଛାତରେ ଦଳେ ଦଳେ ଚଢ଼େଇ ଆସି ଖାଆନ୍ତି ।

ଶ୍ରୀରାମକୃଷ୍ଣ—ବାଃ, ଏଇଟି ବେଶ୍ କଥା ! ଜୀବଙ୍କୁ ଖୁଆଇବା ସାଧୁର କାର୍ଯ୍ୟ; ସାଧୁମାନେ ପିମ୍ପୁଡ଼ିମାନଙ୍କୁ ଚିନି ଦିଅନ୍ତି ।

ଡାକ୍ତର— ଆଜି ଗୀତ ହେବ ନାହିଁ ?

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)— ଟିକିଏ ଗୀତ ଗାଅ ନା ।

ନରେନ୍ଦ୍ର ତାନପୁରା ନେଇ ଗାଉଛନ୍ତି, ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ମଧ୍ୟ ବାଜୁଛି ।

ସୁନ୍ଦର ତୁମରି ନାମ ଦୀନ-ଶରଣ ହେ,
ବରଷେ ଅମୃତ ଧାର, ମଧୁର ଶ୍ରବଣ ଓ ପ୍ରାଣ ରମଣ ହେ ।
ଏକ ତବ ନାମ ଧନ ଅମୃତ ଭବନ ହେ,
ଅମର ହୁଏ ସେଇ ଜନ ଯେ କରେ କୀର୍ତ୍ତନ ହେ ।
ଗଭୀର ବିଷାଦରାଶି ନିମିଷେ ବିନାଶେ,

ଯେବେ ତବ ନାମ ସୁଧା ଶ୍ରବଣେ ପରଶେ;
ହୃଦୟ ମଧୁମୟ ତବ ଗାନେ,
ହୁଏ ହେ ହୃଦୟନାଥ, ଚିଦାନନ୍ଦ ଘନ ହେ ।

ନରେନ୍ଦ୍ର ପୁଣି ଗାଇଲେ—

ପାଗଳ କରିଦେ ମା' ଗୋ ମୋରେ, (ବ୍ରହ୍ମମୟୀ)
କିଛି କାର୍ଯ୍ୟ ନାହିଁ ଜ୍ଞାନ ବିଚାରେ ॥
(ବ୍ରହ୍ମମୟୀ ଦେ ମା' ପାଗଳ କରେ)
(ଓ ମା') ତୁମ ପ୍ରେମର ସୁରା, ପାନ କରି ମତୁଆରା,
(ଓ ମା') ଭକ୍ତଚିତ୍ତହରା ଡୁବାଅ ପ୍ରେମସାଗରେ ॥
ତୁମର ଏ ପାଗଳ ଗାରଦେ, କେ'ବା ହସେ କେ'ବା କାନ୍ଦେ
କେ'ବା ନାଚେ ଆନନ୍ଦଭରେ;
ଈଶା ବୁଦ୍ଧ ଶ୍ରୀଚୈତନ୍ୟ ଓ ମା' ପ୍ରେମଭରେ ଅଚୈତନ୍ୟ,
ହାଏ କେବେ ହେବି ମା' ଧନ୍ୟ, (ଓମା') ମିଶି ତା'ଭିତରେ ॥

ଗୀତ ପରେ ପୁଣି ଅଦ୍ଭୁତ ଦୃଶ୍ୟ ! ସମସ୍ତେ ଭାବରେ ଉନ୍ମତ୍ତ । ପଣ୍ଡିତ ପାଣ୍ଡିତ୍ୟାଭିମାନ ତ୍ୟାଗ କରି ଠିଆ ହୋଇଛନ୍ତି । କହୁଛନ୍ତି, 'ପାଗଳ କରିଦେ ମା' ଗୋ ମୋରେ, କିଛି କାର୍ଯ୍ୟ ନାହିଁ ଜ୍ଞାନ ବିଚାରେ ।' ବିଜୟ ସର୍ବ ପ୍ରଥମେ ଆସନ ତ୍ୟାଗ କରି ଭାବୋନ୍ମତ୍ତ ହୋଇ ଠିଆ ହୋଇଛନ୍ତି । ତାହାପରେ ଶ୍ରୀରାମକୃଷ୍ଣ । ଠାକୁରେ ଦେହର କଠିନ ଅସାଧ୍ୟ ବ୍ୟାଧି ଏକାବେଳକେ ଭୁଲି ଯାଇଛନ୍ତି । ସମ୍ମୁଖରେ ଡାକ୍ତର । ସେ ମଧ୍ୟ ଠିଆ ହୋଇଛନ୍ତି । ରୋଗୀଙ୍କର ହୋସ ନାହିଁ କି ଡାକ୍ତରଙ୍କର ମଧ୍ୟ ହୋସ ନାହିଁ । ଲାଟୁଙ୍କର ମଧ୍ୟ ଭାବ-ସମାଧି ହେଲା । ଡାକ୍ତର science ପଢ଼ିଛନ୍ତି, କିନ୍ତୁ ଅବାକ୍ ହୋଇ ଏହି ଅଦ୍ଭୁତ ବ୍ୟାପାର ଦେଖିବାକୁ ଲାଗିଲେ । ଦେଖିଲେ ଯାହାଙ୍କର ଭାବ ହୋଇଛି, ସେମାନଙ୍କର ବାହ୍ୟ ଚୈତନ୍ୟ ଆଦୌ ନାହିଁ, ସମସ୍ତେ ହିଁ ସ୍ଥିର ନିଷ୍ପନ୍ଦ; ଭାବ ଉପଶମ ହେଲା, କେହି କାନ୍ଦୁଛନ୍ତି, କେହି ହସୁଛନ୍ତି । ଯେପରି କେତେଗୁଡ଼ିଏ ମାତାଲ୍ ଏକତ୍ର ହୋଇଛନ୍ତି ।

(୫)

## ଭକ୍ତମାନଙ୍କ ସଙ୍ଗରେ । ଶ୍ରୀରାମକୃଷ୍ଣ ଓ କ୍ରୋଧଜୟ ।

ଏହି ଘଟଣା ପରେ ସମସ୍ତେ ପୁଣି ଆସନ ଗ୍ରହଣ କଲେ । ରାତି ଆଠଟା ହୋଇଛି । ପୁଣି କଥାବାର୍ତ୍ତା ଚାଲିଲା ।

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି)—ଏଇ ଯେ ଭାବ ଭକ୍ତି ଦେଖିଲ ତୁମର Science କଅଣ କହେ ? ତୁମର କଣ ଏ ସବୁ ଛଳନା ବୋଲି ବୋଧ ହୁଏ ?

ଡାକ୍ତର(ଶ୍ରୀରାମକୃଷ୍ଣଙ୍କ ପ୍ରତି) — ଯେଉଁଠାରେ ଏତେ ଲୋକଙ୍କର ହେଉଛି ସେଠାରେ natural (ଆନ୍ତରିକ) ବୋଲି ବୋଧ ହୁଏ, ଛଳନା ବୋଲି ବୋଧ ହୁଏ ନାହିଁ । (ନରେନ୍ଦ୍ରଙ୍କୁ) ଯେତେବେଳେ ତୁମେ ଗାଉଥିଲ 'ପାଗଳ କରିଦେ ମା' ଗୋ ମୋରେ, କିଛି କାର୍ଯ୍ୟ ନାହିଁ ଜ୍ଞାନ ବିଚାରେ' ସେତେବେଳେ ଆଉ ସମ୍ଭାଳି ପାରିଲି ନାହିଁ । ଠିଆ ହୋଇଗଲି, ଆଉ କଅଣ! ତାହା ପରେ ଅନେକ କଷ୍ଟରେ ଭାବ ଚାପାଦେଲି; ଭାବିଲି ଯେ display କରିବା ହେବ ନାହିଁ ।

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି, ସହାସ୍ୟେ) — ତୁମେ ଯେ ଅଟଳ, ଅଚଳ ସୁମେରୁବତ୍ (ସମସ୍ତଙ୍କର ହାସ୍ୟ) — ତୁମେ ଗମ୍ଭୀରାତ୍ମା । ରୂପସନାତନଙ୍କର ଭାବ କେହି ଜାଣି ପାରୁନଥିଲେ । ଯଦି ଗାଡ଼ିଆରେ ହାତୀ ପଶେ, ତାହାହେଲେ ଓଲଟ-ପାଲଟ ହୋଇଯାଏ, କିନ୍ତୁ ସରୋବରରେ ପଶିଲେ କିଛି ହୁଏ ନାହିଁ । କେହି ହୁଏତ ଜାଣି ପାରନ୍ତି ନାହିଁ । ଶ୍ରୀମତୀ ସଖୀଙ୍କୁ କହିଲେ, ସଖି ତୁମେମାନେ କୃଷ୍ଣଙ୍କ ବିରହରେ କେତେ କାନ୍ଦୁଛ; କିନ୍ତୁ ଦେଖ, ମୁଁ କି ନିଷ୍ଠୁର ମୋର ଚକ୍ଷୁରେ ଏକ ବିନ୍ଦୁ ମଧ୍ୟ ଜଳ ନାହିଁ ! ସେତେବେଳେ ବୃନ୍ଦା କହିଲେ, ସଖି ତୋର ଚକ୍ଷୁରେ ଜଳ ନାହିଁ, ତା'ର ଅନେକ ମାନେ ଅଛି । ତୋ'ର ହୃଦୟରେ ବିରହ ଅଗ୍ନି ସର୍ବଦା ଜଳୁଛି, ଚକ୍ଷୁରେ ଜଳ ଆସୁଛି, କିନ୍ତୁ ସେହି ଅଗ୍ନିର ତାପରେ ଶୁଖି ଯାଉଛି !

ଡାକ୍ତର — ତୁମ ସଙ୍ଗରେ କଥାରେ ପାରିବାକୁ ତ୍ତ ନାହିଁ ! (ହାସ୍ୟ)

କ୍ରମେ ଅନ୍ୟକଥା ପଡ଼ିଲା । ଶ୍ରୀରାମକୃଷ୍ଣ ନିଜର ପ୍ରଥମ ଭାବବସ୍ଥା ବର୍ଣ୍ଣନା କରୁଥିଲେ । ଆଉ କାମ କ୍ରୋଧାଦି କିପରି ବଶ କରିବାକୁ ହୁଏ — ସେ ବିଷୟରେ ମଧ୍ୟ କଥା ହେଲା ।

ଡାକ୍ତର — ତୁମେ ଭାବାବେଶରେ ପଡ଼ିଥିଲ, ଆଉ ଜଣେ ଦୁଷ୍ଟ ଲୋକ ତୁମଙ୍କୁ ବୁଟ୍ ଜୋତାରେ ଗୋଇଠା ମାରିଥିଲା, — ସେ ସବୁ କଥା ଶୁଣିଛି ।

ଶ୍ରୀରାମକୃଷ୍ଣ — ସେ କାଳୀଘାଟର ଚନ୍ଦ୍ର ହାଲଦାର । ମଥୁର ବାବୁଙ୍କ ପାଖକୁ ପ୍ରାୟ ଆସୁଥିଲେ । ମୁଁ ଈଶ୍ୱରାବେଶରେ ମାଟିରେ ପଡ଼ିଥିଲି । ଘରଟି ଅନ୍ଧକାର । ଚନ୍ଦ୍ର ହାଲଦାର ଭାବିଲେ ମଥୁର ବାବୁଙ୍କର ପ୍ରିୟପାତ୍ର ହେବି ବୋଲି ମୁଁ ଛଳନା କରି ଏପରି ଭାବରେ ରହେ । ଅନ୍ଧକାରରେ ଆସି ବୁଟ୍ ଜୋତାରେ ସେ କେତେଥର ଗୋଇଠା ମାରିଲେ । ଦେହରେ ଦାଗ ବସିଥିଲା । ସମସ୍ତେ କହିଲେ, ମଥୁର ବାବୁଙ୍କୁ କହି ଦିଆଯାଉ । ମୁଁ ବାରଣ କଲି ।

ଡାକ୍ତର — ଏ ମଧ୍ୟ ଈଶ୍ୱରଙ୍କର ଖେଳା — ଏଥିରେ ମଧ୍ୟ ଲୋକେ ଶିଖିବେ, କ୍ରୋଧ କିପରି ବଶୀଭୂତ କରିବାକୁ ହୁଏ । କ୍ଷମା କାହାକୁ କହନ୍ତି, ଲୋକେ ଶିଖିବେ ।

[ ବିଜୟ ଓ ନରେନ୍ଦ୍ରଙ୍କର ଈଶ୍ୱରୀୟ ରୂପ ଦର୍ଶନ ]

ଇତି ମଧ୍ୟରେ ଠାକୁର ଶ୍ରୀରାମକୃଷ୍ଣଙ୍କର ସମ୍ମୁଖରେ ବିଜୟଙ୍କ ସଙ୍ଗରେ ଭକ୍ତମାନଙ୍କର ଅନେକ କଥାବାର୍ତ୍ତା ହେଉଛି ।

ବିଜୟ—କିଏ ଜଣେ ମୋ ସଙ୍ଗରେ ସଦା ସର୍ବଦା ରହନ୍ତି; ମୁଁ ଦୂରରେ ରହିଲେ ମଧ୍ୟ ସେ ଜଣାଇ ଦିଅନ୍ତି, କେଉଁଠାରେ କଅଣ ହେଉଛି ।

ନରେନ୍ଦ୍ର—Guardian angel ଙ୍କ ପରି !

ବିଜୟ—ଢାକାରେ ଏହାଙ୍କୁ (ପରମହଂସ ଦେବଙ୍କୁ) ଦେଖିଛି ! ଦେହ ମଧ୍ୟ ଛୁଇଁଛି ।

ଶ୍ରୀରାମକୃଷ୍ଣ(ହସି ହସି)—ତା'ହେଲେ ସେ ଅନ୍ୟ ଜଣେ !

ନରେନ୍ଦ୍ର—ମୁଁ ମଧ୍ୟ ଏହାଙ୍କୁ ନିଜେ ଅନେକ ଥର ଦେଖିଛି । (ବିଜୟଙ୍କ ପ୍ରତି) ସେଥିପାଇଁ କିପରି କହିବି—ଆପଣଙ୍କର କଥା ବିଶ୍ୱାସ କରେ ନାହିଁ ।

❁ ❁ ❁

# ଦ୍ୱିତୀୟ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ—ଗିରିଶ, ମାଷ୍ଟର, ଛୋଟ ନରେନ୍ଦ୍ର, କାଳୀ, ଶରତ, ରାଖାଲ, ଡାକ୍ତର ସରକାର ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ପରଦିନ ଆଶ୍ୱିନର କୃଷ୍ଣ ତୃତୀୟା ତିଥି, ସୋମବାର, କାର୍ତ୍ତିକ ୧୧ଦିନ,୨୬ ତାରିଖ ଅକ୍ଟୋବର ୧୮୮୫ ଖ୍ରୀଷ୍ଟାବ୍ଦ । ଶ୍ରୀଶ୍ରୀପରମହଂସ ଦେବ କଲିକତାରେ ସେହି ଶ୍ୟାମପୁକୁର ଘରଠାରେ ଚିକିତ୍ସାର୍ଥ ରହିଛନ୍ତି । ଡାକ୍ତର ସରକାର ଚିକିତ୍ସା କରୁଛନ୍ତି । ପ୍ରାୟ ପ୍ରତ୍ୟହ ଆସନ୍ତି, ଆଉ ତାଙ୍କ ନିକଟକୁ ଅସୁସ୍ଥତାର ସମ୍ବାଦ ନେଇ ଲୋକେ ସର୍ବଦା ଯାତାୟାତ କରନ୍ତି ।

ଶରତ୍‌କାଳ । କେତେକ ଦିନ ପୂର୍ବେ ଶାରଦୀୟା ଦୁର୍ଗା ପୂଜା ହୋଇ ଯାଇଛି । ଏହି ମହୋତ୍ସବ ଶ୍ରୀରାମକୃଷ୍ଣଙ୍କର ଶିଷ୍ୟମଣ୍ଡଳୀ-ହର୍ଷ-ବିଷାଦରେ ଅତିବାହିତ କରିଛନ୍ତି । ତିନି ମାସ ଧରି ଗୁରୁଦେବଙ୍କର ଅଧିକ ଯନ୍ତ୍ରଣା—କଣ୍ଠ ଦେଶରେ କ୍ୟାନ୍‌ସର । ସରକାର ଓ ଅନ୍ୟ ଡାକ୍ତରମାନେ ସୂଚନା ଦେଇଛନ୍ତି, ରୋଗ ଚିକିତ୍ସାର ଅସାଧ୍ୟ । ଭାଗ୍ୟହୀନ ଶିଷ୍ୟଗଣ ଏକଥା ଶୁଣି ଏକାନ୍ତରେ ନୀରବରେ ଅଶ୍ରୁ ବିସର୍ଜନ କରନ୍ତି । ବର୍ତ୍ତମାନ ଏହି ଶ୍ୟାମପୁକୁର ଘରଠାରେ ଅଛନ୍ତି । ଶିଷ୍ୟଗଣ ପ୍ରାଣପଣେ ଶ୍ରୀରାମକୃଷ୍ଣଙ୍କର ସେବା କରୁଛନ୍ତି । ନରେନ୍ଦ୍ରାଦି କୌମାର ବୈରାଗ୍ୟ ଯୁକ୍ତ ଶିଷ୍ୟଗଣ ଏହି ମହତ୍ ସେବା ଉପଲକ୍ଷେ କାମିନୀକାଞ୍ଚନ ତ୍ୟାଗ-ପ୍ରଦର୍ଶୀ ସୋପାନ ଆରୋହଣ କରିବାକୁ ଅଳ୍ପଦିନ ହେଲା ଶିଖୁଛନ୍ତି ।

ଏତେ ରୋଗକଷ୍ଟ, କିନ୍ତୁ ଦଳ ଦଳ ହୋଇ ଲୋକ ଦର୍ଶନ କରିବାକୁ ଆସୁଛନ୍ତି—ଶ୍ରୀରାମକୃଷ୍ଣଙ୍କ ପାଖକୁ ଆସିଲେ ହିଁ ଶାନ୍ତି ଓ ଆନନ୍ଦ ହୁଏ । ଅହେତୁକ କୃପାସିନ୍ଧୁ ! ଦୟାର ଇୟତା ନାହିଁ—ସମସ୍ତଙ୍କ ସଙ୍ଗରେ କଥା କହୁଛନ୍ତି, ଯେପରି ସେମାନଙ୍କର ମଙ୍ଗଳ ହେବ । ଶେଷରେ ଡାକ୍ତରମାନେ, ବିଶେଷତଃ ଡାକ୍ତର ସରକାର, କଥା କହିବାକୁ ଏକାବେଳକେ ନିଷେଧ କଲେ । କିନ୍ତୁ ଡାକ୍ତର ନିଜେ ଛଅ ସାତ ଘଣ୍ଟା ରହନ୍ତି । ସେ କହନ୍ତି, "ଆଉ କାହା ସହିତ କଥା ଚଳିବ ନାହିଁ, କେବଳ ମୋ ସଙ୍ଗରେ କଥା କହିବ ।"

ଶ୍ରୀରାମକୃଷ୍ଣଙ୍କର କଥାମୃତ ପାନ କରି ଡାକ୍ତର ଏକାବେଳକେ ମୁଗ୍ଧ ହୋଇ ଯାଆନ୍ତି । ସେଥିପାଇଁ ଏତେ କ୍ଷଣ ଧରି ବସି ରହନ୍ତି ।

ଦିନ ଦଶଟା ସମୟରେ ଡାକ୍ତରଙ୍କୁ ସଂବାଦ ଦେବା ପାଇଁ ମାଷ୍ଟର ଯିବେ, ତେଣୁ ଶ୍ରୀରାମକୃଷ୍ଣଙ୍କ ସହିତ କଥାବାର୍ତ୍ତା ହେଉଛି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ରୋଗଟା ଖୁବ୍ ହାଲୁକା ହୋଇଛି । ଖୁବ୍ ଭଲ ଅଛି । ଆଚ୍ଛା, ତେବେ କଣ ଔଷଧରେ ଏପରି ହୋଇଛି ? ତାହା ହେଲେ ସେହି ଔଷଧଟା ଖାଉ ନାହିଁ କାହିଁକି ?

ମାଷ୍ଟର—ମୁଁ ଡାକ୍ତରଙ୍କ ପାଖକୁ ଯାଉଛି, ତାଙ୍କୁ ସବୁ କହିବି, ଯାହା ଭଲ ହେବ, ତାହାହିଁ କହିବେ ।

ଶ୍ରୀରାମକୃଷ୍ଣ—ଦେଖ, ପୂର୍ଣ୍ଣ (ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କର ବୟସ ୧୪/୧୫) ଦୁଇ ତିନି ଦିନ ଆସିନାହିଁ, ମନ କିପରି କରୁଛି ।

ମାଷ୍ଟର—କାଳୀବାବୁ ତୁମେ ଯାଅ ନା ପୂର୍ଣ୍ଣଙ୍କୁ ଡାକିବା ପାଇଁ ।

କାଳୀ—ବର୍ତ୍ତମାନ ଯାଉଛି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଡାକ୍ତରଙ୍କ ପୁଅଟି ବେଶ୍ । ଥରେ ଆସିବାକୁ କୁହ ।

## ମାଷ୍ଟର ଓ ଡାକ୍ତରଙ୍କ ସମ୍ବାଦ

## (୨)

ମାଷ୍ଟର ଡାକ୍ତରଙ୍କ ଘରେ ଉପସ୍ଥିତ ହୋଇ ଦେଖିଲେ, ଡାକ୍ତର ଜଣେ ଦୁଇଜଣ ବନ୍ଧୁଙ୍କ ସଙ୍ଗରେ ବସିଛନ୍ତି ।

ଡାକ୍ତର(ମାଷ୍ଟରଙ୍କ ପ୍ରତି)—ବର୍ତ୍ତମାନ ଏକ ମିନିଟ୍ ପୂର୍ବରୁ ତୁମ କଥା କହୁଥିଲି । ଦଶଟାରେ ଆସିବ ବୋଲି, ଦେଢ଼ଘଣ୍ଟା ହେଲା ବସିଛି । ଭାବିଲି, କିପରି ଅଛନ୍ତି, କଅଣ ହେଲା ! (ବନ୍ଧୁଙ୍କୁ) 'ସେହି ଗୀତଟି ଗାଅତ ।'

ବନ୍ଧୁ ଗାଉଛନ୍ତି—

କର ତା'ର ନାମଗାନ, ଯେତେଦିନ ରହେ ପ୍ରାଣ ।
ମହିମା ଯା'ର ଜ୍ୟୋତିଃ ଜ୍ୱଳନ୍ତ, ଜଗତ କରି ଆଲୋକିତ ।
ପ୍ରେମପୀୟୂଷ ବାରି ସ୍ରୋତ ବହେ, ସକଳ ଜୀବ ସୁଖକାରୀ ହେ ।
ତନୁ ହୁଏ ପୁଲକିତ କରୁଣା ସ୍ମରଣେ, ବର୍ଣ୍ଣିତ କିଏ ତା'ରେ,
ଯା' କୃପାରେ ମୁହୂର୍ତ୍ତକେ, ଶୋକ ସବୁ ଅପସରେ ।
ଉଚ୍ଚେ ନୀଚେ ଦେଶେ ଦେଶେ, ଆକାଶେ ବା ଜଳଗର୍ଭେ,
ଆଦି କାହିଁ, ଅନ୍ତ କାହିଁ ପଚାରନ୍ତି ସଦା ସର୍ବେ?
ଚେତନ ନିକେତନ ପରଶ ରତନ ସେଇ ନୟନ ଅନିମେଷ,
ନିରଞ୍ଜନ ସେହି, ଯା'ର ଦରଶନେ ନ'ରହେ ଦୁଃଖ ଲେଶ ।

ଡାକ୍ତର(ମାଷ୍ଟରଙ୍କୁ)-ଗୀତଟି ଖୁବ୍ ଭଲ, ନା? ଏହି ପଦଟି କିପରି? ଆଦି କାହିଁ ଅନ୍ତ କାହିଁ ପଚାରନ୍ତି ସଦା ସର୍ବେ?

ମାଷ୍ଟର—ହଁ; ପଦଟି ଭାରି ସୁନ୍ଦର । ଅନନ୍ତ ଭାବର ପ୍ରକାଶ ।

ଡାକ୍ତର(ସସ୍ନେହରେ)—ଅନେକ ସମୟ ହୋଇଛି, ତୁମେ ଖାଇଛ ତ? ମୋର ଦଶଟା ମଧ୍ୟରେ ଖାଇବା ଶେଷ ହୋଇଯାଏ, ତାହାପରେ ମୁଁ ଡାକ୍ତରୀ କରିବାକୁ ବାହାରେ । ନ ଖାଇ ବାହାରିଲେ,ଦେହ ଖରାପ ହୁଏ । ଦିନେ ତୁମମାନଙ୍କୁ ଖୁଆଇବି ବୋଲି ମନେ କରିଛି ।

ମାଷ୍ଟର—ଏ ତ ଭାରି ଭଲ କଥା ।

ଡାକ୍ତର—ଆଚ୍ଛା, ଏଠାରେ ନା ସେଠାରେ? ତୁମେମାନେ ଯାହା କହିବ ।

ମାଷ୍ଟର—ମହାଶୟ, ଏଠାରେ ହେଉ ବା ସେଠାରେ ହେଉ, ସମସ୍ତେ ଆନନ୍ଦ କରି ଖାଇବୁ । ଏଥର ମା କାଳୀଙ୍କର କଥା ହେଉଛି ।

ଡାକ୍ତର—କାଳୀ ତ ଜଣେ ସାନ୍ତାଳୀ ସ୍ତ୍ରୀ ଲୋକ । (ମାଷ୍ଟରଙ୍କର ଉଚ୍ଚହାସ୍ୟ)

ମାଷ୍ଟର—ଏଇ କଥା କେଉଁଠି ଅଛି ?

ଡାକ୍ତର—ଏହି ପରି ଶୁଣିଛି । (ମାଷ୍ଟରଙ୍କର ହାସ୍ୟ) ।

ପୂର୍ବଦିନ ଶ୍ରୀଯୁକ୍ତ ବିଜୟକୃଷ୍ଣ ଓ ଅନ୍ୟାନ୍ୟ ଭକ୍ତଙ୍କର ଭାବ ସମାଧି ହୋଇଥିଲା । ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ସେହି କଥା ହେଉଛି ।

ଡାକ୍ତର—ଭାବତ ଦେଖିଲି ! ବେଶି ଭାବ କ'ଣ ଭଲ ?

ମାଷ୍ଟର—ପରମହଂସ ଦେବ କହନ୍ତି ଯେ, ଈଶ୍ୱର ଚିନ୍ତାକରି ଯେଉଁ ଭାବ ହୁଏ ତାହା ବେଶି ହେଲେ କୌଣସି କ୍ଷତି ହୁଏ ନାହିଁ । ସେ କହନ୍ତି ଯେ, ମଣିର ଜ୍ୟୋତିରେ ଆଲୁଅ ହୁଏ, ଆଭା ଶରୀର ସ୍ନିଗ୍ଧ ହୁଏ, କିନ୍ତୁ ଦେହ ପୋଡ଼ି ଯାଏ ନାହିଁ ।

ଡାକ୍ତର—ମଣିର ଜ୍ୟୋତିଃ, ଓ ସେ ଯେ Reflected light !

ମାଷ୍ଟର—ସେ ଆଉ ମଧ କହନ୍ତି, ଅମୃତ ସରୋବରରେ ବୁଡ଼ିଲେ ମନୁଷ୍ୟ ମରି ଯାଏ ନାହିଁ । ଈଶ୍ୱର ଅମୃତର ସରୋବର । ସେଥିରେ ବୁଡ଼ିଲେ ମନୁଷ୍ୟର ଅନିଷ୍ଟ ହୁଏ ନାହିଁ । ବରଂ ମନୁଷ୍ୟ ଅମର ହୁଏ । କିନ୍ତୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ଥିଲେ ହୁଏ ।

ଡାକ୍ତର—ହଁ ତାହା ସତ ।

ଡାକ୍ତର—ଗାଡ଼ି ଉପରକୁ ଉଠିଲେ, ଦୁଇ ଚାରି ଜଣ ରୋଗୀ ଦେଖି ପରମହଂସ ଦେବଙ୍କୁ ଦେଖିବାକୁ ଯିବେ । ପଥରେ ପୁଣି ମାଷ୍ଟରଙ୍କ ସଙ୍ଗରେ କଥା କହିବାକୁ ଲାଗିଲେ । ଚକ୍ରବର୍ତ୍ତୀଙ୍କର ଅହଙ୍କାର ବିଷୟ ଡାକ୍ତର ଉଠାଇଲେ ।

ମାଷ୍ଟର—ପରମହଂସ ଦେବଙ୍କ ପାଖକୁ ତାଙ୍କର ଯିବା ଆସିବା ଅଛି । ଅହଂକାର ଯଦି ଥାଏ, କିଛି ଦିନ ପରେ ଆଉ ରହିବ ନାହିଁ । ତାଙ୍କ ପାଖରେ ବସିଲେ ଜୀବର ଅହଙ୍କାର ପଳାୟନ କରେ, ଅହଙ୍କାର ଚୂର୍ଣ୍ଣ ହୁଏ । ତାଙ୍କଠାରେ ଅହଂକାର ନାହିଁ, ସେଥିପାଇଁ । ନିରହଂକାର ପାଖକୁ ଆସିଲେ ଅହଂକାର ପଳାଇଯାଏ । ଦେଖନ୍ତୁ ବିଦ୍ୟାସାଗର ମହାଶୟ ଏତେ ବଡ଼ ଲୋକ, କେତେ ବିନୟ ଆଉ ନମ୍ରତା ଦେଖାଇଛନ୍ତି । ପରମହଂସ ଦେବ ତାଙ୍କୁ ଦେଖିବାକୁ ବାଦୁଡ଼ ବାଗାନକୁ ଯାଇଥିଲେ । ଯେତେବେଳେ ବିଦାୟ ନେଲେ, ରାତି ସେତେବେଳେ ୯ଟା । ବିଦ୍ୟାସାଗର ମହାଶୟ ଲାଇବ୍ରେରୀ ଘର ପାଖରୁ ଗୋଟିଏ ବତୀ ଧରି ତାଙ୍କ ସଙ୍ଗେ ଆସି ଗାଡ଼ିରେ ଉଠାଇ ଦେଲେ, ଆଉ ବିଦାୟ ସମୟରେ ହାତ ଯୋଡ଼ି କରି ରହିଲେ ।

ଡାକ୍ତର—ଆଚ୍ଛା, ଏହାଙ୍କ ବିଷୟରେ ବିଦ୍ୟାସାଗର ମହାଶୟଙ୍କର କି ମତ ?

ମାଷ୍ଟର—ସେ ଦିନ ଖୁବ୍ ଭକ୍ତି ଦେଖାଇଥିଲେ । ତେବେ କଥା କହି ଦେଖିଛି, ବୈଷ୍ଣବମାନେ ଯାହାକୁ ଭାବ ଭକ୍ତି କହନ୍ତି, ସେ ସେପରି ଭଲ ପାଆନ୍ତି ନାହିଁ । ଆପଣଙ୍କ ମତର ଲୋକ ।

ଡାକ୍ତର—ହାତ ଯୋଡ଼ିକରି, ପାଦରେ ମୁଣ୍ଡିଆ ମାରିବା, ମୁଁ ସେସବୁ ଭଲପାଏ ନାହିଁ । ମୁଣ୍ଡ ଯାହା ପାଦ ମଧ ତାହା । ତେବେ ପାଦ ସମ୍ପର୍କରେ ଯାହାର ମତ ଭିନ୍ନ ସେ କରୁ ।

ମାଷ୍ଟର—ଆପଣ ଭାବ ଭକ୍ତି ଭଲ ପାଆନ୍ତି ନାହିଁ । ପରମହଂସଦେବ ଆପଣଙ୍କୁ 'ଗମ୍ଭୀରାତ୍ମା' ବୋଲି ମଝିରେ ମଝିରେ କହନ୍ତି, ବୋଧହୁଏ ମନେ ଅଛି । ସେ କାଲି ଆପଣଙ୍କୁ କହିଥିଲେ ଯେ, ଗାଡ଼ିଆରେ ହାତୀ ପଶିଲେ ପାଣି ଉଛୁଳି ପଡ଼େ, କିନ୍ତୁ ବଡ଼ ସରୋବରରେ ପଶିଲେ ପାଣି ଚହଲେ ନାହିଁ । ଗମ୍ଭୀରାତ୍ମା

ଭିତରେ ଭାବହାତୀ ପଶିଲେ ତାହାର କିଛି କରିପାରେ ନାହିଁ । ସେ କହନ୍ତି, ଆପଣ 'ଗମ୍ଭୀରାତ୍ମା' ।

ଡାକ୍ତର—I don't deserve the Compliment, ଭାବ ଆଉ କ'ଣ? feelings, ଭକ୍ତି, ଆଉ ଅନ୍ୟାନ୍ୟ feelings ବେଶୀ ହେଲେ କେହି ଭିତରେ ରଖି ପାରେ, କେହି ପାରେ ନାହିଁ ।

ମାଷ୍ଟର—Explanation କିଏ ବା ଦେଇ ପାରେ, କିଏ ବା ପାରେ ନା; କିନ୍ତୁ ମହାଶୟ, ଭାବ—ଭକ୍ତି ଏକ ଅପୂର୍ବ ବସ୍ତୁ । Stebbing on Darwinism ଆପଣଙ୍କର libraryରେ ଦେଖିଲି । Stebbing କହନ୍ତି, Human mind ଯାହା ଦ୍ୱାରା ବି ହେଉ—evolution ଦ୍ୱାରା ହେଉ ବା ଈଶ୍ୱର ସୃଷ୍ଟ ହେଉ—equally wonderful. ସେ ଗୋଟିଏ ସୁନ୍ଦର ଉପମା ଦେଇଛନ୍ତି—theory of light. Whether you know the undulatory theory of light or not light in either case is equally wonderful.

ଡାକ୍ତର—ହଁ, ଆଉ ଦେଖିଛ, Stebbing, Darwinism ମାନନ୍ତି, ପୁଣି ଈଶ୍ୱର ମାନନ୍ତି !

ପୁଣି ପରମହଂସ ଦେବଙ୍କ କଥା ପଡ଼ିଲା ।

ଡାକ୍ତର—ଏ (ପରମହଂସ ଦେବ) ଦେଖୁଛି କାଳୀଙ୍କର ଉପାସକ ।

ମାଷ୍ଟର—ତାଙ୍କ 'କାଳୀ'ମାନେ ଅଲଗା । ବେଦ ଯାହାଙ୍କୁ ପରମାତ୍ମା, କହେ ସେ ତାଙ୍କୁହିଁ କାଳୀ କହନ୍ତି । ମୁସଲମାନ ଯାହାଙ୍କୁ ଆଲ୍ଲା କହନ୍ତି, ଖ୍ରୀଷ୍ଟାନ୍ ଯାହାଙ୍କୁ God କହନ୍ତି, ସେ ତାଙ୍କୁହିଁ କାଳୀ କହନ୍ତି । ସେ ଅନେକ ଈଶ୍ୱର ଦେଖନ୍ତି ନାହିଁ; ଏକ ଦେଖନ୍ତି । ପୁରାତନ ବ୍ରହ୍ମଜ୍ଞାନୀମାନେ ଯାହାଙ୍କୁ ବ୍ରହ୍ମ କହି ଯାଇଛନ୍ତି, ଯୋଗୀମାନେ ଯାହାଙ୍କୁ ଆତ୍ମା କହନ୍ତି, ଭକ୍ତମାନେ ଯାହାଙ୍କୁ ଭଗବାନ କହନ୍ତି, ପରମହଂସ ଦେବ ତାଙ୍କୁହିଁ କାଳୀ କହନ୍ତି ।

"ତାଙ୍କ ପାଖରୁ ଶୁଣିଛି; ଜଣଙ୍କର ଗୋଟିଏ ଗାମଲା ଥିଲା, ସେଥିରେ ରଙ୍ଗ ଥିଲା । କାହାର ଲୁଗା ରଙ୍ଗାଇବାର ଦରକାର ହେଲେ ତାହାରି ପାଖକୁ ଯାଆନ୍ତି । ସେ ପ୍ରଶ୍ନ କରେ, ତୁମେ କି ରଙ୍ଗରେ ରଙ୍ଗାଇବାକୁ ଚାହଁ ? ଲୋକଟି ଯଦି କହେ ସବୁଜ ରଙ୍ଗ, ତାହା ହେଲେ ଲୁଗା ଖଣ୍ଡିକ ଗାମଲାର ରଙ୍ଗରେ ବୁଡ଼ାଇ ଫେରାଇ ଦିଏ ଏବଂ କହେ, ଏହି ନିଅ ତୁମର ସବୁଜ ରଙ୍ଗରେ ରଙ୍ଗା ହୋଇଥିବା ଲୁଗା । ଯଦି କେହି କହେ ଲାଲ ରଙ୍ଗ, ସେହି ଗାମଲାରେ ଲୁଗା ଖଣ୍ଡିକ ରଙ୍ଗାଇ ସେ କହେ ହେଇ ନିଅ ତୁମର ଲାଲ ରଙ୍ଗରେ ରଙ୍ଗାହୋଇଥିବା ଲୁଗା । ଏହି ଏକ ଗାମ୍ଲାର ରଙ୍ଗରେ ସବୁଜ, ନୀଳ, ହଳଦୀ, ସବୁ ରଙ୍ଗର ଲୁଗା ରଙ୍ଗାହୁଏ । ଏହି ଅଦ୍ଭୁତ ବ୍ୟାପାର ଦେଖି ଜଣେ ଲୋକ କହିଲା, ବାବୁ ମୋର କିପରି ରଙ୍ଗ

ଦରକାର କହିବି ? ତୁମେ ନିଜେ ଯେଉଁ ରଙ୍ଗରେ ରଙ୍ଗାଇଛ ମୋତେ ସେହି ରଙ୍ଗ ଦିଅ । ସେହିପରି ପରମହଂସ ଦେବଙ୍କ ଭିତରେ ସବୁ ଭାବ ଅଛି — ସବୁ ଧର୍ମର, ସବୁ ସମ୍ପ୍ରଦାୟର ଲୋକ ତାଙ୍କ ପାଖରେ ଶାନ୍ତି ପାଆନ୍ତି ଓ ଆନନ୍ଦ ପାଆନ୍ତି । ତାଙ୍କର ଯେ କି ଭାବ, କି ଗଭୀର ଅବସ୍ଥା, ତାହା କିଏ ବୁଝିବ ?

ଡାକ୍ତର — All things to all men ! ତାହା ମଧ୍ୟ ଭଲ ନୁହେଁ, although St. Paul says it.

ମାଷ୍ଟର — ପରମହଂସ ଦେବଙ୍କର ଅବସ୍ଥା କିଏ ବୁଝିବ ? ତାଙ୍କ ମୁହଁରୁ ଶୁଣିଛି ସୂତା ବ୍ୟବସାୟ ନ କଲେ ୪୦ ନଂ ସୂତା ଆଉ ୪୧ ନଂ ସୂତାର ପ୍ରଭେଦ ବୁଝାଯାଏ ନାହିଁ । ଚିତ୍ରକାର ନ ହେଲେ ଚିତ୍ରକାରର କଳା-କୌଶଳ ବୁଝାଯାଏ ନାହିଁ । ମହାପୁରୁଷଙ୍କର ଗଭୀର ଭାବ । ଯୀଶୁଖ୍ରୀଷ୍ଟଙ୍କ ପରି ନ ହେଲେ ତା'ଙ୍କର ସବୁ ଭାବ ବୁଝାଯାଏ ନାହିଁ । ପରମହଂସ ଦେବଙ୍କର ଏହି ଗଭୀର ଭାବ ହୁଏତ ଯୀଶୁଖ୍ରୀଷ୍ଟ ଯାହା କହିଥିଲେ ତାହା — Be ye Perfect as your Father in Heaven is perfect.

ଡାକ୍ତର — ଆଚ୍ଛା, ତାଙ୍କର ପିଡ଼ୀତ ଅବସ୍ଥାରେ ତୁମେମାନେ କିପରି ଦେଖାଶୁଣା କର ?

ମାଷ୍ଟର — ଆପାତତଃ ଜଣେ ବୟସ୍କ ବ୍ୟକ୍ତି ପ୍ରତ୍ୟହ ଦେଖାଶୁଣା କରନ୍ତି । କେଉଁଦିନ ଗିରିଶବାବୁ, କେଉଁଦିନ-ରାମବାବୁ,-କେଉଁଦିନ-ବଳରାମବାବୁ, କେଉଁଦିନ ସୁରେଶବାବୁ, କେଉଁଦିନ ନବଗୋପାଳ, କେଉଁ କେଉଁ ଦିନ କାଳୀବାବୁ; ଏହିପରି ।

## ବିବେକ, ବୈରାଗ୍ୟ ଓ ପାଣ୍ଡିତ୍ୟ

ଏହି ସମସ୍ତ କଥା ହେଉ ହେଉ ଶ୍ରୀଶ୍ରୀ ଠାକୁର ପରମହଂସଦେବ ଶ୍ୟାମପୁକୁରର ଯେଉଁ ଘରେ ଅବସ୍ଥାନ କରୁଛନ୍ତି, ସେହି ଘର ସମ୍ମୁଖରେ ଡାକ୍ତରଙ୍କର ଗାଡ଼ି ଆସି ପହଞ୍ଚିଲା । ସେତେବେଳକୁ ସମୟ ଦିନ ଗୋଟାଏ । ଠାକୁରେ ଦୋତାଲା ଘରେ ବସିଛନ୍ତି । ଅନେକ ଭକ୍ତ ସମ୍ମୁଖରେ ଉପବିଷ୍ଟ; ତନ୍ମଧ୍ୟରେ ଶ୍ରୀଯୁକ୍ତ ଗିରୀଶ ଘୋଷ, ଛୋଟ ନରେନ୍ଦ୍ର, ଶରତ ଆଦି ଅଛନ୍ତି । ସମସ୍ତଙ୍କର ଦୃଷ୍ଟି ସେହି ମହାଯୋଗୀ ସଦାନନ୍ଦ ମହାପୁରୁଷଙ୍କ ଆଡ଼କୁ ରହିଛି । ସମସ୍ତେ ଯେପରି ମନ୍ତ୍ରମୁଗ୍ଧ ସର୍ପପରି ସାପ ଖେଳାଳୀ ସମ୍ମୁଖରେ ବସିଛନ୍ତି । ଅଥବା ବରକୁ ନେଇ ବରଯାତ୍ରୀମାନେ ଯେପରି ଆନନ୍ଦ କରୁଛନ୍ତି । ଡାକ୍ତର ଓ ମାଷ୍ଟର ଆସି ପ୍ରଣାମ କରି ଆସନ ଗ୍ରହଣ କଲେ ।

ଡାକ୍ତରଙ୍କୁ ଦେଖି ହସି ହସି ଶ୍ରୀରାମକୃଷ୍ଣ କହୁଛନ୍ତି, 'ଆଜି ଖୁବ୍ ଭଲ ଅଛି ।' କ୍ରମେ ଭକ୍ତଙ୍କ ସଙ୍ଗରେ ଈଶ୍ୱରଙ୍କ ସମ୍ବନ୍ଧୀୟ ଅନେକ କଥାବାର୍ତ୍ତା ଚାଲିଲା ।

## ପୂର୍ବକଥା—ରାମନାରାୟଣ ଡାକ୍ତର ବଙ୍କିମ ସମ୍ବାଦ

ଶ୍ରୀରାମକୃଷ୍ଣ—ବିବେକ ବୈରାଗ୍ୟ ନଥିଲେ, ଖାଲି ପାଣ୍ଡିତ୍ୟରେ କ'ଣ ହେବ ? ଈଶ୍ୱରଙ୍କର ପାଦପଦ୍ମ ଚିନ୍ତା କଲେ ମୋର ଅବସ୍ଥା ଅନ୍ୟପ୍ରକାର ହୁଏ । ପିନ୍ଧାଲୁଗା ଖସିପଡ଼େ, ଶିର୍ ଶିର୍ କରି ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଗୋଟାଏ କଅଣ ଉଠେ । ସେତେବେଳେ ସମସ୍ତଙ୍କୁ ତୃଣଜ୍ଞାନ ହୁଏ । ପଣ୍ଡିତର ବିବେକ ବୈରାଗ୍ୟ ଓ ଈଶ୍ୱର ପ୍ରେମ ନଥିଲେ ସେ ମୋତେ ତୃଣ ପରି ମନେ ହୁଏ ।

''ରାମ ନାରାୟଣ ଡାକ୍ତର ମୋ ସଙ୍ଗରେ ତର୍କ କରିଥିଲେ । ହଠାତ୍ ସେହି ଅବସ୍ଥାଟା ହେଲା ! ତାହାପରେ ତାଙ୍କୁ କହିଲି, ତୁମେ କଅଣ କହୁଛ ? ତାଙ୍କୁ ତର୍କ କରି କଅଣ ବୁଝିବ ! ତା'ଙ୍କର ସୃଷ୍ଟି ବା କ'ଣ ବୁଝିବ । ତୁମର ତ ଦେଖୁଛି ନୀରସ ବୁଦ୍ଧି । ମୋର ଅବସ୍ଥା ଦେଖି ସେ କାନ୍ଦିବାକୁ ଲାଗିଲେ । ଆଉ ମୋର ପାଦ ଚିପିବାକୁ ଲାଗିଲେ ।''

ଡାକ୍ତର—ରାମନାରାୟଣ ଡାକ୍ତର ହିନ୍ଦୁ କି ନା! ପୁଣି ଫୁଲ ଚନ୍ଦନ ଧାରଣ କରନ୍ତି ! ନୈଷ୍ଠିକ ହିନ୍ଦୁ ଅଟନ୍ତି ।

ମାଷ୍ଟର(ସ୍ୱଗତଃ)—ଡାକ୍ତର କହିଥିଲେ, ମୁଁ ଶଙ୍ଖଘଣ୍ଟାରେ ବିଶ୍ୱାସ କରେ ନାହିଁ ।

ଶ୍ରୀରାମକୃଷ୍ଣ—ବଙ୍କିମ[୧] ତୁମମାନଙ୍କର ଜଣେ ପଣ୍ଡିତ ! ବଙ୍କିମଙ୍କ ସଙ୍ଗରେ ଦେଖା ହୋଇଥିଲା— ମୁଁ ପଚାରିଲି, ମନୁଷ୍ୟର କର୍ତ୍ତବ୍ୟ କଅଣ ? ସେ କହିଲା, 'ଆହାର, ନିଦ୍ରା ଆଉ ମୈଥୁନ' ! ଏହି ସବୁ କଥାବାର୍ତ୍ତା ଶୁଣି ମୋର ଘୃଣା ହେଲା; କହିଲି ଯେ, ତୁମର ଏ କିପରି କଥା ! ତୁମର ତ ଭାରି ହୀନବୁଦ୍ଧି ! ଯାହା ସବୁ ଦିନରାତି ଚିନ୍ତା କରୁଛ, ଯେଉଁ କାର୍ଯ୍ୟ କରୁଛ, ତାହାହିଁ ମୁହଁ ଦେଇ ବାହାରୁଛି ! ମୂଳା ଖାଇଲେ ମୂଳାର ହାକୁଟି ଉଠେ । ତାହାପରେ ଅନେକ ଈଶ୍ୱରୀୟ କଥା ହେଲା ! ଘରେ ସଂକୀର୍ତ୍ତନ ହେଲା । ମୁଁ ପୁଣି ନାଚିଲି । ସେତେବେଳେ କହିଲେ ମହାଶୟ ! ଆମ ଆଡ଼କୁ ଥରେ ଆସିବେ । ମୁଁ କହିଲି, ତା'ତ ଈଶ୍ୱରଙ୍କର ଇଚ୍ଛା । ତାପରେ କହିଲେ, ଆମର ସେଠାରେ ମଧ୍ୟ ଭକ୍ତ ଅଛନ୍ତି, ଦେଖିବେ । ମୁଁ ହସି ହସି କହିଲି, କିପରି ଭକ୍ତ ଅଛନ୍ତି ହେ ? 'ଗୋପାଳ !' ଗୋପାଳ !' ଯେଉଁମାନେ କହୁଥିଲେ, ସେହିପରି ଭକ୍ତ ନା କଅଣ ?

ଡାକ୍ତର—'ଗୋପାଳ! ଗୋପାଳ!' କଥାଟି କ'ଣ ?

ଶ୍ରୀରାମକୃଷ୍ଣ(ସହାସ୍ୟର)—ଗୋଟିଏ ସୁନା ଦୋକାନ ଥିଲା । ଦୋକାନର ମାଲିକ ବଡ଼ ଭକ୍ତ, ପରମ ବୈଷ୍ଣବ—ଗଳାରେ ମାଳା, କପାଳରେ ତିଳକ, ହାତରେ ହରିନାମର ମାଳା । ସମସ୍ତେ ବିଶ୍ୱାସ କରି ଏହି ଦୋକାନକୁ ଆସନ୍ତି;

୧. ବଙ୍କିମ ଚନ୍ଦ୍ର ଚାଟାର୍ଜୀ—ବଙ୍ଗଭାଷାର ଜଣେ ପ୍ରସିଦ୍ଧ ଲେଖକ ।

ଭାବନ୍ତି ଏମାନେ ପରମ ଭକ୍ତ, କେବେହେଲେ ଠକାଇବେ ନାହିଁ । କୌଣସି ଖରୀଦଦାର ଆସି, ଦେଖନ୍ତି; କେଉଁ କାରିଗର କହୁଛି, 'କେଶବ !' 'କେଶବ !' କିଛିକ୍ଷଣ ପରେ ଆଉ ଜଣେ କାରିଗର କହୁଛି, 'ଗୋପାଳ !' 'ଗୋପାଳ !' ପୁଣି କିଛିକ୍ଷଣ ପରେ ଜଣେ କାରିଗର କହୁଛି, 'ହରି', 'ହରି', ତାହାପରେ କେହି କହୁଛି 'ହର', 'ହର' ! ଅତଏବ ଭଗବାନଙ୍କର ଏପରି ନାମ ନେଉଥିବାର ଦେଖି ସ୍ୱାଭାବିକ ଭାବରେ ଖରୀଦ୍‌ଦାରମାନେ ମନେ କରନ୍ତି, ଏ ବଣିଆଟି ଖୁବ୍ ଉତ୍ତମ ଲୋକ । କିନ୍ତୁ କଥାଟା କଅଣ ଜାଣ? ଯେ କହିଲା, 'କେଶବ''କେଶବ'! ତାହାର ଅର୍ଥ ଏମାନେ ସବୁ (ଖରିଦ୍‌ଦାର) କିଏ ? ଯେ କହିଲା,'ଗୋପାଳ' 'ଗୋପାଳ' ! ତାର ଅର୍ଥ ମୁଁ ଏମାନଙ୍କୁ ଦେଖିଲି, ଏମାନେ ଗୋପଲ ଅର୍ଥାତ୍ ଏମାନେ ସବୁ ଗୋରୁପଲ । ଯେ କହିଲା, 'ହରି' 'ହରି'—ତାର ଅର୍ଥ ହେଲା, ଯଦି ଗୋରୁ ପଲ, ତେବେ ହରି ଅର୍ଥାତ୍ ହରଣ କରୁଛି (ହାସ୍ୟ) । ଯେ କହିଲା 'ହର', 'ହର'—ତାର ମାନେ ଏହି—ତେବେ ହରଣ କର, ହରଣ କର, ଏମାନେ ତ ଗୋରୁର ପଲ ! (ହାସ୍ୟ) ।

''ମଥୁର ବାବୁଙ୍କ ସଙ୍ଗରେ ଆଉ ଏକ ସ୍ଥାନକୁ ଯାଇଥିଲି; ଅନେକ ପଣ୍ଡିତ ମୋ ସଙ୍ଗରେ ବିଚାର କରିବାକୁ ଆସିଥିଲେ । ମୁଁ ତ ମୂର୍ଖ (ସମସ୍ତଙ୍କର ହାସ୍ୟ) ! ସେମାନେ ମୋର ସେହି ଅବସ୍ଥା ଦେଖିଲେ ଆଉ ମୋ ସଙ୍ଗରେ କଥାବାର୍ତ୍ତା କରି କହିଲେ, ମହାଶୟ ! ଆଗେ ଯାହା ପଢ଼ିଥିଲୁ, ତୁମ ସଙ୍ଗରେ କଥା କହି ସେ ସବୁ ବିଦ୍ୟା ତୁଚ୍ଛ ମନେ ହେଲା । ବର୍ତ୍ତମାନ ବୁଝିଲୁ, ତାଙ୍କର କୃପା ହେଲେ ଜ୍ଞାନର ଅଭାବ ରହେ ନାହିଁ, ମୂର୍ଖ ବିଦ୍ୱାନ ହୁଏ, ମୂକ ପ୍ରଗଲ୍‌ଭ ହୁଏ । ସେଥିପାଇଁ କହୁଛି କେବଳ ବହି ପଢ଼ିଲେ କେହି ପଣ୍ଡିତ ହୁଅନ୍ତି ନାହିଁ ।''

## ପୂର୍ବ କଥା—ପ୍ରଥମ ସମାଧି–ଆବିର୍ଭାବ ଓ ମୂର୍ଖ କଣ୍ଠରେ ସରସ୍ୱତୀ

ଶ୍ରୀରାମକୃଷ୍ଣ—ହଁ, ତାଙ୍କର କୃପା ହେଲେ ଜ୍ଞାନର କ'ଣ ଆଉ ଅଭାବ ରହେ ? ଦେଖ ନା, ମୁଁ ତ ମୂର୍ଖ, କିଛି ଜାଣେ ନାହିଁ, ତେବେ ଏ ସବୁ କଥା କିଏ କହେ ? ପୁଣି ଏ ଜ୍ଞାନର-ଭଣ୍ଡାର ଅକ୍ଷୟ ! କାମାରପୁକୁର ଗ୍ରାମରେ 'ରାମ' 'ରାମ' କହି ଧାନ ମାପନ୍ତି, ଆଉ କମି ଆସିଲେ ଆଉ ଜଣେ ଧାନ ଠେଲି ଦିଏ । ଏ ହେଉଛି ତା'ର କାର୍ଯ୍ୟ, ଶେଷ ହେଲାମାତ୍ରେ ଧାନ ଠେଲି ଦିଅନ୍ତି । ମୁଁ ମଧ ଯେଉଁ କଥା କହେ; ଶେଷ ହେଉ ହେଉ ମା ସଙ୍ଗେ ସଙ୍ଗେ ତାଙ୍କର ଅକ୍ଷୟ ଜ୍ଞାନ ଭଣ୍ଡାରର ରାଶି ଠେଲି ଦିଅନ୍ତି ।

"ପିଲାବେଳେ ଈଶ୍ୱରଙ୍କ ଆବିର୍ଭାବ ହୋଇଥିଲା । ଏଗାର ବର୍ଷ ବୟସରେ ପଡ଼ିଆରେ କଅଣ ଯେ ଦର୍ଶନ ହେଲା ! ସମସ୍ତେ କହିଲେ, ବେହୋସ ହୋଇଯାଇଥିଲି, କୌଣସି ଚେତା ନଥିଲା ! ସେହି ଦିନଠାରୁ ଆଉ ଏକ ପ୍ରକାର ହୋଇଗଲି । ନିଜ ଭିତରେ ଆଉ ଜଣଙ୍କୁ ଦେଖିବାକୁ ପାଇଲି । ଯେତେବେଳେ ଠାକୁର ପୂଜା କରିବାକୁ ଯାଉଥିଲି, ହାତଟା ଅନେକ ସମୟରେ ଠାକୁରଙ୍କ ଆଡ଼କୁ ନ ଯାଇ ନିଜର ମୁଣ୍ଡ ଉପରକୁ ଆସୁଥିଲା ଏବଂ ଫୁଲ ମୁଣ୍ଡରେ ଦେଉଥିଲି । ଯେଉଁ ପିଲା ମୋ ପାଖରେ ରହୁଥିଲା, ସେ ମୋ ପାଖକୁ ଆସୁ ନ ଥିଲା, କହୁଥିଲା, ତୁମ ମୁଖରେ କଅଣ ଗୋଟାଏ ଜ୍ୟୋତିଃ ଦେଖୁଛି, ତୁମର ବେଶୀ ପାଖକୁ ଯିବାକୁ ଭୟ ହୁଏ ।

## FREE WILL OR GOD'S WILL

## ଯନ୍ତ୍ରାରୂଢ଼ାନି ମାୟୟା

ଶ୍ରୀରାମକୃଷ୍ଣ—ମୁଁ ତ ମୂର୍ଖ ମୁଁ କିଛି ଜାଣେ ନାହିଁ, ତେବେ ଏସବୁ କହେ କିଏ ? ମୁଁ କହେ, ମା, ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ; ମୁଁ ଘର, ତୁମେ ଘରଣୀ, ମୁଁ ରଥ, ତୁମେ ରଥୀ, ଯେପରି କରାଅ ସେପରି କରେ, ଯେପରି କୁହାଅ ସେପରି କହେ, ଯେପରି ଚଳାଅ ସେପରି ଚଳେ; ନାହଂ ନାହଂ, ତୁହୁଁ ତୁହୁଁ । ତାଙ୍କରି ଜୟ, ମୁଁ କେବଳ ଯନ୍ତ୍ର ମାତ୍ର । ଶ୍ରୀମତୀ ଯେତେବେଳେ ସହସ୍ରଧାରା କଳସୀ ନେଇ ଯାଉଥିଲେ, ଜଳ ଟିକିଏ ମଧ୍ୟ ପଡ଼ିଲାନାହିଁ, ସମସ୍ତେ ତାଙ୍କର ପ୍ରଶଂସା କଲେ କହିଲେ ଏପରି ସତୀ ଆଉ ହେବେ ନାହିଁ । ସେତେବେଳେ ଶ୍ରୀମତୀ କହିଲେ, 'ତୁମେମାନେ ମୋର କାହିଁକି ଜୟ ଦେଉଛ; କହ କୃଷ୍ଣଙ୍କର ଜୟ, କୃଷ୍ଣଙ୍କର ଜୟ! ମୁଁ ତାଙ୍କର ଦାସୀ ମାତ୍ର ।' ଭାବାବେଶର ଏହି ଅବସ୍ଥାରେ ବିଜୟଙ୍କ ଛାତିରେ ପାଦ ଦେଲି; ଏଣେ ତ ବିଜୟଙ୍କୁ ଏତେ ଭକ୍ତି କରେ, ସେହି ବିଜୟଙ୍କର ଛାତିରେ ପାଦ ଦେଲି, ଏ ବିଷୟରେ କଅଣ କହୁଛ କହତ ଦେଖି !

ଡାକ୍ତର—ତାହାପରେ ସାବଧାନ ହେବା ଉଚିତ୍ ।

ଶ୍ରୀରାମକୃଷ୍ଣ(ହାତ ଜୋଡ଼ି)—ମୁଁ କଅଣ କରିବି ? ସେହି ଅବସ୍ଥାଟା ଆସିଲେ ବେହୋସ ହୋଇଯାଏ ! କଅଣ କରେ କିଛି ଜାଣିପାରେ ନାହିଁ ।

ଡାକ୍ତର—ସାବଧାନ ହେବା ଉଚିତ୍, ହାତ ଜୋଡ଼ିଲେ କଅଣ ହେବ ?

ଶ୍ରୀରାମକୃଷ୍ଣ—ସେତେବେଳେ କଣ ମୁଁ କିଛି କରିପାରେ ? ତେବେ ତୁମେ ମୋର ଅବସ୍ଥାକୁ କିପରି ମନେ କର ? ଯଦି ଛଳନା ମନେ କର ତାହାହେଲେ ତୁମ ସାଏନ୍ସର କିଛି ମୂଲ୍ୟ ନାହିଁ !

ଡାକ୍ତର—ମହାଶୟ ! ଯଦି ଛଳନା ବୋଲି ମନେ କରନ୍ତି, ତାହାହେଲେ କଣ ଏତେ ଆସନ୍ତି ? ଦେଖ ସବୁ କାର୍ଯ୍ୟ ଛାଡ଼ି ଏଠାକୁ ଆସେ, ଅନେକ ରୋଗୀଙ୍କ ଘରକୁ ଯାଇପାରେ ନାହିଁ, ଏଠାକୁ ଆସି ଛଅ ସାତ ଘଣ୍ଟାଧରି ରହେ !

**[‘ନ ଯୋତ୍‌ସ୍ୟ’—ଭଗବତ୍‌ଗୀତା—ଈଶ୍ୱର ହିଁ କର୍ତ୍ତା,ଅର୍ଜ୍ଜୁନ ଯନ୍ତ୍ର ]**

ଶ୍ରୀରାମକୃଷ୍ଣ—ମଥୁର ବାବୁଙ୍କୁ କହିଥିଲି, ତୁମେ ମନେ କରନାହିଁ ଯେ, ତୁମେ ଜଣେ ବଡ଼ ମଣିଷ, ମୋତେ ମାନୁଛ ବୋଲି ମୁଁ କୃତାର୍ଥ ହୋଇଗଲି । ତୁମେ ମାନିପାର ବା ନ ମାନିପାର । ତେବେ ଗୋଟିଏ କଥା ଅଛି—ମଣିଷ କଅଣ କରିବ, ସେ ହିଁ କେବଳ ମନାଇବେ । ଈଶ୍ୱରୀୟ ଶକ୍ତି ପାଖରେ ମଣିଷ ପାଳ କୁଟା ପରି ଶକ୍ତିହୀନ ।

ଡାକ୍ତର—ତୁମେ କଣ ମନେ କରୁଛ ଅମୁକ କୈବର୍ତ୍ତ[୧] ତୁମକୁ ମାନିଛି ବୋଲି ମୁଁ ତୁମକୁ ମାନିବି ? ତେବେ ତୁମକୁ ସମ୍ମାନ କରେ, ମଣିଷକୁ ଯେପରି ରିଗାର୍ଡ କରେ ତୁମକୁସେପରି ରିଗାର୍ଡ଼ କରେ ।

ଶ୍ରୀରାମକୃଷ୍ଣ—ମୁଁ କଅଣ ମାନିବାକୁ କହୁଛି ।

ଗିରିଶ ଘୋଷ—ସେ କଣ ଆପଣଙ୍କୁ ମାନିବାକୁ କହୁଛନ୍ତି ?

ଡାକ୍ତର(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ତୁମେ କଅଣ କହୁଛ? ଈଶ୍ୱରଙ୍କର ଇଚ୍ଛା !

ଶ୍ରୀରାମକୃଷ୍ଣ—ଆଉ କଅଣ କହୁଛି ! ଈଶ୍ୱରୀୟ ଶକ୍ତି ପାଖରେ ମନୁଷ୍ୟ କଅଣ କରିବ? ଅର୍ଜ୍ଜୁନ କୁରୁକ୍ଷେତ୍ର ଯୁଦ୍ଧରେ କହିଲେ, ମୁଁ ଯୁଦ୍ଧ କରିପାରିବି ନାହିଁ, ଜ୍ଞାତି ବଧ କରିବା ମୋର କର୍ମ ନୁହେଁ । ଶ୍ରୀକୃଷ୍ଣ କହିଲେ,—‘ଅର୍ଜ୍ଜୁନ ! ତୁମକୁ ଯୁଦ୍ଧ କରିବାକୁ ହିଁ ହେବ; ତୁମର ସ୍ୱଭାବ କରାଇବ !’ ଶ୍ରୀକୃଷ୍ଣ ସବୁ ଦେଖାଇଦେଲେ, ଏହି ସବୁ ଲୋକମାନେ ମୃତ ।[୨]ଶିଖ୍‌ମାନେ ଠାକୁର ମନ୍ଦିରକୁ ଆସିଥିଲେ, ସେମାନଙ୍କ ମତରେ ଅଶ୍ୱତ୍‌ଥ ଗଛରେ ଯେଉଁ ପତ୍ର ହଲୁଛି ସେ ମଧ୍ୟ ଈଶ୍ୱରଙ୍କ ଇଚ୍ଛାରେ—ତାଙ୍କର ଇଚ୍ଛା ବ୍ୟତୀତ ପତ୍ର ମଧ୍ୟ ହଲେ ନାହିଁ ।

**[Liberty or Necessity ? — Influence of Motives]**

ଡାକ୍ତର—ଯଦି ଈଶ୍ୱରଙ୍କର ଇଚ୍ଛା, ତେବେ ତୁମେ କଥାବାର୍ତ୍ତା କରୁଛ କାହିଁକି ? ଲୋକମାନଙ୍କୁ ଜ୍ଞାନ ଦେବାପାଇଁ ଏତେ କଥା କହୁଛ କାହିଁକି ?

ଶ୍ରୀରାମକୃଷ୍ଣ—କୁହାଉଛନ୍ତି, ସେଥିପାଇଁ କହେ । ‘ମୁଁ ଯନ୍ତ୍ର ସେ ଯନ୍ତ୍ରୀ ।’

ଡାକ୍ତର—ଯନ୍ତ୍ର କହୁଛ, ତାହା କହିପାର, ନଚେତ୍ ସବୁ ହିଁ ଈଶ୍ୱର ଜାଣି ଚୁପ୍ କରି ରହ ।

---

୧ ମଥୁର ବାବୁ ଜାତିରେ କୈବର୍ତ୍ତ ଥିଲେ ।

୨ ମୟୈବୈତେ ନିହତାଃ ପୂର୍ବମେବ ନିମିତ୍ତ ମାତ୍ରଂ ଭବ ସବ୍ୟସାଚିନ୍ (ଗୀତା ୧୧/୩୩)

ଗିରିଶ—ମହାଶୟ, ଯାହା ମନେ କରନ୍ତୁ । ସେ କରାନ୍ତି ତେଣୁ ଆମେ କରୁ । A single step against the Almighty will (ତାଙ୍କ ଇଛା ବିରୁଦ୍ଧରେ ପାଦେ) କେହି ବି ଯାଇପାରେ ନାହିଁ ?

ଡାକ୍ତର—Free will ସେ ଦେଇଛନ୍ତି ତ । ମୁଁ ମନେକଲେ ଈଶ୍ୱର ଚିନ୍ତା କରିପାରେ, ପୁଣି ନ କଲେ ନ କରିପାରେ ।

ଗିରିଶ—ଆପଣଙ୍କର ଈଶ୍ୱର ଚିନ୍ତା ବା ଅନ୍ୟ କୌଣସି ସତ୍‌କାର୍ଯ୍ୟ ଭଲ ଲାଗେ ବୋଲି କରନ୍ତି । ବାସ୍ତବରେ ଆପଣ କରନ୍ତି ନାହିଁ, ସେହି ଭଲ ଲାଗିବାଟା କରାଏ ।

ଡାକ୍ତର—କାହିଁକି, ମୁଁ କର୍ତ୍ତବ୍ୟ ବୋଲି କରେ—

ଗିରିଶ—ସେ କର୍ତ୍ତବ୍ୟ କରିବାକୁ ଭଲ ଲାଗେ ବୋଲି ।

ଡାକ୍ତର—ମନେକର ଗୋଟିଏ ପିଲା ପୋଡ଼ି ଯାଉଛି; ତାହାକୁ ବଞ୍ଚାଇବାକୁ ଯିବା କର୍ତ୍ତବ୍ୟ ବୋଧରେ—

ଗିରିଶ—ପିଲାଟିକୁ ବଞ୍ଚାଇବାରେ ଆନନ୍ଦ ହୁଏ, ସେଥିପାଇଁ ଅଗ୍ନି ଭିତରକୁ ଯାଆନ୍ତି; ଆନନ୍ଦ ଆପଣଙ୍କୁ ନେଇଯାଏ । ଚାଟ୍ ଲୋଭରେ ଗୁଳି ଖାଇବା । (ସମସ୍ତଙ୍କର ହାସ୍ୟ) ।

**[‘ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା’]**

ଶ୍ରୀରାମକୃଷ୍ଣ—କର୍ମ କରିବାକୁ ଗଲେ ପ୍ରଥମେ ବିଶ୍ୱାସ ଦରକାର, ତାହା ସହିତ ବସ୍ତୁ ବିଷୟରେ ଚିନ୍ତା କରି ମନେ ଆନନ୍ଦ ହୁଏ, ତେବେଯାଇ ସେ ବ୍ୟକ୍ତି କାର୍ଯ୍ୟରେ ପ୍ରବୃତ୍ତ ହୁଏ । ମାଟି ତଳେ ଗରାଏ ମୋହର ଅଛି—ଏହି ଜ୍ଞାନ, ଏହି ବିଶ୍ୱାସ, ପ୍ରଥମେ ଦରକାର । ଗରା ମନେ କରିବା ସଙ୍ଗେ ସଙ୍ଗେ ଆନନ୍ଦ ହୁଏ—ତା’ପରେ ଖୋଳେ । ଖୋଳୁ ଖୋଳୁ ଠଂ ଶବ୍ଦ ହେଲେ ଆନନ୍ଦ ବଢ଼େ । ତାହାପରେ ଗରାର ଅଂଶ ଦେଖାଯାଏ, ସେତେବେଳେ ଆନନ୍ଦ ଆହୁରି ବଢ଼ିଯାଏ । ଏହିପରି କ୍ରମେ କ୍ରମେ ଆନନ୍ଦ ବଢୁଥାଏ । ମୁଁ ନିଜେ ଠାକୁର ମନ୍ଦିର ବାରଣ୍ଡାରେ ଠିଆହୋଇ ଦେଖିଛି—ସାଧୁ ଗଞ୍ଜେଇ ତିଆରି କରୁଛି ଏବଂ ତିଆରି କରିବା ସମୟରେ ଭାରି ଆନନ୍ଦିତ ।

ଡାକ୍ତର—ତେବେ ଅଗ୍ନି ‘heat’ (ଉତ୍ତାପ) ଦିଏ, ଆଉ ‘light’ (ଆଲୋକ) ମଧ୍ୟ ଦିଏ । ଆଲୁଅରେ ଦେଖାଯାଏ ସତ, କିନ୍ତୁ ଉତ୍ତାପରେ ଦେହ ପୋଡ଼ିଯାଏ । Duty (କର୍ତ୍ତବ୍ୟ କର୍ମ) କରିବାକୁ ଗଲେ କେବଳ ଆନନ୍ଦ ହୁଏ ତାହା ନୁହେଁ, କଷ୍ଟ ମଧ୍ୟ ଅଛି !

ମାଷ୍ଟର(ଗିରିଶଙ୍କ ପ୍ରତି)—ପେଟରେ ଖାଇଲେ ପିଠିରେ ସହେ । କଷ୍ଟରେ ମଧ୍ୟ ଆନନ୍ଦ ।

ଗିରିଶ(ଡାକ୍ତରଙ୍କ ପ୍ରତି)—କର୍ତ୍ତବ୍ୟ ଶୁଷ୍କ ।

ଡାକ୍ତର—କାହିଁକି ?

ଗିରିଶ—ତେବେ ସରସ । (ସମସ୍ତଙ୍କର ହାସ୍ୟ) ।

ମାଷ୍ଟର—ବେଶ୍, ଏଥର ଲୋଭରେ ଗୁଲି ଖିଆ ଆସି ପଡ଼ିଲା ।

ଗିରିଶ—(ଡାକ୍ତରଙ୍କ ପ୍ରତି)—ସରସ; ନୋହିଲେ କର୍ତ୍ତବ୍ୟ କାହିଁକି କରନ୍ତେ ?

ଡାକ୍ତର—ଏହିପରି ମନର inclination (ମନର ଏହି ଆଡ଼କୁ ଗତି) ।

ମାଷ୍ଟର (ଗିରିଶଙ୍କ ପ୍ରତି)—'ପୋଡ଼ା ସ୍ୱଭାବ ହିଁ ଟାଣେ ।' (ହାସ୍ୟ) । ଯଦି ଗୋଟିଏ ଦିଗକୁ ଝୁଙ୍କି ହେଲା, ଆଉ ସ୍ୱାଧୀନ ଇଛା କେଉଁଠାରେ ?

ଡାକ୍ତର—ମୁଁ ଏକାବେଳକେ ସ୍ୱାଧୀନ ବୋଲି କହୁନାହିଁ । ଗୋରୁ ଖୁଣ୍ଟିରେ ବନ୍ଧା ଅଛି, ଦଉଡ଼ି ଯେତେ ଦୂର ପାଏ, ତାହାରି ଭିତରେ ସ୍ୱାଧୀନ । ଦଉଡ଼ି ଟଣା ହେଲେ ସେତେବେଳେ-

## [ଶ୍ରୀ ରାମକୃଷ୍ଣ ଓ Free will ]

ଶ୍ରୀରାମକୃଷ୍ଣ—ଯଦୁ ମଲ୍ଲିକ ମଧ୍ୟ ଏହି ଉପମା ଦେଇଥିଲେ । (ଛୋଟ ନରେନ୍ଙ୍କ ପ୍ରତି) ଏହା କଅଣ ଇଂରାଜୀରେ ଅଛି ?

(ଡାକ୍ତରଙ୍କ ପ୍ରତି)—ଦେଖ, ଇଶ୍ୱର ସବୁ କରୁଛନ୍ତି, ସେ ଯନ୍ତ୍ରୀ, ମୁଁ ଯନ୍ତ୍ର । ଏଇ ବିଶ୍ୱାସ ଯଦି କାହାର ହୁଏ, ସେ ତ ଜୀବନ୍ମୁକ୍ତ—'ତୁମର କର୍ମ ତୁମେ କର, ଲୋକେ କହନ୍ତି ଆମେ କରୁ ।' କିପରି ଜାଣ ? ବେଦାନ୍ତରେ ଗୋଟିଏ ଉପମା ଅଛି—ଗୋଟିଏ ହାଣ୍ଡିରେ ଭାତ ବସାଇଛ, ଆଳୁ ବାଇଗଣ ସବୁ ଭାତରେ ଦେଇଛ; କିଛିକ୍ଷଣ ପରେ ଆଳୁ, ବାଇଗଣ, ଚାଉଳ ଫୁଟିବାକୁ ଲାଗେ ଯେପରି ଅଭିମାନ କରୁଛି 'ମୁଁ ହଲଚଲ ହେଉଛି', 'ମୁଁ ଫୁଟୁଛି ।' ଛୋଟ ପିଲାମାନେ ଭାବନ୍ତି; ଆଳୁ, ପୋଟଳ ଓ ବାଇଗଣ ଗୁଡ଼ିକ ଜୀବନ୍ତ; ସେଥିପାଇଁ ଡେଉଁଛନ୍ତି ! ଯେଉଁମାନଙ୍କର ଜ୍ଞାନ ହୋଇଛି ସେମାନେ କିନ୍ତୁ ବୁଝାଇ ଦିଅନ୍ତି ଯେ, ଏହିସବୁ ଆଳୁ, ବାଇଗଣ, ପୋଟଳ ଗୁଡ଼ିକ ଜୀବନ୍ତ ନୁହଁନ୍ତି, ନିଜେ ଡେଉଁ ନାହାନ୍ତି । ହାଣ୍ଡି ତଳେ ନିଆଁ ଜଳୁଛି, ସେଥିପାଇଁ ସେମାନେ ଫୁଟୁଛନ୍ତି । ଯଦି କାଠ ବାହାରକରି ଦିଆଯାଏ, ତାହା ହେଲେ ଆଉ ହଲଚଲ ହୁଅନ୍ତି ନାହିଁ । ଜୀବର 'ମୁଁ କର୍ତ୍ତା' ଏହି ଅଭିମାନ ଅଜ୍ଞାନରୁ ହୁଏ । ଇଶ୍ୱରଙ୍କ ଶକ୍ତିରେ ସବୁ ଶକ୍ତିମାନ୍, ଜଳନ୍ତା କାଠ ଟାଣିନେଲେ ସବୁ ଚୁପ୍ ।—କଣ୍ଢେଇ ବାଜିକର ହାତରେ ବେଶ୍ ନାଚେ, ହାତରୁ ପଡ଼ିଗଲେ, ଆଉ ହଲଚଲ ହୁଏନାହିଁ !

''ଯେତେକ୍ଷଣ ଇଶ୍ୱର ଦର୍ଶନ ନ ହୁଏ, ଯେତେକ୍ଷଣ ସେହି ପରଶମଣି ଛୁଆଁ ନ ହୁଏ, ସେତେକ୍ଷଣ ମୁଁ କର୍ତ୍ତା ଏହି ଭୁଲ ରହିବ; ମୁଁ ସତ୍ କାର୍ଯ୍ୟ କରିଛି, ଅସତ୍

କାର୍ଯ୍ୟ କରିଛି, ଏହି ସବୁ ଭେଦ ବୋଧ ରହିବ ହିଁ ରହିବ । ଏ ଭେଦ ବୋଧ ତାଙ୍କରି ମାୟା—ତାଙ୍କ ମାୟାର ସଂସାର ଚଳାଇବା ପାଇଁ ବନ୍ଦୋବସ୍ତ । ବିଦ୍ୟା ମାୟା ଆଶ୍ରୟ କଲେ, ସତ୍‌ପଥ ଧରିଲେ, ତାଙ୍କୁ ଲାଭ କରାଯାଏ । ଯେ ଲାଭ କରେ, ଯେ ଈଶ୍ୱରଙ୍କୁ ଦର୍ଶନ କରେ, ସେ ହିଁ ମାୟା ପାର ହୋଇ ଯାଇପାରେ । **ଈଶ୍ୱରହିଁ ଏକମାତ୍ର କର୍ତ୍ତା ।—ମୁଁ ଅକର୍ତ୍ତା,** ଏ ବିଶ୍ୱାସ ଯାହାର ଅଛି, ସେ **ଜୀବନ୍ମୁକ୍ତ,** ଏ କଥା କେଶବ ସେନଙ୍କୁ କହିଥିଲି ।''

ଗିରିଶ—Free will କିପରି ଆପଣ ଜାଣିଲେ ?

ଡାକ୍ତର—ବିଚାର ଦ୍ୱାରା ନୁହେଁ— ମୁଁ ଅନୁଭବ କରେ ।

ଗିରିଶ—Then I and others feel it to be the reverse. (ଆମେମାନେ ସମସ୍ତେ ଠିକ୍ ଓଲଟା ବୋଧ କରୁଛୁ ଯେ, ଆମେମାନେ ପରତନ୍ତ୍ର ।) (ସମସ୍ତଙ୍କର ହାସ୍ୟ)

ଡାକ୍ତର—କର୍ତ୍ତବ୍ୟ ଭିତରେ ଦୁଇଟା element—(୧) କର୍ତ୍ତବ୍ୟ ବୋଲି କର୍ତ୍ତବ୍ୟ କର୍ମ କରିବାକୁ ଯାଉ (୨) ପରେ ଆନନ୍ଦ ହୁଏ । କିନ୍ତୁ ପ୍ରଥମାବସ୍ଥାରେ ଆନନ୍ଦ ହେବ ବୋଲି ଯାଉ ନାହୁଁ । ପିଲାବେଳେ ଦେଖେ ସନ୍ଦେଶରେ ପିମ୍ପୁଡ଼ି ହେଲେ ପୁରୋହିତ ବଡ଼ ଚିନ୍ତିତ ହୁଏ । ସନ୍ଦେଶ ଚିନ୍ତାକରି ପ୍ରଥମେ ପୁରୋହିତର ଆନନ୍ଦ ହୁଏ ନାହିଁ । (ହାସ୍ୟ) । ପ୍ରଥମରୁ ଖୁବ୍ ବ୍ୟସ୍ତ ।

ମାଷ୍ଟର(ସ୍ୱଗତ)—ପରେ ଆନନ୍ଦ, କି ସଙ୍ଗେ ସଙ୍ଗେ ମନରେ ଆନନ୍ଦ ହୁଏ, କହିବା ବଡ଼ କଷ୍ଟ । ଆନନ୍ଦ ଟାଣରେ କାର୍ଯ୍ୟ ହେଲେ, Free Will କେଉଁଠି ?

## (୫)

## ଅହୈତୁକୀ ଭକ୍ତି—ଶ୍ରୀରାମକୃଷ୍ଣଙ୍କର ଦାସଭାବ

ଶ୍ରୀରାମକୃଷ୍ଣ—ଏ (ଡାକ୍ତର) ଯାହା କହୁଛନ୍ତି, ତାର ନାମ ଅହୈତୁକୀ ଭକ୍ତି । ମନ୍ଦେହ୍ର ସରକାରଙ୍କ ପାଖରୁ ମୁଁ କିଛି ଚାହୁଁ ନାହିଁ—କୌଣସି ପ୍ରୟୋଜନ ନାହିଁ, ମହେନ୍ଦ୍ର ସରକାରଙ୍କୁ ଦେଖିବାକୁ ଭଲ ଲାଗେ, ଏହାର ନାମ ଅହୈତୁକୀ ଭକ୍ତି । ଟିକିଏ ଆନନ୍ଦ ହୁଏ ତ କଅଣ ଆଉ କରିବି ?

''ଅହଲ୍ୟା କହିଥିଲେ; ହେ ରାମ ! ଯଦି ଶୁକର ଯୋନିରେ ଜନ୍ମ ହୁଏ, ସେଥିରେ ମଧ ମୋର ଆପତ୍ତି ନାହିଁ; କିନ୍ତୁ ତୁମ ପାଦପଦ୍ମରେ ଯେପରି ଶୁଦ୍ଧାଭକ୍ତି ରହେ—ମୁଁ ଆଉ କିଛି ଚାହେଁ ନାହିଁ ।

''ରାବଣ ବଧ କଥା ସ୍ମରଣ କରଇବାପାଇଁ ନାରଦ ଅଯୋଧ୍ୟାରେ ରାମଚନ୍ଦ୍ରଙ୍କ ସଙ୍ଗରେ ଦେଖା କରିବାକୁ ଯାଇଥିଲେ । ସେ ସୀତାରାମଙ୍କୁ ଦର୍ଶନ କରି ସ୍ତବ କରିବାକୁ ଲାଗିଲେ । ରାମଚନ୍ଦ୍ର ସ୍ତବରେ ସନ୍ତୁଷ୍ଟ ହୋଇ କହିଲେ,

'ନାରଦ ! ମୁଁ ତୁମ ସ୍ତବରେ ସନ୍ତୁଷ୍ଟ ହୋଇଛି, ତୁମେ କିଛି ବର ନିଅ ।' ନାରଦ କହିଲେ, 'ରାମ ! ଯଦି ମୋତେ ବର ଦେବ, ତେବେ ଏହି ବର ଦିଅ ଯେପରି ତୁମ ପାଦପଦ୍ମରେ ଶୁଦ୍ଧାଭକ୍ତି ରହେ, ଆଉ ଏପରି କର ଯେପରି ତୁମ ଭୁବନ ମୋହିନୀ ମାୟାରେ ମୁଗ୍ଧ ନ ହୁଏ ।' ରାମ କହିଲେ, 'ଆଉ ମଧ କିଛି ବର ନିଅ ।' ନାରଦ କହିଲେ, 'ଆଉ କିଛି ମୋର ଦରକାର ନାହିଁ, କେବଳ ଦରକାର ତୁମ ପାଦପଦ୍ମରେ ଶୁଦ୍ଧାଭକ୍ତି ।'

''ଏହା ଏହିପରି । ଯେପରି ଈଶ୍ୱରଙ୍କୁ କେବଳ ଦେଖିବାକୁ ଚାହେଁ, ଆଉ କିଛି ଧନ, ମାନ, ଦେହସୁଖ କିଛି ହେଲେ ଚାହୁଁ ନାହିଁ । ଏହାରି ନାମ **ଶୁଦ୍ଧାଭକ୍ତି** ।

''ଆନନ୍ଦ ଟିକିଏ ହୁଏ ସତ, କିନ୍ତୁ ବିଷୟ ଆନନ୍ଦ ନୁହେଁ । ଭକ୍ତିର, ପ୍ରେମର ଆନନ୍ଦ । ଶମ୍ଭୁ(ମଲ୍ଲିକ) କହିଥିଲା—ସେତେବେଳେ ମୁଁ ତା'ର ଘରକୁ ପ୍ରାୟ ଯାଉଥିଲି—'ତୁମେ ଏଠାକୁ ଆସ; ଅବଶ୍ୟ ମୋ ସଙ୍ଗରେ ଆଳାପ କରି ଆନନ୍ଦ ପାଅ ସେଥିପାଇଁ ଆସ',—ଏହି ଟିକକ ଆନନ୍ଦ ଅଛି ।

''ତେବେ ଏହା ଉପରେ ଆଉ ଗୋଟିଏ ଅବସ୍ଥା ଅଛି ! ବାଳକ ପରି ଯାଉଛି—କିଛି ଠିକ୍ ନାହିଁ, ହୁଏତ ଗୋଟିଏ ଝିଣ୍ଟିକା ଧରୁଛି !

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ଏହାଙ୍କର(ଡାକ୍ତରଙ୍କର) ମନର ଭାବ କଅଣ ବୁଝିଛ ? ଈଶ୍ୱରଙ୍କୁ ପ୍ରାର୍ଥନା କରାହୁଏ, ହେ ଈଶ୍ୱର ମୋତେ ସତ୍ ଇଚ୍ଛା ଦିଅ ଯେପରି ଅସତ୍ କାର୍ଯ୍ୟରେ ମତି ନ ହୁଏ ।

''ମୋର ମଧ ଏହି ଅବସ୍ଥା ଥିଲା । ଏହାକୁ ଦାସ୍ୟ ଭାବ କହନ୍ତି । ମୁଁ 'ମା' 'ମା' ଡାକି ଏପରି କାନ୍ଦୁଥିଲି ଯେ ଲୋକମାନେ ଜମା ହୋଇଯାଉ ଥିଲେ । ମୋର ଏଇ ଅବସ୍ଥା ପରେ ମୋତେ ପରୀକ୍ଷା କରିବା ପାଇଁ ଏବଂ ମୋର ପାଗଳାମି ଛଡ଼ାଇବା ପାଇଁ ସେମାନେ ଜଣେ ବେଶ୍ୟାକୁ ଆଣି ଘରେ ବସାଇଦେଇ ଗଲେ— ସୁନ୍ଦର, ଚକ୍ଷୁ ଭଲ । ମୁଁ ମା', ମା' ଡାକି ଘରୁ ବାହାରି ଆସିଲି ଆଉ ହଳଧାରୀଙ୍କୁ ଡାକ ଦେଇ କହିଲି ''ଭାଇ ଦେଖିବ ଆସ ଘରକୁ କିଏ ଆସିଛି ।'' ହଳଧାରୀଙ୍କୁ ଏବଂ ଅନ୍ୟ ସବୁ ଲୋକଙ୍କୁ କହିଦେଲି । ଏହି ଅବସ୍ଥାରେ ମା' ମା' ଡାକି କାନ୍ଦୁଥିଲି । କାନ୍ଦି କାନ୍ଦି କହୁଥିଲି, 'ମା ! ରକ୍ଷାକର, ମା ! ମୋତେ ପବିତ୍ର କର; ଯେପରି ସତ୍‌ରୁ ଅସତ୍‌କୁ ମନ ନ ଯାଏ । (ଡାକ୍ତରଙ୍କ ପ୍ରତି) ତୁମର ଏ ଭାବ ବେଶ୍— ଠିକ୍ ଭକ୍ତିଭାବ, ଦାସ ଭାବ ।''

## ଜଗତର ଉପକାର ଓ ସାମାନ୍ୟ ଜୀବ—ନିଷ୍କାମ କର୍ମ ଓ ଶୁଦ୍ଧସତ୍ତ୍ୱ

ଶ୍ରୀରାମକୃଷ୍ଣ—ଯଦି କାହାର ଶୁଦ୍ଧସତ୍ତ୍ୱ(ଗୁଣ) ଆସେ, ସେ କେବଳ ଈଶ୍ୱର ଚିନ୍ତା କରେ, ତାକୁ ଆଉ କିଛି ଭଲ ଲାଗେ ନାହିଁ । କେହି କେହି ପ୍ରାରବ୍ଧ ଗୁଣରେ ଜନ୍ମରୁ ଶୁଦ୍ଧସତ୍ତ୍ୱ ଗୁଣର ଅଧିକାରୀ ହୁଅନ୍ତି । କାମନାଶୂନ୍ୟ ହୋଇ କର୍ମ

କରିବାକୁ ଚେଷ୍ଟା କଲେ,ଶେଷରେ ଶୁଦ୍ଧସତ୍ତ୍ୱ ଲାଭ ହୁଏ । ରଜମିଶ୍ରିତ ସତ୍ତ୍ୱଗୁଣ ରହିଲେ କ୍ରମେ ନାନା ଦିଗକୁ ମନ ଯାଏ, ସେତେବେଳେ ଜଗତର ଉପକାର କରିବି ଏହିସବୁ ଅଭିମାନ ଆସି ଜୁଟେ । ଜଗତର ଉପକାର ଏହି ସମାନ୍ୟ ଜୀବ ପକ୍ଷରେ କରିବା ବଡ଼ କଠିନ । ତେବେ ଯଦି କେହି ଜୀବର ସେବାପାଇଁ କାମନାଶୂନ୍ୟ ହୋଇ କର୍ମ କରେ, ସେଥିରେ ଦୋଷ ନାହିଁ, ଏହାକୁ ନିଷ୍କାମ କର୍ମ କହନ୍ତି । ଏପରି କର୍ମ କରିବାକୁ ଚେଷ୍ଟା କରିବା ଖୁବ୍ ଭଲ । କିନ୍ତୁ ସମସ୍ତେ ପାରନ୍ତି ନାହିଁ । ବଡ଼ କଠିନ । ସମସ୍ତଙ୍କୁ ହିଁ କର୍ମ କରିବାକୁ ହେବ; ଜଣେ ଦୁଇଜଣ କର୍ମତ୍ୟାଗ କରିପାରନ୍ତି । ଜଣେ ଦୁଇଜଣଙ୍କର ଶୁଦ୍ଧସତ୍ତ୍ୱ ଦେଖିବାକୁ ମିଳେ । ଏହି ନିଷ୍କାମ କର୍ମ କରୁ କରୁ ରଜ ମିଶ୍ରିତ ସତ୍ତ୍ୱଗୁଣ କ୍ରମେ ଶୁଦ୍ଧସତ୍ତ୍ୱ ହୋଇଯାଏ ।

"ଶୁଦ୍ଧସତ୍ତ୍ୱ ହେଲାମାତ୍ରେ ଈଶ୍ୱର ଲାଭ ତାଙ୍କ କୃପାରୁ ହୁଏ ।"

"ସାଧାରଣ ଲୋକେ ଏହି ଶୁଦ୍ଧସତ୍ତ୍ୱର ଅବସ୍ଥା ବୁଝିପାରନ୍ତି ନାହିଁ; ହେମ ମୋତେ କହିଥିଲା, କଅଣ ଭଟ୍ଟାଚାର୍ଯ୍ୟ ମହାଶୟ ! ଜଗତରେ ମାନମର୍ଯ୍ୟାଦା ଲାଭ କରିବା ମନୁଷ୍ୟ ଜୀବନରେ ଉଦ୍ଦେଶ୍ୟ, ନା କଅଣ ?

❁❁❁

# ତୃତୀୟ ପରିଚ୍ଛେଦ

## ଶ୍ୟାମପୁକୁର ଘରେ ନରେନ୍ଦ୍ରାଦି ଭକ୍ତମାନଙ୍କ ସଙ୍ଗରେ

## (୧)

### ରୋଗ କାହିଁକି? ନରେନ୍ଦ୍ରଙ୍କୁ ସନ୍ୟାସ–ଉପଦେଶ

ଠାକୁରେ ଶ୍ୟାମପୁକୁର ଘରେ ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ସମୟ ଦଶଟା । ଆଜି ୨୭ ତାରିଖ, ଅକ୍ଟୋବର ୧୮୮୫, ମଙ୍ଗଳବାର, ଆଶ୍ୱିନ କୃଷ୍ଣା ଚତୁର୍ଥୀ, କାର୍ତ୍ତିକ ୧୨ ଦିନ ।

ଠାକୁରେ ନରେନ୍ଦ୍ର, ମଣି ପ୍ରଭୃତିଙ୍କ ସହିତ କଥା କହୁଛନ୍ତି ।

ନରେନ୍ଦ୍ର—ଡାକ୍ତର କାଲି କ'ଣ ଯେ କରି ଗଲା !

ଜଣେ ଭକ୍ତ—ମାଛ ବନିଶୀ ଥୋପ ଗିଳିଥିଲା, ସୂତା ଛିଡ଼ିଗଲା !

ଶ୍ରୀରାମକୃଷ୍ଣ(ସହାସ୍ୟେ)—ମୁଁହରେ କଣ୍ଟା ଅଛି, ମାଛ ମରି ଭାସିଉଠିବ ।

ନରେନ୍ଦ୍ର ଟିକିଏ ବାହାରକୁ ଗଲେ, ପୁଣି ଆସିବେ । ଠାକୁରେ ମଣିଙ୍କ ସହିତ ପୂର୍ଣ୍ଣ ସମ୍ବନ୍ଧରେ କଥା କହୁଛନ୍ତି—

ଶ୍ରୀରାମକୃଷ୍ଣ—ତୁମକୁ କହୁଛି—ଏହିକଥା ସବୁ ଜୀବର ଶୁଣିବା ଠିକ୍ ନୁହେଁ—ପ୍ରକୃତି ଭାବରେ ପୁରୁଷଙ୍କୁ (ଈଶ୍ୱରଙ୍କୁ) ଆଲିଙ୍ଗନ ଓ ଚୁମ୍ବନ କରିବାକୁ ଇଚ୍ଛା ହୁଏ ।

ମଣି—ନାନାପ୍ରକାର ଲୀଳା—ଆପଣଙ୍କ ରୋଗ ମଧ୍ୟ ଲୀଳା ଭିତରେ । ବର୍ତ୍ତମାନ ରୋଗ ହୋଇଛି ବୋଲି ଏଠାକୁ ନୂତନ ନୂତନ ଭକ୍ତ ଆସୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ଭୂପତି କହେ, ରୋଗ ନ ହୋଇ କେବଳ ଘର ଭଡ଼ା କରିଥିଲେ ଲୋକେ କଅଣ କହନ୍ତେ—ଆଚ୍ଛା, ଡାକ୍ତରଙ୍କର କଅଣ ହେଲା ?

ମଣି—ଏଣେ ଦାସ୍ୟ ମାନନ୍ତି—'ମୁଁ ଦାସ ତମେ ପ୍ରଭୁ ।' ପୁଣି କହନ୍ତି ମନୁଷ୍ୟ ଉପମା ଆଣ କାହିଁକି !

ଶ୍ରୀରାମକୃଷ୍ଣ—ଦେଖିଲ ! ଆଜି କଅଣ ତୁମେ ତାଙ୍କ ପାଖକୁ ଯିବ ?

ମଣି—ଯଦି ଖବର ଦେବାକୁ ଥାଏ, ତେବେ ଯିବି ।

ଶ୍ରୀରାମକୃଷ୍ଣ— ବଙ୍କିମ ପିଲାଟି କିପରି ? ଏଠାକୁ ଯଦି ଆସି ନପାରେ, ତାହାହେଲେ ତୁମେ ତାକୁ ସବୁ କଥା କହିବ ।—ତାର ଚୈତନ୍ୟ ହେବ ।

## ଆଗେ ସଂସାରର ବନ୍ଦୋବସ୍ତ, ନା ଈଶ୍ୱର?

## କେଶବ ଓ ନରେନ୍ଦ୍ରଙ୍କୁ ଇଙ୍ଗିତ

ନରେନ୍ଦ୍ର ଆସି ପାଖରେ ବସିଲେ । ପିତାଙ୍କ ପରଲୋକପ୍ରାପ୍ତି ପରେ ନରେନ୍ଦ୍ର ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି । ମା ଓ ଭାଇମାନେ ଅଛନ୍ତି, ସେମାନଙ୍କର ଭରଣ ପୋଷଣ କରିବାକୁ ହେବ । ନରେନ୍ଦ୍ର ଆଇନ ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଉଛନ୍ତି । ଇତିମଧ୍ୟରେ ବିଦ୍ୟାସାଗରଙ୍କ ବହୁବଜାର ସ୍କୁଲରେ କେତେ ମାସ ଶିକ୍ଷକତା କରିଥିଲେ । ଘର ଚଳିବାର ବନ୍ଦୋବସ୍ତ କରିଦେଇ ନିଶ୍ଚିନ୍ତ ହେବେ—ଏହି ଚେଷ୍ଟା କରୁଛନ୍ତି । ଠାକୁର ସମସ୍ତ ଅବଗତ ଅଛନ୍ତି—ନରେନ୍ଦ୍ରଙ୍କୁ ସ୍ନେହ ଦୃଷ୍ଟିରେ ଦେଖୁଅଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କୁ)—ଆଚ୍ଛା, କେଶବ ସେନଙ୍କୁ କହିଲି,—ଯଦୃଚ୍ଛାଲାଭ । ଯେ ବଡ଼ ଘର ପିଲା, ତାହାର ଖାଇବା ପିଇବା ଚିନ୍ତା ନ ଥାଏ—ସେ ମାସକୁ ମାସ ଭତ୍ତା ପାଏ । ତେବେ ନରେନ୍ଦ୍ର ଏତେ ଉଚ୍ଚ ସ୍ତରର, ତଥାପି ହୁଏ ନାହିଁ କାହିଁକି ? ଭଗବାନଙ୍କଠାରେ ମନ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କଲେ ତ ସେ ସବୁ କରିବେ !

ମାଷ୍ଟର— ଆଜ୍ଞା ହେବ, ବର୍ତ୍ତମାନ ମଧ୍ୟ ସବୁ ସମୟ ଯାଇନାହିଁ ।

ଶ୍ରୀରାମକୃଷ୍ଣ—କିନ୍ତୁ ତୀବ୍ର ବୈରାଗ୍ୟ ହେଲେ ସେସବୁ ହିସାବ ରହେନାହିଁ । 'ଘରର ସବୁ ବନ୍ଦୋବସ୍ତ କରିଦେବି, ତାପରେ ସାଧନା କରିବି'—ତୀବ୍ର ବୈରାଗ୍ୟ ହେଲେ ଏପରି ମନେ ହୁଏ ନାହିଁ । (ସହାସ୍ୟେ) ଗୋସାଇଁ ଲେକ୍‌ଚର ଦେଇଥିଲେ । ସେ କହିଲେ, ଦଶହଜାର ଟଙ୍କା ହେଲେ ସେଥିରେ ଖାଇବା ପିଇବା ଚଳିବ—ସେତେବେଳେ ନିଶ୍ଚିନ୍ତହୋଇ ଈଶ୍ୱରଚିନ୍ତା କରାଯାଇ ପାରିବ ।

''କେଶବ ସେନ୍ ମଧ ଏହିପରି କହିଥିଲେ । କହିଲେ—ମହାଶୟ, ଯଦି କେହି ସଂସାରକୁ ଠିକ୍ ଠାକ୍ କରି ଈଶ୍ୱର ଚିନ୍ତା କରେ—ତାହା ପାରେ କି ନାହିଁ ? ସେଥିରେ ତାହାର କିଛି ଦୋଷ ହେବ କି ?

''ମୁଁ କହିଲି, ତୀବ୍ର ବୈରାଗ୍ୟ ହେଲେ ସଂସାର କୂପ ସଦୃଶ ଓ ଆତ୍ମୀୟଗଣ କାଳ ସର୍ପ ସଦୃଶ ବୋଧ ହୁଅନ୍ତି । ସେତେବେଳେ, 'ଟଙ୍କା ଜମାଇବି, ବିଷୟ ଠିକ୍ ଠାକ୍ କରିବି ଏସବୁ ହିସାବ ଆସେ ନାହିଁ । **ଈଶ୍ୱରହିଁ ବସ୍ତୁ ଆଉ ସବୁ ଅବସ୍ତୁ !**—ଈଶ୍ୱରଙ୍କୁ ଛାଡ଼ି ବିଷୟ ଚିନ୍ତା !

''ଜଣେ ସ୍ତ୍ରୀଲୋକର ବଡ଼ ଶୋକ ହୋଇ ଥିଲା । ପ୍ରଥମେ ନୋଥଟାକୁ ଲୁଗା କାନିରେ ବାନ୍ଧିଲା,—ତା'ପରେ 'ଆହେ! ମୋର ଏ କଅଣ ହେଲା !' କହି କଚାଡ଼ି ହୋଇ ତଳେ ପଡ଼ିଲା— କିନ୍ତୁ ଖୁବ୍ ସାବଧାନ, ନୋଥଟା ଯେପରି ଭାଙ୍ଗି ନଯାଏ ।

ସମସ୍ତେ ହସୁଛନ୍ତି ।

ନରେନ୍ଦ୍ର ଏହିସବୁ କଥା ଶୁଣି ବାଣବିଦ୍ଧ ହେବାପରି ଅନୁଭବ କରି ଶୋଇପଡ଼ିଲେ । ତାଙ୍କ ମନର ଅବସ୍ଥା ବୁଝି ମାଷ୍ଟର (ନରେନ୍ଦ୍ରଙ୍କ ପ୍ରତି, ସହାସ୍ୟେ)—ଶୋଇପଡ଼ିଲ ଯେ !

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି ସହାସ୍ୟେ)—'ମୁଁ ତ ନିଜର ଦେଢ଼ଶୁରକୁ ନେଇଅଛି, ସେଥିପାଇଁ ଲଜ୍ଜାରେ ମରୁଛି, ଏମାନେ ସବୁ (ଅନ୍ୟ ସ୍ତ୍ରୀଲୋକମାନେ) ପରପୁରୁଷକୁ ନେଇ କିପରି ରହନ୍ତି !'

ମାଷ୍ଟର ନିଜେ ସଂସାରରେ ଅଛନ୍ତି, ଲଜ୍ଜିତ ହେବା ଉଚିତ୍ । ନିଜର ଦୋଷ କେହି ଦେଖନ୍ତି ନାହିଁ—ପରର ଦେଖନ୍ତି । ଠାକୁରେ ଏହି କଥା କହୁଛନ୍ତି । ଜଣେ ସ୍ତ୍ରୀଲୋକର ଦେଢ଼ଶୁର ସଙ୍ଗରେ ଖରାପ ସମ୍ପର୍କ ଥିଲା । ସେ ନିଜର ଦୋଷ କମ୍ ଓ ଅନ୍ୟ ନଷ୍ଟା ସ୍ତ୍ରୀଲୋକମାନଙ୍କ ଦୋଷ ବେଶୀ ବୋଲି ମନେକରି କହୁଥିଲା ଯେ, 'ଦେଢ଼ଶୁର ତ ଆପଣାର ଲୋକ, ସେଇଥିରେ ଲଜ୍ଜାରେ ମରୁଛି !'

### [ମୁକ୍ତ ହସ୍ତ କିଏ? ଚାକିରିଆ ଓ ଖୋସାମଦିଆ ଲୋକମାନଙ୍କର ଟଙ୍କାରେ ବେଶି ମାୟା ]

ତଳେ ଜଣେ ବୈଷ୍ଣବ ଗୀତ ଗାଉଥିଲା । ଠାକୁରେ ଶୁଣି ଅତିଶୟ ଆନନ୍ଦିତ ହେଲେ । ବୈଷ୍ଣବଙ୍କୁ କିଛି ପଇସା ଦେବାକୁ କହିଲେ । ଜଣେ ଭକ୍ତ କିଛି ଦେବାକୁ ଗଲେ । ଠାକୁରେ ପ୍ରଶ୍ନ କରୁଛନ୍ତି, 'କଅଣ ଦେଲ?' ଜଣେ ଭକ୍ତ କହିଲେ ସେ ଦୁଇ ପଇସା ଦେଇଛନ୍ତି ।

ଠାକୁରେ କହୁଛନ୍ତି — 'ଚାକିରି କରିବା ଟଙ୍କା କି ନା ! — ଅନେକ କଷ୍ଟର ଟଙ୍କା — ଖୋସାମଦର ଟଙ୍କା ! ମନେ କରିଥିଲି, ଚାରିଅଣା ଦେବେ !'

### Electricity ଓ ବାଗ୍‌ଚୀଙ୍କ ଚିତ୍ରିତ ଷଡ଼୍‌ଭୁଜ ଓ ରାମଚନ୍ଦ୍ରଙ୍କର ଆଲେଖ୍ୟ ଦର୍ଶନ — ପୂର୍ବକଥା — ଦକ୍ଷିଣେଶ୍ୱରରେ ଦୀର୍ଘକେଶ ସନ୍ନ୍ୟାସୀ

ଛୋଟ ନରେନ୍ ଠାକୁରଙ୍କୁ ଯନ୍ତ୍ର ଆଣି ବିଦ୍ୟୁତ୍‌ଶକ୍ତିର ପ୍ରକୃତି ଦେଖାଇବେ କହିଥିଲେ । ଆଜି ଆଣି ଦେଖାଇଲେ ।

ସମୟ ଦୁଇଟା । ଠାକୁରେ ଭକ୍ତଙ୍କ ସଙ୍ଗରେ ବସିଛନ୍ତି । ଅତୁଳ ଜଣେ ଭକ୍ତ ମୁନ୍‌ସିଫ୍‌ଙ୍କୁ ଆଣିଛନ୍ତି । ଶିକ୍‌ଦାରପଡ଼ାର ପ୍ରସିଦ୍ଧ ଚିତ୍ରକର ବାଗ୍‌ଚୀ ଆସିଛନ୍ତି । କେତେଖଣ୍ଡ ଚିତ୍ର ଠାକୁରଙ୍କୁ ଉପହାର ଦେଲେ ।

ଠାକୁରେ ଆନନ୍ଦରେ ସହିତ ଚିତ୍ର ଦେଖୁଛନ୍ତି । ଷଡ଼୍‌ଭୁଜ ମୂର୍ତ୍ତି ଦର୍ଶନ କରି ଭକ୍ତମାନଙ୍କୁ କହୁଛନ୍ତି — 'ଦେଖ ଦେଖ, କିପରି ହୋଇଛି !'

ଭକ୍ତମାନଙ୍କୁ ପୁଣି ଦେଖାଇବା ପାଇଁ 'ଅହଲ୍ୟା ପାଷାଣୀର ଚିତ୍ର' ଆଣିବାକୁ କହିଲେ । ଚିତ୍ରରେ ଶ୍ରୀରାମଚନ୍ଦ୍ରଙ୍କୁ ଦେଖି ଆନନ୍ଦିତ ହେଉଛନ୍ତି ।

ଶ୍ରୀଯୁକ୍ତ ବାଗ୍‌ଚୀଙ୍କର ସ୍ତ୍ରୀଲୋକମାନଙ୍କ ପରି ଲମ୍ବା ବାଳ । ଠାକୁର କହୁଛନ୍ତି, "ଅନେକଦିନ ହେଲାଣି ଦକ୍ଷିଣେଶ୍ୱରରେ ଜଣେ ସନ୍ନ୍ୟାସୀ ଦେଖିଥିଲି । ନଅ ହାତ ଲମ୍ବା ବାଳ । ସନ୍ନ୍ୟାସୀଟି ରାଧେ ରାଧେ, ଜପୁଥିଲେ'। ତାଙ୍କର ଛଳନା ନଥିଲା ।

କିୟତ୍‌କ୍ଷଣ ପରେ ନରେନ୍ଦ୍ର ଗୀତ ଗାଉଛନ୍ତି । ଗୀତ ଗୁଡ଼ିକ ବୈରାଗ୍ୟ ଭାବପୂର୍ଣ୍ଣ । ଠାକୁରଙ୍କ ମୁଖରୁ ତୀବ୍ର ବୈରାଗ୍ୟର କଥା ଓ ସନ୍ନ୍ୟାସର ଉପଦେଶ ଶୁଣି କଅଣ ନରେନ୍ଦ୍ରଙ୍କର ଉଦ୍ଦୀପନ ହେଲା? ନରେନ୍ଦ୍ରଙ୍କର ଗୀତ —

(୧) ଯିବ କି ହେ ଦିନ ମୋର ବିଫଳେ ଚାଲି,
(୨) ଅନ୍ତରେ ଜାଗିଛ ମା ଅନ୍ତରଯାମିନୀ ।

(୩) କି ସୁଖ ଜୀବନେ ମମ ହେ ନାଥ ଦୟାମୟ ହେ, ଯଦି ଚରଣ-ସରୋଜେ, ପରାଣ-ମଧୁପ, ଚିର ମଗନ ନ ରହେ ହେ !

(୨)

## ଭଜନାନନ୍ଦ—ସମାଧି ଅବସ୍ଥା

୨୭ ତାରିଖ ଅକ୍ଟୋବର ୧୮୮୫, ମଙ୍ଗଳବାର, ଦିନ ସାଢ଼େ ପାଞ୍ଚଟା । ଆଜି ନରେନ୍ଦ୍ର, ଡାକ୍ତର ସରକାର, ଶ୍ୟାମ ବସୁ, ଗିରିଶ, ଡାକ୍ତର ଦୋକଡ଼ି, ଛୋଟ ନରେନ୍ଦ୍ର, ରାଖାଲ, ମାଷ୍ଟର ପ୍ରଭୃତି ଅନେକ ଉପସ୍ଥିତ । ଡାକ୍ତର ଆସି ହାତ ଦେଖିଲେ ଓ ଔଷଧର ବ୍ୟବସ୍ଥା କଲେ ।

ରୋଗ ସମ୍ବନ୍ଧୀୟ କଥା ଓ ଶ୍ରୀରାମକୃଷ୍ଣଙ୍କର ଔଷଧ ସେବନ ପରେ ଡାକ୍ତର କହିଲେ, 'ତେବେ ଶ୍ୟାମବାବୁଙ୍କ ସଙ୍ଗରେ ତୁମେ କଥା କହ, ମୁଁ ଆସୁଛି ।'

ଶ୍ରୀରାମକୃଷ୍ଣ ଓ ଜଣେ ଭକ୍ତ କହିଲେ 'ଗୀତ ଶୁଣିବେ ?'

ଡାକ୍ତର—ତୁମେ ଯେ ଗୀତ ଶୁଣି ନାଚିବାକୁ ଆରମ୍ଭ କର ! ଭାବ ଚାପି ରଖିବାକୁ ହେବ ।

ଡାକ୍ତର ପୁଣି ବସିଲେ । ସେତେବେଳେ ନରେନ୍ଦ୍ର ମଧୁର କଣ୍ଠରେ ଗୀତ ଗାଉଛନ୍ତି, ତାହା ସାଙ୍ଗରେ ତାନପୁରା ଓ ମୃଦଙ୍ଗ ଘନ ଘନ ବାଜୁଅଛି ।

ଗାଉଛନ୍ତି—

(୧) ଚମତ୍କାର ଅପାର ଜଗତ ରଚନା ତୁମର,
ଶୋଭାର ଆଗାର ବିଶ୍ୱ ସଂସାର ।
ଅୟୁତ ତାରକା ଚମକେ ରତନ-କାଞ୍ଚନ-ହାର,
କେତେ ଚନ୍ଦ୍ର କେତେ ସୂର୍ଯ୍ୟ ନାହିଁ ଅନ୍ତ ତାର ।
ଶୋଭେ ବସୁନ୍ଧରା ଧନଧାନ୍ୟମୟ, ହାୟ, ପୂର୍ଣ୍ଣ ତୁମର ଭଣ୍ଡାର
ହେ ମହେଶ, ଅଗଣନ ଲୋକ ଗାଏ ଧନ୍ୟ ଧନ୍ୟ ଏଇ ଗୀତି ଅନିବାର ।

(୨) ନିବିଡ଼ ଅନ୍ଧାରେ ମା ଚମକେ ତୋ ରୂପରାଶି ।
ତେଣୁ ଯୋଗୀ ଧ୍ୟାନ କରେ ହୋଇ ଗିରି ଗୁହାବାସୀ ।
ଅନନ୍ତ ଅନ୍ଧାର କୋଳେ, ମହାନିର୍ବାଣ ହିଲ୍ଲୋଳେ,
ଚିରଶାନ୍ତି ପରିମଳ, ଅବିରତ ଯାଏ ଭାସି ।
ମହାକାଳ ରୂପଧରି, ଅନ୍ଧାର ବସନ ପିନ୍ଧି,
ସମାଧି ମନ୍ଦିରେ ମା କିଏ ତୁମେ ଏକା ବସି;
ଅଭୟ ପଦକମଳେ, ପ୍ରେମର ବିଜୁଳୀ ଜଳେ,
ଶୋଭେ ଅଟ୍ଟ ଅଟ୍ଟହାସ ଚିନ୍ମୟ ମୁଖମଣ୍ଡଳେ ।

ଡାକ୍ତର ମାଷ୍ଟରଙ୍କୁ କହିଲେ, "It is dangerous to him !" (ଏ ଗୀତ ଠାକୁରଙ୍କ ପକ୍ଷରେ ଭଲ ନୁହେଁ, ଭାବ ହେଲେ ଅନର୍ଥ ଘଟିପାରେ)।

ଶ୍ରୀରାମକୃଷ୍ଣ ମାଷ୍ଟରଙ୍କୁ ପ୍ରଶ୍ନ କଲେ, କ'ଣ କହୁଛନ୍ତି ? ସେ ଉତ୍ତର ଦେଲେ, "ଡାକ୍ତର ଭୟ କରୁଛନ୍ତି, କାଳେ ଆପଣଙ୍କର ଭାବ ସମାଧି ହେବ।" ମା' କହୁ କହୁ ଶ୍ରୀରାମକୃଷ୍ଣ ଟିକିଏ ଭାବସ୍ଥ ହୋଇଛନ୍ତି; ଡାକ୍ତରଙ୍କ ମୁଖକୁ ଅନାଇ କରଯୋଡ଼ି କହୁଛନ୍ତି "ନା, ନା, କାହିଁକି ଭାବ ହେବ ?" କିନ୍ତୁ କହୁ କହୁ ସେ ଗଭୀର ଭାବ ସମାଧିରେ ମଗ୍ନ ହେଲେ ! ଶରୀର ସ୍ପନ୍ଦନହୀନ, ନୟନ ସ୍ଥିର ! ଅବାକ୍। କାଷ୍ଠ ପୁତଳିକା ପରି ଉପବିଷ୍ଟ। ବାହ୍ୟଜ୍ଞାନ ଶୂନ୍ୟ। ମନ ବୁଦ୍ଧି ଅହଙ୍କାର ଚିତ୍ତ ସମସ୍ତ ଅନ୍ତର୍ମୁଖ। ଆଉ ସେ ମନୁଷ୍ୟ ନୁହଁନ୍ତି। ନରେନ୍ଦ୍ରଙ୍କ ମଧୁର କଣ୍ଠରେ ମଧୁର ଗୀତ ଚାଲୁଛି—

କି ସୁନ୍ଦର ଶୋଭା, କି ଆନନ୍ଦ ତବ ମୁଖ ଚାହିଁ।
ଆଜି ମୋର ଘରେ ଆସିଲ ହୃଦୟନାଥ; ପ୍ରେମ ଉତ୍ସ ଉଚ୍ଛୁଳିଲା ଆଜି।
କୁହ ପ୍ରେମମୟ ହୃଦୟର ସ୍ୱାମୀ, କି ଧନ ତୁମକୁ ଦେବି ଉପହାର?
ହୃଦୟ ପ୍ରାଣ ନିଅ ନିଅ ଦେବ
ଯାହା କିଛି ଅଛି, ସକଳ ନିଅ ହେ ନାଥ।
ଗୀତ— କି ସୁଖ ଜୀବନେ ମମ ହେ ନାଥ, ଦୟାମୟ ହେ,
ଯଦି ଚରଣ-ସରୋଜେ ପରାଣ ମଧୁପ ଚିରମଗନ ନ ରହେ
ଅଗଣନ ଧନରାଶି କିବା ଫଳୋଦୟ ହେ,
ଯଦି ଲଭିଣ ସେ ଧନ, ପରମ ରତନ ଯତନ ନ କର ହେ।
ସୁକୁମାର କୁମାର ମୁଖ ଦେଖିବାକୁ ନ ଚାହେଁ ହେ,
ଯଦି ସେ ଚନ୍ଦ୍ର ବଦନେ ତବ ପ୍ରେମ-ମୁଖ ଦେଖି ନ ପାରେ ହେ।
କି ଛାର ଶଶାଙ୍କ ଜ୍ୟୋତିଃ ଦେଖେ ଅନ୍ଧାରମୟ ହେ,
ଯଦି ସେ ଚାନ୍ଦ ପ୍ରକାଶେ ତବ ପ୍ରେମ ଚାନ୍ଦ ନ ହୁଏ ଉଦୟ ହେ।
ସତୀର ପବିତ୍ର ପ୍ରେମ, ମଳିନତାମୟ ହେ,
ଯଦି ସେ ପ୍ରେମ କନକେ, ତବ ପ୍ରେମମଣି ଜଡ଼ିତ ନ ରହେ ହେ।
ତୀକ୍ଷ୍ଣ ବିଷା ବ୍ୟାଳ ସମ ସତତ ଦଂଶଇ ହେ,
ଯଦି ମୋହ ପରମାଦେ, ନାଥ ତୁମକୁ ଘଟାଏ ସଂଶୟ ହେ।
କିବା ଆଉ କହିବି ନାଥ, କହିବି ତୁମକୁ ହେ;
ତୁମେ ମୋର ହୃଦୟ ରତନମଣି ଆନନ୍ଦ ନିଳୟ ହେ।

"ସତୀର ପବିତ୍ର ପ୍ରେମ" ଗୀତର ଏହି ଅଂଶ ଶୁଣୁ ଶୁଣୁ ଡାକ୍ତର ଅଶ୍ରୁପୂର୍ଣ୍ଣ ଲୋଚନରେ କହି ଉଠିଲେ, ଆହା ! ଆହା !

ନରେନ୍ଦ୍ର ପୁଣି ଗାଇଲେ—

କେତେ ଦିନେ ହେବ ସେ ପ୍ରେମ ସଞ୍ଚାର ।
ହୋଇ ପୂର୍ଣ୍ଣକାମ ଗାଇବି ହରିନାମ, ନୟନୁ ବହିବ ପ୍ରେମ ଅଶ୍ରୁଧାର ॥
କେବେ ହେବ ମୋର ଶୁଦ୍ଧ ପ୍ରାଣମନ, କେବେ ଯିବି ମୁହିଁ ପ୍ରେମ ବୃନ୍ଦାବନ,
ସଂସାର ବନ୍ଧନ ହୋଇବ ମୋଚନ, ଜ୍ଞାନାଞ୍ଜନେ ଯିବ ଲୋଚନ ଅନ୍ଧାର ।
କେବେ ପରଶମଣି କରି ସ୍ପରଶନ, ଲୌହମୟ ଦେହ ହୋଇବ କାଞ୍ଚନ
ହରିମୟ ବିଶ୍ୱ କରିବି ଦର୍ଶନ, ଲୋଟିଯିବି ଭକ୍ତିପଥେ ଅନିବାର ।
(ହାୟ)କେବେ ଯିବ ମୋର ଧରମ କରମ, କେବେ ଯିବ ଜାତି କୁଳର ଭରମ,
କେବେ ଯିବ ଭୟ ଭାବନା ସରମ, ପରିହରି ଅଭିମାନ ଲୋକାଚାର ।
ମାଖି ସର୍ବ ଅଙ୍ଗେ ଭକ୍ତ ପଦଧୂଳି, କାନ୍ଧେ ନେଇ ଚିର ବୈରାଗ୍ୟର ଝୁଲି,
ପିଇବି ପ୍ରେମବାରି ଦୁଇହାତେ ଢ଼ାଳି, ଅଞ୍ଜଳି ଅଞ୍ଜଳି ପ୍ରେମ ଯମୁନାର ।
ପ୍ରେମେ ପାଗଲ ହୋଇ ହସିବି କାନ୍ଦିବି ସଚ୍ଚିଦାନନ୍ଦ ସାଗରେ ଭାସିବି,
ନିଜେ ମାତି ସକଳେ ମତାଇବି, ହରିପଦେ ନିତ୍ୟ କରିବି ବିହାର ।

## (୩)

## ଜ୍ଞାନ ଓ ବିଜ୍ଞାନ ବିଚାରରେ—ବ୍ରହ୍ମ ଦର୍ଶନ

ଇତି ମଧରେ ଠାକୁର ଶ୍ରୀରାମକୃଷ୍ଣ ବାହ୍ୟସଂଜ୍ଞା ଲାଭ କରିଛନ୍ତି । ଗୀତ ସମାପ୍ତ ହେଲା । ସେତେବେଳେ ପଣ୍ଡିତ ଓ ମୂର୍ଖର—ବାଳକ ଓ ବୃଦ୍ଧର—ପୁରୁଷ ଓ ସ୍ତ୍ରୀର—ଅପାମର ସାଧାରଣଙ୍କର ସେହି ମନୋମୁଗ୍ଧକାରି କଥା ହେବାକୁ ଲାଗିଲା । ସଭାସ୍ଥ ସମସ୍ତ ଲୋକ ନିସ୍ତବ୍ଧ ! ସମସ୍ତେ ସେହି ମୁଖ ଆଡ଼କୁ ଚାହିଁ ରହିଛନ୍ତି । ବର୍ତ୍ତମାନ ସେହି କଠିନ ରୋଗ କେଉଁଠି ? ମୁଖ ବର୍ତ୍ତମାନ ମଧ ଯେପରି ପ୍ରସ୍ଫୁଟିତ ପଦ୍ମ—ଯେପରିକି ଐଶ୍ୱରୀକ ଜ୍ୟୋତିଃ, ବହିର୍ଗତ ହେଉଛି । ସେତେବେଳେ ସେ ଡାକ୍ତରଙ୍କୁ ସମ୍ବୋଧନ କରି କହୁଛନ୍ତି, "ଲଜ୍ଜା ତ୍ୟାଗ କର, ଈଶ୍ୱରଙ୍କ ନାମ କରିବ, ସେଥିରେ ପୁଣି ଲଜ୍ଜା କଅଣ ? ଲଜ୍ଜା, ଘୃଣା, ଭୟ ରହିବା ଠିକ୍ ନୁହେଁ । ମୁଁ ଏତେବଡ଼ ଲୋକ, ମୁଁ ହରି ହରି କହି ନାଚିବି ? ବଡ଼ ବଡ଼ ଲୋକ ଏକଥା ଶୁଣିଲେ ମୋତେ କଅଣ କହିବେ ! ଯଦି କହନ୍ତି, 'ହଇହେ, ଡାକ୍ତରଟା ହରି ହରି କହି ନାଚୁଛି ! ଲଜ୍ଜାର କଥା !' ଏସବୁ ଭାବ ତ୍ୟାଗ କର ।"

ଡାକ୍ତର—ମୋର ସେ ଆଡ଼କୁ ମନ ନାହିଁ; ଲୋକେ କଅଣ କହିବେ, ମୁଁ ସେଥିପାଇଁ ଚିନ୍ତା କରେ ନା ।

ଶ୍ରୀରାମକୃଷ୍ଣ—ତୁମର ସେଇଟି ବେଶ୍ ଅଛି । (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ—ଦେଖ, ଜ୍ଞାନ-ଅଜ୍ଞାନ ପାର ହୁଅ ତେବେ ତାଙ୍କୁ ଜାଣି ପାରିବ । ନାନା ଜ୍ଞାନର ନାମ ଅଜ୍ଞାନ । ପାଣ୍ଡିତ୍ୟର ଅହଂକାର ମଧ ଅଜ୍ଞାନ ।

ଏକ ଈଶ୍ୱର ସର୍ବଭୂତରେ ଅଛନ୍ତି, ଏହି ନିଶ୍ଚୟାତ୍ମିକା ବୁଦ୍ଧିର ନାମ ଜ୍ଞାନ । ତାଙ୍କୁ ବିଶେଷ ରୂପରେ ଜାଣିବାର ନାମ ବିଜ୍ଞାନ । ପାଦରେ କଣ୍ଟା ଫୁଟିଛି, ସେ କଣ୍ଟାଟି କାଢ଼ିବା ପାଇଁ ଆଉ ଗୋଟିଏ କଣ୍ଟାର ପ୍ରୟୋଜନ । କଣ୍ଟାଟି କାଢ଼ିବା ପରେ ଉଭୟ କଣ୍ଟା ଫିଙ୍ଗିଦିଆଯାଏ । ପ୍ରଥମେ ଅଜ୍ଞାନ କଣ୍ଟା ଦୂର କରିବା ପାଇଁ ଜ୍ଞାନ କଣ୍ଟାଟି ଆଣିବାକୁ ହୁଏ । ତାହାପରେ ଜ୍ଞାନ-ଅଜ୍ଞାନ ଉଭୟକୁ ହିଁ ପକାଇ ଦେବାକୁ ହୁଏ । ସେ ଯେ ଜ୍ଞାନ ଅଜ୍ଞାନର ପରପାରିରେ । ଲକ୍ଷ୍ମଣ କହିଥିଲେ, ରାମ ! ଏ କି ଆଶ୍ଚର୍ଯ୍ୟ ! ଏତେବଡ଼ ଜ୍ଞାନୀ ସ୍ୱୟଂ ବଶିଷ୍ଠ ଦେବ ପୁତ୍ରଶୋକରେ ଅଧୀର ହୋଇ କାନ୍ଦିଥିଲେ ! ରାମ କହିଲେ, ଭାଇ, ଯାହାର ଜ୍ଞାନ ଅଛି, ତାହାର ଅଜ୍ଞାନ ମଧ୍ୟ ଅଛି । ଯାହାର ଏକ ଜ୍ଞାନ ଅଛି, ତାହାର ଅନେକ ଜ୍ଞାନ ମଧ୍ୟ ଅଛି । ଯାହାର ଆଲୋକ ବୋଧ ଅଛି ତାହାର ଅନ୍ଧକାର ବୋଧ ମଧ୍ୟ ଅଛି । ବ୍ରହ୍ମଜ୍ଞାନ—ଅଜ୍ଞାନର ପରପାରିରେ, ପାପ ପୁଣ୍ୟର ପରପାରିରେ, ଧର୍ମାଧର୍ମର ପରପାରିରେ ଶୁଚି ଅଶୁଚିର ପରପାରିରେ, ଏହା କହି ଶ୍ରୀରାମକୃଷ୍ଣ ରାମପ୍ରସାଦର ଗୀତ ଆବୃତ୍ତି କରି କହୁଛନ୍ତି—

ଆସ ମନ ବୁଲିଯିବା
କାଳୀ କଳ୍ପତରୁ ମୂଳେ ଚତୁର୍ବର୍ଗ ଫଳ ପାଇବା ॥

### ଅବାଙ୍‌ମନସୋଗୋଚରମ୍—ବ୍ରହ୍ମସ୍ୱରୂପ ବୁଝାଇ ହୁଏ ନାହିଁ

ଶ୍ୟାମବସୁ—ଦୁଇଟି କଣ୍ଟା ପକାଇ ଦେବାପରେ କଅଣ ରହିବ ?

ଶ୍ରୀରାମକୃଷ୍ଣ—**ନିତ୍ୟଶୁଦ୍ଧବୋଧରୂପମ୍** । ତାହା ତୁମକୁ କିପରି ବୁଝାଇବି ? ଯଦି କେହି ପ୍ରଶ୍ନ କରେ, 'ଘିଅ କିପରି ଖାଇଲ ?' ତାହାକୁ ବର୍ତ୍ତମାନ କିପରି ବୁଝାଇବି ? ଅତି ବେଶିରେ, 'କିପରି ଘିଅ, ନା ଯେପରି ଘିଅ ।' ଗୋଟିଏ କନ୍ୟାକୁ ତାହାରଜଣେ ସଙ୍ଗୀ ପ୍ରଶ୍ନ କରିଥିଲା, ତୋର ସ୍ୱାମୀ ଆସିଛି, ଆଚ୍ଛା ସ୍ୱାମୀ ଆସିଲେ କିପରି ଆନନ୍ଦ ହୁଏ ? କନ୍ୟାଟି କହିଲା, 'ଭଉଣୀ ତୋର ସ୍ୱାମୀ ହେଲେ ତୁ ଜାଣିବୁ; ବର୍ତ୍ତମାନ ତୋତେ କିପରି ବୁଝାଇବି ।' ପୁରାଣରେ ଅଛି ଭଗବତୀ ଯେତେବେଳେ ହିମାଳୟଙ୍କ ଘରେ ଜନ୍ମ ଗ୍ରହଣ କଲେ, ସେତେବେଳେ ତାଙ୍କୁ ମା ନାନା ରୂପରେ ଦର୍ଶନ ଦେଲେ । ଗିରିରାଜ ସବୁ ରୂପ ଦର୍ଶନ କରି ଶେଷରେ ଭଗବତୀଙ୍କୁ କହିଲେ, ମା ବେଦରେ ଯେଉଁ ବ୍ରହ୍ମର କଥା ଅଛି, ଏଥର ମୋର ଯେପରି ସେହି ବ୍ରହ୍ମ ଦର୍ଶନ ହୁଏ । ସେତେବେଳେ ଭଗବତୀ କହିଲେ, ବାବା ବ୍ରହ୍ମ ଦର୍ଶନ ଯଦି କରିବାକୁ ଚାହଁ, ତେବେ ସାଧୁସଙ୍ଗ କର ।

ବ୍ରହ୍ମ କି ଜିନିଷ—ମୁହଁରେ କୁହାଯାଏ ନାହିଁ । ଜଣେ କହିଥିଲା—ସବୁ ଉଚ୍ଛିଷ୍ଟ ହୋଇଛି, କେବଳ ବ୍ରହ୍ମ ଉଚ୍ଛିଷ୍ଟ ହୋଇନାହିଁ । ଏହାର ମାନେ ଏହି ଯେ, ବେଦ, ପୁରାଣ, ତନ୍ତ୍ର ଆଉ ସବୁ ଶାସ୍ତ୍ର, ମୁହଁରେ ଉଚ୍ଚାରଣ ହେବାରେ

ଉଚ୍ଛିଷ୍ଟ ହୋଇଛି କୁହାଯାଇପାରେ; କିନ୍ତୁ ବ୍ରହ୍ମ ଯେ କି ବସ୍ତୁ କେହି ଏପର୍ଯ୍ୟନ୍ତ ମୁହଁରେ କହିପାରି ନାହିଁ । ସେଥିପାଇଁ ବ୍ରହ୍ମ ଏପର୍ଯ୍ୟନ୍ତ ଉଚ୍ଛିଷ୍ଟ ହୋଇନାହିଁ । ଆଉ ସଚ୍ଚିଦାନନ୍ଦଙ୍କ ସଙ୍ଗରେ କ୍ରୀଡ଼ା, ରମଣ—ଯେ କିପରି ଆନନ୍ଦପ୍ରଦ ତାହା ମୁହଁରେ କହିହୁଏ ନାହିଁ, ଯାହାର ହୋଇଛି ସେ ଜାଣେ ।

## (୪)

## ପାଣ୍ଡିତ୍ୟର ଅହଂକାର— ପାପ ଓ ପୂଣ୍ୟ

ଠାକୁର ଶ୍ରୀରାମକୃଷ୍ଣ ପୁଣି ଡାକ୍ତରଙ୍କୁ ସମ୍ବୋଧନ କରି କହିଲେ, ''ଦେଖ, ଅହଙ୍କାର ନ ଗଲେ ଜ୍ଞାନ ହୁଏନାହିଁ । 'ମୁକ୍ତ ହେବ କେବେ, ''ମୁଁ'' ଯିବ ଯେବେ ।' 'ମୁଁ' ଓ 'ମୋର' ଏହି ଦୁଇଟି ଅଜ୍ଞାନ । 'ତୁମେ' ଓ 'ତୁମର' ଏହି ଦୁଇଟି ଜ୍ଞାନ । ଯେ ଠିକ୍ ଭକ୍ତ, ସେ କହେ—ହେ ଈଶ୍ୱର ! ତୁମେ ହିଁ କର୍ତ୍ତା, ତୁମେ ହିଁ ସବୁ କରୁଛ, ମୁଁ କେବଳ ଯନ୍ତ୍ର; ମୋତେ ଯେପରି କରାଅ, ସେପରି କରେ । ଆଉ ଏ ସବୁ—ତୁମର ଧନ, ତୁମର ଐଶ୍ୱର୍ଯ୍ୟ, ତୁମର ଜଗତ, ତୁମର ହିଁ ଗୃହ, ପରିଜନ, ମୋର କିଛି ନୁହେଁ । ମୁଁ ଦାସ । ତୁମର ଯେପରି ହୁକୁମ, ସେହିପରି ସେବା କରିବାର ମୋର ଅଧିକାର ।''

''ଯେଉଁମାନେ ଟିକିଏ ବହିପତ୍ର ପଢ଼ିଛନ୍ତି, ସେମାନଙ୍କର ସଙ୍ଗେ ସଙ୍ଗେ ଅହଙ୍କାର ଆସି ଜୁଟେ । କାଳୀକୃଷ୍ଣ ଠାକୁରଙ୍କ ସଙ୍ଗରେ ଈଶ୍ୱରୀୟ କଥା ହୋଇଥିଲା । 'ସେ କହନ୍ତି, ସେ ସବୁ ମୁଁ ଜାଣେ ।' ମୁଁ କହିଲି, ଯେ ଦିଲ୍ଲୀ ଯାଇଥିଲା, ସେ କଅଣ କହିବୁଲେ ମୁଁ ଦିଲ୍ଲୀ ଯାଇଛି, ମୁଁ ଦିଲ୍ଲୀ ଯାଇଛି । ଯେ ବାବୁ ସେ କଅଣ କହେ, ମୁଁ ବାବୁ !''

ଶ୍ୟାମବସୁ—ସେ (କାଳୀକୃଷ୍ଣ ଠାକୁର) ଆପଣଙ୍କୁ ଖୁବ୍ ମାନନ୍ତି ।

ଶ୍ରୀରାମକୃଷ୍ଣ—ଆହେ କଅଣ କହିବି । ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଗୋଟାଏ ମେହେନ୍ତରାଣୀର ଯେ କେତେ ଅହଂକାର ! ତା ଦେହରେ ଗୋଟାଏ ଦୁଇଟା ଗହଣା ଥିଲା । ସେ ଯେଉଁ ବାଟରେ ଆସୁଥିଲା, ସେହି ବାଟରେ ଜଣେ ଦୁଇଜଣ ଲୋକ ତାହାର ପାଖଦେଇ ଚାଲି ଯାଉଥିଲେ । ମେହନ୍ତରାଣୀ ସେମାନଙ୍କୁ କହିଲା, 'ଏ ! ପାଖେଇଯା ।' ଅନ୍ୟ ଲୋକର ଅହଂକାର କଥା କଅଣ ଆଉ କହିବି !

ଶ୍ୟାମବସୁ—ମହାଶୟ ! ପାପର ଶାସ୍ତି ଅଛି ଅଥଚ ଈଶ୍ୱର ସବୁ କରୁଛନ୍ତି—ଏ କିପରି କଥା ?

ଶ୍ରୀରାମକୃଷ୍ଣ—ତୁମର କଅଣ ବଣିଆ ପରି ବୁଦ୍ଧି ।

ନରେନ୍ଦ୍ର—ବଣିଆପରି ବୁଦ୍ଧି ଅର୍ଥାତ୍ Calculating ବୁଦ୍ଧି ।

ଶ୍ରୀରାମକୃଷ୍ଣ—ଆରେ ବୋକା, ତୁ ଆମ୍ବ ଖାଇନେ । ବଗିଚାରେ କେତେ ଶହ ଆମ୍ବ ଗଛ ଅଛି, କେତେ ହଜାର ଡାଳ ଅଛି, କେତେ କୋଟି ପତ୍ର ଅଛି, ଏସବୁ ହିସାବରେ ତୋର ଦରକାର କଅଣ ? ତୁ ଆମ୍ବ ଖାଇବାକୁ ଆସିଛୁ, ଆମ୍ବ ଖାଇଯା । (ଶ୍ୟାମ ବସୁଙ୍କ ପ୍ରତି) ତୁମେ ଏ ସଂସାରରେ ଈଶ୍ୱର-ସାଧନ ପାଇଁ ମାନବ ଜନ୍ମ ପାଇଛ । ଈଶ୍ୱରଙ୍କ ପାଦପଦ୍ମରେ କିପରି ଭକ୍ତି ହୁଏ, ତାହାହିଁ ଚେଷ୍ଟା କର । ତୁମର ଏତେ ସବୁ କାମରେ ଦରକାର କଅଣ ? ଫିଲୋସଫି ନେଇ ବିଚାର କଲେ ତୁମର କଅଣ ହେବ ? ଦେଖ, ଅଧପାଏ ମଦରେ ତୁମେ ମାତାଲ ହୋଇପାର । ଶୁଣ୍ଢି ଦୋକାନରେ କେତେ ମହଣ ମଦ ଅଛି, ଏ ହିସାବରେ ତୁମର କଅଣ ଦରକାର ?

ଡାକ୍ତର—ଆଉ ଈଶ୍ୱରଙ୍କର ମଦ infinite । ସେ ମଦରେ ଶେଷ ନାହିଁ ।

ଶ୍ରୀରାମକୃଷ୍ଣ(ଶ୍ୟାମ ବସୁଙ୍କ ପ୍ରତି)—ଆଉ ଈଶ୍ୱରଙ୍କୁ ଓକିଲତନାମା ଦିଅ ନା । ତାଙ୍କ ଉପରେ ସବୁ ଭାର ଦିଅ । ସତ୍ ଲୋକକୁ ଯଦି କେହି ଭାର ଦିଏ, ସେ କଅଣ ଅନ୍ୟାୟ କରନ୍ତି ? ପାପର ଶାସ୍ତି ଦେବେ କି ନ ଦେବେ ସେସବୁ ସେ ବୁଝିବେ !

ଡାକ୍ତର—ତାଙ୍କ ମନରେ କଅଣ ଅଛି ସେ କେବଳ ଜାଣନ୍ତି । ମନୁଷ୍ୟ ହିସାବ କରି କଅଣ କହିବ ? ସେ ହିସାବ ସେପାରିରେ ।

ଶ୍ରୀରାମକୃଷ୍ଣ(ଶ୍ୟାମ ବସୁଙ୍କ ପ୍ରତି)—ତୁମମାନଙ୍କର ସବୁ ସେଇ ଗୋଟାଏ କଥା ! କଲିକତାର ଲୋକମାନେ କହନ୍ତି, 'ଈଶ୍ୱରଙ୍କର ବୈଷମ୍ୟଦୋଷ !' କାହିଁକି ନା, ସେ ଜଣଙ୍କୁ ସୁଖରେ ରଖିଛନ୍ତି, ଆଉ ଜଣଙ୍କୁ ଦୁଃଖରେ ରଖିଛନ୍ତି । ଏମାନଙ୍କର ନିଜ ଭିତରେ ଯେପରି, ଈଶ୍ୱରଙ୍କ ଭିତର ମଧ୍ୟ ସେହିପରି ଦେଖନ୍ତି ।

## 'ଲୋକମାନ୍ୟ' କଅଣ ଜୀବନର ଉଦ୍ଦେଶ୍ୟ ?

'ହେମ ଦକ୍ଷିଣେଶ୍ୱର ଆସୁଥିଲା । ଦେଖାହେଲେ ମୋତେ କହୁଥିଲା କ'ଣ ଭଟ୍ଟାଚାର୍ଯ୍ୟ ମହାଶୟ ! ଜଗତରେ ଗୋଟିଏ ବସ୍ତୁ ଅଛି—ସମ୍ମାନ ନୁହେଁ କି? ଈଶ୍ୱର ଲାଭ ଯେ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ, ତାହା କମ୍ ଲୋକ ହିଁ କହନ୍ତି ।''

## (୫)

## ସ୍ଥୂଳ, ସୂକ୍ଷ୍ମ, କାରଣ ଓ ମହାକାରଣ

ଶ୍ୟାମ ବସୁ—ସୂକ୍ଷ୍ମ ଶରୀର କେହି କଅଣ ଦେଖାଇ ଦେଇପାରେ ? କେହି କଅଣ ଦେଖାଇ ପାରେ ଯେ, ସେହି ଶରୀର ବାହାରକୁ ଚାଲିଯାଏ ?

ଶ୍ରୀରାମକୃଷ୍ଣ—ଯେଉଁମାନେ ଠିକ୍ ଭକ୍ତ, ତାଙ୍କର ଗରଜ ପଡ଼ିଛି ତୁମକୁ ଦେଖାଇବାକୁ ! କୋଉ ଶଳା ମାନିଲା ବା ନ ମାନିଲା, ତାଙ୍କର କି ଗରଜ । ଜଣେ ବଡ଼ଲୋକ ହାତରେ ରହିବ, ଏ ସବୁ ଇଚ୍ଛା ତାଙ୍କର ନଥାଏ ।

ଶ୍ୟାମ ବସୁ—ଆଚ୍ଛା, ସ୍ଥୂଳ ଦେହ, ସୂକ୍ଷ୍ମ ଦେହ ଏଥିରେ ପ୍ରଭେଦ କଅଣ ?

ଶ୍ରୀରାମକୃଷ୍ଣ—ପଞ୍ଚଭୂତ ନେଇ ଯେଉଁ ଦେହ, ସେଇଟି ସ୍ଥୂଳ ଦେହ । ମନ, ବୁଦ୍ଧି, ଅହଙ୍କାର ଆଉ ଚିତ୍ତ ଏହାକୁ ନେଇ ସୂକ୍ଷ୍ମ ଶରୀର । ଯେଉଁ ଶରୀରରେ ଭଗବାନଙ୍କର ଆନନ୍ଦ ଲାଭ ହୁଏ, ଆଉ ସମ୍ଭୋଗ ହୁଏ, ସେହିଟି କାରଣ ଶରୀର ! ତନ୍ତ୍ରରେ କହିଛି, 'ଭାଗବତୀ ତନୁ ।' ସମସ୍ତଙ୍କର ଅତୀତ 'ମହାକାରଣ' (ତୁରୀୟ) ମୁଖରେ କହିହୁଏ ନାହିଁ ।

**ସାଧନର ପ୍ରୟୋଜନ—ଈଶ୍ୱରଙ୍କଠାରେ ଏକମାତ୍ର ଭକ୍ତି ହିଁ ସାର**

ଶ୍ରୀରାମକୃଷ୍ଣ—କେବଳ ଶୁଣିଲେ କ'ଣ ହେବ ? କିଛି କର !

''ସିଦ୍ଧି ସିଦ୍ଧି ମୁଖରେ କହିଲେ କଅଣ ହେବ ? ସେଥିରେ କଅଣ ନିଶା ହୁଏ ?

''ସିଦ୍ଧି ବାଟି ଦେହରେ ବୋଳି ହେଲେ ମଧ୍ୟ ନିଶା ହୁଏ ନାହିଁ । କିଛି ଖାଇବାକୁ ହୁଏ । କେଉଁଟା ଏକଚାଳିଶ ନମ୍ବର ସୂତା, କେଉଁଟା ଚାଳିଶ ନମ୍ବରର— ସୂତାର ବ୍ୟବସାୟ ନ କଲେ ଏସବୁ କ'ଣ ଜଣାଯାଏ ? ଯେଉଁମାନଙ୍କର ସୂତାର ବ୍ୟବସାୟ ଅଛି, ସେମାନଙ୍କ ପକ୍ଷରେ ଅମୁକ ନମ୍ବରର ସୂତା ଦେବା ଆଦୌ କଷ୍ଟକର ନୁହେଁ ! ସେଥିପାଇଁ କହୁଛି, କିଛି ସାଧନ କର । ସେତେବେଳେ ସ୍ଥୂଳ, ସୂକ୍ଷ୍ମ, କାରଣ, ମହାକାରଣ କାହାକୁ କହନ୍ତି ସବୁ ବୁଝିପାରିବ । ଯେତେବେଳେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବ, ତାଙ୍କ ପାଦ ପଦ୍ମରେ ଏକମାତ୍ର ଭକ୍ତି ପ୍ରାର୍ଥନା କରିବ ।''

''ଅହଲ୍ୟାଙ୍କର ଶାପ ମୋଚନ ପରେ ଶ୍ରୀରାମଚନ୍ଦ୍ର ତାଙ୍କୁ କହିଲେ, ତୁମେ ମୋ ପାଖରୁ ବର ନିଅ । ଅହଲ୍ୟା କହିଲେ, ରାମ ଯଦି ବର ଦେବ ତେବେ ଏହି ବର ଦିଅ—ମୋର ଯଦିବା ଶୂକର ଯୋନିରେ ଜନ୍ମ ହୁଏ ସେଥିରେ ଆପତ୍ତି ନାହିଁ; କିନ୍ତୁ ହେ ରାମ ! ଯେପରି ତୁମ ପାଦ ପାଦ୍ମରେ ଯେପରି ମୋର ମନ ରହେ !''

ମୁଁ ମାଆଙ୍କ ପାଖରେ ଏକମାତ୍ର ଭକ୍ତି ଚାହିଁଥିଲି । ମାଆଙ୍କ ପାଦ ପଦ୍ମରେ ଫୁଲ ଦେଇ ହାତ ଯୋଡ଼ି କହିଥିଲି, ''ମା, ଏଇ ନିଅ ତୁମର ଅଜ୍ଞାନ, ଏଇ ନିଅ ତୁମର ଜ୍ଞାନ, ମୋତେ ଶୁଦ୍ଧାଭକ୍ତି ଦିଅ । ଏଇ ନିଅ ତୁମର ଶୁଚି, ଏଇ ନିଅ ତୁମର ଅଶୁଚି, ମୋତେ ଶୁଦ୍ଧାଭକ୍ତି ଦିଅ । ନିଅ ତୁମ ପାପ, ଏଇ ନିଅ ତୁମର ପୁଣ୍ୟ, ମୋତେ ଶୁଦ୍ଧାଭକ୍ତି ଦିଅ । ଏଇ ନିଅ ତୁମର ଭଲ, ଏଇ ନିଅ ତୁମର ମନ୍ଦ, ମୋତେ

ଶୁଦ୍ଧାଭକ୍ତି ଦିଅ; ଏଇ ନିଅ ତୁମର ଧର୍ମ, ଏଇ ନିଅ ତୁମର ଅଧର୍ମ, ମୋତେ ଶୁଦ୍ଧା ଭକ୍ତି ଦିଅ ।'

''ଧର୍ମ କଅଣ ନା ଦାନାଦି କର୍ମ ! ଧର୍ମ ନେଲେ ହିଁ ଅଧର୍ମ ନେବାକୁ ହେବ । ପୁଣ୍ୟ ନେଲେହିଁ ପାପ ନେବାକୁ ହେବ । ଜ୍ଞାନ ନେଲେହିଁ ଅଜ୍ଞାନ ନେବାକୁ ହେବ । ଶୁଚି ନେଲେ ହିଁ ଅଶୁଚି ନେବାକୁ ହେବ । ଯେପରି, ଯାହାର ଆଲୋକ ବୋଧ ଅଛି, ତାହାର ଅନ୍ଧକାର ବୋଧ ମଧ୍ୟ ଅଛି । ଯାହାର ଏକ ବୋଧ ଅଛି, ତାହାର ଅନେକ ବୋଧ ମଧ୍ୟ ଅଛି । ଯାହାର ଭଲ ବୋଧ ଅଛି, ତାହାର ମନ୍ଦ ବୋଧ ମଧ୍ୟ ଅଛି ।''

''ଯଦି କାହାର ଶୂକର ମାଂସ ଖାଇ ଈଶ୍ୱରଙ୍କ ପାଦପଦ୍ମରେ ଭକ୍ତି ରହେ, ସେ ପୁରୁଷ ଧନ୍ୟ, ଆଉ ହବିଷ୍ୟାନ୍ନ ଖାଇ ଯଦି ସଂସାରରେ ଆସକ୍ତି ରହେ—''

ଡାକ୍ତର—ତେବେ ସେ ଅଧମ । ଏଠାରେ ଗୋଟିଏ କଥା କହୁଛି—ବୁଦ୍ଧ ଶୂକର ମାଂସ ଖାଇଥିଲେ । ଶୂକର ମାଂସ ଖାଇବା ସଙ୍ଗେ ସଙ୍ଗେ କଲିକ୍ (ପେଟରେ ଶୂଳ-ରୋଗ) ହେଲା ! ଏହି ରୋଗ ପାଇଁ opium (ଅଫିମ) ଖାଇଲେ । ନିର୍ବାଣ କଅଣ ଜାଣ ? ଅଫିମ ଖାଇ ବେହୋସ୍ ହୋଇ ରହିଲେ, ବାହ୍ୟଜ୍ଞାନ ରହିଲା ନାହିଁ,—ସେଥିପାଇଁ ନିର୍ବାଣ !

ବୁଦ୍ଧଦେବଙ୍କର ନିର୍ବାଣ ସମ୍ବନ୍ଧରେ ଏପରି ବ୍ୟାଖ୍ୟା ଶୁଣି ସମସ୍ତେ ହସିଲେ, ପୁଣି କଥାବାର୍ତ୍ତା ଚାଲିଲା ।

## (୬)

## ଗୃହସ୍ଥ ଓ ନିଷ୍କାମ କର୍ମ—Theosophy

ଶ୍ରୀରାମକୃଷ୍ଣ(ଶ୍ୟାମବସୁଙ୍କ ପ୍ରତି)—ସଂସାର ଧର୍ମ; ସେଥିରେ ଦୋଷ ନାହିଁ । କିନ୍ତୁ ଈଶ୍ୱରଙ୍କ ପାଦପଦ୍ମରେ ମନ ରଖି, କାମନାଶୂନ୍ୟ ହୋଇ କର୍ମ କରିବ । ଏଇ ଦେଖ ନା, ଯଦି କାହାର ପିଠିରେ ଗୋଟାଏ ବଥ ହୁଏ, ସେ ଯେପରି ସମସ୍ତଙ୍କ ସାଙ୍ଗରେ କଥାବାର୍ତ୍ତା କରେ, ହୁଏତ କାର୍ଯ୍ୟ ମଧ୍ୟ କରେ, କିନ୍ତୁ ମନ ଯେପରି ବଥ ଦିଗରେ ରହେ, ସେହିପରି ।

ସଂସାରରେ ନଷ୍ଟା ସ୍ତ୍ରୀ ପରି ରହିବ । ମନ ଉପପତି ଦିଗରେ, କିନ୍ତୁ ସଂସାରର ସମସ୍ତ କାର୍ଯ୍ୟ କରେ । (ଡାକ୍ତରଙ୍କ ପ୍ରତି) ବୁଝିଛ ?

ଡାକ୍ତର—ଭାବ ଯଦି ନଥାଏ, ବୁଝିବି କିପରି ?

ଶ୍ୟାମ ବସୁ—ନିଶ୍ଚୟ କିଛି ବୁଝ ! (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ(ହସି ହସି)—ଆଉ ଏହି ବ୍ୟବସାୟ ଅନେକ ଦିନ ଧରି କରୁଛନ୍ତି । କଅଣ କହୁଛ ? (ସମସ୍ତଙ୍କର ହାସ୍ୟ) ।

ଶ୍ୟାମ ବସୁ—ମହାଶୟ, ଥିଓସଫି କଅଣ କହନ୍ତି ?

ଶ୍ରୀରାମକୃଷ୍ଣ—ମୋଟ କଥା ଏହି, ଯେଉଁମାନେ ଶିଷ୍ୟ କରି ବୁଲନ୍ତି, ସେମାନେ ନିମ୍ନସ୍ତରର ଲୋକ ! ଆଉ ଯେଉଁମାନେ ସିଦ୍ଧି ଅର୍ଥାତ୍ ନାନା ପ୍ରକାର ଶକ୍ତି ଚାହାଁନ୍ତି, ସେମାନେ ମଧ୍ୟ ନିମ୍ନସ୍ତରର । ଯେପରି ଗଙ୍ଗା ଉପରେ ଚାଲି ଚାଲି ପାରି ହୋଇଯିବି, ଏହି ଶକ୍ତି । ଅନ୍ୟ ଦେଶରେ ଜଣେ କ'ଣ କହୁଛି ତାହା କହିପାରିବା, ଏହା ମଧ୍ୟ ଏକ ଶକ୍ତି । ଏହି ଲୋକ ମାନଙ୍କର ଈଶ୍ୱରଙ୍କଠାରେ ଶୁଦ୍ଧ ଭକ୍ତି ହେବା କଠିନ ।

ଶ୍ୟାମ ବସୁ—କିନ୍ତୁ ସେମାନେ (ଥିଓସଫିଷ୍ଟସ୍) ହିନ୍ଦୁ ଧର୍ମ ପୁନଃସ୍ଥାପନ କରିବାର ଚେଷ୍ଟା କରୁଛନ୍ତି ।

ଶ୍ରୀରାମକୃଷ୍ଣ—ମୁଁ ସେମାନଙ୍କ ବିଷୟ ଭଲଭାବରେ ଜାଣେ ନାହିଁ ।

ଶ୍ୟାମ ବସୁ—ମରିବା ପରେ ଜୀବାତ୍ମା କେଉଁଆଡ଼କୁ ଯାଏ—ଚନ୍ଦ୍ରଲୋକକୁ, ନକ୍ଷତ୍ରଲୋକକୁ ଇତ୍ୟାଦି—ଏହିସବୁ ଥିଓସଫିରେ ଜଣାଯାଏ ।

ଶ୍ରୀରାମକୃଷ୍ଣ— ତା ହୋଇପାରେ । ମୋର ଭାବ କିପରି ଜାଣ, ହନୁମାନଙ୍କୁ ଜଣେ ପ୍ରଶ୍ନ କରିଥିଲା, ଆଜି କି ତିଥି ? ହନୁମାନ କହିଲେ, ମୁଁ ବାର, ତିଥି, ନକ୍ଷତ୍ର ଏସବୁ କିଛି ଜାଣେ ନାହିଁ, କେବଳ ରାମଙ୍କ ଚିନ୍ତା କରେ ! ମୋର ଠିକ୍ ଏହି ଭାବ ।

ଶ୍ୟାମ ବସୁ—ସେମାନେ କହନ୍ତି, 'ମହାତ୍ମା' ସବୁ ଅଛନ୍ତି । ଆପଣଙ୍କର କିପରି ବିଶ୍ୱାସ ?

ଶ୍ରୀରାମକୃଷ୍ଣ—ମୋର କଥା ବିଶ୍ୱାସ କରିବେ ତ ଅଛନ୍ତି । ଏସବୁ କଥା ବର୍ତ୍ତମାନ ଥାଉ । ମୁଁ ଭଲ ହେବାପରେ ତୁମେ ଆସିବ । ଯଦି ମୋତେ ବିଶ୍ୱାସ କର, ଯେଉଁଥିରେ ତୁମର ଶାନ୍ତି ହୁଏ ତାହାର ଉପାୟ ହୋଇଯିବ । ଦେଖୁଛ ତ ମୁଁ ଟଙ୍କା ନିଏ ନାହିଁ, ଲୁଗା ନିଏ ନାହିଁ । ଏଠାରେ ମାଗୁଣି ଦେବାକୁ ପଡ଼େନାହିଁ, ସେଥିପାଇଁ ଅନେକେ ଆସନ୍ତି ! (ସମସ୍ତଙ୍କର ହାସ୍ୟ) । (ଡାକ୍ତରଙ୍କ ପ୍ରତି)—ତୁମଙ୍କୁ ଏହା କହୁଛି; ରାଗ କରନାହିଁ, ସେ ସବୁତ ଅନେକ କଲ—ଟଙ୍କା, ମାନ, ଲେକ୍‌ଚର୍;—ବର୍ତ୍ତମାନ ମନଟା କିଛିଦିନ ଈଶ୍ୱରଙ୍କୁ ଦିଅ; ଆଉ ଏଠାକୁ ମଝିରେ ମଝିରେ ଆସିବ, ଈଶ୍ୱରଙ୍କର କଥା ଶୁଣିଲେ ଉଦ୍ଦୀପନା ହେବ ।

କିଛି ସମୟ ପରେ ଡାକ୍ତର ବିଦାୟ ନେବାକୁ ଗାତ୍ରୋଥାନ କଲେ । ଏପରି ସମୟରେ ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷ ଆସିଲେ ଓ ଠାକୁରଙ୍କର ଚରଣଧୂଳି ନେଇ ଉପବିଷ୍ଟ ହେଲେ । ଡାକ୍ତର ତାହାଙ୍କୁ ଦେଖି ଆନନ୍ଦିତ ହେଲେ ଓ ପୁଣି ଆସନ ଗ୍ରହଣ କଲେ ।

ଡାକ୍ତର—ମୁଁ ଥିବାବେଳେ ସେ (ଗିରିଶ ବାବୁ) ଆସିବେ ନାହିଁ ! ଯେମିତି ଚାଲି ଯିବି ଯିବି ହେଉଛି, ସଙ୍ଗେ ସଙ୍ଗେ ଆସି ଉପସ୍ଥିତ । (ସମସ୍ତଙ୍କର ହାସ୍ୟ) ।

ଗିରିଶଙ୍କ ସହିତ ଡାକ୍ତରଙ୍କର ବିଜ୍ଞାନ ସଭାର (Science Association) କଥା ହେବାକୁ ଲାଗିଲା ।

ଶ୍ରୀରାମକୃଷ୍ଣ—ମୋତେ ଦିନେ ସେଠାକୁ ନେଇଯିବ ?

ଡାକ୍ତର—ତୁମେ ସେଠାକୁ ଗଲେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାଣ୍ଡ ସବୁ ଦେଖି ଅଜ୍ଞାନ ହୋଇଯିବ ।

ଶ୍ରୀରାମକୃଷ୍ଣ—ସତେ ?

## (୭)

## ଗୁରୁ-ପୂଜା

ଡାକ୍ତର(ଗିରିଶଙ୍କ ପ୍ରତି)—ସବୁ କର but do not worship him as God (ଈଶ୍ୱର ବୋଲି ପୂଜା କରନାହିଁ) । ଏପରି ଭଲ ଲୋକଟାର ମୁଣ୍ଡ ଖରାପ କରୁଛ ?

ଗିରିଶ—କଅଣ କରିବି ମହାଶୟ ? ଯିଏ ଏ ସଂସାର-ସମୁଦ୍ର ଓ ସନ୍ଦେହ-ସାଗରରୁ ପାରି କଲେ ତାଙ୍କୁ ଆଉ କଅଣ କରିବି କୁହନ୍ତୁ । ତାଙ୍କର ବିଷ୍ଠା କଅଣ ବିଷ୍ଠା ବୋଲି ବୋଧ ହୁଏ ?

ଡାକ୍ତର—ବିଷ୍ଠା ପାଇଁ କହୁନାହିଁ ! ମୋର ମଧ୍ୟ ଘୃଣା ନାହିଁ । ଜଣେ ଦୋକାନୀର ପିଲା ଆସିଥିଲା, ସେ ଝାଡ଼ା କରିପକାଇଲା । ସମସ୍ତେ ନାକରେ ଲୁଗା ଦେଲେ ! ମୁଁ ତା ପାଖରେ ଅଧଘଣ୍ଟାଏ ବସିଲି । ନାକରେ ଲୁଗା ଦେଇନାହିଁ । ମେହନ୍ତର ଯେତେବେଳ ଯାଏ ମୁଣ୍ଡରେ ଉଠାଇ ନ ନେଇଛି, ସେତେବେଳ ଯାଏ ମୋର ନାକରେ ଲୁଗା ଦେବାର ଉପାୟ ନାହିଁ । ମୁଁ ଜାଣେ ସେ ଯାହା, ମୁଁ ମଧ୍ୟ ତାହା, କାହିଁକି ତାହାକୁ ଘୃଣା କରିବି ? ମୁଁ କଅଣ ଏହାଙ୍କର ପାଦଧୂଳି ନେଇପାରେ ନାହିଁ ?—ଆଚ୍ଛା ଦେଖ ନେଉଛି;(ଶ୍ରୀରାମକୃଷ୍ଣଙ୍କର ପାଦଧୂଳି ଗ୍ରହଣ) ।

ଗିରିଶ— Angels (ଦେବଗଣ) ଏହି ମୁହୂର୍ତ୍ତକୁ ଧନ୍ୟ ଧନ୍ୟ କରୁଛନ୍ତି ।

ଡାକ୍ତର—ତେବେ ପାଦର ଧୂଳି ନେବା କଅଣ ଆଶ୍ଚର୍ଯ୍ୟ ! ମୁଁ ଯେ ସମସ୍ତଙ୍କର ନେଇପାରେ ।—ଏଇ ଦିଅ ! ଏଇ ଦିଅ । (ସମସ୍ତଙ୍କ ପାଦର ଧୂଳି ଗ୍ରହଣ) ।

ନରେନ୍ଦ୍ର(ଡାକ୍ତରଙ୍କ ପ୍ରତି)—ଏହାଙ୍କୁ ଆମେ ଈଶ୍ୱର ପରି ମନେକରୁ । କିପରି ଜାଣନ୍ତି ? ଯେପରି Vegetable Creation (ଉଦ୍ଭିଦ) ଓ Animal Creation (ଜୀବଜନ୍ତୁଗଣ), ଏମାନଙ୍କର ମଝି ମଝିଆ ଏପରି ଗୋଟିଏ Point (ସ୍ଥାନ) ଅଛି, ଯେଉଁଥିରେ ଏଇଟା ଉଦ୍ଭିଦ କି ପ୍ରାଣୀ, ସ୍ଥିର କରିବା ଭାରି କଷ୍ଟକର । ସେହିପରି Man-world (ନରଲୋକ) ଓ God-world (ଦେବଲୋକ) ଏହି

ଉଭୟ ମଧ୍ୟରେ ଗୋଟିଏ ସ୍ଥାନ ଅଛି, ଯେଉଁଥିରେ କହିବା କଷ୍ଟକର ଏ ବ୍ୟକ୍ତି ମନୁଷ୍ୟ ନା ଈଶ୍ୱର ।

ଡାକ୍ତର—ଆହେ, ଈଶ୍ୱରଙ୍କ କଥାରେ ଉପମା ଚଳେ ନାହିଁ !

ନରେନ୍ଦ୍ର—ମୁଁ God (ଈଶ୍ୱର) କହୁନାହିଁ, God like Man (ଈଶ୍ୱର ତୁଲ୍ୟ ବ୍ୟକ୍ତି) କହୁଛି ।

ଡାକ୍ତର—ସେ ସବୁ ନିଜ ନିଜର ଭାବ ଚାପି ରଖିବାକୁ ହୁଏ । ପ୍ରକାଶ କରିବା ଭଲ ନୁହେଁ । ମୋର ଭାବ କେହି ବୁଝିଲ ନାହିଁ । My best friends (ଯେଉଁମାନେ ମୋର ପରମ ବନ୍ଧୁ) ମୋତେ କଠୋର ନିର୍ଦ୍ଦୟ ବୋଲି ମନେ କରନ୍ତି ! ତୁମେ ସବୁ ହୁଏତ ମୋତେ ଜୋତାମାରି ତଡ଼ିଦେବ !

ଶ୍ରୀରାମକୃଷ୍ଣ—(ଡାକ୍ତରଙ୍କ ପ୍ରତି) ସେ କଅଣ ! ଏମାନେ ତୁମକୁ କେତେ ଭଲ ପାଆନ୍ତି ! ତୁମେ ଆସିବ ବୋଲି ମଧୁଶଯ୍ୟା କରି ଜାଗି ରହନ୍ତି ।

ଗିରିଶ—Every one has the greatest respect for you, (ସମସ୍ତେ ଆପଣଙ୍କୁ ଯତ୍‌ପରୋନାସ୍ତି ଶ୍ରଦ୍ଧା କରନ୍ତି) ।

ଡାକ୍ତର—ମୋର ପୁତ୍ର, ମୋର ସ୍ତ୍ରୀ ପର୍ଯ୍ୟନ୍ତ—ମୋତେ ମନେ କରନ୍ତି hard-hearted (ସ୍ନେହ ମମତା ଶୂନ୍ୟ),—କାହିଁକି ନା, ମୋର ଦୋଷ ଏହି ସେ ମୁଁ ଭାବ କାହା ପାଖରେ ପ୍ରକାଶ କରେ ନାହିଁ ।

ଗିରିଶ—ତେବେ ମହାଶୟ ! ଆପଣଙ୍କର ମନର କବାଟ ଖୋଲିବା ତ ଭଲ—atleast out of pity for your friends (ବନ୍ଧୁମାନଙ୍କ ପ୍ରତି ଅନ୍ତତଃ କୃପାକରି)—ଏହି ମନେ କରି ଯେ, ସେମାନେ ଆପଣଙ୍କୁ ବୁଝି ପାରୁନାହାନ୍ତି!

ଡାକ୍ତର—କଅଣ କହିବି ! ତୁମମାନଙ୍କ ଅପେକ୍ଷା ମୋର ଅଧିକ feelings worked-up ହୁଏ (ଅର୍ଥାତ୍ ମୋର ଭାବ ହୁଏ) । (ନରେନ୍ଦ୍ରଙ୍କ ପ୍ରତି) I shed tears in solitude ! (ମୁଁ ଏକା ଏକା ବସି କାନ୍ଦେ) ।

### ମହାପୁରୁଷ ଓ ଜୀବର ପାପଗ୍ରହଣ—ଅବତାରାଦି ଓ ନରେନ୍ଦ୍ର

ଡାକ୍ତର—(ଶ୍ରୀରାମକୃଷ୍ଣଙ୍କ ପ୍ରତି) ଭଲ, ତୁମେ ଭାବ ହେଲେ ଲୋକଙ୍କର ଦେହ ଉପରେ ପାଦ ଦିଅ, ସେଇଟା ଭଲ ନୁହେଁ !

ଶ୍ରୀରାମକୃଷ୍ଣ—ମୁଁ କଣ ଜାଣିପାରେ ଯେ, କାହାର ଦେହ ଉପରେ ପାଦ ଦେଉଛି କି ନାହିଁ !

ଡାକ୍ତର—ତାହା ଭଲ ନୁହେଁ, ଟିକିଏ ତ ବୋଧ ହୁଏ ?

ଶ୍ରୀରାମକୃଷ୍ଣ—ମୋର ଭାବାବସ୍ଥାରେ ମୋର ଯାହା ହୁଏ ତାହା ତୁମକୁ କଅଣ କହିବି ? ସେ ଅବସ୍ଥା ପରେ ଭାବେ ଯେ ବୋଧହୁଏ ଏହି ସକାଶେ ରୋଗ

ହେଉଛି । ଈଶ୍ୱରଙ୍କ ଭାବରେ ମୁଁ ଉନ୍ମାଦ ହୁଏ । ଉନ୍ମାଦରେ ଏପରି ହୁଏ, କଅଣ କରିବି ?

ଡାକ୍ତର—ଏ ମାନିଛନ୍ତି । He expresses regret for what he does; କାର୍ଯ୍ୟଟା Sinful (ଅନ୍ୟାୟ) ଏହିଟି ବୋଧ ଅଛି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ତୁ ତ ଖୁବ୍ (ବୁଦ୍ଧିମାନ୍) ତୁ କହନା; ଏହାକୁ ବୁଝାଇଦେ !

ଗିରିଶ(ଡାକ୍ତରଙ୍କ ପ୍ରତି)—ମହାଶୟ ! ଆପଣ ଭୁଲ ବୁଝିଛନ୍ତି, ସେ ସେଥିପାଇଁ ଦୁଃଖିତ ନୁହନ୍ତି । ଏହାଙ୍କର ଦେହ ଶୁଦ୍ଧ-ଅପାପବିଦ୍ଧ । ଜୀବର ମଙ୍ଗଳ ପାଇଁ ଏ ସେମାନଙ୍କୁ ସ୍ପର୍ଶ କରନ୍ତି । ସେମାନଙ୍କର ପାପ ଗ୍ରହଣ କରି ଏହାଙ୍କର ରୋଗ ହେବାର ଖୁବ୍ ସମ୍ଭାବନା, ସେଥିପାଇଁ ବେଳେ ବେଳେ ଭାବନ୍ତି । ଆପଣଙ୍କର ଯେତେବେଳେ Colic (ଶୂଳ ବେଦନା) ହୋଇଥିଲା, ସେତେବେଳେ ଆପଣଙ୍କର କ'ଣ regret (ଦୁଃଖ) ହୋଇନାହିଁ, କାହିଁକି ଏତେ ରାତ୍ରି ଜାଗି ପଢୁଥିଲି ? ତାହା ବୋଲି ରାତ୍ରି ଜାଗି ପଢ଼ିବାଟା କ'ଣ ଅନ୍ୟାୟ ? ରୋଗ ପାଇଁ regret (ଦୁଃଖ କଷ୍ଟ) ହୋଇପାରେ, ତା ବୋଲି ଜୀବର ମଙ୍ଗଳ ସାଧନ ପାଇଁ ସ୍ପର୍ଶ କରିବା ଅନ୍ୟାୟ କାର୍ଯ୍ୟ ବୋଲି ମନେ କରିବେ ନାହିଁ ।

ଡାକ୍ତର (ଅପ୍ରତିଭ ହୋଇ, ଗିରିଶଙ୍କ ପ୍ରତି)—ତୁମ ନିକଟରେ ହାରିଗଲି, ଦିଅ, ତୁମ ପାଦଧୂଳି ଦିଅ (ଗିରିଶଙ୍କ ପାଦଧୂଳି ଗ୍ରହଣ) । (ନରେନ୍ଦ୍ରଙ୍କ ପ୍ରତି) ଆଉ କିଛି ନୁହେଁ ହେ his intellectual Power (ଗିରିଶଙ୍କ ବୁଦ୍ଧିମତା) ମାନିବାକୁ ହେବ !

ନରେନ୍ଦ୍ର(ଡାକ୍ତରଙ୍କ ପ୍ରତି)—ଆଉ ଗୋଟିଏ କଥା ଦେଖନ୍ତୁ । ଗୋଟାଏ Scientific discovery (ଜଡ ବିଜ୍ଞାନର ସତ୍ୟବାହାର କରିବା) ପାଇଁ ଆପଣ ଜୀବନ ଉତ୍ସର୍ଗ କରିପାରନ୍ତି-ଶରୀର, ଅସୁସ୍ଥତା ଇତ୍ୟାଦି କିଛି ମାନନ୍ତି ନାହିଁ । ଆଉ ଈଶ୍ୱରଙ୍କୁ ଜାଣିବା Grandest of all Sciences (ଶ୍ରେଷ୍ଠ ବିଜ୍ଞାନ)—ଏହା ପାଇଁ ଏ health risk (ଶରୀର ନଷ୍ଟ ହେଲେ ହେଉ, ଏପରି ମନର ଭାବ) କରିବେ ନାହିଁ ?

ଡାକ୍ତର—ଯେତେ religious reformer (ଧର୍ମାଚାର୍ଯ୍ୟ) ହୋଇଛନ୍ତି, Jesus (ଯୀଶୁ), Chaitanya (ଚୈତନ୍ୟ), Buddha (ବୁଦ୍ଧ), Mohammed (ମହମ୍ମଦ) ଏମାନେ ସବୁ ଶେଷରେ ଅହଂକାରରେ ପୂର୍ଣ୍ଣ—କହନ୍ତି, 'ମୁଁ ଯାହ କହିଲି ତାହାହିଁ ଠିକ୍ !' ଏ କି କଥା !

ଗିରିଶ(ଡାକ୍ତରଙ୍କ ପ୍ରତି)—ମହାଶୟ, ସେ ଦୋଷ ଆପଣଙ୍କର ମଧ୍ୟ ହେଉଛି ! ସେ ସମସ୍ତଙ୍କର ଅହଂକାର ଅଛି, ଆପଣ ଏ ଦୋଷ ଧରାଇବାରେ ଠିକ୍ ସେହି ଦୋଷ ଆପଣଙ୍କର ମଧ୍ୟ ହେଉଛି । (ଡାକ୍ତର ନୀରବ ରହିଲେ) ।

ନରେନ୍ଦ୍ର(ଡାକ୍ତରଙ୍କ ପ୍ରତି)—We offer to him Worship bordering on Divine Worship (ଏହାଙ୍କୁ ଆମେମାନେ ପୂଜା କରୁ—ସେ ପୂଜା ଈଶ୍ୱରଙ୍କ ପୂଜା ପରି ।)

ଠାକୁର ଶ୍ରୀରାମକୃଷ୍ଣ ଆନନ୍ଦରେ ବାଳକ ପରି ହସୁଛନ୍ତି ।

❋❋❋

# ଚତୁର୍ଥ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମପୁକୁରରେ ଭକ୍ତଙ୍କ ସଙ୍ଗରେ

## (୧)

### ଡାକ୍ତର ଓ ମାଷ୍ଟର—ସାର ବସ୍ତୁ କଅଣ ?

ଆଜି ଗୁରୁବାର, ଆଶ୍ୱିନ କୃଷ୍ଣ ଷଷ୍ଠୀ, ୨୯ ତାରିଖ ଅକ୍ଟୋବର, ୧୮୮୫ ଖ୍ରୀଷ୍ଟାବ୍ଦ । ଦିନ ଦଶଟା ହେବ । ଠାକୁରେ ପୀଡ଼ିତ । କଲିକତା ଅନ୍ତର୍ଗତ ଶ୍ୟାମପୁକୁରରେ ରହିଛନ୍ତି । ଡାକ୍ତର ତାହାଙ୍କୁ ଚିକିତ୍ସା କରୁଛନ୍ତି । ଡାକ୍ତରଙ୍କର ଘର ଶଙ୍ଖାରିଟୋଲା । ଡାକ୍ତରଙ୍କ ସଙ୍ଗରେ ଠାକୁର ଶ୍ରୀରାମକୃଷ୍ଣଙ୍କର ଜଣେ ସେବକ କଥା କହୁଛନ୍ତି । ଠାକୁରଙ୍କ ପ୍ରତିଦିନର ଅବସ୍ଥା ସମ୍ପର୍କରେ ସମ୍ବାଦ ନେଇ ତାହାଙ୍କୁ ପ୍ରାୟ ପ୍ରତ୍ୟହ ଆସିବାକୁ ହୁଏ ।

ଡାକ୍ତର—ଦେଖ, ଡାଃ ବିହାରୀ ଭାଦୁଡ଼ୀର ଏକ କଥା ! କହନ୍ତି, Goethe's Spirit (ଗୋଏଥ୍‌ଙ୍କ ସୂକ୍ଷ୍ମ ଶରୀର) ବାହାରିଗଲା, ପୁଣି Goethe ତାହା ଦେଖିଲେ । କି ଆଶ୍ଚର୍ଯ୍ୟ କଥା !

ମାଷ୍ଟର—ପରମହଂସଦେବ କହନ୍ତି, ସେ ସବୁ କଥାରେ ଆମମାନଙ୍କର କ'ଣ ଦରକାର ? ଈଶ୍ୱରଙ୍କ ପାଦପଦ୍ମରେ ଭକ୍ତିଲାଭ କରିବାକୁ ଆମେମାନେ ପୃଥିବୀକୁ ଆସିଛୁ । ସେ କହନ୍ତି, ଜଣେ ବଗିଚାକୁ ଆମ୍ବ ଖାଇବାକୁ ଯାଇଥିଲା । ସେ କାଗଜ ଆଉ ପେନ୍‌ସିଲ ନେଇ କେତେ ଗଛ, କେତେ ଡାଳ, କେତେ ପତ୍ର ଗଣି ଗଣି ଲେଖିବାକୁ ଲାଗିଲା । ବଗିଚାର ଜଣେ ଲୋକ ସଙ୍ଗରେ ଦେଖାହେଲାରୁ ସେ କହିଲେ, ତୁମେ କଅଣ କରୁଛ ? ଏଠାକୁ କାହିଁକି ଆସିଛ ? ସେତେବେଳେ ସେ ଲୋକଟି କହିଲା, ଏଠାରେ କେତେ ଗଛ, କେତେ ଡାଳ, କେତେ ପତ୍ର ସେ ସବୁ ଗଣୁଛି, ଏଠାକୁ ଆମ୍ବ ଖାଇବାକୁ ଆସିଛି । ବଗିଚାର ଲୋକଟି କହିଲା, ଆମ୍ବ

ଖାଇବାକୁ ଆସିଛ ତ ଆମ୍ବ ଖାଇଯାଅ,—ତୁମର କେତେ ପତ୍ର, କେତେ ଡାଳ ଏସବୁ ଦରକାର କଅଣ ?

ଡାକ୍ତର—ପରମହଂସ ସାର ବସ୍ତୁଟା ନେଇଛନ୍ତି ଦେଖୁଛି ।

ଏହାପରେ ଡାକ୍ତର ତାଙ୍କର ହୋମିଓପାଥିକ୍ ହାସପାତାଳ ସମ୍ବନ୍ଧରେ ଅନେକ ଗଳ୍ପ କହିବାକୁ ଲାଗିଲେ—କେତେ ରୋଗୀ ରୋଜ ଆସନ୍ତି, ସେମାନଙ୍କର ତାଲିକା ଦେଖାଇଲେ, କହିଲେ, ଡାକ୍ତର ସାଲ୍‌ଜାର ଏବଂ ଅନ୍ୟାନ୍ୟ ଅନେକେ ତାହାଙ୍କୁ ପ୍ରଥମେ ନିରୁତ୍ସାହ କରିଥିଲେ । ସେମାନେ ଅନେକ ମାସିକ ପତ୍ରିକାରେ ତାଙ୍କ ବିରୁଦ୍ଧରେ ଲେଖୁଥିଲେ, ଇତ୍ୟାଦି ।

ଡାକ୍ତର ଗାଡ଼ିରେ ଉଠିଲେ, ମାଷ୍ଟର ମଧ୍ୟ ସଙ୍ଗରେ ଉଠିଲେ । ଡାକ୍ତର ରୋଗୀଙ୍କୁ ଦେଖୁଥିଲେ । ପ୍ରଥମେ ଚୋରବାଗାନ୍, ତାହାପରେ ମଥାଘସା ଗଳି, ତାହାପରେ ପାଥୁରିୟା ଘାଟ ।

ସବୁ ରୋଗୀ ଦେଖା ହେଲାପରେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦେଖିବାକୁ ଯିବେ । ଡାକ୍ତର ପାଥୁରିୟାଘାଟର ଜଣେ ଠାକୁର ପରିବାରଙ୍କ ଘରକୁ ଗଲେ । ସେଠାରେ କିଛି ବିଳମ୍ବ ହେଲା । ଗାଡ଼ିକୁ ଫେରିଆସି ପୁଣି ଗଳ୍ପ କଲେ ।

ଡାକ୍ତର—ଏହି ବାବୁଙ୍କ ସଙ୍ଗରେ ପରମହଂସଙ୍କ କଥା ହେଲା । ଥିଓସଫିର କଥା—କର୍ଣ୍ଣେଲ ଆଲକଟ୍ କଥା ହେଲା । ପରମହଂସ ଏହି ବାବୁଟି ପ୍ରତି ରାଗାନ୍ୱିତ । କାହିଁକି ଜାଣ ? ଏ କହନ୍ତି, ମୁଁ ସବୁ ଜାଣେ ।

ମାଷ୍ଟର—ନା, ରାଗିବେ କାହିଁକି ? ତେବେ ଶୁଣିଛି, ଥରେ ଦେଖା ହୋଇଥିଲା । ସେ ସମୟରେ ପରମହଂସଦେବ ଈଶ୍ୱରଙ୍କ କଥା କହୁଥିଲେ । ସେତେବେଳେ ଏ କହିଥିଲେ ଯେ, 'ହଁ, ସେ ସବୁ ଜାଣେ ।'

ଡାକ୍ତର—ଏ ବାବୁଟି Science Associationକୁ (ବିଜ୍ଞାନ ସମିତି) ବତିଶ ହଜାର ପାଞ୍ଚଶତ ଟଙ୍କା ଦେଇଛନ୍ତି ।

ଗାଡ଼ି ଚାଲିବାକୁ ଲାଗିଲା । ବଡ଼ବଜାର ଦେଇ ଫେରୁଛି । ଡାକ୍ତର ଠାକୁରଙ୍କ ସେବା ସମ୍ବନ୍ଧରେ କଥା କହିଲେ ।

ଡାକ୍ତର—ତୁମମାନଙ୍କର କ'ଣ ଇଚ୍ଛା ଏହାଙ୍କୁ ଦକ୍ଷିଣେଶ୍ୱରକୁ ପଠାଇବା ?

ମାଷ୍ଟର—ନା, ସେଥିରେ ଭକ୍ତମାନଙ୍କର ବଡ଼ ଅସୁବିଧା । କଲିକତାରେ ରହିଲେ ସର୍ବଦା ଯିବା ଆସିବା ହୋଇପାରେ, ଦେଖା ଶୁଣା ହୋଇପାରେ ।

ଡାକ୍ତର—ଏଥିରେ ତ ଅନେକ ଖର୍ଚ୍ଚ ହେଉଛି ।

ମାଷ୍ଟର—ଭକ୍ତମାନଙ୍କର ସେଥିପାଇଁ କୌଣସି କଷ୍ଟ ନାହିଁ । ସେମାନେ ଯେପରି ସେବା କରିପାରନ୍ତି, ଏହି ଚେଷ୍ଟା କରୁଛନ୍ତି । ଖରଚ ତ ଏଠାରେ ଅଛି,

ସେଠାରେ ମଧ୍ୟ ଅଛି । ସେଠାକୁ ଗଲେ ସର୍ବଦା ଦେଖିବାକୁ ପାଇବେ ନାହିଁ, ଏହି ଭାବନା ।

## (୨)

### ଶ୍ରୀରାମକୃଷ୍ଣ, ଡାକ୍ତର ସରକାର, ଭାଦୁଡ଼ୀ ପ୍ରଭୃତିଙ୍କ ସଙ୍ଗରେ

ଡାକ୍ତର ଓ ମାଷ୍ଟର ଶ୍ୟାମପୁକୁରର ଗୋଟିଏ ଦ୍ୱିତଳ ଗୃହରେ ଉପସ୍ଥିତ ହେଲେ । ସେହି ଗୃହର ଉପରେ ବାହାରକୁ ବାରଣ୍ଡା ଥିବା ଦୁଇଟି ଘର ଅଛି । ଗୋଟିଏ ପୂର୍ବ-ପଶ୍ଚିମରେ ଓ ଅପରଟି ଉତ୍ତର-ଦକ୍ଷିଣରେ । ଏହାର ପ୍ରଥମ ଘରଟିକୁ ଯାଇ ଦେଖନ୍ତି, ଠାକୁର ଶ୍ରୀରାମକୃଷ୍ଣ ବସିଛନ୍ତି । ଠାକୁରେ ସହାସ୍ୟ ବଦନ । ପାଖରେ ଡାକ୍ତର ଭାଦୁଡ଼ୀ ଓ ଅନ୍ୟ ଭକ୍ତମାନେ ଅଛନ୍ତି ।

ଡାକ୍ତର ହାତ ଦେଖିଲେ ଓ ପୀଡ଼ାର ଅବସ୍ଥା ସମସ୍ତ ଅବଗତ ହେଲେ । କ୍ରମେ ଈଶ୍ୱର ସମ୍ବନ୍ଧୀୟ କଥା ହେବାକୁ ଲାଗିଲା ।

ଭାଦୁଡ଼ୀ—କଥାଟା କ'ଣ ଜାଣ ? ସବୁ ସ୍ୱପ୍ନବତ୍ ।

ଡାକ୍ତର—ସମସ୍ତ ହିଁ Delusion (ଭ୍ରମ) ! ତେବେ କାହାର ଭ୍ରମ ଆଉ କାହିଁକି ବା ଭ୍ରମ ? ଭ୍ରମ ଜାଣିବାସତ୍ତ୍ୱେ ଆଉ ସମସ୍ତେ କଥା ବା କହନ୍ତି କାହିଁକି ? I cannot believe that God is real and creation is unreal. (ଈଶ୍ୱର ସତ୍ୟ, ଆଉ ତାଙ୍କର ସୃଷ୍ଟି ମିଥ୍ୟା, ଏ ବିଶ୍ୱାସ କରିପାରେ ନା ।)

### ସୋଽହଂ ଓ ଦାସଭାବ—ଜ୍ଞାନ ଓ ଭକ୍ତି

ଶ୍ରୀରାମକୃଷ୍ଣ—ଏ ବେଶ୍ ଭାବ ତୁମେ ପ୍ରଭୁ, ମୁଁ ଦାସ । ଯେ ପର୍ଯ୍ୟନ୍ତ ଦେହ ସତ୍ୟ ବୋଲି ବୋଧ ଅଛି, ମୁଁ ତୁମେ ଭାବ ରହିଛି, ସେ ପର୍ଯ୍ୟନ୍ତ ସେବ୍ୟ ସେବକ ଭାବ ହିଁ ଭଲ, ମୁଁ ହିଁ ସେ, ଏ ବୁଦ୍ଧି ଭଲ ନୁହେଁ ।

ଆଉ କ'ଣ ଜାଣ ? "ଘର କୋଣରୁ ଘରକୁ ଦେଖିଲେ 'ଯେଉଁ ଘର' ଘର ମଝିରୁ ଦେଖିଲେ ମଧ୍ୟ ସେହି ଘର ।"

ଭାଦୁଡ଼ୀ (ଡାକ୍ତରଙ୍କ ପ୍ରତି)—ଏସବୁ କଥା ଯାହା କହିଲି, ବେଦାନ୍ତରେ ଅଛି । ଶାସ୍ତ୍ର ପ୍ରଭୃତି ଦେଖ, ତେବେ ଜାଣିବ ।

ଡାକ୍ତର—କାହିଁକି, ଏ କ'ଣ ଶାସ୍ତ୍ର ପଢ଼ି ବିଦ୍ୱାନ ହୋଇଛନ୍ତି ? ଆଉ ଏ ମଧ୍ୟ ଏହି କଥା କହନ୍ତି ? ଶାସ୍ତ୍ର ନ ପଢ଼ିଲେ ହେବନାହିଁ ।

ଶ୍ରୀରାମକୃଷ୍ଣ—ଆହେ, ମୁଁ କେତେ ଶୁଣିଛି ?

ଡାକ୍ତର—କେବଳ ଶୁଣିଲେ ଭୁଲ ରହିପାରେ, ତୁମେ ଖାଲି ଶୁଣି ନାହଁ । ପୁଣି ଅନ୍ୟ କଥା ଚାଲିଲା ।

## ଠାକୁରଙ୍କର ପାଦଧୂଳି ଦେବା

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି)—ଆପଣ ପରା କହୁଛନ୍ତି ଯେ, ମୁଁ ପାଗଳ । ସେଥିପାଇଁ ଏମାନେ (ମାଷ୍ଟର ପ୍ରଭୃତିଙ୍କ ଆଡ଼କୁ ଦେଖାଇ) ତୁମ ପାଖକୁ ଯିବାକୁ ଚାହାନ୍ତି ନାହିଁ ।

ଡାକ୍ତର(ମାଷ୍ଟରଙ୍କ ଆଡ଼କୁ ଦୃଷ୍ଟିପାତ କରି)—କେତେବେଳେ କହିଲି ? ତେବେ ତୁମ ଅହଂକାର ବିଷୟରେ କହିଛି । ତୁମେ ଲୋକମାନଙ୍କୁ ପାଦଧୂଳି ଦିଅ କାହିଁକି ?

ମାଷ୍ଟର—ତାହା ନହେଲେ ଲୋକେ କାନ୍ଦନ୍ତି ।

ଡାକ୍ତର—ସେମାନଙ୍କର ଭୁଲ, ବୁଝାଇଦେବା ଉଚିତ ।

ମାଷ୍ଟର—କାହିଁକି ? ସର୍ବଭୂତରେ ନାରାୟଣ ?

ଡାକ୍ତର—ସେଥିରେ ମୋର ଆପତ୍ତି ନାହିଁ । ସମସ୍ତଙ୍କ ପ୍ରତି ସେହିପରି କର ।

ମାଷ୍ଟର—କେଉଁ କେଉଁ ମନୁଷ୍ୟ ମଧ୍ୟରେ ବେଶୀ ପ୍ରକାଶ । ପାଣି ସବୁ ଜାଗାରେ ଅଛି, କିନ୍ତୁ ପୋଖରୀ, ନଦୀ, ସମୁଦ୍ରରେ—ପ୍ରକାଶ ଆପଣ Faraday (ଫାରାଡ଼େ)ଙ୍କୁ ଯେତେ ମାନିବେ, ନୂତନ Bachelor of Science କୁ କଅଣ ସେତେ ମାନିବେ ?

ଡାକ୍ତର—ସେଥିରେ ମୁଁ ରାଜି । ତେବେ God (ଈଶ୍ୱର) କହ କାହିଁକି ?

ମାଷ୍ଟର—ଆମେମାନେ ପରସ୍ପରଙ୍କୁ ନମସ୍କାର କରୁ କାହିଁକି ? ସମସ୍ତଙ୍କ ହୃଦୟ ମଧ୍ୟରେ ନାରାୟଣ ଅଛନ୍ତି । ଆପଣ ମଧ୍ୟ ସବୁ ବିଷୟ ବେଶୀ ଦେଖି ନାହାନ୍ତି ବା ଭାବି ନାହାନ୍ତି ।

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି)—କିଛି କିଛି ଜିନିଷରେ ବେଶୀ ପ୍ରକାଶ । ଆପଣଙ୍କୁ ତ କହିଛି, ସୂର୍ଯ୍ୟଙ୍କର ରଶ୍ମି ମାଟିରେ ଏକ ପ୍ରକାର ପଡ଼େ, ଗଛରେ ଏକ ପ୍ରକାର ପଡ଼େ, ପୁଣି ଦର୍ପଣରେ ଆଉ ଏକ ପ୍ରକାର । ଦର୍ପଣରେ କିଛି ବେଶୀ ପ୍ରକାଶ । ଦେଖନା ପ୍ରହ୍ଲାଦାଦି ଆଉ ଏଠାରେ ଉପସ୍ଥିତ ଭକ୍ତମାନେ କଅଣ ସମାନ ? ପ୍ରହ୍ଲାଦଙ୍କର ମନପ୍ରାଣ ସବୁ ତାଙ୍କଠାରେ ସମର୍ପଣ ହୋଇଥିଲା ।

ଡାକ୍ତର ଚୁପ୍ ରହିଲେ । ସମସ୍ତେ ନୀରବ ଅଛନ୍ତି ।

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କପ୍ରତି)—ଦେଖ, ଏଠାପ୍ରତି ତୁମର ସ୍ନେହ ଅଛି । ତୁମେ ମୋତେ କହିଛ,ତୁମକୁ ଭଲ ପାଏ ।

## ଶ୍ରୀରାମକୃଷ୍ଣ ଓ ସଂସାରୀ ଜୀବ—'ତୁମେ ଲୋଭୀ, କାମୀ, ଅହଙ୍କାରୀ'

ଡାକ୍ତର—ତୁମେ Child of Nature (ପ୍ରକୃତିର ଶିଶୁ) ସେଥିପାଇଁ ଏତେ କହୁଛି । ଲୋକେ ପାଦରେ ହାତଦେଇ ନମସ୍କାର କରନ୍ତି, ଏଥିରେ ମୋର କଷ୍ଟ ହୁଏ । ମନେକରେ ଏପରି ଭଲ ଲୋକଟାକୁ ଖରାପ କରିଦେଉଛନ୍ତି । କେଶବ ସେନଙ୍କୁ ତାଙ୍କର ଶିଷ୍ୟମାନେ ଏହି ପ୍ରକାର କରିଥିଲେ । ତୁମକୁ କହୁଛି ଶୁଣ—

ଶ୍ରୀରାମକୃଷ୍ଣ—ତୁମର କଥା କ'ଣ ମୁଁ ଶୁଣିବି ? ତୁମେ ଲୋଭୀ, କାମୀ, ଅହଂକାରୀ ।

ଭାଦୁଡ଼ୀ (ଡାକ୍ତରଙ୍କ ପ୍ରତି)—ଅର୍ଥାତ୍ ତୁମର ଜୀବତ୍ୱ ଅଛି ! ଜୀବର ଧର୍ମ ହିଁ ଏହି, ଟଙ୍କା କଉଡ଼ି, ମାନ-ସମ୍ଭ୍ରମରେ ଲୋଭ, କାମ, ଅହଂକାର । ସମସ୍ତ ଜୀବଙ୍କର ହିଁ ଏହି ଧର୍ମ ।

ଡାକ୍ତର—ସେପରି କହିଲେ ଗଳାର ଅସୁସ୍ଥତା କେବଳ ଦେଖିଯିବି । ଅନ୍ୟ କୌଣସି କଥାରେ ଦରକାର ନାହିଁ । ତର୍କ କରିବାକୁ ଦେଲେ ସବୁ ଠିକ୍ ଠିକ୍ କଥା କହିବି । ସମସ୍ତେ ଚୁପ୍ ରହିଲେ ।

## ଅନୁଲୋମ ଓ ବିଲୋମ Involution & Evolution ତିନି ପ୍ରକାର ଭକ୍ତ

କିଛିସମୟପରେ ଠାକୁର ପୁଣି ଭାଦୁଡ଼ୀଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—କ'ଣ ଜାଣ ? ଏ (ଡାକ୍ତର) ବର୍ତ୍ତମାନ ନେତି ନେତି କରି ଅନୁଲୋମକୁ ଯାଉଛନ୍ତି । ଈଶ୍ୱର ଜୀବ ନୁହନ୍ତି, ଜଗତ୍ ନୁହନ୍ତି, ସୃଷ୍ଟିର ବାହାରେ ଏହି ସବୁ ବିଚାର ଏ କରୁଛନ୍ତି । ଯେତେବେଳେ ବିଲୋମକୁ ଆସିବେ ସବୁ ମାନିବେ ।

''କଦଳୀ ଗଛର ପଟୁଆ ଛଡ଼ାଇ ଗଲେ ମଞ୍ଜା ମିଳେ ।'' ପଟୁଆ ଗୋଟିଏ ଅଲଗା ଜିନିଷ, ମଞ୍ଜା ଗୋଟିଏ ଅଲଗା ଜିନିଷ । ମଞ୍ଜା କିଛି ପଟୁଆ ନୁହେଁ, ପଟୁଆ ମଧ କିଛି ମଞ୍ଜା ନୁହେଁ । କିନ୍ତୁ ଶେଷରେ ମନୁଷ୍ୟ ଦେଖେ ଯେ, ପଟୁଆର ହିଁ ମଞ୍ଜା, ମଞ୍ଜାର ହିଁ ପଟୁଆ । ସେ ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି, ସେହି ମଧ ମନୁଷ୍ୟ ହୋଇଛନ୍ତି । (ଡାକ୍ତରଙ୍କ ପ୍ରତି)—ଭକ୍ତ ତିନି ପ୍ରକାରର । ଅଧମ ଭକ୍ତ, ମଧ୍ୟମ ଭକ୍ତ, ଉତ୍ତମ ଭକ୍ତ । ଅଧମ ଭକ୍ତ କହେ, ଈଶ୍ୱର ସେଠାରେ ଅଛନ୍ତି । ସେମାନଙ୍କ ମତରେ ସୃଷ୍ଟି ଅଲଗା, ଈଶ୍ୱର ଅଲଗା । ମଧ୍ୟମ ଭକ୍ତ କହେ, ଈଶ୍ୱର ଅନ୍ତର୍ଯ୍ୟାମୀ ହୃଦୟରେ ଅଛନ୍ତି । ସେ ହୃଦୟ ମଧରେ ଈଶ୍ୱରଙ୍କୁ ଦେଖେ । ଉତ୍ତମ

ଭକ୍ତ ଦେଖେ, ଈଶ୍ୱର ହିଁ ସବୁ ହୋଇଛନ୍ତି । ସେ ହିଁ ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି । ସେ ଦେଖେ ଈଶ୍ୱର ସର୍ବତ୍ର ବିଦ୍ୟମାନ ।

''ତୁମେ ଗୀତା, ଭାଗବତ, ବେଦାନ୍ତ ଆଦି ପଢ଼,—ତେବେ ଏ ସବୁ ବୁଝିପାରିବ ।

''ଈଶ୍ୱର କ'ଣ ସୃଷ୍ଟି ମଧ୍ୟରେ ନାହାନ୍ତି ?''

ଡାକ୍ତର—ନା, ସବୁ ଜାଗାରେ ଅଛନ୍ତି; ଆଉ ଅଛନ୍ତି ବୋଲି ଖୋଜାଯାଏ ନାହିଁ ।

କିଛି ସମୟପରେ ଅନ୍ୟ କଥା ପଡ଼ିଲା ।

ଠାକୁର ଶ୍ରୀରାମକୃଷ୍ଣଙ୍କର ଈଶ୍ୱରୀୟଭାବ ସର୍ବଦା ହୁଏ, ସେଥିରେ ଅସୁସ୍ଥତା ବଢ଼ିବାର ସମ୍ଭାବନା ।

ଡାକ୍ତର(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଭାବ ଚାପିବ । ମୋର ଖୁବ୍ ଭାବ ହୁଏ । ତୁମମାନଙ୍କଠାରୁ ବେଶୀ ନାଚିପାରେ ।

ଛୋଟ ନରେନ୍(ସହାସ୍ୟେ)—ଭାବ ଯଦି ଆଉ ଟିକିଏ ବଢ଼େ, କଅଣ କରିବ ?

ଡାକ୍ତର—Controlling Powers ମଧ୍ୟ (ଚାପିବାର ଶକ୍ତି) ବଢ଼ିବ ।

ଶ୍ରୀରାମକୃଷ୍ଣ ଓ ମାଷ୍ଟର—ତାହା ଆପଣ କହୁଛନ୍ତି ।

ମାଷ୍ଟର—ଭାବ ହେଲେ କଅଣ ହେବ, ଆପଣ କହି ପାରନ୍ତି ?

କିଛିକ୍ଷଣ ପରେ ଟଙ୍କା ପଇସା କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ମୋର ସେଥିପ୍ରତି ଆଗ୍ରହ ନାହିଁ, ତାହାତ ଜାଣ ? ଢ଼ଙ୍ଗ ନୁହେଁ — ନୁହେଁ କି ?

ଡାକ୍ତର—ମୋର ମଧ୍ୟ ସେଥିପ୍ରତି ଆଗ୍ରହ ନାହିଁ—ମୋର ଟଙ୍କା ବାକ୍ସ ଖୋଲା ପଡ଼ିରହେ ।

ଶ୍ରୀରାମକୃଷ୍ଣ—ଯଦୁ ମଲ୍ଲିକ ମଧ୍ୟ ଏହିପରି ଅନ୍ୟମନସ୍କ—ଖାଇବା ସମୟରେ ଏତେ ଅନ୍ୟମନସ୍କ ଯେ, ଖାଦ୍ୟର ଭଲମନ୍ଦ ଜାଣିପାରେ ନାହିଁ । କେହି ହୁଏତ କହିଲା, 'ସେଇଟା ଖାଅ ନାହିଁ, ସେଇଟା ଖରାପ ହୋଇଛି ।' ସେତେବେଳେ କହେ, 'ଏଁ ଏଇ ବ୍ୟଞ୍ଜନଟା ଖରାପ ? ହଁ ସତେ ତ !'

ଈଶ୍ୱର ଚିନ୍ତାକରି ଅନ୍ୟମନସ୍କ ରହିବା ଆଉ ବିଷୟ ଚିନ୍ତାକରି ଅନ୍ୟମନସ୍କ ରହିବା ମଧ୍ୟରେ ଅନେକ ପ୍ରଭେଦ ବୋଲି ଠାକୁରେ କ'ଣ ଇଙ୍ଗିତକରି କହୁଛନ୍ତି ?

ଭକ୍ତମାନଙ୍କୁ ଚାହିଁ ଠାକୁର ଶ୍ରୀରାମକୃଷ୍ଣ ଡାକ୍ତରଙ୍କୁ ଦେଖାଇ ସହାସ୍ୟରେ କହୁଛନ୍ତି, ଦେଖ, ସିଦ୍ଧ ହେଲେ ଜିନିଷ ନରମ ହୁଏ—ଏ (ଡାକ୍ତର) ଖୁବ୍ ଶକ୍ତ ଥିଲେ, ବର୍ତ୍ତମାନ ଭିତରୁ ଟିକିଏ ନରମ ହେଉଛନ୍ତି ।

ଡାକ୍ତର—ସିଦ୍ଧ ହେଲେ ଉପରୁ ନରମ ହୁଅନ୍ତି, କିନ୍ତୁ ଏ ଜନ୍ମରେ ମୋର ତାହା ହେଲାନାହିଁ । (ସମସ୍ତଙ୍କର ହାସ୍ୟ) ।

ଡାକ୍ତର ବିଦାୟ ନେବେ, ଠାକୁରଙ୍କ ସହିତ କଥା କହୁଛନ୍ତି ।

ଡାକ୍ତର—ଲୋକମାନେ ପାଦଧୂଳି ନିଅନ୍ତି, ବାରଣ କରିପାର ନାହିଁ ।

ଶ୍ରୀରାମକୃଷ୍ଣ—ସମସ୍ତେ କଅଣ ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ଧରିପାରନ୍ତି ?

ଡାକ୍ତର—ତାହାବୋଲି ଯେଉଁ ମତ ଠିକ୍, ତାହା କହିବ ନାହିଁ ?

ଶ୍ରୀରାମକୃଷ୍ଣ—ରୁଚି ଭେଦ ଆଉ ଅଧିକାରୀ ଭେଦ ଅଛି ।

ଡାକ୍ତର—ସେ ପୁଣି କଅଣ ?

ଶ୍ରୀରାମକୃଷ୍ଣ—ରୁଚିଭେଦ—କି ପ୍ରକାର ଜାଣ ? କେହି ମାଛର ଝୋଳ ଖାଏ, କେହି ମାଛ ଭଜା ଖାଏ, କେହି ମାଛର ଖଟା ଖାଏ, କେହି ମାଛର ପଲାଉ ଖାଏ । ଆଉ ଅଧିକାରୀ ଭେଦ । ମୁଁ କହେ ଆଗେ କଦଳୀ ଗଛକୁ ଶର ବିନ୍ଧିବାକୁ ଶିଖ, ତାହାପରେ ଦୀପର ବଳିତା, ତାହାପରେ ଉଡିଯାଉଥିବା ପକ୍ଷୀକୁ ବିନ୍ଧିବାକୁ ଶିଖ ।

## ଅଖଣ୍ଡ-ଦର୍ଶନ—ଡାକ୍ତର ସରକାର ଓ ହରିବଲ୍ଲଭଙ୍କୁ ଦର୍ଶନ

ସଂଧ୍ୟା ହେଲା । ଠାକୁରେ ଈଶ୍ୱର ଚିନ୍ତାରେ ମଗ୍ନ ହେଲେ । ଏତେ ଅସୁସ୍ଥତା, କିନ୍ତୁ ସେ ବିଷୟ ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି । ଦୁଇ ଚାରିଜଣ ଅନ୍ତରଙ୍ଗ ଭକ୍ତ ପାଖରେ ବସି ଏକ ଦୃଷ୍ଟିରେ ଦେଖୁଛନ୍ତି । ଠାକୁରେ ଅନେକ ସମୟ ଏହି ଅବସ୍ଥାରେ ରହିଲେ ।

ଠାକୁରେ ପ୍ରକୃତିସ୍ଥ ହୋଇ ମଣିଙ୍କୁ ଏକାନ୍ତରେ କହୁଛନ୍ତି—"ଦେଖ, ଅଖଣ୍ଡରେ ମନ ଲୀନ ହୋଇଯାଇଥିଲା ! ତାହାପରେ ଦେଖିଲି—ସେ ଅନେକ କଥା । ଡାକ୍ତରଙ୍କୁ ଦେଖିଲି, ତାଙ୍କର କିଛିଦିନ ପରେ ହେବ—ଆଉ ବେଶି ତାଙ୍କୁ କହିବାକୁ ହେବନାହିଁ । ଆଉ ଜଣଙ୍କୁ ଦେଖିଲି । ମନରେ ଉଠିଲା 'ତାକୁ ମଧ୍ୟ ନିଅ' । ତାର କଥା ପରେ ତୁମକୁ କହିବି ।

## ସଂସାରୀ ଜୀବକୁ ନାନା ଉପଦେଶ

ଶ୍ରୀଯୁକ୍ତ ଶ୍ୟାମ ବସୁ, ଡାକ୍ତର ଦୋକଡ଼ି ଓ ଆଉ ଜଣେ ଦୁଇଜଣ ଲୋକ ଆସିଛନ୍ତି । ଏଥର ସେମାନଙ୍କ ସହିତ କଥା କହୁଛନ୍ତି ।

ଶ୍ୟାମ ବସୁ—ଆହା, ସେଦିନ ଯେଉଁ କଥାଟି କହିଥିଲେ, କି ଚମତ୍କାର କଥା !

ଶ୍ରୀରାମକୃଷ୍ଣ(ସହାସ୍ୟେ)—କେଉଁ କଥା?

ଶ୍ୟାମ ବସୁ—ସେଇ ଯେ କହିଲେ, ଜ୍ଞାନ ଓ ଅଜ୍ଞାନର ପର ପାରକୁ ଗଲେ କଅଣ ରହେ ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ବିଜ୍ଞାନ । ନାନା ଜ୍ଞାନର ନାମ ଅଜ୍ଞାନ । ସର୍ବଭୂତରେ ଈଶ୍ୱର ଅଛନ୍ତି, ଏହାର ନାମ ଜ୍ଞାନ । ବିଶେଷ ରୂପେ ଜାଣିବାର ନାମ ବିଜ୍ଞାନ । ଈଶ୍ୱରଙ୍କ ସହିତ ଆଳାପ, ତାଙ୍କଠାରେ ଆତ୍ମୀୟବୋଧ, ଏହାର ନାମ ବିଜ୍ଞାନ ।

"କାଠରେ ଅଗ୍ନି ଅଛି, ଅଗ୍ନିତତ୍ତ୍ୱ ଅଛି; ଏହାର ନାମ ଜ୍ଞାନ । ସେହି କାଠ ଜାଳି ଭାତ ରାନ୍ଧି ଖାଇବା ଓ ଖାଇ ହୃଷ୍ଟପୁଷ୍ଟ ହେବାର ନାମ ବିଜ୍ଞାନ ।

ଶ୍ୟାମ ବସୁ(ସହାସ୍ୟେ)—ଆଉ ସେହି କଣ୍ଟାର କଥା ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ହଁ, ଯେପରି ପାଦରେ କଣ୍ଟା ଫୁଟିଲେ ଆଉ ଗୋଟିଏ କଣ୍ଟା ପ୍ରୟୋଜନ ହୁଏ, ତାହାପରେ ପାଦର କଣ୍ଟାଟି ବାହାରକରି ଉଭୟ କଣ୍ଟାକୁ ପକାଇ ଦିଆଯାଏ । ସେହିପରି ଅଜ୍ଞାନ କଣ୍ଟା ବାହାର କରିବା ପାଇଁ ଜ୍ଞାନକଣ୍ଟା ପ୍ରୟୋଜନ ହୁଏ । ଅଜ୍ଞାନ ନାଶ ପରେ ଜ୍ଞାନ-ଅଜ୍ଞାନ ଉଭୟକୁ ପକାଇ ଦେବାକୁ ହୁଏ । ସେତେବେଳେ ବିଜ୍ଞାନ ଅବସ୍ଥା ।

ଠାକୁର ଶ୍ୟାମ ବସୁଙ୍କ ଉପରେ ପ୍ରସନ୍ନ ହୋଇଛନ୍ତି । ଶ୍ୟାମ ବସୁ ବୟସ୍କ ମଣିଷ, ବର୍ତ୍ତମାନ କିଛିଦିନ ପାଇଁ ଈଶ୍ୱର ଚିନ୍ତା କରିବାକୁ ଇଚ୍ଛା ହୋଇଛି । ପରମହଂସଦେବଙ୍କ ନାମ ଶୁଣି ଏଠାକୁ ଆସିଛନ୍ତି । ଏହା ପୂର୍ବରୁ ଆଉ ଦିନେ ଆସିଥିଲେ ।

ଶ୍ରୀରାମକୃଷ୍ଣ(ଶ୍ୟାମ ବସୁଙ୍କ ପ୍ରତି)—ବିଷୟ ଚର୍ଚ୍ଚା ଏକାବେଳକେ ଛାଡ଼ି ଦେବ । ଈଶ୍ୱରୀୟ ପ୍ରସଙ୍ଗ ବ୍ୟତୀତ ଅନ୍ୟ କୌଣସି କଥା କହିବନାହିଁ । ବିଷୟୀ ଲୋକ ଆସିବାର ଦେଖିଲେ ସ୍ଥାନ ପରିତ୍ୟାଗ କରିବ । ଏତେଦିନ ତ ସଂସାରକରି ଦେଖିଲ, ସବୁ ଅସାର । ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ । ଈଶ୍ୱର ହିଁ ସତ୍ୟ, ଆଉ ସବୁ ଦୁଇଦିନ ପାଇଁ ! ସଂସାରରେ ଅଛି କଅଣ ? ଆମ୍ବଡ଼ାର ଖଟା, ଖାଇବାକୁ ଇଚ୍ଛା ହୁଏ, କିନ୍ତୁ ଆମ୍ବଡ଼ାରେ ଅଛି କଅଣ? ଟାକୁଆ ଆଉ ଚୋପା, ଖାଇଲେ ଅମ୍ଳଶୂଳ ହୁଏ ।

ଶ୍ୟାମ ବସୁ—ଆଜ୍ଞା ହଁ, ଯାହା କହୁଛନ୍ତି, ସବୁ ସତ୍ୟ ।

ଶ୍ରୀରାମକୃଷ୍ଣ—ଅନେକ ଦିନ ଧରି ବହୁତ ବିଷୟ କର୍ମ କରିଛ, ବର୍ତ୍ତମାନ ସଂସାର-ଜଞ୍ଜାଳରେ ଧ୍ୟାନ, ଈଶ୍ୱର ଚିନ୍ତା ହେବ ନାହିଁ । ଟିକିଏ ନିର୍ଜ୍ଜନତା ଦରକାର । ନିର୍ଜ୍ଜନ ନ ହେଲେ ମନ ସ୍ଥିର ହେବ ନାହିଁ । ତେଣୁ ଘରଠାରୁ କିଛି ଦୂରରେ ଧ୍ୟାନର ସ୍ଥାନ ନିରୂପଣ କରିବାକୁ ହୁଏ ।

ଶ୍ୟାମ ବସୁ ଟିକିଏ ନୀରବ ରହିଲେ, ଯେପରି କ'ଣ ଚିନ୍ତା କରୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ଆଉ ଦେଖ, ଦାନ୍ତ ମଧ୍ୟ ସବୁ ପଡିଯାଇଛି, ଆଉ ଦୁର୍ଗାପୂଜା କାହିଁକି ? (ସମସ୍ତଙ୍କର ହାସ୍ୟ) । ଜଣେ ପଚାରିଥିଲା, ଆଉ

ଦୁର୍ଗାପୂଜା କରୁ ନାହଁ କାହିଁକି ? ସେ ବ୍ୟକ୍ତି ଉତ୍ତର ଦେଲା, ଆଉ ଦାନ୍ତ ନାହିଁ ଭାଇ । ବୋଦା ମାଂସ ଖାଇବାର ଶକ୍ତି ଯାଇଛି ।

ଶ୍ୟାମ ବସୁ—ଆହା କି ମଧୁର କଥା !

ଶ୍ରୀରାମକୃଷ୍ଣ(ସହାସ୍ୟେ)— ଏହି ସଂସାରରେ ବାଲି ଆଉ ଚିନି ମିଶିକରି ଅଛି । ପିମ୍ପୁଡ଼ିପରି ବାଲିକୁ ଛାଡ଼ି ଚିନି ଟିକକ ନେବାକୁ ହୁଏ । ଯେ ଚିନି ଟିକକ ନେଇ ପାରେ, ସେ ହିଁ ଚତୁର । ତାଙ୍କର ଚିନ୍ତା କରିବାପାଇଁ ଗୋଟିଏ ନିର୍ଜନ ସ୍ଥାନ କର । ଧ୍ୟାନର ସ୍ଥାନ । ତୁମେ କରିବା ପରେ ମୁଁ ମଧ୍ୟ ସେଠାକୁ ଯିବି ।

ସମସ୍ତେ କିଛି ସମୟ ଚୁପ୍ ଅଛନ୍ତି ।

ଶ୍ୟାମ ବସୁ— ମହାଶୟ, ଜନ୍ମାନ୍ତର କଅଣ ଅଛି ? ପୁଣି କଅଣ ଜନ୍ମଗ୍ରହଣ କରିବାକୁ ହେବ ?

ଶ୍ରୀରାମକୃଷ୍ଣ—ଈଶ୍ୱରଙ୍କୁ କହ, ଆନ୍ତରିକ ଭାବରେ ଡାକ; ସେ ସବୁ ଜଣାଇଦେବେ । ଯଦୁ ମଲ୍ଲିକ ସଙ୍ଗରେ କଥାବାର୍ତ୍ତା କର, ଯଦୁ ମଲ୍ଲିକ ହିଁ କହି ଦେବେ, ତାଙ୍କର କେତେ କୋଠାବାଡ଼ି, କେତେ ଟଙ୍କାର କମ୍ପାନୀ କାଗଜ । ଆଗେ ସେ—ସବୁ ଜାଣିବାକୁ ଚେଷ୍ଟା କରିବା ଠିକ୍ ନୁହେଁ । ଆଗେ ଈଶ୍ୱରଙ୍କୁ ଲାଭ କର, ତାହାପରେ ଯାହା ଇଚ୍ଛା, ସେ ହିଁ ଜଣାଇଦେବେ ।

ଶ୍ୟାମ ବସୁ—ମହାଶୟ, ମନୁଷ୍ୟ ସଂସାରରେ ରହି କେତେ ଅନ୍ୟାୟ କରେ, ପାପ କର୍ମ କରେ । ସେ ମନୁଷ୍ୟ କଅଣ ଈଶ୍ୱରଙ୍କୁ ଲାଭ କରିପାରିବ ?

ଶ୍ରୀରାମକୃଷ୍ଣ—ଦେହ ତ୍ୟାଗର ଆଗେ ଯଦି କେହି ଈଶ୍ୱର ଲାଭ ପାଇଁ ସାଧନା କରେ, ଆଉ ସାଧନା କରୁ କରୁ, ଈଶ୍ୱରଙ୍କୁ ଡାକୁ ଡାକୁ, ଯଦି ଦେହ ତ୍ୟାଗ ହୁଏ, ତାକୁ ଆଉ ପାପ କେତେବେଳେ ସ୍ପର୍ଶ କରିବ ? ହାତୀର ସ୍ୱଭାବ ହେଉଛି ସ୍ନାନ କରାଇଦେବା ପରେ ମଧ୍ୟ ପୁଣି ଧୂଳି କାଦୁଅ ବୋଳିହେବା; କିନ୍ତୁ ମାହୁନ୍ତ ସ୍ନାନ କରାଇବା ପରେ ଯଦି ହାତୀଶାଳକୁ ନେଇଯାଏ, ତାହେଲେ ଆଉ ଧୂଳି କାଦୁଅ ବୋଳି ହୋଇପାରେ ନାହିଁ ।

ଠାକୁରଙ୍କର କଠିନ ବ୍ୟାଧି ! ଭକ୍ତମାନେ ଅବାକ୍; ଅହେତୁକ କୃପାସିନ୍ଧୁ ଦୟାଳୁ ଠାକୁର ଶ୍ରୀରାମକୃଷ୍ଣ ଜୀବ ଦୁଃଖରେ କାତର ହୋଇ ଅହର୍ନିଶି ଜୀବର ମଙ୍ଗଳ ଚିନ୍ତା କରୁଛନ୍ତି । ଶ୍ୟାମ ବସୁଙ୍କୁ ସାହସ ଦେଉଛନ୍ତି, ଅଭୟ ଦେଉଛନ୍ତି; ଈଶ୍ୱରଙ୍କୁ ଡାକୁ ଡାକୁ ଯଦି ଦେହତ୍ୟାଗ ହୁଏ, ଆଉ ପାପ ସ୍ପର୍ଶ କରିବ ନାହିଁ ।

❁❁❁

# ପଞ୍ଚମ ପରିଚ୍ଛେଦ

## (୧)

## ଠାକୁର ଶ୍ରୀରାମକୃଷ୍ଣ କଲିକତାର ଶ୍ୟାମପୁକୁର ଘରେ ଭକ୍ତଙ୍କ ସଙ୍ଗରେ

ଆଜି ଶୁକ୍ରବାର, ଆଶ୍ୱିନ ମାସ, କୃଷ୍ଣପକ୍ଷ ସପ୍ତମୀ; କାର୍ତ୍ତିକ ୧୫ ଦିନ; ୩୦ ତାରିଖ ଅକ୍ଟୋବର ୧୮୮୫ ଖ୍ରୀଷ୍ଟାବ୍ଦ । ଶ୍ରୀରାମକୃଷ୍ଣ ଶ୍ୟାମପୁକୁରକୁ ଚିକିତ୍ସାର୍ଥେ ଆସିଛନ୍ତି । ଦୋତାଲା ଘରେ ଅଛନ୍ତି; ସମୟ ସକାଳ ୯ଟା; ମାଷ୍ଟରଙ୍କ ସହିତ ଏକାକୀ କଥା କହୁଛନ୍ତି; ମାଷ୍ଟର ଡାକ୍ତର ସରକାରଙ୍କ ପାଖକୁ ଯାଇ ରୋଗର ଖବର ଦେବେ ଓ ତାହାଙ୍କୁ ସଙ୍ଗରେ ଆଣିବେ । ଶରୀରର ଅସୁସ୍ଥତା ସତ୍ତ୍ୱେ ଠାକୁର ଭକ୍ତମାନଙ୍କ ଚିନ୍ତା କରୁଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି, ସହାସ୍ୟେ)—ଆଜି ସକାଳେ ପୂର୍ଣ୍ଣ ଆସିଥିଲା, ଭଲ ସ୍ୱଭାବ । ମନୀନ୍ଦ୍ରର ପ୍ରକୃତିଭାବ । କି ଆଶ୍ଚର୍ଯ୍ୟ ! ଚୈତନ୍ୟ ଚରିତ ପଢ଼ି ମନରେ ଏହା ଧାରଣା ହୋଇଛି—ଗୋପୀଭାବ, ସଖୀଭାବ, ଈଶ୍ୱର ପୁରୁଷ ଆଉ ମୁଁ ଯେପରି ପ୍ରକୃତି ।

ମାଷ୍ଟର—ଆଜ୍ଞା ହଁ ।

ପୂର୍ଣ୍ଣଚନ୍ଦ୍ର ସ୍କୁଲ ପିଲା, ବୟସ ୧୫/୧୬ । ପୂର୍ଣ୍ଣକୁ ଦେଖିବା ପାଇଁ ଠାକୁରେ ବଡ଼ ବ୍ୟାକୁଳ ହୁଅନ୍ତି; କିନ୍ତୁ ଘରଲୋକ ପୂର୍ଣ୍ଣଙ୍କୁ ଆସିବାକୁ ଦିଅନ୍ତି ନାହିଁ । ଦେଖିବାପାଇଁ ପ୍ରଥମେ ଏତେ ବ୍ୟାକୁଳ ହୋଇଥିଲେ ଯେ ଦିନେ ରାତିରେ ଠାକୁର ଦକ୍ଷିଣେଶ୍ୱରରୁ ହଠାତ୍ ଆସି ମାଷ୍ଟରଙ୍କ ଘରେ ଉପସ୍ଥିତ ହୋଇଥିଲେ । ମାଷ୍ଟର ପୂର୍ଣ୍ଣକୁ ତାଙ୍କ ଘରୁ ସଙ୍ଗରେ ଆଣି ଦେଖାକରାଇ ଦେଇଥିଲେ । ଈଶ୍ୱରଙ୍କୁ କିପରି ଡାକିବାକୁ ହୁଏ—ତା' ସହିତ ଏ ବିଷୟରେ ଅନେକ କଥାବାର୍ତ୍ତା ପରେ ଠାକୁରେ ଦକ୍ଷିଣେଶ୍ୱରକୁ ଫେରି ଯାଇଥିଲେ ।

ମନୀନ୍ଦ୍ରର ବୟସ ୧୫/୧୬ ହେବ । ଭକ୍ତମାନେ ତାହାଙ୍କୁ ଖୋକା (ପିଲା) ବୋଲି ଡାକୁଥିଲେ, ବର୍ତ୍ତମାନ ମଧ୍ୟ ଡାକନ୍ତି । ପିଲାଟି ଭଗବାନଙ୍କର ନାମ ଗୁଣଗାନ ଶୁଣିଲେ ଭାବବିହ୍ୱଳ ହୋଇ ନୃତ୍ୟ କରେ ।

## (୨)

## ଡାକ୍ତର ଓ ମାଷ୍ଟର

ଦିନ ପ୍ରାୟ ସାଢ଼େ ଦଶଟା । ମାଷ୍ଟର ଡାକ୍ତର ସରକାରଙ୍କ ଘରକୁ ଯାଇଛନ୍ତି । ରାସ୍ତା ଉପରେ ଦୋତାଲା ବୈଠକଖାନାର ବାରଣ୍ଡା, ସେହିଠାରେ ଡାକ୍ତରଙ୍କ

ସଙ୍ଗରେ ଚଉକି ଉପରେ ବସି କଥା କହୁଛନ୍ତି । ଡାକ୍ତରଙ୍କ ସମ୍ମୁଖରେ କାଚପାତ୍ରରେ ପାଣି ଅଛି, ସେଥିରେ ଲାଲ୍ ରଙ୍ଗର ମାଛ ଖେଳୁଛନ୍ତି । ଡାକ୍ତର ମଝିରେ ମଝିରେ ଅଳେଇଚ ଚୋପା ପାଣିରେ ପକାଇ ଦେଉଛନ୍ତି । ଥରେ ଥରେ ମଇଦାର ଗୋଲି ଛାତ ଆଡ଼କୁ ଚଢ଼େଇମାନଙ୍କର ଆହାର ଉଦ୍ଦେଶ୍ୟରେ ଫିଙ୍ଗି ଦେଉଛନ୍ତି । ମାଷ୍ଟର ଦେଖୁଅଛନ୍ତି ।

ଡାକ୍ତର(ମାଷ୍ଟରଙ୍କ ପ୍ରତି, ସହାସ୍ୟେ)—ଏଇ ଦେଖ, ଏମାନେ (ଲାଲମାଛ) ମୋ ଆଡ଼କୁ ଚାହିଁଛନ୍ତି, କିନ୍ତୁ ସେ ଦିଗକୁ ଯେ ଅଳେଇଚର ଚୋପା ଫିଙ୍ଗି ଦେଇଛି ତାହା ଦେଖୁନାହାନ୍ତି । ତେଣୁ କହୁଛି, କେବଳ ଭକ୍ତିରେ କଅଣ ହେବ, ଜ୍ଞାନ ଦରକାର (ମାଷ୍ଟରଙ୍କର ହାସ୍ୟ) । ଏଇ ଦେଖ, ଚଢ଼େଇ ସବୁ ଉଡ଼ିଗଲେ, ମଇଦାର ଗୋଲି ପକାଇଲି, ସେମାନେ ଦେଖି ଭୟକଲେ । ସେମାନଙ୍କର ଭକ୍ତି ହେଲାନାହିଁ, ଜ୍ଞାନ ନାହିଁ ବୋଲି । ଖାଇବା ଜିନିଷ ବୋଲି ଜାଣନ୍ତି ନାହିଁ ।

ଡାକ୍ତର ଆସି ବୈଠକଖାନାରେ ବସିଲେ । ଚତୁର୍ଦ୍ଦିଗରେ ବହିଭର୍ତ୍ତି ଆଲମାରୀ । ଡାକ୍ତର ଟିକିଏ ବିଶ୍ରାମ କରୁଛନ୍ତି, ମାଷ୍ଟର ବହି ଦେଖୁଅଛନ୍ତି ଓ ଖଣ୍ଡିଏ ଖଣ୍ଡିଏ ନେଇ ପଢୁଛନ୍ତି । ଶେଷରେ କିଛିକ୍ଷଣ Canon Farrar's Life of Jesus ବହି ପଢ଼ିଲେ ।

ଡାକ୍ତର ମଝିରେ ମଝିରେ ଗପ କରୁଛନ୍ତି । ହୋମିଓପ୍ୟାଥିକ ଡାକ୍ତରଖାନା କେତେ କଷ୍ଟରେ ହୋଇଥିଲା, ସେହି ସମ୍ବନ୍ଧୀୟ ଚିଠିପତ୍ର ପଢ଼ିବାକୁ କହିଲେ; ଆଉ କହିଲେ ଯେ, ''ଏହି ସମସ୍ତ ଚିଠିପତ୍ର ୧୮୭୬ ଖ୍ରୀଷ୍ଟାବ୍ଦର Calcutta Journal of Medicine ରେ ମିଳିବ ।'' ଡାକ୍ତରଙ୍କର ହୋମିଓପ୍ୟାଥିକ ଉପରେ ଖୁବ୍ ବିଶ୍ୱାସ ।

ମାଷ୍ଟର ଆଉ ଖଣ୍ଡିଏ ବହି ବାହାର କରିଛନ୍ତି, Munger's New Theology । ଡାକ୍ତର ଦେଖିଲେ ।

ଡାକ୍ତର—Munger ବେଶ୍ ଯୁକ୍ତି ବିଚାର ଉପରେ ସିଦ୍ଧାନ୍ତ କରିଛନ୍ତି । ଏହା ଚୈତନ୍ୟ, ବୁଦ୍ଧ ବା ଯୀଶୁଖ୍ରୀଷ୍ଟ କହିଥିବାରୁ ବିଶ୍ୱାସ କରିବାକୁ ହେବ— ସେପରି ନୁହେଁ ।

ମାଷ୍ଟର(ସହାସ୍ୟେ)—ଚୈତନ୍ୟ ବା ବୁଦ୍ଧଙ୍କ କଥା ନୁହେଁ, ଏହା ମୁଙ୍ଗେର୍‌ଙ୍କ କଥା ହୋଇଥିବାରୁ ବିଶ୍ୱାସ କରିବାକୁ ହେବ ।

ଡାକ୍ତର—ଯାହା ଇଚ୍ଛା କୁହ ।

ମାଷ୍ଟର—ମୁଙ୍ଗେର୍ କହୁଛନ୍ତି, ଏହି ପ୍ରମାଣ ଯଥେଷ୍ଟ । (ଡାକ୍ତରଙ୍କର ହାସ୍ୟ) ।

ଡାକ୍ତର ଗାଡ଼ିରେ ଚଢ଼ିଲେ, ମାଷ୍ଟର ମଧ୍ୟ ଉଠିଲେ । ଗାଡ଼ି ଶ୍ୟାମପୁକୁର ଅଭିମୁଖରେ ଯାଉଛି । ଦିନ ଦୁଇ ପ୍ରହର । ଦୁଇଜଣ ଗପ କରି କରି ଯାଉଛନ୍ତି । ଡାକ୍ତର ଭାଦୁଡ଼ୀ ମଧ୍ୟ ମଝିରେ ମଝିରେ ଦେଖିବାକୁ ଆସନ୍ତି, ତାଙ୍କ ବିଷୟରେ କଥାବାର୍ତ୍ତା ହେଲା ।

ମାଷ୍ଟର(ସହାସ୍ୟେ)—ଆପଣଙ୍କୁ ଭାଦୁଡ଼ୀ କହିଛନ୍ତି, ଇଉପାଟିକେଲରୁ ଆରମ୍ଭ କରିବାକୁ ହେବ ।

ଡାକ୍ତର—ତାହା କିପରି ?

ମାଷ୍ଟର—ମହାତ୍ମା, ସୂକ୍ଷ୍ମ ଶରୀର, ଏସବୁ ଆପଣ ମାନନ୍ତି ନାହିଁ । ଭାଦୁଡ଼ୀ ମହାଶୟ ବୋଧହୁଏ ଥିଓସଫିଷ୍ଟ । ତାହାଛଡ଼ା ଆପଣ ଅବତାର ଲୀଳା ମାନନ୍ତି ନାହିଁ । ସେଥିପାଇଁ ସେ ବୋଧହୁଏ ଥଟ୍ଟାକରି କହିଛନ୍ତି, ଏଥର ମଲେ ମନୁଷ୍ୟ ଜନ୍ମ ତ ହେବନାହିଁ, କୌଣସି ଜୀବଜନ୍ତୁ, ଗଛପତ୍ର କିଛି ହୋଇପାରିବେ ନାହିଁ ! ଇଉପାଟିକେଲଠାରୁ ଆରମ୍ଭ କରିବାକୁ ହେବ, ତାହାପରେ ଅନେକ ଜନ୍ମ ଗଲେ କେତେବେଳେ ମନୁଷ୍ୟ ହୋଇପାରନ୍ତି !

ଡାକ୍ତର ଆରେ ବାବା—

ମାଷ୍ଟର—ଆଉ କହିଛନ୍ତି, ଆପଣମାନଙ୍କର ଯେ Science (ବିଜ୍ଞାନ) ନେଇ ଜ୍ଞାନ ସେ ମିଥ୍ୟା ଜ୍ଞାନ । ଏଇ ଅଛି ଏଇ ନାହିଁ । ସେ ଉପମା ମଧ୍ୟ ଦେଇଛନ୍ତି । ଯେପରି ଦୁଇଟି ଛୋଟ କୂଅ ଅଛି । ଗୋଟିଏ କୂଅର ଜଳ ତଳୁ Spring (ଝରଣା) ଦେଇ ଆସୁଛି, ଦ୍ୱିତୀୟ କୂଅର Spring (ଝରଣା) ନାହିଁ, ତେବେ ବର୍ଷା ଜଳ ଦ୍ୱାରା ପୂର୍ଣ୍ଣ ହୋଇଛି । ସେ ଜଳ କିନ୍ତୁ ବେଶିଦିନ ରହିବ ନାହିଁ । ଆପଣଙ୍କ ବିଜ୍ଞାନର ଜ୍ଞାନ ମଧ୍ୟ କୂଅର ବର୍ଷାଜଳ ପରି ଶୁଖିଯିବ ।

ଡାକ୍ତର (ଅଳ୍ପ ହସି)—ସତରେ !

ଗାଡ଼ି କର୍ଣ୍ଣଓ୍ୱାଲିସ୍‌ଷ୍ଟ୍ରୀଟ୍‌ରେ ଆସି ଉପସ୍ଥିତ ହେଲା । ଡାକ୍ତର ସରକାର ଶ୍ରୀଯୁକ୍ତ ପ୍ରତାପ ଡାକ୍ତରଙ୍କୁ ଗାଡ଼ିରେ ଉଠାଇନେଲେ । ସେ ଗତକାଲି ଠାକୁରଙ୍କୁ ଦେଖିବାକୁ ଯାଇଥିଲେ ।

## (୩)

## ଡାକ୍ତର ସରକାରଙ୍କ ପ୍ରତି ଉପଦେଶ—ଜ୍ଞାନୀର ଧ୍ୟାନ

ଠାକୁରେ ସେହି ଦୋତାଲା ଘରେ ବସିଛନ୍ତି—ସଙ୍ଗରେ କେତେଜଣ ଭକ୍ତ । ଡାକ୍ତର ଏବଂ ପ୍ରତାପଙ୍କ ସଙ୍ଗରେ କଥା କହୁଛନ୍ତି ।

ଡାକ୍ତର(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ପୁଣି କାଶି (କାଶ) ହୋଇଛି ? (ସହାସ୍ୟେ) ତେବେ କାଶୀକୁ ଯିବା ଭଲ (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ (ସହାସ୍ୟେ)—ସେଥିରେ ତ ମୁକ୍ତି ! ମୁଁ ମୁକ୍ତି ଚାହେଁନାହିଁ, ଭକ୍ତି ଚାହେଁ । (ଡାକ୍ତର ଓ ଭକ୍ତମାନେ ହସୁଛନ୍ତି) ।

ଶ୍ରୀଯୁକ୍ତ ପ୍ରତାପ, ଡାକ୍ତର ଭାଦୁଡ଼ୀଙ୍କର ଜାମାତା । ଠାକୁରେ ପ୍ରତାପଙ୍କୁ ଦେଖି ଭାଦୁଡ଼ୀଙ୍କର ଗୁଣଗାନ କରୁଛନ୍ତି ।

ଶ୍ରୀରାମକୃଷ୍ଣ(ପ୍ରତାପଙ୍କୁ)—ଆହା, ସେ କେତେ ଭଲ ! ଈଶ୍ୱର ଚିନ୍ତା; ଶୁଦ୍ଧାଚାର; ଆଉ ନିରାକାର ସାକାର ସବୁ ଭାବ ନେଇଛନ୍ତି ।

ମାଷ୍ଟରଙ୍କର ଖୁବ୍ ଇଚ୍ଛା ଯେ ଇଉପାଟିକେଲ ପ୍ରସଙ୍ଗ ଆଉଥରେ ହେଉ । ସେ ଛୋଟ ନରେନ୍‌ଙ୍କୁ ଆସ୍ତେ ଆସ୍ତେ—ଅଥଚ ଠାକୁରେ ଯେପରି ଶୁଣିବାକୁ ପାଇବେ—ଏପରି ଭାବରେ କହୁଛନ୍ତି, "ଇଉପାଟିକେଲ କଥାଟି ଭାଦୁଡ଼ୀ କଅଣ କହିଛନ୍ତି, ମନେ ଅଛି ?"

ଶ୍ରୀରାମକୃଷ୍ଣ(ସହାସ୍ୟେ, ଡାକ୍ତରଙ୍କପ୍ରତି)—ଆଉ ତୁମଙ୍କୁ କଅଣ କହିଛନ୍ତି ଜାଣ ? ତୁମେ ଏସବୁ ବିଶ୍ୱାସ କରନାହିଁ; ମନ୍ୱନ୍ତର ପରେ ତୁମର ଇଉପାଟିକେଲରୁ ଆରମ୍ଭ କରିବାକୁ ହେବ । (ସମସ୍ତଙ୍କର ହାସ୍ୟ) ।

ଡାକ୍ତର (ସହାସ୍ୟେ)—ଇଉପାଟିକେଲରୁ ଆରମ୍ଭ କରି ଅନେକ ଜନ୍ମ ପରେ ଯଦି ବା ମନୁଷ୍ୟ ହୁଏ, ପୁଣି ଏଠାକୁ ଆସିଲାମାତ୍ରେ ତ ଇଉପାଟିକେଲରୁ ଆଉଥରେ ଆରମ୍ଭ ! (ଡାକ୍ତର ଓ ସମସ୍ତଙ୍କର ହାସ୍ୟ) ।

ଠାକୁର ଏତେ ଅସୁସ୍ଥ, ତଥାପି ତାଙ୍କର ଈଶ୍ୱରୀୟ ଭାବ ହୁଏ ଓ ସେ ଈଶ୍ୱରଙ୍କର କଥା ସର୍ବଦା କହନ୍ତି; ଏହି କଥା ହେଉଛି ।

ପ୍ରତାପ—କାଲି ଭାବାବସ୍ଥା ଦେଖିଲି ।

ଶ୍ରୀରାମକୃଷ୍ଣ—ସେ ଆପେ ଆପେ ହୋଇଯାଇଥିଲା; ବେଶି ନୁହେଁ ।

ଡାକ୍ତର—କଥା ଆଉ ଭାବ ବର୍ତ୍ତମାନ ଭଲ ନୁହେଁ ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—କାଲି ଯେଉଁ ଭାବାବସ୍ଥା ହୋଇଥିଲା, ସେଥିରେ ତୁମଙ୍କୁ ଦେଖିଲି । ଦେଖିଲି, ଜ୍ଞାନର ଆକର—କିନ୍ତୁ ଭିତର ଏକାବେଳକେ ଶୁଷ୍କ, ଆନନ୍ଦ-ରସ ପାଇନାହାନ୍ତି । (ପ୍ରତାପଙ୍କପ୍ରତି) ଏ (ଡାକ୍ତର)ଯଦି ଥରେ ଆନନ୍ଦ ପାଇବେ, ଅଧଃ ଉର୍ଦ୍ଧ୍ୱ ସବୁ ପୂର୍ଣ୍ଣ ଦେଖିବେ । ଆଉ 'ମୁଁ ଯାହା କହୁଛି, ତାହାହିଁ ଠିକ୍, ଆଉ ଅନ୍ୟମାନେ ଯାହା କହନ୍ତି ତାହା ଠିକ୍ ନୁହେଁ' ଏହିସବୁ କଥା ତାହାହେଲେ ଆଉ କହିବେ ନାହିଁ—କଠୋର କର୍କଶ କଥା ଆଉ ତାଙ୍କ ମୁହଁରୁ ବାହାରିବ ନାହିଁ ।

## ଜୀବନର ଉଦ୍ଦେଶ୍ୟ—ପୂର୍ବ କଥା—ଲଙ୍ଗୁଳୀର ଉପଦେଶ

ଭକ୍ତମାନେ ସମସ୍ତେ ନୀରବ ଅଛନ୍ତି, ହଠାତ୍ ଠାକୁର ଶ୍ରୀରାମକୃଷ୍ଣ ଭାବାବିଷ୍ଟ ହୋଇ ଡାକ୍ତର ସରକାରଙ୍କୁ କହୁଛନ୍ତି—

"ମହୀନ୍ଦ୍ର ବାବୁ—କ'ଣ ଟଙ୍କା ଟଙ୍କା କରୁଛ ! ସ୍ତ୍ରୀ ସ୍ତ୍ରୀ !— ମାନ ! ସମ୍ମାନ ହେଉଛ ! ସେ ସବୁ ବର୍ତ୍ତମାନ ଛାଡ଼ି, ଏକ ଚିତ୍ତରେ ଈଶ୍ୱରଙ୍କ ପ୍ରତି ମନ ଦିଅ ! ଈଶ୍ୱରୀୟ ଆନନ୍ଦ ଉପଭୋଗ କର ।"

ଡାକ୍ତର ସରକାର ନୀରବ ଅଛନ୍ତି । ସମସ୍ତେ ନୀରବ ।

ଶ୍ରୀରାମକୃଷ୍ଣ—ଲଙ୍ଗୁଳୀ ଜ୍ଞାନୀର ଧ୍ୟାନ କଥା କହୁଥିଲେ । ସର୍ବତ୍ର ଜଳମୟ, ଅଧଃ ଊର୍ଦ୍ଧ୍ୱ ସବୁ ପୂର୍ଣ୍ଣ ! ଜୀବ ଯେପରି ମୀନ, ସେହି ଜଳରେ ଆନନ୍ଦରେ ପହଁରୁଛି । ଯଥାର୍ଥ ଧ୍ୟାନରେ ଏହା ସତକୁ ସତ ଦେଖିବ ।

**ଅନନ୍ତ ସମୁଦ୍ର**, ଜଳର ମଧ୍ୟ ସୀମା ନାହିଁ । ତା' ଭିତରେ ଯେପରି ଗୋଟିଏ ଘଟ ରହିଛି । ବାହାରେ ଭିତରେ ଜଳ । ଜ୍ଞାନୀ ଦେଖେ—ଅନ୍ତରେ ବାହାରେ ସେହି ପରମାତ୍ମା । ତେବେ ଘଟଟି କଅଣ ? ଘଟ ଅଛି ବୋଲି ଜଳ ଦୁଇଭାଗ ଦେଖାଯାଉଛି, ଅନ୍ତର ବାହାର ବୋଧ ହେଉଛି । 'ମୁଁ' ଘଟ ରହିଲେ ଏହି ବୋଧ ହୁଏ । ଏହି 'ମୁଁ'ଟି ଯଦି ଚାଲିଯାଏ, ତାହାହେଲେ ଯାହା ରହେ ତାହା ମୁହଁରେ କହିହୁଏ ନାହିଁ ।

"ଜ୍ଞାନୀର ଧ୍ୟାନ ପୁଣି କିପରି ଜାଣ ? ଅନନ୍ତ ଆକାଶ, ସେଥିରେ ଡେଣା ବିସ୍ତାର କରି ପକ୍ଷୀ ଆନନ୍ଦରେ ଉଡୁଛି । ଚିଦାକାଶ, ଆତ୍ମା ପକ୍ଷୀ । ପକ୍ଷୀ ପିଞ୍ଜରାରେ ନାହିଁ, ଚିଦାକାଶରେ ଉଡୁଛି । ଆନନ୍ଦର ସୀମା ନାହିଁ ।"

ଭକ୍ତମାନେ ଅବାକ୍ ହୋଇ ଏହି ଧ୍ୟାନଯୋଗ କଥା ଶୁଣୁଛନ୍ତି । କିଛି ସମୟ ପରେ ପ୍ରତାପ ପୁଣି କଥା ଆରମ୍ଭ କଲେ ।

ପ୍ରତାପ(ସରକାରଙ୍କ ପ୍ରତି)—ଭାବିବାକୁ ଗଲେ କିନ୍ତୁ ସବୁ ଛାୟା ।

ଡାକ୍ତର—ଛାୟା ଯଦି କହିଲ ତେବେ ତିନୋଟି ଜିନିଷ ଦରକାର । ସୂର୍ଯ୍ୟ, ବସ୍ତୁ ଆଉ ଛାୟା । ବସ୍ତୁ ନ ହେଲେ ଛାୟା କଅଣ ! ଏଣେ କହୁଛ God real(ଈଶ୍ୱର ସତ୍ୟ,) ପୁଣି creation unreal(ଜଗତ୍ ମିଥ୍ୟା) ! creation ମଧ୍ୟ real (ଜଗତ୍ ମଧ୍ୟ ସତ୍ୟ) ମଧ୍ୟ ।

ପ୍ରତାପ—ଆଚ୍ଛା, ଦର୍ପଣରେ ଯେପରି ପ୍ରତିବିମ୍ବ, ସେହିପରି ମନରୂପ ଦର୍ପଣରେ ଏହି ଜଗତ୍ ଦେଖାଯାଉଛି ।

ଡାକ୍ତର—ଗୋଟାଏ ବସ୍ତୁ ନ ରହିଲେ ପ୍ରତିବିମ୍ବ ସୃଷ୍ଟିହେବ କିପରି ?

ନରେନ୍—କାହିଁକି, ଈଶ୍ୱର ବସ୍ତୁ ! ଡାକ୍ତର ଚୁପ୍ କରି ରହିଲେ ।

## ଜଗତ୍–ଚୈତନ୍ୟ ଓ Science—ଈଶ୍ୱର ହିଁ କର୍ତ୍ତା

ଶ୍ରୀରାମକୃଷ୍ଣ(ଡାକ୍ତରଙ୍କ ପ୍ରତି)—ଗୋଟିଏ କଥା ତୁମେ ବେଶ୍ କହିଛ । ଭାବାବସ୍ଥା ଯେ ମନର ଯୋଗ ଦ୍ୱାରା ହୁଏ, ଏଇଟି ଆଉ କେହି କହି ନାହାନ୍ତି । କେବଳ ତୁମେ କହିଛ ।

"ଶିବନାଥ କହିଥିଲେ, ବେଶି ଈଶ୍ୱର ଚିନ୍ତା କଲେ ଲୋକ ବେହୋସ ହୋଇଯାଆନ୍ତି । କହନ୍ତି, ଜଗତ୍-ଚୈତନ୍ୟଙ୍କୁ ଚିନ୍ତାକରି ଲୋକ ଅଚୈତନ୍ୟ ହୁଏ ! **ବୋଧସ୍ୱରୂପ,** ଯାହାଙ୍କ ବୋଧରେ ଜଗତ୍ ବୋଧ ହେଉଅଛି, ତାଙ୍କୁ ଚିନ୍ତାକରି ଅବୋଧ !

"ଆଉ ତୁମର Science ବିଜ୍ଞାନ ! ଏଇଟା ମିଶିଲେ ସେଇଟା ହୁଏ, ସେଇଟା ମିଶିଲେ ଏଇଟା ହୁଏ । ଏଗୁଡ଼ାକ ଚିନ୍ତା କଲେ, ଜଡ଼ଗୁଡ଼ିକ ଘଣ୍ଟାଘଣ୍ଟି କଲେ ମନୁଷ୍ୟର ବରଂ ବୋଧହୀନ ହେବାର ସମ୍ଭାବନା ବେଶୀ ଥାଏ ।

ଡାକ୍ତର — ସେଗୁଡ଼ିକରେ ଈଶ୍ୱରଙ୍କୁ ଦେଖାଯାଏ ।

ମଣି — ତାହାହେଲେ ମନୁଷ୍ୟ ଭିତରେ ଅଧିକ ସ୍ପଷ୍ଟଭାବରେ ଦେଖାଯାଏ । ଆଉ ମହାପୁରୁଷଙ୍କଠାରେ ଆହୁରି ଅଧିକ ସ୍ପଷ୍ଟ ଭାବରେ ଦେଖାଯାଏ । ମହାପୁରୁଷଙ୍କଠାରେ ଅଧିକ ପ୍ରକାଶ ।

ଡାକ୍ତର — ହଁ, ମନୁଷ୍ୟଙ୍କଠାରେ ନିଶ୍ଚିତ ଦେଖାଯାଏ ।

ଶ୍ରୀରାମକୃଷ୍ଣ — ତାଙ୍କୁ ଚିନ୍ତାକରି ଅଚୈତନ୍ୟ ହେବା ! ଯେଉଁ ଚୈତନ୍ୟରେ ଜଡ଼ ପର୍ଯ୍ୟନ୍ତ ଚେତନ ହୋଇଛି, ଯେଉଁ ଚୈତନ୍ୟରେ ହାତ-ପାଦ-ଦେହ ଗତିଶୀଳ ହୋଇଛି ! କହନ୍ତି ଶରୀର ଚଳୁଛି, କିନ୍ତୁ ଜାଣନ୍ତି ନାହିଁ ସେ ଚଳୁଛନ୍ତି । କହନ୍ତି ପାଣିରେ ହାତ ପୋଡ଼ିଗଲା । ପାଣିରେ କିନ୍ତୁ ପୋଡ଼େ ନାହିଁ । ପାଣିରେ ଯେଉଁ ଉତ୍ତାପ, ପାଣି ଭିତରେ ଯେଉଁ ଅଗ୍ନି, ସେଥିରେ ହିଁ ହାତ ପୋଡ଼ିଯାଏ ।

"ହାଣ୍ଡିରେ ଭାତ ଫୁଟୁଛି ! ଆଳୁ ବାଇଗଣ ଡେଉଁଛନ୍ତି । ଛୋଟପିଲା କହେ, ଆଳୁ ବାଇଗଣଗୁଡ଼ାକ ଆପେ ଆପେ ନାଚୁଛନ୍ତି । ଜାଣେନାହିଁ ଯେ ତଳେ ଅଗ୍ନି ଅଛି ! ମଣିଷ କହେ, ଇନ୍ଦ୍ରିୟମାନେ ଆପେ ଆପେ କାର୍ଯ୍ୟ କରୁଛନ୍ତି ! ଭିତରେ ଯେ ସେଇ ଚୈତନ୍ୟ ସ୍ୱରୂପ ଅଛନ୍ତି ତାହା ଜାଣେନାହିଁ ।"

ଡାକ୍ତର ସରକାର ଯିବାକୁ ଉଠିଲେ । ଏଥର ବିଦାୟ ଗ୍ରହଣ କରିବେ । ଠାକୁର ଶ୍ରୀରାମକୃଷ୍ଣ ମଧ୍ୟ ଠିଆହେଲେ ।

ଡାକ୍ତର — ବିପଦରେ ଲୋକେ ମଧୁସୁଦନଙ୍କୁ ଡାକନ୍ତି । ଆଉ ମଜାରେ କ'ଣ 'ହେ ଈଶ୍ୱର ! 'ତୁମେ, ତୁମେ' କହନ୍ତି ? ଆପଣ ନିଜେ ଯେମିତି କହନ୍ତି ଗଳ-ରୋଗ ହୋଇଛି, ସେଥିପାଇଁ ତୁମେ ଈଶ୍ୱରଙ୍କ ଚର୍ଚ୍ଚା କରୁଛ । ବର୍ତ୍ତମାନ ଭିଣାଳି ହାତରେ ପଡ଼ିଛ, ଭିଣାଳିକୁ କହ । ଏ ତ ତୁମେ କହିଥିବା କଥା ।

ଶ୍ରୀରାମକୃଷ୍ଣ — କଅଣ ଆଉ କହିବି ?

ଡାକ୍ତର — କାହିଁକି କହିବ ନାହିଁ ? ତାଙ୍କ କୋଳରେ ରହିଛୁ, କୋଳରେ ବସି ଖାଉଛୁ ପିଉଛୁ । ଆଉ ରୋଗ ହେଲେ ତାଙ୍କୁ କହିବୁ ନାହିଁ ତ ଆଉ କାହାକୁ କହିବୁ ?

ଶ୍ରୀରାମକୃଷ୍ଣ—ଠିକ୍ କଥା । ଥରେ ଥରେ କହିବାକୁ ଚେଷ୍ଟାକରେ । କିନ୍ତୁ ତା' ହୁଏ ନାହିଁ ।

ଡାକ୍ତର—ଆଉ କହିବାକୁ ବା ପଡ଼ିବ କାହିଁକି ? ସେ କଅଣ ଜାଣୁ ନାହାନ୍ତି ?

ଶ୍ରୀରାମକୃଷ୍ଣ(ସହାସ୍ୟେ)—ଜଣେ ମୁସଲମାନ ନମାଜ କରୁ କରୁ 'ହୋ ଆଲ୍ଲା' 'ହୋ ଆଲ୍ଲା' କହି ଚିତ୍କାର କରି ଡାକୁଥିଲା ! ତାକୁ ଜଣେ ଲୋକ କହିଲା, ତୁ ଆଲ୍ଲାଙ୍କୁ ଡାକୁଛୁ, ତେବେ ଚିତ୍କାର କରୁଛୁ କାହିଁକି ? ସେ ତ ପିମ୍ପୁଡ଼ି ପାଦରେ ନୁପୁର ଧ୍ୱନି ଶୁଣିପାରନ୍ତି !

## ଯୋଗୀର ଲକ୍ଷଣ—ଯୋଗୀ ଅନ୍ତର୍ମୁଖ—ବିଲ୍ୱମଙ୍ଗଳ

ଶ୍ରୀରାମକୃଷ୍ଣ—ତାଙ୍କଠାରେ ଯେତେବେଳେ ମନର ଯୋଗ ହୁଏ, ସେତେବେଳେ ମଣିଷ ଈଶ୍ୱରଙ୍କୁ ଖୁବ୍ ନିକଟରେ ଦେଖେ । ହୃଦୟ ମଧ୍ୟରେ ଦେଖେ ।

"କିନ୍ତୁ ଗୋଟିଏ କଥା ଅଛି, ଏହି ଯୋଗ ଯେତେ ବେଶୀ ହେବ ସେତେ ହିଁ ବର୍ହିଜଗତରୁ ମନ ପ୍ରତ୍ୟାହୃତ ହେବ । ଭକ୍ତମାଳାରେ ଜଣେ ଭକ୍ତର (ବିଲ୍ୱମଙ୍ଗଳର) କଥା ଅଛି । ସେ ବେଶ୍ୟାଳୟକୁ ଯାଏ । ଦିନେ ଅନେକ ରାତ୍ରରେ ଯାଉଛି । ଘରେ ବାପ ଓ ମାଆଙ୍କର ଶ୍ରାଦ୍ଧ ହୋଇଥିବାରୁ ଡେରି ହୋଇଛି । ଶ୍ରାଦ୍ଧର ଖାଦ୍ୟ ଜିନିଷ ବେଶ୍ୟାକୁ ଦେବ ବୋଲି ହାତରେ ଧରି ନେଇଯାଉଛି । ବେଶ୍ୟା ଚିନ୍ତାରେ ସେ ଏତେ ନିମଗ୍ନ ଯେ କାହା ଉପର ଦେଇ ଯାଉଛି, କେଉଁ ବାଟ ଦେଇ ଯାଉଛି ଏସବୁ କିଛି ହୋସ ନାହିଁ । ବାଟରେ ଜଣେ ଯୋଗୀ ଆଖି ବନ୍ଦ କରି ଈଶ୍ୱର ଚିନ୍ତା କରୁଥିଲା । ଯୋଗୀର ଦେହରେ ପାଦ ବାଜିବାରୁ ଯୋଗୀ ରାଗରେ କହିଉଠିଲା, "କଅଣ ତୁ ଦେଖିପାରୁ ନାହୁଁ ? ମୁଁ ଈଶ୍ୱରଙ୍କୁ ଚିନ୍ତା କରୁଛି, ତୁ ମୋ ଦେହ ଉପରେ ପାଦ ଦେଇ ଚାଲିଯାଉଛୁ ?" ସେତେବେଳେ ବିଲ୍ୱମଙ୍ଗଳ କହିଲା, "ମୋତେ କ୍ଷମା କରିବେ, କିନ୍ତୁ ଗୋଟିଏ ପ୍ରଶ୍ନ ପଚାରୁଛି, ବେଶ୍ୟାକୁ ଚିନ୍ତାକରି ମୋର ହୋସ୍ ରହୁନାହିଁ, ଆଉ ଆପଣ ଈଶ୍ୱର ଚିନ୍ତା କରୁଛନ୍ତି ଅଥଚ ଆପଣଙ୍କର ହୋସ୍ ରହୁଛି ! ଏ କି ଧରଣର ଈଶ୍ୱର ଚିନ୍ତା ।" ସେ ଭକ୍ତ ଶେଷରେ ସଂସାର ତ୍ୟାଗକରି ଈଶ୍ୱର ଆରାଧନା ଉଦ୍ଦେଶ୍ୟରେ ଚାଲି ଯାଇଥିଲା । ବେଶ୍ୟାକୁ କହିଥିଲା, "ତୁମେ ମୋର ଗୁରୁ, ଈଶ୍ୱରଙ୍କ ପ୍ରତି ଅନୁରାଗୀ ହେବାକୁ ତୁମେ ମୋତେ ଶିଖାଇଛ । ବେଶ୍ୟାକୁ ମାତୃଜ୍ଞାନକରି ତ୍ୟାଗ କରିଥିଲା ।"

ଡାକ୍ତର—ଏହା ତାନ୍ତ୍ରିକ ଉପାସନା । ଜନନୀ ରମଣୀ ।

## ଲୋକଶିକ୍ଷା ଦେବାକୁ ସଂସାରୀର ଅନଧିକାର

ଶ୍ରୀରାମକୃଷ୍ଣ—ଦେଖ, ଗୋଟିଏ ଗପ ଶୁଣ । ଜଣେ ରାଜା ଥିଲେ । ଜଣେ ପଣ୍ଡିତଙ୍କ ପାଖରେ ରାଜା ପ୍ରତିଦିନ ଭାଗବତ ଶୁଣନ୍ତି । ପ୍ରତ୍ୟହ ଭଗବତ ପଢ଼ା ପରେ ପଣ୍ଡିତ ରାଜାଙ୍କୁ କହନ୍ତି, ରାଜା ବୁଝିଛ ? ରାଜା ମଧ୍ୟ ପ୍ରତିଦିନ କହନ୍ତି, ତୁମେ ଆଗ ବୁଝ ! ଭାଗବତ ପଣ୍ଡିତ ଘରକୁ ଫେରି ଭାବନ୍ତି ଯେ, ରାଜା ପ୍ରତିଦିନ ଏପରି କଥା କହନ୍ତି କାହିଁକି ? ମୁଁ ସବୁଦିନ ଏତେକରି ବୁଝାଏ ଆଉ ରାଜା ଓଲଟା କହନ୍ତି, ତୁମେ ଆଗେ ବୁଝ ! ଏପରି କାହିଁକି ! ପଣ୍ଡିତ ଜଣକ ସାଧନ ଭଜନ ମଧ୍ୟ କରନ୍ତି । କିଛିଦିନପରେ ତାଙ୍କର ଜ୍ଞାନୋଦୟ ହେଲା ଯେ ଈଶ୍ୱରହିଁ ବସ୍ତୁ, ଆଉସବୁ—ଗୃହ, ସ୍ତ୍ରୀ, ଧନ, ଜନ, ମାନ-ସଂଭ୍ରମ ସବୁ ଅବସ୍ତୁ । ସଂସାର ପ୍ରତି ସବୁ ମିଥ୍ୟା ବୋଧ ହେବାରୁ ସେ ସଂସାର ତ୍ୟାଗ କଲେ । ଯିବା ସମୟରେ କେବଳ ଜଣଙ୍କୁ କହିଗଲେ, ରାଜାଙ୍କୁ କହିବ ଯେ ବର୍ତ୍ତମାନ ମୁଁ ବୁଝିଛି ।

ଆଉ ଗୋଟିଏ ଗପ ଶୁଣ । ଜଣେ ବ୍ୟକ୍ତିଙ୍କର ପ୍ରତିଦିନ ଶ୍ରୀମଭାଗବତ ପ୍ରବଚନ ଶୁଣିବାକୁ ଜଣେ ପଣ୍ଡିତଙ୍କର ପ୍ରୟୋଜନ ହୋଇଥିଲା । ବର୍ତ୍ତମାନ ଭାଗବତ ପଣ୍ଡିତ ମିଳୁ ନାହାନ୍ତି । ଅନେକ ଖୋଜିବାପରେ ଜଣେ ଲୋକ ଆସି କହିଲା, ମହାଶୟ ଜଣେ ଉତ୍ତମ ଭାଗବତ ପଣ୍ଡିତ ପାଇଛି । ସେ କହିଲେ, ତାହାହେଲେ ଭଲ ହୋଇଛି—ତାଙ୍କୁ ଆଣ । ଲୋକଟି କହିଲା କିନ୍ତୁ ଟିକିଏ ଅସୁବିଧା ଅଛି । ତାଙ୍କର କେତୋଟି ଲଙ୍ଗଳ ଏବଂ ଆଉ କେତୋଟି ଗୋରୁ ଅଛନ୍ତି—ଏହି ସବୁ ନେଇ ସମସ୍ତ ଦିନ ରହିବାକୁ ହୁଏ, ଚାଷ ଦେଖିବାକୁ ହୁଏ, ଟିକିଏ ହେଲେ ଅବସର ନାହିଁ । ସେତେବେଳେ ଯାହାଙ୍କର ଭାଗବତ ପଣ୍ଡିତ ଦରକାର ସେ କହିଲେ, ଆହେ, ଲଙ୍ଗଳ ଆଉ ଗୋରୁ ଥିବା ଭାଗବତ ପଣ୍ଡିତ ମୁଁ ଚାହୁଁନାହିଁ । ମୁଁ ଚାହୁଁଛି ଏପରି ଲୋକ ଯାହାଙ୍କର କି ଅବସର ଥିବ ଓ ଯିଏ ମୋତେ ହରି-କଥା ଶୁଣାଇପାରିବେ । (ଡାକ୍ତରଙ୍କ ପ୍ରତି) ବୁଝିଲ ? ଡାକ୍ତର ଚୁପ୍ ରହିଲେ ।

## କେବଳ ପାଣ୍ଡିତ୍ୟ ଓ ଡାକ୍ତର

ଶ୍ରୀରାମକୃଷ୍ଣ—କଅଣ ଜାଣ, କେବଳ ପାଣ୍ଡିତ୍ୟରେ କଅଣ ହେବ ? ପଣ୍ଡିତମାନେ ଅନେକ ଜାଣନ୍ତି-ଶୁଣନ୍ତି—ବେଦ, ପୁରାଣ ଓ ତନ୍ତ୍ର । କିନ୍ତୁ କେବଳ ପାଣ୍ଡିତ୍ୟରେ କଅଣ ହେବ ? ବିବେକ, ବୈରାଗ୍ୟ ଦରକାର । ବିବେକ ବୈରାଗ୍ୟ ଯଦି ଥାଏ, ତେବେ ତାହାର କଥା ଶୁଣା ଯାଇପାରେ । ଯେଉଁମାନେ ସଂସାରକୁ ସାର କରିଛନ୍ତି, ସେମାନଙ୍କ କଥା ନେଇ କଅଣ ହେବ !

''ଗୀତା ପଢ଼ିଲେ କଅଣ ହୁଏ ? ଦଶବାର 'ଗୀତା ଗୀତା' କହିଲେ ଯାହା ହୁଏ । 'ଗୀତା ଗୀତା' କହି କହି 'ତ୍ୟାଗୀ' ହୋଇଯାଏ । ସଂସାରରେ କାମିନୀ କାଞ୍ଚନରେ ଆସକ୍ତି ଯାହାର ତ୍ୟାଗ ହୋଇଯାଇଛି, ଯେ ଈଶ୍ୱରଙ୍କୁ ଷୋଳଅଣା

ଭକ୍ତି କରିପାରିଛି, ସେ ହିଁ ଗୀତାର ମର୍ମ ବୁଝିଛି । ଗୀତା ବହିଟି ସଂପୂର୍ଣ୍ଣ ପଢ଼ିବା ଦରକାର ନାହିଁ । 'ତ୍ୟାଗୀ' 'ତ୍ୟାଗୀ' କହି ପାରିଲେ ହିଁ ହେଲା ।''

ଡାକ୍ତର—'ତ୍ୟାଗୀ' କହିବାକୁ ଗଲେ ହିଁ ଗୋଟାଏ ଯ ଫଳା ଆଣିବାକୁ ହୁଏ ।

ମଣି—ତେବେ ନବଦ୍ୱୀପ ଗୋସ୍ୱାମୀ ଠାକୁରଙ୍କୁ କହିଥିଲେ, ଯ ଫଳା ନ ଆଣିଲେ ମଧ୍ୟ ହୁଏ । ଠାକୁରେ ପେନେଟିକୁ ମହୋତ୍ସବ ଦେଖିବାକୁ ଯାଇଥିଲେ, ସେଠାରେ ନବଦ୍ୱୀପ ଗୋସ୍ୱାମୀଙ୍କୁ ଏହି ଗୀତାର କଥା କହିଥିଲେ । ସେତେବେଳେ ଗୋସ୍ୱାମୀ କହିଲେ, ତଗ୍ ଧାତୁ ଘଙ୍ 'ତାଗ' ହୁଏ, ତାହା ସଙ୍ଗରେ ଇନ୍ ପ୍ରତ୍ୟୟ କଲେ ତାଗୀ ହୁଏ, ତାଗୀ ଓ ତ୍ୟାଗୀ ଅର୍ଥ ଏକା ।

ଡାକ୍ତର—ମୋତେ ଜଣେ ରାଧାର ମାନେ କହିଥିଲେ । କହିଲେ, ରାଧା ମାନେ କଅଣ ଜାଣ ? କଥାଟା ଓଲଟାଇ ନିଅ ଅର୍ଥାତ୍ 'ଧାରା, ଧାରା' (ସମସ୍ତଙ୍କର ହାସ୍ୟ) ।

(ସହାସ୍ୟେ) ଆଜି 'ଧାରା'ରେ ରହିଲା ।

## (୪)

## ଐହିକ ଜ୍ଞାନ ବା Science

ଡାକ୍ତର ବିଦାୟ ନେଲେ । ଠାକୁର ଶ୍ରୀରାମକୃଷ୍ଣଙ୍କ ପାଖରେ ମାଷ୍ଟର ବସିଛନ୍ତି ଓ ଏକାନ୍ତରେ କଥା ହେଉଛି । ମାଷ୍ଟର ଡାକ୍ତରଙ୍କ ଘରକୁ ଯାଇଥିଲେ, ସେହିସବୁ କଥା ହେଉଛି ।

ମାଷ୍ଟର(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଲାଲ ରଙ୍ଗର ମାଛଙ୍କୁ ଅଳେଇଚ ଚୋପା ଦିଆଯାଇଥିଲା, ଆଉ ଚଢ଼େଇମାନଙ୍କୁ ମଇଦାର ଗୁଳି । ଏଥିପାଇଁ କହିଲେ ଦେଖିଲ, ସେମାନେ ଅଳେଇଚ ଖୋସା ଦେଖିପାରି ନାହାନ୍ତି, ତେଣୁ ଚାଲିଗଲେ ! ଆଗେ ଜ୍ଞାନ ଦରକାର, ତା'ପରେ ଭକ୍ତି । ଗୋଟିଏ ଦୁଇଟି ଚଢ଼େଇ ମଧ୍ୟ ମଇଦାର ଗୁଳି ଫିଙ୍ଗିବାର ଦେଖି ଉଡ଼ିଗଲେ । ସେମାନଙ୍କର ଜ୍ଞାନ ନଥିଲା ତେଣୁ ଭକ୍ତି ହେଲାନାହିଁ ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ସେପରି ଜ୍ଞାନର ଅର୍ଥ ଐହିକ ଜ୍ଞାନ—ସେମାନଙ୍କର Science (ବିଜ୍ଞାନ)ର ଜ୍ଞାନ ।

ମାଷ୍ଟର—ପୁଣି କହିଲେ, 'ଚୈତନ୍ୟ, ବୁଦ୍ଧ କିମ୍ବା ଯୀଶୁଖ୍ରୀଷ୍ଟ କହିଯାଇଛନ୍ତି ବୋଲି ବିଶ୍ୱାସ କରିବି !—ତାହା ନୁହେଁ ।'

''ଗୋଟିଏ ନାତି ହୋଇଛି—ତେଣୁ ବୋହୁଙ୍କର ପ୍ରଶଂସା କଲେ । କହିଲେ, ଏପରି ଶାନ୍ତ ଓ ଲଜ୍ଜାଶୀଳା ଯେ ମୁଁ ତାଙ୍କୁ ଦେଖିବା ସମ୍ଭବ ହୁଏନାହିଁ ।

ଶ୍ରୀରାମକୃଷ୍ଣ—ଏଠାକାର କଥା ଭାବୁଛନ୍ତି । କ୍ରମେ ଶ୍ରଦ୍ଧା ବୃଦ୍ଧି ହେଉଛି । ଏକାବେଳକେ ଅହଙ୍କାର କଅଣ ଯାଏ ? ଏତେ ବିଦ୍ୟା ସମ୍ମାନ !—ଟଙ୍କା ହୋଇଛି ! କିନ୍ତୁ ଏଠିକାର କଥା ପ୍ରତି ଅଶ୍ରଦ୍ଧା ନାହିଁ ।

## (୫)

## ଅବତୀର୍ଣ୍ଣ ଶକ୍ତି ବା ସଦାନନ୍ଦ

ବେଳା ୫ଟା । ଶ୍ରୀରାମକୃଷ୍ଣ ସେହି ଦୋତାଲା ଘରେ ବସିଛନ୍ତି । ସେଠାକୁ ଅନେକ ଗୁଡ଼ିଏ ବାହାରର ଲୋକ ତାଙ୍କୁ ଦେଖିବାକୁ ଆସିଛନ୍ତି । ସମସ୍ତେ ନୀରବ ଅଛନ୍ତି ।

ମାଷ୍ଟର ପାଖରେ ବସିଛନ୍ତି । ତାଙ୍କ ସଙ୍ଗରେ ଧିରେ ଧିରେ ଗୋଟିଏ ଦୁଇଟା କଥା ହେଉଛି । ଠାକୁରେ ଜାମା ପିନ୍ଧିବେ—ମାଷ୍ଟର ଜାମା ପିନ୍ଧାଇଦେଲେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଦେଖ, ଆଜିକାଲି ବେଶି ଧ୍ୟାନାଦି କରିବାକୁ ପଡ଼େନାହିଁ । **ଏକାଥରକେ ଅଖଣ୍ଡ-ବୋଧ ହୋଇଯାଏ । ବର୍ତ୍ତମାନ କେବଳ ଦର୍ଶନ ।**

ମାଷ୍ଟର ନୀରବ ଅଛନ୍ତି । ଘର ମଧ୍ୟ ନିସ୍ତବ୍ଧ ।

କିୟତ୍‌କ୍ଷଣ ପରେ ଠାକୁରେ ତାହାଙ୍କୁ ଆଉ ଗୋଟିଏ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଏମାନେ ଯେ ସବୁ ଏକାସନରେ ଚୁପ୍‌କରି ବସି ମୋତେ ଦେଖୁଛନ୍ତି—କଥା ନାହିଁ, ଗୀତ ନାହିଁ, ଏଠାରେ କଣ ଦେଖନ୍ତି ?

ଠାକୁରେ କଅଣ ଇଙ୍ଗିତ କରୁଛନ୍ତି ଯେ, ସାକ୍ଷାତ୍ ଈଶ୍ୱରଙ୍କର ଶକ୍ତି ଅବତୀର୍ଣ୍ଣ, ସେଥିପାଇଁ ଏତେ ଲୋକଙ୍କର ଆକର୍ଷଣ, ସେଥିପାଇଁ ଭକ୍ତମାନେ ଅବାକ୍ ହୋଇ ତାଙ୍କ ଦିଗକୁ ଚାହିଁ ରହନ୍ତି ।

ମାଷ୍ଟର ଉତ୍ତର ଦେଲେ—ଆଜ୍ଞା, ଏମାନେ ସବୁ ଆପଣଙ୍କର କଥା ଅନେକ ଆଗରୁ ଶୁଣିଛନ୍ତି, ଆଉ ଦେଖନ୍ତି—ଯାହା କେବେ ବି ମଧ୍ୟ ସେମାନେ ଦେଖିବାକୁ ପାଆନ୍ତି ନାହିଁ—ସଦାନନ୍ଦ ବାଳକ ସ୍ୱଭାବ, ନିରହଙ୍କାର ଓ ଈଶ୍ୱର-ପ୍ରେମରେ ବିଭୋର ବ୍ୟକ୍ତିଙ୍କୁ ! ସେଦିନ ଈଶାନ ମୁଖାର୍ଜୀଙ୍କର ଘରକୁ ଆପଣ ଯାଇଥିଲେ । ସେଠାରେ ବାହାର ଘରେ ଆପଣ ପଦଚାରଣ କରୁଥିଲେ । ଆମେମାନେ ମଧ୍ୟ ସେଠାରେ ଥିଲୁ । ଜଣେ ଆସି କହିଲେ, ଏପରି ସଦାନନ୍ଦ ପୁରୁଷ କେଉଁଠାରେ ହେଲେ ବି ଦେଖି ନାହାନ୍ତି ।

ମାଷ୍ଟର ପୁଣି ଚୁପ୍‌କରି ରହିଲେ । ଘର ପୁଣି ନିସ୍ତବ୍ଧ ! କିଛିକ୍ଷଣ ପରେ ଠାକୁରେ ପୁଣି ମୃଦୁସ୍ୱରରେ ମାଷ୍ଟରଙ୍କୁ କଅଣ କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା ଡାକ୍ତରଙ୍କର କଅଣ କିଛି ହେଉଛି ? ଏଠାର କଥା ସବୁ କ'ଣ ଭଲଭାବରେ ନେଉଛନ୍ତି ?

ମାଷ୍ଟର—ଏହି ଅମୋଘ ବୀଜ କେଉଁଆଡ଼େ ଯିବ ? ଥରେ ନା ଥରେ ଗୋଟାଏ ରାସ୍ତାଦେଇ ବାହାରିବ । ସେଦିନର ଗୋଟାଏ କଥା ମନେ ପଡ଼ିଲେ ହସ ମାଡୁଛି ।

ଶ୍ରୀରାମକୃଷ୍ଣ—କି କଥା ?

ମାଷ୍ଟର—ସେଦିନ କହିଥିଲେ, ଖାଇବା ସମୟରେ କେଉଁ ତରକାରୀରେ ଲୁଣ ପଡ଼ିଛି, କେଉଁ ତରକାରୀ ଅଲଣା ଏ ସବୁ ଯଦୁମଲ୍ଲିକ ବୁଝି ପାରନ୍ତି ନାହିଁ; ଏତେ ଅନ୍ୟମନସ୍କ ! କେହି ଯଦି କହି ଦିଅନ୍ତି ଏ ତରକାରୀରେ ଲୁଣ ପଡ଼ି ନାହିଁ, ସେତେବେଳେ ଏଁ ଏଁ କରି କହନ୍ତି, ଲୁଣ ପଡ଼ିନାହିଁ ? ଡାକ୍ତର ସର୍ବଦା ଅନ୍ୟମନସ୍କ ରହୁଥିବା ବିଷୟରେ ଆପଣଙ୍କୁ କହି ଥିବାରୁ ଆପଣ ତାଙ୍କୁ ଏହି କଥାଟି ଶୁଣାଇଥିଲେ । ଆପଣ ବୁଝାଇ ଦେଇଥିଲେ ଯେ, ସେ ବିଷୟ ଚିନ୍ତା କରି ଅନ୍ୟମନସ୍କ, ଈଶ୍ୱର ଚିନ୍ତା କରି ନୁହେଁ ।

ଶ୍ରୀରାମକୃଷ୍ଣ—ଏହି କଥା ଗୁଡ଼ିକ ବିଷୟରେ ସେ କଣ ଚିନ୍ତା କରିବେ ନାହିଁ ?

ମାଷ୍ଟର—ଅବଶ୍ୟ ଚିନ୍ତା କରିବେ । ତେବେ ବହୁତ କାମ, ଅନେକ କଥା ଭୁଲି ଯାଆନ୍ତି । ଆଜି ମଧ୍ୟ ଭଲ କଥାଟିଏ କହିଲେ, ''ନାରୀକୁ ମାତୃ ଦୃଷ୍ଟିରେ ଦେଖିବା ତନ୍ତ୍ରର ଏକ ଉପାସନା ପ୍ରଣାଳୀ ।''

ଶ୍ରୀରାମକୃଷ୍ଣ—ମୁଁ କଅଣ କହିଲି ?

ମାଷ୍ଟର—ଆପଣ କହିଥିଲେ, ହଳ ଓ ବଳଦ ଥିବା ଭାଗବତ ପଣ୍ଡିତଙ୍କର କଥା । (ଶ୍ରୀରାମକୃଷ୍ଣଙ୍କର ହାସ୍ୟ) । ଆଉ ଆପଣ ସେହି ରାଜାଙ୍କ ବିଷୟରେ କହିଥିଲେ ଯେଉଁ ରାଜା କହୁଥିଲେ, 'ତୁମେ ଆଗେ ବୁଝ !' (ଶ୍ରୀରାମକୃଷ୍ଣଙ୍କର ହାସ୍ୟ) ।

ଆଉ କହିଥିଲେ, ଗୀତାର କଥା । ଗୀତାର ସାରକଥା କାମିନୀ କାଞ୍ଚନ ତ୍ୟାଗ—କାମିନୀ କାଞ୍ଚନର ଆସକ୍ତି ତ୍ୟାଗ । ଡାକ୍ତରଙ୍କୁ ଆପଣ କହିଥିଲେ, (ତ୍ୟାଗୀ ନ ହୋଇ) ସଂସାରୀ ହୋଇ କି ଶିକ୍ଷା ଦେବେ ? ବୋଧ ହୁଏ ଏ କଥା ସେ ବୁଝି ପାରି ନାହାନ୍ତି । ଶେଷରେ 'ଧାରା' 'ଧାରା' କହି କଥାବାର୍ତ୍ତା ଶେଷ କଲେ ।

ଠାକୁରେ ଭକ୍ତଙ୍କ ପାଇଁ ଚିନ୍ତା କରୁଛନ୍ତି—ବାଳକ ଭକ୍ତ ପୂର୍ଣ୍ଣ ପାଇଁ ଚିନ୍ତା କରୁଛନ୍ତି । ବାଳକ ଭକ୍ତ ମଣୀନ୍ଦ୍ରକୁ ଠାକୁରେ ପୂର୍ଣ୍ଣଙ୍କ ସଙ୍ଗରେ କଥାବାର୍ତ୍ତା କରିବାକୁ ପଠାଇଲେ ।

## (୬)

## ଶ୍ରୀରାଧାକୃଷ୍ଣ ତତ୍ତ୍ୱ ପ୍ରସଙ୍ଗରେ—'ସବୁ ସମ୍ଭବ' ନିତ୍ୟ ଲୀଳା

ସନ୍ଧ୍ୟା ହୋଇ ଯାଇଛି । ଠାକୁର ଶ୍ରୀରାମକୃଷ୍ଣଙ୍କ ଘରେ ଆଲୁଅ ଜଳୁଅଛି । ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିବା କେତେଜଣ ଭକ୍ତ ଠାକୁରଙ୍କ ଘରର ଗୋଟିଏ ପାର୍ଶ୍ୱରେ ବସିଛନ୍ତି । ଠାକୁରେ ଅନ୍ତର୍ମୁଖ—କଥା କହୁ ନାହାନ୍ତି । ଘର ମଧ୍ୟରେ ଯେଉଁ ମାନେ ଅଛନ୍ତି, ସେମାନେ ମଧ୍ୟ ନୀରବରେ ଈଶ୍ୱର ଚିନ୍ତା କରୁଛନ୍ତି ।

କିଛିକ୍ଷଣ ପରେ ନରେନ୍ଦ୍ର ଜଣେ ବନ୍ଧୁଙ୍କ ସହିତ ଆସି ପହଞ୍ଚିଲେ । ନରେନ୍ଦ୍ର କହିଲେ, ଏ ମୋର ବନ୍ଧୁ, ଏ କେତେଖଣ୍ଡ ଗ୍ରନ୍ଥ ରଚନା କରିଛନ୍ତି । ଏ 'କିରଣ୍ମୟୀ' ଲେଖନ୍ତି । 'କିରଣ୍ମୟୀ'ର ଲେଖକ ପ୍ରଣାମ କରି ଆସନ ଗ୍ରହଣ କଲେ । ଠାକୁରଙ୍କ ସଙ୍ଗରେ କଥା କହିବେ ।

ନରେନ୍ଦ୍ର—ଇଏ ରାଧାକୃଷ୍ଣଙ୍କର ବିଷୟ ଲେଖିଛନ୍ତି ।

ଶ୍ରୀରାମକୃଷ୍ଣ(ଲେଖକଙ୍କ ପ୍ରତି)—କଅଣ ଲେଖିଛ, କୁହତ ।

ଲେଖକ—ରାଧାକୃଷ୍ଣ ହିଁ ପରବ୍ରହ୍ମ, ଓଁକାରର ବିନ୍ଦୁ ସ୍ୱରୂପ । ସେହି ରାଧାକୃଷ୍ଣ ପରବ୍ରହ୍ମରୁ ମହାବିଷ୍ଣୁ, ମହାବିଷ୍ଣୁରୁ ପୁରୁଷ-ପ୍ରକୃତି, ଶିବ-ଦୁର୍ଗା ।

ଶ୍ରୀରାମକୃଷ୍ଣ—ବେଶ୍ ! ନିତ୍ୟରାଧା ନନ୍ଦଘୋଷ ଦେଖିଥିଲେ । ପ୍ରେମରାଧା ବୃନ୍ଦାବନରେ ଲୀଳା କରିଥିଲେ, କାମରାଧା ଚନ୍ଦ୍ରାବଳୀ ।

''କାମରାଧା, ପ୍ରେମରାଧା । ଆଉ ଆଗେଇ ଗଲେ ନିତ୍ୟରାଧା । ପିଆଜ ଛଡ଼ାଇଲେ ପ୍ରଥମରେ ଲାଲ୍ ଖୋସା, ତାହାପରେ ଈଷତ୍ ଲାଲ୍, ତାହାପରେ ଧଳା, ତାହାପରେ ଆଉ ଖୋସା ଦେଖାଯାଏ ନାହିଁ । ଏଇଟି ନିତ୍ୟରାଧାର ସ୍ୱରୂପ—ଯେଉଁଠାରେ ନେତି ନେତି ବିଚାର ବନ୍ଦ ହୋଇଯାଏ ।''

''ନିତ୍ୟ ରାଧାକୃଷ୍ଣ, ଆଉ ଲୀଳା ରାଧାକୃଷ୍ଣ । ଯେମିତି ସୂର୍ଯ୍ୟ ଆଉ ରଶ୍ମି, ନିତ୍ୟ ସୂର୍ଯ୍ୟର ସ୍ୱରୂପ ଆଉ ଲୀଳା ରଶ୍ମିର ସ୍ୱରୂପ ।

''ଶୁଦ୍ଧ ଭକ୍ତ କେତେବେଳେ ନିତ୍ୟରେ ରହେ, କେତେବେଳେ ବା ଲୀଳାରେ ।''

''ଯାହାଙ୍କର ନିତ୍ୟ ତାଙ୍କର ହିଁ ଲୀଳା । ଦୁଇ କିମ୍ୱା ବହୁ ନୁହେଁ ।''

ଲେଖକ—ଆଜ୍ଞା, 'ବୃନ୍ଦାବନର କୃଷ୍ଣ' ଆଉ 'ମଥୁରାର କୃଷ୍ଣ' କହନ୍ତି କାହିଁକି ?

ଶ୍ରୀରାମକୃଷ୍ଣ—ଏହା ଗୋସ୍ୱାମୀମାନଙ୍କର ମତ । ପଶ୍ଚିମରେ ପଣ୍ଡିତମାନେ ଏପରି କହନ୍ତି ନାହିଁ । ସେମାନଙ୍କର କୃଷ୍ଣ ଏକ; ରାଧା ନାହିଁ । ଦ୍ୱାରକାର କୃଷ୍ଣ ସେହିପରି ।

ଲେଖକ—ଆଜ୍ଞା, ରାଧାକୃଷ୍ଣ ହିଁ ପରଂବ୍ରହ୍ମ ।

ଶ୍ରୀରାମକୃଷ୍ଣ—ବେଶ୍ ! କିନ୍ତୁ ତାଙ୍କ ଦ୍ୱାରା ସବୁ ସମ୍ଭବ ହୁଏ । ସେହି କେବଳ ନିରାକାର ପୁଣି ସାକାର । ସେହି ମଧ୍ୟ ସ୍ୱରାଟ ଆଉ ବିରାଟ । ସେହି ବ୍ରହ୍ମ ଓ ସେହି ଶକ୍ତି !

"ତାଙ୍କର ଇତି ନାହିଁ—ଶେଷ ନାହିଁ, ତାଙ୍କ ଦ୍ୱାରା ସବୁ ସମ୍ଭବ ହୁଏ । ଚିଲ ଶାଗୁଣା ଯେତେ ଉପରକୁ ଉଠନ୍ତୁ ନା କାହିଁକି, ଆକାଶକୁ ଛୁଇଁ ପାରିବେ ନାହିଁ । ଯଦି ପ୍ରଶ୍ନ କର ବ୍ରହ୍ମ କିପରି—ତାହା କହି ହୁଏ ନାହିଁ । ସାକ୍ଷାତ୍କାର ହେଲେ ମଧ୍ୟ ମୁହଁରେ କହି ହୁଏ ନାହିଁ । ଯଦି କେହି ପ୍ରଶ୍ନ କରେ, ଘିଅ କିପରି ? ତାହାର ଉତ୍ତର, କିପରି ଘିଅ, ନା ଯେପରି ଘିଅ । ବ୍ରହ୍ମର ଉପମା ବ୍ରହ୍ମ, ଆଉ କିଛି ନୁହେଁ ।

❁❁❁

# ଷଷ୍ଠ ପରିଚ୍ଛେଦ

## ଶ୍ୟାମପୁକୁର ଘରେ ହରି ବଲ୍ଲଭ, ନରେନ୍ଦ୍ର, ମିଶ୍ର ପ୍ରଭୃତି ଭକ୍ତଙ୍କ ସଙ୍ଗରେ

## (୧)

### ଶ୍ରୀଯୁକ୍ତ ବଳରାମଙ୍କ ପାଇଁ ଚିନ୍ତା—ଶ୍ରୀଯୁକ୍ତ ହରିବଲ୍ଲଭ ବସୁ ।

ଶ୍ରୀରାମକୃଷ୍ଣ ଶ୍ୟାମପୁକୁର ଘରେ ଭକ୍ତମାନଙ୍କ ସହିତ ଚିକିତ୍ସାର୍ଥେ ବାସ କରୁଛନ୍ତି । ଆଜି ଶନିବାର । ଆଶ୍ୱିନ, କୃଷ୍ଣ ଅଷ୍ଟମୀ ତିଥି, ସମୟ ନଅଟା । ଅକ୍ଟୋବର ୩୧ ତାରିଖ, ୧୮୮୫ ଖ୍ରୀଷ୍ଟାବ୍ଦ ।

ଏଠାରେ ଭକ୍ତମାନେ ଠାକୁରଙ୍କର ସେବା କରିବା ପାଇଁ ଦିବାରାତ୍ରି ରହନ୍ତି । ବର୍ତ୍ତମାନ ସୁଦ୍ଧା କେହି ସଂସାର ତ୍ୟାଗ କରି ନାହାନ୍ତି ।

ବଳରାମ ସପରିବାର ଠାକୁରଙ୍କର ସେବକ । ସେ ଭକ୍ତ ବଂଶରେ ଜନ୍ମ ଗ୍ରହଣ କରିଛନ୍ତି । ପିତା ବୃଦ୍ଧ ହୋଇଛନ୍ତି, ବୃନ୍ଦାବନରେ ସେମାନଙ୍କର ପ୍ରତିଷ୍ଠିତ ଶ୍ରୀଶ୍ରୀଶ୍ୟାମସୁନ୍ଦରଙ୍କର କୁଞ୍ଜରେ ଏକାକୀ ବାସ କରନ୍ତି । ତାଙ୍କର ପିତୃବ୍ୟଙ୍କ ପୁତ୍ର ଶ୍ରୀଯୁକ୍ତ ହରିବଲ୍ଲଭ ବସୁ ଓ ପରିବାରର ଅନ୍ୟାନ୍ୟ ସମସ୍ତେ ବୈଷ୍ଣବ ଅଟନ୍ତି ।

ହରିବଲ୍ଲଭ କଟକର ପ୍ରଧାନ ଓକିଲ । ପରମହଂସ ଦେବଙ୍କ ପାଖକୁ ବଳରାମ ଯାତାୟାତ କରନ୍ତି—ବିଶେଷତଃ ଘରର ସ୍ତ୍ରୀ ଲୋକମାନଙ୍କୁ ନେଇ ଯାଆନ୍ତି ଶୁଣି ବିରକ୍ତ ହୋଇଛନ୍ତି । ଦେଖା ହେବାରୁ, ବଳରାମ କହିଥିଲେ, ତୁମେ ତାହାଙ୍କୁ ଥରେ ଦର୍ଶନ କର—ତାହା ପରେ ଯାହା କହିବ କହ ।

ଆଜି ହରିବଲ୍ଲଭ ଆସିଛନ୍ତି, ସେ ଠାକୁରଙ୍କୁ ଦର୍ଶନ କରି ଅତି ଭକ୍ତି ଭାବରେ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ—କିପରି ଭଲ ହେବ ! ଆପଣ ଦେଖୁଛନ୍ତ, କଠିନ ବେମାରି ?

ହରିବଲ୍ଲଭ—ଆଜ୍ଞା, ଡାକ୍ତର ଏ ବିଷୟରେ ଭଲ ଭାବରେ କହି ପାରିବେ ।

ଶ୍ରୀରାମକୃଷ୍ଣ—ସ୍ତ୍ରୀ ଲୋକମାନେ ଯେତେବେଳେ ପାଦଧୂଳି ନିଅନ୍ତି, ସେତେବେଳେ ଭାବେ ସେମାନେ ମୋ ଭିତରେ ଥିବା ଈଶ୍ୱରଙ୍କୁ ପ୍ରଣାମ କରୁଛନ୍ତି । ଏହି ଦୃଷ୍ଟିରେ ମୁଁ ଦେଖିଥାଏ ।

ହରିବଲ୍ଲଭ—ଆପଣ ସାଧୁ । ଆପଣଙ୍କୁ ସମସ୍ତେ ପ୍ରଣାମ କରିବେ, ସେଥିରେ ଦୋଷ କଅଣ ?

ଶ୍ରୀରାମକୃଷ୍ଣ—ଏ କଥା ଧ୍ରୁବ, ପ୍ରହ୍ଲାଦ, ନାରଦ, କପିଳ—ଏମାନଙ୍କ ପାଇଁ ପ୍ରଯୁଜ୍ୟ । କିନ୍ତୁ ମୁଁ କିଏ ! ଆପଣ ପୁନର୍ବାର ଆସିବେ ।

ହରି—ଆଜ୍ଞା, ଆମେ ନିଜେ ଟାଣିହୋଇ ଆସିବୁ—ଆପଣଙ୍କର କହିବା ଦରକାର ହେବ ନାହିଁ ।

ହରିବଲ୍ଲଭ ବିଦାୟ ନେବେ—ପ୍ରଣାମ କରୁଛନ୍ତି । ପାଦଧୂଳି ନେବାକୁ ଯାଉଛନ୍ତି—ଠାକୁରେ ପାଦ ଘୁଞ୍ଚାଇ ନେଉଛନ୍ତି । କିନ୍ତୁ ହରିବଲ୍ଲଭ ଛାଡ଼ିଲେ ନାହିଁ । -ଜୋର କରି ପଦଧୂଳି ନେଲେ ।

ହରିବଲ୍ଲଭ ଗାତ୍ରୋତ୍ଥାନ କଲେ । ଠାକୁରେ ଯେପରିକି ତାଙ୍କୁ ସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ଠିଆହେଲେ । କହୁଛନ୍ତି, ''ବଳରାମ ଅନେକ ଦୁଃଖ କରନ୍ତି । ମୁଁ ମନେକଲି, ଦିନେ ଯିବି—ଯାଇ ତୁମମାନଙ୍କ ସଙ୍ଗରେ ଦେଖା କରିବି । ଏଥିପାଇଁ କିନ୍ତୁ ଭୟ ହୁଏ । ପରେ ତୁମେମାନେ କହିପାର, 'ଏହାଙ୍କୁ କିଏ ଆଣିଲା !''

ହରି—ଏସବୁ କଥା କିଏ କହିଲା ? ଆପଣ କିଛି ଭାବିବେ ନାହିଁ ।

ହରିବଲ୍ଲଭ ବିଦାୟ ନେଲେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଭକ୍ତି ଅଛି—ତାହା ନ ହେଲେ ଜୋର୍ କରି ପାଦଧୂଳି ନେଲେ କାହିଁକି ?

''ଅରେ ଯେ ତୁମକୁ କହିଥିଲି, 'ଭାବରେ ଦେଖିଲି ଡାକ୍ତର ଓ ଆଉ ଜଣଙ୍କୁ'—ଇଏ ସେହି ଆଉ ଜଣକ । ତେଣୁ ଏଠାକୁ ଆସିଛନ୍ତି ।''

ମାଷ୍ଟର—ଆଜ୍ଞା, ଭକ୍ତିଭାବର ଲୋକ ।

ଶ୍ରୀରାମକୃଷ୍ଣ—କି ସରଳ !

ଡାକ୍ତର ସରକାରଙ୍କ ପାଖରେ ଠାକୁରଙ୍କର ଅସୁସ୍ଥତା ସମ୍ବାଦ ଦେବାପାଇଁ ମାଷ୍ଟର ଶଙ୍ଖାରି ଟୋଲାକୁ ଆସିଛନ୍ତି । ଡାକ୍ତର ଆଜି ପୁଣି ଠାକୁରଙ୍କୁ ଦେଖିବାକୁ ଯିବେ ।

ଡାକ୍ତର, ଠାକୁର ଓ ମହିମାଚରଣ ପ୍ରଭୃତି ଭକ୍ତମାନଙ୍କ କଥା କହୁଛନ୍ତି ।

ଡାକ୍ତର—କାହିଁ, ଯେଉଁ ବହି ମହିମାଚରଣ ମୋତେ ଦେଖାଇବେ ବୋଲି କହିଥିଲେ ସେହି ବହି ତ ଆଣି ନାହାନ୍ତି ! କହିଲେ, ଭୁଲି ଯାଇଥିଲି । ତାହା ହୋଇପାରେ—ମୋର ମଧ୍ୟ ହୁଏ ।

ମାଷ୍ଟର—ତାଙ୍କର ଭଲ ପଢ଼ା ଶୁଣା ଅଛି ।

ଡାକ୍ତର—ତାହା ହେଲେ ଏହି ଦଶା !

ଠାକୁରଙ୍କ ସମ୍ବନ୍ଧରେ ଡାକ୍ତର କହୁଛନ୍ତି, ''କେବଳ ଭକ୍ତି ନେଇ କଅଣ ହେବ—ଜ୍ଞାନ ଯଦି ନ ଥାଏ !''

ମାଷ୍ଟର—କାହିଁକି, ଠାକୁରେ ତ କହନ୍ତି—''ଜ୍ଞାନ ପରେ ଭକ୍ତି । ତେବେ ତାଙ୍କର ଜ୍ଞାନ, ଭକ୍ତି—ଆଉ ଆପଣମାନଙ୍କର ଜ୍ଞାନ, ଭକ୍ତି ଭିତରେ ଅନେକ ତଫାତ୍ ।

''ସେ ଯେତେବେଳେ କହନ୍ତି—'ଜ୍ଞାନ ପରେ ଭକ୍ତି' ତାର ମାନେ—ତତ୍ତ୍ୱଜ୍ଞାନର ପରେ ଭକ୍ତି, ବ୍ରହ୍ମଜ୍ଞାନର ପରେ ଭକ୍ତି-ଭଗବାନଙ୍କୁ ଜାଣିବାପରେ ଭକ୍ତି ।

ଆପଣମାନଙ୍କର ଜ୍ଞାନର ଅର୍ଥ—ସେନ୍‌ସ ନଲେଜ୍ (ଇନ୍ଦ୍ରିୟଗ୍ରାହ୍ୟ ଜ୍ଞାନ) ପ୍ରଥମଟି not Verifiable by our standard; ତତ୍ତ୍ୱଜ୍ଞାନ ଇନ୍ଦ୍ରିୟଲଭ୍ୟ ଜ୍ଞାନଦ୍ୱାରା ପରୀକ୍ଷା କରାଯାଏ ନାହିଁ । ଦ୍ୱିତୀୟଟି Verifiable (ଜଡ଼ଜ୍ଞାନ)''

ଡାକ୍ତର ଚୁପ୍ ରହି, ପୁଣି ଅବତାର ସମ୍ବନ୍ଧରେ କଥା କହୁଛନ୍ତି ।

ଡାକ୍ତର—ଅବତାର ପୁଣି କଅଣ ? ଆଉ ପାଦର ଧୂଳି ନେବା କଅଣ !

ମାଷ୍ଟର—କାହିଁକି, ଆପଣ ତ କହନ୍ତି experiment (ଅନୁଶୀଳନ) ସମୟରେ ତାଙ୍କର ସୃଷ୍ଟି ଦେଖି ଭାବ ହୁଏ, ମନୁଷ୍ୟ ଦେଖିଲେ ଭାବ ହୁଏ । ତାହା ଯଦି ହୁଏ, ଈଶ୍ୱରଙ୍କୁ ମୁଣ୍ଡ ନୁଆଁଇବ ନାହିଁ କାହିଁକି ? ମନୁଷ୍ୟର ହୃଦୟ ମଧ୍ୟରେ ଈଶ୍ୱର ଅଛନ୍ତି ।

''ହିନ୍ଦୁ ଧର୍ମ ଅନୁସାରେ ସର୍ବଭୂତରେ ନାରାୟଣ ବିଦ୍ୟମାନ । ଏହି ବିଷୟରେ ସେତେ ଆପଣ ଜାଣନ୍ତି ନାହିଁ । ସର୍ବଭୂତରେ ଯଦି ରହନ୍ତି, ତାଙ୍କୁ ପ୍ରଣାମ କରିବାରେ ଦୋଷ କଅଣ ?

''ପରମହଂସ ଦେବ କହନ୍ତି, କୌଣସି କୌଣସି ବସ୍ତୁରେ ତାଙ୍କର ପ୍ରକାଶ ଅଧିକ । ସୂର୍ଯ୍ୟ ଦର୍ପଣରେ ଓ ପାଣିରେ ବେଶୀ ପ୍ରକାଶିତ ହୁଅନ୍ତି । ପାଣି ସବୁ ସ୍ଥାନରେ ଅଛି—କିନ୍ତୁ ପୁଷ୍କରଣୀରେ ଓ ନଦୀରେ ବେଶି ଅଛି । ଈଶ୍ୱରଙ୍କୁ ହିଁ ନମସ୍କାର କରାହୁଏ—ମନୁଷ୍ୟକୁ ନୁହେଁ । God is God—not, man is God (ଈଶ୍ୱର ହିଁ ଈଶ୍ୱର, ମନୁଷ୍ୟ କିନ୍ତୁ ଈଶ୍ୱର ନୁହେଁ) ।

"ତାଙ୍କୁ ତ ରିଜ୍‌ନିଂ (ସାମାନ୍ୟ ବିଚାର) ଦ୍ୱାରା ଜଣାଯାଏ ନାହିଁ । ସମସ୍ତ ବିଶ୍ୱାସ ଉପରେ ହିଁ ନିର୍ଭର କରେ । ଏହିସବୁ କଥା ଠାକୁରେ କହନ୍ତି ।

ଆଜି ମାଷ୍ଟରଙ୍କୁ ଡାକ୍ତର ତାଙ୍କର ରଚିତ ଖଣ୍ଡେ ବହି ଉପହାର ଦେଲେ । 'Physiological Basis of Psychology'-'as a token of brotherly regards'.

## (୨)

## ଶ୍ରୀରାମକୃଷ୍ଣ ଓ Jesus Christ— ତାଙ୍କଠାରେ ଖ୍ରୀଷ୍ଟଙ୍କର ଆବିର୍ଭାବ

ଠାକୁରେ ଭକ୍ତଙ୍କ ସଙ୍ଗରେ ବସିଛନ୍ତି । ସମୟ ଏଗାରଟା । ମିଶ୍ର ନାମକ ଜଣେ ଖ୍ରୀଷ୍ଟିୟାନ ଭକ୍ତଙ୍କ ସହିତ କଥା କହୁଛନ୍ତି । ମିଶ୍ରଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ । ମିଶ୍ର ଖ୍ରୀଷ୍ଟିଆନ ବଂଶରେ ଜନ୍ମଗ୍ରହଣ କରିଛନ୍ତି । ଯଦିଓ ବାହାରେ ସାହେବର ପୋଷାକ, ଭିତରେ ଗେରୁଆ ଅଛି । ବର୍ତ୍ତମାନ ସଂସାର ତ୍ୟାଗ କରିଛନ୍ତି । ଏହାଙ୍କର ଜନ୍ମସ୍ଥାନ ପଶ୍ଚିମାଞ୍ଚଳରେ । ତାଙ୍କର ଜଣେ ଭାଇଙ୍କର ବିଭାଘର ଦିନ, ସେହି ଭାଇ ଏବଂ ଆଉ ଜଣେ ଭାଇ, ଉଭୟଙ୍କର ମୃତ୍ୟୁ ଘଟିଲା । ସେହିଦିନ ମିଶ୍ର ସଂସାର ତ୍ୟାଗ କଲେ । ସେ Quaker (କୋୟେକାର୍) ସମ୍ପ୍ରଦାୟଭୁକ୍ତ ।

ମିଶ୍ର— 'ଓହି ରାମ ଘଟ୍ ଘଟ୍‌ମେ ଲେଟା !'

ଶ୍ରୀରାମକୃଷ୍ଣ ଛୋଟ ନରେନ୍‌ଙ୍କୁ ଆସ୍ତେ ଆସ୍ତେ କହୁଛନ୍ତି,— ଯେପରି କି ମିଶ୍ର ମଧ୍ୟ ଶୁଣିବାକୁ ପାଇବେ— 'ଏକ ରାମ ତାଙ୍କର ହଜାରେ ନାମ ।'

"ଖ୍ରୀଷ୍ଟିଆନ୍‌ମାନେ ଯାହାଙ୍କୁ God (ଗଡ୍) କହନ୍ତି, ହିନ୍ଦୁମାନେ ତାଙ୍କୁ ହିଁ ରାମ, କୃଷ୍ଣ, ଈଶ୍ୱର— ଏହିସବୁ କହନ୍ତି । ପୋଖରୀରେ ଅନେକଗୁଡ଼ିଏ ଘାଟ । ଗୋଟିଏ ଘାଟରେ ହିନ୍ଦୁମାନେ ଜଳ ପିଉଛନ୍ତି, କହୁଛନ୍ତି ଜଳ; ଈଶ୍ୱର, ଖ୍ରୀଷ୍ଟିଆନ୍‌ମାନେ ଆଉ ଗୋଟିଏ ଘାଟରେ ପିଉଛନ୍ତି— କହୁଛନ୍ତି God ଯୀଶୁ । ମୁସଲମାନ ମାନେ ଆଉ ଗୋଟିଏ ଘାଟରେ ପିଉଛନ୍ତି— କହୁଛନ୍ତି ପାନି; ଆଲ୍ଲା ।

ମିଶ୍ର— ମେରିଙ୍କ ପୁତ୍ର Jesus ନୁହନ୍ତି । ଯୀଶୁ ସ୍ୱୟଂ ଈଶ୍ୱର । (ଭକ୍ତମାନଙ୍କ ପ୍ରତି) ଇଏ (ଶ୍ରୀରାମକୃଷ୍ଣ) ବର୍ତ୍ତମାନ ଏପରି ଅଛନ୍ତି— ପୁଣି ଅନ୍ୟ ସମୟରେ ସାକ୍ଷାତ୍ ଈଶ୍ୱର !

ଆପଣମାନେ (ଭକ୍ତମାନେ) ଏହାଙ୍କୁ ଚିହ୍ନି ପାରୁନାହାନ୍ତି । ମୁଁ ଆଗରୁ ଏହାଙ୍କୁ ଧ୍ୟାନରେ ଦର୍ଶନ କରିଛି— ବର୍ତ୍ତମାନ ସାକ୍ଷାତ୍ ଦେଖୁଛି । ଦେଖିଥିଲି ଗୋଟିଏ ଉଦ୍ୟାନ, ସେ ଉଚ୍ଚ ଆସନ ଉପରେ ବସିଛନ୍ତି; ତଳେ ଆଉଜଣେ ବସିଛନ୍ତି— ତାଙ୍କର ସେତେ ଆଧ୍ୟାତ୍ମିକ ଉନ୍ନତି ହୋଇନାହିଁ ।

''ଏହି ଦେଶରେ ଈଶ୍ୱରଙ୍କର ଚାରିଜଣ ଦ୍ୱାରପାଳ ଅଛନ୍ତି । ମୁମ୍ବାଇ ଅଞ୍ଚଳରେ ତୁକାରାମ ଓ କାଶ୍ମୀରରେ ରବର୍ଟ ମାଇକେଲ୍—ଏଠାରେ ଇଏ—ଆଉ ପୂର୍ବଦେଶରେ ଆଉ ଜଣେ ଅଛନ୍ତି ।

ଶ୍ରୀରାମକୃଷ୍ଣ—ତୁମର କିଛି ଦର୍ଶନ ହୁଏ ?

ମିଶ୍ର—ଆଜ୍ଞା, ଘରେ ଯେତେବେଳେ ଥିଲି ସେହି ସମୟରେ ଜ୍ୟୋତି ଦର୍ଶନ ହେଉଥିଲା । ତାହାପରେ ଯୀଶୁଙ୍କୁ ଦର୍ଶନ କରିଛି । ସେ ରୂପ ଆଉ କଅଣ କହିବି—ସେ ସୌନ୍ଦର୍ଯ୍ୟ ପାଖରେ ନାରୀ ସୌନ୍ଦର୍ଯ୍ୟ କିଛି ନୁହେଁ ।

କିଛିକ୍ଷଣ ପରେ ଭକ୍ତମାନଙ୍କ ସଙ୍ଗରେ କଥା କହୁ କହୁ ମିଶ୍ର ଜାମା ଓ ପ୍ୟାଣ୍ଟ ଖୋଲି ଭିତରେ ଥିବା ଗେରୁଆ କୌପୀନ ଦେଖାଇଲେ ।

ଠାକୁରେ ବାରଣ୍ଡାକୁ ଗଲେ । ବାରଣ୍ଡାରୁ ଫେରିଆସି କହୁଛନ୍ତି—''ପାଇଖାନା ହେଲା ନାହିଁ—''ଏହାଙ୍କୁ (ମିଶ୍ରଙ୍କୁ) ଦେଖିଲି, ବୀରଦର୍ପରେ ଠିଆ ହୋଇଛନ୍ତି ।''

ଏହି କଥା କହୁ କହୁ ଠାକୁରେ **ସମାଧିସ୍ଥ** ହେଉଛନ୍ତି । ପଶ୍ଚିମାସ୍ୟ ହୋଇ ଦଣ୍ଡାୟମାନ ଅବସ୍ଥାରେ ସମାଧିସ୍ଥ ହେଲେ ।

କିଞ୍ଚିତ୍ ପ୍ରକୃତିସ୍ଥ ହୋଇ ମିଶ୍ରଙ୍କୁ ଦେଖୁ ଦେଖୁ ହସୁଛନ୍ତି । ବର୍ତ୍ତମାନ ମଧ ଠିଆ ହୋଇଛନ୍ତି । ଭାବାବେଶରେ ମିଶ୍ରଙ୍କ ସହ କରମର୍ଦ୍ଦନ କରୁଛନ୍ତି ଓ ହସୁଛନ୍ତି । ହାତ ଧରି କହୁଛନ୍ତି, 'ତୁମେ ଯାହା ଚାହିଁଛ ତାହା ହୋଇଯିବ ।'

ଠାକୁରଙ୍କର ବୋଧହୁଏ ଯୀଶୁଙ୍କର ଭାବ ହେଲା । ସେ ଆଉ ଯୀଶୁ କଅଣ ଏକ ?

ମିଶ୍ର(କରଯୋଡ଼ି)—ମୁଁ ସେହିଦିନଠାରୁ ମନ, ପ୍ରାଣ, ଶରୀର—ସବୁ ଆପଣଙ୍କୁ ସମର୍ପଣ କରିଛି ।

ଠାକୁରେ ଭାବାବେଶରେ ହସୁଛନ୍ତି ।

ଠାକୁରେ ଉପବେଶନ କଲେ । ମିଶ୍ର ଭକ୍ତମାନଙ୍କ ପାଖରେ ତାଙ୍କର ପୂର୍ବକଥା ସବୁ ବର୍ଣ୍ଣନା କରୁଛନ୍ତି । ତାଙ୍କର ଦୁଇଭାଇ ବିଭାଘର ଦିନ କିପରି ଚାନ୍ଦୁଆ ଖସିପଡ଼ିବା ଦ୍ୱାରା ମାନବଲୀଳା ସମ୍ବରଣ କଲେ—ତାହାମଧ କହିଲେ ।

ଠାକୁରେ ମିଶ୍ରଙ୍କ ଯତ୍ନ ନେବାପାଇଁ ଭକ୍ତମାନଙ୍କୁ କହିଲେ ।

## ନରେନ୍ଦ୍ର, ଡାକ୍ତର ସରକାର ପ୍ରଭୃତିଙ୍କ ସହିତ କୀର୍ତ୍ତନାନନ୍ଦରେ

ଡାକ୍ତର ସରକାର ଆସିଛନ୍ତି । ଡାକ୍ତରଙ୍କୁ ଦେଖି ଠାକୁରେ ସମାଧିସ୍ଥ । କିଞ୍ଚିତ୍ ଭାବ ଉପଶମ ପରେ ଠାକୁରେ ଭାବାବେଶରେ କହୁଛନ୍ତି—**''କାରଣାନନ୍ଦ ପରେ ସଚ୍ଚିଦାନନ୍ଦ । — କାରଣର କାରଣ !''**

ଡାକ୍ତର କହୁଛନ୍ତି, ହଁ !

ଶ୍ରୀରାମକୃଷ୍ଣ—ବେହୋସ ହୋଇନାହିଁ ।

ଡାକ୍ତର ବୁଝିଛନ୍ତି ଯେ, ଠାକୁରଙ୍କର ଈଶ୍ୱରାବେଶ ହୋଇଛି ! ସେଥିପାଇଁ କହୁଛନ୍ତି—"ନା, ତୁମେ ଖୁବ୍ ହୋସରେ ଅଛ ।"

ଠାକୁରେ ସହାସ୍ୟ ଗାଉଛନ୍ତି—

ସୁରାପାନ କରେନା ମୁହିଁ, ସୁଧାପିଇ ଜୟ କାଳୀ ବୋଲି ।
ମନ ମାତାଲେ ମାତାଲେ କରେ, ମଦ ମାତାଲେ ମାତଲ ବୋଲେ ।
ଗୁରୁଦତ୍ତ ଗୁଡ଼ ନେଇ, ପ୍ରବୃତ୍ତି ମସଲା ଦେଇ,
ଭାଟି ବସାଏ ଜ୍ଞାନ-ଶୁଣ୍ଡି, ମନ ମାତାଲ ପାନ କରେ ।
ମୂଳମନ୍ତ୍ର ଯନ୍ତ୍ର ଭରା, ଶୋଧନ କରେ କହି ତାରା,
ପ୍ରସାଦ କହେ, ଏହି ସୁରା ପାନ କଲେ ଚତୁର୍ବର୍ଗ ମିଳେ ।

ଗୀତ ଶୁଣି ଡାକ୍ତର ଭାବାବିଷ୍ଟ ପ୍ରାୟ ହେଲେ । ଠାକୁରଙ୍କର ମଧ୍ୟ ପୂନର୍ବାର ଭାବାବେଶ ହେଲା ଏବଂ ସେ ଡାକ୍ତରଙ୍କ କୋଳକୁ ପାଦ ବଢ଼ାଇ ଦେଲେ । କିୟତ୍କ୍ଷଣ ପରେ ଭାବ ସମ୍ବରଣ ହେଲା—ସେତେବେଳେ ପାଦ ଉଠାଇ ଆଣି କହୁଛନ୍ତି—"ଓଃ ! ତୁମେ କି ସୁନ୍ଦର କଥା କହିଛ ! ତାଙ୍କରି କୋଳରେ ବସିଅଛି, ତାଙ୍କୁ ରୋଗର କଥା କହିବି ନାହିଁତ କାହାକୁ କହିବି ।—ଡାକିବାକୁ ହେଲେ, ତାଙ୍କୁ ହିଁ ଡାକିବି !"

ଏହି କଥା କହୁ କହୁ ଠାକୁରଙ୍କର ଚକ୍ଷୁରେ ଅଶ୍ରୁ ଭରିଗଲା ।

ପୁଣି ଭାବାବିଷ୍ଟ ଭାବରେ ଡାକ୍ତରଙ୍କୁ କହୁଛନ୍ତି—"ତୁମେ ଖୁବ୍ ଶୁଦ୍ଧ ! ତାହା ନହେଲେ ପାଦ ରଖିପାରନ୍ତି ନାହିଁ । ପୁଣି କହୁଛନ୍ତି,

ଶାନ୍ତ ଓହି ହ୍ୟାୟ ଯୋ ରାମ ରସ ଚାଖେ !

"ବିଷୟ କଅଣ ?—ସେଥିରେ କଅଣ ଅଛି ? —ଟଙ୍କା, କଉଡ଼ି, ମାନ, ଶରୀର ସୁଖ,—ସେଥିରେ କଅଣ ଅଛି ?—**ରାମ୍ କୋ ଯୋ ଚିନା ନାଇ ଦିଲ୍ ଚିନା ହ୍ୟାୟ ସୋ କେୟା ରେ ।"**

ଏତେ ଅସୁସ୍ଥତା ଭିତରେ ଠାକୁରଙ୍କର ଭାବାବେଶ ହେଉଛି ଦେଖି ଭକ୍ତମାନେ ଚିନ୍ତିତ ହୋଇଛନ୍ତି । ଠାକୁରେ କହୁଛନ୍ତି—"ହରି ରସ ମଦିରା—ଗୀତଟି ହେଲେ ମୁଁ ପୂର୍ବାବସ୍ଥାକୁ ଫେରିବି" ନରେନ୍ଦ୍ର ଅନ୍ୟ ଏକ ଘରେ ଥିଲେ, ତାଙ୍କୁ ଡକା ହେଲା । ସେ ତାଙ୍କର ଦେବ ଦୁର୍ଲଭ କଣ୍ଠରେ ଗୀତ ଗାଇଲେ—

ହରିରସମଦିରା ପିଇ ମମ ମାନସ ମାତରେ,
ଆନନ୍ଦେ ହରିନାମ ଗାଇ ଲୋଟରେ ଧରଣୀ ତଳେ ।
ହରିନାମ ଗଭୀର ନିନାଦେ ଗଗନ ପବନ ଭରରେ,
ନାଚ ହରି ବୋଲି ଦୁଇ ବାହୁ ତୋଳି ହରି ହରି ମନ ଗାଅରେ ।

ହରି ପ୍ରେମାନନ୍ଦ ରସେ ଅନୁଦିନ ତୁମେ ଭାସରେ,
ଗାଅ ହରିନାମ, ହୁଅ ପୂର୍ଣ୍ଣକାମ, କୁ-ବାସନା ଯେତେ ନାଶରେ ।
ଶ୍ରୀରାମକୃଷ୍ଣ—ଆଉ ସେଇଟି ? ଚିଦାନନ୍ଦ—ସିନ୍ଧୁନୀରେ ?'

ନରେନ୍ଦ୍ର ଗାଉଛନ୍ତି—

୧) ଚିଦାନନ୍ଦ ସିନ୍ଧୁନୀରେ ପ୍ରେମାନନ୍ଦ-ଲହରୀ,
ମହାଭାବ ରସଲୀଳା କି ମାଧୁରୀ—ମରି ମରି ।
ମହାଯୋଗେ ସବୁ ଏକାକାର ହୋଇଲା,
ଦେଶ କାଳ ବ୍ୟବଧାନ ଯେତେ ସବୁ ଘୁଞ୍ଚିଲା ।
୨) ଚିନ୍ତୟ ମମ ମାନସ ହରି ଚିଦ୍‌ଘନ ନିରଞ୍ଜନ !

ଡାକ୍ତର ଏକାଗ୍ର ମନରେ ଗୀତ ଶୁଣୁଛନ୍ତି । ଗୀତ ସମାପ୍ତ ହେଲାରୁ କହୁଛନ୍ତି ''ଚିଦାନନ୍ଦସିନ୍ଧୁନୀରେ ଏହିଟି ସୁନ୍ଦର !' ଡାକ୍ତରଙ୍କ ଆନନ୍ଦ ଦେଖି ଠାକୁରେ କହୁଛନ୍ତି—'ପୁଅ କହିଲା, 'ବାପା ଟିକିଏ (ମଦ) ଚାଖି ଦେଖ, ତାହାପରେ ମୋତେ ଛାଡ଼ିବାକୁ କହିବତ ଛାଡ଼ିଦେବି ।' ବାପା ଖାଇସାରି କହିଲେ, 'ତୁ ପୁଅ ଛାଡ଼ିବୁ ଯଦି ଛାଡିଦେ, ମୋର ଆପତ୍ତି ନାହିଁ—କିନ୍ତୁ ମୁଁ ଆଉ ଛାଡ଼ିବି ନାହିଁ ।' (ଡାକ୍ତର ଓ ସମସ୍ତଙ୍କର ହାସ୍ୟ) ।

ସେଦିନ ମା ଦୁଇଜଣ ଲୋକଙ୍କୁ ଦେଖାଇଲେ । ଇଏ ସେମାନଙ୍କ ଭିତରୁ ଜଣେ । ଖୁବ୍ ଜ୍ଞାନ ହେବ ଦେଖିଲି ।—କିନ୍ତୁ ଶୁଷ୍କ । ଡାକ୍ତରଙ୍କୁ (ସହାସ୍ୟେ) କିନ୍ତୁ ତୁମେ ରସରେ ରହିବ ।''

ଡାକ୍ତର ନୀରବ ରହିଲେ ।

❁❁❁

# ସପ୍ତମ ପରିଚ୍ଛେଦ

## (୧)

### ୰କାଳୀପୂଜା ଦିବସରେ ଶ୍ୟାମପୁକୁର ଘରେ ଭକ୍ତଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ ଶ୍ୟାମପୁକୁର ଘର ଦୋତାଲାରେ ଦକ୍ଷିଣପଟ ଘରେ ଠିଆ ହୋଇଛନ୍ତି । ସମୟ ୯ଟା । ଠାକୁରଙ୍କର ପରିଧାନ ଶୁଦ୍ଧ ବସ୍ତ୍ର ଏବଂ କପାଳରେ ଚନ୍ଦନର ଟୋପା । ମାଷ୍ଟର ଠାକୁରଙ୍କ ଆଦେଶରେ ସିଦ୍ଧେଶ୍ୱରୀ କାଳୀଙ୍କ ପ୍ରସାଦ ଆଣିଛନ୍ତି, ପ୍ରସାଦ ହସ୍ତରେ ଠାକୁରେ ଅତି ଭକ୍ତି ଭାବରେ ଠିଆ ହୋଇ କିଞ୍ଚିତ ମସ୍ତକରେ ଧାରଣ କରୁଛନ୍ତି । ଗ୍ରହଣ କରିବା ପୂର୍ବରୁ ପାଦୁକା ଖୋଲି ଦେଇଛନ୍ତି ।

ମାଷ୍ଟରଙ୍କୁ କହୁଛନ୍ତି, ସୁନ୍ଦର ପ୍ରସାଦ ! ଆଜି ଶୁକ୍ରବାର, ଆଶ୍ୱିନ ଅମାବାସ୍ୟା । ତା ୬ ରିଖ ନଭେମ୍ବର ୧୮୮୫ ଖ୍ରୀଷ୍ଟାବ୍ଦ । ଆଜି କାଳୀପୂଜା ।

ଠାକୁରେ ମାଷ୍ଟରଙ୍କୁ ଠନଠନିଆର ସିଦ୍ଧେଶ୍ୱରୀ କାଳୀ ମାତାଙ୍କୁ, ପୁଷ୍ପ ପଇଡ଼, ଚିନି ଓ ସନ୍ଦେଶ ଦେଇ ଆଜି ସକାଳେ ପୂଜା କରିବାକୁ କହିଥିଲେ । ମାଷ୍ଟର ସ୍ନାନାନ୍ତେ ନଗ୍ନପଦରେ ଠାକୁରଙ୍କ ପାଖକୁ ପ୍ରସାଦ ଆଣିଛନ୍ତି ।

ଠାକୁର ରାମପ୍ରସାଦଙ୍କ ଓ କମଳାକାନ୍ତଙ୍କ ଗୀତ ବହି, ଡାକ୍ତର ସରକାରଙ୍କୁ ଦେବାପାଇଁ ଆଣିବାକୁ ମଧ୍ୟ କହିଥିଲେ ।

ମାଷ୍ଟର କହୁଛନ୍ତି, 'ଏହି ବହି ଆଣିଛି । ରାମ ପ୍ରସାଦ ଆଉ କମଳାକାନ୍ତଙ୍କ ଗୀତ ବହି ।' ଶ୍ରୀରାମକୃଷ୍ଣ କହିଲେ, ଏହି ଗୀତ ସବୁ (ଡାକ୍ତରଙ୍କ ଭିତରେ) ପ୍ରବେଶ କରାଇ ଦେବ ।

ଗୀତ—ମନ କି ତତ୍ତ୍ୱ କର ତା'ରେ, ଯେହ୍ନେ ଉନ୍ମତ୍ତ ଅନ୍ଧାର ଘରେ !
ଭାବର ବିଷୟ ସେ ଯେ, ଭାବ ବିନା ତା'ରେ କେ ଧରିପାରେ ।
ଗୀତ—କାଳୀ କିପରି କିଏ ଜାଣେ ? ଦରଶନ ନ ପାଏ ଷଡ଼ ଦର୍ଶନେ ।
ଗୀତ—ମନରେ କୃଷି କାମ ଜାଣନା ।
ଏପରି ମଣିଷ କ୍ଷେତ, ଚାଷ କଲେ ଫଳିଥାନ୍ତା ସୁନା ।
ଗୀତ—ମନରେ ଚାଲ ବୁଲିଯିବା,
କାଳୀ କଳ୍ପତରୁ ମୂଳେ ଚତୁର୍ବର୍ଗ ଫଳ ପାଇବା ।

ମାଷ୍ଟର କହିଲେ ହଁ ଆଜ୍ଞା । ଠାକୁରେ ମାଷ୍ଟରଙ୍କ ସହିତ ଘରେ ପଦଚାରଣ କରୁଛନ୍ତି—ପାଦରେ ଚଟି ଜୋତା । ଏତେ ଅସୁସ୍ଥତା ସତ୍ତ୍ୱେ ଠାକୁର ସର୍ବଦା ପ୍ରଫୁଲ୍ଲ ଅଛନ୍ତି ।

ଶ୍ରୀରାମକୃଷ୍ଣ—ଆଉ ସେ ଗୀତଟା ମଧ୍ୟ ଭଲ ।—'ଏ ସଂସାର ଧୋକାର ଟାଟୀ ।'

ମାଷ୍ଟର—ହଁ ଆଜ୍ଞା ।

ଠାକୁରେ ହଠାତ୍ ପୁଲକିତ ହେଉଛନ୍ତି । ସଙ୍ଗେ ସଙ୍ଗେ ଚଟିଜୋତା କାଢ଼ିଦେଇ ସ୍ଥିର ଭାବରେ ଠିଆ ହେଲେ । ଏକାବେଳକେ ସମାଧିସ୍ଥ । ଆଜି ଜଗନ୍ମାତାଙ୍କର ପୂଜା ସେଥିପାଇଁ କ'ଣ ମୁହୁର୍ମୁହୁଃ ପୁଲକିତ ଏବଂ ସମାଧିସ୍ଥ । ଅନେକ କ୍ଷଣ ପରେ ଦୀର୍ଘ ନିଃଶ୍ୱାସ ପକାଇ ଯେପରି ଅତି କଷ୍ଟରେ ଭାବ ସମ୍ବରଣ କଲେ ।

## (୨)

## କାଳୀପୂଜା ଦିବସରେ ଭକ୍ତମାନଙ୍କ ସଙ୍ଗରେ

ଠାକୁରେ ସେହି ଉପର ଘରେ ଭକ୍ତଙ୍କ ସଙ୍ଗରେ ବସିଛନ୍ତି; ସମୟ ୧୦ଟା। ବିଛଣା ଉପରେ ଥିବା ତକିଆରେ ଭରା ଦେଇଛନ୍ତି; ଭକ୍ତମାନେ ଚତୁର୍ଦ୍ଦିଗରେ ବସିଛନ୍ତି। ରାମ, ରାଖାଲ, ନିରଞ୍ଜନ, କାଳୀପଦ, ମାଷ୍ଟର ପ୍ରଭୃତି ଅନେକ ଭକ୍ତ ଅଛନ୍ତି। ଠାକୁରଙ୍କ ଭଣଜା ହୃଦୟ ମୁଖାର୍ଜୀଙ୍କ କଥା ହେଉଛି।

ଶ୍ରୀରାମକୃଷ୍ଣ(ରାମ ପ୍ରଭୃତିଙ୍କୁ)—ହୃଦୁ ବର୍ତ୍ତମାନ ମଧ୍ୟ ଜମି ଜମି କରୁଛି। ଯେତେବେଳେ ଦକ୍ଷିଣେଶ୍ୱରରେ ଥିଲା, ସେତେବେଳେ କହିଥିଲା, ଶାଲ ଦିଅ ନହେଲେ ନାଲିଶ କରିବି।

"ମା ତାକୁ ବାହାର କରିଦେଲେ। ଲୋକମାନେ ଆସିଲେ କେବଳ ଟଙ୍କା ଟଙ୍କା କରୁଥିଲା। ସେ ଏଠାରେ ଥିଲେ ଏତେ ଲୋକ ଆସିନଥାନ୍ତେ। ମା ତାକୁ ଦୂରେଇ ଦେଲେ।

"ଗୋ—ଏହିପରି ଆରମ୍ଭ କରିଥିଲା। କୁଁ ଥୁ କୁଁ ଥୁ ହୁଏ। ଗାଡ଼ିରେ ମୋ ସଙ୍ଗରେ ଯିବ ସେଥିରେ ଡେରି କରେ। ଅନ୍ୟ ପିଲାମାନେ ମୋ ପାଖକୁ ଆସିଲେ ବିରକ୍ତ ହୁଏ। ସେମାନଙ୍କୁ ଦେଖିବାକୁ ଯଦି ମୁଁ କଲିକତାକୁ ଯାଏ—ମୋତେ କହେ, ସେମାନେ କ'ଣ ସଂସାର ଛାଡ଼ି ଆସିବେ ଯେ ସେମାନଙ୍କୁ ଦେଖିବାକୁ ଯିବେ। ପିଲାମାନଙ୍କୁ ଜଳଖିଆ ଦେବା ଆଗରୁ ଭୟରେ କହେ, ତୁ ଖାଆ ଆଉ ସେମାନଙ୍କୁ ଦେ। ଜାଣି ପାରିଲି, ସେ ରହିବ ନାହିଁ।

"ସେତେବେଳେ ମାଆଙ୍କୁ କହିଲି—ମା ତାକୁ ହୃଦୁ ଭଳି ଏକାବେଳକେ ଦୂରେଇ ଦିଅନାହିଁ। ତାହାପରେ ଶୁଣିଲି, ସେ ବୃନ୍ଦାବନ ଯିବ।

"ଗୋ—ଏଠାରେ ଥିଲେ ଏହିସବୁ ପିଲାମାନେ ମୋ ସହିତ ମିଶିପାରି ନଥାନ୍ତେ। ସେ ବୃନ୍ଦାବନକୁ ଗଲା ଏବଂ ଏହିସବୁ ପିଲାମାନେ ଯିବା ଆସିବା କରିବାକୁ ଲାଗିଲେ।"

ଗୋ(ବିନୀତ ଭାବରେ)—ଆଜ୍ଞା, ଏହା ତ ମୋ ମନ ଭିତରେ ନ ଥିଲା।

ରାମ 'ଗୋ'ଙ୍କୁ—ତୁମର ମନ ସେ ଯାହା ବୁଝିବେ, ତାହା କ'ଣ ତୁମେ ବୁଝିବ ?

ଗୋ— ଚୁପ୍ କରି ରହିଲେ।

ଶ୍ରୀରାମକୃଷ୍ଣ(ଗୋ-ପ୍ରତି)—ତୁ କାହିଁକି ଏପରି ଭାବୁଛୁ—ମୁଁ ତୋତେ ପୁଅ ଠାରୁ ବେଶୀ ସ୍ନେହ କରେ।

"ତୁ ଚୁପ୍ ରହ—ବର୍ତ୍ତମାନ ତୋର ଆଉ ସେହି ଭାବ ନାହିଁ।

ଭକ୍ତମାନଙ୍କ ସହିତ କଥାବାର୍ତ୍ତା ପରେ ଏବଂ ସେମାନେ ଅନ୍ୟ ଘରକୁ ଚାଲିଯିବା ପରେ ଠାକୁରେ ଗୋ-ଙ୍କୁ ଡକାଇଲେ ଓ କହିଲେ, ତୁ କଅଣ କିଛି ମନେ କଲୁକି ?

ଗୋ — ଆଜ୍ଞା ନା ।

ଠାକୁରେ ମାଷ୍ଟରଙ୍କୁ କହିଲେ, ଆଜି କାଳୀପୂଜା, କିଛି ପୂଜାର ଆୟୋଜନ କରିବା ଭଲ । ସେମାନଙ୍କୁ ଥରେ କହିଆସ । କାଉଁରିଆ କାଠି ଆଣିଛି କି ନାହିଁ ପଚାର ତ ।

ମାଷ୍ଟର ବୈଠକଖାନାକୁ ଯାଇ ଭକ୍ତମାନଙ୍କୁ ସମସ୍ତ ଜଣାଇଲେ । କାଳୀପଦ ଓ ଅନ୍ୟାନ୍ୟ ଭକ୍ତବୃନ୍ଦ ପୂଜାର ଉଦ୍‌ଯୋଗ କଲେ ।

ସମୟ ଅନ୍ଦାଜ ୨ଟା ହେବ । ଡାକ୍ତର ଠାକୁରଙ୍କୁ ଦେଖିବାକୁ ଆସିଲେ । ସଙ୍ଗରେ ଅଧ୍ୟାପକ ନୀଳମଣି । ଠାକୁରଙ୍କ ପାଖରେ ଅନେକ ଭକ୍ତ ବସିଛନ୍ତି । ଗିରିଶ, କାଳୀପଦ, ନିରଞ୍ଜନ, ରାଖାଲ, ଖୋକା (ମଣୀନ୍ଦ୍ର), ଲାଟୁ, ମାଷ୍ଟର ପ୍ରଭୃତି । ଠାକୁରେ ସହାସ୍ୟ ବଦନ; ଡାକ୍ତରଙ୍କ ସଙ୍ଗରେ ରୋଗ ଓ ଔଷଧାଦିର କଥା ଟିକିଏ ହେବାପରେ କହୁଛନ୍ତି, ତୁମପାଇଁ ଏହି ବହି ଆସିଛି । ଡାକ୍ତରଙ୍କ ହାତରେ ମାଷ୍ଟର ସେହି ବହି ଦୁଇଖଣ୍ଡ ଦେଲେ ।

ଡାକ୍ତର ଗୀତ ଶୁଣିବାକୁ ଇଚ୍ଛାପ୍ରକାଶ କଲେ ।

ଠାକୁରଙ୍କର ଆଦେଶକ୍ରମେ ମାଷ୍ଟର ଓ ଜଣେ ଭକ୍ତ ରାମପ୍ରସାଦଙ୍କର ଗୀତ ଗାଉଛନ୍ତି ।

ଗୀତ — ମନ କି ତତ୍ତ୍ୱ କର ତାରେ, ଯେହ୍ନେ ଉନ୍ମତ୍ତ ଅନ୍ଧାର ଘରେ ।

ଗୀତ — କାଳୀ କିପରି କିଏ ଜାଣେ ? ଦରଶନ ନପାଏ ଷଡ଼୍-ଦର୍ଶନେ ।

ଗୀତ — ମନ ରେ କୃଷି କାମ ଜାଣନା ।

ଗୀତ — ମନ ରେ ଚାଲ ବୁଲିଯିବା ।

ଡାକ୍ତର ଗିରିଶଙ୍କୁ କହୁଛନ୍ତି, ତୁମର ଏହି ଗୀତଟି ଭଲ — ବୀଣାର ଗୀତ — ବୁଦ୍ଧ ଚରିତରେ, ବୀଣାର ଗୀତ । ଠାକୁରଙ୍କ ଇଙ୍ଗିତରେ ଗିରିଶ ଓ କାଳୀପଦ ଉଭୟେ ମିଳି ଗୀତ ଶୁଣାଉଛନ୍ତି ।

(୧) ତାର ହାରରେ ଗୁନ୍ଥା ଯନ୍ତ୍ରେ ଏହି ମୋ ପ୍ରିୟ ବୀଣା,
କୋମଳ ପରଶେ ବାଜିଲେ ତା'ର ସ୍ୱର ଜଗତ ଜିଣା ।
ତାଳ ଲୟରେ ବାନ୍ଧିଲେ ଡୋରି, ଶତ ସୁଧାର ବହେ ମାଧୁରୀ,
ବେସୁରା କଲେ, ବେତାଳ ହେଲେ, କୋମଳ ଡୋରି ତା ଯାଏରେ ଛିଡ଼ି ।
(୨) ପ୍ରାଣର ଜ୍ୱାଳା କିଏ ଦେବ ଶାନ୍ତ କରି,
କେଉଁଠାରୁ ଆସି ଯାଏ କାହିଁ ଭାସି ।

କେତେ କାନ୍ଦି ହସି ଆସେ ମୁଁ ଯେ ଫେରି,
କାହାର ଖେଳରେ ଅବା ଖେଳୁଅଛି ମୁହିଁ ।
ସଦା ଭାଳେ ତା'ରେ ଯାଏ ବା ଯହିଁ,
ନିଦ୍ରା ଜାଗରଣ କୁହୁକ ପରି ।
ହେବନି କି ଭୋର ଏ ଘୋର ରଜନୀ,
ଅଧୀର ସମୀର ସମ ଅବିରାମ ବହି ।
କେଉଁଠାରୁ ଅବା ଆସିଅଛି ମୁହିଁ,
କାହିଁକି ଆସିଛି ଯାଉଅଛି, କାହିଁ ?
କେତେ ଦେଶେ ଦେଶେ ଯାଏ ଭାସି ଭାସି,
ଚାରି ଦିଗେ ଗୋଳ ଉଠେ ନାନା ରୋଳ,
କେତେ ଆସେ ଯାଏ ହସି କାନ୍ଦି ଗାଏ,
ଏହି ଠାରେ ଥାଏ ଏଇଠି ନଥାଏ ।।
ଆସି କେଉଁ କାର୍ଯ୍ୟେ ଗଲା କାହିଁ ପୁଣି,
କିବା ହେଲା ଖେଳ ନ ପାରିଲି ଜାଣି ।
ରହି ତ ନ ପାରେ ପ୍ରବାହର ବାରି,
କେଉଁ ଦିଗେ ଯାଏ, କୂଳ କି ନାହିଁ ?
ଯା'ର ଅଛି ଚେତା ହୁଅ ସଚେତନ,
କେତେଦିନେ ଆଉ ଭାଙ୍ଗିବ ସ୍ୱପନ ?
ନ ଶୁଅ ହେ ଆଉ ଚେତା ଅଛି ଯା'ର
ଦାରୁଣ ଏ ଘୋର ନିବିଡ଼ ଅନ୍ଧାର ।
ତମସା ବିଦାରି ହୁଅ ହେ ଉଦୟ,
ତୁମ ବିନା ଆଉ ନାହିଁ ମୋ ଉପାୟ,
ଶରଣ ପଶୁଛି ତେଣୁ ପଦେ ତୁମରି ।।
(୩) ଧରରେ ନିତାଇ ମୋତେ ।
ଜାଗରଣ ଆଜି ମୋ ପରାଣେ ।।
ନିତାଇ ଯେ ହରିନାମ କଲି ଜୀବସଙ୍ଗେ,
ଉଠିଲା ଢେଉ ବନ୍ଧୁ ପ୍ରେମ-ନଦୀରେ,
ଆଜି ମୁଁ ଭାସିଯାଏ ସେହି ତରଙ୍ଗେ
କାହାକୁ କହିବି ଦୁଃଖଭରା ମୋ ଅନ୍ତରେ,
ଜୀବ ଦୁଃଖରେ ଭାସିଯାଏ ଆଜି ମୁହିଁ ଭାସି ଯାଏରେ ।।

(୪) ହରି ହରି ବୋଲ ପ୍ରାଣ ଭରି, ନାଚି ନାଚି ଆସ ଜଗାଇ ମାଧାଇ ।
(୫) ପ୍ରେମ ନେବ ଆସ ପ୍ରେମକିଶୋରୀର,
ବହିଯାଏ ପରା ପ୍ରେମର ଜୁଆର ।
ଦେଖ ଶତଧାରେ ପ୍ରେମ ବହିଯାଏ,
ଯେତେ ଚାହେଁ ଯିଏ, ସେତେ ପାଏ ସିଏ ।
ପ୍ରେମର କିଶୋରୀ ପ୍ରେମ ବିତରେ,
ହରି ବୋଲ ସଖା ଶ୍ରୀରାଧା ପ୍ରେମରେ ।
ପ୍ରେମେ ପରାଣ ମତ୍ତ କରି, ପ୍ରେମ ତରଙ୍ଗେ ପରାଣ ନଚାଇ,
ରାଧା ପ୍ରେମେ ହରି କହି, ଆସ ଆସ ଆସ ଭାଇ ।।

ଗୀତ ଶୁଣୁ ଶୁଣୁ ଖୋକା, (ମଣୀନ୍ଦ୍ର) ଓ ଲାଟୁର ଭାବାବେଶ ହେଲା । ଲାଟୁ ନିରଞ୍ଜନଙ୍କ ପାଖରେ ବସିଥିଲେ । ଗୀତ ଶେଷହେବା ପରେ ଠାକୁରଙ୍କ ସହିତ ଡାକ୍ତର ପୁଣି କଥା କହୁଛନ୍ତି । ଗତକାଲି ପ୍ରତାପ (ମଜୁମଦାର) ଠାକୁରଙ୍କୁ ନାକ୍ସ ଭୋମିକା ଔଷଧ ଦେଇଥିଲେ । ଡାକ୍ତର ସରକାର ଶୁଣି ବିରକ୍ତ ହେଉଛନ୍ତି ।

ଡାକ୍ତର—ମୁଁ ତ ଆଉ ମରି ଯାଇ ନାହିଁ । ମୋତେ ନ ପଚାରି ନାକ୍ସ ଭୋମିକା ଦେଉଛ !

ଶ୍ରୀରାମକୃଷ୍ଣ (ସହାସ୍ୟ)—ତୁମର ଅବିଦ୍ୟା ମରୁ !

ଡାକ୍ତର—ମୋର କୌଣସି ସମୟରେ ଅବିଦ୍ୟା ନାହିଁ ।

ଡାକ୍ତର ଅବିଦ୍ୟା ମାନେ ନଷ୍ଟା ସ୍ତ୍ରୀ ବୋଲି ବୁଝିଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ନାହିଁ ହେ ! ସନ୍ୟାସୀର ଅବିଦ୍ୟା ମା' ମରିଯାଏ, ଆଉ ବିବେକ ସନ୍ତାନ ହୁଏ । ଅବିଦ୍ୟା—ମା' ମରିଗଲେ ଅଶୌଚ ହୁଏ—ସେଥିପାଇଁ କହନ୍ତି ସନ୍ୟାସୀକୁ ଛୁଇଁବା ଠିକ୍ ନୁହେଁ ।

ହରିବଲ୍ଲଭ ଆସିଛନ୍ତି । ଠାକୁରେ କହୁଛନ୍ତି, ତୁମକୁ ଦେଖିଲେ ଆନନ୍ଦ ହୁଏ । ହରିବଲ୍ଲଭ ଅତି ବିନୟୀ । ମସିଣାରେ ନ ବସି ମାଟି ଉପରେ ବସି ଠାକୁରଙ୍କୁ ପଙ୍ଖା କରୁଛନ୍ତି । ହରିବଲ୍ଲଭ କଟକର ବଡ଼ ଓକିଲ ।

ପାଖରେ ଅଧ୍ୟାପକ ନୀଳମଣି ବସିଛନ୍ତି । ସେମାନଙ୍କୁ ଲକ୍ଷ୍ୟ କରି ଠାକୁରେ ତାଙ୍କର ପ୍ରଶଂସା କରି କହୁଛନ୍ତି, ଆହା ! ଆଜି ମୋର କି ଶୁଭ ଦିନ ! କିୟତ୍କ୍ଷଣ ପରେ ଡାକ୍ତର ଓ ତାଙ୍କର ବନ୍ଧୁ ନୀଳମଣି ବିଦାୟ ନେଲେ । ହରିବଲ୍ଲଭ ମଧ୍ୟ ବିଦାୟ ନେଲେ । ଯିବା ସମୟରେ କହିଲେ ମୁଁ ପୁଣି ଆସିବି ।

## (୩)

## ଜଗନ୍ମାତା ୰କାଳୀପୂଜା

ଶରତ୍‌କାଳ, ଅମାବାସ୍ୟା, ସନ୍ଧ୍ୟା ୭ଟା । ସେହି ଉପର ଘରେ ପୂଜାର ସମସ୍ତ ଆୟୋଜନ ହୋଇଛି । ନାନାବିଧ ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର, ମନ୍ଦାର, ପାୟସାନ୍ନ ଓ ନାନାବିଧ ମିଷ୍ଟାନ୍ନ ଠାକୁରଙ୍କ ନିକଟକୁ ଭକ୍ତମାନେ ଆଣିଛନ୍ତି । ଠାକୁରେ ବସିଛନ୍ତି ! ଭକ୍ତମାନେ ଚତୁର୍ପାର୍ଶ୍ୱରେ ଘେରି ବସିଛନ୍ତି । ଶରତ, ଶଶୀ, ରାମ, ଗିରିଶ, ଚୁନୀଲାଲ, ମାଷ୍ଟର, ରାଖାଲ, ନିରଞ୍ଜନ, ଛୋଟ ନରେନ୍, ବିହାରୀ ପ୍ରଭୃତି ବହୁ ଭକ୍ତ ଅଛନ୍ତି ।

ଠାକୁରେ କହୁଛନ୍ତି, "ଝୁଣା ଆଣ" । କିଛି ସମୟପରେ ଠାକୁରେ ଶ୍ରୀଜଗନ୍ମାତାଙ୍କୁ ସବୁଗୁଡ଼ିକ ନିବେଦନ କଲେ । ମାଷ୍ଟର ପାଖରେ ବସିଛନ୍ତି । ମାଷ୍ଟରଙ୍କ ଆଡ଼କୁ ଅନାଇ ଠାକୁରେ କହୁଛନ୍ତି, ସମସ୍ତେ ଟିକିଏ ଧ୍ୟାନ କର । ଭକ୍ତମାନେ ସମସ୍ତେ ଧ୍ୟାନ କରୁଛନ୍ତି ।

ଦେଖୁ ଦେଖୁ ଗିରିଶ ଠାକୁରଙ୍କ ପାଦପଦ୍ମରେ ପୁଷ୍ପମାଲ୍ୟ ଅର୍ପଣ କଲେ । ମାଷ୍ଟର ମଧ୍ୟ ଗନ୍ଧପୁଷ୍ପ ଅର୍ପଣ କଲେ । ତାହାପରେ ରାଖାଲ ଓ ରାମ ଏବଂ ପରେ ପରେ ଅନ୍ୟ ସମସ୍ତ ଭକ୍ତମାନେ ଶ୍ରୀଚରଣରେ ପୁଷ୍ପାଞ୍ଜଳି ଅର୍ପଣ କଲେ ।

ନିରଞ୍ଜନ ପାଦରେ ପୁଷ୍ପାଞ୍ଜଳି ଦେଇ ବ୍ରହ୍ମମୟୀ ବ୍ରହ୍ମମୟୀ କହି ଭୂମିଷ୍ଠ ହୋଇ ପାଦରେ ମୁଣ୍ଡଦେଇ ପ୍ରଣାମ କରୁଛନ୍ତି । ଭକ୍ତମାନେ ସମସ୍ତେ "ଜୟ ମା ! ଜୟ ମା !" ଧ୍ୱନୀ କରୁଛନ୍ତି ।

ଦେଖୁଦେଖୁ ଠାକୁର ଶ୍ରୀରାମକୃଷ୍ଣ ସମାଧିସ୍ଥ ହେଲେ । କି ଆଶ୍ଚର୍ଯ୍ୟ ! ଭକ୍ତମାନେ ଅଦ୍ଭୁତ ରୂପାନ୍ତର ଦେଖୁଛନ୍ତି । ଠାକୁରଙ୍କର ଜ୍ୟୋତିର୍ମୟ ମୁଖ ମଣ୍ଡଳ ! ଦୁଇ ହସ୍ତରେ ବରାଭୟ ! ଠାକୁର ନିସ୍ପନ୍ଦ ଏବଂ ବାହ୍ୟଜ୍ଞାନ ଶୂନ୍ୟ ! ଉତ୍ତରାସ୍ୟ ହୋଇ ବସିଛନ୍ତି । ସାକ୍ଷାତ୍ 'ଜଗନ୍ମାତା' କ'ଣ ଠାକୁରଙ୍କ ଭିତରେ ଆବିର୍ଭୂତା ହେଲେ ! ସମସ୍ତେ ଅବାକ୍ ହୋଇ ଏହି ଅଦ୍ଭୁତ ବରାଭୟଦାୟନୀ ଜଗନ୍ମାତାଙ୍କର ମୂର୍ତ୍ତି ଦର୍ଶନ କରୁଛନ୍ତି ।

ଏଥର ଭକ୍ତମାନେ ସ୍ତବ କରୁଛନ୍ତି । ଆଉ ଜଣେ ଗୀତ ଗାଇ ସ୍ତବ କରୁଛନ୍ତି ଓ ସମସ୍ତେ ଯୋଗଦାନ କରି ସମସ୍ୱରରେ ଗାଉଛନ୍ତି । ଗିରିଶ ସ୍ତବ କରୁଛନ୍ତି:—

କିଏ ସେ ନିବିଡ଼ ନୀଳ କାଦମ୍ବିନୀ ସୁର ସମାଜେ ।
କିଏ ସେ ରକ୍ତୋତ୍‌ପଳ ଚରଣ ଯୁଗଳ ହର ଉରସେ ବିରାଜେ ।।
କିଏ ସେ ରଜନୀକର ନଖରେ ବାସ, ଦିନକର କେତେ ପଦେ ପ୍ରକାଶ ।
ମୃଦୁ ମୃଦୁ ହାସ ଭାସ, ଘନ ଘନ ଘନ ଗରଜେ ।।

ପୁଣି ଗାଉଅଛନ୍ତି—

ଦୀନ ତାରିଣୀ, ଦୁରିତହାରିଣୀ, ସତ୍ତ୍ୱରଜସ୍ତମ ତ୍ରିଗୁଣଧାରିଣୀ;
ସୃଜନ ପାଳନ ନିଧନ କାରିଣୀ ସଗୁଣା ନିର୍ଗୁଣା ସର୍ବସ୍ୱରୂପିଣୀ !
ତ୍ୱଂହି କାଳୀ ତାରା ପରମା ପ୍ରକୃତି, ତ୍ୱଂହି ମୀନ କୂର୍ମ ବରାହ ପ୍ରଭୃତି;
ତ୍ୱଂହି ସ୍ଥଳ ଜଳ ଅନିଳ ଅନଳ, ତ୍ୱଂହି ବ୍ୟୋମ, ବ୍ୟୋମକେଶ ପ୍ରସବିନୀ ।
ସାଙ୍ଖ୍ୟ ପାତଞ୍ଜଳ ମୀମାଂସକ ନ୍ୟାୟ, ତନ୍ନ ତନ୍ନ ଜ୍ଞାନେ ଧ୍ୟାନେ ସଦାଧ୍ୟାୟ;
ବୈଶେଷିକ ବେଦାନ୍ତ ଭ୍ରମେ ହୁଏ ଭ୍ରାନ୍ତ, ତଥାପି ଅଦ୍ୟାପି ଜାଣିତ ପାରିନି ।
ନିରୁପାଧି ଆଦି ଅନ୍ତ ରହିତ, ସାଧୁଜନଙ୍କର କରିବାକୁ ହିତ,
ଗଣେଶାଦି ପଞ୍ଚରୂପେ କାଳ ବଞ୍ଚ, ଭବଭୟହରା ତ୍ରିକାଳବର୍ତ୍ତିନୀ ।
ସାକାର ସାଧକେ ତୁମେ ଯେ ସାକର ନିରାକାର ଉପାସକେ ନିରାକାର,
କେହି କେହି କହେ ବ୍ରହ୍ମ ଜ୍ୟୋତିର୍ମୟ, ସେ ଯେ ତୁମେ ନଗତନୟା ଜନନୀ ।
ଯେ ଅବଧି ଯା'ର ଅଭିସନ୍ଧି ହୁଏ, ସେ ଅବଧି ସେ ପରମ ବ୍ରହ୍ମ କହେ,
ତତ୍‌ପରେ ତୁରୀୟ ଅନିର୍ବଚନୀୟ, ସକଳ ମା'ତାରା ତ୍ରିଲୋକବ୍ୟାପିନୀ ।

ବିହାରୀ ସ୍ତବ କରୁଛନ୍ତି—

ମନର ବାସନା ଶ୍ୟାମା ଶବାସନା ଶୁଣ ଗୁହାରୀ
ହୃଦୟ ମାଝେ ଉଦୟ ହୁଅ ମା, ଯେବେ ହବ ଅନ୍ତର୍ଜଳି ।
ସେ ସମୟେ ମୁଁ ମନେ, ମନେ ତୋଳିବି ମନ୍ଦାର ବନେ ବନେ,
ଭକ୍ତି ଚନ୍ଦନ ମିଶାଇ ମୁଁ ମା,' ପାଦେ ଦେବି ତୁମ ପୁଷ୍ପାଞ୍ଜଳି ।

ମଣି ଭକ୍ତଙ୍କ ସଙ୍ଗରେ ଗାଉଛନ୍ତି—

ସକଳ ତୋମାରି ଇଚ୍ଛା ମା ଇଚ୍ଛାମୟୀ ତାରା ତୁମି,
ତୋମାର କର୍ମ ତୁମି କର ମା ଲୋକେ ବଲେ କରି ଆମି ।
ପଙ୍କେ ବଦ୍ଧ କର କରୀ ପଙ୍ଗୁରେ ଲଙ୍ଘାଓ ଗିରି,
କାରେ ଦାଓ ମା ବ୍ରହ୍ମପଦ କାରେ କର ଅଧୋଗାମୀ ।
ଆମି ଯନ୍ତ୍ର ତୁମି ଯନ୍ତ୍ରୀ, ଆମି ଘର ତୁମି ଘରଣୀ,
ଆମି ରଥ ତୁମି ରଥୀ ଯେମନ ଚାଲାଓ ତେମନ ଚଲି ।
(୭) ତୁମରି କରୁଣାରେ ମା ସର୍ବସିଦ୍ଧି ହୋଇତ ପାରେ ।
ଅଲଂଘ୍ୟ ପର୍ବତସମ ବାଧାବିଘ୍ନ ଯାଏ ଦୂରେ ॥
ତୁମେ ମଙ୍ଗଳ ନିଧାନ, କରିଛ ମଙ୍ଗଳ ବିଧାନ ।
ତେବେ କିମ୍ପା ବୃଥା ମରେ, ଫଳାଫଳ ଚିନ୍ତା କରେ ॥
(ଗୀତ) ଆନନ୍ଦମୟୀ ହୋଇ ମା'ଗୋ, ମୋତେ ନିରାନନ୍ଦ କରନା ।
(ଗୀତ) ନିବିଡ ଅନ୍ଧାରେ ମା ଚମକେ ତୋ ରୂପରାଶି ।

ଠାକୁର ପ୍ରକୃତିସ୍ଥ ହୋଇଛନ୍ତି । ଏହି ଗୀତଟି ଗାଇବାକୁ ଆଦେଶ କରୁଛନ୍ତି—

(ଗୀତ) କେବେ ବା କି ଭାବେ ରହ ମା' ଶ୍ୟାମା ସୁଧା ତରଙ୍ଗିଣୀ,

ଗୀତ ସମାପ୍ତ ହେଲାରୁ ଠାକୁରେ ପୁଣି ଆଦେଶ କରୁଛନ୍ତି—

(ଗୀତ) ଶିବ ସଙ୍ଗେ ସଦା ରଙ୍ଗେ ଆନନ୍ଦେ ମଗନା,
ସୁଧାପାନେ ଢଳ ଢଳ ଢଳେ କିନ୍ତୁ ପଡ଼େନା (ମା) ।

ଠାକୁରେ ଭକ୍ତବୃନ୍ଦଙ୍କ ଆନନ୍ଦ ପାଇଁ ଟିକିଏ ପାୟସ ଗ୍ରହଣ କରୁଛନ୍ତି । କିନ୍ତୁ ଏକାବେଳକେ ଭାବରେ ବିଭୋର, ବାହ୍ୟ ଜ୍ଞାନ ଶୂନ୍ୟ ହେଲେ !

କିୟତ୍‌କ୍ଷଣ ପରେ ଭକ୍ତମାନେ ସମସ୍ତେ ଠାକୁରଙ୍କୁ ପ୍ରଣାମକରି ପ୍ରସାଦନେଇ ବୈଠକଖାନାକୁ ଗଲେ; ସମସ୍ତେ ମିଳି ଆନନ୍ଦରେ ସେହି ପ୍ରସାଦ ସେବନ କଲେ । ରାତି ୯ଟା । ଠାକୁରେ କହି ପଠାଇଲେ—ରାତ୍ରି ହେଲାଣି, ସୁରେନ୍ଦ୍ରଙ୍କର ଘରେ ଆଜି ୰କାଳୀପୂଜା ହେବ, ତୁମେମାନେ ସମସ୍ତେ ନିମନ୍ତ୍ରଣ ରକ୍ଷାକରି ଯାଇ କାଳୀ ପୂଜାରେ ଯୋଗଦିଅ ।

ଭକ୍ତମାନେ ଆନନ୍ଦ କରୁ କରୁ ସିମଳା ଷ୍ଟ୍ରୀଟ୍‌ରେ ଅବସ୍ଥିତ ସୁରେନ୍ଦ୍ରଙ୍କ ଗୃହରେ ଉପସ୍ଥିତ ହେଲେ । ସୁରେନ୍ଦ୍ର ଅତି ଯତ୍ନସହକାରେ ସେମାନଙ୍କୁ ଉପର ମହଲାର ବୈଠକଖାନାକୁ ନେଇ ବସାଇଲେ । ଘରେ ଉତ୍ସବ । ସମସ୍ତେ ଭକ୍ତି ସଙ୍ଗୀତ ଗାଇ ଆନନ୍ଦ କରୁଛନ୍ତି ।

ସୁରେନ୍ଦ୍ରଙ୍କ ଘରୁ ପ୍ରସାଦ ପାଇ ଭକ୍ତବୃନ୍ଦ ଘରକୁ ଫେରିବା ବେଳକୁ ରାତ୍ରି ଦୁଇପ୍ରହରରୁ ଅଧିକ ହୋଇଥିଲା ।

❁❁❁

# ଅଷ୍ଟମ ପରିଚ୍ଛେଦ

## କାଶୀପୁର ଉଦ୍ୟାନରେ ନରେନ୍ଦ୍ରାଦି ଭକ୍ତଙ୍କ ସଙ୍ଗରେ

## (୧)

### କୃପାସିନ୍ଧୁ ଶ୍ରୀରାମକୃଷ୍ଣ—ମାଷ୍ଟର, ନିରଞ୍ଜନ, ଭବନାଥ

ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ କାଶୀପୁର ଉଦ୍ୟାନରେ ବାସ କରୁଛନ୍ତି । ଏତେ ଅସୁସ୍ଥତା ସତ୍ତ୍ୱେ ତାଙ୍କର ଗୋଟିଏ ଚିନ୍ତା—କିପରି ଭକ୍ତମାନଙ୍କର ମଙ୍ଗଳ ହେବ । ଦିନରାତି କୌଣସି ନା କୌଣସି ଭକ୍ତ ବିଷୟରେ ଚିନ୍ତା କରୁଛନ୍ତି ।

ଶୁକ୍ରବାର, ୧୧ ତାରିଖ ଡିସେମ୍ବର, ମାର୍ଗଶୀର ୨୭ ଦିନ, ଶୁକ୍ଳା ପଞ୍ଚମୀ ଦିନ ଶ୍ୟାମପୁକୁରରୁ ଠାକୁରେ କାଶୀପୁର ଉଦ୍ୟାନକୁ ଆସିଥିଲେ । ଆଜକୁ ବାର ଦିନ ପୂର୍ବରୁ ଏଠାକୁ ଆସିଥିଲେ ।

ଯୁବକ ଭକ୍ତମାନେ କ୍ରମଶଃ ଠାକୁରଙ୍କ ସେବା ପାଇଁ କାଶୀପୁରକୁ ଆସି ଅବସ୍ଥାନ କରୁଛନ୍ତି । ବର୍ତ୍ତମାନ ମଧ୍ୟ କେତେଜଣ ଭକ୍ତ ଘରକୁ ଯିବା ଆସିବା କରନ୍ତି । ଗୃହୀ ଭକ୍ତମାନେ ପ୍ରାୟ ପ୍ରତ୍ୟହ ଦର୍ଶନ କରିବାକୁ ଆସନ୍ତି — ମଧ୍ୟେ ମଧ୍ୟେ ରାତିରେ ରହନ୍ତି ।

ଭକ୍ତମାନେ ପ୍ରାୟ ସମସ୍ତେ ମିଳିତ ହୋଇଛନ୍ତି । ୧୮୮୧ ଖ୍ରୀଷ୍ଟାବ୍ଦ ଠାରୁ ଭକ୍ତମାନଙ୍କର ସମାଗମ ହେଉଛି । ଶେଷକୁ ଭକ୍ତମାନେ ପ୍ରାୟ ସମସ୍ତେ ଆସିଗଲେଣି । ୧୮୮୪ ଖ୍ରୀଷ୍ଟାବ୍ଦର ଶେଷକୁ ଶଶୀ ଓ ଶରତ୍ ଠାକୁରଙ୍କୁ ଦର୍ଶନ କରିଥିଲେ; କଲେଜର ପରୀକ୍ଷାଦି ପରେ ୧୮୮୫ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରୁ ସେମାନେ ସର୍ବଦା ଯାତାୟତ କରୁଛନ୍ତି । ୧୮୮୪ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ ଷ୍ଟାର ଥିଏଟର୍‌ରେ ଶ୍ରୀଯୁକ୍ତ ଗିରିଶ (ଘୋଷ) ଠାକୁରଙ୍କୁ ଦର୍ଶନ କରିଥିଲେ । ତିନିମାସ ପରେ ଅର୍ଥାତ୍ ଡିସେମ୍ବର ପ୍ରାରମ୍ଭରୁ ସେ ସର୍ବଦା ଯାତାୟାତ କରୁଛନ୍ତି । ୧୮୮୪ ଡିସେମ୍ବର ଶେଷରେ ସାରଦା ପ୍ରସନ୍ନ ଠାକୁରଙ୍କୁ ଦକ୍ଷିଣେଶ୍ୱର ମନ୍ଦିରରେ ଦର୍ଶନ କରିଥିଲେ । ସୁବୋଧ ଓ କ୍ଷୀରୋଦ ୧୮୮୫ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଠାକୁରଙ୍କୁ ପ୍ରଥମେ ଦର୍ଶନ କରିଥିଲେ ।

ଆଜି ସକାଳେ ପ୍ରେମ-ତରଙ୍ଗ ଉଠିଥିଲା । ଶ୍ରୀରାମକୃଷ୍ଣ ନିରଞ୍ଜନଙ୍କୁ କହୁଛନ୍ତି, 'ତୁ ମୋର ବାପ, ତୋର କୋଳରେ ବସିବି ।' କାଳୀପଦର ବକ୍ଷ ସ୍ପର୍ଶକରି କହୁଛନ୍ତି, 'ଚୈତନ୍ୟ ହେଉ !' ଆଉ ଚିବୁକ ଧରି ତାହାକୁ ଆଦର କରୁ କରୁ କହୁଛନ୍ତି, 'ଯିଏ ଆନ୍ତରିକ ଈଶ୍ୱରଙ୍କୁ ଡାକିଛି ବା ସନ୍ଧ୍ୟା ଆହ୍ନିକ କରିଛି, ତାହାର ଏଠାକୁ ନିଶ୍ଚୟ ଆସିବାକୁ ହେବ ।' ଆଜି ସକାଳେ ଦୁଇଜଣ ମହିଳା ଭକ୍ତଙ୍କ ଉପରେ ମଧ୍ୟ କୃପା କରିଛନ୍ତି । ସମାଧିସ୍ଥ ହୋଇ ସେମାନଙ୍କ ବକ୍ଷରେ ଚରଣ ଦ୍ୱାରା ସ୍ପର୍ଶ କରିଛନ୍ତି । ସେମାନେ ଅଶ୍ରୁ ବିସର୍ଜନ କରିଥିଲେ; ଜଣେ କାନ୍ଦି କାନ୍ଦି କହିଥିଲେ, 'ଆପଣଙ୍କର ଏତେ ଦୟା !' ପ୍ରେମର ସୀମା ନାହିଁ । ସିଁଥିର ଗୋପାଳଙ୍କୁ କୃପା କରିବେ ବୋଲି କହୁଛନ୍ତି, ''ଗୋପାଳକୁ ଡାକି ଆଣ ।''

ଅଜି ବୁଧବାର, ପୌଷ ୯ ଦିନ; ମାର୍ଗଶୀର କୃଷ୍ଣ ଦ୍ୱିତୀୟା, ୨୩ ତାରିଖ ଡିସେମ୍ବର, ୧୮୮୫ ଖ୍ରୀଷ୍ଟାବ୍ଦ । ସଂଧ୍ୟା ହୋଇଛି । ଠାକୁରେ ଜଗନ୍ମାତାଙ୍କର ଚିନ୍ତା କରୁଛନ୍ତି ।

କିୟତ୍‌କ୍ଷଣ ପରେ ଠାକୁରେ ଅତି ମୃଦୁ ସ୍ୱରରେ ଜଣେ ଦୁଇଜଣ ଭକ୍ତଙ୍କ ସହିତ କଥା କହୁଛନ୍ତି । ଘରେ କାଳୀ, ଚୁନୀଲାଲ, ମାଷ୍ଟର, ନବଗୋପାଳ, ଶଶୀ, ନିରଞ୍ଜନ ପ୍ରଭୃତି ଭକ୍ତମାନେ ଅଛନ୍ତି ।

ଶ୍ରୀରାମକୃଷ୍ଣ—ଗୋଟିଏ ଟୁଲ କିଣିଆଣିବ—ଏଠାପାଇଁ । କେତେ ପଡ଼ିବ?

ମାଷ୍ଟର—ଆଜ୍ଞା, ଦୁଇ ତିନିଟଙ୍କା ମଧ୍ୟରେ ।

ଶ୍ରୀରାମକୃଷ୍ଣ—ଯଦି ଛୋଟ ପୀଢ଼ା ବାରଅଣା, ତେବେ ତାର ଦାମ ଏତେ ହେବ କାହିଁକି ?

ମାଷ୍ଟର—ବେଶି ହେବ ନାହିଁ—ତାହାରି ଭିତରେ ହୋଇଯିବ ।

ଶ୍ରୀରାମକୃଷ୍ଣ—ଆଚ୍ଛା, କାଲି ଗୁରୁବାର, ଉପରବୋଳା ଅଶୁଭ ସମୟ—ତୁମେ ତିନିଟା ପୂର୍ବରୁ ଆସିପାରିବ ନାହିଁ ?

ମାଷ୍ଟର—ଆଜ୍ଞା ହଁ, ଆସିବି ।

## ଠାକୁର ଶ୍ରୀରାମକୃଷ୍ଣ କ'ଣ ଅବତାର ? ଅସୁସ୍ଥତାର ଗୁହ୍ୟ ଉଦ୍ଦେଶ୍ୟ

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଆଚ୍ଛା, ଏ ରୋଗଟା କେତେ ଦିନରେ ଭଲ ହେବ ?

ମାଷ୍ଟର—ଟିକିଏ ବେଶି ହୋଇଛି—କିଛିଦିନ ଲାଗିବ ।

ଶ୍ରୀରାମକୃଷ୍ଣ—କେତେ ଦିନ ?

ମାଷ୍ଟର—ପାଞ୍ଚ ଛଅ ମାସ ଲାଗିପାରେ ।

ଏହି କଥାରେ ଠାକୁରେ ବାଳକ ପରି ଅଧୈର୍ଯ୍ୟ ହେଲେ । କହୁଛନ୍ତି—'କଅଣ କହୁଛ ?'

ମାଷ୍ଟର—ଆଜ୍ଞା, ସବୁ ଭଲ ହୋଇଯିବ ।

ଶ୍ରୀରାମକୃଷ୍ଣ—ତାହା କହ ।—ଆଚ୍ଛା, ଏତେ ଈଶ୍ୱରୀୟ ରୂପ ଦର୍ଶନ, ଭାବ, ସମାଧି ହେଉଛି !—ତଥାପି ଏପରି ରୋଗ କାହିଁକି ?

ମାଷ୍ଟର—ଆଜ୍ଞା, ଖୁବ୍ କଷ୍ଟ ହେଉଛି ସତ, କିନ୍ତୁ ଉଦ୍ଦେଶ୍ୟ ଅଛି ।

ଶ୍ରୀରାମକୃଷ୍ଣ—କି, ଉଦ୍ଦେଶ୍ୟ ?

ମାଷ୍ଟର—ଆପଣଙ୍କର ଏ ଅବସ୍ଥାର ପରିବର୍ତ୍ତନ ହେବ । ନିରାକାର ଆଡ଼କୁ ଢ଼ଳୁଛି ।—'ବିଦ୍ୟାର ମୁଁ' ପର୍ଯ୍ୟନ୍ତ ରହୁନାହିଁ ।

ଶ୍ରୀରାମକୃଷ୍ଣ—ହଁ, ଲୋକଶିକ୍ଷା ବନ୍ଦ ହେଉଛି—ଏଣିକି କହିପାରୁ ନାହିଁ । ସବୁ ରାମମୟ ଦେଖୁଛି । ଥରେ ଥରେ ମନେ ହୁଏ; କାହାକୁ ଆଉ କହିବି !

ଦେଖୁନାହଁ;—ଏହି ଘର ଭଡ଼ା ନେଇଥିବାରୁ କେତେ ପ୍ରକାର ଭକ୍ତ ଆସୁଛନ୍ତି ।

"କୃଷ୍ଣ ପ୍ରସନ୍ନ ସେନ୍ ବା ଶଶଧରଙ୍କ ପରି ସାଇନ୍‌ବୋର୍ଡ଼ତ ଦେବିନହିଁ—'ଅମୁକ ସମୟରେ ଲେକ୍‌ଚର ହେବ !' (ଠାକୁର ଓ ମାଷ୍ଟରଙ୍କର ହାସ୍ୟ) ।

ମାଷ୍ଟର—ତେବେ ଗୋଟିଏ ଉଦ୍ଦେଶ୍ୟ, ଲୋକ ପରୀକ୍ଷା । ପାଞ୍ଚବର୍ଷ ଭିତରେ ତପସ୍ୟା କରି ଯାହା ନ ହୋଇଥାନ୍ତା, ଏହି କେତେଦିନ ଭିତରେ ଭକ୍ତମାନଙ୍କର ତାହା ହୋଇଛି । ସାଧନା, ପ୍ରେମ ଓ ଭକ୍ତି ।

ଶ୍ରୀରାମକୃଷ୍ଣ—ହଁ ତାହା ହୋଇଛି । ହେଇ, ନିରଞ୍ଜନ ଘରକୁ ଯାଇଥିଲା । (ନିରଞ୍ଜନ ପ୍ରତି) ତୁ କହ ଦେଖି କିପରି ମନେ ହୁଏ ।

ନିରଞ୍ଜନ—ଆଜ୍ଞା, ଆଗେ ଶ୍ରଦ୍ଧା ଭକ୍ତି ଥିଲା ସତ—କିନ୍ତୁ ବର୍ତ୍ତମାନ ଛାଡ଼ିଦେଇ ରହିବାର ଶକ୍ତି ନାହିଁ !

ମାଷ୍ଟର—ମୁଁ ଦିନେ ଦେଖିଥିଲି, ଏମାନେ ସବୁ ପୁରୁଷ !

ଶ୍ରୀରାମକୃଷ୍ଣ—କେଉଁଠାରେ ?

ମାଷ୍ଟର—ଆଜ୍ଞା, ଗୋଟିଏ ପାଖରେ ଠିଆହୋଇ ଶ୍ୟାମପୁକୁର ଘରେ ଦେଖିଥିଲି । ବୋଧ ହେଲା, ଏମାନେ ଜଣେ ଜଣେ କେତେ ବାଧାବିଘ୍ନ ଠେଲି ସେଠାରେ ଆସି ବସି ରହିଛନ୍ତି—ସେବାପାଇଁ ।

## ସମାଧି ମନ୍ଦିରରେ—ଅଦ୍ଭୁତ ଅବସ୍ଥା—ନିରାକାର—ଅନ୍ତରଙ୍ଗ ନିର୍ବାଚନ

ଏହି କଥା ଶୁଣୁ ଶୁଣୁ ଠାକୁରେ ଭାବାବିଷ୍ଟ ହେଉଛନ୍ତି । କିୟତ୍‌କ୍ଷଣ ନିସ୍ତବ୍ଧ ହୋଇ ରହିଲେ । **ସମାଧିସ୍ଥ !**

ଭାବର ଉପଶମ ହେଲାରୁ ମାଷ୍ଟରଙ୍କୁ କହୁଛନ୍ତି—"**ଦେଖିଲି ସାକାରରୁ ସବୁ ନିରାକାରକୁ ଯାଉଛନ୍ତି ।**—ଅନ୍ୟସବୁ କଥା କହିବାକୁ ଇଚ୍ଛା ହେଉଛି, କିନ୍ତୁ ପାରୁନାହିଁ ।

ଆଚ୍ଛା, ଏହି ନିରାକାର ଆଡ଼କୁ ମନର ଗତି, କେବଳ ଲୟ ହେବା ପାଇଁ, ନୁହେଁ ?

ମାଷ୍ଟର(ଅବାକ୍ ହୋଇ)—ଆଜ୍ଞା, ତାହା ହୋଇପାରେ ।

ଶ୍ରୀ ରାମକୃଷ୍ଣ—ବର୍ତ୍ତମାନ ମଧ୍ୟ ନିରାକାର ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ସେହିପରି ଦର୍ଶନ କରୁଛି ।—କିନ୍ତୁ ବହୁ କଷ୍ଟରେ ଭାବ ସମ୍ବରଣ କରି ରହିଛି ।

"ଲୋକ ପରୀକ୍ଷା ଯାହା କହୁଛ, ତାହା ଠିକ୍ । ଏହି ରୋଗ ହେବାରୁ କିଏ ଅନ୍ତରଙ୍ଗ କିଏ ବହିରଙ୍ଗ, ଜଣା ଯାଉଛି । ଯେଉଁମାନେ ସଂସାର ତ୍ୟାଗ କରି ଅଛନ୍ତି, ସେମାନେ ଅନ୍ତରଙ୍ଗ । ଆଉ ଯେଉଁମାନେ ଥରେ ଆସି 'ଆଜ୍ଞା କିପରି ଅଛନ୍ତି' ପଚାରନ୍ତି, ସେମାନେ ବହିରଙ୍ଗ ।

''ଭବନାଥଙ୍କୁ ଦେଖିଲ ନାହିଁ ? ଶ୍ୟାମପୁକୁରରେ ବର ସାଜିଲା ପରି ଆସିଲା । ପଚାରିଲା, 'କିପରି ଅଛନ୍ତି'—ତାହାପରେ ଆଉ ଦେଖା ନାହିଁ । ନରେନ୍ଦ୍ର ପାଇଁ ତାକୁ ଆଦର କରେ, କିନ୍ତୁ ମନ ନାହିଁ ।''

## (୨)

## ଶ୍ରୀମୁଖ—କଥିତ ଚରିତାମୃତ—ଶ୍ରୀରାମକୃଷ୍ଣ କିଏ ?

## ମୁକ୍ତକଣ୍ଠ

**ଆହୁସ୍ତାମ୍ ଋଷୟଃ ସର୍ବେ ଦେବର୍ଷିନାରଦସ୍ତଥା ।**
**ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥**

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ସେ ଭକ୍ତଙ୍କ ପାଇଁ ଯେତେବେଳେ ଦେହ ଧାରଣକରି ଆସନ୍ତି, ସେତେବେଳେ ତାଙ୍କ ସଙ୍ଗରେ ଭକ୍ତମାନେ ମଧ୍ୟ ଆସନ୍ତି । କେହି ଅନ୍ତରଙ୍ଗ, କେହି ବହିରଙ୍ଗ । କେହି ବା ସାହାଯ୍ୟକାରୀ ।

''ଦଶ ଏଗାର ବର୍ଷ ବୟସରେ ବିଶାଳାକ୍ଷୀଙ୍କୁ ଦର୍ଶନ କରିବାକୁ ଯାଇ କ୍ଷେତ ମଧ୍ୟରେ ଏହି ଅବସ୍ଥା ହେଲା । କଅଣ ଦେଖିଲି !—ଏକାବେଳେକେ ବାହ୍ୟଜ୍ଞାନଶୂନ୍ୟ !

''ଯେତେବେଳେ ବାଇଶି ତେଇଶି ବର୍ଷ ବୟସ ଅର୍ଥାତ୍ (୧୮୫୮/୫୯ ଖ୍ରୀଃ) ସେତେବେଳେ ପ୍ରଥମ ଏଇ ଅବସ୍ଥା । କାଳୀ ମନ୍ଦିରରେ (ଦକ୍ଷିଣେଶ୍ୱରରେ) କହିଲେ, 'ତୁ କଅଣ ଅକ୍ଷର ହେବାକୁ ଚାହୁଁ ?'—ଅକ୍ଷରର ଅର୍ଥ ଜାଣିନଥିଲି । ହଳଧାରୀଙ୍କୁ ପଚାରିବାରୁ କହିଲେ, 'କ୍ଷର ମାନେ ଜୀବ, ଅକ୍ଷର ମାନେ ପରମାତ୍ମା ।'

''ଯେତେବେଳେ ଆଳତି ହୁଏ, କୋଠି ଉପରୁ ଚିତ୍କାର କରେ, 'ଆହେ ଭକ୍ତମାନେ କିଏ କେଉଁଠାରେ ଅଛ ଶୀଘ୍ର ଆସ ! ସଂସାରୀ ଲୋକମାନଙ୍କ ସଙ୍ଗରେ ରହି ମୋର ପ୍ରାଣ ଚାଲିଯିବ ! ଏ ବିଷୟ ଇଂଲିଶମ୍ୟାନ୍‌ଙ୍କୁ (ଇଂରାଜୀ ପଢ଼ା ଲୋକଙ୍କୁ) କହିଲି । ସେମାନେ କହିଲେ, 'ସେ ସବୁ ମନର ଭ୍ରମ !' ଏହା ବିଶ୍ୱାସ କରି ଶାନ୍ତ ହେଲି ! କିନ୍ତୁ ବର୍ତ୍ତମାନ ତ ସେହି ସବୁ ଘଟୁଛି ! —ସବୁ ଭକ୍ତ ଆସି ମିଳିତ ହେଉଛନ୍ତି ।

''ପୁଣି ଦେଖାଇଲେ ପାଞ୍ଚଜଣ ସେବାୟତ । ପ୍ରଥମେ ମଥୁର ବାବୁ ତାହା ପରେ ଶମ୍ଭୁ ମଲ୍ଲିକ,—ତାଙ୍କୁ ଆଗରୁ କେବେ ଦେଖିନାହିଁ । ଭାବରେ ଦେଖିଲି,—ଗୌରବର୍ଣ୍ଣ ପୁରୁଷ, ମୁଣ୍ଡରେ ଟୋପି । ଯେତେବେଳେ ଅନେକ ଦିନ ପରେ ଶମ୍ଭୁଙ୍କୁ ଦେଖିଲି, ସେତେବେଳେ ମନେ ପଡ଼ିଲା, —ଏହାକୁ ହିଁ ଆଗେ ଭାବାବସ୍ଥାରେ

ଦେଖିଛି ! ଆଉ ତିନି ଜଣ ସେବାୟତ ବର୍ତ୍ତମାନ ମଧ୍ୟ ଠିକ୍ ହୋଇ ନାହାନ୍ତି । ସେମାନେ ସବୁ ଗୌରବର୍ଣ୍ଣ । ସୁରେନ୍ଦ୍ର ଜଣେ ସେବାୟତ ବୋଲି ମନେ ହୁଏ ।

''ଏହି ଅବସ୍ଥା ଯେତେବେଳେ ହେଲା, ଠିକ୍ ମୋ ପରି ଜଣେ ଆସି, ଇଡ଼ା, ପିଙ୍ଗଳା, ସୁଷୁମ୍ନା ନାଡ଼ୀ ସବୁ ଗତିଶୀଳ କରି ଦେଇଗଲା । ଷଡ଼ଚକ୍ରର ଗୋଟିଏ ଗୋଟିଏ ପଦ୍ମରେ ଜିହ୍ୱା ଦେଇ ରମଣ କରେ, ଆଉ ଅଧୋମୁଖ ପଦ୍ମ ଊର୍ଦ୍ଧ୍ୱମୁଖ ହୋଇ ଉଠେ ! ଶେଷରେ ସହସ୍ରାର ପଦ୍ମ ପ୍ରସ୍ଫୁଟିତ ହୋଇଗଲା ।

''କେତେବେଳେ କେଉଁ ସ୍ୱଭାବର ଲୋକ ଆସିବେ, ସେସବୁ ପୂର୍ବରୁ ମା' ଜଣାଇ ଦେଉଥିଲେ । ଭାବରେ ନୁହେଁ, ମୁଁ ଏହି ଦୁଇ ଆଖିରେ ଦେଖିଲି, ''ଚୈତନ୍ୟଦେବଙ୍କର ସଂକୀର୍ତ୍ତନ'' ବଟବୃକ୍ଷ ଠାରୁ ବକୁଳବୃକ୍ଷ ଦିଗକୁ ଯାଉଛି । ସେଥିରେ ବଳରାମଙ୍କୁ ଦେଖିଲି, ଆଉ ବୋଧେ ତୁମକୁ ଦେଖିଲି । ଚୁନୀର ଆଉ ତୁମର ଏଠାକୁ ଯିବା ଆସିବା ଫଳରେ ଉଦ୍ଦୀପନ ହୋଇଛି । ଶଶୀ ଆଉ ଶରତକୁ ଦେଖିଥିଲି, ଋଷି କୃଷ୍ଣଙ୍କ (Christ) ଦଳରେ ଥିଲେ ।

''ବଟବୃକ୍ଷ ତଳେ ଗୋଟିଏ ପିଲା ଦେଖିଥିଲି । ହୃଦୁ କହିଲା, 'ତେବେ ତୁମର ଗୋଟିଏ ସନ୍ତାନ ହେବ ।' ମୁଁ କହିଲି, 'ମୋର ଯେ ମାତୃଯୋନି ! ମୋର ସନ୍ତାନ ହେବ କିପରି ? ସେହି ପିଲାଟି ରାଖାଲ !''

''କହିଲି, ମା ଏ ପ୍ରକାର ଯଦି କଲ, ତାହାହେଲେ ଜଣେ ବଡ଼ଲୋକ ଆଣିଦିଅ । ସେଥିପାଇଁ ମଥୁର ବାବୁ ଚଉଦ ବର୍ଷଧରି ସେବା କଲେ । କେତେ ଭାବରେ ସେବା !—ଅଲଗା ଭଣ୍ଡାର କରିଦେଲେ—ସାଧୁସେବା ପାଇଁ । ଗାଡ଼ି, ସବାରି—ଯାହାକୁ ଯାହା ଦେବାକୁ କହିଛି, ତାହାକୁ ତାହା ଦିଆ ହୋଇଛି ! ବ୍ରାହ୍ମଣୀ ମଥୁର ବାବୁଙ୍କୁ ପ୍ରତାପରୁଦ୍ର ବୋଲି କହୁଥିଲା ।

''ବିଜୟ ଏହି ରୂପ (ଅର୍ଥାତ୍ ଠାକୁରଙ୍କ ରୂପ) ଦର୍ଶନ କରିଛନ୍ତି । ଏ କ'ଣ କହ ଦେଖି ? ବିଜୟ କହିଲେ, 'ତୁମ୍ଭଙ୍କୁ ଛୁଇଁଲେ ଯେପରି ଅନୁଭବ ହୁଏ, ସେତେବେଳେ ସେପରି ହୋଇଥିଲା ।

''ଲାଟୁକୁ ମିଶାଇ ଏକତ୍ରିଶଜଣ ଭକ୍ତ । କାହିଁ ସେପରି ବେଶି କାହାନ୍ତି !—ତେବେ କେଦାର ଆଉ ବିଜୟ କିଛି କରୁଛନ୍ତି !

''ଭାବରେ ଦେଖିଲି ଶେଷରେ ପାୟସ ଖାଇ ରହିବାକୁ ହେବ !

ଅସୁସ୍ଥ ସମୟରେ ମୋ ସ୍ତ୍ରୀ (ଭକ୍ତମାନଙ୍କର ଶ୍ରୀଶ୍ରୀମା) ପାୟସ ଖୁଆଇ ଦେଉଥିଲେ, ସେତେବେଳେ କାନ୍ଦିଲି ଆଉ କହିଲି,—ଏହା କଣ ସେହି ପାୟସ ଖାଇବା ! ଆଉ ଏଭଳି କଷ୍ଟ !

❀❀❀

# ନବମ ପରିଚ୍ଛେଦ

## (୧)

### ଈଶ୍ୱରଙ୍କ ପାଇଁ ଶ୍ରୀଯୁକ୍ତ ନରେନ୍ଦ୍ରଙ୍କର ବ୍ୟାକୁଳତା

ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ସେହି ପୂର୍ବ ପରିଚିତ ଉପର ଘରେ ବସିଛନ୍ତି । ଦକ୍ଷିଣେଶ୍ୱର ୰କାଳୀ ମନ୍ଦିରଠାରୁ ଶ୍ରୀଯୁକ୍ତ ରାମ ଚାଟାର୍ଜୀ ତାଙ୍କର କୁଶଳ ସମ୍ବାଦ ନେବାକୁ ଆସିଥିଲେ । ଠାକୁରେ ମଣିଙ୍କ ସହିତ ସେହି ସବୁ କଥା କହୁଛନ୍ତି—କହୁଛନ୍ତି—ସେଠାରେ (ଦକ୍ଷିଣେଶ୍ୱରରେ) କ'ଣ ବର୍ତ୍ତମାନ ଭାରି ଥଣ୍ଡା ?

ଆଜି ପୌଷ ୨୧ଦିନ, କୃଷ୍ଣା ଚତୁର୍ଦ୍ଦଶୀ, ସୋମବାର; ୪ ତାରିଖ ଜାନୁୟାରୀ ୧୮୮୬ ଖ୍ରୀଷ୍ଟାବ୍ଦ । ଅପରାହ୍ଣ;—ସମୟ ୪ଟା । ନରେନ୍ଦ୍ର ଆସି ବସିଲେ । ଠାକୁରେ ତାହାଙ୍କୁ ମଝିରେ ମଝିରେ ଦେଖୁଛନ୍ତି ଓ ତାଙ୍କ ଆଡ଼କୁ ଚାହିଁ ଈଷତ୍ ହସୁଛନ୍ତି,—ଯେପରି ତାଙ୍କର ସ୍ନେହ ଉଛୁଳି ପଡୁଛି । ମଣିଙ୍କୁ ଦେଖାଇ କରି କହୁଛନ୍ତି—"କାନ୍ଦିଥିଲା !" ଠାକୁରେ କିଞ୍ଚିତ୍ ଚୁପ୍ ରହିଲେ । ପୁଣି ମଣିଙ୍କୁ ଦେଖାଇ କହୁଛନ୍ତି, "କାନ୍ଦି କାନ୍ଦି ଘରୁ ଆସିଥିଲା ।"

ସମସ୍ତେ ନୀରବ । ଏଥର ନରେନ୍ଦ୍ର କଥା କହୁଛନ୍ତି;—

ନରେନ୍ଦ୍ର—ସେଠାକୁ ଆଜି ଯିବା ପାଇଁ ସ୍ଥିର କରିଛି ।

ଶ୍ରୀରାମକୃଷ୍ଣ—କେଉଁଠାକୁ ?

ନରେନ୍ଦ୍ର—ଦକ୍ଷିଣେଶ୍ୱରର ବେଲଗଛ ନିକଟକୁ—ସେଠାରେ ରାତିରେ ଧୁନି ଜାଳିବି ।

ଶ୍ରୀରାମକୃଷ୍ଣ—ନା, ସେମାନେ (ମ୍ୟାଗାଜିନ୍‌ର କର୍ତ୍ତୃପକ୍ଷ) ଅନୁମତି ଦେବେ ନାହିଁ । ପଞ୍ଚବଟୀ ଭଲ ଜାଗା,—ଅନେକ ସାଧୁ ଧ୍ୟାନ ଜପ କରିଛନ୍ତି ।

"କିନ୍ତୁ ସେହି ଜାଗାଟି ଅନ୍ଧାରୁଆ ଓ ସେଠାରେ ଶୀତ ବେଶୀ ।"

ସମସ୍ତେ ନୀରବ । ଠାକୁରେ ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି, ସହାସ୍ୟେ)—ପଢ଼ିବୁ ନାହିଁ ?

ନରେନ୍ଦ୍ର(ଠାକୁରେ ଓ ମଣିଙ୍କ ଆଡ଼କୁ ଚାହିଁ)—ଗୋଟାଏ ଔଷଧ ପାଇଲେ ରକ୍ଷା, ଯେଉଁଥିରେ ପଢ଼ା ଶୁଣା ଯାହା ହୋଇଛି ସବୁ ଭୁଲି ଯାଆନ୍ତି ।

ଶ୍ରୀଯୁକ୍ତ (ବୃଦ୍ଧ) ଗୋପାଳ ମଧ୍ୟ ବସିଛନ୍ତି । ସେ କହୁଛନ୍ତି—ମୁଁ ବି ଏମାନଙ୍କ ସଙ୍ଗରେ ଯିବି । ଶ୍ରୀଯୁକ୍ତ କାଳୀପଦ (ଘୋଷ) ଠାକୁରଙ୍କ ପାଇଁ ଅଙ୍ଗୁର ଆଣିଥିଲେ । ଅଙ୍ଗୁରର ବାକ୍ସ ଠାକୁରଙ୍କ ପାଖରେ ଥିଲା । ଠାକୁରେ ଭକ୍ତମାନଙ୍କୁ

ଅଙ୍ଗୁର ବିତରଣ କରୁଛନ୍ତି । ପ୍ରଥମେ ନରେନ୍ଦ୍ରଙ୍କୁ ଦେଲେ—ତାହାପରେ ହରି ଲୁଟ୍ ପରି ବିଞ୍ଚିଦେଲେ; ଭକ୍ତମାନେ ଯେ ଯେପରି ପାଇଲେ ଗୋଟାଇ ନେଲେ ।

## (୨)

## ଈଶ୍ୱରଙ୍କ ପାଇଁ ଶ୍ରୀଯୁକ୍ତ ନରେନ୍ଦ୍ରଙ୍କର ବ୍ୟାକୁଳତା ଓ ତୀବ୍ର ବୈରାଗ୍ୟ

ସନ୍ଧ୍ୟା ହୋଇଛି; ନରେନ୍ଦ୍ର ତଳେ ବସି ତମାଖୁ ଖାଉଛନ୍ତି ଓ ନିଭୃତରେ ମଣିଙ୍କ ପାଖରେ ନିଜର ପ୍ରାଣ କିପରି ବ୍ୟାକୁଳ ହେଉଛି ସେ ସମ୍ପର୍କରେ ଗଳ୍ପ କରୁଛନ୍ତି ।

ନରେନ୍ଦ୍ର (ମଣିଙ୍କ ପ୍ରତି)—ଗତ ଶନିବାର ଦିନ ଏଠାରେ ଧ୍ୟାନ କରିଥିଲି । ହଠାତ୍ ହୃଦୟ ଭିତରେ ଏକ ଅଦ୍ଭୁତ ଅନୁଭୂତି ହେଲା ।

ମଣି—ଏହା କୁଣ୍ଡଳିନୀର ଜାଗରଣ ।

ନରେନ୍ଦ୍ର—ତାହା ହୋଇପାରେ;—ସମ୍ଭବତଃ ଇଡା ଓ ପିଙ୍ଗଳାର ଅନୁଭୂତି । ହାଜରାଙ୍କୁ ଛାତିରେ ହାତଦେଇ ଦେଖିବାକୁ କହିଲି ।

ଗତକାଲି ରବିବାର ଥିଲା । ଉପରକୁ ଯାଇ ତାଙ୍କ ସଙ୍ଗରେ ଦେଖାକରି ତାଙ୍କୁ ସବୁ କହିଲି ।

'ମୁଁ କହିଲି, ସମସ୍ତଙ୍କର ଅନୁଭୂତି ହେଲା, ମୋତେ କିଛି ଦିଅନ୍ତୁ । ସମସ୍ତଙ୍କର ହେଲା ମୋର କ'ଣ ହେବ ନାହିଁ ?

ମଣି—ସେ ତୁମକୁ କ'ଣ କହିଲେ ?

ନରେନ୍ଦ୍ର—ସେ କହିଲେ, 'ତୁ ଘରର ଗୋଟାଏ କିଛି ବନ୍ଦୋବସ୍ତ କରି ଆସିଲେ, ସବୁ ହେବ । ତୁ କଅଣ ଚାହୁଁ ?'

## Sri Ramakrishna and the Vedanta—ନିତ୍ୟ ଓ ଲୀଳା ଉଭୟକୁ ଗ୍ରହଣ ।

''ମୁଁ କହିଲି,—''ମୋ ଇଚ୍ଛା ଏକ ସଙ୍ଗରେ ତିନି ଚାରି ଦିନ ସମାଧିସ୍ଥ ହୋଇ ରହିବି ! ସମୟ ସମୟରେ ଥରେ ଥରେ ଖାଇବାକୁ ଉଠିବି ।''

''ସେ କହିଲେ,—ତୋର ତ ଭାରି ହୀନ ବୁଦ୍ଧି । ସେ ଅବସ୍ଥା ଠାରୁ ଆହୁରି ଉଚ୍ଚ ଅବସ୍ଥା ଅଛି । ତୁ ତ ଗୀତ ଗାଉ, 'ଯୋ କୁଛ ହ୍ୟାୟ ସୋ ତୁ ହି ହ୍ୟାୟ ।

ମଣି—ହଁ ସେ ସର୍ବଦା କହନ୍ତି ଯେ, ସମାଧିରୁ ତଳକୁ ଆସି ଦେଖିଲେ ବୁଝିବ ଯେ ସେହିଁ କେବଳ ଜୀବ ଜଗତ୍, ଏହି ସମସ୍ତ ହୋଇଛନ୍ତି । ଈଶ୍ୱର କୋଟିଙ୍କର ଏହି ଅବସ୍ଥା ହୋଇପାରେ । ସେ କହନ୍ତି, ଜୀବ କୋଟି ଯଦିଓ ସମାଧି ଲାଭ କରେ, ଆଉ ତଳକୁ ଓହ୍ଲାଏ ନାହିଁ ।

ନରେନ୍ଦ୍ର—ସେ କହିଲେ,—ତୁ ଘରର କିଛି ବନ୍ଦୋବସ୍ତ କରି ଆ, ସମାଧି ଲାଭ ଅପେକ୍ଷା ମଧ୍ୟ ଉଚ୍ଚ ଅବସ୍ଥା ହୋଇପାରିବ ।

"ଆଜି ସକାଳେ ଘରକୁ ଗଲି । ସମସ୍ତେ ଗାଳି ଦେଲେ;—ଆଉ କହିଲେ, 'କଅଣ ଏଠାରେ ସେଠାରେ ବୁଲୁଛୁ ? ଆଇନ୍ ପରୀକ୍ଷା (ବି.ଏଲ.) ଏତେ ନିକଟରେ, ପଢ଼ାଶୁଣା ନାହିଁ, ଘୁରି ବୁଲୁଛୁ !'

ମଣି—ତୁମର ମା କିଛି କହିଲେ ?

ନରେନ୍ଦ୍ର—ନା; ସେ ଖୁଆଇବା ପାଇଁ ବ୍ୟସ୍ତ; ହରିଣର ମାଂସ ଥିଲା,—ଖାଇଲି;—କିନ୍ତୁ ଖାଇବାକୁ ଇଚ୍ଛା ନଥିଲା ।

ମଣି—ତାହା ପରେ ?

ନରେନ୍ଦ୍ର—ଆଇଙ୍କ ଘରେ, ସେହି ପଢ଼ିବା ଘରକୁ ପଢ଼ିବାକୁ ଗଲି । ପଢ଼ିବାକୁ ଯାଇ ଦେଖିଲି ପଢ଼ା ଗୋଟାଏ ଆତଙ୍କରେ ପରିଣତ ହେଲା । ପଢ଼ାଟା ଯେପରି ଭୟର ଜିନିଷ ! ଛାତି ଭିତର ଧଡ଼୍ ଧଡ଼୍ ହେବାକୁ ଲାଗିଲା ।—ଏପରି କାନ୍ଦଣା, କେବେ ହେଲେ କାନ୍ଦିନାହିଁ ।

ତାହାପରେ ବହିପତ୍ର ପକାଇ ଦୌଡ଼ିବାକୁ ଆରମ୍ଭ କଲି । ରାସ୍ତା ଦେଇ ପଳାଇ ଆସିଲି । ଜୋତା ରାସ୍ତାରେ କେଉଁଠି ପଡ଼ିଗଲା ଜାଣି ପାରିଲି ନାହିଁ । କୁଟାଗଦା ପାଖ ଦେଇ ଆସୁଥିଲି,—ଦେହଯାକ କୁଟା,—ମୁଁ ଦୌଡୁଥିଲି କାଶୀପୁର ରାସ୍ତାରେ ।"

ନରେନ୍ଦ୍ର କିଛି ସମୟ ନୀରବ ରହି ପୁଣି କହିବାକୁ ଲାଗିଲେ ।

ନରେନ୍ଦ୍ର—ବିବେକ ଚୂଡ଼ାମଣି ଶୁଣି ପୁଣି ମନ ଖରାପ ହୋଇଛି ! ଶଙ୍କରାଚାର୍ଯ୍ୟ କହନ୍ତିଯେ ଏହି ତିନୋଟି ଜିନିଷ ଅନେକ ତପସ୍ୟା ଫଳରେ, ଭାଗ୍ୟରେ ଥିଲେ ମିଳେ, **"ମନୁଷ୍ୟତ୍ୱଂ ମୁମୁକ୍ଷୁତ୍ୱଂ ମହାପୁରୁଷସଂଶ୍ରୟଃ ।"**

"ଭାବିଲି, ମୋର ତ ତିନୋଟିଯାକ ହୋଇଛି । ଅନେକ ତପସ୍ୟା ଫଳରେ ମନୁଷ୍ୟ ଜନ୍ମ ହୋଇଛି—ଅନେକ ତପସ୍ୟା ଫଳରେ ମୁକ୍ତିର ଇଚ୍ଛା ହୋଇଛି, ଆଉ ଅନେକ ତପସ୍ୟା ଫଳରେ ଏପରି ମହାପୁରୁଷଙ୍କର ସଙ୍ଗ ଲାଭହୋଇଛି ।"

ମଣି—ଆହା !

ନରେନ୍ଦ୍ର—ସଂସାର ଆଉ ଭଲ ଲାଗେ ନାହିଁ । ସଂସାରରେ ଯେଉଁମାନେ ଅଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଦୁଇଜଣ ଭକ୍ତଙ୍କୁ ଛାଡ଼ିଲେ ଆଉ କାହାକୁ ଭଲ ଲାଗେ ନାହିଁ ।

ନରେନ୍ଦ୍ର ହଠାତ୍ ପୁଣି ନୀରବ ରହିଲେ । ନରେନ୍ଦ୍ରଙ୍କ ଭିତରେ ତୀବ୍ର ବୈରାଗ୍ୟ । ବର୍ତ୍ତମାନ ମଧ୍ୟ ପ୍ରାଣ ଆଉଟୁ ପାଉଟୁ କରୁଛି । ନରେନ୍ଦ୍ର ପୁଣି କଥା କହୁଛନ୍ତି ।

ନରେନ୍ଦ୍ର (ମଣିଙ୍କ ପ୍ରତି)—ଆପଣମାନଙ୍କର ପ୍ରାଣ ଶାନ୍ତ ହୋଇଛି, ମୋର ପ୍ରାଣ ଅସ୍ଥିର ହେଉଛି । ଆପଣମାନେ ହିଁ ଧନ୍ୟ !

ମଣି କିଛି ଉତ୍ତର ଦେଲେ ନାହିଁ, ଚୁପ୍ କରି ଅଛନ୍ତି । ଭାବୁଛନ୍ତି ଠାକୁରେ କହିଥିଲେ ଈଶ୍ୱରଙ୍କ ପାଇଁ ବ୍ୟାକୁଳ ହେଲେ ଈଶ୍ୱର ଦର୍ଶନ ହୁଏ । ସନ୍ଧ୍ୟା ପରେ ପରେ ମଣି ଉପର ଘରକୁ ଗଲେ । ଦେଖିଲେ ଠାକୁରେ ନିଦ୍ରିତ ।

ରାତ୍ର ପ୍ରାୟ ୯ଟା । ଠାକୁରଙ୍କ ପାଖରେ ନିରଞ୍ଜନ ଓ ଶଶୀ । ଠାକୁରେ ରହି ରହି ନରେନ୍ଦ୍ରଙ୍କର କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ନରେନ୍ଦ୍ର ମନର କି ଆଶ୍ଚର୍ଯ୍ୟ ଅବସ୍ଥା ଦେଖ; ଏହି ନରେନ୍ଦ୍ର ଆଗେ ସାକାର ମାନିନାହିଁ ! ଏହାର ପ୍ରାଣ କିପରି ଆଉଟୁ ପାଉଟୁ ହେଉଛି ଦେଖୁଛ ! ସେହି ଯେ ଗୋଟିଏ କଥା ଅଛି—ଜଣେ ପ୍ରଶ୍ନ କରିଥିଲା; ଈଶ୍ୱରଙ୍କୁ କିପରି ଲାଭ କରାଯାଏ ? ଗୁରୁ କହିଲେ, ମୋ ସଙ୍ଗରେ ଆସ; ତୋତେ ଦେଖାଇଦେବି କିପରି ଈଶ୍ୱରଙ୍କୁ ଲାଭ କରାଯାଏ । ଏହା କହି ଗୋଟିଏ ପୋଖରୀକୁ ନେଇ ତାକୁ ପାଣିରେ ବୁଡ଼ାଇ ଧରିଲେ । କିଛି କ୍ଷଣ ପରେ ତାକୁ ଛାଡ଼ିଦେବା ପରେ ପ୍ରଶ୍ନ କଲେ, 'ତୋର ପ୍ରାଣଟା କିପରି ହେଉଥିଲା ? ସେ କହିଲା, 'ପ୍ରାଣ ଛାଡ଼ିଯିବା ଭଳି ହେଉଥିଲା !'

''ଈଶ୍ୱରଙ୍କ ପାଇଁ ପ୍ରାଣ ଆଉଟୁ ପାଉଟୁ କଲେ ଜାଣିବ ଯେ ଈଶ୍ୱର ଦର୍ଶନ ଆଉ ଡେରି ନାହିଁ । ପୂର୍ବଦିଗ ଲାଲ ହେଲେ,—ବୁଝାଯାଏ ଯେ ଶୀଘ୍ର ସୂର୍ଯ୍ୟ ଉଦୟ ହେବେ ।

ଠାକୁରଙ୍କର ଆଜି ଅସୁସ୍ଥତା ବଢ଼ିଛି । ଶରୀରର ଏତେ କଷ୍ଟ ତଥାପି ନରେନ୍ଦ୍ର ସମ୍ବନ୍ଧରେ ଏହି ସବୁ କଥା,—ସଙ୍କେତ କରି କହୁଛନ୍ତି ।

ନରେନ୍ଦ୍ର ଏହି ରାତିରେ ଦକ୍ଷିଣେଶ୍ୱରକୁ ଚାଲି ଯାଇଛନ୍ତି । ଗଭୀର ଅନ୍ଧକାର ଅମାବାସ୍ୟା ହୋଇଛି । ନରେନ୍ଦ୍ରଙ୍କ ସଙ୍ଗରେ ଜଣେ ଦୁଇଜଣ ଭକ୍ତ । ମଣି ରାତିରେ ଉଦ୍ୟାନରେ ଅଛନ୍ତି । ସ୍ୱପ୍ନରେ ଦେଖୁଛନ୍ତି ଯେ ସେ ସନ୍ନ୍ୟାସୀମଣ୍ଡଳ ଭିତରେ ବସିଛନ୍ତି ।

## (୩)

## ଭକ୍ତମାନଙ୍କର ତୀବ୍ର ବୈରାଗ୍ୟ—ସଂସାର ଓ ନରକ ଯନ୍ତ୍ରଣା

ପରଦିନ ମଙ୍ଗଳବାର ୫ ତାରିଖ, ଜାନୁୟାରୀ, ପୌଷ ୨୨ ଦିନ । ସମୟ ଅପରାହ୍ଣ ୪ଟା । ଠାକୁର ଶ୍ରୀରାମକୃଷ୍ଣ ଶଯ୍ୟାରେ ବସି ମଣିଙ୍କ ସହିତ ନିଭୃତରେ କହୁଛନ୍ତି ।

ଶ୍ରୀରାମକୃଷ୍ଣ—କ୍ଷୀରୋଦ ଯଦି ୰ଗଙ୍ଗାସାଗର ଯାଏ, ତୁମେ ତାକୁ ଖଣ୍ଡେ କମ୍ବଳ କିଣିଦେବ ।

ମଣି—ଆଜ୍ଞା ହଁ ।

ଠାକୁରେ ଟିକିଏ ନୀରବ ରହି ପୁଣି କଥା କହୁଛନ୍ତି !

ଶ୍ରୀରାମକୃଷ୍ଣ—ଆଚ୍ଛା, ପିଲାମାନଙ୍କର ଏସବୁ କ'ଣ ହେଉଛି କହ ଦେଖି ? କେହି ଶ୍ରୀକ୍ଷେତ୍ରକୁ ପଳାଉଛି ତ କେହି ଗଙ୍ଗା ସାଗରକୁ ।

''ଘର ତ୍ୟାଗ କରି ସବୁ ଆସୁଛନ୍ତି ! ନରେନ୍ଦ୍ରକୁ ଦେଖ ! ତୀବ୍ରବୈରାଗ୍ୟ ହେଲେ ସଂସାର କୂଅ ପରି ବୋଧହୁଏ, ଆତ୍ମୀୟମାନେ କାଳସର୍ପ ଭଳି ବୋଧ ହୁଅନ୍ତି ।

ମଣି—ଆଜ୍ଞା, ସଂସାରରେ ଭାରି ଯନ୍ତ୍ରଣା !

ଶ୍ରୀରାମକୃଷ୍ଣ—ନରକ ଯନ୍ତ୍ରଣା ! ଜନ୍ମଠାରୁ ଦେଖୁନ—ସ୍ତ୍ରୀ ପୁତ୍ର ନେଇ କି ଯନ୍ତ୍ରଣା !

ମଣି—ଆଜ୍ଞା ହଁ । ଆଉ ଆପଣ କହିଥିଲେ, ସେମାନଙ୍କର (ଯେଉଁମାନେ ସଂସରରେ ପ୍ରବଶେ କରି ନାହାନ୍ତି ସେମାନଙ୍କର) ନେଣା ଦେଣା ନାହିଁ, ନେଣା ଦେଣା ପାଇଁ ଅଟକି ରହିବାକୁ ପଡ଼େ ।

ଶ୍ରୀରାମକୃଷ୍ଣ—ଦେଖନା—ନିରଞ୍ଜନକୁ ! 'ଏଇ ତୋର ନେ, ମୋତେ ଏଇ ଦେ'—ବାଶ୍ ! ଆଉ କୌଣସି—ସମ୍ପର୍କ ନାହିଁ । ପରେ କୌଣସି ଆକର୍ଷଣ ନାହିଁ । କାମିନୀ କାଞ୍ଚନ ହିଁ ସଂସାର । ଦେଖନା, ଟଙ୍କା ରହିଲେ ହିଁ ବାନ୍ଧିବାକୁ (ବ୍ୟାଙ୍କ୍‌ରେ) ଇଚ୍ଛା ହୁଏ । ମଣି ହୋ ହୋ କରି ହସି ଉଠିଲେ । ଠାକୁରେ ମଧ ହସିଲେ ।

ମଣି—ଟଙ୍କା ବାହାର କରିବାକୁ ଗଲେ ଅନେକ ହିସାବ ଜୁଟେ । (ଉଭୟଙ୍କର ହାସ୍ୟ) ତେବେ ଦକ୍ଷିଣେଶ୍ୱରରେ କହିଥିଲେ, ତ୍ରିଗୁଣାତୀତ ହୋଇ ସଂସାରରେ ରହିପାରିଲେ ସେଥିରେ କିଛି କ୍ଷତି ନାହିଁ ।

ଶ୍ରୀରାମକୃଷ୍ଣ—ହଁ ବାଳକ ପରି ।

ମଣି—ଆଜ୍ଞା, କିନ୍ତୁ ବଡ଼ କଠିନ, ଖୁବ୍ ଶକ୍ତି ଦରକାର ।

ଠାକୁରେ କିଛି କ୍ଷଣ ନୀରବ ରହିଲେ

ମଣି—କାଲି ସେମାନେ ଦକ୍ଷିଣେଶ୍ୱରକୁ ଧ୍ୟାନ କରିବାକୁ ଗଲେ । ମୁଁ ସ୍ୱପ୍ନ ଦେଖିଲି ।

ଶ୍ରୀରାମକୃଷ୍ଣ—କଅଣ ଦେଖିଲ ?

ମଣି—ଦେଖିଲି ଯେପରି ନରେନ୍ଦ୍ର ପ୍ରଭୃତି ସନ୍ୟାସୀ ହୋଇଛନ୍ତି, ଧୁନି ଜାଳି ବସିଛନ୍ତି । ମୁଁ ମଧ୍ୟ ସେମାନଙ୍କ ମଧ୍ୟରେ ବସିଛି । ସେମାନେ ତମାଖୁ ଖାଇ ଧୁଆଁ ଛାଡୁଛନ୍ତି । ମୁଁ କହିଲି ଗଞ୍ଜାଇ ଧୂଆଁର ଗନ୍ଧ ।

**ସନ୍ୟାସୀ କିଏ—ଠାକୁରଙ୍କର ପୀଡ଼ା ଓ ବାଳକର ଅବସ୍ଥା**

ଶ୍ରୀରାମକୃଷ୍ଣ—ମନରେ ତ୍ୟାଗ ହେଲେ ହେଲା; ତାହାହେଲେ ସେ ସନ୍ୟାସୀ । ଠାକୁରେ ଟିକିଏ ନୀରବ ରହି ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—କିନ୍ତୁ ବାସନାରେ ଅଗ୍ନି ଦେବାକୁ ହୁଏ, ତେବେ ତ !

ମଣି—ବଡ଼ବଜାରରେ ମାରୁଆଡ଼ୀ ପଣ୍ଡିତଜୀଙ୍କୁ କହିଥିଲେ, 'ଭକ୍ତି କାମନା ମୋର ଅଛି । ଭକ୍ତି କାମନା ବୋଧହୁଏ କାମନା ମଧ୍ୟରେ ନୁହେଁ ?

ଶ୍ରୀରାମକୃଷ୍ଣ—ହିଡ଼ିମିଚା ଶାଗ, ଶାଗ ମଧ୍ୟରେ ଗଣା ନୁହେଁ । ଖାଇଲେ ପିତ୍ତ କମିଯାଏ ।

''ଆଚ୍ଛା, ଏତେ ଆନନ୍ଦ, ଭାବ—ଏସବୁ କେଉଁଆଡ଼େ ଗଲା ?

ମଣି—ବୋଧହୁଏ ଗୀତାରେ ଯେଉଁ ତ୍ରୀଗୁଣାତୀତ କଥା କୁହାଯାଇଛି ସେହି ଅବସ୍ଥା ହୋଇଛି । ସତ୍ତ୍ୱ ରଜଃ ତମ ଗୁଣ ନିଜେ ନିଜେ କାର୍ଯ୍ୟ କରୁଛି, ଆପଣ ନିଜେ ନିର୍ଲିପ୍ତ—ସତ୍ତ୍ୱ ଗୁଣରେ ମଧ୍ୟ ନିର୍ଲିପ୍ତ ।

ଶ୍ରୀରାମକୃଷ୍ଣ—ହଁ; ବାଳକ ଅବସ୍ଥାରେ ରଖିଛି । ''ଆଚ୍ଛା ଦେହ କ'ଣ ଆଉ ରହିବ ନାହିଁ ?''

ଠାକୁରେ ଓ ମଣି ନୀରବ ଅଛନ୍ତି । ନରେନ୍ଦ୍ର ତଳୁ ଆସିଲେ । ଏଥର ଘରକୁ ଯିବେ । ବନ୍ଦୋବସ୍ତ କରି ପୁଣି ଆସିବେ ।

ପିତାଙ୍କର ପରଲୋକ ପ୍ରାପ୍ତି ପରେ ତାଙ୍କର ମା ଭାଇମାନେ ଅତି କଷ୍ଟରେ ଅଛନ୍ତି—ମଝିରେ ମଝିରେ ଅନ୍ନକଷ୍ଟ । ନରେନ୍ଦ୍ର ସେମାନଙ୍କର ଏକମାତ୍ର ଭରସା;—ସେ ରୋଜଗାର କରି ସେମାନଙ୍କୁ ଖୁଆଇବେ । କିନ୍ତୁ ନରେନ୍ଦ୍ରଙ୍କର ଆଇନ ପରୀକ୍ଷା ଦେବା ହେଲାନାହିଁ । ବର୍ତ୍ତମାନ ତୀବ୍ର ବୈରାଗ୍ୟ । ସେଥିପାଇଁ ଆଜି ଘରର କିଛି ବନ୍ଦୋବସ୍ତ କରିବାକୁ କଲିକତାକୁ ଯାଉଛନ୍ତି । ଜଣେ ବନ୍ଧୁ ତାଙ୍କୁ ଏକଶତ ଟଙ୍କା ଧାର ଦେବେ । ସେହି ଟଙ୍କାରେ ଘରର ତିନି ମାସର ଖାଇବା ଯୋଗାଡ଼ କରିଦେଇ ଆସିବେ ।

ନରେନ୍ଦ୍ର—ଘରକୁ ଥରେ ଯାଉଛି । (ମଣିଙ୍କ ପ୍ରତି) ମହିମା ଚକ୍ରବର୍ତ୍ତୀଙ୍କ ଘର ହୋଇ ଯିବି, ଆପଣ କଅଣ ଯିବେ ?

ମଣିଙ୍କର ଯିବାର ଇଚ୍ଛା ନାହିଁ, ଠାକୁରେ ତାଙ୍କ ଆଡ଼କୁ ଅନାଇ ନରେନ୍ଦ୍ରଙ୍କୁ ପ୍ରଶ୍ନ କରୁଛନ୍ତି—'କାହିଁକି' ?

ନରେନ୍ଦ୍ର—ସେହି ରାସ୍ତା ଦେଇ ଯାଉଛି, ତାଙ୍କ ସଙ୍ଗରେ ବସି ଟିକିଏ ଗଳ୍ପ କରିବି ।

ଠାକୁରେ ଏକ ଦୃଷ୍ଟିରେ ନରେନ୍ଦ୍ରଙ୍କୁ ଦେଖୁଛନ୍ତି ।

ନରେନ୍ଦ୍ର—ଏଠାକାର ଜଣେ ବନ୍ଧୁ କହିଛନ୍ତି, ମୋତେ ଶହେ ଟଙ୍କା ଧାର ଦେବେ । ସେହି ଟଙ୍କାରେ ଘରର ତିନି ମାସର ବନ୍ଦୋବସ୍ତ କରିଆସିବି ।

ଠାକୁରେ ନୀରବ ରହି ମଣିଙ୍କ ଆଡ଼କୁ ଅନାଉଛନ୍ତି ।

ମଣି(ନରେନ୍ଦ୍ରଙ୍କୁ)—ନା, ତୁମେ ଆଗେ ଆଗେ ଚାଲ—ମୁଁ ପରେ ଯିବି ।

❋❋❋

# ଦଶମ ପରିଚ୍ଛେଦ

## କାଶୀପୁର ଉଦ୍ୟାନରେ ଶ୍ରୀଯୁକ୍ତ ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନଙ୍କ ସଙ୍ଗରେ

## (୧)

### ନରେନ୍ଦ୍ରଙ୍କୁ ଜ୍ଞାନଯୋଗ ଓ ଭକ୍ତିଯୋଗର ସମନ୍ୱୟ ଉପଦେଶ

ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ, ହଲଘରେ ଭକ୍ତମାନଙ୍କ ସଙ୍ଗରେ ଅବସ୍ଥାନ କରୁଛନ୍ତି । ରାତ୍ରି ପ୍ରାୟ ଆଠଟା । ଘରେ ନରେନ୍ଦ୍ର, ଶଶୀ, ମାଷ୍ଟର, ବୁଢ଼ା ଗୋପାଳ, ଶରତ । ଆଜି ଗୁରୁବାର, ଫାଲ୍‌ଗୁନ ୨୮ ଦିନ, ୧୨୯୨ ସାଲ; ଫାଲ୍‌ଗୁନ ମାସର ଶୁକ୍ଳଷଷ୍ଠୀ ତିଥି; ୧୧ ତାରିଖ ମାର୍ଚ୍ଚ, ୧୮୮୬ ଖ୍ରୀଷ୍ଟାବ୍ଦ ।

ଠାକୁରଙ୍କ ଦେହ ଅସୁସ୍ଥ—ଟିକିଏ ଶୋଇଛନ୍ତି । ଭକ୍ତମାନେ ପାଖରେ ବସିଛନ୍ତି । ଶରତ ଠିଆହୋଇ ପଙ୍ଖା କରୁଛନ୍ତି । ଠାକୁରେ ଅସୁସ୍ଥତା ବିଷୟରେ କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଭୋଳାନାଥ ପାଖକୁ ଗଲେ ତେଲ ଦେବେ । ଆଉ କିପରି ଲଗାଇବାକୁ ହେବ ସେ କହିଦେବେ ।

ବୁଢ଼ା ଗୋପାଳ—ତାହାହେଲେ କାଲି ସକାଳେ ଆମେମାନେ ଯାଇ ଆଣିବୁ ।

ମାଷ୍ଟର—ଆଜି କେହି ଗଲେ କହି ଦେଇ ପାରନ୍ତି ।

ଶଶୀ—ମୁଁ ଯାଇପାରେ ।

ଶ୍ରୀରାମକୃଷ୍ଣ(ଶରତଙ୍କୁ ଦେଖାଇ)—ସେ ଯାଇପାରେ ।

ଶରତ କିଛିକ୍ଷଣ ପରେ ଦକ୍ଷିଣେଶ୍ୱର ମନ୍ଦିରରେ ମୋହରୀର ଶ୍ରୀଯୁକ୍ତ ଭୋଳାନାଥ ମୁଖୋପାଧ୍ୟାୟଙ୍କ ପାଖରୁ ତେଲ ଆଣିବାକୁ ଗଲେ ।

ଠାକୁରେ ଶୋଇଛନ୍ତି । ଭକ୍ତମାନେ ଚୁପ୍‌ଚାପ୍ ବସିଛନ୍ତି । ଠାକୁରେ ହଠାତ୍ ଉଠି ବସିଲେ । ନରେନ୍ଦ୍ରଙ୍କୁ ସମ୍ବୋଧନ କରି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ବ୍ରହ୍ମ ନିର୍ଲିପ୍ତ, ତିନିଗୁଣ ତାଙ୍କଠାରେ ଅଛି, କିନ୍ତୁ ସେ ନିର୍ଲିପ୍ତ ।

**"ଯେପରି ବାୟୁରେ ସୁଗନ୍ଧ ଦୁର୍ଗନ୍ଧ ଉଭୟ ଥାଏ, କିନ୍ତୁ ବାୟୁ ନିର୍ଲିପ୍ତ ।"**

"କାଶୀରେ ଶଙ୍କରାଚାର୍ଯ୍ୟ ଯାଉଥିଲେ ! ଚଣ୍ଡାଳ ମାଂସ-ଭାର ନେଇ ସେହି ବାଟେ ଯାଉଥିଲା—ହଠାତ୍ ଛୁଇଁଦେଲା । ଶଙ୍କରାଚାର୍ଯ୍ୟ କହିଲେ, ଛୁଇଁଦେଲୁ ! ଚଣ୍ଡାଳ କହିଲା—ପ୍ରଭୁ ! ତୁମେ ମୋତେ ଛୁଇଁନାହଁ ! ମୁଁ ମଧ୍ୟ ତୁମଙ୍କୁ ଛୁଇଁନାହିଁ ! ଆତ୍ମା ନିର୍ଲିପ୍ତ । ତୁମେ ସେହି ଶୁଦ୍ଧ ଆତ୍ମା ।

"ବ୍ରହ୍ମ ଆଉ ମାୟା । ଜ୍ଞାନୀ ମାୟା ତ୍ୟାଗ କରେ ।"

"ମାୟା ଆବରଣ ସ୍ୱରୂପ । ହେଇ ଦେଖ ଏହି ଗାମୁଛା ଆଢୁଆଳ କଲି—ଆଉ ପ୍ରଦୀପର ଆଲୋକ ଦେଖାଯାଉନାହିଁ ।"

ଠାକୁରେ ଗାମୁଛାଟି ନିଜର ଓ ଭକ୍ତମାନଙ୍କର ମଝିରେ ଧରିଲେ । କହୁଛନ୍ତି—"ହେଇ ଦେଖ, ମୋ ମୁହଁ ଆଉ ଦେଖା ଯାଉନାହିଁ ।

"ରାମ ପ୍ରସାଦ ଯେପରି କହିଛନ୍ତି—'ମଶାରୀ ଉଠାଇ ଦେଖ—

"ଭକ୍ତ କିନ୍ତୁ ମାୟା ଛାଡ଼ି ଦିଏନାହିଁ । ମହାମାୟାର ପୂଜା କରେ । ଶରଣାଗତ ହୋଇ କହେ, 'ମା', ପଥ ଛାଡ଼ିଦେ ! ତୁ ପଥ ଛାଡ଼ିଦେଲେ ବ୍ରହ୍ମଜ୍ଞାନ ହେବ ।' ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି—ଏହି ତିନି ଅବସ୍ଥା ଜ୍ଞାନୀମାନେ ଉଡ଼ାଇ ଦିଅନ୍ତି । ଭକ୍ତମାନେ ଏସବୁ ଅବସ୍ଥା ନିଅନ୍ତି—**'ଯେତେକ୍ଷଣ ମୁଁ ଅଛି, ସେତେକ୍ଷଣ ସବୁ ଅଛି ।**

"ଯେତେକ୍ଷଣ ମୁଁ ଅଛି, ସେତେକ୍ଷଣ ଦେଖେ ଯେ, ସେହି କେବଳ ମାୟା, ଜୀବଜଗତ୍, ଚତୁର୍ବିଂଶତି ତତ୍ତ୍ୱ ସବୁ ହୋଇଛନ୍ତି ।

ନରେନ୍ଦ୍ର ଓ ଅନ୍ୟମାନେ ନୀରବ ଅଛନ୍ତି ।

ଶ୍ରୀରାମକୃଷ୍ଣ—**ମାୟାବାଦ ଶୁଷ୍କ** । କଅଣ କହିଲି, କହ ଦେଖି ।

ନରେନ୍ଦ୍ର—ଶୁଷ୍କ ।

ଠାକୁରେ ନରେନ୍ଦ୍ରଙ୍କର ହାତ ମୁହଁ ସ୍ପର୍ଶ କରିବାକୁ ଲାଗିଲେ । ପୁଣି କଥା କହୁଛନ୍ତି—"ଏସବୁ (ନରେନ୍ଦ୍ରଙ୍କର ସବୁ) ଭକ୍ତଙ୍କର ଲକ୍ଷଣ । ଜ୍ଞାନୀର କିନ୍ତୁ ଅଲଗା ଲକ୍ଷଣ—ମୁହଁ, ଚେହେରା ଶୁଖିଲା ହୁଏ ।"

''ଜ୍ଞାନୀ, ଜ୍ଞାନଲାଭ କରିବା ପରେ ମଧ୍ୟ ବିଦ୍ୟାମାୟା ନେଇ ରହିପାରେ— ଭକ୍ତି, ଦୟା, ବୈରାଗ୍ୟ, ଏହସିବୁ ନେଇ ରହିପାରେ । ଏହାର ଦୁଇଟି ଉଦ୍ଦେଶ୍ୟ । ପ୍ରଥମରେ ଲୋକଶିକ୍ଷା, ଦ୍ୱିତୀୟରେ ରସାସ୍ୱାଦନ ।''

''ଜ୍ଞାନୀ ଯଦି ସମାଧିସ୍ଥ ହୋଇ ଚୁପ୍‌କରି ରହେ, ତାହାହେଲେ ଲୋକଶିକ୍ଷା ହୁଏ ନାହିଁ । ସେଥିପାଇଁ ଶଙ୍କରାଚାର୍ଯ୍ୟ 'ବିଦ୍ୟାର ମୁଁ' ରଖିଥିଲେ ।

''ଆଉ ଈଶ୍ୱରଙ୍କର ଆନନ୍ଦଭୋଗ କରିବାପାଇଁ—ସମ୍ଭୋଗ କରିବାପାଇଁ—ଭକ୍ତି, ଭକ୍ତ ନେଇ ରହନ୍ତି ।''

''ଏହି 'ବିଦ୍ୟାର ମୁଁ', 'ଭକ୍ତର ମୁଁ'—ଏଥିରେ ଦୋଷ ନାହିଁ । 'ବଜ୍ଜାତ୍ ମୁଁ'ରେ ଦୋଷ ହୁଏ । ତାଙ୍କୁ ଦର୍ଶନ କରିବାପରେ ବାଳକର ସ୍ୱଭାବ ହୁଏ । 'ବାଳକର ମୁଁ'ରେ କୌଣସି ଦୋଷ ନାହିଁ । ଯେପରି ଦର୍ପଣରେ ମୁହଁର ପ୍ରତିବିମ୍ବ ଲୋକକୁ ଗାଳିଗୁଲଜ କରେନାହିଁ । ପୋଡ଼ା ଦଉଡ଼ି ଦେଖିବାକୁ ଦଉଡ଼ି ପରି କିନ୍ତୁ ଫୁଙ୍କିଦେଲେ ଉଡ଼ିଯାଏ । ଜ୍ଞାନାଗ୍ନିରେ ଅହଙ୍କାର ପୋଡ଼ିଯାଇଛି । ବର୍ତ୍ତମାନ ଆଉ କାହାରିହେଲେ ଅନିଷ୍ଟ କରେନାହିଁ । 'ମୁଁ' ନାମକୁ ମାତ୍ର ଥାଏ ।''

''ନିତ୍ୟରେ ପହଞ୍ଚି ପୁଣି ଲୀଳାରେ ରହେ । ଯେପରି ସେପାରିକୁ ଯାଇ ପୁଣି ଏପାରିକୁ ଆସିବା । ଲୀଳାରେ ଅବସ୍ଥାନ ଲୋକଶିକ୍ଷା ଓ ବିଳାସ ପାଇଁ— ଆନନ୍ଦ ପାଇଁ ।

ଠାକୁରେ ଅତି ମୃଦୁ ସ୍ୱରରେ କଥା କହୁଛନ୍ତି । ଟିକିଏ ନୀରବ ରହିଲେ । ପୁଣି ଭକ୍ତମାନଙ୍କୁ କହୁଛନ୍ତି—''ଶରୀରର ଏତେ ଅସୁସ୍ଥତା—କିନ୍ତୁ ଅବିଦ୍ୟା ମାୟା ନାହିଁ । ଏହି ଦେଖ, ରାମଲାଲ, କି ଘର, କି ପରିବାର ମୋର ମନେ ନାହିଁ— କିନ୍ତୁ କାୟସ୍ଥ ବାଳକ ପୂର୍ଣ୍ଣ ପାଇଁ ଭାବୁଛି ।—ତାଙ୍କ ପାଇଁ ଭାବନା ହୁଏ ନାହିଁ ।

ସେ ହିଁ କେବଳ ବିଦ୍ୟା ମାୟା ରଖି ଦେଇଛନ୍ତି—ଲୋକମାନଙ୍କ ପାଇଁ— ଭକ୍ତମାନଙ୍କ ପାଇଁ ।

''କିନ୍ତୁ ବିଦ୍ୟାମାୟା ରହିଲେ ପୁଣି ଆସିବାକୁ ହେବ । ଅବତାରାଦି ବିଦ୍ୟାମାୟା ରଖନ୍ତି ! ଟିକିଏ ବାସନା ରହିଲେ ହିଁ ଆସିବାକୁ ହୁଏ—ଫେରି ଫେରି ଆସିବାକୁ ହୁଏ । ସବୁ ବାସନା ଗଲେ ମୁକ୍ତି । ଭକ୍ତମାନେ କିନ୍ତୁ ମୁକ୍ତି ଚାହାନ୍ତି ନାହିଁ ।

''ଯଦି କାଶୀରେ କାହାର ଦେହତ୍ୟାଗ ହୁଏ, ତାହାହେଲେ ମୁକ୍ତି ହୁଏ— ଆଉ ଆସିବାକୁ ହୁଏ ନାହିଁ । ଜ୍ଞାନୀମାନଙ୍କର ମୁକ୍ତି ।''

ନରେନ୍ଦ୍ର—ସେଦିନ ମହିମା ଚକ୍ରବର୍ତ୍ତୀଙ୍କ ଘରକୁ ଆମେମାନେ ଯାଇଥିଲୁ ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ତା'ପରେ?

ନରେନ୍ଦ୍ର—ତାଙ୍କପରି ଏପରି ଶୁଷ୍କଜ୍ଞାନୀ ଦେଖିନାହିଁ ?

ଶ୍ରୀରାମକୃଷ୍ଣ(ସହାସ୍ୟେ)—କ'ଣ ହୋଇଥିଲା ?

ନରେନ୍ଦ୍ର—ଆମମାନଙ୍କୁ ଗୀତ ଗାଇବାକୁ କହିଲେ—ଗଙ୍ଗାଧର ଗାଇଲେ—

ଶ୍ୟାମ ନାମେ ପ୍ରାଣ ପାଏ, ଏପଟ ସେପଟ ଚାହେଁ.....

ଗୀତ ଶୁଣି କହିଲେ—ଏ ଗୀତ କାହିଁକି ? ପ୍ରେମ-ପ୍ରେମ ଭଲ ଲାଗେ ନାହିଁ ! ଆଉ ମଧ୍ୟ, ସ୍ତ୍ରୀ ସନ୍ତାନ ନେଇ ରହେ, ଏସବୁ ଗୀତ ଏଠାରେ କାହିଁକି ?

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଭୟ ଦେଖୁଛ !

## (୨)

## ଠାକୁର ଶ୍ରୀରାମକୃଷ୍ଣଙ୍କର ଭକ୍ତଙ୍କ ପାଇଁ ଦେହ ଧାରଣ

ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ଅବସ୍ଥାନ କରୁଛନ୍ତି । ସନ୍ଧ୍ୟା ହୋଇଛି । ଠାକୁରେ ଅସୁସ୍ଥ । ଉପର ହଲ୍‌ଘରେ ଉତ୍ତରାଭିମୁଖ ହୋଇ ବସିଛନ୍ତି । ନରେନ୍ଦ୍ର ଓ ରାଖାଲ ପଦସେବା କରୁଛନ୍ତି । ମଣି ପାଖରେ ବସିଛନ୍ତି ।

ଠାକୁରେ ଇଙ୍ଗିତକରି ତାହାଙ୍କୁ ବି ପଦସେବା କରିବାକୁ କହିଲେ । ମଣି ପଦସେବା କରୁଛନ୍ତି ।

ଆଜି ରବିବାର, ୧୪ ତାରିଖ, ମାର୍ଚ୍ଚ, ୧୮୮୬ ଖ୍ରୀଷ୍ଟାବ୍ଦ; ଚୈତ୍ର ୨ ଦିନ, ଫାଲ୍‌ଗୁନ ଶୁକ୍ଳା ନବମୀ । ଗତ ରବିବାର ଦିନ ଠାକୁରଙ୍କର ଜନ୍ମତିଥି ଉପଲକ୍ଷେ ଉଦ୍ୟାନରେ ପୂଜା ଅନୁଷ୍ଠିତ ହୋଇଯାଇଛି । ଗତ ବର୍ଷର ଜନ୍ମ ମହୋତ୍ସବ ଦକ୍ଷିଣେଶ୍ୱରରେ ମହାସମାରୋହରେ ପାଳିତ ହୋଇଥିଲା । ଏଥର ସେ ଅସୁସ୍ଥ ଥିବାରୁ ଭକ୍ତମାନେ ବିଷାଦଗ୍ରସ୍ତ । ସେଥିପାଇଁ ନିରାଡ଼ମ୍ବରରେ ଉତ୍ସବ ସମାପନ ହୋଇଛି ।

ଭକ୍ତମାନେ ସର୍ବଦା ଉଦ୍ୟାନରେ ଉପସ୍ଥିତ ଅଛନ୍ତି ଓ ଠାକୁରଙ୍କର ସେବା କରୁଛନ୍ତି । ଶ୍ରୀଶ୍ରୀମା ଏହି ସେବାରେ ଦିବାରାତ୍ର ନିଯୁକ୍ତ । ଯୁବକ ଭକ୍ତମାନଙ୍କ ମଧ୍ୟରେ ନରେନ୍ଦ୍ର, ରାଖାଲ, ନିରଞ୍ଜନ, ଶରତ, ଶଶୀ, ବାବୁରାମ, ଯୋଗୀନ୍, କାଳୀ, ଲାଟୁ ପ୍ରଭୃତି ଅଛନ୍ତି ।

ବୟସ୍କ ଭକ୍ତମାନେ ମଝିରେ ମଝିରେ ଆସି ରହନ୍ତି, ପ୍ରାୟ ପ୍ରତ୍ୟହ ଆସି ଠାକୁରଙ୍କୁ ଦର୍ଶନ କରନ୍ତି ବା ତାଙ୍କର ସମ୍ବାଦ ନେଇଯାଆନ୍ତି । ତାରକ, ସିଁଥିର ଗୋପାଳ, ଏମାନେ ମଧ୍ୟ ସର୍ବଦା ରହନ୍ତି । ଛୋଟ ଗୋପଳ ମଧ୍ୟ ରହନ୍ତି ।

ଠାକୁରେ ଆଜି ବିଶେଷ ଅସୁସ୍ଥ । ସମୟ ରାତ୍ରି ଦୁଇ ପ୍ରହର । ଆଜି ଶୁକ୍ଳ ପକ୍ଷର ନବମୀ ତିଥି, ଚନ୍ଦ୍ରାଲୋକରେ ଉଦ୍ୟାନ ଭୂମି ଯେପରି ଆନନ୍ଦମୟ ହୋଇଛି । ଠାକୁରଙ୍କର ଯନ୍ତ୍ରଣା—ଚନ୍ଦ୍ରର ବିମଳ କିରଣ ଦର୍ଶନରେ ମଧ୍ୟ ଭକ୍ତଙ୍କ ହୃଦୟରେ ଆନନ୍ଦ ନାହିଁ । ଯେପରି ଶତ୍ରୁ ସୈନ୍ୟଙ୍କ ଦ୍ୱାରା ଅବରୁଦ୍ଧ ଗୋଟିଏ

ସୁନ୍ଦର ନଗରୀ ମଧ୍ୟରେ ସେମାନେ ବାସ କରୁଛନ୍ତି । ଚତୁର୍ଦ୍ଦିଗ ନିସ୍ତବ୍ଧ, କେବଳ ବସନ୍ତ ମଳୟର ସ୍ପର୍ଶରେ ବୃକ୍ଷ ପତ୍ରର ଶବ୍ଦ ହେଉଛି । ଉପର ହଲ୍ ଘରେ ଠାକୁରେ ଶୋଇଛନ୍ତି । ଭାରି ଅସୁସ୍ଥ—ନିଦ୍ରା ହେଉନାହିଁ । ଜଣେଦୁଇ ଜଣ ଭକ୍ତ ନିଃଶବ୍ଦରେ ପାଖରେ ବସିଛନ୍ତି—କେତେବେଳେ ବା କଅଣ ପ୍ରୟୋଜନ ହେବ । ଥରେ ଥରେ ନିଦ ଆସୁଛି ଓ ଠାକୁରଙ୍କୁ ନିଦ୍ରାଗତ ପ୍ରାୟ ବୋଧ ହେଉଛି ।

''ଏ କ'ଣ ନିଦ୍ରା ନା ମହାଯୋଗ ? ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ !' ଏ କଅଣ ସେହି ଯୋଗାବସ୍ଥା ?

ମାଷ୍ଟର ନିକଟରେ ବସିଛନ୍ତି । ଠାକୁରେ ଇଙ୍ଗିତ କରି ଆହୁରି ନିକଟକୁ ଆସିବାକୁ କହୁଛନ୍ତି । ଠାକୁରଙ୍କର କଷ୍ଟ ଦେଖିଲେ ପାଷାଣ ବିଗଳିତ ହୋଇଯିବ ! ମାଷ୍ଟରଙ୍କୁ ଆସ୍ତେ ଆସ୍ତେ ଅତି କଷ୍ଟରେ କହୁଛନ୍ତି, ''ତୁମେମାନେ କାନ୍ଦିବ **ବୋଲି ଏତେ କଷ୍ଟ ଭୋଗ କରୁଛି—ସମସ୍ତେ ଯଦି କହିବ ଯେ—'ଏତେ କଷ୍ଟ, ତେବେ ଦେହ ଯାଉ'—ତାହାହେଲେ ଦେହ ଛାଡ଼ିଦେବି ।''**

ଏହି କଥା ଶୁଣି ଭକ୍ତମାନଙ୍କର ହୃଦୟ ଦୁଃଖରେ ବିଦୀର୍ଣ୍ଣ ହେଉଛି । ଯିଏ ସେମାନଙ୍କର ପିତା, ମାତା, ରକ୍ଷାକର୍ତ୍ତା ସେ ଏହି କଥା କହୁଛନ୍ତି—ସମସ୍ତେ ନୀରବ ଅଛନ୍ତି । କେହି କେହି ଭାବୁଛନ୍ତି, ଏହାରି ନାମ କଅଣ Crucifixion ! ଭକ୍ତଙ୍କ ପାଇଁ ଦେହ ବିସର୍ଜନ ।

ଗଭୀର ରାତ୍ରି । ଠାକୁରଙ୍କ ଅସୁସ୍ଥତା ଯେପରି ବେଶି ବଢୁଛି । କି ଉପାୟ କରାଯିବ ? କଲିକତାକୁ ଲୋକ ପଠାଗଲା । ଶ୍ରୀଯୁକ୍ତ ଉପେନ୍ଦ୍ର ଡାକ୍ତର ଓ ଶ୍ରୀଯୁକ୍ତ ନବଗୋପାଳ କବିରାଜଙ୍କୁ ସଙ୍ଗରେ ନେଇ ଗିରିଶ ସେହି ଗଭୀର ରାତ୍ରିରେ ଆସିଲେ ।

ଭକ୍ତମାନେ ପାଖରେ ବସିଛନ୍ତି । ଠାକୁରେ ଟିକିଏ ସୁସ୍ଥହେଉଛନ୍ତି । କହୁଛନ୍ତି, ''ଦେହ ଖରାପ, ତା ହେଉ; ଦେଖୁଛି ପଞ୍ଚଭୂତର ଦେହ !''

ଗିରିଶଙ୍କ ଆଡ଼କୁ ଅନାଇ କହୁଛନ୍ତି—''ଅନେକ ଈଶ୍ୱରୀୟ ରୂପ ଦେଖୁଛି । ତାହା ମଧ୍ୟରେ ଏହି ରୂପଟି ମଧ୍ୟ (ନିଜର ମୂର୍ତ୍ତି) ଦେଖୁଛି !''

## (୩)

## ସମାଧି ମନ୍ଦିରରେ

ପରଦିନ ସକାଳ ବେଳା । ଆଜି ସୋମବାର ଚୈତ୍ର ୩ ଦିନ, ୧୫ ତାରିଖ ମାର୍ଚ୍ଚ, ୧୮୮୬ । ସମୟ ୭ଟା ହେବ । ଠାକୁର ଟିକିଏ ଭଲ ଅଛନ୍ତି ଓ ଭକ୍ତମାନଙ୍କ ସହିତ ଆସ୍ତେ ଆସ୍ତେ, କେତେବେଳେ ବା ଇଶାରାରେ କଥା କହୁଛନ୍ତି । ପାଖରେ ନରେନ୍ଦ୍ର, ରାଖାଲ, ମାଷ୍ଟର, ଲାଟୁ, ସିଁଥିର ଗୋପାଳ ପ୍ରଭୃତି ଅଛନ୍ତି ।

ଭକ୍ତମାନଙ୍କ ମୁହଁରେ କଥା ନାହିଁ; ପୂର୍ବରାତ୍ରିରେ ଠାକୁରଙ୍କ ଦେହର ଅସୁସ୍ଥ ଅବସ୍ଥା ସ୍ମରଣ କରି ସେମାନେ ବିଷାଦରେ ଚୁପ୍‌ହୋଇ ବସିଛନ୍ତି ।

## [ଠାକୁରଙ୍କ ଦର୍ଶନ, ଈଶ୍ୱର, ଜୀବ, ଜଗତ]

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ଆଡ଼କୁ ଅନାଇ, ଭକ୍ତମାନଙ୍କ ପ୍ରତି)—କଅଣ ଦେଖୁଛି ଜାଣ ? ଈଶ୍ୱର ହିଁ ସବୁ ହୋଇଛନ୍ତି ! ମନୁଷ୍ୟ ଆଉ ଯେଉଁ ଜୀବ ଦେଖୁଛି, ସମସ୍ତେ ଯେପରି ଚମଡ଼ାରେ ତିଆରି—ସେମାନଙ୍କ ଭିତରେ ସେ ହାତ, ପାଦ ଓ ମସ୍ତକ ହଲାଉଛନ୍ତି ! ଯେପରି ଥରେ ଦେଖିଲି ମହମର ଘର, ବଗିଚା, ରାସ୍ତା, ମନୁଷ୍ୟ, ଗୋରୁ ସବୁ ମହମର—ସବୁ ଗୋଟିଏ ଜିନିଷରେ ତିଆରି ।

"ଦେଖୁଛି ସେ ହିଁ—ଘାତକ,ସେ ହିଁ ବଳି, ସେ ହିଁ ଅର୍ଗଳି ହୋଇଛନ୍ତି !"

ଠାକୁରେ କଅଣ କହୁଛନ୍ତି ଯେ ଜୀବ-ଦୁଃଖରେ କାତର ହୋଇ ସେ ନିଜର ଶରୀର ଜୀବର ମଙ୍ଗଳ ପାଇଁ ବଳିଦାନ ଦେଉଛନ୍ତି ?

ଈଶ୍ୱରହିଁ ଘାତକ, ବଳି, ଅର୍ଗଳି ହୋଇଛନ୍ତି । ଏହି କଥା କହୁକହୁ ଠାକୁରେ ଭାବରେ ବିଭୋର ହୋଇ କହୁଛନ୍ତି—"ଆହା ! ଆହା !"

ପୁଣି ସେହି ଭାବାବସ୍ଥା । ଠାକୁରେ ବାହ୍ୟ ଜ୍ଞାନଶୂନ୍ୟ ହେଉଛନ୍ତି । ଭକ୍ତମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଚୁପ୍‌କରି ବସିଛନ୍ତି ।

ଠାକୁରେ ଟିକିଏ ପ୍ରକୃତିସ୍ଥ ହୋଇ କହୁଛନ୍ତି—"ବର୍ତ୍ତମାନ ମୋର କିଛି କଷ୍ଟ ନାହିଁ; ଠିକ୍ ପୂର୍ବାବସ୍ଥା !"

ଠାକୁରଙ୍କର ଏହି ସୁଖ ଦୁଃଖର ଅତୀତ ଅବସ୍ଥା ଦେଖି ଭକ୍ତମାନେ ଅବାକ୍ ହୋଇ ରହିଛନ୍ତି । ଲାଟୁ ଆଡ଼କୁ ଅନାଇ ପୁଣି କହୁଛନ୍ତି—

ହେଇ ଲାଟୋ—ମୁଣ୍ଡରେ ହାତଦେଇ ବସି ରହିଛି—ମୁଁ ଦେଖୁଛି ଯେ ଈଶ୍ୱର ହିଁ ଯେପରି ମୁଣ୍ଡରେ ହାତଦେଇ ରହିଛନ୍ତି ।

ଠାକୁରେ ଭକ୍ତମାନଙ୍କୁ ଦେଖୁଛନ୍ତି ଓ ଭକ୍ତମାନଙ୍କ ପ୍ରତି ସ୍ନେହରେ ଯେପରି ବିଗଳିତ ହେଉଛନ୍ତି । ଯେପରି ଶିଶୁକୁ ଆଦର କରନ୍ତି, ସେହିପରି ରାଖାଲ ଓ ନରେନ୍ଦ୍ରଙ୍କୁ ଆଦର କରୁଛନ୍ତି ! ସେମାନଙ୍କ ମୁଖରେ ହାତ ବୁଲାଇ ଆଦର କରୁଛନ୍ତି ।

## [ଲୀଳା ସମ୍ବରଣ କାହିଁକି ?]

କିଛିକ୍ଷଣ ପରେ ମାଷ୍ଟରଙ୍କୁ କହୁଛନ୍ତି, 'ଶରୀରଟା କିଛିଦିନ ରହିଲେ ଲୋକମାନଙ୍କର ଚୈତନ୍ୟ ହୁଅନ୍ତା ।'ଠାକୁରେ ପୁଣି ଚୁପ କରିଅଛନ୍ତି ।

ଠାକୁର ପୁଣି କହୁଛନ୍ତି—"ତେବେ ରହିବ ନାହିଁ ।"

ଭକ୍ତମାନେ ଭାବୁଛନ୍ତି, ଠାକୁରେ ପୁଣି କଅଣ କହିବେ । ଠାକୁର ପୁଣି କହୁଛନ୍ତି—**"ତେବେ ରହିବ ନାହିଁ,—ସରଳ ଓ ମୂର୍ଖ ଦେଖି କାଳେ ମୋତେ**

**ସମସ୍ତେ ଧରି ପକେଇବେ । ସରଳ ଓ ମୂର୍ଖ ବୋଲି ମୁଁ ସବୁ ଦେଇଦେବି ! ଏମିତି ତ କଳିଯୁଗରେ ଧ୍ୟାନ ଜପ ନାହିଁ ।"**

ରାଖାଲ(ସସ୍ନେହରେ)—ଆପଣ ଈଶ୍ୱରଙ୍କୁ କହନ୍ତୁ—ଯେପରି ଆପଣଙ୍କର ଦେହ ରହିବ ।

ଶ୍ରୀରାମକୃଷ୍ଣ—ତାହା ଈଶ୍ୱରଙ୍କ ଇଚ୍ଛା—

ନରେନ୍ଦ୍ର—ଆପଣଙ୍କର ଇଚ୍ଛା ଆଉ ଈଶ୍ୱରଙ୍କର ଇଚ୍ଛା ଏକ ହୋଇ ଯାଇଛି ।

ଠାକୁରେ ଟିକିଏ ନୀରବ ଅଛନ୍ତି—ଯେପରି କଅଣ ଭାବୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ର, ରାଖାଲାଦି ଭକ୍ତଙ୍କ ପ୍ରତି)—ଆଉ କହିଲେ ହେଉଚି କେଉଁଠି ?

"ବର୍ତ୍ତମାନ ଦେଖୁଛି ଏକ ହୋଇଯାଇଛି । ନଣନ୍ଦ ଭୟରେ କୃଷ୍ଣଙ୍କୁ ଶ୍ରୀରାଧା କହିଲେ, 'ତୁମେ ହୃଦୟ ଭିତରେ ଥାଅ ।' ଯେତେବେଳେ ପୁଣି ବ୍ୟାକୁଳ ହୋଇ କୃଷ୍ଣଙ୍କୁ ଦର୍ଶନ କରିବାକୁ ଚାହିଁଲେ—ଏପରି ବ୍ୟାକୁଳତା—ଯେପରି ବିରାଡ଼ି ଆଞ୍ଚୁଡ଼ା ଆଞ୍ଚୁଡ଼ି କରେ—ସେତେବେଳେ କିନ୍ତୁ ଆଉ ବାହାରିଲେ ନାହିଁ ।

ରାଖାଲ(ଭକ୍ତମାନଙ୍କ ପ୍ରତି, ମୃଦୁସ୍ୱରରେ)—ଗୌର ଅବତାରଙ୍କ କଥା କହୁଛନ୍ତି ।

## (୪)

### ଗୁହ୍ୟ କଥା—ଠାକୁର ଶ୍ରୀରାମକୃଷ୍ଣ ଓ ତାଙ୍କର ସାଙ୍ଗୋପାଙ୍ଗ

ଭକ୍ତମାନେ ନିସ୍ତବ୍ଧ ହୋଇ ବସିଛନ୍ତି । ଠାକୁରେ ଭକ୍ତମାନଙ୍କୁ ସସ୍ନେହରେ ଦେଖୁଛନ୍ତି । ନିଜ ବକ୍ଷ ଉପରେ ହାତ ରଖିଲେ—କିଛି କହିବେ ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରାଦିଙ୍କୁ)—ଏହା ଭିତରେ ଦୁଇଜଣ ଅଛନ୍ତି । ଜଣେ ସେ ।

ଭକ୍ତମାନେ ଅପେକ୍ଷା କରୁଛନ୍ତି, ପୁଣି କଅଣ କହିବେ ।

ଶ୍ରୀରାମକୃଷ୍ଣ—ଜଣେ ସେ, ଆଉ ଜଣେ ତାଙ୍କର ଭକ୍ତ । ଭକ୍ତର ହିଁ ହାତ ଭାଙ୍ଗିଥିଲା—ତାହାର ମଧ୍ୟ ଏହି ରୋଗ ହୋଇଛି । ବୁଝୁଛ ?

ଭକ୍ତମାନେ ନୀରବରେ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ—**ଏକଥା କାହାକୁ ବା କହିବି, କିଏ ବା ବୁଝିବ ?**

କିଛିସମୟ ପରେ ଠାକୁରେ ପୁଣି କଥା କହୁଛନ୍ତି ।

"ସେ ମନୁଷ୍ୟ ହୋଇ ଅବତାର ହୋଇ—ଭକ୍ତମାନଙ୍କ ସହିତ ଆସନ୍ତି । ଭକ୍ତମାନେ ତାଙ୍କ ସହିତ ପୁଣି ଚାଲିଯାଆନ୍ତି ।

ରାଖାଲ—ସେଥିପାଇଁ ଆପଣ ଆମ୍ଭମାନଙ୍କୁ ଯେପରି ଛାଡ଼ିଦେଇ ଚାଲି ନ ଯାଆନ୍ତି ।

ଠାକୁରେ ମୃଦୁ ମୃଦୁ ହସୁଛନ୍ତି । କହୁଛନ୍ତି, ବାଉଲର ଦଳ ହଠାତ୍ ଆସିଲେ—ନାଚିଲେ, ଗୀତ ଗାଇଲେ; ପୁଣି ହଠାତ୍ ଚାଲିଗଲେ । ଆସିଲେ—ଗଲେ, କେହି ଚିହ୍ନିଲେ ନାହିଁ (ଠାକୁରଙ୍କର ଓ ସମସ୍ତଙ୍କର ଈଷତ୍ ହାସ୍ୟ) ।

କିଛିସମୟ ଚୁପ୍ ପରେ ଠାକୁରେ ପୁଣି କହୁଛନ୍ତି—

**ଦେହ ଧାରଣ କରିଲେ କଷ୍ଟ ଅଛି ।**

''ଥରେ ଥରେ କହେ, ଆଉ ଯେପରି ଆସିବାକୁ ନ ହୁଏ ।''

''ତେବେ କଅଣ—ଗୋଟିଏ କଥା ଅଛି । ନିମନ୍ତ୍ରଣ ଖାଇ ଖାଇ ଆଉ ଘରର ଭାତ, ବିରିଡାଲି ଭଲ ଲଗେନାହିଁ ।''

''ଆଉ ଯେ ଦେହ ଧାରଣ କରିବା—ଏହିଟି ଭକ୍ତଙ୍କ ପାଇଁ ।

ଠାକୁରେ ଭକ୍ତଙ୍କର ନୈବେଦ୍ୟ—ଭକ୍ତଙ୍କର ନିମନ୍ତ୍ରଣ—ଭକ୍ତଙ୍କ ସଙ୍ଗରେ ବିହାର ଭଲପାଆନ୍ତି, ଏହି କଥା କଅଣ କହୁଛନ୍ତି ?

## ନରେନ୍ଦ୍ରଙ୍କର ଜ୍ଞାନ-ଭକ୍ତି—ନରେନ୍ଦ୍ର ଓ ସଂସାର ତ୍ୟାଗ

ଠାକୁରେ ନରେନ୍ଦ୍ରଙ୍କୁ ସସ୍ନେହ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ଚଣ୍ଡାଳ ମାଂସର ଭାର ନେଇ ଯାଉଥିଲା । ଶଙ୍କରାଚାର୍ଯ୍ୟ ଗଙ୍ଗାଜଳ ନେଇ ନିକଟରେ ଯାଉଥିଲେ । ଚଣ୍ଡାଳ ହଠାତ୍ ତାଙ୍କୁ ଛୁଇଁଦେଲା । ଶଙ୍କରାଚାର୍ଯ୍ୟ ବିରକ୍ତ ହୋଇ କହିଲେ, ତୁ ମୋତେ ଛୁଇଁଦେଲୁ ! ସେ କହିଲ—ପ୍ରଭୁ ତୁମେ ମୋତେ ଛୁଇଁ ନାହଁ, କି ମୁଁ ମଧ ତୁମକୁ ଛୁଇଁ ନାହିଁ । ତୁମେ ବିଚାର କର । ତୁମେ କ'ଣ ଦେହ, ତୁମେ କ'ଣ ମନ, ତୁମେ କ'ଣ ବୁଦ୍ଧି ? ତୁମେ କ'ଣ ବିଚାର କର । ଶୁଦ୍ଧ ଆତ୍ମା ନିର୍ଲିପ୍ତ—ସତ୍ତ୍ୱ, ରଜଃ, ତମଃ ତିନିଗୁଣ—କୌଣସି ଗୁଣରେ ଲିପ୍ତ ନୁହଁନ୍ତି ।

''ବ୍ରହ୍ମ କିପରି ଜାଣ ? ଯେପରି ବାୟୁ । ଦୁର୍ଗନ୍ଧ, ସୁଗନ୍ଧ—ସବୁ ବାୟୁ ଦ୍ୱାରା ଆସୁଛି, କିନ୍ତୁ ବାୟୁ ନିର୍ଲିପ୍ତ ।

ନରେନ୍ଦ୍ର—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ଗୁଣାତୀତ । ମାୟାତୀତ । ଅବିଦ୍ୟାମାୟା ଓ ବିଦ୍ୟାମାୟା ଉଭୟର ଅତୀତ । କାମିନୀ କାଞ୍ଚନ ଅବିଦ୍ୟା । ଜ୍ଞାନ, ବୈରାଗ୍ୟ, ଭକ୍ତି, ଏସବୁ ବିଦ୍ୟାର ଐଶ୍ୱର୍ଯ୍ୟ । ଶଙ୍କରାଚାର୍ଯ୍ୟ ବିଦ୍ୟାର ମାୟା ରଖିଥିଲେ । ତୁମେ ଆଉ ଅନ୍ୟମାନେ ଯେ, ମୋ ପାଇଁ ଭାବୁଛ—ଏହି ଭାବନା ବିଦ୍ୟାମାୟା ।

ବିଦ୍ୟାମାୟା ସାହାଯ୍ୟରେ ସେହି ବ୍ରହ୍ମଜ୍ଞାନ ଲାଭ ହୁଏ । ଯେପରି ସିଡ଼ିର ଉପର ପାହାଚ, ତା'ପରେ ଛାତ । କେହି କେହି ଛାତରେ ପହଞ୍ଚିବା ପରେ ମଧ

ସିଡ଼ିରେ ଯିବାଆସିବା କରନ୍ତି—ଜ୍ଞାନଲାଭ ପରେ ମଧ୍ୟ ବିଦ୍ୟାର ମୁଁ ରଖନ୍ତି । ଲୋକଶିକ୍ଷା ପାଇଁ ଭକ୍ତି—ପୁଣି ଭକ୍ତି ଆସ୍ୱାଦନ ପାଇଁ ରହିବା ଭକ୍ତଙ୍କ ସଙ୍ଗରେ ବିଳାସ କରିବା ପାଇଁ ବିଦ୍ୟାରେ ମୁଁ ରଖନ୍ତି ।

ନରେନ୍ଦ୍ରାଦି ଭକ୍ତମାନେ ନୀରବ ଅଛନ୍ତି । ଠାକୁରେ କ'ଣ ଏ ସମସ୍ତ ନିଜର ଅବସ୍ଥା ବିଷୟରେ କହୁଛନ୍ତି ?

ନରେନ୍ଦ୍ର—ତ୍ୟାଗ କରିବା କଥା କହିଲେ କେହି କେହି ମୋ ଉପରେ ରାଗନ୍ତି ।

ଶ୍ରୀରାମକୃଷ୍ଣ(ମୃଦୁସ୍ୱରରେ)—**ତ୍ୟାଗ ଦରକାର ।**

ଠାକୁରେ ନିଜ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଦେଖାଇ କହୁଛନ୍ତି—''ଗୋଟିଏ ଜିନିଷ ଉପରେ ଯଦି ଆଉ ଗୋଟିଏ ଜିନିଷ ଥାଏ, ପ୍ରଥମ ଜିନିଷକୁ ପାଇବାକୁ ଗଲେ ଉପର ଜିନିଷକୁ ହଟାଇବାକୁ ହେବ । ନୁହେଁ କି ? ଗୋଟାକୁ ନ ହଟାଇଲେ ଅନ୍ୟଟି କ'ଣ ମିଳେ ?''

ନରେନ୍ଦ୍ର—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କୁ, ମୃଦୁସ୍ୱରରେ)—ଈଶ୍ୱରମୟ ଦେଖିଲେ ଆଉ କଅଣ କିଛି ଦେଖାଯାଏ ?

ନରେନ୍ଦ୍ର—ସଂସାର ତ୍ୟାଗ ହିଁ କରିବାକୁ ହେବ ?

ଶ୍ରୀରାମକୃଷ୍ଣ—ଯାହା କହିଲି, ଈଶ୍ୱରମୟ ଦେଖିଲେ ଆଉ କଅଣ କିଛି ଦେଖାଯାଏ ? ଘର ସଂସାର ଆଉ କିଛି ଦେଖାଯାଏ ?

''ତେବେ ମନରେ ତ୍ୟାଗ । ଏଠାକୁ ଯେଉଁମାନେ ଆସନ୍ତି, କେହି ସଂସାରୀ ନୁହନ୍ତି ।''

କାହାରି କାହାରି ଟିକିଏ ଇଚ୍ଛା ଥିଲା—ସ୍ତ୍ରୀ ଲୋକଙ୍କ ସଙ୍ଗରେ ରହିବା (ରାଖାଲ, ମାଷ୍ଟର ପ୍ରଭୃତିଙ୍କର ଈଷତ୍ ହାସ୍ୟ) । ସେହି ଇଚ୍ଛାଟିକକ ହୋଇଗଲା ।

### [ନରେନ୍ଦ୍ର ଓ ବୀରଭାବ]

ଠାକୁରେ ନରେନ୍ଦ୍ରଙ୍କୁ ସସ୍ନେହରେ ଦେଖୁଛନ୍ତି । ଦେଖୁ ଦେଖୁ ଯେପରି ଆନନ୍ଦରେ ପରିପୂର୍ଣ୍ଣ ହେଉଛନ୍ତି । ଭକ୍ତମାନଙ୍କ ଆଡକୁ ଅନାଇ କହୁଛନ୍ତି—''ଖୁବ୍!''—ନରେନ୍ଦ୍ର ଠାକୁରଙ୍କୁ ସହାସ୍ୟେ କହୁଛନ୍ତି, 'ଖୁବ୍' କଅଣ ?

ଶ୍ରୀରାମକୃଷ୍ଣ(ସହାସ୍ୟେ)—ମହାନ୍ ତ୍ୟାଗ ପାଇଁ ପ୍ରସ୍ତୁତି ଚାଲିଛି ।

ନରେନ୍ଦ୍ର ଓ ଭକ୍ତମାନେ ଚୁପ୍ ଅଛନ୍ତି ଓ ଠାକୁରଙ୍କୁ ଦେଖୁଛନ୍ତି । ଏଥର ରାଖାଲ କଥା କହୁଛନ୍ତି ।

ରାଖାଲ(ଠାକୁରଙ୍କୁ, ସହସ୍ୟେ)—ନରେନ୍ଦ୍ର ଆପଣଙ୍କୁ ବେଶୀ ବୁଝୁଛି ।

ଠାକୁରେ ହସୁଛନ୍ତି ଓ କହୁଛନ୍ତି—"ହଁ ! ପୁଣି ଦେଖୁଛି ଅନେକେ ବୁଝୁଛନ୍ତି । (ମାଷ୍ଟରଙ୍କ ପ୍ରତି) ନାହିଁ ହେ ?"

ମାଷ୍ଟର—ଆଜ୍ଞା ହଁ ।

ଠାକୁରେ ନରେନ୍ଦ୍ର ଓ ମଣିଙ୍କୁ ଦେଖୁଛନ୍ତି ଓ ହସ୍ତ ଦ୍ୱାରା ଇଙ୍ଗିତ କରି ରାଖାଲ ଓ ଅନ୍ୟମାନଙ୍କୁ ଦେଖାଉଛନ୍ତି । ପ୍ରଥମେ ଇଙ୍ଗିତ କରି ନରେନ୍ଦ୍ରଙ୍କୁ ଦେଖାଇଲେ, ତା' ପରେ ମଣିଙ୍କୁ ଦେଖାଇଲେ । ରାଖାଲ ଠାକୁରଙ୍କ ଇଙ୍ଗିତ ବୁଝିଛନ୍ତି ଓ କଥା କହୁଛନ୍ତି ।

ରାଖାଲ(ସହାସ୍ୟେ, ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣ କହୁଛନ୍ତି ନରେନ୍ଦ୍ରଙ୍କର ବୀରଭାବ ? ଆଉ ଏହାଙ୍କର ସଖୀଭାବ ? (ଠାକୁରେ ହସୁଛନ୍ତି)

ନରେନ୍ଦ୍ର(ସହାସ୍ୟେ)—ଏ ବେଶୀ କଥା କହନ୍ତି ନାହିଁ, ଆଉ ଲାଜକୁଳା; ସେଥିପାଇଁ ବୋଧହୁଏ କହୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ, ନରେନ୍ଦ୍ରଙ୍କୁ)—ଆଚ୍ଛା, ମୋର କି ଭାବ ?

ନରେନ୍ଦ୍ର—ବୀରଭାବ, ସଖୀଭାବ,—ସବୁଭାବ ।

## ଠାକୁର ଶ୍ରୀରାମକୃଷ୍ଣ—ସେ କିଏ ?

ଠାକୁରେ ଏହି କଥା ଶୁଣି ଯେପରି ଭାବରେ ପୂର୍ଣ୍ଣ ହେଲେ; ବକ୍ଷରେ ହାତ ରଖି କଅଣ କହୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ)— **ଦେଖୁଛି ଏହା ଭିତରେ ହିଁ ସବୁ କିଛି ।**

ନରେନ୍ଦ୍ରଙ୍କୁ ଇଙ୍ଗିତ କରି ପ୍ରଶ୍ନ କରୁଛନ୍ତି—"କଅଣ ବୁଝିଲୁ?"

ନରେନ୍ଦ୍ର—("ଯାହା କିଛି" ଅର୍ଥାତ୍) ଯେତେ ସୃଷ୍ଟ ପଦାର୍ଥ ସବୁ ଆପଣଙ୍କ ଭିତରୁ !

ଶ୍ରୀରାମକୃଷ୍ଣ(ରାଖାଲ ପ୍ରତି ଆନନ୍ଦରେ)—ଦେଖୁଛୁ !

ଠାକୁରେ ନରେନ୍ଦ୍ରଙ୍କୁ ଟିକିଏ ଗୀତ ଗାଇବାକୁ କହୁଛନ୍ତି । ନରେନ୍ଦ୍ର ସୁର କରି ଗାଉଛନ୍ତି । ନରେନ୍ଦ୍ରଙ୍କର ତ୍ୟାଗର ଭାବ,—ଗାଉଛନ୍ତି ।

"ନଳିନୀ ଦଳଗତ ଜଳମତିତରଳମ୍ ତଦ୍ୱଜ୍ଜୀବନମତିଶୟଚପଲମ୍
କ୍ଷଣମିହ ସଜ୍ଜନସଙ୍ଗତିରେକା, ଭବତି ଭାବାର୍ଣ୍ଣବତରଣେ ନୌକା ।"

ପଦେ ଦୁଇପଦ ଗାଇବା ପରେ ଠାକୁରେ ନରେନ୍ଦ୍ରଙ୍କୁ ଇଙ୍ଗିତ କରି କହୁଛନ୍ତି 'ସେ କଅଣ ! ସେ ସବୁ ଅତି ସାମାନ୍ୟ ଭାବ !'

ନରେନ୍ଦ୍ର ଏଥର ସଖୀ ଭାବର ଗୀତ ଗାଉଛନ୍ତି—

ସଖୀରେ ଜୀବନ, ମରଣ୍‌ର ଏଇ କି ବିଧାନ
ବ୍ରଜ କିଶୋର ଗଲେ ଚାଲି, ବ୍ରଜବାସୀ ଛାଡ଼ିବେ ପରାଣ ।

ପାଇ ଅନ୍ୟ କିଶୋରୀ, ଭୁଲିଲେ ମାଧବ ଗୋପକୁମାରୀ,
କିଏ ଜାଣେ ସଖୀ, ରସମୟ ପ୍ରେମିକ ହେବ ରୂପର ଭିକାରି ।
ଆଗୁରୁ ବୁଝିଲି ନାହିଁ, ରୂପ ଦେଖି ଗଲି ଭୁଲି,
ହୃଦେ ତା' ଚରଣ ଧରି ।
ପରାଣ ହାରିବି ସଖୀ ଯମୁନାରେ ଝାସ ଦେଇ,
ମୁଁ ଯେ, ବିଷ ଦେବି ଖାଇ ।
ଅବା ତମାଳ ତରୁରେ ମରିବି ମୁଁ ଫାଶୀ ଦେଇ
ନୁହେଁତ ତେଜିବି ଜୀବନ ଶ୍ୟାମ ନାମ ଗାଇ ଗାଇ ।

ଗୀତ ଶୁଣି ଠାକୁରେ ଓ ଭକ୍ତମାନେ 'ମୁଗ୍ଧ ହୋଇଛନ୍ତି । ଠାକୁର ଓ ରାଖାଲଙ୍କର ଚକ୍ଷୁରୁ ପ୍ରେମାଶ୍ରୁ ବହିଯାଉଛି । ନରେନ୍ଦ୍ର ପୁଣି ବ୍ରଜଗୋପୀଙ୍କ ଭାବରେ ବିଭୋର ହୋଇ କୀର୍ତ୍ତନ ସୁରରେ ଗାଉଛନ୍ତି—

ଶ୍ୟାମ ତୁମେ ମୋର ବନ୍ଧୁ, ତୁମେ ମୋର ପ୍ରିୟ,
କି ବୋଲିବି କି ବୋଲିବି ତୁମକୁ ହେ ନାଥ,
ମୁଁ ଯେ ଅଭାଗିନୀ ନାରୀ ।
ହାତର ଦର୍ପଣ ତୁମେ, ତୁମେ ମଥା ଫୁଲ,
ଫୁଲ କରି ତୁମକୁ ମୁଁ ଖୋସିବି ଗଭାରେ,
କେହି ନଦେଖିବେ ବନ୍ଧୁ ଲୁଚାଇବି ଯତନେ ।
ନୟନ-ଅଞ୍ଜନ ତୁମେ, ମୁହଁର ତାମ୍ବୁଳ,
ତୁମକୁ ଶ୍ୟାମ ଅଞ୍ଜନ କରି ନାଇବି ବନ୍ଧୁ,
ଅଙ୍ଗକୁ ଚନ୍ଦନ ତୁମେ, ଗଳେ ଚନ୍ଦ୍ରହାର
ଶ୍ୟାମ-ଚନ୍ଦନ ବୋଳି ଶୀତଳ ହେବ
ଅଙ୍ଗ ବନ୍ଧୁ ଶୀତଳ ହେବ ।
ଗଳାରେ ପିନ୍ଧିବି ବନ୍ଧୁ, ହୃଦୟେ ଜଡ଼ାଇ
ହୃଦୟ ବନ୍ଧୁ ଶୀତଳ ହେବ,
ଶ୍ୟାମ-ହାର ପରଶରେ ହୃଦୟ ବନ୍ଧୁ ଶୀତଳ ହେବ ।
ତୁମେ ଦେହର ସର୍ବସ୍ୱ ବନ୍ଧୁ, ମମ ଗୃହେ ଗୃହସ୍ୱାମୀ,
ପକ୍ଷୀକୁ ଯେହ୍ନେ ପକ୍ଷ, ମୀନକୁ ଯେ ପାଣି
ତହୁଁ ବଳି ତୁମେ ବନ୍ଧୁ ଅଟ ମୋହ ପାଇଁ ॥

❁❁❁

# ଏକାଦଶ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତଙ୍କ ସଙ୍ଗରେ

### (୧)

### ବୁଦ୍ଧଦେବ ଓ ଠାକୁର ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ କାଶୀପୁର ଉଦ୍ୟାନରେ ଅଛନ୍ତି । ଆଜି ଶୁକ୍ରବାର, ସମୟ ୫ଟା; ଚୈତ୍ର-ଶୁକ୍ଳ ପଞ୍ଚମୀ । ୯ ତାରିଖ ଏପ୍ରିଲ; ୧୮୮୬ ।

ନରେନ୍ଦ୍ର, କାଳୀ, ନିରଞ୍ଜନ, ମାଷ୍ଟର ତଳେ ବସି କଥା କହୁଛନ୍ତି ।

ନିରଞ୍ଜନ(ମାଷ୍ଟରଙ୍କ ପ୍ରତି)—ବିଦ୍ୟାସାଗରଙ୍କର ଗୋଟାଏ କଅଣ ନୂତନ ସ୍କୁଲ ହେବ ? ନରେନ୍‌ଙ୍କ ପାଇଁ ଗୋଟାଏ କାମର ଯୋଗାଡ଼ କରି—

ନରେନ୍ଦ୍ର—ଆଉ ବିଦ୍ୟାସାଗରଙ୍କ ପାଖରେ ଚାକିରୀ କରିବା ଦରକାର ନାହିଁ । ଅଳ୍ପଦିନ ପୂର୍ବରୁ ନରେନ୍ଦ୍ର ବୁଦ୍ଧଗୟାରୁ ଫେରିଛନ୍ତି । ସେଠାରେ ବୁଦ୍ଧମୂର୍ତ୍ତି ଦର୍ଶନ କରିଥିଲେ ଏବଂ ସେହି ମୂର୍ତ୍ତି ସମ୍ମୁଖରେ ଗଭୀର ଧ୍ୟାନରେ ନିମଗ୍ନ ହୋଇଥିଲେ । ଯେଉଁ ବୃକ୍ଷ ତଳେ ବୁଦ୍ଧଦେବ ତପସ୍ୟା କରି ନିର୍ବାଣ ପ୍ରାପ୍ତ ହୋଇଥିଲେ, ସେହି ବୃକ୍ଷ ସ୍ଥାନରେ ହୋଇଥିବା ନୂତନ ବୃକ୍ଷକୁ ମଧ୍ୟ ଦର୍ଶନ କରିଥିଲେ । କାଳୀ କହିଲେ, ''ଦିନେ ଗୟାର ଉମେଶ ବାବୁଙ୍କ ଘରେ ନରେନ୍ଦ୍ର ଗୀତ ଗାଇଥିଲେ—ମୃଦଙ୍ଗ ସଙ୍ଗରେ ଖେୟାଲ, ଧ୍ରୁପଦ ଇତ୍ୟାଦି ।''

ଶ୍ରୀରାମକୃଷ୍ଣ ହଲ୍ ଘରେ ବିଛଣା ଉପରେ ବସିଛନ୍ତି । ସନ୍ଧ୍ୟା ସମୟ । ମଣି ଏକାକୀ ପଙ୍ଖା କରୁଛନ୍ତି । ଲାଟୁ ଆସି ସେଠାରେ ବସିଲେ ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଖଣ୍ଡେ ଦେହରେ ପକାଇବା ଚଦର ଓ ହଳେ ଚଟି ଜୋତା ଆଣିବ ।

ମଣି—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ(ଲାଟୁଙ୍କୁ)—ଚଦର ଦାମ ଦଶଅଣା ଓ ଜୋତା; ସର୍ବମୋଟ କେତେ ଦାମ୍ ?

ଲାଟୁ—ଏକ ଟଙ୍କା ଦଶ ଅଣା ।

ଠାକୁରେ ମଣିଙ୍କୁ ଦାମ୍‌ର କଥା ଶୁଣିବାକୁ ଇଙ୍ଗିତ କଲେ ।

ନରେନ୍ଦ୍ର ଆସି ଉପସ୍ଥିତ ହେଲେ । ଶଶୀ, ରାଖାଲ ଓ ଆଉ ଜଣେ ଦୁଇଜଣ ଭକ୍ତ ମଧ୍ୟ ଆସି ବସିଲେ । ଠାକୁରେ ନରେନ୍ଦ୍ରଙ୍କୁ ପାଦରେ ହାତ ବୁଲାଇ ଦେବାକୁ କହୁଛନ୍ତି ।

ଶ୍ରୀରାମକୃଷ୍ଣ ଇଙ୍ଗିତ କରି ନରେନ୍ଦ୍ରଙ୍କୁ କହୁଛନ୍ତି—ଦେଖୁଛ ?

## ବୁଦ୍ଧଦେବ କ'ଣ ନାସ୍ତିକ ? ଅସ୍ତି ଓ ନାସ୍ତି ମଧ୍ୟର ଅବସ୍ଥା

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି, ସହାସ୍ୟେ)—ସେଠାକୁ (ଅର୍ଥାତ୍ ବୁଦ୍ଧଗୟା) ଯାଇଥିଲା ।

ମାଷ୍ଟର (ନରେନ୍ଦ୍ରଙ୍କ ପ୍ରତି)—ବୁଦ୍ଧଦେବଙ୍କର କି ମତ ?

ନରେନ୍ଦ୍ର—ତପସ୍ୟା ଦ୍ୱାରା ଲାଭ କରିଥିବା ଅନୁଭୂତିକୁ ସେ ମୁହଁରେ ପ୍ରକାଶ କରିପାରି ନାହାନ୍ତି । ସେଥିପାଇଁ ସମସ୍ତେ କହନ୍ତି ନାସ୍ତିକ ।

ଶ୍ରୀରାମକୃଷ୍ଣ (ଇଙ୍ଗିତ କରି)—ନାସ୍ତିକ କାହିଁକି ? ନାସ୍ତିକ ନୁହେଁ; ମୁହଁରେ କହିପାରି ନାହାନ୍ତି । ବୁଦ୍ଧ କଅଣ ଜାଣ ? ବୋଧ-ସ୍ୱରୂପକୁ ଚିନ୍ତା କରି କରି—ତାହା ହିଁ ହେବା—**ବୋଧ ସ୍ୱରୂପ ହେବା ।**

ନରେନ୍ଦ୍ର—ଆଜ୍ଞା ହଁ । ଏମାନଙ୍କର ତିନି ଶ୍ରେଣୀ ଅଛି,—ବୁଦ୍ଧ, ଅର୍ହତ୍, ଆଉ ବୋଧିସତ୍ତ୍ୱ ।

ଶ୍ରୀରମକୃଷ୍ଣ—ଏ ତାଙ୍କରି ଖେଳା; ନୂତନ ଗୋଟାଏ ଲୀଳା ।

''ସେ କାହିଁକି ନାସ୍ତିକ ହେବେ ! ଯେଉଁଠାରେ ସ୍ୱରୂପକୁ ବୋଧ ହୁଏ, ସେଠାରେ ଅସ୍ତି-ନାସ୍ତି ମଧ୍ୟର ଅବସ୍ଥା ।''

ନରେନ୍ଦ୍ର (ମାଷ୍ଟରଙ୍କ ପ୍ରତି)—ଯେଉଁ ଅବସ୍ଥାରେ Contradictions meet, ଯେଉଁ Hydrogen ଆଉ Oxygen ରେ ଶୀତଳ ଜଳ ତିଆରି ହୁଏ, ସେହି Hydrogen ଆଉ Oxygen ରେ ମଧ୍ୟ Oxyhydrogen blow Pipe (ଜ୍ୱଳନ୍ତ ଅତ୍ୟୁଷ୍ଣ ଅଗ୍ନିଶିଖା) ଉତ୍ପନ୍ନ ହୁଏ ।

''ଯେଉଁ ଅବସ୍ଥାରେ କର୍ମ ଓ କର୍ମତ୍ୟାଗ ଉଭୟ ସମ୍ଭବ; ଅର୍ଥାତ୍ ନିଷ୍କାମ କର୍ମ ।''

''ଯେଉଁମାନେ ସଂସାରୀ, ଇନ୍ଦ୍ରିୟର ବିଷୟ ନେଇ ରହିଛନ୍ତି, ସେମାନେ କହନ୍ତି, ସବୁ 'ଅସ୍ତି; ପୁଣି ମାୟାବାଦୀମାନେ କହୁଛନ୍ତି,—'ନାସ୍ତି, ବୁଦ୍ଧଙ୍କର ଅବସ୍ଥା ଏହି 'ଅସ୍ତି' ଓ 'ନାସ୍ତି'ର ପର ।''

ଶ୍ରୀରାମକୃଷ୍ଣ—ଏହି 'ଅସ୍ତି,'ନାସ୍ତି' ପ୍ରକୃତିର ଗୁଣ । ଯଥାର୍ଥ ସତ୍ୟ ଅସ୍ତି ନାସ୍ତିର ଉର୍ଦ୍ଧ୍ୱରେ ଭକ୍ତମାନେ କିୟତ୍‌କ୍ଷଣ ସମସ୍ତେ ଚୁପ୍ କରି ଅଛନ୍ତି । ଠାକୁରେ ପୁଣି କଥା କହୁଛନ୍ତି ।

## ବୁଦ୍ଧଦେବଙ୍କର ଦୟା, ବୈରାଗ୍ୟ ଓ ନରେନ୍ଦ୍ର

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କ ପ୍ରତି)—ସେମାନଙ୍କର (ବୁଦ୍ଧଦେବଙ୍କର) କି ମତ ?

ନରେନ୍ଦ୍ର—ଈଶ୍ୱର ଅଛନ୍ତି କି ନାହାନ୍ତି, ଏ ସବୁ କଥା ବୁଦ୍ଧ କହି ନାହାନ୍ତି । ତେବେ ସକଳ ଜୀବମାନଙ୍କ ପ୍ରତି ତାଙ୍କ ହୃଦୟ ଦୟାରେ ପୂର୍ଣ୍ଣ ଥିଲା ।

"ଗୋଟିଏ ବାଜ ପକ୍ଷୀ ଅନ୍ୟ ଏକ ପକ୍ଷୀ ଶିକାର କରି ତାକୁ ଖାଇବାକୁ ଯାଉଥିଲା, ବୁଦ୍ଧ ସେହି ପକ୍ଷୀଟିର ପ୍ରାଣ ବଞ୍ଚାଇବା ପାଇଁ ନିଜ ଦେହର ମାଂସ କାଟି ବାଜପକ୍ଷୀକୁ ଦେଇଥିଲେ ।"

ଠାକୁର ଶ୍ରୀରାମକୃଷ୍ଣ ନୀରବ ଅଛନ୍ତି । ନରେନ୍ଦ୍ର ଅଧିକ ଉତ୍ସାହର ସହିତ ବୁଦ୍ଧଦେବଙ୍କର କଥା କହୁଛନ୍ତି ।

ନରେନ୍ଦ୍ର—କି ବୈରାଗ୍ୟ ! ରାଜାର ପୁଅ ହୋଇ ସବୁ ତ୍ୟାଗ କଲେ । ଯାହାଙ୍କର କିଛି ନାହିଁ—କୌଣସି ଐଶ୍ୱର୍ଯ୍ୟ ନାହିଁ, ସେମାନେ ଆଉ କଅଣ ତ୍ୟାଗ କରିବେ ।

"ଯେତେବେଳେ ବୁଦ୍ଧହୋଇ, ନିର୍ବାଣ ଲାଭ କରି, ଘରକୁ ଥରେ ଆସିଲେ, ସେତେବେଳେ ସ୍ତ୍ରୀଙ୍କୁ, ପୁତ୍ରକୁ—ରାଜବଂଶର ଅନେକଙ୍କୁ ବୈରାଗ୍ୟ ଅବଲମ୍ବନ କରିବାକୁ କହିଲେ । କି ବୈରାଗ୍ୟ ! କିନ୍ତୁ ଏଣେ ବ୍ୟାସଦେବଙ୍କର ଆଚରଣ ଦେଖନ୍ତୁ;— ଶୁକଦେବଙ୍କୁ ବାରଣ କରି କହିଲେ, ପୁତ୍ର ! ସଂସାରରେ ରହି ଧର୍ମ କର ।"

ଠାକୁରେ ନୀରବ ଅଛନ୍ତି । ବର୍ତ୍ତମାନ ମଧ୍ୟ କୌଣସି କଥା କହୁ ନାହାନ୍ତି ।

ନରେନ୍ଦ୍ର—ଶକ୍ତି ଫକ୍ତି ବୁଦ୍ଧ କିଛି ମାନୁ ନଥିଲେ ।—କେବଳ **ନିର୍ବାଣ** । କି ବୈରାଗ୍ୟ !—ଗଛତଳେ ତପସ୍ୟା କରିବାକୁ ବସିଲେ, ଆଉ କହିଲେ— **ଇହୈବ ଶୁଷ୍ୟତୁ ମେ ଶରୀରମ୍** !' ଅର୍ଥାତ୍ ଯଦି ନିର୍ବାଣ ଲାଭ ନ କରେ, ତାହାହେଲେ ମୋର ଶରୀର ଏହିଠାରେ ଶୁଖି ଯାଉ,—ଏହି ପରି ଦୃଢ଼ ପ୍ରତିଜ୍ଞା !

ଶରୀର ହିଁ ତ ବଦମାସ୍ !— ତାକୁ ଆୟତ୍ତ ନ କଲେ କ'ଣ କିଛି ହୁଏ !—

ଶଶୀ— ତେବେ ତୁମେ ଯେ କହ, ମାଂସ ଖାଇଲେ ସତ୍ତ୍ୱଗୁଣ ହୁଏ ।— ମାଂସ ଖାଇବା ଉଚିତ ।

ନରେନ୍ଦ୍ର—ଯେପରି ମାଂସ ଖାଏ—ସେହି ପରି (ମାଂସ ତ୍ୟାଗ କରି) କେବଳ ଭାତ ମଧ୍ୟ ଖାଇପାରେ—ଅଲଣା ଭାତ ବି ଖାଇପାରେ ।

କିୟତ୍କ୍ଷଣ ପରେ ଠାକୁର ଶ୍ରୀରାମକୃଷ୍ଣ କଥା କହୁଛନ୍ତି । ପୁଣି ବୁଦ୍ଧଦେବଙ୍କର କଥା ଇଙ୍ଗିତ କରି ପ୍ରଶ୍ନ କରୁଛନ୍ତି ।

ଶ୍ରୀରାମକୃଷ୍ଣ—(ବୁଦ୍ଧଦେବଙ୍କର) କଅଣ, ମୁଣ୍ଡରେ ବାଳ ଥିଲା ?

ନରେନ୍ଦ୍ର—ଆଜ୍ଞା ନା; ରୁଦ୍ରାକ୍ଷର ମାଳା ଅନେକ ଏକତ୍ର କଲେ ଯାହା ହୁଏ, ମୁଣ୍ଡରେ ସେହି ପ୍ରକାର ।

ଶ୍ରୀରାମକୃଷ୍ଣ—ଚକ୍ଷୁ ?

ନରେନ୍ଦ୍ର—ଚକ୍ଷୁ ସମାଧିସ୍ଥ ।

## ଠାକୁର ଶ୍ରୀରାମକୃଷ୍ଣଙ୍କର ପ୍ରତ୍ୟକ୍ଷ ଦର୍ଶନ 'ମୁଁ ହିଁ ସେହି ।'

ଠାକୁରେ ନୀରବ ଅଛନ୍ତି । ନରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନେ ତାହାଙ୍କୁ ଏକ ଦୃଷ୍ଟିରେ ଦେଖୁଛନ୍ତି । ହଠାତ୍ ସେ ଈଷତ୍ ହାସ୍ୟ କରି ପୁଣି ନରେନ୍ଦ୍ରଙ୍କ ସଙ୍ଗରେ କଥା ଆରମ୍ଭ କଲେ । ମଣି ପଙ୍ଖା କରୁଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ଆଚ୍ଛା—ଏଠାରେ ସବୁ କିଛି ଅଛି, ନୁହେଁ ? ମସୁର ଡାଲି, ବୁଟ ଡାଲି, ଏପରିକି ତେନ୍ତୁଳି ପର୍ଯ୍ୟନ୍ତ ।

ନରେନ୍ଦ୍ର ଆପଣ ସେ ସବୁ ଅବସ୍ଥା ଭୋଗ କରି ନିମ୍ନ ଅବସ୍ଥାରେ ରହିଛନ୍ତି !

ମଣି—(ସ୍ୱଗତଃ)—ସବୁ ଅବସ୍ଥା ଭୋଗକରି, ଭକ୍ତ ଅବସ୍ଥାରେ !

ଶ୍ରୀରାମକୃଷ୍ଣ—କିଏ ଯେପରି ତଳେ ଟାଣି ରଖିଛି !

ଏହା କହି ଠାକୁର ଶ୍ରୀରାମକୃଷ୍ଣ ମଣିଙ୍କ ହାତରୁ ପଙ୍ଖା ଖଣ୍ଡିକ ନେଲେ ଏବଂ ପୁଣି କଥା କହିଲେ ।

ଶ୍ରୀରାମକୃଷ୍ଣ—ଏହି ପଙ୍ଖା ଯେପରି ସମ୍ମୁଖରେ ଦେଖୁଛି, ପ୍ରତ୍ୟକ୍ଷ-ଠିକ୍ ସେହିପରି ମୁଁ (ଈଶ୍ୱରଙ୍କୁ) ଦେଖିଛି ! ଆଉ ଦେଖିଲି—

ଏହା କହି ଠାକୁରେ ନିଜର ହୃଦୟରେ ହାତ ଦେଇ ଇଙ୍ଗିତ କରୁଛନ୍ତି, ଆଉ ନରେନ୍ଦ୍ରଙ୍କୁ କହୁଛନ୍ତି, ''କଅଣ କହିଲି, କହ ଦେଖି ?''

ନରେନ୍ଦ୍ର—ବୁଝିଛି ।

ଶ୍ରୀରାମକୃଷ୍ଣ—କହ ଦେଖି ?

ନରେନ୍ଦ୍ର—ଭଲଭାବରେ ଶୁଣି ନାହିଁ ।

ଶ୍ରୀରାମକୃଷ୍ଣ ପୁଣି ଇଙ୍ଗିତ କରୁଛନ୍ତି—**ଦେଖିଲି, ସେ (ଈଶ୍ୱର) ଆଉ ହୃଦୟ ମଧ୍ୟରେ ଯେ ଅଛନ୍ତି ଏକା ବ୍ୟକ୍ତି ।**

ନରେନ୍ଦ୍ର—ହଁ, ହଁ, ସୋଽହଂ ।

ଶ୍ରୀରାମକୃଷ୍ଣ—ତେବେ ଗୋଟିଏ ରେଖାମାତ୍ର ଅଛି—(ଭକ୍ତର ମୁଁ) ସମ୍ଭୋଗ କରିବା ପାଇଁ ।

ନରେନ୍ଦ୍ର(ମାଷ୍ଟରଙ୍କୁ)—ମହାପୁରୁଷ ନିଜେ ମୁକ୍ତ ହେବାପରେ ଜୀବର ଉଦ୍ଧାର ପାଇଁ ରହନ୍ତି—ଅହଙ୍କାର ନେଇ ରହନ୍ତି—ଦେହର ସୁଖ ଦୁଃଖ ନେଇ ରହନ୍ତି ।

''ଯେପରି ମୋଟିଆ କାମ, ଆମେମାନେ ବାଧ୍ୟ ହୋଇ (on compulsion) ମୋଟିଆ—କାମ କରୁ । ମହାପୁରୁଷଗଣ ସଉକରେ ମୋଟିଆ କାମ କରନ୍ତି ।

## ଠାକୁର ଶ୍ରୀରାମକୃଷ୍ଣ ଓ ଗୁରୁକୃପା

ପୁଣି ସମସ୍ତେ ଚୁପ୍‌କରି ଅଛନ୍ତି । ଅହେତୁକ କୃପାସିନ୍ଧୁ ଠାକୁର ଶ୍ରୀରାମକୃଷ୍ଣ ପୁଣି କଥା କହୁଛନ୍ତି । ନିଜେ କିଏ, ଏହି ତତ୍ତ୍ୱ ନରେନ୍ଦ୍ରାଦି ଭକ୍ତମାନଙ୍କୁ ପୁଣି ବୁଝାଉଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରାଦି ଭକ୍ତଙ୍କ ପ୍ରତି)—ଛାତ ତ ଦେଖାଯାଏ ! କିନ୍ତୁ ଛାତରେ ଉଠିବା ବଡ଼ କଷ୍ଟକର !

ନରେନ୍ଦ୍ର—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ତେବେ, ଯଦି କେହି ଛାତକୁ ଉଠିଥାଏ, ତଳକୁ ଦଉଡ଼ି ପକାଇ ଆଉ ଜଣଙ୍କୁ ଉଠାଇ ନେଇପାରେ ।

## ଠାକୁର ଶ୍ରୀରାମକୃଷ୍ଣଙ୍କର ପାଞ୍ଚ ପ୍ରକାର ସମାଧି

ହୃଷିକେଶର ସାଧୁ ଆସିଥିଲା । ସେ (ମୋତେ) କହିଲା—'କି ଆଶ୍ଚର୍ଯ୍ୟ ! ତୁମଠାରେ ପାଞ୍ଚ ପ୍ରକାର ସମାଧି ଦେଖିଲି !—

''କେତେବେଳେ **କପିବତ୍**—ଦେହ ବୃକ୍ଷରେ ମାଙ୍କଡ଼ ପରି ମହାବାୟୁ ଯେପରି ଏ ଡାଳରୁ ସେ ଡାଳକୁ ଏକାଥରେ ଡିଆଁମାରି ଉଠେ, ଆଉ **ସମାଧି** ହୁଏ ।

''କେତେବେଳେ **ମୀନବତ୍**—ମାଛ ଯେପରି ପାଣି ଭିତରେ ଶୀଘ୍ର ଗତିକରେ ଓ ଆନନ୍ଦରେ ବୁଲୁଥାଏ, ସେହିପରି ମହାବାୟୁ ଦେହ ଭିତରେ ଗତିକରେ ଏବଂ ସମାଧି ହୁଏ ।''

''କେତେବେଳେ ବା **ପକ୍ଷୀବତ୍**—ଦେହ ବୃକ୍ଷରେ ପକ୍ଷୀପରି କେତେବେଳେ ଏ ଡାଳରେ ତ କେତେବେଳେ ସେ ଡାଳରେ ।

''କେତେବେଳେ **ପିପୀଲିକାବତ୍**—ମହାବାୟୁ ଭିତରେ ପିମ୍ପୁଡ଼ିପରି ଆସ୍ତେ ଆସ୍ତେ ଉପରକୁ ଉଠେ, ତାହାପରେ ସହସ୍ରାରକୁ ବାୟୁ ଉଠିଲେ ସମାଧି ହୁଏ ।

''କେତେବେଳେ ବା **ତିର୍ଯ୍ୟକ୍‌ବତ୍,**— ଅର୍ଥାତ୍ ମହାବାୟୁର ଗତି ସର୍ପପରି ବଙ୍କା ଟଙ୍କା, ତାହାପରେ ସହସ୍ରାରକୁ ଯାଇ ସମାଧି ।

ରାଖାଲ(ଭକ୍ତମାନଙ୍କ ପ୍ରତି)—ଥାଉ ଏସବୁ—ଅନେକ କଥା ହୋଇଗଲା—ଦେହ ଖରାପ ହେବ ।

## (୨)

## କାଶୀପୁର ଉଦ୍ୟାନରେ ଭକ୍ତଗଣଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ସେହି ଉପର ଘରେ ଶଯ୍ୟାଉପରେ ବସିଛନ୍ତି ।

ଘରେ ଶଶୀ ଓ ମଣି । ଠାକୁରେ ପଙ୍ଖା କରିବାକୁ ମଣିଙ୍କୁ ଇସାରା କରୁଛନ୍ତି । ସେ ପଙ୍ଖା କରୁଛନ୍ତି ।

ଉପରବେଳା ସମୟ ପ୍ରାୟ ୫ଟା । ସୋମବାର, ଚୈତ୍ର ସଂକ୍ରାନ୍ତି, ବାସନ୍ତି ମହାଷ୍ଟମୀ ପୂଜା । ଚୈତ୍ର ଶୁକ୍ଳାଷ୍ଟମୀ, ଚୈତ୍ର ୩୧ ଦିନ, ୧୨ ତାରିଖ ଏପ୍ରିଲ ୧୮୮୬ ।

ଅଦୂର ଲୋକାଳୟରେ ଚୈତ୍ରସଂକ୍ରାନ୍ତି ଉତ୍ସବ ପାଳିତ ହେଉଛି । ଠାକୁରେ ଜଣେ ଭକ୍ତକୁ ସଂକ୍ରାନ୍ତି ପାଇଁ କିଛି କିଛି ଜିନିଷ କିଣିବାକୁ ପଠାଇଥିଲେ । ଭକ୍ତଟି ଫେରିଆସିଛନ୍ତି ।

ଶ୍ରୀରାମକୃଷ୍ଣ କହିଲେ, କଅଣ କଅଣ ଆଣିଲୁ ?

ଭକ୍ତ—ପଇସାଟିକର ଫେଣା, ପନିକି—ଦୁଇପଇସା, ଚାମଚ—ଦୁଇପଇସା ।

ଶ୍ରୀରାମକୃଷ୍ଣ—ଛୁରି କାହିଁ ?

ଭକ୍ତ—ଦୁଇ ପଇସାରେ ଦେଲା ନାହିଁ ।

ଶ୍ରୀରାମକୃଷ୍ଣ(ବ୍ୟଗ୍ର ହୋଇ)—ଯା', ଯା' ଛୁରି ଆଣ ।

ମାଷ୍ଟର ତଳେ ବୁଲୁଛନ୍ତି । ନରେନ୍ଦ୍ର ଓ ତାରକ କଲିକତାରୁ ଫେରିଲେ । ଗିରିଶ ଘୋଷଙ୍କ ଘରକୁ ଓ ଅନ୍ୟାନ୍ୟ ସ୍ଥାନକୁ ଯାଇଥିଲେ ।

ତାରକ—ଆଜି ଆମେମାନେ ବହୁତ ଖାଇଛୁ ।

ନରେନ୍ଦ୍ର—ଆଜି ମନ ଅନେକଟା ଖସି ଆସିଛି । ତପସ୍ୟା କର ।

(ମାଷ୍ଟରଙ୍କ ପ୍ରତି) କି Slavery (ଦାସତ୍ତ୍ୱ) of body,—of mind (ଶରୀରର ଦାସତ୍ତ୍ୱ-ମନର ଦାସତ୍ତ୍ୱ) ଠିକ୍ ଯେପରି ମୋଟିଆର ଅବସ୍ଥା ! ଶରୀର ମନ ଯେପରି ମୋର ନୁହେଁ ଆଉ କାହାର !

ସନ୍ଧ୍ୟା ହେଲା ଏବଂ ଉପର ଘରେ ଓ ଅନ୍ୟାନ୍ୟ ସ୍ଥାନରେ ଆଲୁଅ ଜଳା ହେଲା । ଠାକୁରେ ବିଛଣାରେ ଉତ୍ତରାଭିମୁଖ ହୋଇ ବସିଛନ୍ତି । ଜଗନ୍ମାତାଙ୍କର ଚିନ୍ତା କରୁଛନ୍ତି । କିୟତ୍‌କ୍ଷଣପରେ ଫକିର ଠାକୁରଙ୍କ ସମ୍ମୁଖରେ ଅପରାଧଭଞ୍ଜନ ସ୍ତବ ପାଠ କରୁଛନ୍ତି । ଫକିର ବଳରାମଙ୍କର ପୁରୋହିତବଂଶୀୟ ।

ପ୍ରାଗ୍‌ଦେହସ୍ଥୋ ଯଦାସଂ ତବ ଚରଣଯୁଗଂ ନାଶ୍ରିତୋ ନାର୍ଚିତୋଽହମ୍,
ତେନାଦ୍ୟୋଽକୀର୍ତ୍ତିବର୍ଗୈର୍ଜଠରଜ ଦହନୈର୍ବାଧମାନୋ ବଳିଷ୍ଠୈଃ,

ଛିତ୍ତ୍ୱା ଜନ୍ମାନ୍ତରେ ନୋ ପୁନରିହ ଭବିତାକ୍ୱାଶ୍ରୟଃ କ୍ୱାପି ସେବା,

କ୍ଷନ୍ତବ୍ୟୋ ମେଽପରାଧଃ ପ୍ରକଟିତବଦନେ କାମରୂପେ କରାଳେ ! ଇତ୍ୟାଦି ।

ଘରେ ଶଶୀ, ମଣି ଓ ଆଉଜଣେ ଦୁଇଜଣ ଭକ୍ତ ଅଛନ୍ତି ।

ସ୍ତବପାଠ ସମାପ୍ତ ହେଲା । ଠାକୁର ଶ୍ରୀରାମକୃଷ୍ଣ ଅତ୍ୟନ୍ତ ଭକ୍ତି ସହକାରେ ହାତଯୋଡ଼ି ନମସ୍କାର କରୁଛନ୍ତି ।

ମଣି ଶ୍ରୀରାମକୃଷ୍ଣଙ୍କୁ ପଙ୍ଖା କରୁଛନ୍ତି । ଠାକୁରେ ଇସାରା କରି ତାହାଙ୍କୁ କହୁଛନ୍ତି, ଗୋଟିଏ ପଥର ବାଟି ଆଣିବ । (ଏହା କହି ପଥର ବାଟିର ଗଠନ ଅଙ୍ଗୁଳି ଦ୍ୱାରା ଆଙ୍କି ଦେଖାଇଲେ) ପାଏ ଦୁଧ ଧରିବା ଭଳି ଧଳା ପଥରର ବାଟି ।

ମଣି — ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ — ଆଉସବୁ ବାଟିରେ ଝୋଳ ଖାଇବାବେଳେ ମୋତେ ଆଇଁଷିଆ ଗନ୍ଧ ହୁଏ ।

## (୩)

## ଈଶ୍ୱରକୋଟିଙ୍କର କଅଣ କର୍ମଫଳ, ପ୍ରାରବ୍ଧ ଅଛି ? ଯୋଗବାଶିଷ୍ଟ

ପରଦିନ ମଙ୍ଗଳବାର, ରାମନବମୀ, ପହିଲା ବୈଶାଖ, ୧୩ତାରିଖ ଏପ୍ରିଲ, ୧୮୮୬ ଖ୍ରୀଷ୍ଟାବ୍ଦ । ପ୍ରାତଃକାଳ — ଠାକୁର ଶ୍ରୀରାମକୃଷ୍ଣ ଉପର ଘରେ, ଶଯ୍ୟାରେ ବସିଛନ୍ତି । ସମୟ ପ୍ରାୟ ୮ଟା । ମଣି ରାତ୍ରରେ ଥିଲେ, ପ୍ରାତଃକାଳରେ ଗଙ୍ଗା ସ୍ନାନ କରିଆସି ଠାକୁରଙ୍କୁ ପ୍ରଣାମ କରୁଛନ୍ତି । ରାମ (ଦତ୍ତ) ମଧ୍ୟ ସକାଳେ ଆସିଛନ୍ତି ଓ ପ୍ରଣାମ କରି ଉପବେଶନ କଲେ । ରାମ ଆଣିଥିବା ଫୁଲମାଳା ଠାକୁରଙ୍କୁ ନିବେଦନ କଲେ । ଅନେକ ଭକ୍ତ ତଳେ-ଘରେ ବସିଛନ୍ତି ! ଜଣେ ଦୁଇଜଣ ଠାକୁରଙ୍କ ଘରେ ଅଛନ୍ତି । ରାମ ଠାକୁରଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ରାମଙ୍କ ପ୍ରତି) — କିପରି ଦେଖୁଛ ?

ରାମ — ଆପଣଙ୍କ ଭିତରେ ସବୁକିଛି ଅଛି । ବର୍ତ୍ତମାନ ଆପଣଙ୍କ ଅସୁସ୍ଥତା ବିଷୟରେ କଥା ହେବ ।

ଶ୍ରୀରାମକୃଷ୍ଣ ଈଷତ୍ ହସିଲେ ଓ ସଙ୍କେତ କରି ରାମଙ୍କୁ ହିଁ ପ୍ରଶ୍ନ କରୁଛନ୍ତି — "ଅସୁସ୍ଥତା କଥା ମଧ୍ୟ ଉଠିବ ?"

ଠାକୁରଙ୍କର ଚଟି ଜୋତା ଅଛି, ପାଦକୁ ଠିକ୍ ହେଉନାହିଁ । ସେଥିପାଇଁ ଡାକ୍ତର ରାଜେନ୍ଦ୍ର ଦତ୍ତ ମାପ ଦେବାକୁ କହିଛନ୍ତି — ସେ ଫରମାସ ଦେଇ ଆଣିବେ ।

ଠାକୁରଙ୍କ ପାଦରେ ମାପ ନିଆଗଲା । ଏହି ପାଦୁକା ବର୍ତ୍ତମାନ ବେଲୁଡ଼ ମଠରେ ପୂଜା ହେଉଛି ।

ଶ୍ରୀରାମକୃଷ୍ଣ ମଣିଙ୍କୁ ସଙ୍କେତରେ ପଚାରୁଛନ୍ତି, "ପଥର ବାଟି କାହିଁ ?" ମଣି ତତ୍କ୍ଷଣାତ୍ ଉଠି ଠିଆ ହେଲେ— ପଥର ବାଟି ଆଣିବାକୁ କଲିକତା ଯିବେ !

ଶ୍ରୀରାମକୃଷ୍ଣ କହୁଛନ୍ତି ବର୍ତ୍ତମାନ ଥାଉ ।

ମଣି— ଆଜ୍ଞା ନା, ଏମାନେ ସବୁ ଯାଉଛନ୍ତି, ଏମାନଙ୍କ ସଙ୍ଗରେ ଯାଉଛି ।

ମଣି ନୂତନ ବଜାରର ଜୋଡ଼ାଶଙ୍ଖ ଛକରୁ ଗୋଟିଏ ଧଳା ପଥର ବାଟି କିଣିଲେ । ବେଳ ଦ୍ୱିପ୍ରହର ସମୟରେ କାଶୀପୁରକୁ ଫେରି ଆସିଲେ ।

ଠାକୁରଙ୍କ ପାଖକୁ ଯାଇ ପ୍ରଣାମ କରି ବାଟିଟି ରଖିଲେ । ଠାକୁରେ ଧଳା ବାଟିଟି ହାତରେ ଧରି ଦେଖୁଛନ୍ତି । ଡାକ୍ତର ରାଜେନ୍ଦ୍ର ଦତ୍ତ, ଗୀତା ହସ୍ତରେ ଶ୍ରୀନାଥ ଡାକ୍ତର, ଶ୍ରୀଯୁକ୍ତ ରାଖାଲ ହାଲଦାର, ଆଉ ମଧ୍ୟ କେତେଜଣ ଆସି ଉପସ୍ଥିତ ହେଲେ । ଘରେ ରାଖାଲ, ଶଶୀ, ଛୋଟ ନରେନ୍ ପ୍ରଭୃତି ଭକ୍ତମାନେ ଅଛନ୍ତି । ଡାକ୍ତର ଠାକୁରଙ୍କର ରୋଗ ସମ୍ବନ୍ଧରେ ସମସ୍ତ ଖବର ନେଲେ ।

ଶ୍ରୀନାଥ ଡାକ୍ତର(ବନ୍ଧୁମାନଙ୍କ ପ୍ରତି)— ସମସ୍ତେ ହିଁ ପ୍ରକୃତିର ଅଧୀନ; କର୍ମ ଫଳ କେହି ଏଡ଼ିପାରି ନାହାନ୍ତି । ପ୍ରାରବ୍ଧ ।

ଶ୍ରୀରାମକୃଷ୍ଣ— କାହିଁକି— ତାଙ୍କର ନାମ କଲେ, ତାଙ୍କୁ ଚିନ୍ତା କଲେ, ତାଙ୍କର ଶରଣାଗତ ହେଲେ—

ଶ୍ରୀନାଥ— ଆଜ୍ଞା, ପ୍ରାରବ୍ଧ କେଉଁଆଡ଼େ ଯିବ? — ପୂର୍ବ ଜନ୍ମର କର୍ମ ।

ଶ୍ରୀରାମକୃଷ୍ଣ— କିଛି କର୍ମଭୋଗ ହୁଏ । କିନ୍ତୁ ତାଙ୍କର ନାମ ଗୁଣରେ ଅନେକ କର୍ମ ବନ୍ଧନ କଟି ଯାଏ । ଜଣେ ପୂର୍ବ ଜନ୍ମର କର୍ମ ପାଇଁ ସାତ ଜନ୍ମ କଣା ହେବାର ଥିଲା, କିନ୍ତୁ ସେ ଗଙ୍ଗା ସ୍ନାନ କଲା । ଗଙ୍ଗା ସ୍ନାନରେ ମୁକ୍ତି ମିଳେ । ସେ ବ୍ୟକ୍ତିର ଚକ୍ଷୁ ଯେପରି କଣା ସେହି ପରି ରହିଲା, କିନ୍ତୁ ଆଉ ଯେ ଛଅ ଜନ୍ମ ସେଇଟା ହେଲା ନାହିଁ ।

ଶ୍ରୀନାଥ— ଆଜ୍ଞା, ଶାସ୍ତ୍ରରେ ଅଛି ଯେ କର୍ମଫଳ କାହାରି ହେଲେ ଏଡିବାର ଶକ୍ତି ନାହିଁ । ଶ୍ରୀନାଥ ଡାକ୍ତର ତର୍କ କରିବାକୁ ଉଦ୍ୟତ ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)— କୁହ ନା, ଈଶ୍ୱରକୋଟି ଆଉ ଜୀବକୋଟି ଭିତରେ ଅନେକ ତଫାତ୍ । ଈଶ୍ୱରକୋଟିର ଅପରାଧ ହୁଏ ନାହିଁ; କୁହ ନା ।

ମଣି ଚୁପ୍ ରହିଛନ୍ତି— ମଣି ରଖାଲଙ୍କୁ କହୁଛନ୍ତି, "ତୁମେ କହ ।"

କିୟତ୍କ୍ଷଣ ପରେ ଡାକ୍ତରମାନେ ଚାଲିଗଲେ । ଠାକୁର ଶ୍ରୀଯୁକ୍ତ ରାଖାଲ ହାଲଦାରଙ୍କ ସହିତ କଥା କହୁଛନ୍ତି ।

ହାଲଦାର—ଶ୍ରୀନାଥ ଡାକ୍ତର ବେଦାନ୍ତ ଚର୍ଚ୍ଚା କରନ୍ତି—ଯୋଗବାଶିଷ୍ଠ ପଢ଼ନ୍ତି ।

ଶ୍ରୀରାମକୃଷ୍ଣ—ସଂସାରୀ ହୋଇ, 'ସବୁ ସ୍ୱପ୍ନବତ୍'—ଏ ସବୁ ମତ ଭଲ ନୁହେଁ ।

ଜଣେ ଭକ୍ତ—କାଳିଦାସ ନାମରେ ସେ ଲୋକଟି—ସେ ମଧ୍ୟ ବେଦାନ୍ତ ଚର୍ଚ୍ଚା କରନ୍ତି; କିନ୍ତୁ ମକଦ୍ଦମା କରି ସର୍ବସ୍ୱାନ୍ତ ।

ଶ୍ରୀରାମକୃଷ୍ଣ(ସହାସ୍ୟେ)— ସବୁ ମାୟା—ପୁଣି ମକଦ୍ଦମା ! (ରାଖାଲଙ୍କ ପ୍ରତି) ଜନାଇର ମୁଖାର୍ଜୀ ବଡ଼ ବଡ଼ କଥା କହୁଥିଲା; ତା'ପରେ ବେଶ୍ ବୁଝିଗଲା । ମୋର ଦେହ ଭଲଥିଲେ ସେମାନଙ୍କ ସଙ୍ଗରେ କିଛି କଥା କହିଥା'ନ୍ତି । ଜ୍ଞାନ ଜ୍ଞାନ କହିଲେ କ'ଣ ଜ୍ଞାନ ହୁଏ ।

## କାମଜୟ କଥାରେ ଠାକୁର ଶ୍ରୀରାମକୃଷ୍ଣଙ୍କର ରୋମାଞ୍ଚ

ହାଲଦାର—ଜ୍ଞାନ ବହୁତ ଦେଖିଛି । ଟିକିଏ ଭକ୍ତି ହେଲେ ରକ୍ଷା । ସେଦିନ ଗୋଟିଏ କଥା ମନେ କରି ଆସିଥିଲି । ତେବେ ଆପଣ ମୀମାଂସା କରି ଦେଲେ ।

ଶ୍ରୀରାମକୃଷ୍ଣ—(ବ୍ୟଗ୍ର ହୋଇ)—କଅଣ, କଅଣ ?

ହାଲଦାର—ଆଜ୍ଞା, ଏହି ପିଲାଟି ଆସି କହିଲେ ଯେ—ଜିତେନ୍ଦ୍ରିୟ ।

ଶ୍ରୀରାମକୃଷ୍ଣ—ହଁ ହେ, ତାର (ଛୋଟ ନରେନ୍‌ର) ଭିତରେ ବିଷୟ ବୁଦ୍ଧି ଆଦୌ ପ୍ରବେଶ କରି ନାହିଁ । ସେ କହେ କାମ କାହାକୁ କହନ୍ତି ଜାଣେ ନାହିଁ ।

(ମଣିଙ୍କ ପ୍ରତି) "ହାତ ଦେଇ ଦେଖ ମୋର ରୋମାଞ୍ଚ ହେଉଛି ।" କାମ ଭାବ ନାହିଁ, ଏହି ଶୁଦ୍ଧ ଅବସ୍ଥା ମନେ ପକାଇ ଠାକୁରଙ୍କର ରୋମାଞ୍ଚ ହେଉଛି । ଯେଉଁଠାରେ କାମ ଭାବ ନାହିଁ ସେଠାରେ ଈଶ୍ୱର ବିଦ୍ୟମାନ । ଏହି କଥା ମନେ ପକାଇ କଅଣ ଠାକୁରଙ୍କର ଉଦ୍ଦୀପନ ହେଉଛି ?

ରାଖାଲ ହାଲଦାର ବିଦାୟ ନେଲେ ।

ଶ୍ରୀରାମକୃଷ୍ଣ ବର୍ତ୍ତମାନ ମଧ୍ୟ ଭକ୍ତଙ୍କ ସଙ୍ଗରେ ବସିଛନ୍ତି । ପାଗଳୀ ତାଙ୍କୁ ଦେଖିବା ପାଇଁ ବଡ଼ ଉପଦ୍ରବ କରେ । ପାଗଳୀର ମଧୁର ଭାବ । ଉଦ୍ୟାନକୁ ପ୍ରାୟ ଆସେ ଓ ଦୌଡ଼ି ଦୌଡ଼ି ଠାକୁରଙ୍କ ଘରେ ଆସି ପଶିଯାଏ । ଭକ୍ତମାନେ ପ୍ରହାର କଲେ ମଧ୍ୟ ସେଥିରୁ ନିବୃତ୍ତ ହୁଏ ନାହିଁ ।

ଶଶୀ—ପାଗଳୀ ଏଥର ଆସିଲେ ଧକ୍କା ମାରି ତଡ଼ିଦେବି ।

ଶ୍ରୀରାମକୃଷ୍ଣ (କରୁଣାର୍ଦ୍ର ସ୍ୱରରେ)—ନା, ନା । ଆସିବ, ଚାଲିଯିବ ।

ରାଖାଲ—ଆଗେ ଅନ୍ୟ ପାଞ୍ଚଜଣ ତାଙ୍କ ପାଖକୁ ଆସିଲେ ମୋର ହିଂସା ହେଉଥିଲା । ତାହାପରେ ସେ କୃପା କରି ମୋତେ ଜଣାଇ ଦେଇଛନ୍ତି— ମଦ୍‌ଗୁରୁ ଶ୍ରୀଜଗଦ୍‌ଗୁରୁ ! ସେ କଅଣ କେବଳ ଆମମାନଙ୍କ ପାଇଁ ଆସିଛନ୍ତି ?

ଶଶୀ—ତାହା ନୁହେଁ, କିନ୍ତୁ ଅସୁସ୍ଥ ସମୟରେ କାହିଁକି ? ଆଉ ସେପରି ଉପଦ୍ରବ ।

ରାଖାଲ—ଉପଦ୍ରବ ସମସ୍ତେ କରନ୍ତି । ସମସ୍ତେ କ'ଣ ଖାଣ୍ଟି ହୋଇ ତାଙ୍କ ପାଖକୁ ଆସିଛନ୍ତି ? ତାଙ୍କୁ ଆମେମାନେ କଅଣ କଷ୍ଟ ଦେଇନାହୁଁ ? ନରେନ୍ଦ୍ର ଫରେନ୍ଦ୍ର ଆଗେ କିପରି ଥିଲେ, କେତେ ତର୍କ କରୁଥିଲେ ?

ଶଶୀ—ନରେନ୍ଦ୍ର ଯାହା ମୁଖରେ କହନ୍ତି, କାର୍ଯ୍ୟରେ ମଧ ତାହା କରନ୍ତି ।

ରାଖାଲ—ଡାକ୍ତର ସରକାର କେତେ କ'ଣ ତାଙ୍କୁ କହିଛନ୍ତି । ଧରିବାକୁ ଗଲେ କେହି ନର୍ଦୋଷ ନୁହଁନ୍ତି ।

ଶ୍ରୀରାମକୃଷ୍ଣ (ରାଖାଲଙ୍କ ପ୍ରତି, ସସ୍ନେହରେ)—କିଛି ଖାଇବୁ ?

ରାଖାଲ—ନା, ପରେ ଖାଇବି ।

ଶ୍ରୀରାମକୃଷ୍ଣ ମଣିଙ୍କୁ ଇଙ୍ଗିତ କରୁଛନ୍ତି, ତୁମେ ଆଜି ଏଠାରେ ଖାଇବ ?

ରାଖାଲ—ଖାଆନ୍ତୁ ନା, ସେ କହୁଛନ୍ତି ।

ଠାକୁରେ ପାଞ୍ଚ ବର୍ଷର ବାଳକ ପରି ଦିଗମ୍ବର ହୋଇ ଭକ୍ତଙ୍କ ସଙ୍ଗରେ ବସିଛନ୍ତି । ଏପରି ସମୟରେ ପାଗଳୀ ସିଡ଼ି ବାଟେ ଉଠି ଘରର ଦରଜା ପାଖରେ ଠିଆ ହୋଇଛି ।

ମଣି (ଶଶୀଙ୍କୁ, ଆସ୍ତେ ଆସ୍ତେ)—ନମସ୍କାର କରି ଯିବାକୁ କହ, ଆଉ କିଛି କହିବା ଦରକାର ନାହିଁ । ଶଶୀ ପାଗଳୀକୁ ଓହ୍ଲାଇ ଦେଲେ ।

ଆଜି ନୂଆ ବର୍ଷର ପ୍ରଥମ ଦିବସ; ମହିଳା ଭକ୍ତମାନେ ଅନେକ ଆସିଛନ୍ତି । ଠାକୁରଙ୍କୁ ଓ ଶ୍ରୀଶ୍ରୀମାଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କଲେ । ଶ୍ରୀଯୁକ୍ତ ବଳରାମଙ୍କ ସ୍ତ୍ରୀ, ମଣିମୋହନଙ୍କ ସ୍ତ୍ରୀ, ବାଗବାଜାରର ବ୍ରାହ୍ମଣୀ ଓ ଅନ୍ୟାନ୍ୟ ଅନେକ ମହିଳା ଭକ୍ତମାନେ ଆସିଛନ୍ତି । କେହି କେହି ସନ୍ତାନାଦି ନେଇ ଆସିଛନ୍ତି ।—

ସେମାନେ ଠାକୁରଙ୍କୁ ପ୍ରଣାମ କରିବାକୁ ଉପର ଘରକୁ ଆସିଲେ । କେହି କେହି ଠାକୁରଙ୍କ ପାଦପଦ୍ମରେ ପୁଷ୍ପ ଓ ଅବିର ଦେଲେ । ଭକ୍ତମାନଙ୍କର ଦୁଇଟି ୯।୧୦ ବର୍ଷର କନ୍ୟା ଠାକୁରଙ୍କୁ ଗୀତ ଶୁଣାଉଛନ୍ତି :

ପ୍ରାଣର ଜ୍ୱାଳା କିଏ ଦେବ ଶାନ୍ତ କରି,
କେତେ କାନ୍ଦି ହସି ଆସେ ଯେ ମୁଁ ଫେରି ।
ଗୀତ—ହରି ହରି ବୋଲରେ ବୀଣେ
ଗୀତ—ଦେଖ ଏହି ଆସୁଛି କିଶୋରୀ, ଏହି ଦେଖ ଆସେରେ ।
ତ୍ରିଭଙ୍ଗ ଠାଣିରେ ବାଙ୍କ ଚାହାଣିରେ ଚାହିଁ, ବଂଶୀଧାରୀ ଆସେରେ ।
ଗୀତ—ଦୁର୍ଗାନାମ ଜପ ସଦା ରସନା ଆମର,
ଦୁର୍ଗମେ ଶ୍ରୀଦୁର୍ଗା ବିନା କରିବ କେ ଉଦ୍ଧାର ?

ଶ୍ରୀରାମକୃଷ୍ଣ ସଙ୍କେତ କରି କହୁଛନ୍ତି, ''ଭଲ ମା' ମା' କହୁଛନ୍ତି !''

ବ୍ରାହ୍ମଣୀର ଶିଶୁ ପରି ସ୍ୱଭାବ ! ଠାକୁରେ ରାଖାଲଙ୍କୁ ଇଙ୍ଗିତ କରୁଛନ୍ତି, ''ତାଙ୍କୁ ଗୀତ ଗାଇବାକୁ କହନା ।'' ବ୍ରାହ୍ମଣୀ ଗୀତ ଗାଉଛନ୍ତି । ଭକ୍ତମାନେ ହସୁଛନ୍ତି ।

ହରି, ଖେଳିବି ଆଜି ତୁମର ସଙ୍ଗେ
ତୁମକୁ ପାଇଛି ଏକା ନିଧୁବନେ ।

ମହିଳା ଭକ୍ତମାନେ ଉପର ଘରୁ ତଳକୁ ଗଲେ । ଉପର ବେଳା ଠାକୁରଙ୍କ ପାଖରେ ମଣି ଓ ଜଣେ ଦୁଇଜଣ ଭକ୍ତ ବସିଛନ୍ତି । ନରେନ୍ଦ୍ର ଘରେ ପ୍ରବେଶ କଲେ । ଶ୍ରୀରାମକୃଷ୍ଣ ଠିକ୍ କହିଛନ୍ତି, ନରେନ୍ଦ୍ର ଯେପରି କୋଷମୁକ୍ତ ତରବାରୀ ନେଇ ବୁଲୁଛନ୍ତି ।

## ସନ୍ନ୍ୟାସୀର କଠିନ ନିୟମ ଓ ନରେନ୍ଦ୍ର

ନରେନ୍ଦ୍ର ଆସି ଠାକୁରଙ୍କ ପାଖରେ ବସିଲେ । ଠାକୁରଙ୍କୁ ଶୁଣାଇ ନରେନ୍ଦ୍ର ମହିଳା ଭକ୍ତମାନଙ୍କ ସମ୍ବନ୍ଧରେ ଯତ୍‌ପରୋନାସ୍ତି ବିରକ୍ତିଭାବ ପ୍ରକାଶ କରୁଛନ୍ତି । ନାରୀସଙ୍ଗ ଈଶ୍ୱର ଲାଭ ପଥରେ ଭୟଙ୍କର ବିଘ୍ନ,—(ଏ କଥା ଆପଣ) କହିଛନ୍ତି ।

ଶ୍ରୀରାମକୃଷ୍ଣ କୌଣସି କଥା କହୁନାହାନ୍ତି, ସମସ୍ତ ଶୁଣୁଛନ୍ତି ।

ନରେନ୍ଦ୍ର ପୁଣି କହୁଛନ୍ତି, ମୁଁ ଚାହେଁ ଶାନ୍ତି ମୁଁ ଈଶ୍ୱର ପର୍ଯ୍ୟନ୍ତ ଚାହେଁ ନାହିଁ । ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ ଏକ ଦୃଷ୍ଟିରେ ଦେଖୁଛନ୍ତି । ମୁହଁରେ କୌଣସି କଥା ନାହିଁ ।

ନରେନ୍ଦ୍ର ମଝିରେ ମଝିରେ ମଧୁର ସ୍ୱରରେ ଆବୃତ୍ତି କରୁଛନ୍ତି—ସତ୍ୟମ୍ ଜ୍ଞାନମନନ୍ତମ୍ ।

ରାତ୍ରି ଆଠଟା । ଠାକୁରେ ଶଯ୍ୟାରେ ବସିଛନ୍ତି, ଜଣେ ଦୁଇଜଣ ଭକ୍ତ ବସିଛନ୍ତି । ସୁରେନ୍ଦ୍ର ଅଫିସ କାର୍ଯ୍ୟ ସାରି ଠାକୁରଙ୍କୁ ଦେଖିବାକୁ ଆସିଛନ୍ତି, ହାତରେ ଚାରୋଟି କମଳାଲେମ୍ବୁ ଓ ଦୁଇଟି ଫୁଲମାଳା । ସୁରେନ୍ଦ୍ର ଭକ୍ତମାନଙ୍କ ଆଡ଼କୁ ଥରେ ଥରେ ଓ ଠାକୁରଙ୍କ ଆଡ଼କୁ ଥରେ ଥରେ ଅନାଉଛନ୍ତି; ଆଉ ଅନ୍ତରର କଥା ଖୋଲି କହୁଛନ୍ତି ।

ସୁରେନ୍ଦ୍ର(ମଣି ପ୍ରଭୃତିଙ୍କୁ ଅନାଇ)—ଅଫିସ-କାର୍ଯ୍ୟ ସବୁସାରି ଆସିଲି । ଭାବିଲି ଦୁଇ ନାବରେ ଗୋଡ଼ ଦେଇ କଅଣ ହେବ, କାର୍ଯ୍ୟସାରି ଆସିବା ହିଁ ଭଲ ।

ଆଜି ପହିଲା ବୈଶାଖ, ପୁଣି ମଙ୍ଗଳବାର; କାଳୀଘାଟକୁ ଯିବା ହେଲା ନାହିଁ! ଭାବିଲି ଯିଏ କାଳୀ—ଯିଏ କାଳୀଙ୍କୁ ଚିହ୍ନିଛନ୍ତି, ତାଙ୍କୁ ଦର୍ଶନ କଲେ ହିଁ ଯଥେଷ୍ଟ ହେବ ।

ଠାକୁର ଶ୍ରୀରାମକୃଷ୍ଣ ଈଷତ୍ ହାସ୍ୟ କରୁଛନ୍ତି ।

ସୁରେନ୍ଦ୍ର—ଗୁରୁଙ୍କୁ ବା ସାଧୁଙ୍କୁ ଦର୍ଶନ କରିବାକୁ ଗଲେ, ଶୁଣିଛି ଫୁଲ ଓ ଫଳ ନେଇ ଯିବାକୁ ହୁଏ । ସେଥିପାଇଁ ଏଗୁଡ଼ିକ ଅଣିଲି । ଆପଣଙ୍କ ପାଇଁ ଟଙ୍କା ଖରଚ, ତେବେ ଭଗବାନ ମନ ଦେଖନ୍ତି । କେହି ଗୋଟିଏ ପଇସା ଦେବାକୁ କାତର, ପୁଣି କେହି ମଧ ହଜାର ଟଙ୍କା ଖରଚ କରିବାକୁ ଦ୍ୱିଧା କରେ ନାହିଁ । ଭଗବାନ ମନର ଭକ୍ତି ଦେଖନ୍ତି ଏବଂ ନୈବେଦ୍ୟ ଗ୍ରହଣ କରନ୍ତି ।

ଠାକୁରେ ମୁଣ୍ଡ ହଲାଇ ସଙ୍କେତ କରି କହୁଛନ୍ତି, ''ତୁମେ ଠିକ୍ କହୁଛ ।'' ସୁରେନ୍ଦ୍ର ପୁଣି କହୁଛନ୍ତି, ଗତକାଲି ଆସି ପାରିଲି ନାହିଁ । ସଂକ୍ରାନ୍ତି ଥିଲା, ଆପଣଙ୍କର ଫଟୋକୁ ଫୁଲ ଦେଇ ସଜାଇଲି ।

ଶ୍ରୀରାମକୃଷ୍ଣ ମଣିଙ୍କୁ ସଙ୍କେତ କରି କହୁଛନ୍ତି, ''ଆହା କି ଭକ୍ତି !''

ସୁରେନ୍ଦ୍ର—ଆସୁଥିଲି, ସେଥିପାଇଁ ଦୁଇଟି ଫୁଲମାଳ ନେଇ ଆସିଲି, ଚାରିଅଣା ମୂଲ୍ୟ ।

ଭକ୍ତମାନେ ପ୍ରାୟ ସମସ୍ତେ ଚାଲିଗଲେ । ଠାକୁରେ ମଣିଙ୍କୁ ପାଦସେବା କରିବାକୁ ଓ ପଙ୍ଖା କରିବାକୁ କହୁଛନ୍ତି ।

❁❁❁

# ଦ୍ୱାଦଶ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ଭକ୍ତଙ୍କ ସଙ୍ଗରେ

## (୧)

### ଗିରିଶ ଓ ମାଷ୍ଟର

କାଶୀପୁର ଉଦ୍ୟାନର ପୂର୍ବ ଭାଗରେ ପୁଷ୍କରିଣୀ ଅବସ୍ଥିତ । ଚନ୍ଦ୍ରୋଦୟ ପରେ ଉଦ୍ୟାନପଥ ଓ ଉଦ୍ୟାନର ବୃକ୍ଷ ଗୁଡ଼ିକ ଚନ୍ଦ୍ର କିରଣରେ ଉଜ୍ଜ୍ୱଳ ହୋଇଛି । ପୁଷ୍କରିଣୀର ପଶ୍ଚିମ ଦିଗରେ ଦ୍ୱିତଳ ଗୃହ । ଉପର ଘର ପ୍ରଦୀପ ଆଲୋକରେ ଆଲୋକିତ । ଦରଜା ମଧ ଦେଇ ବାହାରକୁ ଆସୁଥିବା ଆଲୋକ ପୁଷ୍କରିଣୀ ଘାଟରୁ ଦେଖା ଯାଉଛି । କକ୍ଷ ମଧରେ ଠାକୁର ଶ୍ରୀରାମକୃଷ୍ଣ ଶଯ୍ୟା ଉପରେ ବସିଛନ୍ତି । ଜଣେ ଦୁଇଜଣ ଭକ୍ତ ନିଃଶବ୍ଦରେ ପାଖରେ ବସିଛନ୍ତି । ଠାକୁରେ ଅସୁସ୍ଥ, ଚିକିତ୍ସାର୍ଥେ ଉଦ୍ୟାନକୁ ଆସିଛନ୍ତି । ଭକ୍ତମାନେ ସେବା କରିବାକୁ ସଙ୍ଗରେ ଅଛନ୍ତି ! ଗୋଟିଏ ଘରେ ଭକ୍ତମାନେ ରହନ୍ତି, ସେହି ଘରୁ ମଧ ଆଲୋକ ଦେଖାଯାଉଛି । ସେ ଘରଟି ଦକ୍ଷିଣ ଦିଗର ଘର । ମଝି ଆଲୁଅଟି ଶ୍ରୀ ଶ୍ରୀ ମାତା ଠାକୁରାଣୀଙ୍କ ଘରୁ ଆସୁଛି । ପୁଷ୍କରିଣୀ ଘାଟରୁ ଏହିପରି ତିନୋଟି ଘରୁ ଆଲୋକ ଦେଖା ଯାଉଛି ।

ମା' ଠାକୁରଙ୍କ ସେବା ପାଇଁ ଆସିଛନ୍ତି । ଗୃହର ଉତ୍ତର ଦିଗରେ ରୋଷେଇଘର ଅବସ୍ଥିତ । ସେ ଘରୁ ମଧ୍ୟ ଆଲୋକ ଦେଖାଯାଉଛି, ଉଦ୍ୟାନ ମଧ୍ୟସ୍ଥିତ ଏହି ଦ୍ୱିତଳ ଘରର ଦକ୍ଷିଣ ପୂର୍ବ କୋଣରୁ ଗୋଟିଏ ରାସ୍ତା ପୁଷ୍କରିଣୀ ଘାଟ ଆଡ଼କୁ ଯାଇଛି । ପୂର୍ବାସ୍ୟ ହୋଇ ଏହି ରାସ୍ତାରେ ଘାଟକୁ ଯିବାକୁ ହୁଏ । ରାସ୍ତାର ଦୁଇ ଧାରରେ, ବିଶେଷତଃ ଦକ୍ଷିଣ ପାର୍ଶ୍ୱରେ, ଅନେକ ଫୁଲ ଓ ଫଳ ଗଛ ଅଛି ।

ପୋଖରୀ ଘାଟରେ ଗିରିଶ, ମାଷ୍ଟର, ଲାଟୁ ଆଉ ଜଣେ ଦୁଇଜଣ ଭକ୍ତ ବସିଛନ୍ତି । ଠାକୁରଙ୍କ କଥା ହେଉଛି । ଆଜି ଶୁକ୍ରବାର, ୧୬ ତାରିଖ ଏପ୍ରିଲ ୧୮୮୬; ବୈଶାଖ ୪ ଦିନ, ୧୨୯୩ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ।

କିୟତ୍‌କ୍ଷଣ ପରେ ଗିରିଶ ଓ ମାଷ୍ଟର ଏହି ପଥରେ ବୁଲୁଛନ୍ତି ଓ ମଝିରେ ମଝିରେ କଥାବାର୍ତ୍ତା କରୁଛନ୍ତି ।

ମାଷ୍ଟର—ଜ୍ୟୋସ୍ନାଲୋକ କେତେ ସୁନ୍ଦର ! ଅନନ୍ତ କାଳ ଧରି ପ୍ରକୃତିର ଏହି ନିୟମ ଚାଲିଛି ।

ଗିରିଶ—କିପରି ଜାଣିଲ ?

ମାଷ୍ଟର—ପ୍ରକୃତିର ନିୟମ ବଦଳେ ନାହିଁ (Uniformity of Nature) ଆଉ ବିଲାତର ଲୋକ ସବୁ ନୂତନ ନୂତନ ନକ୍ଷତ୍ର ଟେଲିସ୍କୋପ୍ ଦ୍ୱାରା ଦେଖୁଛନ୍ତି । ଚନ୍ଦ୍ରରେ ପାହାଡ଼ ଅଛି, ଦେଖୁଛନ୍ତି ।

ଗିରିଶ—ତା କହିବା କଷ୍ଟକର; ସହଜରେ ବିଶ୍ୱାସ ହୁଏ ନାହିଁ ।

ମାଷ୍ଟର—କାହିଁକି, ଟେଲିସ୍କୋପ୍ ଦ୍ୱାରା ଠିକ୍ ଦେଖାଯାଏ ।

ଗିରିଶ—ଠିକ୍ ଦେଖୁଛି ବୋଲି କିପରି କହିବି ? ପୃଥିବୀ ଆଉ ଚନ୍ଦ୍ରର ମଝିରେ ଯଦି ଆଉ କୌଣସି ଜିନିଷ ଥାଏ, ତା'ର ମଧ୍ୟଦେଇ ଆଲୁଅ ଆସୁ ଆସୁ ହୁଏତ ଏପରି ଦେଖା ଯାଇପାରେ ।

ଉଦ୍ୟାନରେ ଯୁବକ ଭକ୍ତମାନେ ଠାକୁରଙ୍କ ସେବାପାଇଁ ସର୍ବଦା ରହନ୍ତି । ନରେନ୍ଦ୍ର, ରାଖାଲ, ନିରଞ୍ଜନ, ଶରତ, ଶଶୀ, ବାବୁରାମ, କାଳୀ, ଯୋଗୀନ୍, ଲାଟୁ ପ୍ରଭୃତି ରହନ୍ତି । ଗୃହସ୍ଥ ଭକ୍ତମାନେ କେହି କେହି ପ୍ରତ୍ୟହ ଆସନ୍ତି ଓ ମଝିରେ ମଝିରେ ରାତ୍ରରେ ମଧ୍ୟ ରହନ୍ତି । କେହି ବା ମଧ୍ୟେ ମଧ୍ୟେ ଆସନ୍ତି । ଆଜି ନରେନ୍ଦ୍ର, କାଳୀ ଓ ତାରକ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଉଦ୍ୟାନକୁ ଯାଇଛନ୍ତି । ନରେନ୍ଦ୍ର ସେଠାରେ ପଞ୍ଚବଟୀ ବୃକ୍ଷମୂଳରେ ବସି ଈଶ୍ୱର ଚିନ୍ତା କରିବେ; ସାଧନ କରିବେ । ତେଣୁ ଜଣେ ଦୁଇଜଣ ଗୁରୁଭାଇ ସଙ୍ଗରେ ଯାଇଛନ୍ତି ।

## (୨)

## ଶ୍ରୀରାମକୃଷ୍ଣଙ୍କର ଭକ୍ତମାନଙ୍କ ପ୍ରତି ସ୍ନେହ

(ଗିରିଶ, ଲାଟୁ ଓ ମାଷ୍ଟର, ବାବୁରାମ, ନିରଞ୍ଜନ, ରାଖାଲ)

ଗିରିଶ, ଲାଟୁ, ମାଷ୍ଟର ଉପରକୁ ଯାଇ ଦେଖନ୍ତି, ଠାକୁର ଶଯ୍ୟାରେ ବସିଛନ୍ତି । ଶଶୀ ଓ ଆଉ ଜଣେ ଦୁଇଜଣ ଭକ୍ତ ସେବା ପାଇଁ ଏହି ଘରେ ଥିଲେ, କ୍ରମେ ବାବୁରାମ, ନିରଞ୍ଜନ, ରାଖାଲ ଏମାନେ ମଧ୍ୟ ଆସିଲେ ।

ଘରଟି ବଡ଼ । ଠାକୁରଙ୍କ ଶଯ୍ୟା ନିକଟରେ ଔଷଧାଦି ତଥା ନିତାନ୍ତ ପ୍ରୟୋଜନୀୟ ଜିନିଷାଦି ରହିଛି । ଘରର ଉତ୍ତରରେ ଗୋଟିଏ ଦ୍ୱାର ଅଛି; ସିଡ଼ିରୁ ଉଠି ସେହି ଦ୍ୱାରଦେଇ ଘରେ ପ୍ରବେଶ କରିବାକୁ ହୁଏ । ସେହି ଦ୍ୱାରର ସାମନା ସାମ୍ନି ଘରର ଦକ୍ଷିଣ ପାଖରେ ଆଉ ଗୋଟିଏ ଦ୍ୱାର ଅଛି । ସେହି ଦ୍ୱାର ଦେଇ ଦକ୍ଷିଣ ଦିଗର ଛୋଟ ଛାତଟିକୁ ଯାଇ ହୁଏ । ସେହି ଛାତ ଉପରେ ଠିଆହେଲେ ଉଦ୍ୟାନର ଗଛପତ୍ର, ଚନ୍ଦ୍ରାଲୋକ ଅଦୂରେ ରାଜପଥ ଇତ୍ୟାଦି ଦେଖାଯାଏ ।

ଭକ୍ତମାନଙ୍କୁ ରାତ୍ରି ଜାଗରଣ କରିବାକୁ ହୁଏ, ସେମାନେ ପାଳି କରି ଜାଗନ୍ତି । ମଶାରି ଟାଙ୍ଗିବା ପରେ ଠାକୁର ଶୋଇବାକୁ ଗଲେ, ଯେଉଁ ଭକ୍ତଟି ଘରେ ରହିବେ, ସେ ଘରର ପୂର୍ବପଟେ ବିଛଣା ପକାଇ କେତେବେଳେ ବସି ରହନ୍ତି ବା ଶୋଇ ରହନ୍ତି । ଅସୁସ୍ଥତା ହେତୁ ଠାକୁରଙ୍କର ପ୍ରାୟ ନିଦ୍ରା ନାହିଁ । ସେଥିପାଇଁ ସେବକ ପ୍ରାୟ ବସି ବସି ସମୟ କଟାଇ ଦିଅନ୍ତି ।

ଆଜି ଠାକୁରଙ୍କର ଅସୁସ୍ଥତା ଟିକିଏ କମିଛି । ଭକ୍ତମାନେ ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ ଏବଂ ଠାକୁରଙ୍କ ସମ୍ମୁଖରେ ଚଟାଣ ଉପରେ ବସିଲେ ।

ଠାକୁରେ ପ୍ରଦୀପଟି ପାଖକୁ ଆଣିବାକୁ ମାଷ୍ଟରଙ୍କୁ କହିଲେ । ଠାକୁର ଗିରିଶଙ୍କ ସହିତ ସ୍ନେହପୂର୍ବକ କଥାବାର୍ତ୍ତା କରୁଛନ୍ତି ।

ଶ୍ରୀରାମକୃଷ୍ଣ(ଗିରିଶଙ୍କ ପ୍ରତି)—ଭଲ ଅଛ ? (ଲାଟୁଙ୍କ ପ୍ରତି) ଏହାଙ୍କୁ ତମାଖୁ ଖୁଆଅ । ଆଉ ପାନ ଆଣିଦିଅ ।

କିୟତ୍‌କ୍ଷଣ ପରେ ପୁଣି କହିଲେ, "କିଛି ଜଳଖିଆ ଆଣି ଦିଅ ।"

ଲାଟୁ—ପାନ ଦେଇଛି । ଦୋକାନରୁ ଜଳଖିଆ ଆଣିବାକୁ ଯାଉଛି ।

ଠାକୁରେ ବସିଛନ୍ତି । ଜଣେ ଭକ୍ତ କେତୋଟି ଫୁଲମାଳ ଠାକୁରଙ୍କୁ ନିବେଦନ କଲେ । ଠାକୁରେ ନିଜ ଗଳାରେ ଗୋଟିକ ପରେ ଗୋଟିଏ ସେଗୁଡ଼ିକ ପିନ୍ଧିଲେ । ଠାକୁର ହୃଦୟ ମଧ୍ୟସ୍ଥିତ ହରିଙ୍କୁ ବୋଧହୁଏ ପୂଜା କଲେ । ଭକ୍ତମାନେ ଅବାକ୍ ହୋଇ ଦେଖୁଛନ୍ତି । ଦୁଇଟି ମାଳ ଗଳାରୁ କାଢ଼ି ଗିରିଶଙ୍କୁ ଦେଲେ ।

ଠାକୁରେ ମଝିରେ ମଝିରେ ପଚାରୁଛନ୍ତି, "ଜଳଖିଆ କ'ଣ ଆସିଲା ?"

ମଣି ଠାକୁରଙ୍କୁ ପଙ୍ଖା କରୁଛନ୍ତି । ଠାକୁରଙ୍କ ପାଖରେ ଜଣେ ଭକ୍ତ ଦେଇଥିବା ଗୋଟିଏ ଚନ୍ଦନ କାଠର ପଙ୍ଖା ଥିଲା । ଠାକୁରେ ସେହି ପଙ୍ଖାଟି ମଣିଙ୍କ ହାତରେ ଦେଲେ । ମଣି ସେହି ପଙ୍ଖାରେ ପଙ୍ଖା କଲେ । ମଣି ପଙ୍ଖା କରୁଛନ୍ତି, ଠାକୁରେ ଦୁଇଟି ମାଳା ଗଳାରୁ କାଢ଼ି ତାହାଙ୍କୁ ମଧ୍ୟ ଦେଲେ ।

ଲାଟୁ ଠାକୁରଙ୍କୁ ଜଣେ ଭକ୍ତ ବିଷୟରେ କହୁଛନ୍ତି । ତାଙ୍କର ଗୋଟିଏ ସାତ ଆଠ ବର୍ଷର ସନ୍ତାନ ପ୍ରାୟ ଦେଢ଼ ବର୍ଷ ହେଲା ଦେହ ତ୍ୟାଗ କରିଛି । ସେ ସନ୍ତାନଟି ଠାକୁରଙ୍କୁ ଅନେକ ଥର ଦର୍ଶନ କରିଥିଲା ।

ଲାଟୁ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ସେ ତା'ଙ୍କ ମୃତ ସନ୍ତାନଟିର ବହି ଦେଖି କାଲି ରାତ୍ରିରେ ବହୁତ କାନ୍ଦିଥିଲେ । ସ୍ତ୍ରୀ ମଧ୍ୟ ସନ୍ତାନ ଶୋକରେ ପାଗଳ ପରି ହୋଇ ଯାଇଛନ୍ତି । ନିଜର ପିଲାମାନଙ୍କୁ ମାର୍‌ଧର୍ କରନ୍ତି । ଭକ୍ତ ଜଣକ ମଝିରେ ମଝିରେ ଏଠାରେ ରହନ୍ତି; ସେଥିପାଇଁ ଭାରି ହଇରାଣ କରନ୍ତି ।

ଠାକୁରେ ଶ୍ରୀରାମକୃଷ୍ଣ ଏହା ଶୁଣି ଚିନ୍ତିତ ହେଲେ ।

ଗିରିଶ—ଅର୍ଜୁନ ଏତେ ଗୀତା ଶୁଣି ମଧ୍ୟ ଅଭିମନ୍ୟୁଙ୍କ ଶୋକରେ ମୂର୍ଚ୍ଛିତ ହୋଇଥିଲେ । ତେବେ ଏହାଙ୍କର ସନ୍ତାନ ପାଇଁ ଏପରି ଶୋକ କରିବା କିଛି ଆଶ୍ଚର୍ଯ୍ୟ ନୁହେଁ ।

## ସଂସାରରେ କିପରି ଈଶ୍ୱର ଲାଭ ହୁଏ?

ଗିରିଶଙ୍କ ପାଇଁ ଜଳଖିଆ ଆସିଛି । ଫାଗୁ ଦୋକାନର ଗରମ କଚୁଡ଼ି, ଲୁଚି ଓ ଅନ୍ୟାନ୍ୟ ମିଷ୍ଟାନ୍ନ । ବରାହନଗରରେ ଫାଗୁର ଦୋକାନ । ଠାକୁର ନିଜେ ସେହି ସମସ୍ତ ଖାଦ୍ୟ ସମ୍ମୁଖରେ ରଖି ପ୍ରସାଦରେ ପରିଣତ କଲେ । ତା'ପରେ ନିଜ ହାତରେ ଖାଇବା ଜିନିଷ ଗିରିଶ ହାତକୁ ଦେଇ କହିଲେ, ଭଲ କଚୁଡ଼ି !

ଗିରିଶ ସମ୍ମୁଖରେ ବସି ଖାଉଛନ୍ତି । ଗିରିଶଙ୍କୁ ପିଇବା ପାଣି ଦେବାକୁ ହେବ । ଠାକୁରଙ୍କ ଶଯ୍ୟାର ଦକ୍ଷିଣ ପୂର୍ବ କୋଣରେ ସୁରେଇରେ ପାଣି ଅଛି । ଗ୍ରୀଷ୍ମକାଳ, ବୈଶାଖ ମାସ । ଠାକୁରେ କହିଲେ, ''ସେଠାରେ ଭଲ ପାଣି ଅଛି ।''

ଠାକୁରେ ଏତେ ଅସୁସ୍ଥ ଯେ, ଠିଆ ହେବାର ଶକ୍ତି ନାହିଁ ।

ଭକ୍ତମାନେ ଆଶ୍ଚର୍ଯ୍ୟ ହୋଇ ଦେଖୁଛନ୍ତି ଠାକୁରଙ୍କ ଅଣ୍ଟାରେ ଲୁଗା ନାହିଁ । ଦିଗମ୍ବର ! ବାଳକପରି ଶଯ୍ୟାରୁ ଉଠି ଆଗେଇ ଯାଉଛନ୍ତି । ନିଜେ ସୁରେଇରୁ ପାଣି ଗଡ଼ାଇ ଦେବେ ! ଭକ୍ତମାନେ ବିସ୍ମୟରେ ସ୍ତବ୍ଧ । ଠାକୁର ଶ୍ରୀରାମକୃଷ୍ଣ ପାଣି ଗଡ଼ାଇଲେ । ଗ୍ଲାସରୁ ଟିକିଏ ପାଣି ହାତରେ ନେଇ ଦେଖୁଛନ୍ତି, ଥଣ୍ଡା ଅଛି କି ନାହିଁ ? ଦେଖିଲେ ପାଣି ସେତେ ଥଣ୍ଡା ନୁହେଁ । ଅନିଚ୍ଛା କିନ୍ତୁ ଆଉ ଭଲପାଣି ମିଳିବ ନାହିଁ ଜାଣି ଶେଷରେ ଅନିଚ୍ଛାସତ୍ତ୍ୱେ ସେହି ପାଣି ଗିରିଶଙ୍କୁ ଦେଲେ ।

ଗିରିଶ ଜଳଖିଆ ଖାଉଛନ୍ତି । ଭକ୍ତଗଣ ଚତୁର୍ଦ୍ଦିଗରେ ବସିଛନ୍ତି । ମଣି ଠାକୁରଙ୍କୁ ପଙ୍ଖା କରୁଛନ୍ତି ।

ଗିରିଶ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଦେବେନ୍‌ବାବୁ ସଂସାର ତ୍ୟାଗ କରିବେ ।

ଠାକୁରେ ସର୍ବଦା କଥା କହିପାରୁ ନଥିଲେ, ବେଳେ ବେଳେ କଥା କହିଲେ ଭୀଷଣ କଷ୍ଟ ହେଉଥିଲା । ନିଜ ଓଠରେ ଅଙ୍ଗୁଳି ଛୁଆଁଇ ଇସାରାରେ ଗିରିଶଙ୍କୁ ପଚାରିଲେ, "ତା'ର ସ୍ତ୍ରୀ ଓ ପିଲାମାନଙ୍କର ଭରଣ ପୋଷଣ କିପରି ହେବ ?"

ଗିରିଶ—ସେ ବିଷୟରେ ଜାଣିନାହିଁ । ସମସ୍ତେ ଚୁପ୍ ଅଛନ୍ତି । ଗିରିଶ ଜଳଖିଆ ଖାଉ ଖାଉ କଥା ଆରମ୍ଭ କଲେ ।

ଗିରିଶ—ଆଚ୍ଛା, ମହାଶୟ—କେଉଁଟା ଠିକ୍ ? କଷ୍ଟ ସହକାରେ ସଂସାର ତ୍ୟାଗ କରିବା ନା ସଂସାରରେ ରହି ତାଙ୍କୁ ଡାକିବା?

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଗୀତାରେ କ'ଣ ପଢ଼ିନାହିଁ ? ଅନାସକ୍ତ ହୋଇ ସଂସାରରେ ରହି କର୍ମ କଲେ, **ସବୁ ମିଥ୍ୟା ଉପଲବ୍ଧିକରି ଜ୍ଞାନଲାଭ ପରେ ସଂସାରରେ ରହିଲେ ଈଶ୍ୱର ଲାଭହୁଏ ।**

"ଯେଉଁମାନେ କଷ୍ଟରେ ଛାଡ଼ନ୍ତି, ସେମାନେ ନିମ୍ନସ୍ତରର ଲୋକ ।"

"ସଂସାରରେ ଥିବା ଜ୍ଞାନୀ କିପରି ଜାଣ ? ଯେପରି କାଚଘରେ କେହି ଜଣେ ଅଛି । ସେ ଭିତର—ବାହାର ସବୁ ଦେଖେ ।"

ପୁଣି ସମସ୍ତେ ଚୁପ୍ ଅଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—କଚୁଡ଼ି ଗରମ ଏବଂ ଭାରି ଭଲ ।

ମାଷ୍ଟର (ଗିରିଶଙ୍କ ପ୍ରତି)—ଫାଗୁ ଦୋକାନର କଚୁଡ଼ି, ବିଖ୍ୟାତ !

ଶ୍ରୀରାମକୃଷ୍ଣ—ବିଖ୍ୟାତ !

ଗିରିଶ(ଖାଉ ଖାଉ, ସହାସ୍ୟେ)—ଭଲ କଚୁଡ଼ି ।

ଶ୍ରୀରାମକୃଷ୍ଣ—ଲୁଚି ଥାଉ, କଚୁଡ଼ି ଖାଅ । ( ମାଷ୍ଟରଙ୍କୁ) କଚୁଡ଼ି କିନ୍ତୁ ରଜୋଗୁଣର ।

ଗିରିଶ ଖାଉ ଖାଉ ଅନ୍ୟକଥା କହୁଛନ୍ତି ।

## ସଂସାରୀର ମନ ଓ ଠିକ୍ ଠିକ୍ ତ୍ୟାଗୀର ମନ ମଧ୍ୟରେ ପ୍ରଭେଦ

ଗିରିଶ (ଶ୍ରୀରାମକୃଷ୍ଣ ପ୍ରତି)—ଆଚ୍ଛା, ମହାଶୟ, ମନଟା ଏତେ ଉଚ୍ଚରେ ଅଛି, ପୁଣି ତଳକୁ ଆସେ କାହିଁକି ?

ଶ୍ରୀରାମକୃଷ୍ଣ—ସଂସାରରେ ରିହବାକୁ ଗଲେହିଁ ସେପରି ହୁଏ । କେତେବେଳେ ଉପରେ ତ କେତେବେଳେ ତଳେ । କେତେବେଳେ ଭକ୍ତିର ଆଧିକ୍ୟ ହୁଏ, ପୁଣି କେତେବେଳେ କମିଯାଏ । କାମିନୀ କାଞ୍ଚନ ନେଇ ରହିବାକୁ ହୁଏ, ସେଥିପାଇଁ ଏପରି ହୁଏ । ସଂସାରରେ ଭକ୍ତ କେତେବେଳେ ଈଶ୍ୱରଚିନ୍ତା,

ହରିନାମ କରେ, କେତେବେଳେ ବା କାମିନୀ-କାଞ୍ଚନର ଚିନ୍ତା କରେ । ଯେପରି ସାଧାରଣ ମାଛି—କେତେବେଳେ ସନ୍ଦେଶରେ ବସେ ତ କେତେବେଳେ ପଚା ଘା' ବା ବିଷ୍ଠାରେ ବସେ ।

"ତ୍ୟାଗୀମାନଙ୍କର କଥା ଅଲଗା । ସେମାନେ କାମିନୀ-କାଞ୍ଚନରୁ ମନ କାଢ଼ିଆଣି କେବଳ ଈଶ୍ୱରଙ୍କୁ ଦେଇପାରନ୍ତି, କେବଳ ହରି ରସ ପାନ କରିପାରନ୍ତି । ଠିକ୍ ଠିକ୍ ତ୍ୟାଗୀ ହେଲେ ଈଶ୍ୱର ବ୍ୟତୀତ ସେମାନଙ୍କୁ ଆଉ କିଛି ଭଲ ଲାଗେନାହିଁ । ବିଷୟ କଥା ହେଲେ ଉଠି ଯାଆନ୍ତି; ଈଶ୍ୱରୀୟ କଥା ହେଲେ ଶୁଣନ୍ତି । ଯଥାର୍ଥ ତ୍ୟାଗୀ ଈଶ୍ୱରଙ୍କୁ କଥା ବ୍ୟତୀତ ଅନ୍ୟ କୌଣସି କଥା କହନ୍ତି ନାହିଁ ।

"ମହୁମାଛି କେବଳ ଫୁଲରେ ବସେ—ମଧୁପାନ କରିବ ବୋଲି । ଅନ୍ୟ କୌଣସି ଜିନିଷ ମହୁମାଛିକୁ ଭଲ ଲାଗେନାହିଁ ।"

ଗିରିଶ ଦକ୍ଷିଣର ଛୋଟ ଛାତ ଉପରକୁ ହାତ ଧୋଇବାକୁ ଗଲେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଈଶ୍ୱରଙ୍କର ଅନୁଗ୍ରହ ଦରକାର, ତେବେଯାଇ ସବୁ ମନ ତାଙ୍କଆଡ଼କୁ ଯାଏ । ଅନେକଗୁଡ଼ାଏ କଚୁଡ଼ି ଖାଇଲେ, ତାଙ୍କୁ କହ ଯେପରି ସେ ଆଜି ଆଉ ଅନ୍ୟକିଛି ନ ଖାଆନ୍ତି ।

## (୩)

### ଅବତାର ବେଦବିଧିର ଉର୍ଦ୍ଧ୍ୱରେ— ବୈଧୀଭକ୍ତି ଓ ଭକ୍ତି ଉନ୍ମାଦ

ଗିରିଶ ପୁନର୍ବାର ଘରକୁ ଆସି ଠାକୁରଙ୍କ ସମ୍ମୁଖରେ ବସିଛନ୍ତି ଓ ପାନ ଖାଉଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ରାଖାଲ ପ୍ରଭୃତି ବର୍ତ୍ତମାନ ବୁଝିଛନ୍ତି, କେଉଁଟା ଭଲ, କେଉଁଟା ମନ୍ଦ; କେଉଁଟା ସତ୍ୟ, କେଉଁଟା ମିଥ୍ୟା । ସେମାନେ ସବୁ ବୁଝି ସୁଝି ସଂସାରରେ ଯାଇ ରହନ୍ତି । ସ୍ତ୍ରୀ ଅଛି, ପୁତ୍ର ମଧ୍ୟ ହୋଇଛି—କିନ୍ତୁ ବୁଝିଛନ୍ତି ଯେ ସବୁ ମିଥ୍ୟା । ଅନିତ୍ୟ । ଏମାନେ ସଂସାରରେ ଲିପ୍ତ ହେବେନାହିଁ ।

"ଯେପରି ପଙ୍କୁଆ ମାଛ । ପଙ୍କ ଭିତରେ ରହେ, କିନ୍ତୁ ଦେହରେ ଟିକିଏ ହେଲେ ପଙ୍କ ଲାଗେନାହିଁ ।

ଗିରିଶ—ଆଜ୍ଞା, ସେସବୁ ମୁଁ ବୁଝେ ନାହିଁ । ଆପଣ ମନେକଲେ ସମସ୍ତଙ୍କୁ ନିର୍ଲିପ୍ତ ଆଉ ଶୁଦ୍ଧ କରିଦେଇ ପାରନ୍ତି । ସଂସାରୀ ହେଉ ବା ତ୍ୟାଗୀ ହେଉ ସମସ୍ତଙ୍କୁ ଭଲ କରିଦେଇ ପାରନ୍ତି । ମୁଁ ବିଶ୍ୱାସ କରେ ଯେ ମଳୟ ପବନ ବହିଲେ, ସବୁ କାଠ ଚନ୍ଦନ ହୁଏ—

ଶ୍ରୀରାମକୃଷ୍ଣ—ସାର ବସ୍ତୁ ନ ଥିଲେ ଚନ୍ଦନ ହୁଏ ନାହିଁ । ଶିମିଳି ଏବଂ ଅନ୍ୟ କେତୋଟି ଗଛ ଚନ୍ଦନ ହୁଅନ୍ତି ନାହିଁ ।

ଗିରିଶ—ସେସବୁ ଶୁଣିବି ନାହିଁ ।

ଶ୍ରୀରାମକୃଷ୍ଣ—ଆଇନରେ ଏପରି ଅଛି ।

ଗିରିଶ—**ଆପଣଙ୍କର ସବୁ ବେ-ଆଇନ ।**

ଭକ୍ତମାନେ ଅବାକ୍ ହୋଇ ଶୁଣୁଛନ୍ତି । ମଣିଙ୍କ ହାତରେ ପଙ୍ଖା ମଝିରେ ମଝିରେ ସ୍ଥିର ହୋଇଯାଉଛି ।

ଶ୍ରୀରାମକୃଷ୍ଣ—ହଁ, ତା' ହୋଇପାରେ; ଭକ୍ତି-ନଦୀ ଉଚ୍ଛୁଳିଲେ ଶୁଖିଲା ଜାଗାରେ ମଧ କାତେ ପାଣି ।

''ଯେତେବେଳେ ଭକ୍ତିଉନ୍ମାଦ ହୁଏ, ସେତେବେଳେ ଭକ୍ତ ବେଦବିଧି ମାନେ ନାହିଁ । ପୂଜା ପାଇଁ ସଂଗ୍ରହ କରୁଥିବା ଦୁବଘାସ ବାଛିପାରେ ନାହିଁ । ଯାହା ହାତକୁ ଆସେ, ତାହା ନିଏ । ତୁଳସୀ ପତ୍ର ତୋଳୁ ତୋଳୁ ମଡ଼ ମଡ଼ କରି ଡାଳ ଭାଙ୍ଗିଦିଏ ।

ଆହା ମୋର ଯେ କି ଅବସ୍ଥା ଯାଇଛି !

(ମାଷ୍ଟରଙ୍କ ପ୍ରତି)—ଭକ୍ତିଲାଭ ହେଲେ ଆଉ କିଛି ଦରକାର ନାହିଁ ।

ମାଷ୍ଟର—ଆଜ୍ଞା ହଁ ।

### ସୀତା ଓ ଶ୍ରୀରାଧା—ରାମାବତାର ଓ କୃଷ୍ଣାବତାରର ବିଭିନ୍ନ ଭାବ

ଶ୍ରୀରାମକୃଷ୍ଣ—ଗୋଟିଏ ଭାବ ଆଶ୍ରୟ କରିବାକୁ ହୁଏ । ରାମାବତାରରେ ଶାନ୍ତ, ଦାସ୍ୟ, ବାତ୍ସଲ୍ୟ, ସଖ୍ୟ ଇତ୍ୟାଦି । କୃଷ୍ଣାବତାରରେ ସେସବୁ ଥିଲା; ପୁଣି ମଧୁରଭାବ ମଧ ଥିଲା ।

''ଶ୍ରୀମତୀଙ୍କର ମଧୁର ଭାବ—ପ୍ରଣୟର ଆତିଶଯ୍ୟ ଅଛି । ସୀତାଙ୍କର ଶୁଦ୍ଧ ସତୀତ୍ୱ, ପ୍ରଣୟର ଆତିଶଯ୍ୟ ନାହିଁ ।

''ସବୁ ତାଙ୍କରି ଲୀଳା । ଯେତେବେଳେ ଯେଉଁଭାବ ।

ବିଜୟଙ୍କ ସହିତ ଦକ୍ଷିଣେଶ୍ୱରର କାଳୀ ମନ୍ଦିରରେ ଜଣେ ପାଗଳୀ ଠାକୁରଙ୍କୁ ଗୀତ ଶୁଣାଇବାକୁ ଆସୁଥିଲେ । ସେ ଶ୍ୟାମା ସଂଗୀତ ଓ ବ୍ରହ୍ମସଂଗୀତ ଗାନ କରୁଥିଲେ । ସମସ୍ତେ ପାଗଳୀ କହନ୍ତି । ସେ କାଶୀପୁର ଉଦ୍ୟାନକୁ ମଧ ସର୍ବଦା ଆସେ ଓ ଠାକୁରଙ୍କ ପାଖକୁ ଯିବାପାଇଁ ବଡ଼ ଉପଦ୍ରବ କରେ । ଭକ୍ତମାନଙ୍କୁ ସେଥିପାଇଁ ସର୍ବଦା ବ୍ୟସ୍ତ ରହିବାକୁ ହୁଏ ।

ଶ୍ରୀରାମକୃଷ୍ଣ(ଗିରିଶାଦି ଭକ୍ତଙ୍କ ପ୍ରତି)—ପାଗଳୀର ମଧୁରଭାବ । ଦକ୍ଷିଣେଶ୍ୱରକୁ ଦିନେ ଯାଇଥିଲା । ହଠାତ୍ କାନ୍ଦି ଉଠିଲା ! ମୁଁ ପ୍ରଶ୍ନ କଲି, କାହିଁକି କାନ୍ଦୁଛ ? ସେ କହିଲା ମୁଣ୍ଡ ବିନ୍ଧୁଛି ! (ସମସ୍ତଙ୍କର ହାସ୍ୟ) ।

''ଆଉ ଦିନେ ଆସିଥିଲା । ମୁଁ ଖାଇବାକୁ ବସିଛି । ହଠାତ୍ କହୁଛି, 'ଦୟା କଲନାହିଁ ?' ମୁଁ ତା'ର ମନୋଭାବ ନ ଜାଣି ଖାଇବାକୁ ଲାଗିଲି । ତା'ପରେ

ସେ କହିଲା, 'ମନରୁ ମୋତେ ଦୂରେଇଦେଲ କାହିଁକି ?' ପ୍ରଶ୍ନ କଲି, 'ତୋର କି ଭାବ ?' ସେ କହିଲା, 'ମଧୁର ଭାବ !' ମୁଁ କହିଲି, 'ଆରେ, ମୋର ଯେ ମାତୃଯୋନି । ମୁଁ ନାରୀମାନଙ୍କୁ ମାତୃ ଦୃଷ୍ଟିରେ ଦେଖେ । ଏହାଶୁଣି କହିଲା, 'ସେ ସବୁ ମୁଁ ଜାଣେନାହିଁ !' ସେତେବେଳେ ରାମଲାଲକୁ ଡାକି କହିଲି, 'ଆରେ ରାମଲାଲ, ମନରୁ ଦୂରେଇ ଦେଲ ବୋଲି କହୁଛି ଶୁଣ ତ ।' ତା'ର ବର୍ତ୍ତମାନ ମଧ୍ୟ ସେହି ଭାବ ଅଛି ।

ଗିରିଶ—ସେ ପାଗଳୀ—ଧନ୍ୟ । ପାଗଳୀ ହେଲେବି, ଭକ୍ତମାନଙ୍କ ପାଖରୁ ମାଡ଼ ଖାଇଲେବି ସେ ତ ଅଷ୍ଟପ୍ରହର ଆପଣଙ୍କର ଚିନ୍ତା କରୁଛି ! ସେ ଯେଉଁ ଭାବରେ କରୁନା କାହିଁକି ତାହାର କେବେହେଲେ ମନ୍ଦ ହେବ ନାହିଁ !

''ଆଜ୍ଞା, କଅଣ କହିବି ! ମୁଁ କଅଣ ଥିଲି ଆଉ ଆପଣଙ୍କୁ ଚିନ୍ତା କରି ମୁଁ କଅଣ ହୋଇଛି ! ପୂର୍ବେ ଆଳସ୍ୟ ଥିଲା, ବର୍ତ୍ତମାନ ସେ ଆଳସ୍ୟ ଈଶ୍ୱର ନିର୍ଭରତାରେ ପରିଣତ ହୋଇଛି ! ପୂର୍ବେ ପାପ ଥିଲା, ବର୍ତ୍ତମାନ ନିରହଂକାର ହୋଇଛି! ଆଉ କଅଣ କହିବି !

ଭକ୍ତମାନେ ଚୁପ୍ ହୋଇ ବସିଛନ୍ତି । ରାଖାଲ ପାଗଳୀର କଥା ଉଲ୍ଲେଖ କରି ଦୁଃଖ କରୁଛନ୍ତି । କହିଲେ, ଦୁଃଖର କଥା, ସେ ଉପଦ୍ରବ କରେ ଆଉ ତାହାପାଇଁ ଅନେକେ କଷ୍ଟ ପାଆନ୍ତି ।

ନିରଞ୍ଜନ (ରାଖାଲଙ୍କ ପ୍ରତି)—ତୋର ସ୍ତ୍ରୀ ଅଛି, ସେଥିପାଇଁ ତୋର ମନ ଦୁଃଖ ହୁଏ । ଆମେମାନେ ତାକୁ ବଳିଦାନ ଦେଇପାରୁ ।

ରାଖାଲ (ବିରକ୍ତ ହୋଇ)—କି ବାହାଦୁରି ! ତାଙ୍କ ସାମ୍ନାରେ ଏହି ସବୁ କଥା !

## ଗିରିଶଙ୍କୁ ଉପଦେଶ—ଟଙ୍କାରେ ଆସକ୍ତି
## ସଦ୍ବ୍ୟବହାର—ଡାକ୍ତର—କବିରାଜଙ୍କ ଦ୍ରବ୍ୟ

ଶ୍ରୀରାମକୃଷ୍ଣ(ଗିରିଶଙ୍କ ପ୍ରତି)—କାମିନୀ କାଞ୍ଚନ ହିଁ ସଂସାର । ଅନେକେ ଟଙ୍କାକୁ ଦେହର ରକ୍ତ ପରି ମନେ କରନ୍ତି । କିନ୍ତୁ ଟଙ୍କାକୁ ବେଶି ଯତ୍ନ କଲେ ହୁଏତ ଦିନେ ସବୁ ବାହାରି ଯାଏ ।

''କାମାରପୁକୁର ଗ୍ରାମରେ କ୍ଷେତରେ ହିଡ଼ ଦିଅନ୍ତି । ହିଡ଼ କଅଣ ଜାଣ ? ଯେଉଁମାନେ ଖୁବ୍ ଯତ୍ନ କରି ଚାରି ପାଖରେ ହିଡ଼ ଦିଅନ୍ତି, ସେମାନଙ୍କର ହିଡ଼ ପାଣି ତୋଡ଼ରେ ଭାଙ୍ଗିଯାଏ । ଯେଉଁମାନେ ଗୋଟାଏ ପାଖ ଖୋଲି ଘାସଚେକା ଦେଇ ରଖନ୍ତି, ସେମାନଙ୍କ ଜମିରେ ପଟୁ ପଡ଼େ ଓ ଭଲ ଧାନ ହୁଏ ।

"ଯେଉଁମାନେ ଟଙ୍କାର ସଦ୍‌ବ୍ୟବହାର କରନ୍ତି, ଦେବ ସେବା, ସାଧୁ ଭକ୍ତମାନଙ୍କର ସେବା କରନ୍ତି, ସେମାନଙ୍କର ହିଁ କାର୍ଯ୍ୟ ଭଲ ହୁଏ । ସେମାନଙ୍କର ହିଁ ଫସଲ ହୁଏ ।"

"ମୁଁ ଡାକ୍ତର କବିରାଜଙ୍କର ଜିନିଷ ଖାଇପାରେ ନାହିଁ । ଯେଉଁଲୋକ, ରୋଗୀମାନେ କଷ୍ଟ ପାଉଥିବା ବେଳେ ଚିକିତ୍ସା କରି ଅର୍ଥ ଉପାର୍ଜନ କରନ୍ତି, ସେମାନଙ୍କର ଅର୍ଥ ଯେପରି ପୂଜ-ରକ୍ତ ।

ଏହା କହି ଠାକୁରେ ଦୁଇଜଣ ଚିକିତ୍ସକଙ୍କ ନାମ କହିଲେ ।

ଗିରିଶ — ରାଜେନ୍ଦ୍ର ଦତ୍ତଙ୍କର ଖୁବ୍ ଉଦାର ମନ । କାହା ପାଖରୁ ଗୋଟିଏ ପଇସା ନିଅନ୍ତି ନାହିଁ । ତାଙ୍କର ଦାନ- ଧ୍ୟାନ ଅଛି ।

❁❁❁

# ତ୍ରୟୋଦଶ ପରିଚ୍ଛେଦ

## (୧)

### କାଶୀପୁର ଉଦ୍ୟାନରେ ନରେନ୍ଦ୍ର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ କାଶୀପୁର ଉଦ୍ୟାନରେ ଭକ୍ତଙ୍କ ସଙ୍ଗରେ ବାସ କରୁଛନ୍ତି । ଶରୀର ଖୁବ୍ ଅସୁସ୍ଥ-କିନ୍ତୁ ଭକ୍ତମାନଙ୍କର ମଙ୍ଗଳ ପାଇଁ ସର୍ବଦା ହିଁ ବ୍ୟାକୁଳ । ଆଜି ଶନିବାର, ବୈଶାଖ ୫ ଦିନ, ଚୈତ୍ର ଶୁକ୍ଳା ଚତୁର୍ଦ୍ଦଶୀ, (ଅପ୍ରେଲ ୧୭ ତାରିଖ ୧୮୮୬ ଖ୍ରୀଷ୍ଟାବ୍ଦ) ପୂର୍ଣ୍ଣମୀ ତିଥି ।

କେତେଦିନ ଧରି ପ୍ରାୟ ପ୍ରତ୍ୟହ ନରେନ୍ଦ୍ର ଦକ୍ଷିଣେଶ୍ୱରକୁ ଯାଉଛନ୍ତି — ପଞ୍ଚବଟୀରେ ଈଶ୍ୱର ଚିନ୍ତା କରନ୍ତି — ସାଧନା କରନ୍ତି । ଆଜି ସନ୍ଧ୍ୟା ସମୟରେ ସଙ୍ଗରେ ଶ୍ରୀଯୁକ୍ତ ତାରକ ଓ କାଳୀଙ୍କୁ ନେଇ ଫେରିଛନ୍ତି । ସମୟ ରାତି ଆଠଟା ହୋଇଛି । ଜ୍ୟୋତ୍ସ୍ନା ଓ ଦକ୍ଷିଣ ପବନ ମିଶି ଉଦ୍ୟାନଟିକୁ ମନୋହର କରିଛି । ଭକ୍ତମାନେ ଅନେକେ ତଳଘରେ ଧ୍ୟାନ କରୁଛନ୍ତି । ନରେନ୍ଦ୍ର, ମଣିଙ୍କୁ କହୁଛନ୍ତି — "ଏମାନେ ତ୍ୟାଗ କରୁଛନ୍ତି", (ଅର୍ଥାତ୍ ଧ୍ୟାନ କରୁ କରୁ ଉପାଧି ବର୍ଜନ କରୁଛନ୍ତି ।)

କିୟତ୍‌କ୍ଷଣ ପରେ ମଣି ଉପର ହଲ୍ ଘରେ ଠାକୁରଙ୍କ ପାଖରେ ବସିଛନ୍ତି । ଠାକୁରେ ତାହାଙ୍କୁ ପାନବଟା ଓ ଗାମୁଛା ପରିଷ୍କାର କରି ଆଣିବାକୁ କହିଲେ । ସେ ପଶ୍ଚିମ ଦିଗରେ ଥିବା ପୁଷ୍କରିଣୀ ଘାଟରୁ ଏଗୁଡ଼ିକ ଧୋଇ ଆଣିଲେ ।

ପରଦିନ ସକାଳେ ଠାକୁରେ ମଣିଙ୍କୁ ଡକାଇ ପଠାଇଲେ । ସେ ଗଙ୍ଗାସ୍ନାନ ପରେ ଠାକୁରଙ୍କୁ ଦର୍ଶନ କରି ହଲ୍ ଘର ଛାତକୁ ଯାଇଥିଲେ ।

ମଣିଙ୍କର ସ୍ତ୍ରୀ, ପୁତ୍ର ଶୋକରେ ବିଷର୍ଣ୍ଣ ମନା ହୋଇଛନ୍ତି । ଠାକୁରେ ତାଙ୍କ ସ୍ତ୍ରୀଙ୍କୁ ଉଦ୍ୟାନକୁ ଆଣିବା କଥା ଓ ଉଦ୍ୟାନରେ ପ୍ରସାଦ ପାଇବା କଥା କହିଲେ ।

ଠାକୁରେ ଇଶାରାକରି କହୁଛନ୍ତି—"ଏଠାକୁ ଆସିବାକୁ କହିବ;—ଦୁଇଦିନ ରହିବେ;—କୋଳ ପୁଅଟିକୁ ଯେପରି ନେଇ ଆସନ୍ତି;—ଆଉ ଏଠାକୁ ଆସି ଖାଇବେ ।"

ମଣି—ଆଜ୍ଞା ହଁ । ଈଶ୍ୱରଙ୍କ ଠାରେ ଭକ୍ତି ବୃଦ୍ଧି ପାଇଲେ ଭାରିଭଲ ହେବ ।

ଶ୍ରୀରାମକୃଷ୍ଣ ଇସାରା କରି କହୁଛନ୍ତି—"ଓଃ ! (ଶୋକ ଭକ୍ତିକୁ) ଦୂରେଇ ଦିଏ । ଆଉ ଏତେ ବଡ଼ ପିଲା !

" କୃଷ୍ଣକିଶୋରଙ୍କର ଭବନାଥଙ୍କ ପରି ଦୁଇଜଣ ସନ୍ତାନ ଥିଲେ । ଉଭୟେ ବିଶ୍ୱବିଦ୍ୟାଳୟର ଡିଗ୍ରିଧାରୀ ଛାତ୍ର ଥିଲେ । ସେମାନଙ୍କର ମୃତ୍ୟୁ ହେଲା । ଏତେବଡ଼ ଜ୍ଞାନୀ, କୃଷ୍ଣକିଶୋର କିନ୍ତୁ ପ୍ରଥମେ ସମ୍ଭାଳିପାରିଲେ ନାହିଁ । ମୋତେ ଈଶ୍ୱର ଏ ସୌଭାଗ୍ୟ ଦେଇନାହାନ୍ତି !

"ଅର୍ଜୁନ ଏତେବଡ଼ ଜ୍ଞାନୀ । ସଙ୍ଗରେ କୃଷ୍ଣ ଅଛନ୍ତି, ତଥାପି ଅଭିମନ୍ୟୁଙ୍କ ଶୋକରେ ଏକାବେଳେକେ ଅଧୀର । କିଶୋରୀ ଆସେ ନାହିଁ କାହିଁକି ?"

ଜଣେ ଭକ୍ତ—ସେ ପ୍ରତିଦିନ ଗଙ୍ଗାସ୍ନାନ କିରିବାକୁ ଯାଏ ।

ଶ୍ରୀରାମକୃଷ୍ଣ—'ଏଠାକୁ ଆସନ୍ତି ନାହିଁ କାହିଁକି ?'

ଭକ୍ତ—'ଆଜ୍ଞା ଆସିବାକୁ କହିବି ।'

ଶ୍ରୀରାମକୃଷ୍ଣ (ଲାଟୁଙ୍କ ପ୍ରତି)—ହରିଶ ଆସେ ନାହିଁ କାହିଁକି ?

### [ ସ୍ତ୍ରୀଲୋକ ମାନଙ୍କର ଲଜ୍ଜାହିଁ ଭୂଷଣ ପୂର୍ବକଥା—ମାଷ୍ଟରଙ୍କ ଘରକୁ ଶୁଭାଗମନ ]

ମାଷ୍ଟରଙ୍କ ଘରର ନଅ ଦଶ ବର୍ଷର ଦୁଇଟି କନ୍ୟା ଠାକୁରଙ୍କ ପାଖକୁ କାଶୀପୁର ଉଦ୍ୟାନକୁ ଆସି 'ଦୁର୍ଗାନାମ ଜପ ସଦା', 'ମଜଲୋ ଆମାର ମନ ଭ୍ରମରା' ଇତ୍ୟାଦି ଗୀତ ଶୁଣାଇଥିଲେ । ଠାକୁରେ ଯେତେବେଳେ ମାଷ୍ଟରଙ୍କ ଶ୍ୟାମପୁକୁର ତେଲିପଡ଼ା ଘରକୁ ଶୁଭାଗମନ କରିଥିଲେ, (୩୦ ତାରିଖ ଅକ୍ଟୋବର ୧୮୮୪; କାର୍ତ୍ତିକ ୧୫ ଦିନ, ଗୁରୁବାର,) ସେତେବେଳେ ଏହି ଦୁଇଟି କନ୍ୟା ଠାକୁରଙ୍କୁ ଗୀତ ଶୁଣାଇଥିଲେ । ଠାକୁରେ ଗୀତ ଶୁଣି ଅତିଶୟ ସନ୍ତୁଷ୍ଟ ହୋଇଥିଲେ । ଯେତେବେଳେ ଠାକୁରଙ୍କ ପାଖରେ କାଶୀପୁର ଉଦ୍ୟାନରେ ଆଜି ସେମାନେ ଉପରେ ଗୀତ ଗାଉଥିଲେ, ଭକ୍ତମାନେ ତଳେ ଥାଇ ଶୁଣୁଥିଲେ । ସେମାନେ ପୁଣି ତଳକୁ ଡକାଇ ଗୀତ ଶୁଣିଲେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଝିଅ ପିଲାମାନଙ୍କୁ ଆଉ ଗୀତ ଶିଖାଅ ନାହିଁ । ନିଜେ ନିଜେ ଗାଇଲେ ଅଲଗା କଥା । ଯାହା ତାହା ପାଖରେ ଗାଇଲେ ଲଜ୍ଜା ଛାଡ଼ିଯାଏ । **ସ୍ତ୍ରୀଲୋକମାନଙ୍କର ଲଜ୍ଜାହିଁ ଭୂଷଣ ।**

## [ଠାକୁର ଶ୍ରୀରାମକୃଷ୍ଣଙ୍କର ଆତ୍ମପୂଜା—ଭକ୍ତମାନଙ୍କୁ ପ୍ରସାଦ ପ୍ରଦାନ]

ଠାକୁରଙ୍କ ସମ୍ମୁଖରେ ପୁଷ୍ପପାତ୍ରରେ ଫୁଲ ଚନ୍ଦନ ଆଣି ରଖା ହୋଇଛି । ଠାକୁରେ ଶଯ୍ୟାରେ ବସିଛନ୍ତି । ଫୁଲ ଚନ୍ଦନଦେଇ ନିଜକୁହିଁ ପୂଜା କରୁଛନ୍ତି । ସଚନ୍ଦନ ପୁଷ୍ପ କେତେବେଳେ ମସ୍ତକରେ, କେତେବେଳେ କଣ୍ଠରେ, କେତେବେଳେ ହୃଦୟରେ ପୁଣି କେତେବେଳେ ବା ନାଭିଦେଶରେ ଧାରଣ କରୁଛନ୍ତି ।

ମନୋମୋହନ କୋନ୍ନଗରରୁ ଆସିଲେ ଓ ଠାକୁରଙ୍କୁ ପ୍ରଣାମକରି ଉପବିଷ୍ଟ ହେଲେ । ଠାକୁରେ ନିଜକୁ ବର୍ତ୍ତମାନ ମଧ୍ୟ ପୂଜା କରୁଛନ୍ତି । ନିଜେ ଗଳାରେ ପୁଷ୍ପମାଳା ପିନ୍ଧିଲେ ।

କିଛି ସମୟ ପରେ ଯେପରି ପ୍ରସନ୍ନ ହୋଇ ମନମୋହନଙ୍କୁ ନିର୍ମାଲ୍ୟ ପ୍ରଦାନ କଲେ । ମଣିଙ୍କୁ ଚମ୍ପା ଫୁଲଟିଏ ଦେଲେ ।

## (୨)

## ବୁଦ୍ଧଦେବ କଅଣ ଈଶ୍ୱରଙ୍କର ଅସ୍ତିତ୍ୱ ମାନୁଥିଲେ? ନରେନ୍ଦ୍ରଙ୍କୁ ଶିକ୍ଷା

ସମୟ ସକାଳ ନଅଟା ହୋଇଛି; ଠାକୁରେ ମାଷ୍ଟରଙ୍କ ସହିତ କଥା କହୁଛନ୍ତି, ଘରେ ଶଶୀ ମଧ୍ୟ ଅଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ନରେନ୍ଦ୍ର ଓ ଶଶୀ କଅଣ କହୁଥିଲେ—କଅଣ ବିଚାର କରୁଥିଲେ ?

ମାଷ୍ଟର(ଶଶୀଙ୍କ ପ୍ରତି)—କି କଥା ହେଉଥିଲା ?

ଶଶୀ—ନିରଞ୍ଜନ ବୋଧହୁଏ କହିଛି ?

ଶ୍ରୀରାମକୃଷ୍ଣ—'ଈଶ୍ୱର ନାସ୍ତି ଅସ୍ତି' ଏହିସବୁ କଅଣ କଥା ହେଉଥିଲା ?

ଶଶୀ(ସହାସ୍ୟେ)—(ନରେନ୍ଦ୍ରଙ୍କୁ) ଡାକିବି ?

ଶ୍ରୀରାମକୃଷ୍ଣ—ଡାକ ।

ନରେନ୍ଦ୍ର ଆସି ଆସନ ଗ୍ରହଣ କଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ତୁମେ କିଛି ପ୍ରଶ୍ନ କର । କି କଥା ହେଉଥିଲା, କହ ।

ନରେନ୍ଦ୍ର—ପେଟ ଗରମ ହୋଇଛି । ସେସବୁ କଅଣ କହିବି ।

ଶ୍ରୀରାମକୃଷ୍ଣ—ପେଟ ଭଲ ହୋଇଯିବ ।

ମାଷ୍ଟର(ସହାସ୍ୟେ)—ବୁଦ୍ଧ ଅବସ୍ଥା ବିଷୟରେ କୁହ ।

ନରେନ୍ଦ୍ର—ମୋର କଅଣ ବୁଦ୍ଧ-ଅବସ୍ଥା ପ୍ରାପ୍ତ ହୋଇଛି ଯେ କହିବି ।

ମାଷ୍ଟର—ଈଶ୍ୱର ଅଛନ୍ତି—ଏ ସମ୍ପର୍କରେ ବୁଦ୍ଧ କଅଣ କହନ୍ତି ?

ନରେନ୍ଦ୍ର—ଈଶ୍ୱର ଅଛନ୍ତି ବୋଲି କିପରି କହୁଛନ୍ତି ? ତୁମେହିଁ ଜଗତ ସୃଷ୍ଟି କରୁଛ । Berkeley କଅଣ କହିଛନ୍ତି, ଜାଣନ୍ତି ତ ?

ମାଷ୍ଟର—ସେ କହିଛନ୍ତି ସତ—Their esse is percipii (The existence of external objects depends upon their perception) 'ଯେତେବେଳ ଯାଏ ଇନ୍ଦ୍ରିୟର କାର୍ଯ୍ୟ ଚାଲିଛି, ସେତେବେଳ ଯାଏ ଜଗତ !'

**[ପୂର୍ବକଥା—ତୋତାପୁରୀଙ୍କର ଠାକୁରଙ୍କୁ ଉପଦେଶ —"ମନରେହିଁ ଜଗତ୍"]**

ଶ୍ରୀରାମକୃଷ୍ଣ—ଲଙ୍ଗୁଳୀ କହୁଥିଲେ, 'ମନରେହିଁ ଜଗତ୍' ପୁଣି ମନରେହିଁ ଲୟ ହୁଏ ।'

**"କିନ୍ତୁ ଯେତେକ୍ଷଣ ମୁଁ ଅଛି ସେତେକ୍ଷଣ ସେବ୍ୟ ସେବକ ଭାବ ହିଁ ଭଲ" ।**

ନରେନ୍ଦ୍ର(ମାଷ୍ଟରଙ୍କ ପ୍ରତି)—ବିଚାର ଯଦି କର, ତାହାହେଲେ ଈଶ୍ୱର ଅଛନ୍ତି ବୋଲି କିପରି କହିବେ ? ଆଉ ବିଶ୍ୱାସ ଉପରେ ଯଦି ଯାଆନ୍ତି, ତାହା ହେଲେ ସେବ୍ୟ ସେବକ ଭାବ ମାନିବାକୁ ହିଁ ହେବ । ଏହା ସ୍ୱୀକାର କଲେ ଈଶ୍ୱର ଯେ ଦୟାମୟ ସେକଥା ମଧ ମାନିବାକୁ ହେବ ।

"ତୁମେ କେବଳ ଦୁଃଖଟାକୁ ଦେଖୁଛ । ସେ ଯେ ଏତେ ସୁଖ ଦେଇଛନ୍ତି, ସେକଥା ଭୁଲି ଯାଉଛନ୍ତି କାହିଁକି ? ତାଙ୍କର କେତେ କୃପା ! ସେ ଆମ୍ଭମାନଙ୍କୁ ତିନୋଟି ବଡ଼ ଦାନ ଦେଇଛନ୍ତି—ମନୁଷ୍ୟ ଜନ୍ମ, ଈଶ୍ୱରଙ୍କୁ ଜାଣିବା ପାଇଁ ବ୍ୟାକୁଳତା, ଏବଂ ମହାପୁରୁଷଙ୍କର ସଙ୍ଗ ।' **'ମନୁଷ୍ୟତ୍ୱଂ ମୁମୁକ୍ଷୁତ୍ୱଂ ମହାପୁରୁଷ ସଂଶ୍ରୟଃ'**

ସମସ୍ତେ ଚୁପ୍ କରି ଅଛନ୍ତି ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ମୋର କିନ୍ତୁ ସ୍ପଷ୍ଟ ଭାବରେ ବୋଧ ହୁଏ ଯେ ମୋ ଭିତରେ କିଏ ଜଣେ ଅଛି ।

ରାଜେନ୍ଦ୍ର ଲାଲ ଦତ୍ତ ଆସି ବସିଲେ । ସେ ଠାକୁରଙ୍କୁ ହୋମିଓପ୍ୟାଥିକ ଚିକିତ୍ସା କରୁଛନ୍ତି । ଔଷଧାଦି କଥା ହେଲା ପରେ, ଠାକୁରେ ଅଙ୍ଗୁଳି ନିର୍ଦ୍ଦେଶ କରି ମନୋମୋହନଙ୍କୁ ଦେଖାଉଛନ୍ତି ।

ଡାକ୍ତର ରାଜେନ୍ଦ୍ର—'ସେ ମୋର ମାମୁଁପୁଅ ଭାଇର ପୁଅ ।'

ନରେନ୍ଦ୍ର ତଳକୁ ଆସିଛନ୍ତି । ନିଜେ ନିଜେ ଗୀତ ଗାଉଛନ୍ତି ।

ସବୁଦୁଃଖ ଦୂର କଲେ ଦରଶନ ଦେଇ,
ଶାନ୍ତ କଲେ ମନ ପ୍ରାଣ ।
ତୁମକୁ ପାଇଲେ ସପ୍ତଲୋକ ଶୋକ ଭୁଲେ
କାହିଁ ଅବା ମୁହିଁ ଦୀନ-ହୀନ ॥

ନରେନ୍ଦ୍ରଙ୍କର ଟିକିଏ ପେଟ ଖରାପ ହୋଇଛି । ମାଷ୍ଟରଙ୍କୁ କହୁଛନ୍ତି—'ପ୍ରେମଭକ୍ତି ରହିଲେ ଦେହରେ ମନ ରହେ । ତାହା ନ ହେଲେ ମୁଁ କିଏ ? ମନୁଷ୍ୟ ବି ନୁହେଁ—ଦେବତା ବି ନୁହେଁ—ମୋର ସୁଖ ନାହିଁ, ଦୁଃଖ ମଧ୍ୟ ନାହିଁ ।'

### ଠାକୁରଙ୍କର ଆତ୍ମପୂଜା—ସୁରେନ୍ଦ୍ରଙ୍କୁ ପ୍ରସାଦ—ସୁରେନ୍ଦ୍ରଙ୍କର ସେବା

ରାତ୍ରି ନଅଟା ହେଲା । ସୁରେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନେ ଠାକୁରଙ୍କ ପାଖରେ ଫୁଲମାଳ ଆଣି ନିବେଦନ କରିଛନ୍ତି । ଘରେ ବାବୁରାମ, ସୁରେନ୍ଦ୍ର, ଲାଟୁ, ମାଷ୍ଟର, ପ୍ରଭୃତି ଅଛନ୍ତି ।

ଠାକୁରେ ସୁରେନ୍ଦ୍ରଙ୍କର ମାଳ ନିଜେ ଗଳାରେ ପିନ୍ଧିଛନ୍ତି । ସମସ୍ତେ ଚୁପ୍ ହୋଇ ବସିଛନ୍ତି । ଯେ ଅନ୍ତରେ ଅଛନ୍ତି, ଠାକୁରେ ବୋଧହୁଏ ତାଙ୍କରି ପୂଜା କରୁଛନ୍ତି ।

ଠାକୁର ହଠାତ୍ ସୁରେନ୍ଦ୍ରଙ୍କୁ ଇଙ୍ଗିତ କରି ଡାକିଲେ । ସୁରେନ୍ଦ୍ର ଶଯ୍ୟାପାଖକୁ ଆସିବା ପରେ ନିଜେ ପିନ୍ଧିଥିବା ମାଳ ନେଇ ତାଙ୍କ ଗଳାରେ ପିନ୍ଧାଇଦେଲେ ।

ସୁରେନ୍ଦ୍ର ମାଳ ପାଇ ପ୍ରଣାମ କଲେ । ଠାକୁର ପୁଣି ତାହାଙ୍କୁ ଇଙ୍ଗିତ କରି ପଦସେବା କରିବାକୁ କହିଲେ । ସୁରେନ୍ଦ୍ର ଠାକୁରଙ୍କର ପଦସେବା କଲେ ।

### [ କାଶୀପୁର ଉଦ୍ୟାନରେ ଭକ୍ତମାନଙ୍କର ସଂକୀର୍ତ୍ତନ ]

ଠାକୁରେ ଯେଉଁଘରେ ଅଛନ୍ତି, ତାହାର ପଶ୍ଚିମ ଦିଗରେ ଗୋଟିଏ ପୁଷ୍କରିଣୀ ଅଛି । ଏହି ପୁଷ୍କରିଣୀ ଘାଟ ପାଖରେ କେତେଜଣ ଭକ୍ତ ଖୋଳ କରତାଳ ନେଇ ଗୀତ ଗାଉଛନ୍ତି । ଠାକୁରେ ଲାଟୁଙ୍କ ମାଧ୍ୟମରେ କହି ପଠାଇଲେ—'ତୁମେମାନେ ଟିକିଏ ହରିନାମ କର ।'

ମାଷ୍ଟର, ବାବୁରାମ ପ୍ରଭୃତି ବର୍ତ୍ତମାନ ମଧ୍ୟ ଠାକୁରଙ୍କ ପାଖରେ ବସିଛନ୍ତି । ଭକ୍ତମାନେ ଗାଉଥିବା ଗୀତ ସେମାନେ ଶୁଣୁଛନ୍ତି ।

'ହରିବୋଲି ଆମର ଗୌର ନାଚେ ।'........

ଠାକୁର କୀର୍ତ୍ତନ ଶୁଣୁ ଶୁଣୁ ବାବୁରାମ, ମାଷ୍ଟର ପ୍ରଭୃତିଙ୍କୁ ଇଙ୍ଗିତ କରି କହୁଛନ୍ତି—''ତୁମେମାନେ ତଳକୁ ଯାଅ । ସେମାନଙ୍କ ସଙ୍ଗରେ କୀର୍ତ୍ତନ କର ଏବଂ ନୃତ୍ୟ କର ।'' ସେମାନେ ତଳକୁ ଆସି କୀର୍ତ୍ତନରେ ଯୋଗଦେଲେ ।

କିୟତ୍‌କ୍ଷଣ ପରେ ଠାକୁରେ ପୁଣି ଲୋକ ପଠାଇ ଏହି ପଦଗୁଡ଼ିକ ଗାଇବାକୁ କହିଲେ—

ଗୌର ନାଚିବାତ ଜାଣେରେ ! ଗୌର ଭାବର କଳନା ନାହିଁରେ !
ଦୁଇବାହୁ ତୋଳି ଆମ ଗୌର ନାଚେ ।''
କୀର୍ତ୍ତନ ସମାପ୍ତ ହେଲା । ସୁରେନ୍ଦ୍ର ଭାବସ୍ଥ ହୋଇ ଗାଉଛନ୍ତି—
ପାଗଳ ମୋର ବାବା, ପାଗଳୀ ମୋର ମାଆ ।
ମୁଁ ତାଙ୍କର ପାଗଳ ପୁଅ, ମୋ ମାଆର ନାଁ ଶ୍ୟାମା ।
ବାବା ବମ୍ ବମ୍ ବୋଲେ, ସୁରା ପିଇ ମା' ତା'ଉପରେ ପଡ଼େ,
ଶ୍ୟାମାର ମୁକୁଳା କେଶ ଉଡ଼ି ଖେଳେ;
ରଙ୍ଗାପାଦେ ତା'ର ଗୁଣୁ ଗୁଣୁ କରି ଭ୍ରମର ଉଡ଼େରେ,
ଶୁଣ କି ମଧୁର ତା' ପାଦର ନୂପୁର ବାଜେ ॥

୩

[ନରେନ୍ଦ୍ର ଓ ଈଶ୍ୱରଙ୍କର ଅସ୍ତିତ୍ୱ—ଭବନାଥ, ପୂର୍ଣ୍ଣ, ସୁରେନ୍ଦ୍ର]

ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରି ହୀରାନନ୍ଦ ଗାଡ଼ିରେ ଉଠୁଛନ୍ତି । ଗାଡ଼ି ପାଖରେ ନରେନ୍ଦ୍ର, ରାଖାଲ ଠିଆ ହୋଇ ତାଙ୍କ ସହିତ ଆଳାପ କରୁଛନ୍ତି । ସମୟ ଦିନ ୧୦ଟା । ହୀରାନନ୍ଦ ପୁଣି କାଲି ଆସିବେ ।

ଆଜି ବୁଧବାର, ବୈଶାଖ ୯ ଦିନ, ଚୈତ୍ର କୃଷ୍ଣା ତୃତୀୟା । ୨୧ ତାରିଖ ଏପ୍ରିଲ୍, ୧୮୮୬ । ନରେନ୍ଦ୍ର ଉଦ୍ୟାନ ପଥରେ ବୁଲୁ ବୁଲୁ ମଣିଙ୍କ ସହିତ କଥା କହୁଛନ୍ତି । ଘରେ ମାଆ ଓ ଭାଇମାନଙ୍କର ଭାରି କଷ୍ଟ—ବର୍ତ୍ତମାନ ମଧ ସୁବନ୍ଦୋବସ୍ତ କରିପାରି ନାହାନ୍ତି ସେଥିପାଇଁ ଚିନ୍ତିତ ଅଛନ୍ତି ।

ନରେନ୍ଦ୍ର—ବିଦ୍ୟାସାଗରଙ୍କ ସ୍କୁଲରେ କର୍ମ ମୋର ଆଉ ଦରକାର ନାହିଁ । ଗୟାକୁ ଯିବାପାଇଁ ସ୍ଥିର କରିଛି । ଗୋଟାଏ ଜମିଦାରୀରେ ମ୍ୟାନେଜର କାର୍ଯ୍ୟ ବିଷୟରେ ଜଣେ କହିଛି । ଈଶ୍ୱର ଫିଶ୍ୱର ନାହାନ୍ତି ।

ମଣି(ସହାସ୍ୟେ)—ତୁମେ ବର୍ତ୍ତମାନ ସେସବୁ କହୁଛ, ପରେ କହିବ ନାହିଁ । Scepticism ଈଶ୍ୱର ଲାଭ ପଥରେ ଗୋଟାଏ stage; ଏହି ସବୁ stage ପାର ହେଲେ, ଆଉ କିଛି ଆଗେଇ ଗଲେ, ତେବେ ଯାଇ ଭଗବାନଙ୍କୁ ଲାଭ କରାଯାଏ,—ଏହା ପରମହଂସଦେବ କହିଛନ୍ତି ।

ନରେନ୍ଦ୍ର—ଯେପରି ଗଛ ଦେଖୁଛି, ଏହିପରି କେହି ଭଗବାନଙ୍କୁ ଦେଖିଛି ।

ମଣି—ହଁ, ଠାକୁରେ ଦେଖିଛନ୍ତି !

ନରେନ୍ଦ୍ର—ସେସବୁ ମନର ଭୁଲ ହୋଇପାରେ ।

ମଣି—ଯେ ଯେଉଁ ଅବସ୍ଥାରେ ଯାହା ଦେଖେ, ସେଇ ଅବସ୍ଥାରେ ତାହା ତା' ପାଇଁ reality—ସତ୍ୟ । ଯେତେକ୍ଷଣ ସ୍ୱପ୍ନ ଦେଖୁଛ, ଗୋଟିଏ ଉଦ୍ୟାନକୁ ଯାଇଛ; ସେତେକ୍ଷଣ ଉଦ୍ୟାନଟି ତୁମ ପକ୍ଷରେ reality; ସତ୍ୟ; କିନ୍ତୁ ତୁମର ଅବସ୍ଥା ବଦଳିଲେ—ଯେପରି ଜାଗରଣ ଅବସ୍ଥାରେ—ଉଦ୍ୟାନଟି ଭୁଲ୍ ବୋଲି ତୁମର ବୋଧ ହୋଇପାରେ । ଯେ ଅବସ୍ଥାରେ ଈଶ୍ୱର ଦର୍ଶନ କରାଯାଏ, ସେ ଅବସ୍ଥା ହେଲେ ସେତେବେଳେ reality (ସତ୍ୟ) ବୋଧ ହେବ ।

ନରେନ୍ଦ୍ର—ମୁଁ ସତ୍ୟ ଚାହେଁ । ସେଦିନ ପରମହଂସ ମହାଶୟଙ୍କ ସଙ୍ଗରେ ଖୁବ୍ ତର୍କ କଲି ।

ମଣି—(ସହାସ୍ୟେ) କଅଣ ହୋଇଥିଲା ?

ନରେନ୍ଦ୍ର—ସେ ମୋତେ କହୁଥିଲେ, 'ମୋତେ କେହି କେହି ଈଶ୍ୱର କହନ୍ତି ।' ମୁଁ କହିଲି 'ହଜାର ଲୋକେ ଈଶ୍ୱର କହନ୍ତୁ, ମୋର ଯେତେକ୍ଷଣ ସତ୍ୟ ବୋଲି ବୋଧ ନ ହୁଏ, ସେତେକ୍ଷଣ କହିବି ନାହିଁ ।'

ସେ କହିଲେ—'ଅନେକେ ଯାହା କହିବେ, ତାହା ତ ସତ୍ୟ—ତାହା ତ ଧର୍ମ !'

ମୁଁ କହିଲି—'ନିଜେ ଠିକ୍ ନ ବୁଝିଲେ ଅନ୍ୟ ଲୋକର କଥା ଶୁଣିବିନାହିଁ ।

ମଣି(ସହାସ୍ୟେ)—ତୁମର ଭାବ Copernicus, Berkeley—ଏମାନଙ୍କର ପରି । ଜଗତର ଲୋକ କହୁଛନ୍ତି—ସୂର୍ଯ୍ୟ ଚାଲୁଛନ୍ତି, Copernicus ତାହା ଶୁଣିଲେ ନାହିଁ—ଜଗତର ଲୋକ କହୁଛନ୍ତି—External world (ବାହ୍ୟ ଜଗତ) ଅଛି, Berkeley ତାହା ଶୁଣିଲେ ନାହିଁ । ତେଣୁ Lewis କହିଛନ୍ତି, 'why was not Berkely a Philosopical Copernicus ?'

ନରେନ୍ଦ୍ର—ଖଣ୍ଡେ History of Philosophy ଦେଇପାରିବେ ?

ମଣି—କଅଣ, Lewis ?

ନରେନ୍ଦ୍ର-ନା, Ueberweg—German ଲେଖକଙ୍କ ପୁସ୍ତକ ପଢ଼ିବାକୁ ହେବ ।

ମଣି—ତୁମେ କହୁଛ, 'ସମ୍ମୁଖରେ ଥିବା ଗଛପରି କେହି କଅଣ ଦେଖିଛି ?' ତେବେ ଈଶ୍ୱର ମନୁଷ୍ୟ ହୋଇ ଯଦି ଆସି କହନ୍ତି ଯେ, 'ମୁଁ ଈଶ୍ୱର ।' ତା'ହେଲେ ତୁମେ କଅଣ ବିଶ୍ୱାସ କରିବ ? ତୁମେ Lazarusଙ୍କ ଗଳ୍ପ ଜାଣତ ? ଯେତେବେଳେ Lazarus ପରଲୋକକୁ ଯାଇ Abrahamଙ୍କୁ କହିଲେ ଯେ, ମୁଁ ଆତ୍ମୀୟମାନଙ୍କୁ କହିଆସେ ଯେ, ସତକୁ ସତ ପରଲୋକ ଆଉ ନରକ ଅଛି । Abraham କହିଲେ, ତୁମେ ଯାଇ କହିଲେ କଅଣ ସେମାନେ ବିଶ୍ୱାସ କରିବେ ? ସେମାନେ କହିବେ, କିଏ ଗୋଟାଏ ଜୁଆଚୋର ଆସି ଏହିସବୁ କଥା କହୁଛି ।

"ଠାକୁରେ କହିଛନ୍ତି ତାଙ୍କୁ ବିଚାର କରି ଜଣାଯାଏ ନାହିଁ । ବିଶ୍ୱାସରେ ହିଁ ସବୁ ହୁଏ—ଜ୍ଞାନ ବିଜ୍ଞାନ । ଦର୍ଶନ ଆଳାପ ସବୁ ।

ଭବନାଥ ବିବାହ କରିଛନ୍ତି । ତାଙ୍କର ଅନ୍ନଚିନ୍ତା ହୋଇଛି । ସେ ମାଷ୍ଟରଙ୍କ ପାଖକୁ ଆସି କହୁଛନ୍ତି, 'ବିଦ୍ୟାସାଗରଙ୍କର ନୂତନ ସ୍କୁଲ ହେବ ବୋଲି ଶୁଣିଲି । ମୋତେ ମଧ୍ୟ ଖାଦ୍ୟବସ୍ତ୍ରାଦି ଯୋଗାଡ଼ କରିବାକୁ ହେବ । ସ୍କୁଲରେ କାର୍ଯ୍ୟ କଲେ ହେବ ନାହିଁ ?'

## ରାମଲାଲ—ପୂର୍ଣ୍ଣଙ୍କର ଗାଡ଼ିଭଡ଼ା—ସୁରେନ୍ଦ୍ରଙ୍କର ବେଣାଚେରର ପରଦା

ବେଳ ତିନିଟା ଚାରିଟା । ଠାକୁର ଶୋଇଛନ୍ତି । ରାମଲାଲ ପଦସେବା କରୁଛନ୍ତି । ଘରେ ସିଁଥିର ଗୋପାଳ ଓ ମଣି ମଧ୍ୟ ଅଛନ୍ତି । ରାମଲାଲ ଦକ୍ଷିଣେଶ୍ୱରରୁ ଆଜି ଠାକୁରଙ୍କୁ ଦେଖିବାକୁ ଆସିଛନ୍ତି ।

ଠାକୁର ମଣିଙ୍କୁ ଝରକା ବନ୍ଦ କରିଦେବାକୁ ଓ ପାଦରେ ହାତ ବୁଲାଇଦେବାକୁ କହୁଛନ୍ତି ।

ଶ୍ରୀଯୁକ୍ତ ପୂର୍ଣ୍ଣଙ୍କୁ ଗାଡ଼ିଭଡ଼ା କରି କାଶୀପୁର ଉଦ୍ୟାନକୁ ଆସିବାକୁ କହିଥିଲେ । ସେ ଆସି ଦର୍ଶନ କରି ଯାଇଛନ୍ତି । ମଣି ଗାଡ଼ିଭଡ଼ା ଦେବେ । ଠାକୁର ଗୋପାଳଙ୍କୁ ଇଙ୍ଗିତକରି ପ୍ରଶ୍ନ କରୁଛନ୍ତି—'ଏହାଙ୍କ ପାଖରୁ ପାଇଛ ? ଗୋପାଳ କହୁଛନ୍ତି—ଆଜ୍ଞା ହଁ ।'

ସମୟ ରାତି ନଅଟା ହେଲା । ସୁରେନ୍ଦ୍ର, ରାମ ପ୍ରଭୃତି କଲିକତା ଫେରିଯିବାକୁ ପ୍ରସ୍ତୁତ ହେଉଛନ୍ତି ।

ବୈଶାଖ ମାସ । ତେଣୁ ଦିନବେଳେ ଠାକୁରଙ୍କ ଘରେ ବହୁତ ଗରମ ହୁଏ । ସୁରେନ୍ଦ୍ର ସେଥିପାଇଁ ବେଣାଚେର ଆଣି ଦେଇଛନ୍ତି । ପରଦାକରି ଝରକାରେ ଟଙ୍ଗାଇଦେଲେ ବେଶ୍ ଥଣ୍ଡା ହେବ ।

ସୁରେନ୍ଦ୍ର—କାହିଁକି, ବେଣାଚେର କେହି ପରଦାକରି ଟାଙ୍ଗିଦେଲେ ନାହିଁ ?—କେହି ମନ ଦେଉନାହାନ୍ତି ।

ଜଣେ ଭକ୍ତ(ସହାସ୍ୟେ)—ଭକ୍ତମାନଙ୍କର ବର୍ତ୍ତମାନ ବ୍ରହ୍ମଜ୍ଞାନୀର ଅବସ୍ଥା । ବର୍ତ୍ତମାନ ସୋଽହଂ—ଜଗତ ମିଥ୍ୟା । ପୁଣି 'ତୁମେ ପ୍ରଭୁ, ମୁଁ ଦାସ' ଏହି ଭାବ ଯେତେବେଳେ ଆସିବ ସେତେବେଳେ ଏହିସବୁ ସେବା ହେବ ! (ସମସ୍ତଙ୍କର ହାସ୍ୟ) ।

❁❁❁

# ଚତୁର୍ଦ୍ଦଶ ପରିଚ୍ଛେଦ

## (୧)

## ଠାକୁର ଶ୍ରୀରାମକୃଷ୍ଣ ଭକ୍ତଙ୍କ ସଙ୍ଗରେ କାଶୀପୁର ଉଦ୍ୟାନରେ

କାଶୀପୁର ଉଦ୍ୟାନ । ରାଖାଲ, ଶଶୀ ଓ ମାଷ୍ଟର ସନ୍ଧ୍ୟା ସମୟରେ ଉଦ୍ୟାନ ପଥରେ ପଦଚାରଣ କରୁଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ଅସୁସ୍ଥ;— ଉଦ୍ୟାନକୁ ଚିକିତ୍ସା କରାଇବାକୁ ଆସିଛନ୍ତି । ସେ ଉପରେ ଦ୍ୱିତଳ ଘରେ ଅଛନ୍ତି, ଭକ୍ତମାନେ ତାଙ୍କର ସେବା କରୁଛନ୍ତି । ଆଜି ଗୁରୁବାର, ୨୨ ତାରିଖ ଏପ୍ରିଲ, ୧୮୮୬ ଖ୍ରୀଷ୍ଟାବ୍ଦ, Good Fridayର ପୂର୍ବଦିନ ।

ମାଷ୍ଟର—ଠାକୁରଙ୍କର ବାଳକ ଅବସ୍ଥା—ସେ ତିନିଗୁଣର ଉର୍ଦ୍ଧ୍ୱରେ ।

ଶଶୀ ଓ ରାଖାଲ—ଠାକୁରେ ମଧ୍ୟ ଏହା କହିଛନ୍ତି ।

ରାଖାଲ—ଯେପରି ଗୋଟାଏ tower ? ଠାରେ ବସିଲେ ସବୁ ଖବର ମିଳେ, ସବୁ ଦେଖିବାକୁ ମିଳେ, କିନ୍ତୁ କେହି ସେଠାରେ ପହଞ୍ଚି ପାରନ୍ତି ନାହିଁ ।

ମାଷ୍ଟର—ଠାକୁର କହିଛନ୍ତି, ଏ ଅବସ୍ଥାରେ ସର୍ବଦା ଈଶ୍ୱର ଦର୍ଶନ ହୋଇପାରେ । ସମ୍ପୂର୍ଣ୍ଣରୂପେ ବିଷୟରସ ନଥିବାରୁ ମନ ରୂପି ଶୁଖିଲା କାଠରେ ନିଆଁ ଶୀଘ୍ର ଧରେ ।

ଶଶୀ—ବୁଦ୍ଧିର ପ୍ରକାର ଭେଦ ବିଷୟରେ ଠାକୁର ଚାରୁକୁ କହୁଥିଲେ, "ଯେଉଁ ବୁଦ୍ଧି ଦ୍ୱାରା ଭଗବାନ ଲାଭ ହୁଏ, ତାହା ହିଁ ସଦ୍‌ବୁଦ୍ଧି । ଯେଉଁ ବୁଦ୍ଧି ଦ୍ୱାରା ଅର୍ଥ ହୁଏ, ଘର ହୁଏ, ଡେପୁଟୀ ଚାକିରୀ ହୁଏ, ଓକିଲାତି ହୁଏ, ସେ ବୁଦ୍ଧି ହୀନବୁଦ୍ଧି । ସେ ବୁଦ୍ଧି ପାଣିମିଶା ଦହି ପରି ବୂଡ଼ାକୁ କେବଳ ଭିଜାଇ ଦିଏ । ବସାଦହି ପରି ତାହା ଭଲ ଦହି ନୁହେଁ । ଯେଉଁ ବୁଦ୍ଧିରେ ଭଗବାନ ଲାଭ ହୁଏ, ସେହି ବୁଦ୍ଧି କିନ୍ତୁ ବସାଦହି ପରି ଭଲ ଦହି ।

ମାଷ୍ଟର—ଆହା ! କି କଥା !

ଶଶୀ—କାଳୀ ତପସ୍ୱୀ ଠାକୁରଙ୍କ ପାଖରେ କହୁଥିଲେ, "ଆନନ୍ଦ କଅଣ ହେବ ? ଶବର, ମାନଙ୍କର ତ ଆନନ୍ଦ ଅଛି । ଅସଭ୍ୟ ଭାବରେ ହୋ ହୋ କରି ନାଚୁଛନ୍ତି, ଗାଉଛନ୍ତି ।"

ରାଖାଲ—ଠାକୁର କହିଲେ, ତାହା କିପରି ହେବ ? ବ୍ରହ୍ମାନନ୍ଦ ଆଉ ବିଷୟାନନ୍ଦ କ'ଣ ଏକା ? ଜୀବମାନେ ବିଷୟାନନ୍ଦ ନେଇ ଅଛନ୍ତି । ବିଷୟାସକ୍ତି ସବୁ ନ ଗଲେ ବ୍ରହ୍ମାନନ୍ଦ ହୁଏ ନାହିଁ । ଗୋଟିଏ ଦିଗରେ ଟଙ୍କାର ଆନନ୍ଦ, ଇନ୍ଦ୍ରିୟ ସୁଖର ଆନନ୍ଦ, ଆଉ ଅନ୍ୟ ଦିଗରେ ଈଶ୍ୱରଙ୍କୁ ଲାଭ କରି ଆନନ୍ଦ । ଏହି ଦୁଇ କ'ଣ କେବେ ସମାନ ହୋଇପାରେ ? ଋଷିମାନେ ଏହି ବ୍ରହ୍ମାନନ୍ଦ ଭୋଗ କରିଥିଲେ ।

ମାଷ୍ଟର—କାଳୀ ବର୍ତ୍ତମାନ ବୁଦ୍ଧଦେବଙ୍କୁ ଚିନ୍ତା କରୁଛନ୍ତି, ସେଥିପାଇଁ ଆନନ୍ଦର ଅତୀତ କଥା କହୁଛନ୍ତି ।

ରାଖାଲ—ଠାକୁରଙ୍କ ପାଖରେ ମଧ୍ୟ ବୁଦ୍ଧଦେବଙ୍କର କଥା ଉଠାଇଥିଲେ । ପରମହଂସଦେବ କହିଲେ, "ବୁଦ୍ଧଦେବ ଅବତାର ଥିଲେ, ତାଙ୍କ ସଙ୍ଗରେ କଅଣ ତୁଳନା ହୁଏ ? ବଡ଼ ଘରର ବଡ଼ କଥା ।"

କାଳୀ କହିଥିଲେ, 'ସବୁକିଛି ତ ଈଶ୍ୱରଙ୍କ ଶକ୍ତିର ପ୍ରକାଶ । ତାଙ୍କ ଶକ୍ତିରେ ହିଁ ଈଶ୍ୱରୀୟ ଆନନ୍ଦ, ଆଉ ତାଙ୍କ ଶକ୍ତିରେ ହିଁ ବିଷୟାନନ୍ଦ—

ମାଷ୍ଟର—ଠାକୁର କଅଣ କହିଲେ ?

ରାଖାଲ—ଠାକୁର କହିଲେ, ତାହା କିପରି ହେବ ? ସନ୍ତାନ ଉତ୍ପାଦନ ଶକ୍ତି ଆଉ ଈଶ୍ୱରଲାଭ ଶକ୍ତି କଅଣ ଏକା ?

**[ଶ୍ରୀରାମକୃଷ୍ଣ—ଭକ୍ତଙ୍କ ସଙ୍ଗରେ—'କାମିନୀକାଞ୍ଚନର ଜଞ୍ଜାଳ']**

ଉଦ୍ୟାନର ସେହି ଦୋତାଲା 'ହଲ୍' ଘରେ ଠାକୁର ଶ୍ରୀରାମକୃଷ୍ଣ ଭକ୍ତଙ୍କ ସଙ୍ଗରେ ବସି ଅଛନ୍ତି । ଦେହ ବେଶି ଖରାପ ହୋଇଛି; ଆଜି ପୁଣି ଡାକ୍ତର ମହେନ୍ଦ୍ର ସରକାର ଓ ଡାକ୍ତର ରାଜେନ୍ଦ୍ର ଦତ୍ତ ଦେଖିବାକୁ ଆସିଛନ୍ତି—ଯଦି ଚିକିତ୍ସା ଦ୍ୱାରା କୌଣସି ଉପକାର ହୋଇପାରେ । ଘରେ ନରେନ୍ଦ୍ର, ରାଖାଲ, ଶଶୀ, ସୁରେନ୍ଦ୍ର, ମାଷ୍ଟର, ଭବନାଥ ଓ ଅନ୍ୟାନ୍ୟ ଅନେକ ଭକ୍ତମାନେ ଅଛନ୍ତି ।

ଉଦ୍ୟାନଟି ପାଇକପଡ଼ା ବାବୁମାନଙ୍କର । ପ୍ରାୟ ୬୦, ୬୫ ଟଙ୍କା ଭଡ଼ା ଦେବାକୁ ହୁଏ । ଯୁବକ ଭକ୍ତମାନେ ପ୍ରାୟ ଉଦ୍ୟାନରେ ରହନ୍ତି । ସେମାନେ ହିଁ ଠାକୁରଙ୍କର ସେବା କରନ୍ତି । ଗୃହୀଭକ୍ତମାନେ ସର୍ବଦା ଆସନ୍ତି ଓ ମଝିରେ ମଝିରେ ରାତ୍ରିରେ ମଧ୍ୟ ରହନ୍ତି । ସେମାନଙ୍କର ମଧ୍ୟ ଦିନରାତି ଠାକୁରଙ୍କର ସେବା କରିବାକୁ ଇଚ୍ଛା । କିନ୍ତୁ ସମସ୍ତେ କର୍ମରେ ବଦ୍ଧ—କୌଣସି ନା କୌଣସି କର୍ମ କରିବାକୁ ହୁଏ । ସର୍ବଦା ସେଠାରେ ରହି ସେବା କରିପାରନ୍ତି ନାହିଁ । ଉଦ୍ୟାନର ଖର୍ଚ୍ଚ ଚଳାଇବାପାଇଁ ଯଥା ଶକ୍ତି ଠାକୁରଙ୍କ ସେବାର୍ଥେ ପ୍ରଦାନ କରନ୍ତି, ଅଧିକାଂଶ ଖର୍ଚ୍ଚ ସୁରେନ୍ଦ୍ର ଦିଅନ୍ତି । ତାଙ୍କ ନାମରେ ଉଦ୍ୟାନ ଭଡ଼ାର ଲେଖାପଡ଼ା ହୋଇଛି । ଜଣେ ପାଚକ ବ୍ରାହ୍ମଣ ଓ ଜଣେ ଦାସୀ ସର୍ବଦା ନିଯୁକ୍ତ ଅଛନ୍ତି ।

ଶ୍ରୀରାମକୃଷ୍ଣ(ଡାକ୍ତର ସରକାର ଓ ଅନ୍ୟମାନଙ୍କ ପ୍ରତି)—ଖୁବ୍ ଖର୍ଚ୍ଚ ହେଉଛି ।

ଡାକ୍ତର(ଭକ୍ତମାନଙ୍କୁ ଦେଖାଇ)—ତେବେ ଏମାନେ ସବୁ ପ୍ରସ୍ତୁତ । ଉଦ୍ୟାନର ସମସ୍ତ ଖର୍ଚ୍ଚ ଦେବାକୁ ଏମାନଙ୍କର କୌଣସି କଷ୍ଟ ନାହିଁ । (ଶ୍ରୀରାମକୃଷ୍ଣଙ୍କ ପ୍ରତି) ଦେଖ, ବର୍ତ୍ତମାନ କାଞ୍ଚନ ଦରକାର ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—କହନା ?

ଠାକୁରେ ନରେନ୍ଦ୍ରଙ୍କୁ ଉତ୍ତର ଦେବାକୁ ଆଦେଶ ଦେଲେ । ନରେନ୍ଦ୍ର ଚୁପ୍ କରି ଅଛନ୍ତି । ଡାକ୍ତର ପୁଣି କଥା କହୁଛନ୍ତି ।

ଡାକ୍ତର—କାଞ୍ଚନ ଦରକାର । ପୁଣି କାମିନୀ ମଧ୍ୟ ଦରକାର ।

ରଜେନ୍ଦ୍ର ଡାକ୍ତର—ତାଙ୍କ (ଶ୍ରୀରାମକୃଷ୍ଣଙ୍କ) ସ୍ତ୍ରୀ ରାନ୍ଧି ବାଢ଼ି ଦେଉଛନ୍ତି ।

ଡାକ୍ତର ସରକାର (ଠାକୁରଙ୍କ ପ୍ରତି)—ଦେଖିଲ ?

ଶ୍ରୀରାମକୃଷ୍ଣ(ଈଷତ୍ ହାସ୍ୟ କରି)—ବଡ଼ ଜଞ୍ଜାଳ !

ଡାକ୍ତର ସରକାର—ଜଞ୍ଜାଳ ନ ରହିଲେ ତ ସମସ୍ତେ ପରମହଂସ ।

ଶ୍ରୀରାମକୃଷ୍ଣ—ସ୍ତ୍ରୀ ଲୋକ ଦେହରେ ଲାଗିଲେ ଅସୁସ୍ଥ ହୁଏ; ଯେଉଁଠାରେ ଲାଗନ୍ତି ସେଠାରେ ଯନ୍ତ୍ରଣା ହୁଏ, ଯେପରି ରଡା ମାଛର କଣ୍ଟା ବିନ୍ଧିଛି ।

ଡାକ୍ତର—ମୁଁ ତାହା ବିଶ୍ୱାସ କରେ,—ତେବେ ନ ହେଲେ ଚଳୁଛି କେଉଁଠି ?

ଶ୍ରୀରାମକୃଷ୍ଣ—ହାତରେ ଟଙ୍କା ଧରିଲେ ହାତ ବଙ୍କିଯାଏ । ନିଶ୍ୱାସ ବନ୍ଦ ହୋଇଯାଏ । ଟଙ୍କାରେ ଯଦି କେହି ବିଦ୍ୟାର ସଂସାର କରେ,—ଈଶ୍ୱରଙ୍କର ସେବା—ସାଧୁଭକ୍ତଙ୍କର ସେବା କରେ, ସେଥିରେ ଦୋଷ ନାହିଁ ।

''ସ୍ତ୍ରୀଲୋକ ନେଇ ମାୟାର ସଂସାର କରନ୍ତି । ସେଥିରେ ଈଶ୍ୱରଙ୍କୁ ଭୁଲି ଯାଆନ୍ତି । ଯେ ଜଗତର ମା', ସେ ହିଁ କେବଳ ଏହି ମାୟାର ରୂପ—ସ୍ତ୍ରୀଲୋକର ରୂପ ଧରିଛନ୍ତି । ଏହିଟି ଠିକ୍ ଜାଣିଲେ ଆଉ ମାୟାର ସଂସାର କରିବାକୁ ଇଚ୍ଛା ହୁଏ ନାହିଁ; ସବୁ ସ୍ତ୍ରୀ ଲୋକଙ୍କୁ ଠିକ୍ ମା' ବୋଲି ବୋଧ ହେଲେ ଯାଇ ବିଦ୍ୟାର ସଂସାର କରିପାର । ଈଶ୍ୱର ଦର୍ଶନ ନ ହେଲେ ସ୍ତ୍ରୀଲୋକ କି ବସ୍ତୁ ବୁଝାଯାଏ ନାହିଁ ।

ହୋମିଓପ୍ୟାଥି (Homeopathy) ଔଷଧ ଖାଇ ଠାକୁରେ କିଛିଦିନ ହେବ ଟିକିଏ ଭଲ ଅଛନ୍ତି ।

ରାଜେନ୍ଦ୍ର—ଭଲହେବାପରେ ଆପଣଙ୍କୁ ହୋମିଓପ୍ୟାଥି ମତରେ ଡାକ୍ତରୀ କରିବାକୁ ହେବ । ଆଉ ତାହା ନହେଲେ ବଞ୍ଚି ବା କି ଲାଭ ? (ସମସ୍ତଙ୍କର ହାସ୍ୟ) ।

ନରେନ୍ଦ୍ର—Nothing like leather.(ଯେ ମୋଚି କାମ କରେ, ସେ କହେ, ଚମଡ଼ାପରି ଉତ୍କୃଷ୍ଟ ଜିନିଷ ଏ ଜଗତରେଆଉ କିଛି ନାହିଁ) । (ସମସ୍ତଙ୍କରହାସ୍ୟ) ।

କିୟତ୍କ୍ଷଣ ପରେ ଡାକ୍ତରମାନେ ଚାଲିଗଲେ ।

## (୨)

## ଶ୍ରୀରାମକୃଷ୍ଣ କାହିଁକି କାମିନୀ–କାଞ୍ଚନ ତ୍ୟାଗ କରିଛନ୍ତି?

ଠାକୁର ମାଷ୍ଟରଙ୍କ ସହିତ କଥା କହୁଛନ୍ତି । 'କାମିନୀ' ସମ୍ବନ୍ଧରେ ନିଜର ଅବସ୍ଥା ବିଷୟରେ କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—କାମିନୀ କାଞ୍ଚନ ନହେଲେ ଚଳେ ନାହିଁ ବୋଲି ଏମାନେ କହୁଛନ୍ତି । ମୋର ଅବସ୍ଥା ସମ୍ପର୍କରେ ସେମାନେ ଜାଣନ୍ତି ନାହିଁ ।

"ସ୍ତ୍ରୀଲୋକଙ୍କ ଦେହରେ ହାତ ଲାଗିଲେ ହାତରେ ଯନ୍ତ୍ରଣା ହୁଏ ।"

"ଯଦି ଆତ୍ମୀୟତା କରି ପାଖକୁ କଥା କହିବାକୁ ଯାଏ, ମଝିରେ ଯେପରି ଗୋଟାଏ ସୀମା ଥାଏ, ସେ ସୀମା ଅତିକ୍ରମକରି ଯିବାର ଶକ୍ତି ନାହିଁ ।

"ଘରେ ଏକାକୀ ବସିଛି, ଏପରି ସମୟରେ ଯଦି କୌଣସି ସ୍ତ୍ରୀଲୋକ ଆସେ, ତାହାହେଲେ ଏକାବେଳକେ ବାଳକର ଅବସ୍ଥା ହୋଇଯାଏ, ଆଉ ସେହି ସ୍ତ୍ରୀଲୋକକୁ ମାଆ ବୋଲି ଜ୍ଞାନ ହୁଏ ।"

ମାଷ୍ଟର ଅବାକ୍ ହୋଇ ଠାକୁରଙ୍କର ବିଛଣା ପାଖରେ ବସି ଏହି ସମସ୍ତ କଥା ଶୁଣୁଛନ୍ତି । ବିଛଣାରୁ ଟିକିଏ ଦୂରରେ ଭବନାଥଙ୍କ ସହିତ ନରେନ୍ଦ୍ର କଥା କହୁଛନ୍ତି । ଭବନାଥ ବିବାହ କରିଛନ୍ତି । କାମଦାମ ପାଇଁ ଚେଷ୍ଟା କରୁଛନ୍ତି । କାଶୀପୁର ଉଦ୍ୟାନରେ ଠାକୁରଙ୍କୁ ଦେଖିବାକୁ ବେଶୀ ଆସିପାରନ୍ତି ନାହିଁ । ଭବନାଥ ସଂସାର ଜଞ୍ଜାଳରେ ଛନ୍ଦି ହୋଇଥିବାରୁ ଠାକୁର ଶ୍ରୀରାମକୃଷ୍ଣ ତାଙ୍କ ପାଇଁ ଚିନ୍ତିତ ରହନ୍ତି । ଭବନାଥଙ୍କ ବୟସ ୨୩/୨୪ ବର୍ଷ ହେବ ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ତାକୁ ଖୁବ୍ ସାହସ ଦେ ।

ନରେନ୍ଦ୍ର ଓ ଭବନାଥ ଠାକୁରଙ୍କ ଆଡ଼କୁ ଅନାଇ ଟିକିଏ ହସିଲେ । ଠାକୁର ଇସାରା କରି ପୁଣି ଭବନାଥଙ୍କୁ କହୁଛନ୍ତି—"ଖୁବ୍ ବୀରପୁରୁଷ ହେବୁ । ସ୍ତ୍ରୀ ଓଢ଼ଣା ଟଣା କାନ୍ଦଣାରେ ଭୁଲିବୁ ନାହିଁ । ସିଙ୍ଗାଣି ପୋଛି କାନ୍ଦନ୍ତି । (ନରେନ୍ଦ୍ର, ଭବନାଥ ଓ ମାଷ୍ଟରଙ୍କ ହାସ୍ୟ)

"ଭଗବାନଙ୍କଠାରେ ମନ ଠିକ୍ ରଖିବୁ; ଯେ ବୀରପୁରୁଷ ସେ ରମଣୀ ସଙ୍ଗରେ ରହେ, କିନ୍ତୁ ରମଣ କରେ ନାହିଁ ।" **ସ୍ତ୍ରୀ ସଙ୍ଗରେ କେବଳ ଈଶ୍ୱରୀୟ କଥା କହିବୁ ।**

କିୟତ୍‌କ୍ଷଣ ପରେ ଠାକୁର ପୁଣି ଇସାରା କରି ଭବନାଥଙ୍କୁ କହୁଛନ୍ତି— "ଆଜି ଏଠାରେ ଖାଆ ।"

ଭବନାଥ କହିଲେ—ଆଜ୍ଞା ହଁ । ମୁଁ ଭଲ ଅଛି । ମୋ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ।

ସୁରେନ୍ଦ୍ର ଆସି ବସିଛନ୍ତି । ବୈଶାଖ ମାସ । ଭକ୍ତମାନେ ଠାକୁରଙ୍କୁ ସନ୍ଧ୍ୟାପରେ ପ୍ରତ୍ୟହ ଫୁଲମାଳ ନିବେଦନ କରନ୍ତି । ସେହି ମାଳଗୁଡ଼ିକୁ ଠାକୁର ଗୋଟିଏ ଗୋଟିଏ କରି ଗଳାରେ ପିନ୍ଧନ୍ତି । ସୁରେନ୍ଦ୍ର ନିଃଶବ୍ଦରେ ବସିଛନ୍ତି । ଠାକୁରେ ପ୍ରସନ୍ନ ହୋଇ ତାଙ୍କୁ ଦୁଇଟି ଫୁଲମାଳ ଦେଲେ । ସୁରେନ୍ଦ୍ର ଠାକୁରଙ୍କୁ ପ୍ରଣାମକରି ସେହି ମାଳା ମସ୍ତକରେ ଧାରଣ କରି ଗଳାରେ ପିନ୍ଧିଲେ ।

ସମସ୍ତେ ଚୁପ୍ କରି ବସିଛନ୍ତି ଓ ଠାକୁରଙ୍କୁ ଦେଖୁଛନ୍ତି । ଏଥର ସୁରେନ୍ଦ୍ର ଠାକୁରଙ୍କୁ ପ୍ରଣାମ କରି ଦଣ୍ଡାୟମାନ ହେଲେ, ସେ ବିଦାୟ ନେବେ । ଯିବା ସମୟରେ ଭବନାଥଙ୍କୁ ଡାକି କହିଲେ ବେଣାଚେର ପରଦା ଟଙ୍ଗାଇ ଦିଅ । ଭାରି ଗରମ ହେଉଛି । ଠାକୁରଙ୍କ ଉପରେ ହଲଘରେ ଦିନବେଳା ଭାରି ଗରମ ହୁଏ । ସେଥିପାଇଁ ସୁରେନ୍ଦ୍ର ବେଣାଚେରର ପରଦା କିଣି ଆଣିଛନ୍ତି ।

## (୩)

## ଶ୍ରୀରାମକୃଷ୍ଣ ହୀରାନନ୍ଦ ପ୍ରଭୃତି ଭକ୍ତଙ୍କ ସଙ୍ଗରେ କାଶୀପୁର ଉଦ୍ୟାନରେ

[ଠାକୁରଙ୍କର ଉପଦେଶ—ଯୋ କୁଛ୍ ହ୍ୟାୟ ସୋ ତୁହିଁ ହ୍ୟାୟ—ନରେନ୍ଦ୍ର ଓ ହୀରାନନ୍ଦଙ୍କ ଚରିତ୍ର]

କାଶୀପୁର ଉଦ୍ୟାନରେ ଠାକୁର ଶ୍ରୀରାମକୃଷ୍ଣ ଉପର ହଲ୍ ଘରେ ବସିଛନ୍ତି । ସମ୍ମୁଖରେ ହୀରାନନ୍ଦ, ମାଷ୍ଟର, ଆଉ ମଧ୍ୟ ଜଣେ ଦୁଇଜଣ ଭକ୍ତ, ଆଉ ହୀରାନନ୍ଦଙ୍କ ସଙ୍ଗରେ ତାଙ୍କର ଦୁଇଜଣ ବନ୍ଧୁ ଆସିଛନ୍ତି । ହୀରାନନ୍ଦ ସିନ୍ଧୁ ଦେଶବାସୀ, କଲିକତା କଲେଜରେ ୧୮୮୩ ଖ୍ରୀଷ୍ଟାବ୍ଦରେ ଅଧ୍ୟୟନ ଶେଷକରି ଦେଶକୁ ଫେରିଯାଇ ସେଠାରେ ଥିଲେ । ଶ୍ରୀରାମକୃଷ୍ଣ ଅସୁସ୍ଥ ହୋଇଛନ୍ତି ଶୁଣି ତାଙ୍କୁ ଦେଖିବାକୁ ଆସିଛନ୍ତି । ସିନ୍ଧୁଦେଶ କଲିକତାଠାରୁ ପ୍ରାୟ ଏଗାର ଶତ କୋଶ ହେବ । ହୀରାନନ୍ଦଙ୍କୁ ଦେଖିବାପାଇଁ ଠାକୁର ବ୍ୟସ୍ତ ହୋଇଥିଲେ ।

ଠାକୁର ହୀରାନନ୍ଦଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ମାଷ୍ଟରଙ୍କୁ ଇଙ୍ଗିତ କଲେ—ଯେପରି କହୁଛନ୍ତି ଯୁବକଟି ଭଲ ।

ଶ୍ରୀରାମକୃଷ୍ଣ(ହୀରାନନ୍ଦ ଓ ମାଷ୍ଟରଙ୍କ ପ୍ରତି)—ତୁମେମାନେ ଟିକିଏ କଥା କୁହ, ମୁଁ ଶୁଣେ । ମାଷ୍ଟର ଚୁପ୍‌କରି ଅଛନ୍ତି ଦେଖି ଠାକୁର ମାଷ୍ଟରଙ୍କୁ ପ୍ରଶ୍ନ କଲେ, ନରେନ୍ଦ୍ର ଅଛି ? ତାକୁ ଡାକିଆଣ ।

ନରେନ୍ଦ୍ର ଉପରକୁ ଆସିଲେ ଓ ଠାକୁରଙ୍କ ପାଖରେ ବସିଲେ ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ର ଓ ହୀରାନନ୍ଦଙ୍କୁ)—ଦୁଇଜଣ ଟିକିଏ କଥା କୁହ । ହୀରାନନ୍ଦ ଚୁପ୍‌କରି ଅଛନ୍ତି । ଅନେକ ଇତସ୍ତତଃ କରି ସେ କଥା ଆରମ୍ଭ କଲେ ।

ହୀରାନନ୍ଦ(ନରେନ୍ଦ୍ରଙ୍କ ପ୍ରତି)—ଆଚ୍ଛା, ଭକ୍ତର ଦୁଃଖ କାହିଁକି ?

ହୀରାନନ୍ଦଙ୍କର କଥାଗୁଡିକ ଭାରି ଶ୍ରୁତିମଧୁର । ଯେଉଁମାନେ କଥାଗୁଡିକ ଶୁଣିଲେ, ସେମାନେ ବୁଝିପାରିଲେ ଯେ, ଏହାଙ୍କ ହୃଦୟ ପ୍ରେମରେ ପୂର୍ଣ୍ଣ ।

ନରେନ୍ଦ୍ର—The Scheme of the universe is devilish! I could have created a better world ! (ଏ ଜଗତର ବ୍ୟବସ୍ଥା ଦେଖି ମନେ ହୁଏ ଯେ, ଏହା ଶୟତାନର ସୃଷ୍ଟି, ମୁଁ ଏହା ଅପେକ୍ଷା ଭଲ ଜଗତ ସୃଷ୍ଟି କରିଥାଆନ୍ତି) ।

ହୀରାନନ୍ଦ—ଦୁଃଖ ନ ଥିଲେ କଅଣ ସୁଖ ବୋଧ ହୁଏ?

ନରେନ୍ଦ୍ର—I am giving no scheme of the universe but simply my opinion of the present scheme (ଜଗତ କି ଉପାଦାନରେ ସୃଷ୍ଟି କରିବାକୁ ହେବ, ମୁଁ ତାହା କହୁନାହିଁ । ମୁଁ କହୁଛି—ଯେଉଁ ବ୍ୟବସ୍ଥା ଦେଖୁଛି, ସେ ବ୍ୟବସ୍ଥା ଭଲ ନୁହେଁ ।)

ତେବେ ଗୋଟିଏ କଥାରେ ବିଶ୍ୱାସ କଲେ ଏ ସବୁ ସମସ୍ୟା ଦୂରେଇ ଯାଏ । Our only refuge is in Pantheism; ସବୁକିଛି ହିଁ ଈଶ୍ୱର,—ଏହି ବିଶ୍ୱାସ ହେବାମାତ୍ରେ କୌଣସି ସମସ୍ୟା ରହେନାହିଁ । ମୁଁ ହିଁ ସବୁକିଛି କରୁଛି ।

ହୀରାନନ୍ଦ—ସେ କଥା କହିବା ସହଜ ।

ନରେନ୍ଦ୍ର—ନିର୍ବାଣ ଷଟକମ୍ ସୁର କରି ଆବୃତ୍ତି କରୁଛନ୍ତି ।

ଓଁ ମନୋବୁଦ୍ଧ୍ୟହଙ୍କାରଚିତ୍ତାନି ନାହଂ
ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ ।
ନ ଚ ବ୍ୟୋମଭୂମୀ ନ ତେଜୋ ନ ବାୟୁ-
ଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ॥୧॥
ନ ଚ ପ୍ରାଣସଂଜ୍ଞୋ ନ ବୈ ପଞ୍ଚବାୟୁ-
ର୍ନ ବା ସପ୍ତଧାତୁର୍ନ ବା ପଞ୍ଚକୋଷାଃ ।
ନ ବାକ୍‌ପାଣିପାଦଂ ନ ଚୋପସ୍ଥପାୟୂ
ଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ॥୨॥
ନ ମେ ଦ୍ୱେଷରାଗୌ ନ ମେ ଲୋଭମୋହୌ
ମଦୋ ନୈବ ମେ ନୈବ ମାତ୍ସର୍ଯ୍ୟଭାବଃ ।
ନ ଧର୍ମୋ ନ ଚାର୍ଥୋ ନ କାମୋ ନ ମୋକ୍ଷ-
ଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ॥୩॥
ନ ପୁଣ୍ୟଂ ନ ପାପଂ ନ ସୌଖ୍ୟଂ ନ ଦୁଃଖଂ
ନ ମନ୍ତ୍ରୋ ନ ତୀର୍ଥଂ ନ ବେଦା ନ ଯଜ୍ଞାଃ ।

ଅହଂ ଭୋଜନଂ ନୈବ ଭୋଜ୍ୟଂ ନ ଭୋକ୍ତା
ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।।୪।।
ନ ମୃତ୍ୟୁର୍ନ ଶଙ୍କା ନ ମେ ଜାତିଭେଦଃ
ପିତା ନୈବ ମେ ନୈବ ମାତା ଚ ଜନ୍ମ ।
ନ ବନ୍ଧୁର୍ନ ମିତ୍ରଂ ଗୁରୁର୍ନୈବ ଶିଷ୍ୟ-
ଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।।୫।।
ଅହଂ ନିର୍ବିକଳ୍ପୋ ନିରାକାରରୂପୋ
ବିଭୁତ୍ୱାଚ୍ଚ ସର୍ବତ୍ର ସର୍ବେନ୍ଦ୍ରିୟାଣାମ୍ ।
ନ ଚାସଙ୍ଗତଂ ନୈବ ମୁକ୍ତିର୍ନ ମେୟ-
ଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।।୬।।

ହୀରାନନ୍ଦ—ଚମତ୍କାର ।

ଠାକୁରେ ହୀରାନନ୍ଦଙ୍କୁ ଇସାରା କଲେ, ଏହାର ଉତ୍ତର ଦିଅ ।

ହୀରାନନ୍ଦ—ଗୋଟିଏ କଣରୁ ଘର ଦେଖାଇବା ଯାହା, ଘରର ମଝିରେ ଠିଆହୋଇ ଘର ଦେଖାଇବା ତାହା । ହେ ଈଶ୍ୱର! ମୁଁ ତୁମର ଦାସ, —ସେଥିରେ ଈଶ୍ୱରାନୁଭବ ହୁଏ, ଆଉ ମୁଁ ହିଁ ସେ, ସୋଽହଂ—ସେଥିରେ ମଧ୍ୟ ଈଶ୍ୱରାନୁଭବ । ଗୋଟିଏ ଦ୍ୱାର ଦେଇ ଘର ଭିତରକୁ ଯାଇ ହୁଏ, ଆଉ ନାନା ଦ୍ୱାର ଦେଇ ମଧ ଘରକୁ ଯାଇ ହୁଏ ।

ସମସ୍ତେ ଚୁପ୍ କରି ଅଛନ୍ତି । ହୀରାନନ୍ଦ ନରେନ୍ଦ୍ରଙ୍କୁ କହିଲେ, ଟିକିଏ ଗୀତ ଗାଆନ୍ତୁ । ନରେନ୍ଦ୍ର ସ୍ୱର କରି କୌପୀନ ପଞ୍ଚକ ଗାଉଛନ୍ତି—

ବେଦାନ୍ତବାକ୍ୟେଷୁ ସଦା ରମନ୍ତୋ
ଭିକ୍ଷାନ୍ନମାତ୍ରେଣ ଚ ତୁଷ୍ଟିମନ୍ତଃ ।
ଅଶୋକମନ୍ତଃକରଣେ ଚରନ୍ତଃ
କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ।।୧।।
ମୂଳଂ ତରୋଃ କେବଳମାଶ୍ରୟନ୍ତଃ
ପାଣିଦ୍ୱୟଂ ଭୋକ୍ତୁମାମନ୍ତ୍ରୟନ୍ତଃ ।
କନ୍ଥାମିବ ଶ୍ରୀମପି କୁତ୍ସୟନ୍ତଃ
କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ।।୨।।
ସ୍ୱାନନ୍ଦଭାବେ ପରିତୁଷ୍ଟିମନ୍ତଃ
ସୁଶାନ୍ତସର୍ବେନ୍ଦ୍ରିୟବୃତ୍ତିମନ୍ତଃ
ଅହର୍ନିଶଂ ବ୍ରହ୍ମସୁଖେ ରମନ୍ତଃ

କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ॥୩॥

ଠାକୁର ଯହୁଁ ଶୁଣିଲେ,—"ଅହର୍ନିଶଂ ବ୍ରହ୍ମସୁଖେ ରମନ୍ତଃ"—ସଙ୍ଗେ ସଙ୍ଗେ ଆସ୍ତେ ଆସ୍ତେ କହୁଛନ୍ତି; ଆହା ! ଆଉ ଇଙ୍ଗିତ କରି କହୁଛନ୍ତି, 'ଏହିଟି ଯୋଗୀର ଲକ୍ଷଣ ।'

ନରେନ୍ଦ୍ର କୌପୀନ ପଞ୍ଚକ ସମାପ୍ତ କରୁଛନ୍ତି ।

ଦେହାଦିଭାବଂ ପରିବର୍ତ୍ତୟନ୍ତଃ
ଆତ୍ମାନମାତ୍ମନ୍ୟବଲୋକୟନ୍ତଃ ।
ନାନ୍ତଂ ନ ମଧ୍ୟଂ ନ ବହିଃ ସ୍ମରନ୍ତଃ
କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ॥୪॥
ବ୍ରହ୍ମାକ୍ଷରଂ ପାବନମୁଚ୍ଚରନ୍ତୋ
ବ୍ରହ୍ମାହମସ୍ମୀତି ବିଭାବୟନ୍ତଃ ।
ଭିକ୍ଷାଶିନୋ ଦିକ୍ଷୁ ପରିଭ୍ରମନ୍ତଃ
କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ॥୫॥

ନରେନ୍ଦ୍ର ପୁଣି ଗାଉଛନ୍ତି:-

ପରିପୂର୍ଣ୍ଣମାନନ୍ଦମ୍ ।
ଅଙ୍ଗ ବିହୀନଂ ସ୍ମର ଜଗନ୍ନିଧାନମ୍ ।
ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ ମନୋ ଯଦ୍‌ବାଚୋହବାଚଂ ।
ବାଗାତୀତଂ ପ୍ରାଣସ୍ୟ ପ୍ରାଣଂ ପରଂ ବରେଣ୍ୟମ୍ ।

ଶ୍ରୀରାମକୃଷ୍ଣ(ନରେନ୍ଦ୍ରଙ୍କ ପ୍ରତି)—ଆଉ ସେଇଟା—"ଯୋ କୁଛ୍ ହୈ ସୋ ତୁ ହିଁ ହୈ !"

ନରେନ୍ଦ୍ର ଗୀତଟି ଗାଉଛନ୍ତି—

ତୁଝ୍‌ସେ ହମ୍‌ନେ ଦିଲ୍ କୋ ଲଗାୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ।
ଏକ ତୁଝ୍‌କୋ ଅପନା ପାୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ॥
ସବକେ ମକାନ ଦିଲ କା ମକାନ ତୂ, କୌନ ସା ଦିଲ୍ ହୈ ଜିସମେଁ ନହିଁ ତୁ ।
ହରେକ୍ ଦିଲ ମେଁ ତୂ ହୀ ସମାୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ॥
କ୍ୟା ମଲାୟକ କ୍ୟା ଇନ୍‌ସାନ, କ୍ୟା ହିନ୍ଦୂ କ୍ୟା ମୁସଲମାନ ।
ଜୈସେ ଚାହା ତୂନେ ବନାୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ॥
କାବା ମେଁ କ୍ୟା, ଦେବଲ ମେଁ କ୍ୟା, ତେରୀ ପରସ୍ତିଶ ହୋଗୀ ସବ ଜାଁ ।
ସବନେ ତୁଝ୍‌କୋ ସିର ହୈ ଝୁକାୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ॥
ଅର୍ଶ ସେ ଲେକର ଫର୍ଶ ଜମୀଂ ତକ୍ ଔର ଜମୀଂ ସେ ଆର୍ଶ ବରୀ ତକ୍ ।
ଜହାଁ ମେଁ ଦେଖା ତୂ ହୀ ନଜର ଆୟା, ଜୋ କୁଛ୍ ହୈ ସୋ ତୁ ହୀ ହୈ ॥

ସୋଚା ସମ୍‌ଝା ଦେଖା-ଭାଲା, ତୁ ଜୈସା କୋଇ ନ ଢୁଂଡ୍ ନିକାଲା ।
ଅବ ୟହ ସମଝ୍ ମେଁ 'ଜଫର' କୀ ଆୟା, ଜୋ କୁଛ୍ ହୈ ସୋ ତୂ ହୀ ହୈ ॥

"ହରେକ୍ ଦିଲ ମେଁ" ଏହି କଥା ଗୁଡ଼ିକ ଶୁଣି ଠାକୁରେ ଇସାରା କରି କହୁଛନ୍ତି ଯେ, ସେ ପ୍ରତ୍ୟେକଙ୍କ ହୃଦୟରେ ଅଛନ୍ତି, ସେ ଅନ୍ତର୍ଯ୍ୟାମୀ । "ଜହାଁ ମେଁ ଦେଖା ତୁ ହୀ ନଜର ଆୟା, ଜୋ କୁଛ୍ ହୈ ସୋ ତୁ ହୀ ହୈ ॥" ହୀରାନନ୍ଦ ଏହିଟି ଶୁଣି ନରେନ୍ଦ୍ରଙ୍କୁ କହୁଛନ୍ତି,—'ସୋ ତୁ ହୀ ହୈ', ବର୍ତ୍ତମାନ ତୁହୁଁ ତୁହୁଁ । ମୁଁ ନୁହେଁ; ତୁମେ !

ନରେନ୍ଦ୍ର—Give me one and I will give a million (ମୁଁ ଯଦି ଗୋଟିଏ ପାଏ, ତାହା ହେଲେ ନିୟୁତ, କୋଟି ଅନାୟାସରେ କରିପାରେ—ଅର୍ଥାତ୍ ୧ ପରେ ଶୂନ୍ୟ ବସାଇ) ତୁମେ ମୁଁ, ମୁଁ ମଧ୍ୟ ତୁମେ; ମୁଁ ବ୍ୟତୀତ ଆଉ କିଛି ନାହିଁ ।

ଏହା କହି ନରେନ୍ଦ୍ର ଅଷ୍ଟାବକ୍ରସଂହିତାରୁ କେତେ ଗୁଡ଼ିଏ ଶ୍ଳୋକ ଆବୃତ୍ତି କରିବାକୁ ଲାଗିଲେ । ପୁଣି ସମସ୍ତେ ଚୁପ୍ କରି ବସିଛନ୍ତି ।

ଶ୍ରୀରାମକୃଷ୍ଣ(ହୀରାନନ୍ଦଙ୍କ ପ୍ରତି, ନରେନ୍ଦ୍ରଙ୍କୁ ଦେଖାଇ)—ଯେପରି କୋଷମୁକ୍ତ ତରବାରୀ ନେଇ ବୁଲୁଛି ।

(ମାଷ୍ଟରଙ୍କ ପ୍ରତି ହୀରାନନ୍ଦଙ୍କୁ ଦେଖାଇ)—"କି ଶାନ୍ତ ! କେଳା ପାଖରେ ନାଗସାପ ଯେପରି ଫଣାଟେକି ଚୁପ ରହିଥାଏ ।

## (୪)

## ଠାକୁରଙ୍କର ଆତ୍ମପୂଜା—ଗୁହ୍ୟକଥା—ମାଷ୍ଟର, ହୀରାନନ୍ଦ ପ୍ରଭୃତିଙ୍କ ସଙ୍ଗରେ ।

ଠାକୁର ଶ୍ରୀରାମକୃଷ୍ଣ ଅନ୍ତର୍ମୁଖ । ପାଖରେ ହୀରାନନ୍ଦ ଓ ମାଷ୍ଟର ବସିଛନ୍ତି । ଘର ନିସ୍ତବ୍ଧ । ଠାକୁରଙ୍କ ଶରୀରରେ ଅତିଶୟ ଯନ୍ତ୍ରଣା; ଭକ୍ତମାନେ ଏହି ଯନ୍ତ୍ରଣା ଦେଖିଲେ ସେମାନଙ୍କର ହୃଦୟ ବିଦୀର୍ଣ୍ଣ ହୁଏ । ଠାକୁର କିନ୍ତୁ ସମସ୍ତଙ୍କୁ ଭୁଲାଇ ରଖିଛନ୍ତି । ହସ ହସ ବଦନରେ ବସିଅଛନ୍ତି ।

ଭକ୍ତମାନେ ଫୁଲ ଓ ଫୁଲମାଳ ଆଣି ଅର୍ପଣ କରିଛନ୍ତି । ଠାକୁର ହୃଦୟ ମଧ୍ୟରେ ଅବସ୍ଥିତ ନାରାୟଣଙ୍କର ବୋଧହୁଏ ପୂଜା କରୁଛନ୍ତି । ବର୍ତ୍ତମାନ ଫୁଲନେଇ ମସ୍ତକରେ ଦେଉଛନ୍ତି । କେତେବେଳେ ବା କଣ୍ଠରେ, ହୃଦୟରେ, ନାଭିଦେଶରେ ଦେଉଛନ୍ତି ! ଜଣେ ବାଳକ ଯେପରି ଫୁଲନେଇ ଖେଳୁଛି !

ଠାକୁରଙ୍କର ଯେତେବେଳେ ଈଶ୍ୱରୀୟ ଭାବ ହୁଏ, ସେତେବେଳେ ସେ କହନ୍ତି ଯେ, ଶରୀର ଭିତରେ ମହାବାୟୁ ଊର୍ଦ୍ଧ୍ୱଗାମୀ ହୋଇଛି । ମହାବାୟୁ ଉଠିଲେ

ଈଶ୍ୱରୀୟ ବିଷୟ ଅନୁଭୂତି ହୁଏ ବୋଲି କହନ୍ତି । ଏଥର ମାଷ୍ଟରଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ବାୟୁ କେତେବେଳେ ଉଠିଛି ଜାଣେନାହିଁ ।

"ବର୍ତ୍ତମାନ ବାଳକଭାବ । ସେଥିପାଇଁ ଫୁଲ ଦେଇ ଏହିପରି କରୁଛି । କଅଣ ଦେଖୁଛି ଜାଣ ? ଶରୀରଟା ଯେପରି ନଡ଼ାରେ ତିଆରି ମଣିଷ । ସେଇଟା ଦୋହୋଲୁଛି । ଭିତରେ ଜଣେ ଅଛି ବୋଲି ଦୋହୋଲୁଛି ।

"ଯେପରି କଖାରୁ, ଶସ ମଞ୍ଜି ବାଦ ଦିଆଯାଇଛି । ଭିତରେ କାମାଦି ଆସକ୍ତି କିଛି ନାହିଁ । ଭିତର ସବୁ ପରିଷ୍କାର ।"

ଠାକୁରଙ୍କର କଥା କହିବାରେ କଷ୍ଟ ହେଉଛି । ଭାରି ଦୁର୍ବଳ । ମାଷ୍ଟର ଶୀଘ୍ର ଠାକୁର କଅଣ କହିବାକୁ ଚାହୁଁଛନ୍ତି ତାହା ଅନୁମାନ କରି କହୁଛନ୍ତି, 'ଆଉ ଅନ୍ତରରେ ଭଗବାନଙ୍କୁ ଦେଖୁଛନ୍ତି ।"

ଶ୍ରୀରାମକୃଷ୍ଣ—**ଅନ୍ତରରେ ବାହାରେ, ଉଭୟରେ ଦେଖୁଛି । ଅଖଣ୍ଡ ସଚ୍ଚିଦାନନ୍ଦ !** ସଚ୍ଚିଦାନନ୍ଦ କେବଳ ଗୋଟିଏ ଖୋଳ ଆଶ୍ରୟ କରି, ଏହି ଖୋଳର ଅନ୍ତରରେ, ବାହାରେ ରହୁଛନ୍ତି । ଏଇଟି ଦେଖୁଛି ।

ମାଷ୍ଟର ଓ ହୀରାନନ୍ଦ ଏହି ବ୍ରହ୍ମଦର୍ଶନ କଥା ଶୁଣୁଛନ୍ତି । କିୟତ୍‌କ୍ଷଣ ପରେ ଠାକୁର ସେମାନଙ୍କ ଆଡ଼କୁ ଦୃଷ୍ଟି ଦେଇ କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟର ଓ ହୀରାନନ୍ଦଙ୍କ ପ୍ରତି)—ତୁମମାନଙ୍କୁ ସବୁ ଆତ୍ମୀୟ ବୋଧ ହୁଏ । କେହି ପର ବୋଧ ହୁଅନ୍ତି ନାହିଁ ।

## [ଶ୍ରୀରାମକୃଷ୍ଣ ଓ ଯୋଗାବସ୍ଥା—ଅଖଣ୍ଡ ଦର୍ଶନ]

"ଦେଖୁଛି ଗୋଟିଏ ଗୋଟିଏ ଖୋଳ ଭିତରେ ମୁଣ୍ଡ ହଲୁଛି ।"

ଦେଖୁଛି ଯେତେବେଳେ ତାଙ୍କଠାରେ ମନର ଯୋଗ ହୁଏ, ସେତେବେଳେ କଷ୍ଟ ଗୋଟିଏ ପାଖରେ ପଡିରହେ ।"[୧]

"ବର୍ତ୍ତମାନ କେବଳ ଦେଖୁଛି ଚର୍ମରେ ଆବୃତ ଅଖଣ୍ଡ ସଚ୍ଚିଦାନନ୍ଦ; ଏହାର ଗୋଟିଏ ପାଖରେ ଗଳାର କ୍ଷତ ରହିଛି ।" ଠାକୁର ପୁଣି ଚୁପ୍ ହୋଇ ରହିଲେ । କିୟତ୍‌କ୍ଷଣ ପରେ ପୁଣି କହୁଛନ୍ତି, ଜଡ଼ର ସତ୍ତା ଚୈତନ୍ୟ ନିଏ, ଆଉ ଚୈତନ୍ୟର ସତ୍ତା ଜଡ଼ ନିଏ । ଶରୀରରେ ରୋଗହେଲେ ବୋଧହୁଏ ମୋର ରୋଗ ହୋଇଛି ।

ହୀରାନନ୍ଦ ଏହି କଥାଟି ବୁଝିବାପାଇଁ ଆଗ୍ରହ ପ୍ରକାଶ କଲେ । ସେଥିପାଇଁ ମାଷ୍ଟର କହୁଛନ୍ତି,—"ଗରମ ପାଣିରେ ହାତ ପୋଡିଗଲେ କହନ୍ତି, ପାଣିରେ

---

୧. ଯଂ ଲବ୍‌ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥ ଗୀତା ୬/୨୨

ହାତ ପୋଡ଼ିଗଲା । କିନ୍ତୁ ତାହା ନୁହେଁ, ଉତ୍ତାପରେ ହାତ ପୋଡ଼ି ଯାଇଛି ।''

ହୀରାନନ୍ଦ(ଠାକୁରଙ୍କ ପ୍ରତି)—ଆପଣ କହନ୍ତୁ, ଭକ୍ତ କଷ୍ଟ ପାଏ କାହିଁକି ?

ଶ୍ରୀରାମକୃଷ୍ଣ-ଦେହର କଷ୍ଟ ।

ଠାକୁରେ ପୁଣି କଅଣ କହିବେ ତାହା ଶୁଣିବାକୁ ଉଭୟେ ଅପେକ୍ଷା କରୁଛନ୍ତି ।

ଠାକୁରେ କହୁଛନ୍ତି—''ବୁଝି ପାରିଲ ?''

ମାଷ୍ଟର ଆସ୍ତେ ଆସ୍ତେ ହୀରାନନ୍ଦଙ୍କୁ କଅଣ କହୁଛନ୍ତି—

ମାଷ୍ଟର—ଲୋକ ଶିକ୍ଷା ପାଇଁ, ଉଦାହରଣ । ଦେହ ଏତେ ଅସୁସ୍ଥ, କିନ୍ତୁ ଏହା ସତ୍ତ୍ୱେ ଈଶ୍ୱରଙ୍କଠାରେ ମନରେ ଷୋଳ ଅଣା ଯୋଗ ।

ହୀରାନନ୍ଦ-ହଁ, ଯେପରି Christଙ୍କର crucifixion । ତେବେ ଏହାହିଁ Mystery । ଠାକୁରଙ୍କର କାହିଁକି ଏତେ ଯନ୍ତ୍ରଣା ?

ମାଷ୍ଟର—ଠାକୁରେ ଯେପରି କହନ୍ତି, ମାଆଙ୍କ ଇଚ୍ଛା । ଏଠାରେ ତାଙ୍କର ଏହିପରି ଖେଳା ।

ଏମାନେ ଦୁଇଜଣ ଆସ୍ତେ ଆସ୍ତେ କଥା କହୁଛନ୍ତି । ଠାକୁରେ ଇସାରା କରି ହୀରାନନ୍ଦଙ୍କୁ ପ୍ରଶ୍ନ କରୁଛନ୍ତି । ହୀରାନନ୍ଦ ଇସାରା ବୁଝି ନ ପାରିବାରୁ ଠାକୁରେ ପୁଣି ଇସାରା କରି ପ୍ରଶ୍ନ କରୁଛନ୍ତି, 'ସେ କଅଣ କହୁଛନ୍ତି ?'

ହୀରାନନ୍ଦ—ଏ ଲୋକ ଶିକ୍ଷାର କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ସେ ତ ତାଙ୍କର ଅନୁମାନ । (ମାଷ୍ଟର ଓ ହୀରାନନ୍ଦଙ୍କ ପ୍ରତି)—ଅବସ୍ଥା ବଦଳୁଛି, ମନେ କରିଛି, 'ଚୈତନ୍ୟ ହେଉ'—ଏ କଥା ସମସ୍ତଙ୍କୁ କହିବି ନାହିଁ । କଳିରେ ପାପ ବେଶି, ସେହି ସବୁ ପାପ ଆସେ ।

ମାଷ୍ଟର(ହୀରାନନ୍ଦଙ୍କ ପ୍ରତି)—ସମୟ ହୋଇନଥିଲେ କହିବେ ନାହିଁ । ଯାହାର ଚୈତନ୍ୟ ହେବାର ସମୟ ହେବ, ତାକୁ କହିବେ ।

## (୫)

## ପ୍ରବୃତ୍ତି ନା ନିବୃତ୍ତି ?

## ହୀରାନନ୍ଦଙ୍କୁ ଉପଦେଶ—ନିବୃତ୍ତି ହିଁ ଭଲ

ହୀରାନନ୍ଦ ଠାକୁରଙ୍କ ପାଦରେ ହାତ ବୁଲାଉଛନ୍ତି । ପାଖରେ ମାଷ୍ଟର ବସିଛନ୍ତି । ଲାଟୁ ଏବଂ ଆଉ ଜଣେ ଦୁଇଜଣ ଭକ୍ତ ଘରକୁ ମଝିରେ ମଝିରେ ଆସୁଛନ୍ତି । ଶୁକ୍ରବାର ୨୩ ତାରିଖ ଏପ୍ରିଲ ୧୮୮୬ ଖ୍ରୀଷ୍ଟାବ୍ଦ । ଆଜି ଗୁଡ୍ ଫ୍ରାଇଡେ (Good Friday), ସମୟ ଦୁଇ ପ୍ରହର । ହୀରାନନ୍ଦ ଆଜି ଏହିଠାରେ ହିଁ ଅନ୍ନ ପ୍ରସାଦ ପାଇଛନ୍ତି । ଠାକୁରଙ୍କର ଏକାନ୍ତ ଇଚ୍ଛା ଯେ, ହୀରାନନ୍ଦ ଏଠାରେ ରହନ୍ତୁ ।

ହୀରାନନ୍ଦ ପାଦରେ ହାତ ବୁଲାଉ ବୁଲାଉ ଠାକୁରଙ୍କ ସହିତ କଥା କହୁଛନ୍ତି । ସେହି ମଧୁର କଥା ଆଉ ହସ ହସ ମୁହଁ । ଯେପରି ବାଳକକୁ ବୁଝାଉଛନ୍ତି । ଠାକୁରେ ଅସୁସ୍ଥ, ଡାକ୍ତର ସର୍ବଦା ଦେଖୁଛନ୍ତି ।

ହୀରାନନ୍ଦ—ତେବେ ଏତେ ଭାବନ୍ତି କାହିଁକି ? ଡାକ୍ତରଙ୍କଠାରେ ବିଶ୍ୱାସ କଲେ ତ ନିଶ୍ଚିନ୍ତ । ଆପଣ ତ ବାଳକ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଡାକ୍ତରଙ୍କୁ ବିଶ୍ୱାସ କାହିଁ? ସରକାର (ଡାକ୍ତର) କହିଥିଲା, 'ରୋଗ ଭଲହେବ ନାହିଁ ।'

ହୀରାନନ୍ଦ—ତେବେ ଭାବନା କାହିଁକି ? ଯାହାହେବାର ହେବ ।

ମାଷ୍ଟର(ହୀରାନନ୍ଦଙ୍କ ପ୍ରତି ଏକାନ୍ତରେ)—ସେ ନିଜପାଇଁ ଭାବୁ ନାହାନ୍ତି । ତାଙ୍କର ଶରୀର ରକ୍ଷା ଭକ୍ତମାନଙ୍କର ମଙ୍ଗଳ ପାଇଁ ।

ଭାରି ଗରମ । ପୁଣି ମଧ୍ୟାହ୍ନ ସମୟ । ବେଣାଚେର ପରଦା ଟଙ୍ଗା ହୋଇଛି । ହୀରାନନ୍ଦ ଉଠି ପରଦାଟି ଭଲକରି ଟଙ୍ଗାଇ ଦେଉଛନ୍ତି । ଠାକୁରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ (ହୀରାନନ୍ଦଙ୍କ ପ୍ରତି)—ତେବେ ପାଇଜାମା ପଠାଇଦିଅ ।

ହୀରାନନ୍ଦ କହିଛନ୍ତି, ସେମାନଙ୍କ ଦେଶର ପାଇଜାମା ପିନ୍ଧିଲେ ଠାକୁରେ ଆରାମରେ ରହିବେ, ସେଥିପାଇଁ ଠାକୁରେ ସ୍ମରଣ କରାଇ ଦେଉଛନ୍ତି, ଯେପରି ସେ ପାଇଜାମା ପଠାଇ ଦିଅନ୍ତି ।

ହୀରାନନ୍ଦଙ୍କର ଖାଇବା ଭଲ ହୋଇନାହିଁ । ଭାତ ଟିକିଏ ଚାଉଳିଆ ଥିଲା । ଠାକୁରେ ଶୁଣି ବଡ଼ ଦୁଃଖିତ ହେଲେ, ଆଉ ଥରକୁ ଥର ତାହାଙ୍କୁ କହୁଛନ୍ତି, ଜଳଖିଆ ଖାଇବ ? ଦେହ ଏତେ ଖରାପ, କଥା କହିପାରୁ ନାହାନ୍ତି, ତଥାପି ଥରକୁ ଥର ପ୍ରଶ୍ନ କରୁଛନ୍ତି ।

ପୁଣି ଲାଟୁକୁ ପ୍ରଶ୍ନ କରୁଛନ୍ତି, 'ତୁମମାନଙ୍କୁ କଅଣ ଏହି ଭାତ ଖାଇବାକୁ ହୋଇଥିଲା ?'

ଠାକୁରେ ଅଣ୍ଟାରେ ଲୁଗା ରଖି ପାରୁ ନାହାନ୍ତି । ପ୍ରାୟ ବାଳକ ପରି ଦିଗମ୍ବରହୋଇ ରହନ୍ତି । ହୀରାନନ୍ଦଙ୍କ ସଙ୍ଗରେ ଦୁଇଜଣ ବ୍ରାହ୍ମଭକ୍ତ ଆସିଛନ୍ତି । ସେଥିପାଇଁ ଲୁଗା ଖଣ୍ଡିକ ଥରେ ଥରେ ଅଣ୍ଟା ପାଖକୁ ଟାଣୁଛନ୍ତି ।

ଶ୍ରୀରାମକୃଷ୍ଣ(ହୀରାନନ୍ଦଙ୍କ ପ୍ରତି)—ଲୁଗା ଖୋଲିଗଲେ ତୁମେମାନେ କଅଣ ଅସଭ୍ୟ କହ ?

ହୀରାନନ୍ଦ—ସେଥିରେ ଆପଣଙ୍କର କଅଣ ଅଛି ? ଆପଣ ତ ବାଳକ ।

ଶ୍ରୀରାମକୃଷ୍ଣ (ଜଣେ ବ୍ରାହ୍ମଭକ୍ତ ପ୍ରିୟନାଥଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି)—ସେ କହନ୍ତି ।

ହୀରାନନ୍ଦ ଏଥର ବିଦାୟ ଗ୍ରହଣ କରିବେ । ସେ ଦିନେ ଦୁଇଦିନ କଲିକତାରେରହି ପୁଣି ସିନ୍ଧୁ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ । ସେଠାରେ ତାଙ୍କର କାର୍ଯ୍ୟ ଅଛି । ସେ ଦୁଇଟି ସମ୍ବାଦପତ୍ରର ସମ୍ପାଦକ । ୧୮୮୪ ଖ୍ରୀଷ୍ଟାବ୍ଦରୁ ଏହି କାର୍ଯ୍ୟ କରି ଆସୁଛନ୍ତି । ସମ୍ବାଦପତ୍ରର ନାମ ସିନ୍ଧୁ ଟାଇମସ୍ (Sind Times) ଏବଂ ସିନ୍ଧୁ ସୁଧାର (Sind Sudhar); ହୀରାନନ୍ଦ ୧୮୮୩ ଖ୍ରୀଷ୍ଟାବ୍ଦରେ ବି.ଏ. ଉପାଧି ପାଇଥିଲେ ।

ହୀରାନନ୍ଦ ସିନ୍ଧୁବାସୀ; କଲିକତାରେ ଅଧ୍ୟୟନ କରିଥିଲେ, ଶ୍ରୀଯୁକ୍ତ କେଶବ ସେନ୍‌ଙ୍କୁ ସର୍ବଦା ଦର୍ଶନ ଓ ତାଙ୍କ ସହିତ ସର୍ବଦା ଆଳାପ କରୁଥିଲେ । କାଳୀ ମନ୍ଦିରରେ ଠାକୁର ଶ୍ରୀରାମକୃଷ୍ଣଙ୍କ ପାଖକୁ ମଝିରେ ମଝିରେ ଆସୁଥିଲେ ।

**[ହୀରାନନ୍ଦଙ୍କର ପରୀକ୍ଷା, ପ୍ରବୃତ୍ତି ନା ନିବୃତ୍ତି ?]**

ଶ୍ରୀରାମକୃଷ୍ଣ (ହୀରାନନ୍ଦଙ୍କ ପ୍ରତି)—ସେଠାକୁ ନ ଗଲେ ହେବନାହିଁ ?

ହୀରାନନ୍ଦ (ସହାସ୍ୟେ)—ବାଃ ! ଆଉ ଯେ ସେଠାରେ କେହି ନାହାନ୍ତି ! ପୁଣି ଆମେ ସମସ୍ତେ ଚାକିରୀ କରୁ ।

ଶ୍ରୀରାମକୃଷ୍ଣ—ଦରମା କେତେ ପାଅ ?

ହୀରାନନ୍ଦ (ସହାସ୍ୟେ)—ଏସବୁ କାର୍ଯ୍ୟରେ କମ୍ ଦରମା ।

ଶ୍ରୀରାମକୃଷ୍ଣ—କେତେ ?

ହୀରାନନ୍ଦ ହସିଲେ । ଠାକୁରେ ପୁଣି କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଏହିଠାରେ ରହନା ? (ହୀରାନନ୍ଦ ଚୁପ୍‌କରି ଅଛନ୍ତି) ।

ଶ୍ରୀରାମକୃଷ୍ଣ—କର୍ମ ଦ୍ୱାରା କଅଣ ହେବ ?

ହୀରାନନ୍ଦ ଚୁପ୍ କରି ଅଛନ୍ତି ।

ହୀରାନନ୍ଦ ଆଉ ଟିକିଏ କଥାବାର୍ତ୍ତା ପରେ ବିଦାୟ ଗ୍ରହଣ କଲେ ।

ଶ୍ରୀରାମକୃଷ୍ଣ—କେବେ ଆସିବ ?

ହୀରାନନ୍ଦ—ସୋମବାର ଦିନ ଫେରିଯିବି । ସୋମବାର ଦିନ ସକାଳେ ଆସି ଦେଖା କରିବି ।

**(୬)**

**[ମାଷ୍ଟର, ନରେନ୍ଦ୍ର, ଶରତ ପ୍ରଭୃତି]**

ମାଷ୍ଟର ଠାକୁରଙ୍କ ପାଖରେ ବସିଛନ୍ତି । ହୀରାନନ୍ଦ ଏଇମାତ୍ର ଚାଲିଗଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଖୁବ୍ ଭଲ ନା ?

ମାଷ୍ଟର—ଆଜ୍ଞା ହଁ, ସ୍ୱଭାବଟି ବଡ଼ ମଧୁର ।

ଶ୍ରୀରାମକୃଷ୍ଣ, କହିଲେ—ଏଗାର ଶହ କୋଶ ! ଏତେ ଦୂରରୁ ଦେଖିବାକୁ ଆସିଛି ।

ମାଷ୍ଟର—ଆଜ୍ଞା ହଁ, ଖୁବ୍ ଶ୍ରଦ୍ଧା ନଥିଲେ ଏପରି ହୁଏ ନାହିଁ ।

ଶ୍ରୀରାମକୃଷ୍ଣ—ମୋତେ ତା'ଙ୍କ ଦେଶକୁ ନେଇଯିବାକୁ ଭାରି ଇଚ୍ଛା ।

ମାଷ୍ଟର—ଯିବାକୁ ବଡ଼ କଷ୍ଟ ହେବ । ଟ୍ରେନ୍‌ରେ ୪/୫ ଦିନର ବାଟ ।

ଶ୍ରୀରାମକୃଷ୍ଣ—ତିନିଟା ପାଶ୍ !

ମାଷ୍ଟର—ଆଜ୍ଞା ହଁ ।

ଠାକୁରେ ଟିକିଏ ଶ୍ରାନ୍ତ ହୋଇଛନ୍ତି । ବିଶ୍ରାମ କରିବେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଖିଡ଼ିକି ଖୋଲିଦିଅ ଆଉ ସପଟା ପକାଇଦିଅ ।

ଠାକୁରେ ଦରଜାର ଖିଡ଼ିକି ଖୋଲିଦେବାକୁ କହୁଛନ୍ତି । ବଡ଼ ଗରମ, ସେଥିପାଇଁ ବିଛଣା ଉପରେ ସପ ପକାଇଦେବାକୁ କହୁଛନ୍ତି ।

ମାଷ୍ଟର ପଙ୍ଖା କରୁଛନ୍ତି । ଠାକୁରଙ୍କର ଟିକିଏ ତନ୍ଦ୍ରା ଆସିଛି ।

ଶ୍ରୀରାମକୃଷ୍ଣ(ଟିକିଏ ନିଦ୍ରାପରେ, ମାଷ୍ଟରଙ୍କପ୍ରତି)—ନିଦ କ'ଣ ହୋଇଥିଲା ?

ମାଷ୍ଟର—ଆଜ୍ଞା ଟିକିଏ ହୋଇଥିଲା ।

ନରେନ୍ଦ୍ର, ଶରତ ଓ ମାଷ୍ଟର, ତଳେ ହଲଘରର ପୂର୍ବ ଦିଗରେ କଥା କହୁଛନ୍ତି ।

ନରେନ୍ଦ୍ର—କି ଆଶ୍ଚର୍ଯ୍ୟ ! ଏତେ ବର୍ଷ ପଢ଼ିବା ପରେ ମଧ୍ୟ ବିଦ୍ୟା ହୁଏନାହିଁ; କିପରି ଲୋକେ କହନ୍ତି ଯେ, ଦୁଇ ତିନି ଦିନ ସାଧନ କରିଛି ତେଣୁ ନିଶ୍ଚୟ ଭଗବାନ ଲାଭ ହେବ ! ଭଗବାନ ଲାଭ କି ଏତେ ସହଜ ! (ଶରତ ପ୍ରତି) ତୋର ଶାନ୍ତି ହୋଇଛି; ମାଷ୍ଟର ମହାଶୟଙ୍କର ମଧ୍ୟ ହୋଇଛି; ମୋର କିନ୍ତୁ ଏ ପର୍ଯ୍ୟନ୍ତ ଶାନ୍ତି ହୋଇନାହିଁ ।

ମାଷ୍ଟର—ତାହାହେଲେ ତୁମେ ବରଂ ଗୋରୁଙ୍କୁ ଖୁଆଅ, ଆମେ ସବୁ ରାଜା ଘରକୁ ଯାଉଛୁ । ନ ହେଲେ ଆମେ ସବୁ ରାଜା ଘରକୁ ଯାଉଛୁ ତୁମେ ବରଂ ଗୋରୁଙ୍କୁ ଖୁଆଅ ! (ସମସ୍ତଙ୍କର ହାସ୍ୟ) ।

ନରେନ୍ଦ୍ର(ସହାସ୍ୟେ)—ଏହି ଗଳ୍ପଟି ସେ (ପରମହଂସଦେବ) ଶୁଣିଥିଲେ—ଆଉ ଖୁବ୍ ଖୁବ୍ ହସିଥିଲେ ।[୧]

---

୧. କଥାଟି ପ୍ରହ୍ଲାଦ ଚରିତ୍ର ବିଷୟରେ । ପ୍ରହ୍ଲାଦଙ୍କର ପିତା, ଷଣ୍ଡ ଆଉ ଅମର୍କ, ଦୁଇ ଗୁରୁ ମହାଶୟଙ୍କୁ ଡାକି ପଠାଇଥିଲେ । ରାଜା ପ୍ରଶ୍ନ କରିବେ, ପ୍ରହ୍ଲାଦଙ୍କୁ ସେମାନେ କାହିଁ କି ହରିନାମ ଶିଖାଇଛନ୍ତି ? ସେମାନଙ୍କର ରାଜାଙ୍କ ପାଖକୁ ଯିବାକୁ ଭୟ ହୋଇଥିଲା । ତେଣୁ ଷଣ୍ଡ ଅମର୍କଙ୍କୁ ଏହି କଥା କହୁଛନ୍ତି ।

## (୭)

## ଠାକୁର ଶ୍ରୀରାମକୃଷ୍ଣ ଓ ନରେନ୍ଦ୍ର ପ୍ରଭୃତି ଭକ୍ତମାନଙ୍କର ମଜଲିସ୍

ଉପରବେଳା ଉପରର ହଲ୍‌ଘରେ ଅନେକ ଭକ୍ତ ବସିଛନ୍ତି । ନରେନ୍ଦ୍ର, ଶରତ, ଶଶୀ, ଲାଟୁ, ନିତ୍ୟଗୋପାଳ, କେଦାର, ଗିରିଶ, ରାମ, ମାଷ୍ଟର, ସୁରେଶ ଅନେକ ଅଛନ୍ତି ।

ସମସ୍ତଙ୍କ ଆଗରୁ ନିତ୍ୟଗୋପାଳ ଆସିଛନ୍ତି ଓ ଠାକୁରଙ୍କୁ ଦେଖିବା ମାତ୍ରେ ତାଙ୍କ ଚରଣରେ ମୁଣ୍ଡ ଲଗାଇ ବନ୍ଦନା କରିଛନ୍ତି । ଉପବେଶନାନ୍ତର ନିତ୍ୟଗୋପାଳ ବାଳକଙ୍କପରି କହୁଛନ୍ତି, କେଦାର ବାବୁ ଆସିଛନ୍ତି ।

କେଦାର ଅନେକ ଦିନପରେ ଠାକୁରଙ୍କୁ ଦେଖିବାକୁ ଆସିଥିଲେ । ସେ ଅଫିସ୍ କାର୍ଯ୍ୟ ଉପଲକ୍ଷେ ଢାକାରେ ଥିଲେ । ସେଠାରେ ଠାକୁରଙ୍କ ଅସୁସ୍ଥତା କଥା ଶୁଣି ଆସିଛନ୍ତି । କେଦାର ଘରେ ପ୍ରବେଶ କରିବାମାତ୍ର ଠାକୁରଙ୍କର ଭକ୍ତ ସମ୍ଭାଷଣ ଶୁଣୁଛନ୍ତି ।

କେଦାର ଠାକୁରଙ୍କର ପଦଧୂଳି ନିଜେ ମସ୍ତକରେ ଗ୍ରହଣ କଲେ ଓ ଆନନ୍ଦରେ ସେହି ଧୂଳି ନେଇ ସମସ୍ତଙ୍କୁ ବିତରଣ କରୁଛନ୍ତି । ଭକ୍ତମାନେ ମସ୍ତକ ଅବନତ କରି ସେହି ଧୂଳି ଗ୍ରହଣ କରୁଛନ୍ତି ।

ଶରତଙ୍କୁ ଦେବାକୁ ଯାଉଛନ୍ତି, ଏପରି ସମୟରେ ସେ ନିଜେ ଠାକୁରଙ୍କର ଚରଣଧୂଳି ନେଲେ । ମାଷ୍ଟର ହସିଲେ । ଠାକୁର ମଧ୍ୟ ମାଷ୍ଟରଙ୍କ ଆଡ଼କୁ ଚାହିଁ ହସିଲେ । ଭକ୍ତମାନେ ନିଃଶବ୍ଦରେ ବସିଛନ୍ତି । ଠାକୁରଙ୍କର ଭାବ ଲକ୍ଷଣ ଦେଖାଯାଉଛି । ମଝିରେ ମଝିରେ ଦୀର୍ଘନିଶ୍ୱାସ ତ୍ୟାଗ କରୁଛନ୍ତି—ଯେପରି ଭାବ ନିୟନ୍ତ୍ରଣ କରୁଛନ୍ତି । ଅବଶେଷରେ କେଦାରଙ୍କୁ ଇଙ୍ଗିତ କରୁଛନ୍ତି—ଗିରିଶ ଘୋଷଙ୍କ ସହିତ ତର୍କ କର । ଗିରିଶ ନାକ କାନ ଛୁଉଁଛନ୍ତି, ଆଉ କହୁଛନ୍ତି—"ମହାଶୟ, ନାକ କାନ ଛୁଉଁଛି । ଆଗେ ଜାଣି ନ ଥିଲି, ଆପଣ କିଏ ! ସେତେବେଳେ ତର୍କ କରିଛି, ସେ ଅଲଗା କଥା ।" (ଠାକୁରଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କେଦାରଙ୍କୁ ଦେଖାଉଛନ୍ତି ଓ କହୁଛନ୍ତି—"ସବୁ ତ୍ୟାଗ କରିଛି ! (ଭକ୍ତମାନଙ୍କ ପ୍ରତି) କେଦାର ନରେନ୍ଦ୍ରଙ୍କୁ କହିଥିଲେ, ବର୍ତ୍ତମାନ ତର୍କ କର; କିନ୍ତୁ ଶେଷରେ ହରିନାମରେ ଗଡ଼ାଗଡ଼ି ଦେବାକୁ ହେବ । (ନରେନ୍ଦ୍ରଙ୍କ ପ୍ରତି)—କେଦାରଙ୍କ ପାଦ ଧୂଳି ନିଅ ।

କେଦାର(ନରେନ୍ଦ୍ରଙ୍କୁ)—ତାଙ୍କ ପାଦଧୂଳି ନିଅ । ତାହାହେଲେ ହେବ ।

ସୁରେନ୍ଦ୍ର ଭକ୍ତମାନଙ୍କର ପଶ୍ଚାତ୍‌ରେ ବସିଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ଈଷତ୍ ହାସ୍ୟ କରି ତାଙ୍କ ଆଡ଼କୁ ଅନାଉଛନ୍ତି । କେଦାରଙ୍କୁ କହୁଛନ୍ତି, ଆହା କିପରି

ସ୍ୱଭାବ ! କେଦାର ଠାକୁରଙ୍କର ଇଙ୍ଗିତ ବୁଝି ସୁରେନ୍ଦ୍ରଙ୍କ ଆଡ଼କୁ ଅଗ୍ରସର ହୋଇ ବସିଲେ ।

ସୁରେନ୍ଦ୍ର ଟିକିଏ ଅଭିମାନୀ । ଭକ୍ତମାନେ କେହି କେହି ଉଦ୍ୟାନର ଖରଚ ପାଇଁ ବାହାରର ଭକ୍ତ ମାନଙ୍କ ପାଖରୁ ଅର୍ଥ ସଂଗ୍ରହ କରିବାକୁ ଯାଇଥିଲେ । ସେଥିପାଇଁ ବଡ଼ ଅଭିମାନ ହୋଇଛି । ସୁରେନ୍ଦ୍ର ଉଦ୍ୟାନର ଅଧିକାଂଶ ଖର୍ଚ୍ଚ ଦିଅନ୍ତି ।

ସୁରେନ୍ଦ୍ର(କେଦାରଙ୍କ ପ୍ରତି) — ଏପରି ସବୁ ସାଧୁମାନଙ୍କ ପାଖରେ କଅଣ ମୁଁ ବସିପାରେ ! ପୁଣି କେହି କେହି (ନରେନ୍ଦ୍ର) କେତେ ଦିନ ହେଲା, ସନ୍ନ୍ୟାସୀ ବେଶରେ ବୁଦ୍ଧଗୟା ଦର୍ଶନ କରିବାକୁ ଯାଇଥିଲେ । ବଡ଼ ବଡ଼ ସାଧୁମାନଙ୍କୁ ଦେଖିବାକୁ !

ଠାକୁର ଶ୍ରୀରାମକୃଷ୍ଣ ସୁରେନ୍ଦ୍ରଙ୍କୁ ଶାନ୍ତ କରୁଛନ୍ତି । କହୁଛନ୍ତି, ହଁ ସେମାନେ ପିଲାଲୋକ, ଭଲ ମନ୍ଦ ବୁଝି ପାରନ୍ତି ନାହିଁ ।

ସୁରେନ୍ଦ୍ର(କେଦାରଙ୍କ ପ୍ରତି) — ଗୁରୁଦେବ କଅଣ ଜାଣନ୍ତି ନାହିଁ, କାହାର କି ଭାବ । ସେ ଟଙ୍କାରେ ସନ୍ତୁଷ୍ଟ ନୁହନ୍ତି, ସେ ଭାବ ନେଇ ସନ୍ତୁଷ୍ଟ !

ଠାକୁରେ ମୁଣ୍ଡ ହଲାଇ ସୁରେନ୍ଦ୍ରଙ୍କ କଥାରେ ହଁ ମାରୁଛନ୍ତି । 'ଭାବ ନେଇ ସନ୍ତୁଷ୍ଟ' ଏହି କଥା ଶୁଣି କେଦାର ମଧ ଆନନ୍ଦ ପ୍ରକାଶ କରୁଛନ୍ତି ।

ଭକ୍ତମାନେ ନାନାପ୍ରକାର ଖାଦ୍ୟ ଆଣିଛନ୍ତି ଓ ଠାକୁରଙ୍କ ସମ୍ମୁଖରେ ରଖିଛନ୍ତି । ଠାକୁରେ ଜିଭରେ ଟିକିଏ ଦେଲେ । ସୁରେନ୍ଦ୍ର ହାତରେ ପ୍ରସାଦ ଦେଇ ସମସ୍ତଙ୍କୁ ବାଣ୍ଟି ଦେବାକୁ କହିଲେ ।

ସୁରେନ୍ଦ୍ର ତଳକୁ ଗଲେ । ତଳେ ପ୍ରସାଦ ବିତରଣ ହେବ ।

ଶ୍ରୀରାମକୃଷ୍ଣ(କେଦାରଙ୍କ ପ୍ରତି) — ତୁମେ ସୁରେନ୍ଦ୍ରଙ୍କୁ ବୁଝାଇ ଦିଅ, ଯାଇ ପାଟିତୁଣ୍ଡ କରିବାକୁ ମନାକର ।

ମଣି ପଙ୍ଖା କରୁଛନ୍ତି । ଠାକୁରେ କହିଲେ ତୁମେ ଖାଇବ ନାହିଁ ? ମଣିଙ୍କୁ ମଧ ତଳେ ପ୍ରସାଦ ପାଇବାକୁ ପଠାଇଲେ ।

ପ୍ରାୟ ସନ୍ଧ୍ୟା ହେଲାଣି । ଗିରିଶ ଓ ଶ୍ରୀମ ପୋଖରୀ ହୁଡ଼ାରେ ବୁଲୁଛନ୍ତି ।

ଗିରିଶ — ତୁମେ ଠାକୁରଙ୍କ ବିଷୟ — କଅଣ ପରା ଲେଖିଛ ?

ଶ୍ରୀମ — କିଏ କହିଲା ?

ଗରିଶ — ମୁଁ ଶୁଣିଛି । ମୋତେ ଦେବ ?

ଶ୍ରୀମ — ନା, ମୁଁ ନିଜେ ନ ବୁଝି କାହାକୁ ଦେବିନାହିଁ — ସେ ସବୁ ମୁଁ ନିଜ ପାଇଁ ରଖିଛି ଅନ୍ୟ ପାଇଁ ନୁହେଁ ।

ଗିରିଶ — କଅଣ କହୁଛ !

ଶ୍ରୀମ — ମୋର ଦେହାନ୍ତ ପରେ ପାଇବ ।

### [ଠାକୁରେ ଅହେତୁକ କୃପାସିନ୍ଧୁ—ବ୍ରାହ୍ମଭକ୍ତ ଶ୍ରୀଯୁକ୍ତ ଅମୃତ]

ସନ୍ଧ୍ୟାପରେ, ଠାକୁରଙ୍କ ଘରେ ଆଲୁଅ ଜଳା ହୋଇଛି । ବ୍ରାହ୍ମଭକ୍ତ ଶ୍ରୀଯୁକ୍ତ ଅମୃତ(ବସୁ) ଦେଖିବାକୁ ଆସିଛନ୍ତି । ଠାକୁରେ ତାହାଙ୍କୁ ଦେଖିବାକୁ ଆଗ୍ରହ ପ୍ରକାଶ କରିଥିଲେ । ମାଷ୍ଟର ଓ ଦୁଇ ଚାରିଜଣ ଭକ୍ତ ବସିଛନ୍ତି । ଠାକୁରଙ୍କ ସମ୍ମୁଖରେ କଦଳୀପତ୍ରରେ ମଲ୍ଲୀ ଓ ଜୁଇ ଫୁଲର ମାଳ ରହିଛି । ଘର ନିସ୍ତବ୍ଧ । ଯେପରି ଜଣେ ମହାଯୋଗୀ ନିଃଶବ୍ଦରେ ଯୋଗରେ ବସିଛନ୍ତି । ଠାକୁରେ ମାଳା ନେଇ ଧୀରେ ଉଠାଉଛନ୍ତି । ଯେପରି ଗଳାରେ ପିନ୍ଧିବେ !

ଅମୃତ(ସ୍ନେହପୂର୍ଣ୍ଣ ଭାବରେ)—ମାଳା ପିନ୍ଧାଇ ଦେବି ?

ମାଳା ପିନ୍ଧା ହେଲା । ଏହାପରେ ଠାକୁରେ ଅମୃତଙ୍କ ସହିତ ଅନେକ କଥା କହିଲେ । ଅମୃତ ବିଦାୟ ନେବେ ।

ଶ୍ରୀରାମକୃଷ୍ଣ—ତୁମେ ପୁଣି ଆସିବ ।

ଅମୃତ—ଆଜ୍ଞା, ଆସିବାକୁ ଭାରି ଇଚ୍ଛା । ଅନେକ ଦୂରରୁ ଆସିବାକୁ ହୁଏ, ସେଥିପାଇଁ ସବୁ ସମୟରେ ପାରେ ନାହିଁ ।

ଶ୍ରୀରାମକୃଷ୍ଣ—ତୁମେ ଆସ ଏଠାରୁ ଗାଡ଼ିଭଡ଼ା ନେବ ।

ଅମୃତଙ୍କ ପ୍ରତି ଠାକୁରଙ୍କର ଅହେତୁକ ସ୍ନେହ ଦେଖି ସମସ୍ତେ ବିସ୍ମିତ ହେଉଛନ୍ତି ।

### [ଠାକୁର ଶ୍ରୀରାମକୃଷ୍ଣ ଓ ଭକ୍ତମାନଙ୍କ ସ୍ତ୍ରୀ ପୁତ୍ର]

ପରଦିନ ଶନିବାର, ଏପ୍ରେଲ ୨୪ ତାରିଖ । ଜଣେ ଭକ୍ତ ଆସିଛନ୍ତି । ସଙ୍ଗରେ ସ୍ତ୍ରୀ ଓ ଗୋଟିଏ ସାତ ବର୍ଷର ପୁତ୍ର । ବର୍ଷେ ହେବ, ଗୋଟିଏ ଆଠବର୍ଷର ପୁତ୍ର ଦେହତ୍ୟାଗ କରିଛି । ସ୍ତ୍ରୀଟି ସେହିଦିନଠାରୁ ପାଗଳ ପରି ହୋଇଛନ୍ତି । ସେଥିପାଇଁ ଠାକୁର ଶ୍ରୀରାମକୃଷ୍ଣ ତାଙ୍କୁ ମଝିରେ ମଝିରେ ଆସିବାକୁ କହନ୍ତି ।

ରାତିରେ ଶ୍ରୀଶ୍ରୀମାତା ଠାକୁରାଣୀ ଉପରର ହଲଘରେ ଠାକୁରଙ୍କୁ ଖୁଆଇବାକୁ ଆସିଲେ । ଭକ୍ତଟିର ସ୍ତ୍ରୀ ଆଲୁଅ ନେଇ ସଙ୍ଗେ ସଙ୍ଗେ ଆସିଲେ ।

ଖାଉ ଖାଉ ଠାକୁରେ ତାହାଙ୍କୁ ଘରକରଣା ବିଷୟରେ ଅନେକ ପ୍ରଶ୍ନ କଲେ ଓ କିଛିଦିନ ଏହି ଉଦ୍ୟାନକୁ ଆସି ଶ୍ରୀଶ୍ରୀମାଆଙ୍କ ପାଖରେ ରହିବାକୁ କହିଲେ । ତାହାହେଲେ ଶୋକ ବହୁତ କମିଯିବ । ତାଙ୍କ କୋଳରେ ଗୋଟିଏ ଝିଅ ଥିଲା । ଠାକୁରେ ଇଙ୍ଗିତ କରି କହିଲେ ତା'କୁ ମଧ୍ୟ ଆଣିବ ।

ଠାକୁରଙ୍କ ଖାଇବାପରେ ଭକ୍ତଙ୍କ ସ୍ତ୍ରୀ ସ୍ଥାନଟି ପରିଷ୍କାର କରିଦେଲେ । ଠାକୁରଙ୍କ ସଙ୍ଗରେ କିଛିକ୍ଷଣ କଥାବାର୍ତ୍ତା ପରେ, ଶ୍ରୀଶ୍ରୀମା ଯେତେବେଳେ ତଳ ଘରକୁ ଗଲେ, ସେ ଠାକୁରଙ୍କୁ ପ୍ରଣାମ କରି ତାଙ୍କ ସଙ୍ଗରେ ଗଲେ ।

ରାତ୍ରି ପ୍ରାୟ ନଅଟା ହେଲା । ଠାକୁର ଭକ୍ତମାନଙ୍କ ସଙ୍ଗରେ ସେହି ଘରେ ବସିଛନ୍ତି । ଫୁଲମାଳ ପିନ୍ଧିଛନ୍ତି । ମଣି ପଙ୍ଖା କରୁଛନ୍ତି ।

ଠାକୁରେ ଗଳାରୁ ମାଳ ନେଇ ହାତରେ ଧରି ନିଜେ ନିଜେ କଅଣ କହୁଛନ୍ତି । ତାହାପରେ ଯେପରି ପ୍ରସନ୍ନ ହୋଇ ମଣିଙ୍କୁ ମାଳ ଦେଲେ ।

ଶୋକସନ୍ତପ୍ତା ଭକ୍ତ-ସ୍ତ୍ରୀଙ୍କୁ ଉଦ୍ୟାନକୁ ଆସି ଶ୍ରୀଶ୍ରୀମାଆଙ୍କ ପାଖରେ କିଛିଦିନ ରହିବାକୁ ଠାକୁର କହିଛନ୍ତି, ମଣି ସବୁ ଶୁଣିଛନ୍ତି ।

❁ ❁ ❁

# ପରିଶିଷ୍ଟ

## ପ୍ରଥମ ପରିଚ୍ଛେଦ

### କେଶବଙ୍କ ସହିତ ଦକ୍ଷିଣେଶ୍ୱର ମନ୍ଦିରରେ

### (୧)

୧ ତାରିଖ ଜାନୁୟାରୀ ୧୮୮୧, ଶନିବାର ପୌଷ ୧୮ ଦିନ, ବ୍ରାହ୍ମ ସମାଜର ମାଘୋତ୍ସବ ଅଳ୍ପଦିନପରେ ପାଳିତ ହେବ । ପ୍ରତାପ, ତ୍ରୈଲୋକ୍ୟ, ଜୟଗୋପାଳ ସେନ୍ ପ୍ରଭୃତି ଅନେକ ବ୍ରାହ୍ମ ଭକ୍ତମାନଙ୍କ ସହିତ କେଶବଚନ୍ଦ୍ର ସେନ୍, ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିବାକୁ ଦକ୍ଷିଣେଶ୍ୱର ମନ୍ଦିରକୁ ଆସିଛନ୍ତି । ରାମ, ମନୋମୋହନ ପ୍ରଭୃତି ଅନେକେ ଉପସ୍ଥିତ ଅଛନ୍ତି ।

ବ୍ରାହ୍ମଭକ୍ତମାନେ ଅନେକେ କେଶବଙ୍କର ଆସିବା ଆଗରୁ କାଳୀ ମନ୍ଦିରକୁ ଆସିଛନ୍ତି ଓ ଠାକୁରଙ୍କ ପାଖରେ ବସିଛନ୍ତି । ସମସ୍ତେ ବ୍ୟସ୍ତ, କେବଳ ଦକ୍ଷିଣ ଦିଗକୁ ଅନାଉଛନ୍ତି, କେତେବେଳେ କେଶବ ଆସିବେ, କେତେବେଳେ କେଶବ ଜାହାଜରେ ଆସି ଅବତରଣ କରିବେ । ତାଙ୍କର ଆସିବା ପର୍ଯ୍ୟନ୍ତ ଘରେ ବ୍ୟସ୍ତତା ଓ ହୋ-ହଲ୍ଲା ଲାଗିରହିଛି ।

ଏଥର କେଶବ ଆସିଛନ୍ତି । ହାତରେ ଦୁଇଟି ବେଲ ଓ ଫୁଲର ଗୋଟିଏ ତୋଡ଼ା । କେଶବ ଶ୍ରୀରାମକୃଷ୍ଣଙ୍କର ଚରଣ ସ୍ପର୍ଶ କରି ସେଗୁଡ଼ିକୁ ପାଖରେ ରଖିଦେଲେ ଏବଂ ଭୂମିଷ୍ଠ ପ୍ରଣାମ କଲେ । ଠାକୁର ମଧ୍ୟ ଭୂମିଷ୍ଠ ହୋଇ ପ୍ରତିନମସ୍କାର କଲେ ।

ଶ୍ରୀରାମକୃଷ୍ଣ ଆନନ୍ଦରେ ହସୁଛନ୍ତି । ଆଉ କେଶବଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(କେଶବଙ୍କ ପ୍ରତି ସହାସ୍ୟେ)—କେଶବ ତୁମେ ମୋତେ ଚାହଁ, କିନ୍ତୁ ତୁମ ଚେଲାମାନେ ମୋତେ ଚାହୁଁ ନାହାନ୍ତି । ତୁମେ ଚେଲାମାନଙ୍କୁ କହୁଥିଲି ଏବେ ଆମେ ବଜାବଜି କରୁଥିବା, ତା' ପରେ ଗୋବିନ୍ଦ ଆସିବେ ।

(କେଶବଙ୍କର ଶିଷ୍ୟମାନଙ୍କ ପ୍ରତି)— '' ଆହେ, ତୁମମାନଙ୍କର ଗୋବିନ୍ଦ ଆସିଛନ୍ତି । ମୁଁ ଏତେବେଳ ଯାଏ ବଜାବଜି କରୁଥିଲି, ସେଥିରେ ବା ଜମିବ କିପରି ।

''ଗୋବିନ୍ଦଙ୍କ ଦର୍ଶନ ସହଜେ ମିଳେ ନାହିଁ । କୃଷ୍ଣ ଯାତ୍ରାରେ ଦେଖି ନାହଁ, ନାରଦ ବ୍ୟାକୁଳ ହୋଇ ବ୍ରଜରେ କହିଲେ—'ପ୍ରାଣ ହେ ଜୀବନ ମମ ଜୀବନ', ସେତେବେଳେ କୃଷ୍ଣ ଗୋପ ବାଳକମାନଙ୍କ ସହିତ ଆସିଲେ । ପଶ୍ଚାତ୍‌ରେ ସଖୀଗଣ, ଗୋପୀଗଣ । ବ୍ୟାକୁଳ ନ ହେଲେ ଭଗବାନଙ୍କ ଦର୍ଶନ ହୁଏ ନାହିଁ ।

(କେଶବଙ୍କ ପ୍ରତି)—" କେଶବ ତୁମେ କିଛି କହ, ଏମାନେ ସମସ୍ତେ ତୁମର କଥା ଶୁଣିବାକୁ ଚାହାନ୍ତି ।"

କେଶବ(ବିନୀତ ଭାବରେ, ସହାସ୍ୟ)—ଏଠାରେ କଥା କହିବା ମାନେ କମାର ପାଖକୁ ଛୁଞ୍ଚି ବିକ୍ରି କରିବାକୁ ଯିବା ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ତେବେ କଅଣ ଜାଣ, ଭକ୍ତର ସ୍ୱଭାବ ଗଞ୍ଜୋଡ଼ର ସ୍ୱଭାବ ଭଳି । ତୁମେ ଥରେ ଗଞ୍ଜେଇର ଚିଲମଟାକୁ ନେଇ ଟାଣିଲ ଆଉ ମୁଁ ଥରେ ମଧ ଟାଣିଲି । (ସମସ୍ତଙ୍କର ହାସ୍ୟ)

ସମୟ ୪ଟା ବାଜିଛି । କାଳୀ ମନ୍ଦିର ନହବତର ବାଜଣା ଶୁଣାଯାଉଛି ।

ଶ୍ରୀରାମକୃଷ୍ଣ(କେଶବ ପ୍ରଭୃତିଙ୍କ ପ୍ରତି)—ଦେଖିଲ, କିପରି ସୁନ୍ଦର ବାଜଣା । ତେବେ କେବଳ ଜଣେ ପେଁ ଶବ୍ଦ କରି ବଜାଉଛି, ଆଉ ଜଣେ ନାନା ପ୍ରକାର ସୁନ୍ଦର ଲହରୀ ଦେଇ ରାଗ ରାଗିଣୀର ଆଳାପ କରୁଛି । ମୋର ବି ସେଇ ଭାବ । ମୋର ସାତଟି ସ୍ୱର ଥାଉ ଥାଉ ଖାଲି ପେଁ ଶବ୍ଦ କରିବି କାହିଁକି ? କାହିଁକି କେବଳ ସୋଽହଂ କରିବି । ମୁଁ ସାତ ସୁରର ନାନା ପ୍ରକାର ରାଗ ରାଗିଣୀ ବଜାଇବି । ଏକମାତ୍ର ବ୍ରହ୍ମ ବ୍ରହ୍ମ କାହିଁକି କହିବି । ଶାନ୍ତ, ଦାସ୍ୟ, ବାତ୍ସଲ୍ୟ, ସଖ୍ୟ, ମଧୁର—ସବୁଭାବରେ ତାଙ୍କୁ ଡାକିବି, ଆନନ୍ଦ କରିବି, ବିଳାସ କରିବି ।

କେଶବ ଅବାକ୍ ହୋଇ ଏହି କଥାଗୁଡ଼ିକ ଶୁଣୁଛନ୍ତି । କହୁଛନ୍ତି, ଜ୍ଞାନ ଓ ଭକ୍ତିର ଏପରି ଆଶ୍ଚର୍ଯ୍ୟ ସୁନ୍ଦର ବ୍ୟାଖ୍ୟା କେବେହେଲେ ଶୁଣି ନାହିଁ ।

କେଶବ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣ କେତେଦିନ ଏହିପରି ଗୋପନରେ ରହିବେ—କ୍ରମେ ଏଠାରେ ଲୋକାରଣ୍ୟ ହେବ ।

ଶ୍ରୀରାମକୃଷ୍ଣ—ଏହା ତୁମର କି କଥା । ମୁଁ ଖାଇ ପିଇ ରହିଥାଏ, ତାଙ୍କର ନାମ କରେ । ମୁଁ ଜନସମାଗମ କରିବା ଜାଣେ ନାହିଁ ।

ହନୁମାନ କହିଥିଲେ—ମୁଁ ବାର ତିଥି, ନକ୍ଷତ୍ର ଏସବୁ ଜାଣେ ନାହିଁ, କେବଳ ଏକମାତ୍ର ରାମଙ୍କର ଚିନ୍ତା କରେ ।

କେଶବ—ଆଚ୍ଛା ମୁଁ ଜନସମାଗମ କରିବି । କିନ୍ତୁ ସେମାନେ ସମସ୍ତେ ଏଠାକୁ ଆସିବେ ।

ଶ୍ରୀରାମକୃଷ୍ଣ—ମୁଁ ସମସ୍ତଙ୍କ ପାଦ ଧୂଳିର ଧୂଳି । ଯଦି ଦୟାକରି ଆସିବେ, ଆସିବେ ।

କେଶବ—ଆପଣ ଯାହା କହନ୍ତୁ, ଆପଣ ଆସିବା ବିଫଳ ହେବ ନାହିଁ ।

## (୨)

## ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣ

ଏଣେ ସଂକୀର୍ତ୍ତନର ଆୟୋଜନ ହୋଇଛି । ବହୁ ଭକ୍ତ ଯୋଗ ଦେଇଛନ୍ତି । ପଞ୍ଚବଟୀରୁ ସଂକୀର୍ତ୍ତନ ଦଳ ଦକ୍ଷିଣ ଦିଗକୁ ଆସୁଛନ୍ତି । ହୃଦୟ ସିଙ୍ଗା ବଜାଉଛନ୍ତି । ଗୋପୀ ଦାସ ଖୋଳ ବଜାଉଛନ୍ତି । ଆଉ ଦୁଇଜଣ କରତାଳ ବଜାଉଛନ୍ତି ।

ଶ୍ରୀରାମକୃଷ୍ଣ ଗୀତ ଆରମ୍ଭ କଲେ—

ହରିନାମ ଭଜରେ ଜୀବ ଯଦି ସୁଖେ ରହିବ,
ସୁଖେ ରହିବ, ବୈକୁଣ୍ଠେ ଯିବ, ମୋକ୍ଷଫଳ ସଦା ପାଇବ ।
ପଞ୍ଚମୁଖେ ଶିବ ଜପନ୍ତି ଯେଉଁ ନାମ,
ଆଜି ତୁମକୁ ଦେବି ସେହି ହରି ନାମ ।

ଶ୍ରୀରାମକୃଷ୍ଣ ସିଂହ ବିକ୍ରମରେ ନୃତ୍ୟ କରୁଛନ୍ତି । ଏଥର ସମାଧିସ୍ଥ ହେଲେ । ସମାଧି ଭଙ୍ଗ ପରେ ଘରେ ଉପବିଷ୍ଟ ହୋଇଛନ୍ତି । କେଶବ ପ୍ରଭୃତିଙ୍କ ସଙ୍ଗରେ କଥା କହୁଛନ୍ତି ।

### ସର୍ବଧର୍ମ ସମନ୍ୱୟ କଥା

"ସବୁ ପଥ ଦେଇ ତାଙ୍କୁ ଲାଭ କରାଯାଏ । ଯେପରି ତୁମେମାନେ କେହି ଗାଡ଼ି, କେହି ନୌକା, କେହି ଜାହାଜରେ, କେହି ବା ପଦବ୍ରଜରେ ଆସିଛ । ଯାହାର ଯେପରି ସୁବିଧା, ଆଉ ଯାହାର ଯେପରି ପ୍ରକୃତି ସେହି ଅନୁସାରେ ଆସିଛ । ଉଦ୍ଦେଶ୍ୟ ଗୋଟିଏ—କେହି ଆଗରେ ଆସିଛି କେହି ପରେ ଆସିଛ ।

### ଈଶ୍ୱର ଦର୍ଶନର ଉପାୟ, ଅହଙ୍କାର ତ୍ୟାଗ

(କେଶବ ପ୍ରଭୃତିଙ୍କ ପ୍ରତି)—"ଉପାଧି ଯେତେ ଯିବ, ସେତେ ଈଶ୍ୱରଙ୍କର ନିକଟତର ହେବ । ଉଚ୍ଚ ଢିପରେ ବର୍ଷା ପାଣି ଜମେ ନାହିଁ । ଖାଲ ଜମିରେ ଜମେ; ସେହିପରି ତାଙ୍କର କୃପାବାରି, ଯେଉଁଠାରେ ତାଙ୍କର ଅହଙ୍କାର, ସେଠାରେ ଜମେ ନାହିଁ । ତାଙ୍କ ପାଖରେ ଦୀନ ହୀନ ଭାବ ହିଁ ଭଲ ।

"ଖୁବ୍ ସାବଧାନରେ ରହିବାକୁ ହୁଏ, ଏପରିକି ଲୁଗାପଟାରେ ମଧ ଅହଙ୍କାର ହୁଏ । ପ୍ଲୀହା ରୋଗୀକୁ ଦେଖିଛି କଳା ଧଡ଼ି ଲୁଗା ପିନ୍ଧିଛି, ସଙ୍ଗେ ସଙ୍ଗେ ନିଧୁ ବାବୁର ଗୀତ ଗାଉଛି ।"

" କେହି ବୁଟ୍ ପିନ୍ଧିଛି, ସଙ୍ଗେ ସଙ୍ଗେ ମୁହଁରୁ ଇଂରାଜୀ କଥା ବାହାରୁଛି ।"

"ସାମାନ୍ୟ ଆଧାର ହେଲେ ଗେରୁଆ ପିନ୍ଧିଲେ ଅହଙ୍କାର ହୁଏ, ଟିକିଏ ତ୍ରୁଟି ହେଲେ କ୍ରୋଧ, ଅଭିମାନ ହୁଏ ।

## ଭୋଗାନ୍ତ, ବ୍ୟାକୁଳତା ଓ ଈଶ୍ୱର ଲାଭ

"ବ୍ୟାକୁଳ ନ ହେଲେ ତାଙ୍କ ଦର୍ଶନ ମିଳେ ନାହିଁ । ଏହି ବ୍ୟାକୁଳତା ଭୋଗାନ୍ତ ନ ହେଲେ ହୁଏ ନାହିଁ । ଯେଉଁମାନେ କାମିନୀ-କାଞ୍ଚନ ମଧ୍ୟରେ ଅଛନ୍ତି, ଭୋଗାନ୍ତ ହୋଇ ନାହିଁ, ସେମାନଙ୍କର ବ୍ୟାକୁଳତା ହୁଏ ନାହିଁ ।"

"କାମାରପୁକୁରରେ ହୃଦୟର ପୁଅ ଦିନସାରା ମୋ ପାଖରେ ରହୁଥିଲା: ଚାରି-ପାଞ୍ଚ ବର୍ଷର ପିଲା । ମୋ ସାମ୍ନାରେ ଏଣୁତେଣୁ ଖେଳ ଖେଳୁଥାଏ, ଏକ ପ୍ରକାର ଭୁଲି ରହୁଥିଲା । ସଂଧ୍ୟା ହେଲେ ସଙ୍ଗେ ସଙ୍ଗେ କହୁଥିଲା—ମା' ଯିବି, ମୁଁ କେତେ କହୁଥିଲି—ପାରା ଦେବି, ଏହିସବୁ କଥା, ସେ ଭୁଲୁ ନ ଥିଲା, କାନ୍ଦି କାନ୍ଦି କହୁଥିଲା—ମା' ଯିବି । ଖେଳା ଖେଳି କିଛି ଭଲ ଲାଗୁନାହିଁ । ମୁଁ ତାହାର ଅବସ୍ଥା ଦେଖି କାନ୍ଦୁଥିଲି ।

"ଏଇ ବାଳକ ଭଳି ଈଶ୍ୱରଙ୍କ ପାଇଁ କାନ୍ଦିବା । ଏହିପରି ବ୍ୟାକୁଳତା । ଆଉ ଖେଳିବା, ଖାଇବା କିଛି ହେଲେ ଭଲ ଲାଗେ ନାହିଁ । ଭୋଗାନ୍ତେ ଏହି ବ୍ୟାକୁଳତା ଓ ତାଙ୍କ ପାଇଁ କାନ୍ଦିବା ।

ସମସ୍ତେ ଅବାକ୍ ହୋଇ ନିଃଶବ୍ଦରେ ଏହି ସବୁ କଥା ଶୁଣୁଛନ୍ତି । ସଂଧ୍ୟା ହୋଇଛି, ଆଲୁଅ ଜାଳିବା ଲୋକ ଆଲୁଅ ଜାଳି ଦେଇଗଲା । କେଶବ ପ୍ରଭୃତି ବ୍ରାହ୍ମଭକ୍ତଗଣ ସମସ୍ତେ ଜଳଯୋଗ କରି ଯିବେ । ଖୁଆଇବାର ଆୟୋଜନ ହେଉଛି ।

କେଶବ(ସହାସ୍ୟେ)—ଆଜି ମଧ୍ୟ କଅଣ ମୁଢ଼ି ?

ଶ୍ରୀରାମକୃଷ୍ଣ(ସହାସ୍ୟେ)—ହୃଦୁ ଜାଣେ ।

ପତ୍ର ପଡ଼ିଲା । ପ୍ରଥମରେ ମୁଢ଼ି, ତା'ପରେ ଲୁଚି, ତା' ପରେ ତରକାରି । (ସମସ୍ତଙ୍କର ଖୁବ୍ ଆନନ୍ଦ ଓ ହାସ୍ୟ) । ସବୁ ଶେଷ ହେବାକୁ ରାତି ଦଶଟା ବାଜିଲା, ଠାକୁରେ ପଞ୍ଚବଟୀ ମୂଳରେ ବ୍ରାହ୍ମଭକ୍ତମାନଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ କେଶବ ପ୍ରଭୃତିଙ୍କ ପ୍ରତି)—ଈଶ୍ୱର ଲାଭ ପରେ ସଂସାରରେ ଭଲରେ ରହି ହୁଏ । ବୁଢ଼ିକୁ ଛୁଇଁବା ପରେ ପୁଣି ଖେଳ ।

"ଈଶ୍ୱର ଲାଭ ପରେ ଭକ୍ତ ନିର୍ଲିପ୍ତ ହୁଏ, ଯେପରି ପଙ୍କୁଆ ମାଛ । ପଙ୍କ ଭିତରେ ରହିଲେ ମଧ୍ୟ ଦେହରେ ପଙ୍କ ଲାଗେ ନାହିଁ" ।

ପ୍ରାୟ ୧୧ଟା ବାଜିଲା । ସମସ୍ତେ ଯିବା ପାଇଁ ବ୍ୟସ୍ତ । ପ୍ରତାପ କହିଲେ, ଆଜି ରାତିରେ ଏଠାରେ ରହିଗଲେ ଭଲ ।

ଶ୍ରୀରାମକୃଷ୍ଣ କେଶବଙ୍କୁ କହୁଛନ୍ତି, ଆଜି ଏଠାରେ ରହିଯାଅ ।

କେଶବ(ସହାସ୍ୟେ)—କାମ ଦାମ ଅଛି; ଯିବାକୁ ହେବ ।

ଶ୍ରୀରାମକୃଷ୍ଣ—କାହିଁକି ହେ, ତୁମକୁ କଅଣ ଆଇଁଷ ପାଛିଆର ଗନ୍ଧ ନ ହେଲେ ନିଦ ହେବ ନାହିଁ । କେଉଟୁଣି ମାଳୀ ଘରେ ରାତିରେ ଅତିଥି ହୋଉଗଲା । ତାକୁ ଫୁଲ ଘରେ ଶୋଇବାକୁ ଦିଆଯାଉଥିବାରୁ ତାର ଆଉ ନିଦ ହେଲା ନାହିଁ । (ସମସ୍ତଙ୍କର ହାସ୍ୟ) । ତାକୁ ଛଟପଟ ହେବା ଦେଖି ମାଳିଆଣୀ ଆସି କହିଲା, କଅଣ ତୁମକୁ ନିଦ ହେଉ ନାହିଁକି ? କେଉଟୁଣି କହିଲା, ମା' କଅଣ ଜାଣ, ଫୁଲ ଗନ୍ଧରେ ନିଦ ହେଉନାହିଁ, ତୁମେ ଟିକିଏ ଆଇଁଷ ପାଛିଆଟା ଆଣି ଦେଇ ପାରିବ ? ବର୍ତ୍ତମାନ କେଉଟୁଣୀ ଆଇଷଁ ପାଛିଆରେ ପାଣି ଛାଟି ସେଇ ଗନ୍ଧ ଆଘ୍ରାଣ କରୁ କରୁ ଗଭୀର ନିଦ୍ରାରେ ଅଭିଭୂତ ହେଲା ।'' (ସମସ୍ତଙ୍କର ହାସ୍ୟ)

ବିଦାୟ ସମୟରେ କେଶବ, ଠାକୁରଙ୍କ ଚରଣ ସ୍ପର୍ଶ କରାଯାଇଥିବା ଗୋଟିଏ ଫୁଲତୋଡ଼ା ଗ୍ରହଣ କଲେ ଓ ଭୂମିଷ୍ଠ ହୋଇ ପ୍ରଣାମ କରି 'ନବବିଧାନର ଜୟ ହେଉ' ବୋଲି ଭକ୍ତ ମାନଙ୍କ ସହିତ କହିବାକୁ ଲାଗିଲେ । ଏହିପରି ସେମାନେ ଠାକୁରଙ୍କଠାରୁ ବିଦାୟ ଗ୍ରହଣ କଲେ ।

## (୩)

## ସୁରେନ୍ଦ୍ରଙ୍କ ଘରକୁ ଶ୍ରୀରାମକୃଷ୍ଣଙ୍କର ଶୁଭାଗମନ (ରାମ, ମନୋମୋହନ, ତ୍ରୈଲୋକ୍ୟ ଓ ମହେନ୍ଦ୍ର ଗୋସ୍ୱାମୀଙ୍କ ସଙ୍ଗରେ)

ଆଜି ରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ ସୁରେନ୍ଦ୍ରଙ୍କ ଘରକୁ ଆସିଛନ୍ତି । ୧୮୮୧ ଖ୍ରୀଷ୍ଟାବ୍ଦ ଆଷାଢ଼ ମାସ । ପ୍ରାୟ ସଂଧ୍ୟା ହେଲାଣି ।

ଶ୍ରୀରାମକୃଷ୍ଣ କିଛିକ୍ଷଣ ପୂର୍ବରୁ ଉପରବେଳା ଶ୍ରୀଯୁକ୍ତ ମନମୋହନଙ୍କ ଘରେ ଟିକିଏ ବିଶ୍ରାମ ନେଉଥିଲେ ।

ସୁରେନ୍ଦ୍ରଙ୍କ ଦୋତାଲା ବୈଠକଘରକୁ ଭକ୍ତମାନେ ଆସିଛନ୍ତି । ମହେନ୍ଦ୍ର ଗୋସ୍ୱାମୀ, ଭୋଳାନାଥ ପାଲ୍ ପ୍ରଭୃତି ପ୍ରତିବେଶୀଗଣ ଉପସ୍ଥିତ ଅଛନ୍ତି । ଶ୍ରୀଯୁକ୍ତ କେଶବ ସେନ୍‌ଙ୍କର ଆସିବାର କଥା ଥିଲା । କିନ୍ତୁ ଆସିପାରି ନାହାନ୍ତି । ବ୍ରାହ୍ମ ସମାଜର ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସାନ୍ୟାଲ ଓ ଆଉ ବହୁ ବ୍ରାହ୍ମଭକ୍ତ ଆସିଛନ୍ତି ।

ବୈଠକଖାନା ଘରେ ସତରଞ୍ଜି ଓ ଚଦର ପକାଯାଇଛି—ତା' ଉପରେ ଗୋଟିଏ ସୁନ୍ଦର ଗାଲିଚା ଓ ତକିଆ । ଠାକୁରଙ୍କୁ ନେଇ ସୁରେନ୍ଦ୍ର ସେହି ଗାଲିଚା ଉପରେ ବସିବାକୁ ଅନୁରୋଧ କଲେ ।

ଶ୍ରୀରାମକୃଷ୍ଣ କହୁଛନ୍ତି ତୁମର ଏ କି କଥା । ଏହା କହି ମହେନ୍ଦ୍ର ଗୋସ୍ୱାମୀଙ୍କ ପାର୍ଶ୍ୱରେ ବସିଲେ । ଯଦୁ ମଲିକଙ୍କ ଉଦ୍ୟାନରେ ଯେତେବେଳେ ପାରାୟଣ

ହେଉଥିଲା ଶ୍ରୀରାମକୃଷ୍ଣ ସର୍ବଦା ଯାଉଥିଲେ । କେତେ ମାସ ପାଇଁ ପାରାୟଣ ହେଉଥିଲା ।

ମହେନ୍ଦ୍ର ଗୋସ୍ୱାମୀ(ଭକ୍ତମାନଙ୍କ ପ୍ରତି)—ମୁଁ ଏହାଙ୍କ ନିକଟରେ କେତେକ ମାସ ପ୍ରାୟ ସର୍ବଦା ରହୁଥିଲି । ଏପରି ମହତ୍ ଲୋକ ମୁଁ କେବେହେଲେ ଦେଖିନାହିଁ । ଏହାଙ୍କ ଭାବ ସବୁ ସାଧାରଣ ଭାବ ନୁହେଁ ।

ଶ୍ରୀରାମକୃଷ୍ଣ(ଗୋସ୍ୱାମୀଙ୍କ ପ୍ରତି)—ସେ ସବୁ ତୁମର କି କଥା ମୁଁ ହୀନ ଠାରୁ ହୀନ, ଦୀନଠାରୁ ଦୀନ; ମୁଁ ତାଙ୍କର ଦାସାନୁଦାସ; କୃଷ୍ଣହିଁ ମହାନ୍ ।

"ଯେ ଅଖଣ୍ଡ ସଚ୍ଚିଦାନନ୍ଦ ସେ ହିଁ କେବଳ ଶ୍ରୀକୃଷ୍ଣ । ଦୂରରୁ ଦେଖିଲେ ସମୁଦ୍ର ନୀଳବର୍ଣ୍ଣ ଦେଖାଯାଏ, ପାଖକୁ ଯାଅ କୌଣସି ରଙ୍ଗ ନାହିଁ । ଯେ ସଗୁଣ, ସେ ହିଁ କେବଳ ନିର୍ଗୁଣ; ଯାହାଙ୍କର ନିତ୍ୟ, ତାଙ୍କରି ଲୀଳା ।"

ଶ୍ରୀକୃଷ୍ଣ ତ୍ରିଭଙ୍ଗ କାହିଁକି ? ରାଧାଙ୍କ ପ୍ରେମରେ ।

"ଯେ ବ୍ରହ୍ମ ସେ ହିଁ କାଳୀ, ଆଦ୍ୟଶକ୍ତି ସୃଷ୍ଟି-ସ୍ଥିତି-ପ୍ରଳୟ କରୁଛନ୍ତି । ଯେ କୃଷ୍ଣ ସେ ହିଁ କାଳୀ ।"

"ମୂଳ ଏକ—ତାଙ୍କର ସମସ୍ତ ଖେଳା, ଲୀଳା ।"

## ଈଶ୍ୱର ଦର୍ଶନର ଉପାୟ

"ଈଶ୍ୱରଙ୍କୁ ଦର୍ଶନ କରାଯାଏ । ଶୁଦ୍ଧ ମନ, ଶୁଦ୍ଧ ବୁଦ୍ଧିରେ ଦର୍ଶନ କରାଯାଏ । କାମିନୀ-କାଞ୍ଚନରେ ଆସକ୍ତି ରହିଲେ ମନ ମଳିନ ହୁଏ ।"

"ମନକୁ ନେଇ କଥା । ମନ ଧୋବା ଘରର ଲୁଗା, ଯେଉଁ ରଙ୍ଗରେ ବୁଡ଼ାଇବ ସେଇ ରଙ୍ଗ ହେବ । ମନରେ ଜ୍ଞାନ, ମନରେ ଅଜ୍ଞାନ । ଅମୁକ ଲୋକ ଖରାପ ହୋଇଯାଇଛି ଅର୍ଥାତ୍ ଅମୁକ ଲୋକର ମନରେ ଖରାପ ରଙ୍ଗ ଧରିଛି ।"

ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସାନ୍ୟାଲ ଓ ଅନ୍ୟାନ୍ୟ ବ୍ରାହ୍ମଭକ୍ତମାନେ ଏଥର ଆସି ଆସନ ଗ୍ରହଣ କଲେ ।

ସୁରେନ୍ଦ୍ର ଫୁଲ ମାଳ ନେଇ ଠାକୁରଙ୍କୁ ପିନ୍ଧାଇବାକୁ ଆସିଲେ । ସେ ମାଳା ହାତରେ ଧରିଲେ—କିନ୍ତୁ ଗୋଟିଏ ପାଖକୁ ଫିଙ୍ଗିଦେଲେ ।

ସୁରେନ୍ଦ୍ର ଅଶ୍ରୁପୂର୍ଣ୍ଣ ଲୋଚନରେ ପଶ୍ଚିମ ବାରଣ୍ଡାରେ ଯାଇ ବସିଲେ; ସଙ୍ଗରେ ରାମ ଓ ମନୋମୋହନ ପ୍ରଭୃତି । ସୁରେନ୍ଦ୍ର ଅଭିମାନରେ କହୁଛନ୍ତି;—ମୋର ରାଗ ହୋଇଛି; ଜଣେ ଗରିବ ବ୍ରାହ୍ମଣ ଏହିସବୁ ଜିନିଷର ମର୍ଯ୍ୟାଦା କଅଣ ଜାଣେ । ଅନେକ ଟଙ୍କା ଖର୍ଚ୍ଚ କରି ଏହି ମାଳା ଆଣିଛି, ରାଗରେ କହିଲି ସବୁ ମାଳା ଭକ୍ତ ମାନଙ୍କ ଗଳାରେ ପିନ୍ଧାଇ ଦିଅ । ବର୍ତ୍ତମାନ ବୁଝିପାରୁଛି ମୋର ଅପରାଧ; ଭଗବାନ ଅର୍ଥର ଅଧୀନ ନୁହନ୍ତି; ଅହଂକାରର ମଧ ନୁହନ୍ତି । ମୁଁ ଅହଂକାରୀ,

ମୋର ପୂଜା କାହିଁକି ନେବେ । ମୋର ବଞ୍ଚିବାର ଇଛା ନାହିଁ । କହୁ କହୁ ଅଶ୍ରୁଧାରା ଗଣ୍ଡ ଦେଶରେ ପଡ଼ିବାକୁ ଲାଗିଲା ଓ ବକ୍ଷସ୍ଥଳକୁ ସ୍ପର୍ଶ କଲା ।

ଏଣେ ଘର ଭିତରେ ତ୍ରୈଲୋକ୍ୟ ଗୀତ ଗାଉଛନ୍ତି । ଶ୍ରୀରାମକୃଷ୍ଣ ଭାବବିହ୍ୱଳ ହୋଇ ନୃତ୍ୟ କରୁଛନ୍ତି । ଯେଉଁ ମାଳା ଫିଙ୍ଗିଦେଇଥିଲେ, ସେହି ମାଳା ଉଠାଇ ଗଳାରେ ପିନ୍ଧିଲେ । ଏକ ହାତରେ ମାଳା ଧରି, ଅପର ହାତ ହଲାଇ ଗୀତ ଓ ନୃତ୍ୟ କରୁଛନ୍ତି—

ହୃଦୟ ପରଶମଣି ମୋହର—
ଆଖର ଦେଉଛନ୍ତି—
(ଭୂଷଣ ବାକି କି ଅଛିରେ ।)
(ଜଗତ୍-ଚନ୍ଦ୍ର-ହାର ପିନ୍ଧିଛି ।)

ସୁରେନ୍ଦ୍ର ଆନନ୍ଦରେ ବିହ୍ୱଳ—ଠାକୁର ସେହି ମାଳା ପିନ୍ଧି ନାଚୁଛନ୍ତି । ସୁରେନ୍ଦ୍ର ମନେ ମନେ କହୁଛନ୍ତି, ଭଗବାନ ଦର୍ପହାରୀ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ସେ ଦୀନ-ବାନ୍ଧବ !

ଶ୍ରୀରାମକୃଷ୍ଣ ନିଜେ ଗୀତ ଗାଉଛନ୍ତି—
ହରିବୋଲ ଯା'ର ନୟନୁ ବହଇ ନୀର
ଆସିଛନ୍ତି ସେହି ଦୁଇ ଭାଇରେ ।
(ମାଡ଼ ଖାଇ ଯିଏ ପ୍ରେମ ଦିଏ)
(ନିଜେ ମାତି ଯିଏ ଜଗତ ମତାଏ)
(ବ୍ରଜର କୃଷ୍ଣ ବଳରାମ ସିଏ)

ଅନେକ ଭକ୍ତ ଠାକୁରଙ୍କ ସଙ୍ଗରେ ନୃତ୍ୟ କରୁଛନ୍ତି ।

ସମସ୍ତେ ଉପବିଷ୍ଟ ହୋଇ ଆଳାପ କରୁଛନ୍ତି ।

ଶ୍ରୀରାମକୃଷ୍ଣ ସୁରେନ୍ଦ୍ରଙ୍କୁ କହୁଛନ୍ତି, "ମୋତେ କିଛି ଖୁଆଇବ ନାହିଁ ?

ଏହା କହି ଗାତ୍ରୋତ୍ଥାନ କରି ଅନ୍ତଃପୁରକୁ ଗଲେ । ସ୍ତ୍ରୀଲୋକମାନେ ଆସି ସମସ୍ତେ ଭୂମିଷ୍ଠ ହୋଇ ଅତି ଭକ୍ତିଭାବରେ ଠାକୁରଙ୍କୁ ପ୍ରଣାମ କଲେ ।

ଆହାରାନ୍ତେ ଟିକିଏ ବିଶ୍ରାମ କରି ଠାକୁର ଦକ୍ଷିଣେଶ୍ୱରକୁ ଯାତ୍ରା କଲେ ।

## (୪)

## ସିମୁଳିୟା ବ୍ରାହ୍ମସମାଜର ମହୋତ୍ସବରେ ଶ୍ରୀରାମକୃଷ୍ଣ
## (ରାମ, କେଶବ, ନରେନ୍ଦ୍ର ପ୍ରଭୃତି ଭକ୍ତଙ୍କ ସଙ୍ଗରେ)

ଆଜି ଶ୍ରୀରାମକୃଷ୍ଣ ସିମୁଳିୟା ବ୍ରାହ୍ମସମାଜର ସାମ୍ବତ୍ସରିକ ମହୋତ୍ସବକୁ ଭକ୍ତଙ୍କ ସହିତ ଆସିଛନ୍ତି । ଜ୍ଞାନ ଚୌଧୁରୀଙ୍କ ଘରେ ମହୋତ୍ସବ ହେଉଛି । ୧ ତାରିଖ ଜାନୁୟାରୀ ୧୮୮୨ ଖ୍ରୀଷ୍ଟାବ୍ଦ ରବିବାର, ସମୟ ୫ଟା ହେବ ।

ଶ୍ରୀଯୁକ୍ତ କେଶବ ସେନ୍, ରାମ, ମନୋମୋହନ, ବଳରାମ, ବ୍ରାହ୍ମଭକ୍ତ ରାଜମୋହନ, ଜ୍ଞାନ ଚୌଧୁରୀ, କେଦାର, ବ୍ରାହ୍ମଭକ୍ତ କାନ୍ତିବାବୁ, କାଳିଦାସ ସରକାର, କାଳିଦାସ ମୁଖୋପାଧ୍ୟାୟ, ନରେନ୍ଦ୍ର, ରାଖାଲ ପ୍ରଭୃତି ଅନେକ ଭକ୍ତ ଉପସ୍ଥିତ ।

ନରେନ୍ଦ୍ର, ରାମ ପ୍ରଭୃତିଙ୍କ ସଙ୍ଗରେ ଯାଇ କିଛିଦିନ ହେଲା ଠାକୁରଙ୍କୁ ଦକ୍ଷିଣେଶ୍ୱରରେ ଦର୍ଶନ କରିଛନ୍ତି । ଆଜି ମଧ୍ୟ ଏହି ଉତ୍ସବରେ ଯୋଗଦାନ କରିଛନ୍ତି । ସେ ସିମୁଳିୟା ବ୍ରାହ୍ମସମାଜକୁ ମଝିରେ ମଝିରେ ଆସନ୍ତି ଓ ସେଠାରେ ଗୀତ ଗାଆନ୍ତି ଓ ଉପାସନା କରନ୍ତି ।

ବ୍ରାହ୍ମ ସମାଜର ପଦ୍ଧତି ଅନୁସାରେ ଉପାସନା ହେବ ।

ପ୍ରଥମେ କିଛି ପାଠ ହେଲା । ନରେନ୍ଦ୍ର ଭଲ ଗୀତ ଗାଇ ପାରନ୍ତି, ତାଙ୍କୁ ଗାଇବାକୁ ଅନୁରୋଧ କରାଯିବାରୁ ସେ ଗୀତ ଗାଇଲେ ।

ସଂଧ୍ୟା ହେଲା । ଇଁଦେଶର ଗୌରୀ ପଣ୍ଡିତ ଗେରୁଆ ପିନ୍ଧି ବ୍ରହ୍ମଚାରୀ ବେଶରେ ଆସି ଉପସ୍ଥିତ ।

ଗୌରୀ—ପରମହଂସ ବାବୁ କେଉଁଠାରେ ହେ ?

କିଛିକ୍ଷଣ ପରେ କେଶବ ବ୍ରାହ୍ମଭକ୍ତଗଣଙ୍କୁ ସଙ୍ଗରେ ଧରି ପହଞ୍ଚିଲେ ଓ ଭୂମିଷ୍ଠ ହୋଇ ଶ୍ରୀରାମକୃଷ୍ଣଙ୍କୁ ପ୍ରଣାମ କଲେ । ସମସ୍ତେ ବାରଣ୍ଡା ଉପରେ ଉପବିଷ୍ଟ, ପରସ୍ପର ଆନନ୍ଦ କରୁଛନ୍ତି । ଚତୁର୍ଦ୍ଦିଗରେ ଗୃହସ୍ଥ ଭକ୍ତମାନଙ୍କୁ ଉପବିଷ୍ଟ ଦେଖି ଠାକୁରେ ହସି ହସି କହୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—ସଂସାରରେ ହେବ ନାହିଁ କାହିଁକି ? ତେବେ କଅଣ ଜାଣ ? ମନ ନିଜ ପାଖରେ ନାହିଁ । ନିଜ ପାଖରେ ମନ ରହିଲେ ତ ଭଗବାନଙ୍କୁ ଦେବ । ମନ ବନ୍ଧକ ଦିଆଯାଇଛି, କାମିନୀ-କାଞ୍ଚନ ପାଖରେ ବନ୍ଧକ । ତେଣୁ ସର୍ବଦା ସାଧୁ-ସଙ୍ଗ ଦରକାର ।

" ମନ ନିଜ ଅଧୀନରେ ରହିଲେ ତେବେ ସାଧନା ଭଜନ । ସର୍ବଦା ଗୁରୁଙ୍କ ପାଖରେ ଗୁରୁଙ୍କ ସେବା, ସାଧୁସଙ୍ଗ ପ୍ରୟୋଜନ । ହୁଏତ ନିର୍ଜନରେ

ଦିନରାତି ତାଙ୍କର ଚିନ୍ତା, ଅଥବା ସାଧୁସଙ୍ଗ । ମନକୁ ଖାଲି ରଖିଲେ କ୍ରମେ ଶୁଷ୍କ ହୋଇଯାଏ ।''

''ମାଠିଆଏ ପାଣିକୁ ଯଦି ଅଲଗା ରଖିଦିଅ, କ୍ରମେ ଶୁଖିଯିବ । କିନ୍ତୁ ଗଙ୍ଗା ପାଣି ଭିତରେ ଯଦି ସେହି ମାଠିଆଟିକୁ ବୁଡ଼ାଇ ରଖ, ତା' ହେଲେ ଶୁଖିବ ନାହିଁ ।''

''କମାରଶାଳର ଲୁହା ନିଆଁରେ ଭାରି ଲାଲ ହୋଇଗଲା । ନିଆଁରୁ ବାହାର କରି ରଖ, ଯେଉଁ କଳାକୁ ସେହି କଳା । ତେଣୁ ଲୁହାକୁ ମଝିରେ ମଝିରେ ତତାଇବାକୁ ପଡ଼େ ।

''ମୁ କର୍ତ୍ତା, ମୁ କରୁଛି ତେଣୁ ସଂସାର ଚଳୁଛି, ମୋ ଗୃହ ପରିବାର—ଏହା ସବୁ ଅଜ୍ଞାନ । ମୁଁ ତାଙ୍କର ଦାସ, ତାଙ୍କର ଭକ୍ତ, ତାଙ୍କର ସନ୍ତାନ—ଏ ସବୁ ଭଲ ।''

''ମୁଁ ଏକାବେଳକେ ଯାଏ ନାହିଁ । ବର୍ତ୍ତମାନ ବିଚାର କରି ଉଡ଼ାଇ ଦେଲ, ପୁଣି ଛେଳିକୁ କଟାଯିବା ପରେ ଯେପରି ଟିକିଏ ଗୋଡ଼ ହଲାଉ ଥାଏ, ସେହିପରି କେଉଁଠାରୁ ମୁଁ ଆସିଯାଏ ।''

''ତାଙ୍କୁ ଦର୍ଶନ କରିବା ପରେ ସେ ଯେଉଁ ମୁଁ ରଖିଦିଅନ୍ତି, ତାକୁ ପକ୍‌କା ମୁଁ କୁହାଯାଏ । ଯେପରି ତରବାରୀ ପରଶମଣି ଛୁଇଁ ସୁନା ହୋଇଯାଇଛି । ତାହା ଦ୍ୱାରା ଆଉ ହିଂସାକାର୍ଯ୍ୟ ହୁଏ ନାହିଁ ।''

ଶ୍ରୀରାମକୃଷ୍ଣ ଠାକୁର ଘରର ବାରଣ୍ଡା ଉପରେ ବସି ଏହି ସବୁ କଥା କହୁଛନ୍ତି । କେଶବ ପ୍ରଭୃତି ଭକ୍ତଗଣ ନିସ୍ତବ୍‌ଧ ହୋଇ ଶୁଣୁଛନ୍ତି । ରାତି ୮ଟା ବାଜିଛି । ତିନିଥର ଘଣ୍ଟା ବାଜିଲା, ଏହାପରେ ଉପାସନା ଆରମ୍ଭ ହେବ ।

ଶ୍ରୀରାମକୃଷ୍ଣ(କେଶବ ପ୍ରଭୃତିଙ୍କ ପ୍ରତି)—ଏ କ'ଣ ତୁମମାନଙ୍କର ଉପାସନା ହେଉ ନାହିଁ କାହିଁକି ?

କେଶବ—ଉପାସନା କଅଣ ହେବ ? ଏଇତ ସବୁ ହେଉଛି ।

ଶ୍ରୀରାମକୃଷ୍ଣ—ନାହିଁ ହେ, ଯେପରି ପଦ୍ଧତି ସେପରି ହେଉ ।

କେଶବ—କାହିଁକି ଏଇତ ଭଲ ହେଉଛି ।

ଶ୍ରୀରାମକୃଷ୍ଣ ଅନେକ କହିବାରୁ କେଶବ ଉଠି ଉପାସନା ଆରମ୍ଭ କଲେ ।

ଉପାସନା ମଧ୍ୟରେ ଠାକୁର ହଠାତ୍ ଦଣ୍ଡାୟମାନ—ସମାଧିସ୍ଥ ହେଲେ ।

ବ୍ରାହ୍ମ ଭକ୍ତମାନେ ଗୀତ ଗାଉଛନ୍ତି—

ମନ ବାରେ ହରିବୋଲ ହରିବୋଲ ହରିବୋଲ ।<br>
ହରି ହରି ହରି ବୋଲି ଭବସିନ୍ଧୁ ପାରେ ଚଲ ॥<br>
ଜଳେ ହରି ସ୍ଥଳେ ହରି, ଅନଳେ ଅନିଳେ ହରି ।

ଚନ୍ଦ୍ରେ ହରି, ସୂର୍ଯ୍ୟେ ହରି, ହରିମୟ ଏ ଭୂମଣ୍ଡଳ ।

ଶ୍ରୀରାମକୃଷ୍ଣ ଏବେ ମଧ ଭାବସ୍ଥ ହୋଇ ଦଣ୍ଡାୟମାନ । କେଶବ ଅତି ସନ୍ତର୍ପଣରେ ତାଙ୍କର ହାତଧରି ବାରଣ୍ଡାରୁ ପ୍ରାଙ୍ଗଣକୁ ଓହ୍ଲାଇଲେ ।

ଗୀତ ହେଉଛି । ଏଥର ଠାକୁରେ ଗୀତ ସଙ୍ଗରେ ନୃତ୍ୟ କରୁଛନ୍ତି । ଚତୁର୍ଦ୍ଦିଗରେ ଭକ୍ତ ଗଣ ନାଚୁଛନ୍ତି ।

ଜ୍ଞାନ ବାବୁଙ୍କର ଦ୍ୱିତଳର ଘରେ ଶ୍ରୀରାମକୃଷ୍ଣ, କେଶବ ପ୍ରଭୃତିଙ୍କୁ ଜଳଖିଆ ଖୁଆଇବାର ଆୟୋଜନ ହେଉଛି ।

ସେମାନେ ଜଳଯୋଗ କରି ପୁଣି ତଳକୁ ଓହ୍ଲାଇ ଆସି ବସିଲେ । ଠାକୁରଙ୍କ କଥା କହୁ କହୁ ପୁଣି ଗୀତ ଗାଉଛନ୍ତି । କେଶବ ସେଥିରେ ଯୋଗ ଦେଇଛନ୍ତି—

ମଜ୍‌ଲୋ ଆମାର ମନ ଭ୍ରମର ଶ୍ୟାମାପଦ ନୀଲକମଲେ ।
ଯତ ବିଷୟ ମଧୁ ତୁଚ୍ଛ ହ'ଲ କାମାଦି କୁସୁମ ସକଲେ ।
ଗୀତ—ଶ୍ୟାମାପଦ ଆକାଶେତେ ମନ ଘୁଡ଼ି ଖାନ୍ ଉଡ଼ିତେ ଛିଲ
କଲୁଷେର କୁବାତାସ ଖେୟେ ଗୋପ୍ତା ଖେୟେ ପଡ଼େ ଗେଲ ।

ଠାକୁରେ କେଶବ ଉଭୟ ମାତିଗଲେ । ସମସ୍ତେ ମିଳି ରାତ୍ର ଦ୍ୱିପ୍ରହର ପର୍ଯ୍ୟନ୍ତ ଗୀତ ଓ ନୃତ୍ୟ କଲେ ।

ଟିକିଏ ବିଶ୍ରାମ କରି ଠାକୁରେ କେଶବକୁ କହୁଛନ୍ତି—ତୁମ ପୁଅଙ୍କ ବିଭାଘର ଉପହାର ମୋ ପାଖକୁ ପଠାଇଥିଲ କାହିଁକି ? ଫେରେଇ ନିଅ, ମୁଁ ସେ ସବୁକୁ ନେଇ କଅଣ କରିବି ?

କେଶବ ଇଷତ୍ ହସୁଛନ୍ତି । ଠାକୁରେ କହୁଛନ୍ତି—ମୋ ନାମ କାଗଜରେ ପ୍ରକାଶ କର କାହିଁକି ? ବହି ଲେଖି, ଖବର କାଗଜରେ ଲେଖି, କାହାକୁ ବଡ଼ କରାଯାଏ ନାହିଁ । ଭଗବାନ ଯାହାଙ୍କୁ ବଡ଼ କରନ୍ତି, ବଣରେ ରହିଲେ ବି ତାଙ୍କୁ ସମସ୍ତେ ଜାଣି ପାରନ୍ତି । ଗଭୀର ବନରେ ଫୁଲ ଫୁଟିଛି, କିନ୍ତୁ ମହୁମାଛି ସନ୍ଧାନ ପାଇଯାଏ । ଅନ୍ୟମାଛି ସନ୍ଧାନ ପାଏନାହିଁ । ମନୁଷ୍ୟ କ'ଣ କରିବ ? ମନୁଷ୍ୟର ମୁଖକୁ ଚାହଁ ନାହିଁ—ଲୋକ ! ପୋକ ! ଯେଉଁ ମୁହଁରେ ଭଲ କହୁଛି ସେହି ମୁହଁରେ ପୁଣି ମନ୍ଦ କହିବ । ମୁଁ ଗଣମାନ୍ୟ ହେବାକୁ ଚାହେଁ ନାହିଁ । ଯେପରି ଦୀନଠାରୁ ଦୀନ ହୀନଠାରୁ ହୀନ ହୋଇ ରହେ ।

ଶ୍ରୀଯୁକ୍ତ ସୁରେନ୍ଦ୍ରଙ୍କ ଘରକୁ ଠାକୁର ଶ୍ରୀରାମକୃଷ୍ଣ ଯେତେବେଳେ ଶୁଭାଗମନ କଲେ ଆଷାଢ଼ ମାସର ପ୍ରଥମ ଦିନ ୧୮୮୧ ଖ୍ରୀଷ୍ଟାବ୍ଦ, ସେତେବେଳେ ଶ୍ରୀଯୁକ୍ତ କେଶବଙ୍କର ଆସିବାର କଥା ଥିଲା—କିନ୍ତୁ ସେ ଆସିପାରି ନାହାନ୍ତି । ସେ ପ୍ରଥମ ପୁତ୍ର ଓ ଦ୍ୱିତୀୟ କନ୍ୟାଙ୍କ ବିବାହ ଦେବାକୁ ବନ୍ଦୋବସ୍ତ କରୁଥିଲେ ।

ଶ୍ରାବଣ ୧ ଦିନ, ଜୁଲାଇ ୧୫ ତାରିଖ, ୧୮୮୧ ଶୁକ୍ରବାର ଦିନ କେଶବ ତାଙ୍କର ଜାମାତା କୁଚ୍‌ବିହାର ମହାରାଜାଙ୍କର ଜାହାଜରେ (Steam Yacht) ଅନେକ ବ୍ରହ୍ମଭକ୍ତଙ୍କୁ ନେଇ କଲିକତାଠାରୁ ସୋମଡ଼ା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ ।[୧] ପଥରେ ଦକ୍ଷିଣେଶ୍ୱରରେ ଜାହାଜ ଅଟକାଇ ପରମହଂସ ଦେବଙ୍କୁ ଉଠାଇ ନେଲେ, ସଙ୍ଗରେ ହୃଦୟ । ଜାହାଜରେ କେଶବ ତ୍ରୈଲୋକ୍ୟ ପ୍ରଭୃତି ବ୍ରାହ୍ମଭକ୍ତଗଣ, କୁମାର, ଗଜେନ୍ଦ୍ର, ନାରାୟଣ, ନଗେନ୍ଦ୍ର ପ୍ରଭୃତି ।

ନିରାକାର ବ୍ରହ୍ମର କଥା କହୁ କହୁ ଶ୍ରୀରାମକୃଷ୍ଣ ସମାଧିସ୍ଥ ହେଲେ । ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସ୍ୟାନ୍ୟାଲ ଗୀତ ଗାଉଛନ୍ତି ଓ ଖୋଳ କରତାଳ ବାଜୁଛି । ସମାଧି ଭଙ୍ଗ ପରେ ଠାକୁରେ ଗାଉଛନ୍ତି—

ଶ୍ୟାମା ମା' କି କଳ କରିଛି ।
ଚଉଦ ପାଆ କଳ ଭିତରେ କେତେ ରଙ୍ଗ ଦେଖାଉଛି ।

ଜାହାଜ ଫେରିବା ସମୟରେ ଠାକୁରଙ୍କୁ ଦକ୍ଷିଣେଶ୍ୱରରେ ଓହ୍ଲାଇ ଦିଆଗଲା । କେଶବ ଅହିରିଟୋଲା ଘାଟରେ ଓହ୍ଲାଇଲେ—ମସ୍‌ଜିଦ ବାଡ଼ି ଷ୍ଟ୍ରୀଟ୍ ଦେଇ ପଦ ବ୍ରଜରେ ଶ୍ରୀଯୁକ୍ତ କାଳୀଚରଣ ବାନାର୍ଜୀଙ୍କ ଘରକୁ ନିମନ୍ତ୍ରଣରେ ଯିବେ ।

❁ ❁ ❁

# ଦ୍ୱିତୀୟ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ ମନୋମୋହନଙ୍କ ମନ୍ଦିରରେ

## (୧)

## (କେଶବ ସେନ୍, ସୁରେନ୍ଦ୍ର, ରାଜେନ୍ଦ୍ର ମିତ୍ର, ତ୍ରୈଲୋକ୍ୟ ପ୍ରଭୃତିଙ୍କ ସଙ୍ଗରେ )

ଶ୍ରୀଯୁକ୍ତ ମନୋମୋହନଙ୍କ ଘର; ୨୩ ନମ୍ବର ଶିମୁଳିଆ ଷ୍ଟ୍ରୀଟ୍; ସୁରେନ୍ଦ୍ରଙ୍କ ଘର ନିକଟରେ । ଆଜି ୩ ତାରିଖ ଡିସେମ୍ବର ଶନିବାର ୧୮୮୧ ଖ୍ରୀଷ୍ଟାବ୍ଦ ।

ଶ୍ରୀରାମକୃଷ୍ଣ ଅପରାହ୍ନ ପ୍ରାୟ ୪ଟା ସମୟରେ ଶୁଭାଗମନ କରିଛନ୍ତି । ଛୋଟ ବାରଣ୍ଡା ବିଶିଷ୍ଟ ଦୁଇ ମହଲା ଘର । ଠାକୁର ଦୁଇ ମହଲାର ବୈଠକଖାନା ଘରେ ଉପବିଷ୍ଟ ।

ଭବାନୀପୁରରେ ଈଶାନ ମୁଖାର୍ଜିଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣ କଥା କହୁଛନ୍ତି ।

---

୧ ଶ୍ରୀଯୁକ୍ତ ନଗେନ୍ଦ୍ର ଏଇ ବିବରଣ ମାଷ୍ଟରଙ୍କୁ ଦୁଇ ତିନି ମାସ ପରେ କହିଥିଲେ । କହିବାର କେତେମାସ ପରେ ମାଷ୍ଟର ଠାକୁରଙ୍କୁ ଦର୍ଶନ କରନ୍ତି, ଫେବୃୟାରୀ ୧୮୮୨ ଖ୍ରୀଷ୍ଟାବ୍ଦ ।

ଈଶାନ—ଆପଣ ସଂସାର ତ୍ୟାଗ କରିଛନ୍ତି କାହିଁକି ? ଶାସ୍ତ୍ରରେ ସଂସାର ଆଶ୍ରମକୁ ଶ୍ରେଷ୍ଠ କହିଛି ।

ଶ୍ରୀରାମକୃଷ୍ଣ—ଭଲ ବା ମନ୍ଦ କଅଣ ଏତେ ଜାଣି ନାହିଁ; ସେ ଯାହା କରାନ୍ତି ତାହା କରେ, ସେ ଯାହା କୁହାନ୍ତି ତାହା କହେ ।

ଈଶାନ—ସମସ୍ତେ ଯଦି ସଂସାର ତ୍ୟାଗ କରନ୍ତି, ତା' ହେଲେ ଈଶ୍ୱରଙ୍କ ବିରୁଦ୍ଧରେ କାର୍ଯ୍ୟ କରାହୁଏ ।

ଶ୍ରୀରାମକୃଷ୍ଣ- ସମସ୍ତେ ତ୍ୟାଗ କରିବେ କାହିଁକି ? ତାଙ୍କର କଅଣ ଇଚ୍ଛା ଯେ ସମସ୍ତେ ବିଲୁଆ କୁକୁର ଭଳି କାମିନୀ-କାଞ୍ଚନରେ ଆସକ୍ତ ରହିବେ ? ତାଙ୍କର କ'ଣ ଅନ୍ୟ କିଛି ଇଚ୍ଛା ନାହିଁ ? କେଉଁଟି ତାଙ୍କର ଇଚ୍ଛା, କେଉଁଟି ଅନିଚ୍ଛା ଆପଣ କ'ଣ ସବୁ ଜାଣିଛନ୍ତି ?

ତାଙ୍କ ଇଚ୍ଛା ସଂସାର କରିବା ବୋଲି ତୁମେ କହୁଛ । ଯେତେବେଳେ ସ୍ତ୍ରୀ ପୁତ୍ର ମରନ୍ତି ସେତେବେଳେ ଭଗବାନଙ୍କ ଇଚ୍ଛା ଦେଖିପାରନା କାହିଁକି ? ଯେତେବେଳେ ଖାଇବାକୁ ପାଅନାହିଁ—ଦାରିଦ୍ର୍ୟ—ସେତେବେଳେ ଭଗବାନଙ୍କର ଇଚ୍ଛା ଦେଖିପାରନା କାହିଁକି ?

ତାଙ୍କର କ'ଣ ଇଚ୍ଛା ମାୟାରେ ଜାଣି ହୁଏ ନାହିଁ । ତାଙ୍କ ମାୟାରେ ଅନିତ୍ୟକୁ ନିତ୍ୟ ବୋଧ ହୁଏ ପୁଣି ନିତ୍ୟକୁ ଅନିତ୍ୟ ବୋଧ ହୁଏ । ସଂସାର ଅନିତ୍ୟ—ଏହି ଅଛି ଏହି ନାହିଁ, କିନ୍ତୁ ତାଙ୍କ ମାୟାରେ ବୋଧହୁଏ ଏହା ଠିକ୍ । ତାଙ୍କ ମାୟାରେ ମୁଁ କର୍ତ୍ତା ବୋଲି ବୋଧହୁଏ; ଆଉ ମୋର ଏଇ ସବୁ ସ୍ତ୍ରୀ-ପୁତ୍ର, ଭାଇ-ଭଉଣୀ, ବାପା-ମାଆ, ଘରଦ୍ୱାର—ଏ ସବୁ ମୋର ବୋଲି ବୋଧହୁଏ ।

"ମାୟାରେ ବିଦ୍ୟା ଅବିଦ୍ୟା ଉଭୟ ରହିଛି । ଅବିଦ୍ୟାର ସଂସାର ଭୁଲାଇ ଦିଏ ଆଉ ବିଦ୍ୟାମାୟା—ଜ୍ଞାନ, ଭକ୍ତି, ସାଧୁସଙ୍ଗ ଆଦି ଈଶ୍ୱରଙ୍କ ଆଡ଼କୁ ନେଇଯାଏ ।"

"ତାଙ୍କ କୃପାରୁ ଯେ ମାୟାର ଅତୀତ, ତାଙ୍କ ପକ୍ଷରେ ସବୁ ସମାନ—ବିଦ୍ୟା ଅବିଦ୍ୟା ସବୁ ସମାନ ।"

"ସଂସାର ଆଶ୍ରମ ଭୋଗର ଆଶ୍ରମ । କାମିନୀ-କାଞ୍ଚନ ଭୋଗ କଅଣ କରିବ ? ସନ୍ଦେଶ ଗଳାରେ ତଳକୁ ଚାଲିଗଲେ ମିଠା ନା ଖଟା ମନେ ରହେ ନାହିଁ ।"

"ତେବେ ସମସ୍ତେ କାହିଁକି ତ୍ୟାଗ କରିବେ ? ସମୟ ନ ହେଲେ କଅଣ ତ୍ୟାଗ ହୁଏ ? ଭୋଗାନ୍ତ ହୋଇଗଲେ ତେବେ ତ୍ୟାଗର ସମୟ ହୁଏ । ଜୋର୍ କରି କେହି ତ୍ୟାଗ କରିପାରେ ?

''ଏକ ପ୍ରକାର ବୈରାଗ୍ୟ ଅଛି, ତାକୁ ମର୍କଟ ବୈରାଗ୍ୟ ବୋଲି କହନ୍ତି, ହୀନବୁଦ୍ଧି ଲୋକର ଏଇ ବୈରାଗ୍ୟ ହୁଏ । ବିଧବାର ପୁଅ । ମା' ସୂତା କାଟି ଖାଏ—ପୁଅ ଗୋଟିଏ ସାଧାରଣ କାମ କରୁଥିଲା । ସେ କାମ ଚାଲିଗଲା ପରେ ତା'ର ବୈରାଗ୍ୟ ହେଲା, ଗେରୁଆ ପିନ୍ଧି କାଶୀ ଗଲା । ପୁଣି କିଛି ଦିନ ପରେ ଚିଠି ଦେଲା—ମୋତେ ଗୋଟିଏ କାମ ମିଳିଛି, ଦଶଟଙ୍କା ଦରମା । ତାହାରି ଭିତରେ ସୁନାର ମୁଦି ଓ ଜାମା, ଲୁଗା କିଣିବାକୁ ଚେଷ୍ଟା କରୁଛି । ଭୋଗର ଇଛା ଯାଇଛି କେଉଁଠି ?''

## (୨)

ବ୍ରାହ୍ମଭକ୍ତମାନଙ୍କ ସଙ୍ଗରେ କେଶବ ଆସିଛନ୍ତି । ଶ୍ରୀରାମକୃଷ୍ଣ ଅଗଣାରେ ବସିଛନ୍ତି । କେଶବ ଆସି ଅତି ଭକ୍ତି ଭାବରେ ପ୍ରଣାମ କଲେ । ଠାକୁରଙ୍କ ବାମ ପାର୍ଶ୍ୱରେ କେଶବ ବସିଲେ ଓ ରାମ ଦକ୍ଷିଣ ପାଖରେ ବସିଲେ । କିଛି ସମୟ ଭାଗବତ ପାଠ ହେଲା ।

ପାଠାନ୍ତେ ଠାକୁର କଥା କହୁଛନ୍ତି । ଅଗଣାର ଚତୁର୍ଦ୍ଦିଗରେ ଗୃହସ୍ଥ ଭକ୍ତଗଣ ବସିଛନ୍ତି ।

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ସଂସାରର କର୍ମ ବଡ଼ କଠିନ; ଜୋର୍‌ରେ ଘୁରି ଘୁରି ବୁଲିଲେ ଯେପରି ଅଜ୍ଞାନ ହୋଇ ପଡ଼ନ୍ତି । ତେବେ ଖୁଣ୍ଟି ଧରି ଘୁରିଲେ ଆଉ ଭୟ ନାହିଁ । କର୍ମ କର କିନ୍ତୁ ଈଶ୍ୱରଙ୍କୁ ଭୁଲ ନାହିଁ ।

''ଯଦି କହ, ସଂସାର କର୍ମ ଯଦି ଏତେ କଠିନ, ଉପାୟ କଅଣ ?''

''ଉପାୟ ଅଭ୍ୟାସଯୋଗ । ସେ ଦେଶରେ (କାମାରପୁକୁରରେ) କେଉଟୁଣୀମାନଙ୍କୁ ଦେଖିଛି । ଚୂଡ଼ା କୁଟା ହେଉଛି, ହାତରେ ଢିଙ୍କି ପଡ଼ିଯିବାର ଭୟ ଅଛି, ଏଣେ କେଉଟୁଣୀ ପିଲାଙ୍କୁ କ୍ଷୀର ଖୁଆଉଛି; ପୁଣି ଗରାଖମାନଙ୍କ ସଙ୍ଗରେ କଥା କହୁଛି; କହୁଛି—ତୁମ ଉପରେ ଯାହା ବାକି ଅଛି ଦେଇଯାଅ ।

''ବ୍ୟଭିଚାରିଣୀ ସ୍ତ୍ରୀ ସବୁ କାମ କରୁଛି, କିନ୍ତୁ ସର୍ବଦା ଉପପତି ପାଖରେ ମନ ପଡ଼ି ରହିଛି ।''

''ତେବେ ଏତକ ହେବା ପାଇଁ, ସାଧନ ଦରକାର । ମଝିରେ ମଝିରେ ନିର୍ଜନକୁ ଯାଇ ତାଙ୍କୁ ଡାକିବାକୁ ହେବ । ଭକ୍ତି ଲାଭ କରି କର୍ମ କରିହୁଏ । ଖାଲି ହାତରେ ପଣସ ଭାଙ୍ଗିଲେ ହାତରେ ଅଠା ଲାଗିବ—ହାତରେ ତେଲ ଲଗାଇ ପଣସ ଭାଙ୍ଗିଲେ ଆଉ ଅଠା ଲାଗିବ ନାହିଁ ।''

ବର୍ତ୍ତମାନ ଅଗଣାରେ ଗୀତ ହେଉଛି । କ୍ରମେ ଶ୍ରୀଯୁକ୍ତ ତ୍ରୈଲୋକ୍ୟ ମଧ ଗାଉଛନ୍ତି—

## ଜୟ ଜୟ ଆନନ୍ଦମୟୀ ବ୍ରହ୍ମରୂପିଣୀ

ଠାକୁର ଆନନ୍ଦରେ ନୃତ୍ୟ କରୁଛନ୍ତି । ସଙ୍ଗେ ସଙ୍ଗେ କେଶବାଦି ଭକ୍ତଗଣ ମଧ୍ୟ ନୃତ୍ୟ କରୁଛନ୍ତି । ଶୀତକାଳ ? ଠାକୁରଙ୍କ ଦେହରେ ଝାଳ ଦେଖାଯାଉଛି ।

କୀର୍ତ୍ତନାନନ୍ଦ ପରେ ସମସ୍ତେ ଉପବେଶନ କରିବାରୁ ଶ୍ରୀରାମକୃଷ୍ଣ କିଛି ଖାଇବାକୁ ଚାହିଁଲେ । ଭିତରୁ ଗୋଟିଏ ଥାଳିରେ ମିଷ୍ଟାନ୍ନାଦି ଆସିଲା । କେଶବ ସେ ଥାଳି ଖଣ୍ଡିକ ଧରି ରହିଲେ, ଠାକୁରେ ଖାଇବାକୁ ଲାଗିଲେ । କେଶବ ଜଳପାତ୍ର ବି ସେହିପରି ଧରିଲେ, ଗାମୁଛାରେ ମୁହଁ ପୋଛିଦେଲେ । ତତ୍‌ପରେ ବ୍ୟଜନ କରିବାକୁ ଲାଗିଲେ ।

ଶ୍ରୀରାମକୃଷ୍ଣ ଏଥର ସଂସାରରେ ଧର୍ମ ହୁଏ କି ନାହିଁ ପୁଣି ସେହିକଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(କେଶବାଦିଙ୍କ ପ୍ରତି)—ଯେଉଁମାନେ ସଂସାରରେ ରହି ତାଙ୍କୁ ଡାକି ପାରନ୍ତି, ସେମାନେ ବୀର ଭକ୍ତ । ମୁଣ୍ଡରେ କୋଡ଼ିଏ ମହଣ ବୋଝ, ତଥାପି ଈଶ୍ୱରଙ୍କୁ ପାଇବା ପାଇଁ ଚେଷ୍ଟା କରୁଛି । ଏହାରି ନାମ ବୀରଭକ୍ତ ।

"ଯଦି କହ ଏଇଟି ଅତି କଠିନ । କଠିନ ହେଲେ ମଧ୍ୟ ଭଗବାନଙ୍କ କୃପାରୁ କଅଣ ନ ହୁଏ । ଅସମ୍ଭବ ସମ୍ଭବ ହୁଏ । ହଜାର ବର୍ଷର ଅନ୍ଧକାର ଘରେ ଯଦି ଅଲୁଅ ଆସେ, ତା କଅଣ ଟିକିଏ ଟିକିଏ ହୋଇ ଆଲୋକିତ ହେବ ? ଏକାବେଳକେ ଘର ଆଲୋକିତ ହେବ ।"

ଏହି ସବୁ ଭରସା କଥା ଶୁଣି କେଶବାଦି ଗୃହସ୍ଥ ଭକ୍ତଗଣ ଆନନ୍ଦ କରୁଛନ୍ତି ।

କେଶବ(ରାଜେନ୍ଦ୍ର ମିତ୍ରଙ୍କ ପ୍ରତି, ସହାସ୍ୟେ)—ଆପଣଙ୍କ ଘରେ ଦିନେ ଏହିପରି ହେଲେ ଭଲ ହୁଅନ୍ତା ।

ରାଜେନ୍ଦ୍ର—ଆଚ୍ଛା, ଭାରି ଭଲ କଥା । ରାମ, ତୁମ ଉପରେ ସବୁ ଭାର ।

ରାଜେନ୍ଦ୍ର, ରାମ ଓ ମନୋମୋହନଙ୍କର ମଉସା ହୁଅନ୍ତି ।

ଏଥର ଠାକୁରଙ୍କୁ ଉପରେ ଥିବା ଅନ୍ତଃପୁରକୁ ନେଇ ଯାଉଛନ୍ତି । ସେଠାରେ ସେ ଭୋଜନ କରିବେ । ମନୋମୋହନଙ୍କ ମାତା ଶ୍ୟାମସୁନ୍ଦରୀ ସମସ୍ତ ଆୟୋଜନ କରିଛନ୍ତି । ଶ୍ରୀରାମକୃଷ୍ଣ ଆସନ ଗ୍ରହଣ କଲେ । ନାନାବିଧ ମିଷ୍ଟାନ୍ନାଦି ଉପାଦେୟ ଖାଦ୍ୟଦ୍ରବ୍ୟ ଦେଖି ଠାକୁର ହସିବାକୁ ଲାଗିଲେ । ଖାଉ ଖାଉ କହୁଛନ୍ତି—ମୋ ପାଇଁ ଏତେ କରିଛ । ଏକଗ୍ଲାସ ବରଫ ପାଣି ମଧ୍ୟ ପାଖରେ ଥିଲା ।

କେଶବାଦି ଭକ୍ତଗଣ ଅଗଣାରେ ବସି ଖାଉଛନ୍ତି । ଠାକୁର ତଳକୁ ଆସି ସେମାନଙ୍କୁ ଖୁଆଇବାକୁ ଲାଗିଲେ । ସେମାନଙ୍କ ଆନନ୍ଦ ପାଇଁ ଲୁଚି ମଣ୍ଡାର ଗୀତ ଗାଉଛନ୍ତି ଓ ନାଚୁଛନ୍ତି ।

ଏବେ ଦକ୍ଷିଣେଶ୍ୱର ଯିବେ । କେଶବାଦି ଭକ୍ତଗଣ ଗାଡ଼ିରେ ଉଠାଇ ଦେଲେ ଓ ପଦଧୂଳି ଗ୍ରହଣ କଲେ ।

## (୩)

## ରାଜେନ୍ଦ୍ରଙ୍କ ଘରେ ଶ୍ରୀରାମକୃଷ୍ଣ

## (ରାମ, ମନୋମୋହନ, କେଶବ ସେନ୍ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ ୧୮୮୧ ଖ୍ରୀଷ୍ଟାବ୍ଦ)

ଠଣଠଣିଆ ଗଳିରେ ରାଜେନ୍ଦ୍ରଙ୍କ ଘର । ମନୋମୋହନଙ୍କ ଘରେ ଉତ୍ସବ ଦିନ, ଶ୍ରୀଯୁକ୍ତ କେଶବ, ରାଜେନ୍ଦ୍ର ବାବୁଙ୍କୁ କହିଥିଲେ, ଆପଣଙ୍କ ଘରେ ଏହିପରି ଦିନେ ଉତ୍ସବ ହେଲେ ଭଲ ହୁଅନ୍ତା । ରାଜେନ୍ଦ୍ର ଆନନ୍ଦିତ ହୋଇ ତାହାରି ଉଦ୍ୟୋଗ କରିଛନ୍ତି ।

ଆଜି ଶନିବାର ୧୦ ତାରିଖ, ଡିସେମ୍ବର ୧୮୮୧ ଖ୍ରୀଷ୍ଟାବ୍ଦ । ଆଜି ଉତ୍ସବ ହେବ ବୋଲି ସ୍ଥିର ହୋଇଛି । ଆନନ୍ଦର ଦିନ—ଅନେକ ଭକ୍ତ ଆସିବେ—କେଶବ ପ୍ରଭୃତି ବ୍ରାହ୍ମଭକ୍ତଗଣ ବି ଆସିବେ ।

ଏହିପରି ସମୟରେ ବ୍ରାହ୍ମଭକ୍ତ ଅଘୋରନାଥଙ୍କର ମୃତ୍ୟୁ ସମ୍ବାଦ, ଉମାନାଥ ରାଜେନ୍ଦ୍ରଙ୍କୁ ଜଣାଇଲେ । ଅଘୋରନାଥ ଲକ୍ଷ୍ନୌ ସହରରେ ରାତ୍ରି ଦୁଇଟା ବେଳେ ଶରୀର ତ୍ୟାଗ କରିଛନ୍ତି, ସେହି ରାତ୍ରିରେ ତାରଯୋଗେ ଏଇ ସମ୍ବାଦ ଆସିଛି । ୮ ତାରିଖ ଡିସେମ୍ବର, ମାର୍ଗଶିର ୨୪ ଦିନ । ଉମାନାଥ ଏହି ସମ୍ବାଦ ନେଇ ଆସିଛନ୍ତି । କେଶବାଦି ବ୍ରାହ୍ମଭକ୍ତଗଣ ଅଶୌଚ ପାଳନ କରୁଛନ୍ତି—ଶନିବାର ଦିନ ସେମାନେ କିପରି ଆସିବେ, ରାଜେନ୍ଦ୍ର ଚିନ୍ତିତ ହେଲେ ।

ରାମ, ରାଜେନ୍ଦ୍ରଙ୍କୁ କହୁଛନ୍ତି—ଆପଣ କାହିଁକି ଭାବୁଛନ୍ତି କେଶବବାବୁ ଆସିବେ ନାହିଁ ? ଠାକୁରେ ଆସୁଛନ୍ତି—ଆପଣ ଜାଣନ୍ତି ନାହିଁ ଯେ ସେ ସର୍ବଦା ସମାଧିସ୍ଥ, ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରୁଛନ୍ତି,—ଯାହାଙ୍କର ଆନନ୍ଦରେ ଜଗତ୍ ଆନନ୍ଦ ଆସ୍ୱାଦନ କରୁଛି ।

ରାମ, ରାଜେନ୍ଦ୍ର, ରାଜମୋହନ, ମନୋମୋହନ, କେଶବ ପ୍ରଭୃତିଙ୍କ ସହିତ ଦେଖା କଲେ । କେଶବ କହିଲେ, 'କାହିଁକି, ମୁଁ ତ ଏପରି କଥା କହି ନାହିଁ ଯେ, ମୁଁ ଯିବି ନାହିଁ । ପରମହଂସ ମହାଶୟ ଆସିବେ ଆଉ ମୁଁ ଯିବି ନାହିଁ ?—ନିଶ୍ଚୟ ଯିବି, ଅଶୌଚ ହୋଇଛି, ସେଥିପାଇଁ ଅଲଗା ଜାଗାରେ ବସି ଖାଇବି । କେଶବ, ରାଜେନ୍ଦ୍ର ପ୍ରଭୃତି ଭକ୍ତମାନଙ୍କ ସହିତ କଥା କହୁଛନ୍ତି । ଘରେ ଶ୍ରୀରାମକୃଷ୍ଣଙ୍କର ସମାଧି ଅବସ୍ଥାର ଚିତ୍ର ଟଙ୍ଗା ହୋଇ ରହିଛି ।

ରାଜେନ୍ଦ୍ର(କେଶବଙ୍କ ପ୍ରତି)—ପରମହଂସ ମହାଶୟଙ୍କୁ ଅନେକ ଲୋକ କହନ୍ତି ଚୈତନ୍ୟଙ୍କ ଅବତାର ।

କେଶବ(ସମାଧି ଚିତ୍ର ଦେଖାଇ)—ଏପରି ସମାଧି ଦେଖାଯାଏ ନାହିଁ । ଯୀଶୁଖ୍ରୀଷ୍ଟ, ମହମ୍ମଦ ଏମାନଙ୍କର ହେଉଥିଲା ।

ଦିନ ୩ଟା ସମୟରେ ମନମୋହନଙ୍କ ଘରକୁ ଶ୍ରୀରାମକୃଷ୍ଣ ଆସିଥିଲେ । ସେଠାରେ ବିଶ୍ରାମ କରି ଟିକିଏ ଜଳଯୋଗ କରିବେ । ସୁରେନ୍ଦ୍ର କହୁଛନ୍ତି—ଆପଣ କଳ ଦେଖିବେ ବୋଲି କହିଥିଲେ—ଚାଲନ୍ତୁ ! ତାଙ୍କୁ ଗାଡ଼ିରେ ସୁରେନ୍ଦ୍ର ବେଙ୍ଗଲ ଫଟୋଗ୍ରାଫର ଷ୍ଟୁଡ଼ିଓକୁ ନେଇଗଲେ । କିପରି ଛବି ଉଠାଯାଏ, ଫଟୋଗ୍ରାଫର ଦେଖାଇଲେ । କାଚ ପଛରେ କାଳି (Silver Nitrate) ବୋଳା ଯାଏ, ତା' ପରେ ଛବି ଉଠେ ।

ଠାକୁରଙ୍କ ଛବି ନିଆଯାଉଛି—ସଙ୍ଗେ ସଙ୍ଗେ ସେ ସମାଧିସ୍ଥ ହେଲେ ।

ଏଥର ଠାକୁର ରାଜେନ୍ଦ୍ର ମିତ୍ରଙ୍କ ଘରକୁ ଆସିଛନ୍ତି । ରାଜେନ୍ଦ୍ର ପୁରାତନ ଡେପୁଟି ମାଜିଷ୍ଟ୍ରେଟ୍ ।

ଶ୍ରୀଯୁକ୍ତ ମହେନ୍ଦ୍ର ଗୋସ୍ୱାମୀ ଘର ଅଗଣାରେ ଭାଗବତ ପାଠ କରୁଛନ୍ତି । ଅନେକ ଭକ୍ତ ଉପସ୍ଥିତ—କେଶବ ଏପର୍ଯ୍ୟନ୍ତ ଆସି ନାହାନ୍ତି । ଶ୍ରୀରାମକୃଷ୍ଣ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ସଂସାରରେ ହେବ ନାହିଁ କାହିଁକି ? ତେବେ ବଡ଼ କଠିନ । ଆଜି ବାଗ୍‌ବଜାରର ପୋଲ ଦେଇ ଆସିଲି । କେତେ ଜାଗାରେ ଯେ ବନ୍ଧାହୋଇଛି ! ଗୋଟିଏ ଜାଗାରେ ଛିଣ୍ଡିଲେ ପୋଲର କିଛି ହେବ ନାହିଁ; ଆଉ ମଧ ଅନେକ ଶିକୁଳି ଦ୍ୱାରା ବନ୍ଧା ଅଛ—ସେଗୁଡ଼ିକୁ ଟାଣି ରଖିବେ । ସେହିପରି ସଂସାରୀମାନଙ୍କର ଅନେକ ବନ୍ଧନ । ଭଗବାନଙ୍କର କୃପା ନହେଲେ ସେ ବନ୍ଧନ କଟିବାର ଉପାୟ ନାହିଁ ।

"ତାଙ୍କୁ ଦର୍ଶନ କଲେ ଆଉ ଭୟ ନାହିଁ, ତାଙ୍କ ମାୟା ଭିତରେ ବିଦ୍ୟା ଅବିଦ୍ୟା ଦୁଇ ଅଛି;—ଦର୍ଶନ ପରେ ମନୁଷ୍ୟ ନିର୍ଲିପ୍ତ ହୋଇପାରେ । ପରମହଂସ ଅବସ୍ଥାରେ ଠିକ୍ ବୋଧହୁଏ । ଦୁଧରେ ଜଳ ଅଛି, ହଂସ ଯେପରି ଦୁଧ ଗ୍ରହଣ କରି ପାଣିକୁ ତ୍ୟାଗ କରେ । ହଂସ ପାରେ କିନ୍ତୁ ବଣି ଚଢ଼େଇ ପାରେ ନାହିଁ ।"

ଜଣେ ଭକ୍ତ—ତେବେ ସଂସାରୀର ନିୟମ କଅଣ ?

ଶ୍ରୀରାମକୃଷ୍ଣ—ଗୁରୁବାକ୍ୟରେ ବିଶ୍ୱାସ । ତାଙ୍କ ବାକ୍ୟ ଅବଲମ୍ବନ; ତାଙ୍କ ବାକ୍ୟ ରୂପ ଖୁଣ୍ଟି ଧରି ଘୂର, ସଂସାରର କାର୍ଯ୍ୟ କର ।

"ଗୁରୁଙ୍କ ପ୍ରତି ମନୁଷ୍ୟ ବୁଦ୍ଧି କରିବା ଠିକ୍ ନୁହେଁ । ସଚ୍ଚିଦାନନ୍ଦ ଗୁରୁ ରୂପରେ ଆସନ୍ତି । ଗୁରୁଙ୍କ କୃପା ହେଲେ ଇଷ୍ଟ ଦର୍ଶନ ହୁଏ । ସେତେବେଳେ ଗୁରୁ ଇଷ୍ଟଙ୍କ ଠାରେ ଲୀନ ହୁଅନ୍ତି ।"

"ସରଳ ବିଶ୍ୱାସରେ କଅଣ ନ ହୁଏ ! ଗୁରୁ ପୁତ୍ରଙ୍କର ଅନ୍ନପ୍ରାଶନରେ ଶିଷ୍ୟମାନେ, ଯେ ଯେପରି ପାରନ୍ତି, ଉତ୍ସବର ଆୟୋଜନ କରୁଛନ୍ତି । ଜଣେ ଗରୀବ ବିଧବା, ସେ ବି ଶିଷ୍ୟା । ତା'ର ଗୋଟିଏ ଗାଇ ଥିଲା, ସେ ଘଡ଼ିରେ ଘଡ଼ିଏ ଦୁଧ ଆଣିଛି । ଗୁରୁ ମନେକରିଥିଲେ ଯେ, ଦୁଧ ଦହିର ଦାୟିତ୍ୱ ସେଇ ବିଧବାଟି ନେବ । ବିରକ୍ତ ହୋଇ ସେ ଯାହା ଆଣିଥିଲା ଫିଙ୍ଗିଦେଲେ ଏବଂ କହିଲେ—ତୁ ପାଣିରେ ବୁଡ଼ି ମରିଯାଉନୁ ? ବିଧବାଟି ଏହା ଗୁରୁଙ୍କ ଆଜ୍ଞା ମନେ କରି ନଦୀରେ ବୁଡ଼ିବାକୁ ଗଲା । ସେତେବେଳେ ନାରାୟଣ ଦର୍ଶନ ଦେଲେ; ପ୍ରସନ୍ନ ହୋଇ କହିଲେ—ଏଇ ପାତ୍ରଟିରେ ଦୁଧ ଅଛି, ଯେତେ ଢାଳିବ ସେତେ ବାହାରିବ, ଗୁରୁ ସନ୍ତୁଷ୍ଟ ହେବେ । ସେଇ ପାତ୍ରଟି ପାଇ ଗୁରୁ ଅବାକ୍ । ସମସ୍ତ ବିବରଣୀ ଶୁଣି ନଦୀ କୂଳକୁ ଆସି ସ୍ତ୍ରୀ ଲୋକଟିକୁ କହିଲେ—ନାରାୟଣଙ୍କୁ ଯଦି ମୋତେ ଦର୍ଶନ ନ କରାଅ ତେବେ ମୁଁ ଏହି ଜଳରେ ପ୍ରାଣତ୍ୟାଗ କରିବି । ନାରାୟଣ ଦର୍ଶନ ଦେଲେ, କିନ୍ତୁ ଗୁରୁ ଦେଖି ପାରିଲେ ନାହିଁ । ସେତେବେଳେ ସ୍ତ୍ରୀ ଲୋକଟି କହିଲା, ପ୍ରଭୁ, ଗୁରୁଦେବଙ୍କୁ ଯଦି ଦର୍ଶନ ନ ଦିଅ, ଆଉ ତାଙ୍କର ଯଦି ଶରୀର ଯାଏ ତାହାହେଲେ ମୁଁ ମଧ୍ୟ ଶରୀର ତ୍ୟାଗ କରିବି । ତା' ପରେ ନାରାୟଣ ଥରେ ଗୁରୁଙ୍କୁ ଦର୍ଶନ ଦେଲେ ।"

"ଦେଖ ଗୁରୁଭକ୍ତି ଥିବାରୁ ନିଜର ଦର୍ଶନ ହେଲା ଓ ଗୁରୁଦେବଙ୍କର ମଧ୍ୟ ହେଲା ।"

ତେଣୁ କହୁଛି—ଯଦ୍ୟପି ମୋର ଗୁରୁ ଶୁଣ୍ଡୀ ଘର ଯାଏ, ତଥାପି ମୋର ଗୁରୁ ନତ୍ୟାନନ୍ଦ ରାୟ ।

"ସମସ୍ତେ ଗୁରୁ ହେବାକୁ ଚାହାନ୍ତି, ଶିଷ୍ୟ ହେବାକୁ କେହି ସେତେ ଚାହାନ୍ତି ନାହିଁ ।"

କିନ୍ତୁ ଦେଖ ଉଚ୍ଚ ଜମିରେ ବର୍ଷା ପାଣି ଜମେ ନାହିଁ । ନିଚ୍ଚ ଜମିରେ, ଖାଲ ଜମିରେ ଜମେ ।

"ଗୁରୁ ଯେଉଁ ନାମଟିକୁ ଦେବେ ବିଶ୍ୱାସ କରି ସେହି ନାମଟିକୁ ନେଇ ସାଧନ ଭଜନ କରିବାକୁ ହୁଏ ।"

" ଯେଉଁ ଶାମୁକା ଭିତରେ ମୁକ୍ତା ତିଆରି ହୁଏ, ସେହି ଶାମୁକା ସ୍ୱାତୀ ନକ୍ଷତ୍ରର ବୃଷ୍ଟି ଜଳ ପାଇଁ ପ୍ରସ୍ତୁତ ହୋଇଥାଏ । ସେହି ଜଳ ପଡ଼ିଲେ ଏକାବେଳକେ ଅତଳ ଜଳରେ ବୁଡ଼ି ଯାଏ ଓ ମୁକ୍ତା ହେବା ପର୍ଯ୍ୟନ୍ତ ସେଠାରେ ରହେ ।

## (୪)

## ରାଜେନ୍ଦ୍ରଙ୍କ ଭବନରେ ଶ୍ରୀରାମକୃଷ୍ଣ

ଅନେକ ବ୍ରାହ୍ମଭକ୍ତ ଆସିଛନ୍ତି ଦେଖି, ଠାକୁରେ କହୁଛନ୍ତି — ''ବ୍ରାହ୍ମ ସଭା-ନା ଶୋଭା ?'' ବ୍ରାହ୍ମ ସମାଜରେ ନିୟମିତ ଉପାସନା ହୁଏ, ଏହା ଖୁବ୍ ଭଲ; କିନ୍ତୁ ବୁଡ଼ ମାରିବାକୁ ହୁଏ । କେବଳ ଉପାସନା ଲେକ୍‌ଚରରେ ହୁଏ ନାହିଁ । ତାଙ୍କୁ ପ୍ରାର୍ଥନା କରିବାକୁ ହେବ ଯେପରି ଭୋଗାସକ୍ତି ଚାଲିଯାଇ ତାଙ୍କ ପାଦ ପଦ୍ମରେ ଶୁଦ୍ଧାଭକ୍ତି ହେବ ।

''ହାତୀର ବାହାର ଦାନ୍ତ ଅଛି ପୁଣି ଭିତରେ ମଧ୍ୟ ଦାନ୍ତ ଅଛି । ବାହାର ଦାନ୍ତ ଶୋଭା ବଢାଏ, କିନ୍ତୁ ଭିତର ଦାନ୍ତରେ ହାତୀ ଖାଏ । ସେହିପରି ଭିତରେ କାମିନୀ-କାଞ୍ଚନ ଭୋଗ ଥିଲେ ଭକ୍ତି ହାନି ହୁଏ ।''

''ବାହାରେ ଲେକଚର୍ ପ୍ରଭୃତି ଦେଲେ କଅଣ ହେବ ? ଶାଗୁଣା ଉପରେ ଉଡ଼େ କିନ୍ତୁ ମଡ଼ା ଉପରେ ତାହାର ନଜର । ହାବେଳି ବାଣ ହୁସ୍‌କରି ପ୍ରଥମେ ଆକାଶକୁ ଉଠିଯାଏ କିନ୍ତୁ ପରକ୍ଷଣରେ ମାଟିରେ ପଡ଼ିଯାଏ ।''

''ଭୋଗାସକ୍ତି ତ୍ୟାଗ ହେଲେ ଶରୀର ଯିବା ସମୟରେ ଈଶ୍ୱରଙ୍କୁ ମନେ ପଡ଼ିବ । ତାହା ନ ହେଲେ ଏଇ ସଂସାରର ସବୁ ଜିନିଷ ମନେ ପଡ଼ିବ — ସ୍ତ୍ରୀ, ପୁତ୍ର, ଧନ, ମାନ, ସମ୍ଭ୍ରମ ଇତ୍ୟାଦି । ପକ୍ଷୀ ଅଭ୍ୟାସ କରି ରାଧାକୃଷ୍ଣ ବୋଲି କହେ । କିନ୍ତୁ ବିରାଡ଼ି ଧରିଲେ କ୍ୟାଁ କ୍ୟାଁ କରେ ।''

''ତେଣୁ ସର୍ବଦା ଅଭ୍ୟାସ କରିବା ଦରକାର । ତାଙ୍କର ନାମଗୁଣ କୀର୍ତ୍ତନ, ତାଙ୍କର ଧ୍ୟାନ, ଚିନ୍ତା, ଆଉ ପ୍ରାର୍ଥନା — ଯେପରି ଭୋଗାସକ୍ତି ଯାଏ ଆଉ ତୁମ ପାଦ ପଦ୍ମରେ ମନ ରହେ ।''

''ଏପରି ସଂସାରୀ ଲୋକ ସଂସାରରେ ଦାସୀ ଭଳି ରହେ, ସବୁ କାମ ଦାମ କରେ, କିନ୍ତୁ ଦେଶରେ ମନ ପଡ଼ି ରହେ, ଅର୍ଥାତ୍ ଈଶ୍ୱରଙ୍କଠାରେ ମନ ରଖି କର୍ମଗୁଡ଼ିକୁ କରେ । ସଂସାର କରିବାକୁ ଗଲେ ଦେହରେ ପଙ୍କ ଲାଗେ । ଠିକ୍ ସଂସାରୀ ଭକ୍ତ ପଙ୍କୁଆ ମାଛ ପରି, ପଙ୍କରେ ରହିଲେ ମଧ୍ୟ ଦେହ ପଙ୍କଶୂନ୍ୟ ।

ବ୍ରହ୍ମ ଓ ଶକ୍ତି ଅଭେଦ । ତାଙ୍କୁ ମା' ବୋଲି ଡାକିଲେ ଶୀଘ୍ର ଭକ୍ତି ଶ୍ରଦ୍ଧା ହୁଏ ।

ଏହା କହି ଶ୍ରୀରାମକୃଷ୍ଣ ଗୀତ ଗାଇଲେ —

ଶ୍ୟାମାପଦ ଆକାଶେତେ ମନ ଘୁଡ଼ିଖାନା ଉଡ଼ିତେଛିଲ ।
କଲୁଶେର କୁବାତାସା ଖେୟେ ଗୋପ୍ତା ଖେୟେ ପଡ଼େ ଗେଲ ॥
ଗୀତ — ଯଶୋଦା ନାଚାତୋ ଗୋ ମା' ବଲେ ନୀଳମଣି ।
ସେ ବେଶ ଲୁକାଲି କୋଥା କରାଳବଦନି ॥

ଠାକୁରେ ନୃତ୍ୟ କରୁଛନ୍ତି ଓ ଗୀତ ଗାଉଛନ୍ତି । ଭକ୍ତମାନେ ମଧ୍ୟ ଉଠିଛନ୍ତି । ଶ୍ରୀରାମକୃଷ୍ଣ ମୁହୁର୍ମୁହୁଃ ସମାଧିସ୍ଥ ହେଉଛନ୍ତି । ସମସ୍ତେ ଏକ ଦୃଷ୍ଟିରେ ଦେଖୁଛନ୍ତି ଓ ଚିତ୍ର ପୁତ୍ତଳିକା ପରି ଠିଆ ହୋଇଛନ୍ତି ।

ଡାକ୍ତର ଦୋକଡ଼ି, ସମାଧି କିପରି ବୋଲି ପରୀକ୍ଷା କରିବା ପାଇଁ ଚକ୍ଷୁରେ ଅଙ୍ଗୁଳି ଦେଉଛନ୍ତି । ତାହା ଦେଖି ଭକ୍ତମାନେ ଅତିଶୟ ବିରକ୍ତ ହେଲେ ।

ଏ ଅଦ୍ଭୁତ ସଂକୀର୍ତ୍ତନ ନୃତ୍ୟ ପରେ ସମସ୍ତେ ଆସନ ଗ୍ରହଣ କଲେ । ଏପରି ସମୟରେ କେଶବ, ଅନ୍ୟ କେତେଜଣ ଭକ୍ତଙ୍କୁ ନେଇ ଉପସ୍ଥିତ । ଠାକୁରଙ୍କୁ ପ୍ରଣାମ କରି ଆସନ ଗ୍ରହଣ କଲେ ।

ରାଜେନ୍ଦ୍ର(କେଶବଙ୍କ ପ୍ରତି)—ଚମତ୍କାର ଗୀତ ନୃତ୍ୟ ହେଲା ।

ଏହି କଥା କହି ଶ୍ରୀଯୁକ୍ତ ତ୍ରୈଲୋକ୍ୟଙ୍କୁ ପୁଣି ଗୀତ ଗାଇବାକୁ ଅନୁରୋଧ କଲେ ।

କେଶବ(ରାଜେନ୍ଦ୍ରଙ୍କ ପ୍ରତି)—ଯେତେବେଳେ ପରମହଂସ ମହାଶୟ ବସିଛନ୍ତି ସେତେବେଳେ କୌଣସି ମତେ କୀର୍ତ୍ତନ ଜମିବ ନାହିଁ ।

ଗୀତ ହେଲା । ତ୍ରୈଲୋକ୍ୟ ଓ ବ୍ରାହ୍ମଭକ୍ତ ମାନେ ଗୀତ ଗାଇବାକୁ ଲାଗିଲେ—

ମନ ଏକବାରେ ହରିବୋଲ ହରିବୋଲ ହରିବୋଲ ।
ହରି ହରି ହରି ବୋଲି ଭବ ସିନ୍ଧୁପାରେ ଚଲ ॥
ଜଲେ ହରି, ସ୍ଥଳେ ହରି, ଚନ୍ଦ୍ରେ ହରି, ସୂର୍ଯ୍ୟେ ହରି,
ଅନଲେ ଅନିଳେ ହରି, ହରିମୟ ଏ ଭୂମଣ୍ଡଳ ॥

ଶ୍ରୀରାମକୃଷ୍ଣ ଓ ଭକ୍ତମାନଙ୍କୁ ଖୁଆଇବା ପାଇଁ ଦ୍ୱିତଳରେ ଆୟୋଜନ ହେଉଛି । ଏବେ ମଧ୍ୟ ସେହି ପ୍ରାଙ୍ଗଣରେ ବସି କେଶବଙ୍କ ସହିତ କଥା କହୁଛନ୍ତି । ରାଧା ବଜାରର ଫଟୋଗ୍ରାଫରମାନଙ୍କ ପାଖକୁ ଯାଇଥିଲେ,—ସେହି ସବୁ କଥା ।

ଶ୍ରୀରାମକୃଷ୍ଣ(କେଶବଙ୍କ ପ୍ରତି ସହାସ୍ୟେ)—ଆଜି ବେଶ୍ କଳରେ ଛବି ଉଠାଇବା ଦେଖିଲି । ଦେଖିଲି ଯେ, ଖାଲି କାଚ ଉପରେ ଛବି ଉଠେ ନାହିଁ । କାଚର ପିଠିରେ ଏକ ପ୍ରକାର କାଳି ବୋଳି ଦିଅନ୍ତି । ତେବେ ଛବି ଉଠେ । ସେହିପରି ଈଶ୍ୱରୀୟ କଥା ଖାଲି ଶୁଣିଯାଆନ୍ତି, ସେଥିରେ କିଛି ହୁଏ ନାହିଁ, ପରେ ଶୀଘ୍ର ଭୁଲି ଯାଆନ୍ତି; ଯଦି ଭିତରେ ଅନୁରାଗ ଭକ୍ତି ରୂପକ କାଳି ବୋଳା ଥାଏ, ତେବେ ସେହି କଥା ସବୁ ଧାରଣା ହୁଏ । ନଚେତ୍ ଶୁଣି, ଭୁଲି ଯାଆନ୍ତି ।

ଏଥର ଠାକୁରେ ଦ୍ୱିତଳକୁ ଆସିଛନ୍ତି । ସୁନ୍ଦର କାର୍ପେଟ ଆସନରେ ତାଙ୍କୁ ବସାଗଲା ।

ମନମୋହନଙ୍କ ମାତା ଠାକୁରାଣୀ ଶ୍ୟାମାସୁନ୍ଦରୀ ଦେବୀ ପରିବେଷଣ କରୁଛନ୍ତି । ମନମୋହନ କହୁଛନ୍ତି—"ମୋର ସ୍ନେହମୟୀ ଜନନୀ ସାଷ୍ଟାଙ୍ଗ ପ୍ରଣିପାତ କଲେ ଓ ଠାକୁରଙ୍କୁ ଖୁଆଇଲେ ।" ରାମ ପ୍ରଭୃତି ଖାଇବା ସମୟରେ ଉପସ୍ଥିତ ଥିଲେ ।

ଯେଉଁ ଘରେ ଠାକୁର ଖାଉଛନ୍ତି, ସେଇ ଘର ସମ୍ମୁଖ ବାରଣ୍ଡାରେ କେଶବ ପ୍ରଭୃତି ଭକ୍ତମାନେ ଖାଇବାକୁ ବସିଛନ୍ତି ।

ସେହିଦିନ ବେଚୁ ଚାଟାର୍ଜୀଷ୍ଟ୍ରୀଟ୍ 'ଶ୍ୟାମସୁନ୍ଦର ବିଗ୍ରହଙ୍କ ସେବକ, ଶ୍ରୀ ଶୈଳଜା ଚରଣ ମୁଖାର୍ଜୀ' ଉପସ୍ଥିତ ଥିଲେ ।

❁❁❁

# ତୃତୀୟ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ ଓ ଶ୍ରୀଯୁକ୍ତ ବଙ୍କିମ

## (୧)

### (ଶ୍ରୀଯୁକ୍ତ ଅଧରଲାଲ ସେନ୍‌ଙ୍କ ଘରେ ଠାକୁର ଶ୍ରୀରାମକୃଷ୍ଣଙ୍କର ଭକ୍ତମାନଙ୍କ ସଙ୍ଗରେ କୀର୍ତ୍ତନାନନ୍ଦ ଓ ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ପ୍ରଭୃତିଙ୍କ ସଙ୍ଗରେ କଥୋପକଥନ)

ଆଜି ଠାକୁର ଅଧରଙ୍କ ଘରକୁ ଆସିଛନ୍ତି; ମାର୍ଗଶୀର ୨୨ ଦିନ, କୃଷ୍ଣ ଚତୁର୍ଥୀ ତିଥି, ଶନିବାର ୬ତାରିଖ, (ଡିସେମ୍ବର, ୧୮୮୪ ଖ୍ରୀଷ୍ଟାବ୍ଦ) ଠାକୁର ପୁଷ୍ୟାନକ୍ଷତ୍ରରେ ଆଗମନ କରିଛନ୍ତି ।

ଭକ୍ତ ଅଧର ଜଣେ ଡେପୁଟି ମାଜିଷ୍ଟ୍ରେଟ୍ । ବୟସ ୨୯/୩୦ ବର୍ଷ ହେବ । ଠାକୁରେ ତାଙ୍କୁ ଭାରି ଭଲ ପାଆନ୍ତି । ଅଧରଙ୍କର କି ଭକ୍ତି ! ସାରା ଦିନ ଅଫିସ କାର୍ଯ୍ୟ ପରେ, ପ୍ରାୟ ପ୍ରତ୍ୟହ ସନ୍ଧ୍ୟା ସମୟରେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିବାକୁ ଯାଉଥିଲେ । ତାଙ୍କର ଘର ଶୋଭା ବଜାରର ବେନେଟୋଲାରେ । ସେଠାରୁ ଦକ୍ଷିଣେଶ୍ୱରରେ ଥିବା ଠାକୁରଙ୍କ ପାଖକୁ ଗାଡ଼ିରେ ଯାଉଥିଲେ । ଏଥିପାଇଁ ପ୍ରତ୍ୟେହ ପ୍ରାୟ ଦୁଇ ଟଙ୍କା ଗାଡ଼ିଭଡ଼ା ଦେଉଥିଲେ । କେବଳ ଠାକୁରଙ୍କୁ ଦର୍ଶନ କରି ଆନନ୍ଦ ଲାଭ କରିବାକୁ ଯାଉଥିଲେ । ତାଙ୍କ ଶ୍ରୀମୁଖରୁ କଥା ଶୁଣିବେ, ଏପରି ସୁବିଧା ପ୍ରାୟ ହେଉନଥିଲା । ପହଞ୍ଚିବା ମାତ୍ରକେ ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କରୁଥିଲେ, କୁଶଳ ପ୍ରଶ୍ନାଦି ପରେ ସେ ମା କାଳୀଙ୍କୁ ଦର୍ଶନ କରିବାକୁ ଯାଉଥିଲେ । ପରେ ତଳେ ବିଛା ହେଇଥିବା ସତପରେ ବିଶ୍ରାମ କରୁଥିଲେ ।

ଠାକୁର ନିଜେ ତାଙ୍କୁ ବିଶ୍ରାମ କରିବା ପାଇଁ କହୁଥିଲେ । ଅଧରଙ୍କ ଦେହ ପରିଶ୍ରମ ଯୋଗୁ ଏତେ ଅସବନ୍ନ ହେଉଥିଲା ଯେ ସେ ଅଳ୍ପ କ୍ଷଣ ମଧ୍ୟରେ ନିଦ୍ରାଭିଭୂତ ହୋଇପଡୁଥିଲେ । ରାତି ୯/୧୦ଟା ସମୟରେ ତାଙ୍କୁ ଉଠାଇ ଦିଆଯାଉଥିଲା । ସେ ମଧ୍ୟ ଉଠି ଠାକୁରଙ୍କୁ ପ୍ରଣାମ କରି ପୁଣି ଗାଡ଼ିରେ ଉଠୁଥିଲେ । ତପ୍‌ରେ ଘରକୁ ଫେରିଯାଉଥିଲେ ।

ଅଧର ଠାକୁରଙ୍କୁ ପ୍ରାୟ ଶୋଭା ବଜାରର ଘରକୁ ନେଉଯାଉଥିଲେ । ଠାକୁର ଆସିଲେ ସେଠାରେ ଉତ୍ସବ ଲାଗିଯାଏ । ଠାକୁର ଓ ଭକ୍ତ ମାନଙ୍କୁ ନେଇ ଅଧର ଖୁବ୍ ଆନନ୍ଦ କରନ୍ତି ଓ ନାନା ଭାବରେ ସେମାନଙ୍କୁ ପରିତୋଷ କରି ଖୁଆନ୍ତି ।

ଦିନେ ଠାକୁର ତାଙ୍କ ଘରକୁ ଯାଇଛନ୍ତି । ଅଧର କହିଲେ, ଆପଣ ଅନେକ ଦିନ ହବ ଏ ଘରକୁ ଆସି ନଥିଲେ, ଘର ମଳିନ ହୋଇ ଯାଇଥିଲା ! ଯେପରିକି ଏକ ପ୍ରକାର ଗନ୍ଧ ହେଉଥିଲା ! ଆଜି ଦେଖନ୍ତୁ, ଘରର ଶୋଭା କିପରି ହୋଇଛି ! ଆଉ କିପରି ଗୋଟିଏ ସୁଗନ୍ଧ ହେଉଛି । ମୁଁ ଆଜି ଈଶ୍ୱରଙ୍କୁ ଖୁବ୍ ଡାକିଥିଲି । ଏପରିକି ଚକ୍ଷୁରୁ ଅଶ୍ରୁ ଝରିଥିଲା । ''କ'ଣ କହୁଛ ହେ !'' — କହି ଠାକୁର ଅଧରଙ୍କ ଆଡ଼କୁ ସସ୍ନେହରେ ଅନାଇ ହସିବାକୁ ଲାଗିଲେ ।

ଆଜି ବି ଉତ୍ସବ ହେବ । ଠାକୁର ଆନନ୍ଦମୟ ଓ ଭକ୍ତମାନେ ଆନନ୍ଦରେ ପରିପୂର୍ଣ୍ଣ । କାହିଁକି ନା ଯେଉଁଠାରେ ଠାକୁର ଉପସ୍ଥିତ, ସେଠାରେ ଈଶ୍ୱରଙ୍କ କଥା ବ୍ୟତୀତ ଅନ୍ୟ କୌଣସି କଥା ହେବନାହିଁ । ଭକ୍ତମାନେ ଆସିଛନ୍ତି ଓ ଠାକୁରଙ୍କୁ ଦେଖିବା ପାଇଁ ଅନେକ ନୂଆ ଲୋକ ଆସିଛନ୍ତି । ଅଧର ନିଜେ ଡେପୁଟି ମାଜିଷ୍ଟ୍ରେଟ୍ । ସେ ତାଙ୍କର କେତେଜଣ ବନ୍ଧୁ ଡେପୁଟି ମାଜିଷ୍ଟ୍ରେଟ୍‌ଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି । ସେମାନେ ନିଜେ ଠାକୁରଙ୍କୁ ଦର୍ଶନ କରିବେ ଓ କଥା କହିବେ ।

ଠାକୁର ଶ୍ରୀରାମକୃଷ୍ଣ ସହାସ୍ୟ ବଦନରେ ଭକ୍ତମାନଙ୍କ ସହିତ କଥା କହୁଛନ୍ତି । ଏପରି ସମୟରେ ଅଧର କେତେଜଣ ବନ୍ଧୁଙ୍କ ସହିତ ଠାକୁରଙ୍କ ପାଖରେ ଆସି ବସିଲେ ।

ଅଧର(ବଙ୍କିମଙ୍କୁ ଦେଖାଇ ଠାକୁରଙ୍କ ପ୍ରତି) — ମହାଶୟ ଇଏ ଭାରି ପଣ୍ଡିତ, ଅନେକ ବହିପତ୍ର ଲେଖିଛନ୍ତି । ଆପଣଙ୍କୁ ଦେଖିବାକୁ ଆସିଛନ୍ତି । ଏହାଙ୍କର ନାମ ବଙ୍କିମ ବାବୁ ।

ଶ୍ରୀରାମକୃଷ୍ଣ(ସହାସ୍ୟେ) — ବଙ୍କିମ ! ତୁମେ ପୁଣି କାହା ଭାବରେ ବଙ୍କା ହେ ?

ବଙ୍କିମ(ହସି ହସି) — ମହାଶୟ ! ଜୋତା ମାଡ଼ରେ (ସମସ୍ତଙ୍କର ହାସ୍ୟ), ସାହେବଙ୍କର ଜୋତା ମାଡ଼ରେ ବଙ୍କା ।

## ବଙ୍କିମ ଓ ରାଧାକୃଷ୍ଣ—ଯୁଗଳରୂପରେ ବ୍ୟାଖ୍ୟା

ଶ୍ରୀରାମକୃଷ୍ଣ—ନାହିଁ ହେ, ଶ୍ରୀକୃଷ୍ଣ, ପ୍ରେମରେ ବଙ୍କିମ ହୋଇଥିଲେ । ଶ୍ରୀମତୀଙ୍କ ପ୍ରେମରେ ତ୍ରିଭଙ୍ଗ ହୋଇଥିଲେ । କୃଷ୍ଣରୂପର କେହି କେହି ବ୍ୟାଖ୍ୟା କରନ୍ତି, ଶ୍ରୀରାଧାଙ୍କ ପ୍ରେମରେ ତ୍ରିଭଙ୍ଗ । କଳା କାହିଁକି ଜାଣ ? ଆଉ ଚଉଦ ପା ଏତେ ଛୋଟ କାହିଁକି ? ଯେତେକ୍ଷଣ ଈଶ୍ୱର ଦୂରରେ ସେତେକ୍ଷଣ କଳା ଦେଖାଯାଏ; ଯେପରି ସମୁଦ୍ରର ଜଳ ନୀଳବର୍ଣ୍ଣ ଦେଖାଯାଏ । ସମୁଦ୍ରର ଜଳ ପାଖକୁ ଗଲେ ଓ ହାତରେ ଆଣି ଦେଖିଲେ ଆଉ ନୀଳ ନ ଥାଏ, ସେତେବେଳେ ଖୁବ୍ ନିର୍ମଳ ଓ ସ୍ୱଚ୍ଛ । ସୂର୍ଯ୍ୟ ଦୂରରେ ବୋଲି ଖୁବ୍ ଛୋଟ ଦେଖାଯାଏ, ପାଖକୁ ଗଲେ ଆଉ ଛୋଟ ଦେଖାଯାଏ ନାହିଁ । ଈଶ୍ୱରଙ୍କ ସ୍ୱରୂପ ଠିକ୍ ଜାଣିପାରିଲେ ଆଉ କଳା ଦେଖାଯାଏ ନାହିଁ, ଛୋଟ ମଧ ଦେଖାଯାଏ ନାହିଁ । ସେ ଅନେକ ଦୂରର କଥା, ସମାଧିସ୍ଥ ନହେଲେ ହୁଏ ନାହିଁ । ଯେ ପର୍ଯ୍ୟନ୍ତ—ମୁଁ, ତୁମେ ସେ ପର୍ଯ୍ୟନ୍ତ ନାମ-ରୂପ ବି ଅଛି । ସବୁ ତାଙ୍କରି ଲୀଳା । ମୁଁ, ତୁମେ ଯେତେବେଳ ଥାଏ ସେତେବେଳ ଯାଏ ସେ ନାନାରୂପରେ ପ୍ରକାଶ ହୁଅନ୍ତି ।

"ଶ୍ରୀକୃଷ୍ଣ ପୁରୁଷ, ଶ୍ରୀମତୀ ତାଙ୍କର ଶକ୍ତି—ଆଦ୍ୟଶକ୍ତି । ପୁରୁଷ ଆଉ ପ୍ରକୃତି । ଯୁଗଳ ମୂର୍ତ୍ତିର ମାନେ କଅଣ ? ପୁରୁଷ ଆଉ ପ୍ରକୃତି ଅଭେଦ, ସେମାନଙ୍କର ଭେଦ ନାହିଁ । ପୁରୁଷ, ପ୍ରକୃତି ନହେଲେ ରହିପାରେ ନାହିଁ; ପ୍ରକୃତି ମଧ ପୁରୁଷ ନହେଲେ ରହିପାରେ ନାହିଁ । ଗୋଟିକୁ କହିଲେ ହିଁ ଆଉ ଗୋଟିଏ ତା ସହିତ ବୁଝିବାକୁ ହୁଏ । ଯେପରି ଅଗ୍ନି ଆଉ ଦାହିକା ଶକ୍ତି । ଦାହିକା ଶକ୍ତି ଛଡ଼ା ଅଗ୍ନିକୁ ଭାବି ହୁଏ ନାହିଁ । ଅଗ୍ନି ଛଡ଼ା ଦାହିକା ଶକ୍ତିକୁ ମଧ ଭାବି ହୁଏ ନାହିଁ । ତେଣୁ ଯୁଗଳ ମୂର୍ତ୍ତିରେ ଶ୍ରୀକୃଷ୍ଣଙ୍କର ଦୃଷ୍ଟି ଶ୍ରୀମତୀଙ୍କ ଆଡ଼କୁ ଓ ଶ୍ରୀମତୀଙ୍କ ଦୃଷ୍ଟି କୃଷ୍ଣଙ୍କ ଆଡ଼କୁ । ଶ୍ରୀମତୀଙ୍କର ବର୍ଣ୍ଣ ଗୌର ବିଦ୍ୟୁତ ପରି; ଶ୍ରୀମତୀ ନିଳାମ୍ବର ପିନ୍ଧିଛନ୍ତି । ଶ୍ରୀମତୀ ନୀଳକାନ୍ତ ମଣି ଦେଇ ଅଙ୍ଗ ସାଜିଛନ୍ତି । ଶ୍ରୀମତୀଙ୍କର ପାଦରେ ନୁପୂର ତେଣୁ ଶ୍ରୀକୃଷ୍ଣ ନୁପୂର ପିନ୍ଧିଛନ୍ତି; ଅର୍ଥାତ୍ ପ୍ରକୃତି ସଙ୍ଗରେ ପୁରୁଷର ଅନ୍ତରେ ଓ ବାହାରେ ମେଳ ଅଛି ।"

ଏହି କଥାଗୁଡ଼ିକ ଶେଷ ହେଲା, ଏପରି ସମୟରେ ଅଧରଙ୍କ, ବଙ୍କିମ ପ୍ରଭୃତି ବନ୍ଧୁଗଣ ପରସ୍ପର ଇଂରାଜୀରେ ଆସ୍ତେ ଆସ୍ତେ କଥା କହିବାକୁ ଲାଗିଲେ ।

ଶ୍ରୀରାମକୃଷ୍ଣ—(ସହାସ୍ୟେ ବଙ୍କିମ ପ୍ରଭୃତିଙ୍କ ପ୍ରତି)—କ'ଣ ହେ । ଆପଣ ମାନେ ଇଂରାଜୀରେ କଅଣ କଥାବାର୍ତ୍ତା କରୁଛନ୍ତି ? (ସମସ୍ତଙ୍କର ହାସ୍ୟ)

ଅଧର—ଆଜ୍ଞା, ଏହି ବିଷୟରେ ଟିକିଏ କଥା ହେଉଥିଲା, କୃଷ୍ଣରୂପ ବାଖ୍ୟାର କଥା ।

ଶ୍ରୀରାମକୃଷ୍ଣ(ସହାସ୍ୟେ, ସମସ୍ତଙ୍କ ପ୍ରତି)—ଗୋଟିଏ କଥା ମନେ ପଡ଼ି ମୋତେ ହସ ମାଡୁଛି । ଶୁଣ, ଗୋଟିଏ ଗଳ୍ପ କହୁଛି—ବାରିକ ଖିଅର କରିବାକୁ ଯାଇଥିଲା । ଜଣେ ଭଦ୍ରଲୋକକୁ ଖିଅର କରୁଥିଲା । ଖିଅର କରୁ କରୁ ତା'ର ଟିକିଏ କଟିଗଲା । ସେ ଲୋକଟି ଡ୍ୟାମ (Damn) ବୋଲି କହି ଉଠିଲା । ବାରିକ କିନ୍ତୁ ଡ୍ୟାମର ଅର୍ଥ ଜାଣେ ନାହିଁ । ସେତେବେଳେ ସେ କ୍ଷୁର କତୁରୀ ସବୁ ସେହିଠାରେ ରଖି, ଶୀତକାଳ ହେଲେ ବି ହାତରୁ ଜାମା ଉଠାଇ କହିଲା; ତୁମେ ମୋତେ ଡ୍ୟାମ କହିଲ, ଏହାର ମାନେ ଏବେ କ'ଣ କହ । ସେ ଲୋକଟି କହିଲା, ଆରେ ତୁ ଖିଅର କର ନା; ଏହାର ମାନେ ସେପରି କିଛି ନୁହେଁ, ତେବେ ଟିକିଏ ସାବଧାନରେ ଖିଅର କର । ବାରିକ ଛାଡ଼ିବାର ଲୋକ ନୁହେଁ, ସେ କହିଲା, ଡ୍ୟାମ ମାନେ ଯଦି ଭଲ ହୁଏ, ତା' ହେଲେ ମୁଁ ଡ୍ୟାମ୍, ମୋର ବାପା ଡ୍ୟାମ୍, ମୋର ଚଉଦ୍ ପୁରୁଷ ଡ୍ୟାମ୍ (ସମସ୍ତଙ୍କର ହାସ୍ୟ) । ଆଉ ଡ୍ୟାମ ମାନେ ଯଦି ଖରାପ ହୋଇଥାଏ, ତାହାହେଲେ ତୁମେ ଡ୍ୟାମ, ତୁମର ବାପା ଡ୍ୟାମ୍, ତୁମର ଚଉଦ ପୁରୁଷ ଡ୍ୟାମ (ସମସ୍ତଙ୍କର ହାସ୍ୟ) । ଖାଲି ଡ୍ୟାମ୍ ନୁହେଁ । ଡ୍ୟାମ୍, ଡ୍ୟାମ୍, ଡ୍ୟାମ୍, ଡ୍ୟା ଡ୍ୟାମ୍ ଡ୍ୟାମ । (ସମସ୍ତଙ୍କର ଉଚ୍ଚ ହାସ୍ୟ)

## (୨)

## ଠାକୁର ଶ୍ରୀରାମକୃଷ୍ଣ ଓ ପ୍ରଚାର କାର୍ଯ୍ୟ

ସମସ୍ତଙ୍କର ହାସ୍ୟ ବନ୍ଦ ହେବା ପରେ ବଙ୍କିମ ପୁଣି କଥା ଆରମ୍ଭ କଲେ ।

ବଙ୍କିମ—ମହାଶୟ ଆପଣ କାହିଁକି ପ୍ରଚାର କରନ୍ତି ନାହିଁ ?

ଶ୍ରୀରାମକୃଷ୍ଣ(ହସିହସି)—ପ୍ରଚାର ! ସେ ସବୁ ଅଭିମାନର କଥା । ମନୁଷ୍ୟତ କ୍ଷୁଦ୍ର ଜୀବ । ଯେହି ହିଁ କେବଳ ପ୍ରଚାର କରିବେ, ଯିଏ ଚନ୍ଦ୍ର-ସୂର୍ଯ୍ୟ ସୃଷ୍ଟି କରି ଏହି ଜଗତକୁ ପ୍ରକାଶ କରିଛନ୍ତି । ପ୍ରଚାର କରିବା କ'ଣ ସାମାନ୍ୟ କଥା ? ସେ ଦେଖାଦେଇ ଆଦେଶ ନ ଦେଲେ ପ୍ରଚାର ହୁଏ ନାହିଁ । ତେବେ ହେବ ନାହିଁ କାହିଁକି ? ଆଦେଶ ହୋଇ ନାହିଁ, କିନ୍ତୁ ତୁମେ କହି ଚାଲିଛ; ଲୋକେ ଦୁଇଦିନ ଶୁଣିବେ ତା ପରେ ଭୁଲଯିବେ । ଯେତେବେଳେ ପର୍ଯ୍ୟନ୍ତ ତୁମେ କହୁଥିବ ସେତେବେଳେ ପର୍ଯ୍ୟନ୍ତ ଲୋକେ କହିବେ, ଆହା ଇଏ ବେଶ୍ କହୁଛନ୍ତି । ତୁମ କହିବା ବନ୍ଦ ହୋଇଯିବା ପରେ ଦେଖିବ କେଉଁଠି କିଛି ନାହିଁ ।

''ଯେତେବେଳ ଯାଏ ଅଗ୍ନିର ତାପ ଅଛି, ସେତେବେଳେଯାଏ ଦୁଧ ଉତୁରି ଉଠେ । କାଠ ଟାଣି ନେଲେ, ଦୁଧ ଯେପରି କି ସେପରି କମିଯାଏ ।''

''ସାଧନ କରି ନିଜର ଶକ୍ତି ବଢ଼ାଇବାକୁ ହୁଏ । ତା' ନ ହେଲେ ପ୍ରଚାର ହୁଏ ନାହିଁ । 'ନିଜର ଶୋଇବାକୁ ସ୍ଥାନ ନାହିଁ ଶଙ୍କରାକୁ ଡାକ ।' ଆପଣାର

ଶୋଇବା ଜାଗା ନାହିଁ ପୁଣି ଡାକୁଛି, ଆ'ରେ ଶଙ୍କରା ଆ' ମୋ ପାଖରେ ଶୋଇବୁ ଆ' । (ହାସ୍ୟ) ।

''ସେ ଦେଶରେ(କାମାରପୁକୁରରେ)ହାଲଦାର ପୋଖରୀର ହୁଡ଼ା ଉପରେ ସବୁଦିନେ ଝାଡ଼ା ଫେରନ୍ତି, ଲୋକମାନେ ସକାଳେ ଆସି ଦେଖି ଗାଳିଗୁଲଜ କରନ୍ତି । ତଥାପି ଝାଡ଼ା ଫେରିବା ବନ୍ଦ ହୁଏ ନାହିଁ । ଶେଷରେ ଗ୍ରାମର ଲୋକମାନେ ଦରଖାସ୍ତ କରି କମ୍ପାନୀକୁ ଜଣାଇଲେ । ସେମାନେ ଗୋଟିଏ ନୋଟିସ୍ ମାରିଦେଲେ—'ଏଠାରେ ଝାଡ଼ା, ପରିସ୍ରା କରିବା ନାହିଁ; ତାହା କଲେ ଶାସ୍ତି ହେବ ।' ତା' ପରେ ସବୁ ପୁରାପୁରି ବନ୍ଦ । ଆଉ କିଛି ଗୋଳମାଳ ନାହିଁ । କମ୍ପାନୀର ହୁକୁମ—ସମସ୍ତଙ୍କୁ ମାନିବାକୁ ହେବ ।

''ସେହିପରି ଈଶ୍ୱର ସାକ୍ଷାତ୍କାର ପରେ ଯଦି କେହି ଆଦେଶ ପାଆନ୍ତି ତେବେ ପ୍ରଚାର ହୁଏ; ଲୋକ ଶିକ୍ଷା ହୁଏ, ତା' ନହେଲେ ତୁମ କଥାକୁ ଶୁଣିବ କିଏ ?''

ଏହି କଥାଗୁଡ଼ିକ ସମସ୍ତେ ଗମ୍ଭୀରଭାବରେ ସ୍ଥିର ହୋଇ ଶୁଣିବାକୁ ଲାଗିଲେ ।

## ଶ୍ରୀଯୁକ୍ତ ବଙ୍କିମ ଓ ପରକାଳ

[Life after death - argument from analogy]

ଶ୍ରୀରାମକୃଷ୍ଣ (ବଙ୍କିମଙ୍କ ପ୍ରତି)—ଆଚ୍ଛା ଆପଣ ତ ଖୁବ୍ ପଣ୍ଡିତ, ଆଉ ବହୁତ ବହି ଲେଖିଛନ୍ତି, ଆପଣ କଅଣ କହନ୍ତି, ମନୁଷ୍ୟର କର୍ତ୍ତବ୍ୟ କଅଣ ? ସଙ୍ଗରେ କଅଣ ଯିବ ? ପରକାଳ ଅଛି ତ ?

ବଙ୍କିମ—ପରକାଳ । ତାହା କଅଣ ?

ଶ୍ରୀରାମକୃଷ୍ଣ—ହଁ ଜ୍ଞାନଲାଭ ପରେ ଅନ୍ୟ ଲୋକକୁ ଯିବାକୁ ହୁଏ ନାହିଁ,—ପୁନର୍ଜନ୍ମ ହୁଏ ନାହିଁ । କିନ୍ତୁ ଯେତେବେଳ ଯାଏ ଜ୍ଞାନ ନ ହୋଇଛି, ଈଶ୍ୱର ଲାଭ ନ ହୋଇଛି, ସେତେବେଳଯାଏ ସଂସାରକୁ ଫେରିଆସିବାକୁ ହେବ, କୌଣସି ମତେ ନିସ୍ତାର ନାହିଁ । ସେତେବେଳ ଯାଏ ପରକାଳ ମଧ୍ୟ ଅଛି । ଜ୍ଞାନଲାଭ ହେଲେ, ଈଶ୍ୱର ଦର୍ଶନ ହେଲେ ମୁକ୍ତି ହୋଇଯାଏ—ଆଉ ଆସିବାକୁ ହୁଏ ନାହିଁ । ଉଷୁନା ଧାନକୁ ପୋତିଲେ ଗଛ ହୁଏ ନାହିଁ; ଜ୍ଞାନାଗ୍ନିରେ ଯଦି କେହି ସିଦ୍ଧ ହୁଏ ତାକୁ ନେଇ ଆଉ ସୃଷ୍ଟିର ଖେଳା ହୁଏ ନାହିଁ । ସେ ସଂସାର କରିପାରେ ନାହିଁ, ତା'ର ତ କାମିନୀ-କାଞ୍ଚନରେ ଆସକ୍ତି ନାହିଁ । ଉଷୁନା ଧାନ, କ୍ଷେତରେ ବୁଣିଲେ କଅଣ ହେବ ?

ବଙ୍କିମ(ହସି ହସି)—ମହାଶୟ, ମଲାଙ୍ଗ ବି ଗଛ ଭଳି କାର୍ଯ୍ୟ ସମ୍ପାଦନ କରେ ନାହିଁ ।

ଶ୍ରୀରାମକୃଷ୍ଣ—ତା' ବୋଲି ଜ୍ଞାନୀ ମଲାଙ୍ଗ ଭଳି ନୁହେଁ । ଯେ ଈଶ୍ୱର ଦର୍ଶନ କରିଛି, ସେ ଅମୃତ ଫଳ ଲାଭ କରିଛି—ଲାଉ, କଖାରୁ ଫଳ ନୁହେଁ । ତା'ର ପୁନର୍ଜନ୍ମ ହୁଏ ନାହିଁ । ପୃଥିବୀ କହ, ସୂର୍ଯ୍ୟଲୋକ କହ, ଚନ୍ଦ୍ରଲୋକ—କୌଣସି ଜାଗାକୁ ତାକୁ ଆସିବାକୁ ହୁଏ ନାହିଁ ।

"ଉପମା—ଏକାଦେଶୀ । ତୁମେ ତ ପଣ୍ଡିତ, ନ୍ୟାୟ ପଢ଼ି ନାହଁ ? ବାଘ ପରି ଭୟାନକ କହିଲେ ଯେ, ବାଘ ପରି ଗୋଟିଏ ଲାଞ୍ଜ କିମ୍ବା ହାଣ୍ଡି ପରି ମୁହଁ ଥିବ ! ତାହା ନୁହେଁ (ସମସ୍ତଙ୍କର ହାସ୍ୟ) ।

"ମୁଁ କେଶବ ସେନ୍‌ଙ୍କୁ ଏହି କଥା କହିଥିଲି । କେଶବ ପଚାରିଲେ—ମହାଶୟ, ପରକାଳ କଅଣ ଅଛି ? ମୁଁ ଏପଟ ନା ସେପଟ କିଛି କହିଲି ! କହିଲି, କୁମ୍ଭାର ମାନେ ହାଣ୍ଡି ଶୁଖାନ୍ତି, ସେଗୁଡ଼ିକ ଭିତରେ ପୋଡ଼ା ହାଣ୍ଡି ଅଛି, ପୁଣି କଞ୍ଚା ହାଣ୍ଡି ବି ଅଛି । କେତେବେଳେ ଗୋରୁ ଗାଈ ଆସି ଚଢ଼ି ଯାଆନ୍ତି । ପୋଡ଼ା ହାଣ୍ଡି ଭାଙ୍ଗିଲେ କୁମ୍ଭାର ସେଗୁଡ଼ିକୁ ପକାଇ ଦିଏ । କିନ୍ତୁ କଞ୍ଚା ହାଣ୍ଡି ଭାଙ୍ଗିଲେ, ସେଗୁଡ଼ିକୁ କୁମ୍ଭାର ଘରକୁ ଆଣେ; ଆଣି ଜଳ ଦେଇ ଚକଟି ଚକରେ ପକାଇ ପୁଣି ନୂଆ ହାଣ୍ଡି କରେ; ଛାଡ଼େ ନାହିଁ । ତେଣୁ କେଶବଙ୍କୁ କହିଲି, ଯେ ପର୍ଯ୍ୟନ୍ତ କଞ୍ଚା ରହିବ, କୁମ୍ଭାର ଛାଡ଼ିବ ନାହିଁ, ଯେତେକ୍ଷଣ ଜ୍ଞାନ ଲାଭ ନ ହୋଇଛି, ଯେତେକ୍ଷଣ ଈଶ୍ୱର ଦର୍ଶନ ନ ହୋଇଛି, ସେତେକ୍ଷଣ କୁମ୍ଭାର ଚକରେ ପକାଇବା ଛାଡ଼ିବ ନାହିଁ । ଅର୍ଥାତ୍ ଫେରି ଫେରି ଏହି ସଂସାରକୁ ଆସିବାକୁ ହେବ, ନିସ୍ତାର ନାହିଁ । ତାଙ୍କୁ ଲାଭ କଲେ ତେବେ ଯାଇଁ ମୁକ୍ତି ହୁଏ, ତେବେ କୁମ୍ଭାର ଛାଡ଼େ, କାହିଁକି ନା ମାୟାର ସୃଷ୍ଟିରେ ସେ କିଛି କାମରେ ଆସେ ନାହିଁ । ଜ୍ଞାନୀ ମାୟାକୁ ପାର ହୋଇଯାଇଛି । ସେ ଆଉ ମାୟର ସଂସାରରେ କଅଣ କରିବ ?

"ତେବେ କାହାକୁ କାହାକୁ ମାୟା ସଂସାରରେ ଲୋକଶିକ୍ଷା ପାଇଁ ସେ ରଖିଦିଅନ୍ତି । ଜ୍ଞାନୀ ବିଦ୍ୟାମାୟା ଆଶ୍ରୟ କରି ରହନ୍ତି । ତାଙ୍କର କାମ ପାଇଁ ସେ ହିଁ ରଖିଦିଅନ୍ତି; ଯେପରି ଶୁକଦେବ, ଶଙ୍କରାଚାର୍ଯ୍ୟ ।"

(ବଙ୍କିମ ପ୍ରତି)—ଆପଣ କଅଣ କହନ୍ତି, ମନୁଷ୍ୟର କର୍ତ୍ତବ୍ୟ କଅଣ ?

ବଙ୍କିମ(ହସି ହସି)—ଆଜ୍ଞା, ତାହା ଯଦି କହନ୍ତି, ତେବେ ଆହାର ନିଦ୍ରା ଓ ମୈଥୁନ ।

ଶ୍ରୀରାମକୃଷ୍ଣ(ବିରକ୍ତ ହୋଇ)—ଏଃ, ତୁମେ ତ ବଡ଼ ଅଶିଷ୍ଟ । ତୁମେ ଯାହା ଦିନରାତି କର, ତାହାହିଁ ମୁହଁରୁ ବାହାରୁଛି । ଲୋକ ଯାହା ଖାଆନ୍ତି ତାହାରି ହାକୁଟି ଉଠେ । ମୂଳାଖାଇଲେ ମୂଳାର ହାକୁଟି ଆସେ । ପଇଡ଼ ପିଇଲେ ପଇଡ଼ର ହାକୁଟି ଉଠେ । କାମିନୀ-କାଞ୍ଚନ ଭିତରେ ଦିନରାତି ରହିଛ, ସେହି କଥା ମୁହଁରୁ ବାହାରୁଛି । କେବଳ ବିଷୟ ଚିନ୍ତା କଲେ ହିସାବୀ ସ୍ୱଭାବ ହୁଏ, ମନୁଷ୍ୟ କପଟି ।

ଏ ଈଶ୍ୱର ଚିନ୍ତା କଲେ ସରଳ ହୁଅନ୍ତି, ଈଶ୍ୱର ସାକ୍ଷାତ୍କାର ହେଲେ ଏପରି କଥା କେହି କହିବେ ନାହିଁ ।

## (ଶ୍ରୀଯୁକ୍ତ ବଙ୍କିମ—ତୁଚ୍ଛା ପାଣ୍ଡିତ୍ୟ ଓ କାମିନୀ-କାଞ୍ଚନ)

(ବଙ୍କିମଙ୍କ ପ୍ରତି)—"ତୁଚ୍ଛା ପାଣ୍ଡିତ୍ୟ ହେଲେ କଅଣ ହେବ, ଯଦି ଈଶ୍ୱର ଚିନ୍ତା ନଥାଏ ? ଯଦି ବିବେକ ବୈରାଗ୍ୟ ନଥାଏ ? ପାଣ୍ଡିତ୍ୟ କଅଣ ହେବ, ଯଦି କାମିନୀ-କାଞ୍ଚନରେ ମନ ରହେ ?"

"ଚିଲ ଶାଗୁଣା ଖୁବ୍ ଉଚ୍ଚକୁ ଉଠନ୍ତି, କିନ୍ତୁ ମଡ଼ ପଡ଼ିଆ ଉପରେ ନଜର । ପଣ୍ଡିତ ଅନେକ ବହିପତ୍ର ପଢ଼ିଛି, ଶ୍ଳୋକ ଝାଡ଼ିପାରେ, କିଛି ବହି ଲେଖିପାରେ, କିନ୍ତୁ ସ୍ତ୍ରୀଲୋକ ପ୍ରତି ଆସକ୍ତ, ଟଙ୍କା ମାନ ପ୍ରଭୃତିକୁ ସାର ବୋଲି ମନେ କରିଛି, ସେ ପୁଣି କିପରି ପଣ୍ଡିତ ? ଈଶ୍ୱରଙ୍କଠାରେ ମନ ନ ଥିଲେ ପଣ୍ଡିତ କଅଣ ?

"କେହି କେହି ମନେ କରନ୍ତି ଏମାନେ କେବଳ ଈଶ୍ୱର ଈଶ୍ୱର କରୁଛନ୍ତି; ପାଗଳ । ଏମାନେ ବିକୃତ ମସ୍ତିଷ୍କ । ଆମେ ସବୁ କିପରି ସିଆଣା, କିପରି ସୁଖ ଭୋଗ କରୁଛୁ; ଟଙ୍କା, ସମ୍ମାନ, ଇନ୍ଦ୍ରିୟସୁଖ । କାଉ ମନେ କରେ, ସେ ବଡ଼ ସିଆଣା, କିନ୍ତୁ ସେ ସକାଳୁ ଉଠି ପରର ବିଷ୍ଠାଖାଇ ବୁଲେ । କାଉକୁ ଦେଖନା, କେତେ ଉଡ଼ାଉଡ଼ିକରେ, ଭାରୀ ସିଆଣା । (ସମସ୍ତେ ସ୍ତବ୍ଧ) ।"

"ଯେଉଁମାନେ ଈଶ୍ୱର ଚିନ୍ତା କରନ୍ତି,ବିଷୟରେ ଆସକ୍ତି, କାମିନୀ-କାଞ୍ଚନ ପ୍ରତି ମୋହ ଚାଲିଯିବା ପାଇଁ ଦିନରାତି ପ୍ରାର୍ଥନା କରନ୍ତି, ଯେଉଁମାନଙ୍କର ବିଷୟ ରସ ପିତା ଲାଗେ, ହରିପାଦପଦ୍ମ-ସୁଧା ବ୍ୟତୀତ ଅନ୍ୟ କିଛି ଭଲ ଲାଗେ ନାହିଁ, ସେମାନଙ୍କର ସ୍ୱଭାବ ଯେପରି ହଂସର ସ୍ୱଭାବ । ହଂସ ସମ୍ମୁଖରେ ଦୁଧରେ ଜଳ ମିଶାଇ ଦିଅ, ଜଳ ତ୍ୟାଗ କରି ହଂସ ଦୁଧ ପିଇବ । ହଂସର ଗତି ଦେଖିଛ ଗୋଟିଏ ଦିଗକୁ ସିଧା ଚାଲିଯିବ । ଶୁଦ୍ଧ ଭକ୍ତର ଗତି ମଧ୍ୟ ଈଶ୍ୱରଙ୍କ ଦିଗକୁ । ସେ ଆଉ କିଛି ଚାହେଁ ନାହିଁ; ତାକୁ ଆଉ କିଛି ଭଲ ଲାଗେ ନାହିଁ ।

(ବଙ୍କିମଙ୍କ ପ୍ରତି ମୃଦୁ ଭାବରେ)—"ଆପଣ କିଛି ମନେ କରିବେ ନାହିଁ ।"

ବଙ୍କିମ—ଆଜ୍ଞା, ମଧୁର କଥା ଶୁଣିବାକୁ ଆସିନାହିଁ ।

## (୩)

## ଶ୍ରୀରାମକୃଷ୍ଣ ଓ ପରୋପକାର

ଶ୍ରୀରାମକୃଷ୍ଣ(ବଙ୍କିମଙ୍କ ପ୍ରତି)—କାମିନୀ-କାଞ୍ଚନ ହିଁ ସଂସାର । ଏହାର ନାମ ମାୟା । ଈଶ୍ୱରଙ୍କୁ ଦେଖିବାକୁ, ଚିନ୍ତାକରିବାକୁ ଦିଏ ନାହିଁ, ଗୋଟିଏ ଦୁଇଟି ସନ୍ତାନ ହେଲେ ସ୍ତ୍ରୀ ସଙ୍ଗରେ ଭାଇ ଭଉଣୀ ପରି ରହିବାକୁ ହୁଏ, ଆଉ ସ୍ତ୍ରୀ

ସଙ୍ଗରେ ସର୍ବଦା ଈଶ୍ୱରଙ୍କ କଥା କହିବାକୁ ହୁଏ । ତା'ହେଲେ ଦୁଇଜଣଙ୍କ ମନ ତାଙ୍କ ଆଡ଼କୁ ଯିବ ଓ ସ୍ତ୍ରୀ ଧର୍ମ ମାର୍ଗରେ ସହାୟ ହେବ । ପଶୁଭାବ ନ ଗଲେ ଈଶ୍ୱରୀୟ ଆନନ୍ଦ ଆସ୍ୱାଦନ କରି ହୁଏ ନାହିଁ । ଈଶରଙ୍କ ପାଖରେ ପ୍ରାର୍ଥନା କରିବାକୁ ହୁଏ ଯେପରି ପଶୁଭାବ ଚାଲିଯାଏ । ବ୍ୟାକୁଳ ହୋଇ ପ୍ରାର୍ଥନା । ସେ ଅନ୍ତର୍ଯ୍ୟାମୀ; ଯଦି ଆନ୍ତରିକତା ଥାଏ ନିଶ୍ଚୟ ଶୁଣିବେ ।

''ଆଉ-କାଞ୍ଚନ'' । ମୁଁ ପଞ୍ଚବଟୀ ତଳେ ଗଙ୍ଗା ପାଖରେ ବସି 'ଟଙ୍କା' 'ମାଟି' 'ମାଟି ହିଁ ଟଙ୍କା', 'ଟଙ୍କା ହିଁ ମାଟି' କହି ପାଣିରେ ପକାଇ ଦେଲି !''

ବଙ୍କିମ — ଟଙ୍କା ମାଟି । ମହାଶୟ ଦୁଇ ପଇସା ଥିଲେ ଗରିବକୁ ଦିଆଯାଏ । ଟଙ୍କା ଯଦି ମାଟି, ତା ହେଲେ ଦୟା — ପରୋପକାର କରିହେବ ନାହିଁ ?

## ଶ୍ରୀଯୁକ୍ତ ବଙ୍କିମ-ଜଗତର ଉପକାର ଓ କର୍ମଯୋଗ

ଶ୍ରୀରାମକୃଷ୍ଣ (ବଙ୍କିମଙ୍କ ପ୍ରତି) — ଦୟା ! ପରୋପକାର । ତୁମର ସାଧ କ'ଣ ଯେ ତୁମେ ପରୋପକାର କରିବ ? ମଣିଷର ଏତେ ବଡ଼ିମା, କିନ୍ତୁ ଯେତେବେଳେ ଶୋଇପଡ଼େ, ସେତେବେଳେ ଯଦି କେହି ଠିଆହୋଇ ମୁହଁରେ ପରିସ୍ରା କରିଦିଏ, ଜାଣିପାରେ ନା । ସେତେବେଳେ ଅହଙ୍କାର, ଅଭିମାନ, ଦର୍ପ କୁଆଡ଼େ ଚାଲିଯାଏ ?

''ସନ୍ନ୍ୟାସୀଙ୍କୁ କାମିନୀ-କାଞ୍ଚନ ତ୍ୟାଗ କରିବାକୁ ହୁଏ । ସେ ଆଉ ଗ୍ରହଣ କରିପାରେ ନାହିଁ । ଛେପ ପକାଇ ପୁଣି ଛେପ ଖାଇବା ଉଚିତ୍ ନୁହେଁ । ସନ୍ନ୍ୟାସୀ ଯଦି କାହାକୁ ଦିଏ, ସେ ନିଜେ ଦିଏ ବୋଲି ମନେ କରେନା । ଦୟା ଈଶ୍ୱରଙ୍କର; ମଣିଷ କ'ଣ ଦୟା କରିବ ? ଦାନଧ୍ୟାନ ସବୁ ହିଁ ରାମଙ୍କ ଇଛା । ଠିକ୍ ସନ୍ନ୍ୟାସୀ ମନରେ ମଧ୍ୟ ତ୍ୟାଗ କରେ, ବାହାରେ ମଧ୍ୟ ତ୍ୟାଗ କରେ । ସେ ଗୁଡ଼ ଖାଏ ନାହିଁ କିମ୍ବା ତା ପାଖରେ ଗୁଡ଼ ରଖିବା ମଧ୍ୟ ଭଲ ନୁହେଁ । ପାଖରେ ଗୁଡ଼ ଥାଇ ଯଦି ସେ କହେ ଖାଅନା, ତେବେ ଲୋକେ ଶୁଣିବେ ନାହିଁ ।

''ସଂସାରୀ ଲୋକର ଟଙ୍କା ଦରକାର ଅଛି, କାହିଁକି ନା ତାର ପରିବାର ଅଛନ୍ତି । ସେମାନଙ୍କର ସଞ୍ଚୟ କରିବା ଦରକାର । ସ୍ତ୍ରୀ ଓ ପିଲାମାନଙ୍କୁ ଖୁଆଇବାକୁ ହେବ । ସଞ୍ଚୟ କରିବେ ନାହିଁ କେବଳ ପନ୍ଛି ଆଉ ଦରବେଶ୍, ଅର୍ଥାତ୍ ପକ୍ଷୀ ଆଉ ସନ୍ନ୍ୟାସୀ । କିନ୍ତୁ ପକ୍ଷୀର ଛୁଆହେଲେ ସେ ଅଣ୍ଟରେ ଖାଦ୍ୟଦ୍ରବ୍ୟ ଆଣେ । ତାକୁ ମଧ୍ୟ ସେତେବେଳେ ସଞ୍ଚୟ କରିବାକୁ ପଡ଼େ । ତେଣୁ ସଂସାରୀ ଲୋକର ଟଙ୍କା ଦରକାର । ପରିବାର ଭରଣ ପୋଷଣ କରିବାକୁ ହୁଏ ।

''ସଂସାରୀ ଲୋକ ଶୁଦ୍ଧ ଭକ୍ତ ହେଲେ ଅନାସକ୍ତ ହୋଇ କର୍ମ କରେ । କର୍ମର ଫଳ ଲାଭ, କ୍ଷତି, ସୁଖ, ଦୁଃଖ — ଈଶ୍ୱରଙ୍କୁ ସମର୍ପଣ କରେ, ତାଙ୍କ ପାଖରେ ଦିନରାତ୍ରି ପ୍ରାର୍ଥନା କରେ, ଅନ୍ୟ କିଛି ଚାହେଁ ନାହିଁ । ଏହାର ନାମ

ନିଷ୍କାମ କର୍ମ—ଅନାସକ୍ତ ହୋଇ କର୍ମ କରିବା । ସନ୍ନ୍ୟାସୀଙ୍କୁ ମଧ୍ୟ ସବୁ କର୍ମ ନିଷ୍କାମ ଭାବରେ କରିବାକୁ ହୁଏ । ତେବେ ସନ୍ନ୍ୟାସୀ ସଂସାରୀମାନଙ୍କ ଭଳି ବିଷୟ କର୍ମ କରନ୍ତି ନାହିଁ ।

''ସଂସାରୀ ବ୍ୟକ୍ତି ନିଷ୍କାମ ଭାବରେ ଯଦି କାହାକୁ ଦାନ କରେ ସେ ନିଜର ଉପକାର ପାଇଁ, 'ପରୋପକାର' ପାଇଁ ନୁହେଁ । ସର୍ବଭୂତରେ ହରି ଅଛନ୍ତି, ତେଣୁ ତାଙ୍କୁ ହିଁ ସେବା କରାଯାଏ । ହରିଙ୍କ ସେବା ହେଲେ ନିଜର ଉପକାର ହେଲା 'ପରୋପକାର' ନୁହେଁ । ଏହିପରି ସର୍ବଭୂତରେ ହରିଙ୍କର ସେବା—କେବଳ ମନୁଷ୍ୟର ନୁହେଁ, ଜୀବଜନ୍ତୁଙ୍କ ମଧ୍ୟରେ ହରିଙ୍କର ସେବା ଯଦି କେହି କରେ, ଯଦି ସେ ନାମଯଶ ଚାହେଁ ନାହିଁ, ମୃତ୍ୟୁ ପରେ ସ୍ୱର୍ଗ ଚାହେଁ ନାହିଁ; ଯେଉଁମାନଙ୍କର ସେବା କରୁଛି, ସେମାନଙ୍କ ପାଖରୁ କୌଣସି ପ୍ରତ୍ୟୁପକାର ଚାହେଁ ନାହିଁ, ଏପରି ଭାବରେ ଯଦି ସେବା କରେ, ତେବେ ତା'ର ଯଥାର୍ଥ ନିଷ୍କାମ କର୍ମ, ଅନାସକ୍ତ କର୍ମ କରାହୁଏ । ଏହିପରି ନିଷ୍କାମ କର୍ମ କଲେ ତାର ନିଜର କଲ୍ୟାଣ ହୁଏ । ଏହାର ନାମ କର୍ମଯୋଗ । ଏହି କର୍ମ ଯୋଗଟି ଈଶ୍ୱର ଲାଭର ଗୋଟିଏ ପଥ ।

କିନ୍ତୁ ବଡ଼ କଠିନ, କଳିଯୁଗ ପକ୍ଷରେ ନୁହେଁ ।

''ତେଣୁ କହୁଛି, ଯେ ଅନାସକ୍ତ ହୋଇ ଏପରି କର୍ମ କରେ, ଦୟାକରେ, ଦାନ କରେ, ସେ ନିଜର ମଙ୍ଗଳ କରେ । ପରର ଉପକାର ପରର ମଙ୍ଗଳ ଈଶ୍ୱର କରନ୍ତି—ଯେ ଚନ୍ଦ୍ର, ସୂର୍ଯ୍ୟ, ବାପା ମାଆ, ଫଳ, ଫୁଲ, ଶସ୍ୟ, ଜୀବମାନଙ୍କ ପାଇଁ କରିଛନ୍ତି । ବାପମାଆଙ୍କ ଭିତରେ ଯେଉଁ ସ୍ନେହ ଦେଖ, ସେ ତାଙ୍କରି ସ୍ନେହ, ଜୀବନକୁ ରକ୍ଷା କରିବା ପାଇଁ ଦେଇଛନ୍ତି । ଦୟାଳୁର ଭିତରେ ଯେଉଁ ଦୟା ଦେଖ, ତାହା ତାଙ୍କରି ଦୟା, ନିଃସହାୟ ଜୀବନ ରକ୍ଷା କରିବା ପାଇଁ ଦେଇଛନ୍ତି । ତୁମେ ଦୟା କର ବା ନ କର ଯେ କୌଣସି ନା କୌଣସି ସୂତ୍ରରେ ତାଙ୍କ କାର୍ଯ୍ୟ କରିବେ । ତାଙ୍କ କାର୍ଯ୍ୟ ଅଟକି ରହେ ନାହିଁ ।

''ଅତଏବ ଜୀବନର କର୍ତ୍ତବ୍ୟ କଅଣ ? ତାଙ୍କର ଶରଣାଗତ ହେବା, ତାଙ୍କୁ ଯେପରି ଲାଭ କରିବା, ଦର୍ଶନ କରିବା ହୁଏ, ସେଥିପାଇଁ ବ୍ୟାକୁଳ ହୋଇ ତାଙ୍କ ପାଖରେ ପ୍ରାର୍ଥନା କରିବା ।''

## ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ

''ଶମ୍ଭୁ କହିଥିଲେ, ମୋର ଇଚ୍ଛା ଯେ କେତେଗୁଡ଼ିଏ ଡିସ୍‌ପେନ୍‌ସାରୀ, ହାସ୍‌ପାତାଳ କରିଦେବି, ତାହାହେଲେ ଗରିବମାନଙ୍କର ଅନେକ ଉପକାର ହେବ । ମୁଁ କହିଲି, ହଁ ଅନାସକ୍ତ ହୋଇ ଯଦି ଏହିସବୁ କର, ତେବେ ମନ୍ଦ ନୁହେଁ । କିନ୍ତୁ ଈଶ୍ୱରଙ୍କ ପ୍ରତି ଆନ୍ତରିକ ଭକ୍ତି ନଥିଲେ ଅନାସକ୍ତ ହେବା ବଡ଼ କଠିନ । ଅନେକ କାମ ଜୁଟାଇଲେ କେଉଁ ଦିଗରୁ ଆସକ୍ତି ଆସିଯାଏ, ଜାଣି ହୁଏ ନାହିଁ ।

ଭାବୁଛି ନିଷ୍କାମ ଭାବରେ କରୁଛି, କିନ୍ତୁ ହୁଏତ ଯଶ ପାଇଁ ଇଛା ହୋଇଛି, ନାମ କରିବା ପାଇଁ ଇଛା ହୋଇଛି । ବେଶି କର୍ମ କରିବାକୁ ଗଲେ, କର୍ମ—ଚାପରେ ଈଶ୍ୱରଙ୍କୁ ଭୁଲିଯାଏ । ଆଉ କହିଲି ଶମ୍ଭୁ ! ତୁମକୁ ଗୋଟିଏ କଥା ପଚାରୁଛି, ଯଦି ଈଶ୍ୱର ତୁମ ପାଖକୁ ଆସି ଦେଖା ଦିଅନ୍ତି, ତା' ହେଲେ ତୁମେ ତାଙ୍କୁ ଚାହିଁବ ନା କେତେଗୁଡ଼ିଏ ଡିସ୍‌ପେନ୍‌ସାରୀ ବା ହାସପାତାଳ ଚାହିଁବ ? ତାଙ୍କୁ ପାଇଲେ ଅନ୍ୟ କିଛି ଭଲ ଲାଗେ ନାହିଁ । ମିଶ୍ରି ପଣା ପିଇଲେ ପାଣିଆ ଗୁଡ଼ର ପଣା ଆଉ ଭଲ ଲାଗେ ନାହିଁ ।

"ଯେଉଁମାନେ ହାସ୍‌ପାତାଳ, ଡିସେପେନ୍‌ସାରୀ କରିବେ ଆଉ ଏଥିରେ ଆନନ୍ଦ ପାଇବେ ସେମାନେ ବି ଭଲ ଲୋକ; କିନ୍ତୁ ଶ୍ରେଣୀ ଅଲଗା । ଯେ ଶୁଦ୍ଧ ଭକ୍ତ ସେ ଈଶ୍ୱରଙ୍କ ବ୍ୟତୀତ କିଛି ଚାହେଁ ନାହିଁ, ବେଶି କର୍ମ ଭିତରେ ଯଦି ସେ ପଡ଼େ, ସେ ବ୍ୟାକୁଳ ହୋଇ ପ୍ରାର୍ଥନା କରେ, ହେ ଈଶ୍ୱର, କୃପାକରି ମୋର କର୍ମ କମାଇ ଦିଅ, ତା' ନହେଲେ ଯେଉଁ ମନ ତୁମଠାରେ ଦିନରାତି ଲାଗି ରହନ୍ତା, ସେହି ମନର ବାଜେ ଖରଚ ହୋଇ ଯାଉଛି; ସେହି ମନରେ ବିଷୟ ଚିନ୍ତା କରାଯାଉଛି । ଶୁଦ୍ଧା ଭକ୍ତିର ଶ୍ରେଣୀ ଗୋଟିଏ ଅଲଗା ଶ୍ରେଣୀ । ଈଶ୍ୱର ସବୁ ବସ୍ତୁ ଆଉ ସବୁ ଅବସ୍ଥା, ଏପରି ବୋଧ ନହେଲେ ଶୁଦ୍ଧା ଭକ୍ତି ହୁଏ ନାହିଁ । ଏହି ସଂସାର ଅନିତ୍ୟ, ଦୁଇଦିନ ପାଇଁ, ଆଉ ଏଇ ସଂସାରରେ ଯିଏ କର୍ତ୍ତା, ସେ ହିଁ କେବଳ ସତ୍ୟ, ନିତ୍ୟ; ଏହି ବୋଧ ନହେଲେ ଶୁଦ୍ଧାଭକ୍ତି ହୁଏ ନାହିଁ ।

"ଜନକାଦି ପ୍ରତ୍ୟାଦିଷ୍ଟ ହୋଇ କର୍ମ କରିଛନ୍ତି ।"

## (୪)

## ଆଗେ ବିଦ୍ୟା ନା ଆଗେ ଈଶ୍ୱର ?

ଶ୍ରୀରାମକୃଷ୍ଣ(ବଙ୍କିମଙ୍କ ପ୍ରତି)—କେହି କେହି ମନେ କରନ୍ତି ଶାସ୍ତ୍ର ନ ପଢ଼ିଲେ, ବହି ନ ପଢ଼ିଲେ ଈଶ୍ୱର ଲାଭ ହୁଏ ନାହିଁ । ସେମାନେ ମନେ କରନ୍ତି, ଆଗେ ଜୀବର ବିଷୟ ଜାଣିବାକୁ ହୁଏ, ଆଗେ ସାୟିନ୍‌ସ ପଢ଼ିବାକୁ ହୁଏ । (ସମସ୍ତଙ୍କର ହାସ୍ୟ) । ସେମାନେ କହନ୍ତି ଈଶ୍ୱରଙ୍କ ସୃଷ୍ଟି ପ୍ରଭୃତିଙ୍କୁ ନ ବୁଝିଲେ ଈଶ୍ୱରଙ୍କୁ ଜଣାଯାଏ ନାହିଁ । ତୁମେ କ'ଣ କହୁଛ ? ଆଗେ ସାୟିନ୍‌ସ ନା ଆଗେ ଈଶ୍ୱର ?

ବଙ୍କିମ—ହଁ, ଆମକୁ ପାଞ୍ଚଟା ଜାଣିବାକୁ ହୁଏ, ଜଗତର ବିଷୟ । ଏପଟର ଜ୍ଞାନ କିଛିଟା ନ ହେଲେ ଈଶ୍ୱରଙ୍କୁ ଜାଣିବୁ କିପରି ? ଆଗେ ପଢ଼ାଶୁଣା କରି ଜାଣିବାକୁ ହୁଏ ।

ଶ୍ରୀରାମକୃଷ୍ଣ—ତୁମମାନଙ୍କର ସେହି ଏକା କଥା । ଆଗେ ଈଶ୍ୱର, ତା ପରେ ସୃଷ୍ଟି । ତାଙ୍କୁ ଲାଭ କଲେ ଦରକାର ପଡ଼ିଲେ ସବୁ ଜାଣି ପାରିବ ।

"ଯଦି କୌଣସି ମତେ ଯଦୁ ମଲ୍ଲିକଙ୍କ ସଙ୍ଗରେ ଆଳାପ କରିପାର, ତା'ହେଲେ ଯଦି ତୁମର ଇଛା ଥାଏ, ଯଦୁ ମଲ୍ଲିକଙ୍କ କେତୋଟି ଘର, କେତେ କମ୍ପାନୀର କାଗଜ, କେତୋଟି ବଗିଚା, ଏହା ମଧ୍ୟ ଜାଣିପାରିବ । ଯଦୁ ମଲ୍ଲିକ ନିଜେ କହିଦେବେ । କିନ୍ତୁ ଯଦି ତାଙ୍କ ସାଙ୍ଗରେ ଆଳାପ ନ ହୁଏ, ଘରେ ପ୍ରବେଶ କରିବାକୁ ଗଲେ ଦରୁଆନ୍ ଯଦି ପ୍ରବେଶ କରିବାକୁ ନ ଦିଏ ତାହେଲେ କେତୋଟି ଘର, କେତେ କମ୍ପାନୀର କାଗଜ, କେତୋଟି ବଗିଚା, ଏସବୁ ସଠିକ୍ ଖବର କିପରି ଜାଣିବ ? ତାଙ୍କୁ ଜାଣିଲେ ସବୁ ଜଣାଯାଏ,[୧] କିନ୍ତୁ ତା ପରେ ସାମାନ୍ୟ ବିଷୟ ଜାଣିବାର ଆଉ ଆକାଂକ୍ଷା ଆଉ ରହେ ନାହିଁ । ବେଦରେ ଏହି କଥା ଅଛି । ଯେ ପର୍ଯ୍ୟନ୍ତ ଲୋକଟିକୁ ଦେଖା ନଯାଏ; ସେ ପର୍ଯ୍ୟନ୍ତ ତା'ର ଗୁଣର କଥା କୁହାଯାଏ; ସାମ୍ନାକୁ ଆସିଲେ, ସେ ସବୁ କଥା ବନ୍ଦ ହୋଇଯାଏ । ଲୋକେ ତାକୁ ନେଇ ବ୍ୟସ୍ତ ରହନ୍ତି, ତା ସଙ୍ଗରେ ଆଳାପ କରି ବିହ୍ୱଳ ହୁଅନ୍ତି, ସେତେବେଳେ ଅନ୍ୟକଥା ନଥାଏ ।

"ଆଗେ ଈଶ୍ୱର ଲାଭ,[୨] ତାପରେ ସୃଷ୍ଟି ବା ଅନ୍ୟ କଥା । ବାଲ୍ମୀକିଙ୍କୁ ରାମ-ମନ୍ତ୍ର ଜପ କରିବାକୁ ଦିଆଗଲା, କିନ୍ତୁ ତାଙ୍କୁ କୁହାଗଲା, 'ମରା' 'ମରା' ଜପ କର । 'ମ' ମାନେ ଈଶ୍ୱର ଆଉ 'ରା' ମାନେ ଜଗତ । ଆଗେ ଈଶ୍ୱର ତା'ପରେ ଜଗତ, ଏକକୁ ଜାଣିଲେ ସବୁ ଜଣାଯାଏ । '୧' ପରେ ଯଦି ପଚାଶଟା ଶୂନ ଥାଏ ଅନେକ ହୋଇଯାଏ । ୧କୁ ଲିଭାଇ ଦେଲେ ଆଉ କିଛି ରହେ ନାହିଁ । ୧କୁ ନେଇ ଅନେକ ।

ଆଗେ ୧ ତା'ପରେ ଅନେକ; ଆଗେ ଈଶ୍ୱର[୩] ତା'ପରେ ଜୀବଜଗତ ।

"ତୁମର ଦରକାର ଈଶ୍ୱରଙ୍କୁ ଲାଭ କରିବା ।

ତୁମେ ଏତେ ଜଗତ, ସୃଷ୍ଟି, ସାୟିନ୍ସ ଫାୟିନ୍ସ ଏସବୁ କରୁଛ କାହିଁକି ? ତୁମର ଆମ୍ବ ଖାଇବା ଦରକାର । ବଗିଚାରେ କେତେଶହ ଆମ୍ବ ଗଛ, କେତେ ହଜାର ଡାଳ, କେତେ ଲକ୍ଷ କୋଟି ପତ୍ର, ଏସବୁ ଖବରରେ ତୁମର କାମ କଅଣ ? ତୁମେ ଆମ୍ବ ଖାଇବାକୁ ଆସିଛ, ଆମ୍ବ ଖାଇଯାଅ । ଏ ସଂସାରକୁ

---

୧. ତସ୍ମିନ ବିଜ୍ଞାତେ ସର୍ବମିଦଂ ବିଜ୍ଞାତମ୍ ଭବତି ।

୨. ମନୁଷ୍ୟ ଜୀବନର ଉଦ୍ଦେଶ୍ୟ (End of Life) ଈଶ୍ୱର ଲାଭ ।

୩. ଆଗେ ଈଶ୍ୱର-Seek ye first the Kingdom of Heaven and all other things shall be added unto you-Jesus.

ମନୁଷ୍ୟ ଆସିଛି ଭଗବାନଙ୍କ ଲାଭ ପାଇଁ । ସେଇଟି ଭୁଲି ନାନା ବିଷୟରେ ମନ ଦେବା ଭଲ ନୁହେଁ । ଆମ୍ବ ଖାଇବାକୁ ଆସିଛ ଆମ୍ବ ଖାଇଯାଅ ।''

ବଙ୍କିମ—ଆମ୍ବ ପାଉଛୁ କେଉଁଠୁ ?

ଶ୍ରୀରାମକୃଷ୍ଣ—ତାଙ୍କୁ ବ୍ୟାକୁଳ ହୋଇ ପ୍ରାର୍ଥନା କର । ଆନ୍ତରିକ ହେଲେ ସେ ନିଶ୍ଚୟ ଶୁଣିବେ । ହୁଏତ ଏପରି କୌଣସି ସତ୍‌ସଙ୍ଗ ଜୁଟାଇ ଦେଲେ ଯାହା ଯୋଗୁ ସବୁ ସୁବିଧା ହୋଇଗଲା । କେହି ହୁଏତ କହିଦେବ, ଏପରି କଲେ ଈଶ୍ୱରଙ୍କୁ ପାଇବ ।

ବଙ୍କିମ—କିଏ ? ଗୁରୁ ! ସେ ନିଜେ ଭଲ ଆମ୍ବ ଖାଇ, ମୋତେ ଖରାପ ଆମ୍ବ ଦିଅନ୍ତି । (ହାସ୍ୟ) ।

ଶ୍ରୀରାମକୃଷ୍ଣ—କାହିଁକି ହେ ! ଯାହାର ଯାହା ପେଟରେ ସହିବ । ସମସ୍ତେ କଅଣ ପଲାଉ-କାଲିଆ ଖାଇ ହଜମ କରିପାରନ୍ତି ? ଘରକୁ ମାଛ ଆସିଲେ ମା' ସବୁ ପୁଅଙ୍କୁ ପଲାଉ କିମ୍ବା କାଲିଆ ଦିଅନ୍ତି ନାହିଁ । ଯିଏ ଦୁର୍ବଳ, ଯାହାର ପେଟ ଖରାପ, ତାକୁ ମାଛର ଝୋଳ ଦିଅନ୍ତି, ସେଥିପାଇଁ କଅଣ ମା' ସେ ପୁଅକୁ କମ୍ ଭଲ ପାଆନ୍ତି ?

## ଈଶ୍ୱର ଲାଭର ଉପାୟ—ବ୍ୟାକୁଳତା, ବାଳକର ବିଶ୍ୱାସ

''ଗୁରୁବାକ୍ୟରେ ବିଶ୍ୱାସ କରିବାକୁ ହୁଏ । ଗୁରୁ ହିଁ ସଚ୍ଚିଦାନନ୍ଦ, ସଚ୍ଚିଦାନନ୍ଦ ହିଁ ଗୁରୁ, ତାଙ୍କ କଥା ବିଶ୍ୱାସ କଲେ—ବାଳକ ପରି ବିଶ୍ୱାସ କଲେ—ଈଶ୍ୱରଲାଭ ହୁଏ । ବାଳକର କିପରି ବିଶ୍ୱାସ ! ମା' କହିଛି, 'ସେ ତୋର ଭାଇ ହୁଏ' , ଠିକ୍ ଜାଣିଛି, 'ସେ ମୋର ଭାଇ ।' ଏକାବେଳକେ ଷୋଳଅଣା ବିଶ୍ୱାସ ! ହୁଏତ ସେ ବ୍ରାହ୍ମଣ ପିଲା, ଭାଇ ହୁଏତ କମାର ପିଲା । ମା' କହିଛି, ସେ ଘରେ ଭୂତ । ସେତିକିରେ ଜାଣିଛି, ସତରେ ସେ ଘରେ ଭୂତ । ଏହି ବାଳକ ଭଳି ବିଶ୍ୱାସ; ଗୁରୁବାକ୍ୟରେ ଏହିପରି ବିଶ୍ୱାସ ଦରକାର । ସିଆଣା ବୁଦ୍ଧି, ହିସାବୀ ବୁଦ୍ଧି, ବିଚାର ବୁଦ୍ଧି କଲେ ଈଶ୍ୱର ଲାଭ ହୁଏ ନାହିଁ । ବିଶ୍ୱାସ ଆଉ ସରଳତା, କପଟୀ ହେଲେ ହେବ ନାହିଁ । ସରଳ ପାଖରେ ସେ ଖୁବ୍ ସହଜ । କପଟୀଠାରୁ ଅନେକ ଦୂରରେ ।

''ବାଳକ ଯେପରି ମାଆକୁ ନ ଦେଖିଲେ ବାଟବଣା ହୋଇଯାଏ,ସନ୍ଦେଶ ମିଠାଇ ହାତରେ ଦେଇ ଭୁଲାଇବାକୁ ଯାଅ, କିଛି ଚାହେଁ ନାହିଁ, କୌଣସିଥିରେ ଭୁଲେ ନାହିଁ, କହେ, 'ନା, ମୁଁ ମା' ପାଖକୁ ଯିବି' । ସେହିପରି ଈଶ୍ୱରଙ୍କ ପାଇଁ ବ୍ୟାକୁଳତା ଦରକାର । ଆହା ! କିପରି ଅବସ୍ଥା ! ବାଳକ ଯେପରି ମା' ମା' କହି ପାଗଳ ହୁଏ । କୌଣସିଥିରେ ଭୁଲେ ନାହିଁ । ଯାହାକୁ ସଂସାରରେ ଏ ସବୁ 'ସୁଖ' ଭୋଗ ଅଲଣା ଲାଗେ, ଯାହାକୁ ଆଉ କିଛି ଭଲ ଲାଗେ ନାହିଁ—ଟଙ୍କା, ମାନ,

ଦେହସୁଖ, ଇନ୍ଦ୍ରିୟସୁଖ, ଯାହାକୁ କିଛି ଭଲ ଲାଗେ ନାହିଁ, ସେ ଆନ୍ତରିକ ମା' ମା' କହି କାତର ହୁଏ । ତାହା ପାଇଁ ମା'କୁ ସବୁ କାମ ଛାଡ଼ି ଦୌଡ଼ିଆସିବାକୁ ହୁଏ ।''

''ଏହିପରି ବ୍ୟାକୁଳତା । ଯେଉଁ ପଥରେ ଯାଅ, ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିୟାନ, ଶାକ୍ତ, ବ୍ରହ୍ମଜ୍ଞାନୀ—ଯେଉଁ ପଥରେ ଯାଅ, ସେଇ ବ୍ୟାକୁଳତା ନେଇ କଥା । ସେ ତ ଅନ୍ତର୍ଯ୍ୟାମୀ, ଭୁଲ୍ ପଥରେ ଚାଲିଗଲେ ମଧ୍ୟ ଦୋଷ ନାହିଁ—ଯଦି ବ୍ୟାକୁଳତା ଥାଏ ସେ ପୁଣି ଭଲ ପଥକୁ ଟାଣିନେବ ।

''ସବୁ ପଥରେ ଭୁଲ ଅଛି—ସମସ୍ତେ ମନେ କରନ୍ତି ମୋର ଘଡ଼ି ଠିକ୍ ଚାଲିଛି, ଆଉ କାହାର ଠିକ୍ ଚାଲୁନାହିଁ । ସେଥିପାଇଁ କାହାର କାମ ଅଟକୁ ନାହିଁ । ବ୍ୟାକୁଳତା ଥିଲେ ସାଧୁସଙ୍ଗ ଜୁଟିଯାଏ, ସାଧୁସଙ୍ଗରେ ନିଜ ଘଡ଼ି ଯଥାସମ୍ଭବ ଠିକ୍ କରି ନେଇହୁଏ ।

## (୫)

## ଶ୍ରୀରାମକୃଷ୍ଣ କୀର୍ତ୍ତନାନନ୍ଦରେ

ବ୍ରାହ୍ମସମାଜରେ ଶ୍ରୀଯୁକ୍ତ ତ୍ରୈଲୋକ୍ୟ ଗୀତ ଗାଉଛନ୍ତି ।

ଠାକୁର ଶ୍ରୀରାମକୃଷ୍ଣ କୀର୍ତ୍ତନ ଶୁଣୁ ଶୁଣୁ ହଠାତ୍ ଦଣ୍ଡାୟମାନ ହୋଇ ଈଶ୍ୱରାବେଶରେ ବାହ୍ୟଜ୍ଞାନ ଶୂନ୍ୟ ହେଲେ । ଏକାବେଳକେ ଅନ୍ତର୍ମୁଖ, ସମାଧିସ୍ଥ । ଠିଆହୋଇ ସମାଧିସ୍ଥ । ସମସ୍ତେ ବେଷ୍ଟନ କରି ଠିଆ ହୋଇଛନ୍ତି । ବଙ୍କିମ ବ୍ୟସ୍ତ ହୋଇ ଭିଡ଼ ଭିତରେ ଯାଇ ପାଖରେ ଏକ ଦୃଷ୍ଟିରେ ଦେଖୁଛନ୍ତି । ସେ ସମାଧି କେବେ ହେଲେ ଦେଖିନାହାନ୍ତି ।

କିଛିକ୍ଷଣ ପରେ ଟିକିଏ ବାହ୍ୟ ଜ୍ଞାନ ଫେରିବା ପରେ ଠାକୁରେ ପ୍ରେମରେ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ, ଯେପରି ଶ୍ରୀଗୌରାଙ୍ଗ ଶ୍ରୀନିବାସଙ୍କ ମନ୍ଦିରରେ ଭକ୍ତଙ୍କ ସଙ୍ଗରେ ନୃତ୍ୟ କରୁଛନ୍ତି । ସେ ଅଦ୍ଭୁତ ନୃତ୍ୟ ! ବଙ୍କିମ ପ୍ରଭୃତି ସବୁ ଇଂରାଜୀ ପଢ଼ା ଲୋକ ସବୁ ଦେଖି ଆବାକ୍ । କି ଆଶ୍ଚର୍ଯ୍ୟ ! ଏହାର ନାମ କଅଣ ପ୍ରେମାନନ୍ଦ ? ଈଶ୍ୱରଙ୍କୁ ଭଲ ପାଇଲେ ମଣିଷ କଅଣ ଏତେ ଉନ୍ମତ୍ତ ହୁଏ ? ଏହିପରି କଅଣ ନବଦ୍ୱୀପରେ ଶ୍ରୀଗୌରାଙ୍ଗ କରିଥିଲେ ? ଏହିପରି କଅଣ ସେ ନବଦ୍ୱୀପରେ ଓ ଶ୍ରୀକ୍ଷେତ୍ରରେ ପ୍ରେମର ହାଟ ବସାଇଥିଲେ ? ଏହା ଭିତରେ ତ ଲୋକ ଦେଖାଣିଆ ଭାବ ହୋଇପାରେ ନାହିଁ । ଇଏ ସର୍ବତ୍ୟାଗୀ, ଏହାଙ୍କର ଟଙ୍କା, ନାମ, ଯଶ, କିଛି ଦରକାର ନାହିଁ । ଏହା କଅଣ ଜୀବନର ଉଦ୍ଦେଶ୍ୟ ? ଏବେ ଉପାୟ କଅଣ ? ଇଏ କହିଲେ, ମାଆ ପାଇଁ ସବୁଭୁଲି ବ୍ୟାକୁଳ ହେବା, ବ୍ୟାକୁଳତା, ପ୍ରେମହିଁ ଉପାୟ, ପ୍ରେମହିଁ ଉଦ୍ଦେଶ୍ୟ । ଠିକ୍ ପ୍ରେମ ହେଲେ ଦର୍ଶନ ହୁଏ ।

ଭକ୍ତମାନେ ଏହିପରି ଚିନ୍ତାକରିବାକୁ ଲାଗିଲେ ଓ ସେହି ଅଦ୍ଭୁତ ଦେବଦୁର୍ଲଭ ନୃତ୍ୟ ଓ କୀର୍ତ୍ତନାନନ୍ଦ ଦେଖିବାକୁ ଲାଗିଲେ । ଠାକୁର ଶ୍ରୀରାମକୃଷ୍ଣଙ୍କ ଚାରିପାଖରେ ସମସ୍ତେ ଦଣ୍ଡାୟମାନ ହୋଇ ଏକ ଦୃଷ୍ଟିରେ ଦେଖୁଛନ୍ତି ।

କୀର୍ତ୍ତନାନ୍ତେ ଠାକୁର ଭୂମିଷ୍ଠ ହୋଇ ପ୍ରଣାମ କରୁଛନ୍ତି । 'ଭାଗବତ-ଭକ୍ତ-ଭଗବାନ' ଏହି କଥା ଉଚ୍ଚାରଣ କରୁଛନ୍ତି, ଜ୍ଞାନୀ-ଯୋଗୀ-ଭକ୍ତ ସମସ୍ତଙ୍କ ଚରଣରେ ପ୍ରଣାମ ।

ପୁଣି ସମସ୍ତେ ଫେରି ଆସନ ଗ୍ରହଣ କଲେ ।

## (୬)

## ଶ୍ରୀଯୁକ୍ତ ବଙ୍କିମ ଓ ଭକ୍ତିଯୋଗ—ଈଶ୍ୱର ପ୍ରେମ

ବଙ୍କିମ (ଠାକୁରଙ୍କ ପ୍ରତି)—ମହାଶୟ, ଭକ୍ତି କିପରି ହୁଏ ?

ଶ୍ରୀରାମକୃଷ୍ଣ—ବ୍ୟାକୁଳତା । ପିଲା ଯେପରି ମା'କୁ ନ ଦେଖି ଅସହାୟ ମନେକରି ମା'କୁ ଦେଖିବାକୁ କାନ୍ଦେ, ସେହିପରି ବ୍ୟାକୁଳ ହୋଇ ଈଶ୍ୱରଙ୍କ ପାଇଁ କାନ୍ଦିଲେ ତାଙ୍କୁ ମଧ ଲାଭ କରାଯାଏ ।

"ଅରୁଣୋଦୟ ହେଲେ ପୂର୍ବଦିଗ ଲାଲ ହୁଏ, ସେତେବେଳେ ବୁଝାଯାଏ ଯେ, ସୂର୍ଯ୍ୟୋଦୟ ହେବାପାଇଁ ଆଉ ଡେରି ନାହିଁ । ସେହିପରି ଯଦି କାହାର ଈଶ୍ୱରଙ୍କ ପାଇଁ ପ୍ରାଣ ବ୍ୟାକୁଳ ହେବାର ଦେଖାଯାଏ, ସେତେବେଳେ ବେଶ୍ ବୁଝିହୁଏ ଯେ, ଏ ବ୍ୟକ୍ତିର ଈଶ୍ୱର ଲାଭ ଆଉ ବେଶୀ ଡ଼େରି ନାହିଁ ।

"ଜଣେ ଗୁରୁଙ୍କୁ ପଚାରିଲା, ଆଜ୍ଞା, ଈଶ୍ୱରଙ୍କୁ ପାଇବାର ଉପାୟ ବତେଇ ଦିଅନ୍ତୁ । ଗୁରୁ କହିଲେ, ଆସ ମୁଁ ତୁମକୁ ବତେଇ ଦେବି । ଏହା କହି ତାଙ୍କୁ ସାଥିରେ ନେଇ ଗୋଟିଏ ପୋଖରୀ ପାଖକୁ ନେଇଗଲେ । ଦୁଇଜଣଯାକ ପାଣିରେ ପଶିଲେ, ଏପରି ସମୟରେ ହଠତ୍ ଗୁରୁ ଶିଷ୍ୟକୁ ପାଣି ଭିତରେ ଚାପି ଧରିଲେ । କିଛିକ୍ଷଣ ପରେ ଛାଡ଼ିଦେବାରୁ ଶିଷ୍ୟ ମୁଣ୍ଡ ଟେକି ଠିଆହେଲା । ଗୁରୁ ପଚାରିଲେ ତୁମକୁ କିପରି ବୋଧ ହେଉଥିଲା ? ଶିଷ୍ୟ କହିଲା, ପ୍ରାଣ ଛାଡ଼ିଯିବା ପରି ବୋଧ ହେଉଥିଲା, ପ୍ରାଣ ଆଉଟୁ ପାଉଟୁ ହେଉଥିଲା । ସେତେବେଳେ ଗୁରୁ କହିଲେ ଈଶ୍ୱରଙ୍କ ପାଇଁ ଯେତେବେଳେ ପ୍ରାଣ ଆଉଟୁ ପାଉଟୁ କରିବ, ସେତେବେଳେ ଜାଣିବ ଯେ, ତାଙ୍କର ସାକ୍ଷାତ୍କାର ପାଇଁ ଆଉ ଡେରି ନାହିଁ ।

"ତୁମକୁ କହୁଛି, ଉପରେ ଭାସିଲେ କଅଣ ହେବ ? ଗଭୀର ଜଳ ତଳେ ରତ୍ନ ଅଛି, ପାଣି ଉପରେ ହାତ ଗୋଡ଼ ଛାଟିଲେ କଅଣ ହେବ ? ଅସଲ ମାଣିକ ଭାରି ହୁଏ, ପାଣିରେ ଭାସେ ନାହିଁ, ବୁଡ଼ିଯାଇ ପାଣି ତଳେ ଥାଏ । ଅସଲ ମାଣିକ ପାଇବାକୁ ହେଲେ ପାଣି ଭିତରେ ବୁଡ଼ିବାକୁ ହେବ ।"

ବଙ୍କିମ—ଆଜ୍ଞା, କଅଣ କରିବି ପଛରେ ଶୋଲ ବନ୍ଧା ଅଛି । (ସମସ୍ତଙ୍କର ହାସ୍ୟ) ବୁଡ଼ି ହୁଏ ନାହିଁ ।

ଶ୍ରୀରାମକୃଷ୍ଣ—ତାଙ୍କୁ ସ୍ମରଣ କଲେ ସବୁ ପାପ କଟିଯାଏ । ତାଙ୍କ ନାମରେ କାଳଫାଶ କଟିଯାଏ । ବୁଡ଼ିବାକୁ ହେବ ତା' ନହେଲେ ରତ୍ନ ମିଳିବ ନାହିଁ । ଗୋଟିଏ ଗୀତ ଶୁଣ—

ବୁଡ଼ଦିଅ ରୂପସାଗରେ ମୋହର ମନ ।
ତଳେ, ପାତାଳେ ପାଇବ ପ୍ରେମ-ରତ୍ନଧନ ॥
ଖୋଜିଲେ ପାଇବ ହୃଦୟ ମଝିରେ ବୃନ୍ଦାବନ ।
ଦିକ୍ ଦିକ୍ କରି ହୃଦୟେ ଜଳିବ ଜ୍ଞାନବତୀ ଅନୁକ୍ଷଣ ॥
ମାଟି ଉପରେ ଚଳାଏ ଡଙ୍ଗା କିଏ ସେ ଜନ ।
କୁବୀର କହେ ଶୁଣ ଶୁଣ, ଧ୍ୟାୟ ଗୁରୁ ଶ୍ରୀଚରଣ ॥

ଠାକୁରେ ତାଙ୍କର ସେହି ଦେବଦୁର୍ଲଭ ମଧୁର କଣ୍ଠରେ ଏହି ଗୀତଟି ଗାଇଲେ । ସଭାସ୍ଥ ସମସ୍ତ ଲୋକ ଆକୃଷ୍ଟ ହୋଇ ମନଯୋଗ ଦେଇ ଶୁଣିବାକୁ ଲାଗିଲେ । ଗୀତ ସମାପ୍ତ ହେବାରୁ ପୁଣି କଥା ଆରମ୍ଭ ହେଲା ।

ଶ୍ରୀରାମକୃଷ୍ଣ(ବଙ୍କିମଙ୍କ ପ୍ରତି)—କେହି କେହି ବୁଡ଼ିବାକୁ ଚାହାନ୍ତି ନାହିଁ । ସେମାନେ କହନ୍ତି, ବେଶି ଈଶ୍ୱର ଈଶ୍ୱର କରି କଅଣ ଶେଷ କାଳରେ ପାଗଳ ହୋଇଯିବି ? ଈଶ୍ୱରଙ୍କ ପ୍ରେମରେ ମତ୍ତ ବ୍ୟକ୍ତିମାନଙ୍କୁ ସେମାନେ କହନ୍ତି ଯେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଛି । କିନ୍ତୁ ଏହି ସବୁ ଲୋକମାନେ ଏହା ବୁଝନ୍ତି ନାହିଁ ଯେ, ସଚ୍ଚିଦାନନ୍ଦ ଅମୃତର ସାଗର ।

''ମୁଁ ନରେନ୍ଦ୍ରକୁ କହିଥିଲି, ମନେକର ଯେ, ଗୋଟିଏ ସରାରେ ସରାଏ ରସ ଅଛି, ଆଉ ତୁ ମାଛି ହୋଇଛୁ; ତୁ କେଉଁଠାରେ ବସି ରସ ଖାଇବୁ ? ନରେନ୍ଦ୍ର କହିଲା କଡ଼ରେ ବସି ମୁହଁ ବଢ଼ାଇ ଖାଇବି । ମୁଁ କହିଲି କାହିଁକି ? ମଝିରେ ଯାଇ ବୁଡ଼ିକରି ଖାଇଲେ ଦୋଷ କଅଣ ? ନରେନ୍ଦ୍ର କହିଲା, ତା' ହେଲେ ରସରେ ଲାଖିଯାଇ ମରିଯିବି । ସେତେବେଳେ ମୁଁ କହିଲି ବାବା ସଚ୍ଚିଦାନନ୍ଦ—ରସ ସେପରି ନୁହେଁ, ଏହି ରସ ଅମୃତରସ, ଏଥିରେ ବୁଡ଼ିଲେ ମନୁଷ୍ୟ ମରେ ନାହିଁ, ଅମର ହୁଏ ।''

''ତେଣୁ କହୁଛି ବୁଡ଼ ମାର । କିଛି ଭୟ ନାହିଁ, ବୁଡ଼ିଲେ ଅମର ହୁଅନ୍ତି ।''

ଏଥର ବଙ୍କିମ ଠାକୁରଙ୍କୁ ପ୍ରଣାମ କଲେ—ବିଦାୟ ଗ୍ରହଣ କରିବେ ।

ବଙ୍କିମ—ମହାଶୟ ମୋତେ ଯେତେ ନିର୍ବୋଧ ମନେ କରିଛନ୍ତି ମୁଁ ସେତେ ନୁହେଁ । ଗୋଟିଏ ପ୍ରାର୍ଥନା ଅଛି—ଅନୁଗ୍ରହ କରି କୁଟୀରରେ ଥରେ ପଦଧୂଳି—

ଶ୍ରୀରାମକୃଷ୍ଣ—ଭଲହେବ, ଈଶ୍ୱରଙ୍କ ଇଚ୍ଛା ହେଲେ ଯିବି ।

ବଙ୍କିମ—ସେଠାରେ ବି ଦେଖିବେ ଭକ୍ତ ଅଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—କଅଣ ହେ ! ସେଠାରେ କିପରି ଭକ୍ତ ? ଯେଉଁମାନେ ଗୋପାଳ, ଗୋପାଳ, କେଶବ, କେଶବ କହିଥିଲେ, ସେମାନଙ୍କ ଭଳି କି ? (ସମସ୍ତଙ୍କର ହାସ୍ୟ) ।

ଜଣେ ଭକ୍ତ—ମହାଶୟ, ଗୋପାଳ, ଗୋପାଳ ଗଳ୍ପଟି କଅଣ ?

ଶ୍ରୀରାମକୃଷ୍ଣ(ହସି ହସି)—ତେବେ ଗଳ୍ପଟି କହୁଛି ଶୁଣ । ଗୋଟିଏ ଜାଗାରେ ବଣିଆ ମାନଙ୍କର ଦୋକାନ ଅଛି । ସେମାନେ ପରମ ବୈଷ୍ଣବ, ଗଳାରେ ମାଳା, ତିଳକ ଚିତା, ହାତରେ ହରି ନାମର ଝୁଲି ଆଉ ମୁହଁରେ ସର୍ବଦା ହରିନାମ । ସାଧୁ କହିଲେ ଚଳେ, ତେବେ ପେଟ ପାଇଁ ବଣିଆ କାମ କରୁଛନ୍ତି; ସ୍ତ୍ରୀ ଓ ପିଲାମାନଙ୍କୁ ତ ଖୁଆଇବାକୁ ହେବ । ପରମ ବୈଷ୍ଣବ, ଏହି କଥା ଶୁଣି ଅନେକ ଗରାଖ ସେମାନଙ୍କ ଦୋକାନକୁ ଆସନ୍ତି; କାହିଁକି ନା ସେମାନେ ଜାଣନ୍ତି ଯେ ଏମାନଙ୍କ ଦୋକାନରେ ସୁନା-ରୁପା ଗୋଳମାଳ ହେବ ନାହିଁ । ଗରାଖମାନେ ଦୋକାନକୁ ଯାଇ ଦେଖନ୍ତି ଯେ, ମୁହଁରେ ହରିନାମ କରୁଛନ୍ତି, ଆଉ ବସି କାମଦାମ କରୁଛନ୍ତି । ଗରାଖ ଯାଇ ବସିଲେ, ଜଣେ କହିଉଠେ, 'କେଶବ ! କେଶବ ! କେଶବ !' କିଛି କ୍ଷଣ ପରେ ଆଉ ଜଣେ କହିଉଠେ, ଗୋପାଳ ! ଗୋପାଳ ! ଗୋପାଳ ! ପୁଣି ଟିକିଏ କଥାବାର୍ତ୍ତା ନ ହେଉଣୁ ଅନ୍ୟ ଜଣେ କହିଉଠେ—ହରି ! ହରି ! ହରି !' ଗହଣା ଗଢ଼ିବା କଥା ଯେତେବେଳେ ଏକପ୍ରକାର ଶେଷ ହେଲା, ସେତେବେଳେ ଆଉ ଜଣେ କହିଉଠେ 'ହର ! ହର ! ହର ! ହର !' ଅତଏବ ଏତେ ଭକ୍ତି ପ୍ରେମ ଦେଖି ବଣିଆମାନଙ୍କ ପାଖରେ ଟଙ୍କା ପଇସା ଦେଇ ଗରାଖ ନିଶ୍ଚିତ ହେଲେ; ଜାଣିଲେ ଯେ ଏମାନେ କେବେହେଲେ ଠକିବେ ନାହିଁ ।

" କିନ୍ତୁ କଥା କ'ଣ ଜାଣ ? ଗରାଖମାନେ ଆସିବାପରେ ଯେ କହିଥିଲା, 'କେଶବ ! କେଶବ !' ତା'ର ମାନେ ଏଇ, ଏମାନେ ସବୁ କିଏ ? ଅର୍ଥାତ୍ ଯେଉଁ ଗରାଖମାନେ ଆସିଲେ ଏମାନେ ସବୁ କିଏ ? ଯେ କହିଲା, 'ଗୋପାଳ ! ଗୋପାଳ !' ତା'ର ମାନେ ଏଇ ଏମାନଙ୍କୁ ଦେଖୁଛି ଗୋରୁର ପଲ । ଯେ କହିଲା 'ହରି ! ହରି !' ତା'ରମାନେ ଯେହେତୁ ଦେଖୁଛ ଗୋରୁର ପଲ, ସେଥିଯୋଗୁ 'ହରି' ଅର୍ଥାତ୍ ହରଣ କରୁଛି । ଆଉ ଯିଏ କହିଲା 'ହର ! ହର !' ତା'ରମାନେ ଏଇ ଯେହେତୁ ଗୋରୁର ପଲ ଦେଖୁଛ ସେଥିଯୋଗୁ ସର୍ବସ୍ୱ ହରଣ କର ।' ଏହିପରି ସେମାନେ ପରମ ଭକ୍ତ ସାଧୁ ।' (ସମସ୍ତଙ୍କର ହାସ୍ୟ)

ବଙ୍କିମ ବିଦାୟ ଗ୍ରହଣ କଲେ । ତେବେ ଏକାଗ୍ର ହୋଇ କ'ଣ ଭାବୁଥିଲେ । ଘରର ଦରଜା ପାଖକୁ ଆସି ଦେଖିଲେ, ଚାଦର ଛାଡ଼ି ଆସିଛନ୍ତି । ଦେହରେ

କେବଳ ଜାମା । ଜଣେ ବାବୁ ଚାଦର ଖଣ୍ଡିକ ଉଠାଇ ନେଇ ଦଉଡ଼ି ଆସି ତାଙ୍କ ହାତରେ ଦେଲେ । ବଙ୍କିମ କ'ଣ ଭାବୁଥିଲେ ?

ରାଖାଲ ଆସିଛନ୍ତି । ସେ ବୃନ୍ଦାବନ ଧାମକୁ ବଳରାମଙ୍କ ସହିତ ଯାଇଥିଲେ । ସେଠାରୁ କିଛିଦିନ ହେଲା ଫେରିଛନ୍ତି ? ଠାକୁରେ ତାଙ୍କ କଥା ଶରତ ଓ ଦେବେନ୍ଦ୍ରଙ୍କ ପାଖରେ କହିଥିଲେ ଓ ତାଙ୍କ ସହିତ ଆଳାପ କରିବାକୁ ସେମାନଙ୍କୁ କହିଥିଲେ । ସେଥିପାଇଁ ସେମାନେ ରାଖାଲଙ୍କ ସଙ୍ଗରେ ଅଳାପ କରିବାକୁ ଇଛା କରି ଆସିଥିଲେ । ଶୁଣିଲେ, ଏହାଙ୍କ ନାମ ରାଖାଲ ।

ଶରତ ଓ ସାନ୍ୟାଲ ଏମାନେ ବ୍ରାହ୍ମଣ, ଅଧର ସୁବର୍ଣ୍ଣ ବଣିକ ।

କାଳେ ଗୃହସ୍ୱାମୀ ଖାଇବାକୁ ଡାକିବେ, ତେଣୁ ତରତର ହୋଇ ପଳାଇଗଲେ । ସେମାନେ ନୂତନ ଆସିଛନ୍ତି; ଜାଣନ୍ତି ନାହିଁ ଯେ ଠାକୁର ଅଧରଙ୍କୁ କେତେ ଭଲ ପାଆନ୍ତି । ଠାକୁରେ କହନ୍ତି, ''ଭକ୍ତ ଗୋଟିଏ ପୃଥକ ଜାତି । ସମସ୍ତେ ଏକ ଜାତୀୟ ।''

ଅଧର ଠାକୁର ଶ୍ରରାମକୃଷ୍ଣଙ୍କୁ ଓ ସମବେତ ଭକ୍ତମାନଙ୍କୁ ଅତି ଯତ୍ନ ପୂର୍ବକ ଡାକିନେଇ ପରିତୋଷ କରି ଖୁଆଇଛନ୍ତି । ଭୋଜନାନ୍ତେ ଭକ୍ତଗଣ ଓ ଠାକୁର ଶ୍ରୀରାମକୃଷ୍ଣଙ୍କର କଥାଗୁଡ଼ିକୁ ସ୍ମରଣ କରୁ କରୁ ତାଙ୍କର ଅଦ୍ଭୁତ ପ୍ରେମର ଛବି ହୃଦୟରେ ଗ୍ରହଣ ପୂବକ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଅଧରଙ୍କ ଘରକୁ ଶୁଭାଗମନ ଦିନ ଶ୍ରୀଯୁକ୍ତ ବଙ୍କିମ, ଶ୍ରୀରାମକୃଷ୍ଣଙ୍କୁ ତାଙ୍କ ଘରକୁ ଯିବା ପାଇଁ ଅନୁରୋଧ କରିବାରୁ ସେ କିଛିଦିନ ପରେ ଶ୍ରୀଯୁକ୍ତ ଗିରିଶ ଓ ମାଷ୍ଟରଙ୍କୁ ତାଙ୍କର ସାନ୍‌କୀଭାଙ୍ଗା ବସାକୁ ପଠାଇ ଦେଇଥିଲେ । ସେମାନଙ୍କ ସହିତ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଅନେକ କଥା ହେଲା । ଠାକୁରଙ୍କୁ ପୁଣି ଦର୍ଶନ କରିବାକୁ ଆସିବାର ଇଛା ବଙ୍କିମ ପ୍ରକାଶ କରନ୍ତି, କିନ୍ତୁ କାର୍ଯ୍ୟତଃ ଆସିବା ସମ୍ଭବ ହୁଏ ନାହିଁ ।

## ଦକ୍ଷିଣେଶ୍ୱର ପଞ୍ଚବଟୀମୂଳରେ 'ଦେବୀ ଚୌଧୁରାଣୀ' ପାଠ

୬ ତାରିଖ ଡିସେମ୍ବର ୧୮୮୪ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଅଧରଙ୍କ ଘରକୁ ଠାକୁର ଶ୍ରରାମକୃଷ୍ଣ ଶୁଭାଗମନ କରିଥିଲେ ଓ ଶ୍ରୀଯୁକ୍ତ ବଙ୍କିମ ବାବୁଙ୍କ ସହିତ ଆଳାପ କରିଥିଲେ । ପୂର୍ବରୁ ଏହି ସବୁ କଥା ବିବୃତ ହୋଇଅଛି ।

ଏହି ଘଟଣାର କିଛି ଦିନ ପରେ ଅର୍ଥାତ ୨୭ ତାରିଖ ଡିସେମ୍ବର, ଶନିବାର ଦିନ ଠାକୁର ଶ୍ରୀରାମକୃଷ୍ଣ ପଞ୍ଚବଟୀମୂଳରେ ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ସଙ୍ଗରେ ବଙ୍କିମ ପ୍ରଣୀତ ଦେବୀ ଚୌଧୁରାଣୀର କେତେକ ଅଂଶ ପାଠ ହେବାର ଶୁଣିଥିଲେ ଓ ଗୀତୋକ୍ତ ନିଷ୍କାମ କର୍ମ ବିଷୟରେ ଅନେକ କଥା କହିଥିଲେ ।

ଶ୍ରୀରାମକୃଷ୍ଣ ପଞ୍ଚବଟୀ ମୂଳ ବେଦୀ ଉପରେ ଭକ୍ତଙ୍କ ସହିତ ବସିଥିଲେ । ମାଷ୍ଟରଙ୍କୁ ପାଠ କରି ଶୁଣାଇବାକୁ କହିଲେ । କେଦାର, ରାମ, ନିତ୍ୟଗୋପାଳ, ତାରକ (ଶିବାନନ୍ଦ), ପ୍ରସନ୍ନ (ତ୍ରିଗୁଣାତୀତ), ସୁରେନ୍ଦ୍ର ପ୍ରଭୃତି ଅନେକ ଉପସ୍ଥିତ ଥିଲେ ।

❁❁❁

# ଚତୁର୍ଥ ପରିଚ୍ଛେଦ

## ନରେନ୍ଦ୍ର, ରାଖାଲ ପ୍ରଭୃତି ମଠର ଭାଇମାନଙ୍କର ଶିବରାତ୍ରି ବ୍ରତ

## (୧)

ବରାହ ନଗର ମଠ । ଶ୍ରଯୁକ୍ତ ନରେନ୍ଦ୍ର, ରାଖାଲ ପ୍ରଭୃତି ଆଜି ୰ଶିବରାତ୍ରି ଉପବାସ କରିଛନ୍ତି । ଦୁଇ ଦିନ ପରେ ଠାକୁରଙ୍କର ଜନ୍ମତିଥି ପୂଜା ହେବ ।

ବରାହ ନଗର ମଠ ପାଞ୍ଚ ମାସ ହେଲା ସ୍ଥାପିତ ହୋଇଛି । ଠାକୁର ଶ୍ରୀରାମକୃଷ୍ଣ ନିତ୍ୟଧାମକୁ ଯିବାର ବେଶିଦିନ ହୋଇ ନାହିଁ । ନରେନ୍ଦ୍ର, ରାଖାଲ ପ୍ରଭୃତି ଭକ୍ତମାନଙ୍କର ତୀବ୍ର ବୈରାଗ୍ୟ । ଦିନେ ରାଖାଲଙ୍କ ପିତା ଘରକୁ ଫେରିଯିବା ପାଇଁ ରାଖାଲଙ୍କୁ ଅନୁରୋଧ କରିବାକୁ ଆସିଥିଲେ । ରାଖାଲ କହିଲେ, ''କାହିଁ କି ଆପଣମାନେ ଆସନ୍ତି । ମୁଁ ଏଠାରେ ଭଲ ଅଛି । ବର୍ତ୍ତମାନ ଆଶୀର୍ବାଦ କରନ୍ତୁ, ଯେପରି ଆପଣମାନେ ମୋତେ ଭୁଲି ଯାଆନ୍ତି; ଆଉ ମୁଁ ମଧ୍ୟ ଆପଣମାନଙ୍କୁ ଭୁଲି ଯାଏ ।'' ସମସ୍ତଙ୍କର ତୀବ୍ର ବୈରାଗ୍ୟ । ସର୍ବଦା ସାଧନ ଭଜନ କରୁଛନ୍ତି । ଗୋଟିଏ ଉଦ୍ଦେଶ୍ୟ—କିପରି ଦର୍ଶନ ଲାଭ କରିବେ ।

ନରେନ୍ଦ୍ରାଦି ଭକ୍ତମାନେ କେତେବେଳେ ଜପଧ୍ୟାନ କରନ୍ତି, ପୁଣି କେତେବେଳେ ମଧ୍ୟ ଶାସ୍ତ୍ରପାଠ କରନ୍ତି । ନରେନ୍ଦ୍ର କହନ୍ତି, 'ଗୀତାରେ ଭଗବାନ ଯେଉଁ ନିଷ୍କାମ କର୍ମ କରିବାକୁ କହିଛନ୍ତି—ସେ ପୂଜା, ଜପ, ଧ୍ୟାନ ଏହି ସବୁ କର୍ମ —ଅନ୍ୟ କର୍ମ ନୁହେଁ ।'

ଆଜି ସକାଳେ ନରେନ୍ଦ୍ର କଲିକତାରୁ ଆସିଛନ୍ତି । ଘରର ମକଦ୍ଦମା କଥା ବୁଝାବୁଝି କରିବାକୁ ହେଉଛି । ଅଦାଲତରେ ସାକ୍ଷୀ ଦେବାକୁ ହୁଏ ।

ମାଷ୍ଟର ସକାଳ ନଅଟା ସମୟରେ ମଠରେ ଉପସ୍ଥିତ ହୋଇଛନ୍ତି । ବଡ଼ଘରେ ପ୍ରବେଶ କଲାପରେ, ତାହାଙ୍କୁ ଦେଖି ଶ୍ରୀଯୁକ୍ତ ତାରକ ଆନନ୍ଦରେ ଶିବ—ସଂଙ୍ଗୀତ ଧରିଲେ—'ତାଥୈୟା ତାଥୈୟା ନାଚେ ଭୋଳା ।'

ତାଙ୍କ ଗୀତ ସହିତ ରାଖାଲ ମଧ୍ୟ ଯୋଗ ଦେଲେ । ଆଉ ଦୁଇ ଜଣ ହିଁ ନୃତ୍ୟ କରୁଛନ୍ତି । ନରେନ୍ଦ୍ର ସମ୍ପ୍ରତି ଏହିଗୀତ ରଚନା କରିଛନ୍ତି ।

ତାଥୈୟା ତାଥୈୟା ନାଚେ ଭୋଳା, ବମ୍‌ବମ୍ ବାଜେ ଗାଲ ।
ଡିମ ଡିମ ଡମ ଡମ୍ବରୁ ବାଜେ ଝୁଲୁଛି କପାଳ ମାଳ ।।
ଗରଜେ ଗଙ୍ଗା ଜଟାମଧ୍ୟେ, ଉଗରେ ଅନଳ ତ୍ରିଶୂଳ ରାଜେ ।
ଧକ୍ ଧକ୍ ଧକ୍ ମୌଳି ବନ୍ଧ, ଜଳେ ଶଶାଙ୍କ ଭାଲ ।।

ମଠର ଭାଇମାନେ ସମସ୍ତେ ଉପବାସ କରିଛନ୍ତି । ଘରେ ବର୍ତ୍ତମାନ ନରେନ୍ଦ୍ର, ରାଖାଲ, ନିରଞ୍ଜନ, ଶରତ, ଶଶୀ, କାଳୀ ବାବୁରାମ, ତାରକ, ହରୀଶ, ସିଁଥିର ଗୋପାଳ, ଶାରଦା ଓ ମାଷ୍ଟର ଅଛନ୍ତି । ଯୋଗୀନ, ଲାଟୁ ଶ୍ରୀବୃନ୍ଦାବନରେ ଅଛନ୍ତି । ସେମାନେ ବର୍ତ୍ତମାନ ମଧ୍ୟ ମଠ ଦେଖିନାହାନ୍ତି ।

ଆଜି ସୋମବାର, ୰ଶିବରାତ୍ରି ୨୧ ତାରିଖ ଫେବୃୟାରୀ । ଆଗାମୀ ଶନିବାର ଦିନ ଶରତ, କାଳୀ, ନିରଞ୍ଜନ, ଶାରଦା, ଶ୍ରୀଜଗନ୍ନାଥ ଦର୍ଶନାର୍ଥେ ପୁରୀ ଧାମକୁ ଯାତ୍ରା କରିବେ ।

ଶ୍ରୀଯୁକ୍ତ ଶଶୀ ଦିନରାତି ଠାକୁରଙ୍କ ସେବା ନେଇ ଅଛନ୍ତି । ପୂଜା ହୋଇଗଲା । ଶରତ ତାନ୍‌ପୁରା ନେଇ ଗୀତ ଗାଉଛନ୍ତି—

ଶିବ ଶଙ୍କର ବମ୍ ବମ୍ (ଭୋଳା) କୈଳାସପତି ମହାରାଜରାଜ !
ଉଡ଼େ ଶୃଙ୍ଗେ କି ଖେୟାଲ, ଗଲେ ବ୍ୟାଲମାଲ, ଲୋଚନ ବିଶାଲ, ଲାଲେ ଲାଲ;
ଭାଲେ ଚନ୍ଦ୍ର ମୋରେ, ସୁନ୍ଦର ବିରାଜେ ।

ନରେନ୍ଦ୍ର କଲିକତାରୁ ବର୍ତ୍ତମାନ ଫେରିଛନ୍ତି । ବର୍ତ୍ତମାନ ମଧ୍ୟ ସ୍ନାନ କରିନାହାନ୍ତି । କାଳୀ ନରେନ୍ଦ୍ରକୁ ପଚାରିଲେ, 'ମକଦ୍ଦମା ଖବର କଅଣ ?

ନରେନ୍ଦ୍ର( ବିରକ୍ତ ହୋଇ)—ତୁମର ସେସବୁ କଥାରେ କଅଣ ଦରକାର ?

ନରେନ୍ଦ୍ର ମାଷ୍ଟର ପ୍ରଭୃତିଙ୍କ ପ୍ରତି କଥା କହୁଛନ୍ତି । "କାମିନୀ କାଞ୍ଚନ ତ୍ୟାଗ ନକଲେ ହେବ ନାହିଁ । କାମିନୀ ନରକସ୍ୟ ଦ୍ୱାରମ୍ । ଯେତେଲୋକ ସମସ୍ତେ ସ୍ତ୍ରୀଲୋକମାନଙ୍କର ବଶ । ଶିବ ଓ କୃଷ୍ଣ, ଏମାନଙ୍କର କଥା ଅଲଗା । ଶକ୍ତିକୁ ଶିବ ଦାସୀ କରି ରଖିଥିଲେ । ଶ୍ରୀକୃଷ୍ଣ ସଂସାର କରିଥିଲେ ସତ, କିନ୍ତୁ କିପରି ନିର୍ଲିପ୍ତ ! ହଠାତ୍ ବୃନ୍ଦାବନ କିପରି ତ୍ୟାଗ କଲେ ।

ରାଖାଲ—ପୁଣି ଦ୍ୱାରକା କିପରି ତ୍ୟାଗ କଲେ ।

ନରେନ୍ଦ୍ର ଗଙ୍ଗା ସ୍ନାନ ସାରି ମଠକୁ ଫେରିଲେ । ହାତାର ଓଦା ଲୁଗା ଓ ଗାମୁଛା । ଶାରଦା ଆସି ନରେନ୍ଦ୍ରଙ୍କୁ ସଷ୍ଟାଙ୍ଗ ହୋଇ ପ୍ରଣାମ କଲେ । ସେ ମଧ୍ୟ ଶିବରାତ୍ରି ଉପବାସ କରିଛନ୍ତି—ଗଙ୍ଗା ସ୍ନାନକୁ ଯିବେ । ନରେନ୍ଦ୍ର ଠାକୁର ଘରକୁ ଯାଇ ଠାକୁରଙ୍କୁ ପ୍ରଣାମ କଲେ ଓ ଉପବିଷ୍ଟ ହୋଇ କିୟତ୍‌କାଳ ଧ୍ୟାନ କଲେ ।

ଭବନାଥଙ୍କର କଥା ହେଉଛି । ଭବନାଥ ବିବାହ କରିଛନ୍ତି, କାମ ଦାମ କରିବାକୁ ହେଉଛି । ନରେନ୍ଦ୍ର କହୁଛନ୍ତି, 'ସେମାନେ ତ ସଂସାରୀ କୀଟ' !

ଅପରାହ୍ନ ହେଲା । ଶିବରାତ୍ରି ପୂଜାର ଆୟୋଜନ ହେଉଛି । ବେଲପତ୍ର ଓ ବେଲକାଠ ଆହରଣ କରାଗଲା । ପୂଜାନ୍ତେ ହୋମ ହେବ ।

ସନ୍ଧ୍ୟା ହୋଇଛି । ଠାକୁରଘରେ ଝୁଣା ଦେଇ ଶଶୀ ଅନ୍ୟାନ୍ୟ ଘରକୁ ଝୁଣା ନେଇ ଗଲେ । ପ୍ରତ୍ୟେକ ଦେବଦେବୀଙ୍କ ଫଟୋ ପାଖରେ ପ୍ରଣାମ କରି ଅତି ଭକ୍ତି ଭରେ ନାମ ଉଚ୍ଚାରଣ କରୁଛନ୍ତି । "ଶ୍ରୀ ଶ୍ରୀ ଗୁରୁ ଦେବାୟଃ ନମଃ ! ଶ୍ରୀ ଶ୍ରୀ କାଳିକାୟୈ ନମଃ ! ଶ୍ରୀ ଶ୍ରୀ ଜଗନ୍ନାଥ-ସୁଭଦ୍ରା-ବଳରାମେଭ୍ୟୋ ନମଃ ! ଶ୍ରୀ ଶ୍ରୀ ଷଡ଼ଭୁଜାୟେ ନମଃ ! ଶ୍ରୀ ଶ୍ରୀ ରାଧାବଲ୍ଲଭାୟ ନମଃ ! ଶ୍ରୀ ନିତ୍ୟାନନ୍ଦାୟ, ଶ୍ରୀ ଅଦ୍ୱୈତାୟ, ଶ୍ରୀ ଭକ୍ତେଭ୍ୟୋ ନମଃ ! ଶ୍ରୀ ଗୋପାଳାୟ, ଶ୍ରୀ ଶ୍ରୀ ଯଶୋଦାୟୈ ନମଃ ! ଶ୍ରୀରାମାୟ, ଶ୍ରୀ ଲକ୍ଷ୍ମଣାୟ, ଶ୍ରୀ ବିଶ୍ୱାମିତ୍ରାୟ ନମଃ !"

ମଠର ବେଲ ଗଛ ତଳେ ଶିବପୂଜାର ଆୟୋଜନ । ରାତ୍ରି ନଅଟା । ଏଥର ପୂଜା ହେବ । ସାଢ଼େ ଏଗାରଟା ସମୟରେ ଦ୍ୱିତୀୟ ପୂଜା । ଚାରି ପ୍ରହରରେ ଚାରି ପୂଜା । ନରେନ୍ଦ୍ର, ରାଖାଲ, ଶରତ, କାଳୀ, ସିଁଥିର ଗୋପାଳ ପ୍ରଭୃତି ମଠର ଭାଇମାନେ ସମସ୍ତେ ବେଲ ଗଛ ତଳେ ଉପସ୍ଥିତ । ଭୂପତି ଓ ମାଷ୍ଟର ଅଛନ୍ତି । ମଠ ଭାଇମାନଙ୍କ ମଧ୍ୟରୁ ଜଣେ ପୂଜା କରୁଛନ୍ତି ।

କାଳୀ ଗୀତା ପାଠ କରୁଛନ୍ତି । ସୈନ୍ୟ ଦର୍ଶନ, ସାଂଖ୍ୟ-ଯୋଗ—କର୍ମଯୋଗ । ପାଠ ମଝିରେ ନରେନ୍ଦ୍ରଙ୍କ ସହିତ କଥା ଓ ବିଚାର ହେଉଛି ।

କାଳୀ—ମୁହିଁ ସବୁ । ମୁଁ ସୃଷ୍ଟି, ସ୍ଥିତି, ପ୍ରଳୟ କରୁଛି ।

ନରେନ୍ଦ୍ର—ମୁଁ ସୃଷ୍ଟି କରୁଛି କିପରି ? ଅନ୍ୟ ଏକ ଶକ୍ତି ମୋତେ କରାଉଛନ୍ତି । ଏହି ନାନା କାର୍ଯ୍ୟ, ଚିନ୍ତା ପର୍ଯ୍ୟନ୍ତ ସେ କରାଉଛନ୍ତି ।

ମାଷ୍ଟର (ସ୍ୱଗତ)—ଠାକୁରେ କହନ୍ତି, ଯେତେକ୍ଷଣ ମୁଁ "ଧ୍ୟାନ କରୁଛି" ଏହି ବୋଧ ଅଛି ସେତେକ୍ଷଣ ପର୍ଯ୍ୟନ୍ତ ଆଦ୍ୟାଶକ୍ତିର ଇଲାକାରେ ଅଛି । ଶକ୍ତି ମାନିବାକୁ ହେବ ।

କାଳୀ ନିସ୍ତବ୍ଧ ହୋଇ କିୟତ୍କ୍ଷଣ ଚିନ୍ତା କରୁଛନ୍ତି । ତା'ପରେ କହୁଛନ୍ତି—" କାର୍ଯ୍ୟ ଯାହାକୁ କହନ୍ତି, ସେ ସବୁ ମିଥ୍ୟା । ଚିନ୍ତା ଆଦ୍ୟରୁ ହୋଇ ନାହିଁ—ସେ ସବୁ ମନେ କଲେ ହସ ଲାଗେ—" ନରେନ୍ଦ୍ର —"ସୋଽହଂ" କହିଲେ ଯେ 'ମୁଁ' ବୁଝାଏ, ସେ ଏଇ 'ମୁଁ' ନୁହେଁ । ମନ, ଦେହ, ଏସବୁ ବାଦ୍ ଦେଲେ ଯାହା ରହେ, ସେହି 'ମୁଁ' ।

ଗୀତାପାଠାନ୍ତେ କାଳୀ ଶାନ୍ତିବାଦ କରୁଛନ୍ତି—ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ ।

ଏଥର ନରେନ୍ଦ୍ର ପ୍ରଭୃତି ଭକ୍ତମାନେ ସମସ୍ତେ ଦଣ୍ଡାୟମାନ ହୋଇ ନୃତ୍ୟ ଗୀତ କରୁ କରୁ ବିଲ୍ବମୂଳ ଥରକୁ ଥର ପରିକ୍ରମଣ କରୁଛନ୍ତି । ମଝିରେ ମଝିରେ ସମସ୍ୱରରେ 'ଶିବଗୁରୁ ! ଶିବଗୁରୁ !' ଏହି ମନ୍ତ୍ର ଉଚ୍ଚାରଣ କରୁଛନ୍ତି । ଗଭୀର ରାତ୍ରି ! **କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ତିଥି** । ଚାରିଦିଗ ଅନ୍ଧକାର । ଜୀବଜନ୍ତୁ ସମସ୍ତେ ହିଁ ନିସ୍ତବ୍ଧ ।

ଗୈରିକ-ବସ୍ତ୍ରଧାରୀ, ଏହି କୌମାର-ବୈରାଗ୍ୟମାନ୍ ଭକ୍ତଗଣଙ୍କ କଣ୍ଠରେ ଉଚ୍ଚାରିତ—'ଶିବଗୁରୁ ! ଶିବଗୁରୁ !' ଏହି ମହାମନ୍ତ୍ର ଧ୍ୱନୀ ମେଘ ଗମ୍ଭୀର ରାବରେ ଅନନ୍ତ ଆକାଶରେ ଉଠି ଅଖଣ୍ଡ ସଚ୍ଚିଦାନନ୍ଦରେ ଲୀନ ହେବାକୁ ଲାଗିଲା ।

ପୂଜା ସମାପ୍ତ ହେଲା । ଅରୁଣୋଦୟ ହେଉ ନହେଉଣୁ ନରେନ୍ଦ୍ରାଦି ଭକ୍ତଗଣ ବ୍ରାହ୍ମ ମୂହୂର୍ତ୍ତରେ ଗଙ୍ଗା ସ୍ନାନ କଲେ ।

ସକାଳ ହେଲା । ସ୍ନାନାନ୍ତେ ଭକ୍ତଗଣ ମଠରେ ଠାକୁର ଘରକୁ ଯାଇ ଠାକୁରଙ୍କୁ ପ୍ରଣାମାନନ୍ତରେ ଘରେ(ଅର୍ଥାତ୍ ବୈଠକଖାନା ଘରେ) କ୍ରମେ କ୍ରମେ ଆସି ଏକତ୍ରିତ ହୋଇଛନ୍ତି । ନରେନ୍ଦ୍ର ସୁନ୍ଦର ନୂତନ ଗୈରିକ ବସ୍ତ୍ର ଧାରଣ କରିଛନ୍ତି । ବସନରେ ସୌନ୍ଦର୍ଯ୍ୟ ସଙ୍ଗରେ ତାଙ୍କ ମୁଖ ଓ ଦେହର ତପସ୍ୟାସମ୍ଭୁତ ଅପୂର୍ବ ସ୍ୱର୍ଗୀୟ ପବିତ୍ର ଜ୍ୟୋତିଃ ମିଶିଛି । ବଦନମଣ୍ଡଳ ତେଜଃ ପରିପୂର୍ଣ୍ଣ, ପୁଣି ପ୍ରେମାନୁରଞ୍ଜିତ । ଯେପରି ଅଖଣ୍ଡ ସଚ୍ଚିଦାନନ୍ଦ ସାଗରର ଗୋଟିଏ ବୁଦ୍‌ବୁଦ୍ ଜ୍ଞାନଭକ୍ତି ଶିଖାଇବା ପାଇଁ ଦେବଦେହ ଧାରଣ କରିଛନ୍ତି—ଅବତାର-ଲୀଳାର ସହାୟତା ପାଇଁ । ଯେ ଦେଖୁଛି, ସେ ଆଉ ଚକ୍ଷୁ ଫେରାଇ ପାରୁନାହିଁ । ନରେନ୍ଦ୍ରଙ୍କର ବୟଃକ୍ରମ ଠିକ୍ ଚତୁର୍ବିଂଶତି ବର୍ଷ । ଠିକ୍ ଏହି ବୟସରେ ଶ୍ରୀ ଚୈତନ୍ୟ ସଂସାର ତ୍ୟାଗ କରିଥିଲେ ।

ଭକ୍ତମାନଙ୍କର ପାରଣ ପାଇଁ ଶ୍ରୀଯୁକ୍ତ ବଳରାମ ତାଙ୍କ ଘରୁ ଫଳମିଷ୍ଟାନ୍ନାଦି ପୂର୍ବଦିନରୁ (ଶିବରାତ୍ରି ଦିନ) ପଠାଇଛନ୍ତି ।

ରାଖାଲ ପ୍ରଭୃତି ଜଣେ ଦୁଇଜଣ ଭକ୍ତଙ୍କ ସଙ୍ଗରେ ନରେନ୍ଦ୍ର ଘରକୁ ଠିଆହୋଇ କିଞ୍ଚିତ୍ ଜଳଯୋଗ କରୁଛନ୍ତି । ଗୋଟିଏ ଦୁଇଟି ଖାଇ ଆନନ୍ଦ କରୁ କରୁ କହୁଛନ୍ତି, 'ଧନ୍ୟ ବଳରାମ !' 'ଧନ୍ୟ ବଳରାମ !' (ସମସ୍ତଙ୍କର ହାସ୍ୟ)

ଏଥର ନରେନ୍ଦ୍ର ବାଳକ ପରି ରହସ୍ୟ କରୁଛନ୍ତି । ରସଗୋଲା ମୁଖରେ ଦେଇ ଏକାବେଳକେ ସ୍ପନ୍ଦହୀନ । ଚକ୍ଷୁ ନିମେଷଶୂନ୍ୟ । ନରେନ୍ଦ୍ରଙ୍କ ଅବସ୍ଥା ଦେଖି ଜଣେ ଭକ୍ତ ବାହାନା କରି ତାଙ୍କୁ ଧାରଣ କଲେ—କାଳେ ପଡ଼ିଯିବେ ।

କିୟତ୍‌କ୍ଷଣ ପରେ ନରେନ୍ଦ୍ର—(ରସଗୋଲା ମୁଖରେ ରହିଛି)—ଆଖି ଫିଟାଇ କହୁଛନ୍ତି, ମୁଁ ଭଲ ଅଛି ।' (ସମସ୍ତଙ୍କର ଉଚ୍ଚ ହାସ୍ୟ)

ମାଷ୍ଟର ପ୍ରଭୃତିଙ୍କୁ ଭାଙ୍ଗ ଓ ପ୍ରସାଦ ମିଷ୍ଟାନ୍ନ ବିତରଣ କରାଗଲା । ମାଷ୍ଟର ଆନନ୍ଦର ହାଟ ଦେଖୁଛନ୍ତି । ଭକ୍ତମାନେ ଜୟଧ୍ୱନୀ କରୁଛନ୍ତ—'ଜୟ ଗୁରୁ ମହାରାଜ ! ଜୟ ଗୁରୁ ମହାରାଜ !'

## (୨)

## ବରାହନଗର ମଠ

### (ଠାକୁର ଶ୍ରୀରାମକୃଷ୍ଣଙ୍କର ପ୍ରଥମ ମଠ — ନରେନ୍ଦ୍ର ପ୍ରଭୃତି ଭକ୍ତଙ୍କର ବୈରାଗ୍ୟ ଓ ସାଧନ )

ବରାହନଗରରେ ମଠ । ଠାକୁର ଶ୍ରୀରାମକୃଷ୍ଣଙ୍କର ଅଦର୍ଶନ ପରେ ନରେନ୍ଦ୍ରାଦି ଭକ୍ତମାନେ ଏକତ୍ର ହୋଇଛନ୍ତି । ସୁରେନ୍ଦ୍ରଙ୍କ ସଦିଚ୍ଛାରେ ସେମାନଙ୍କର ବରାହନଗରରେ ରହିବା ପାଇଁ ଗୋଟିଏ ବାସସ୍ଥାନ ହୋଇଛି । ସେହି ସ୍ଥାନ ଆଜି ମଠରେ ପରିଣତ । ଠାକୁର ଘରେ ଗୁରୁଦେବ ଠାକୁର ଶ୍ରୀରାମକୃଷ୍ଣଙ୍କର ନିତ୍ୟ ସେବା ଅଛି । ନରେନ୍ଦ୍ରାଦି ଭକ୍ତମାନେ କହିଲେ, ଆଉ ସଂସାରକୁ ଫେରିବୁ ନାହିଁ; ସେ ତ କାମିନୀ-କାଞ୍ଚନ ତ୍ୟାଗ କରିବାକୁ କହିଛନ୍ତି, ଆମେମାନେ କିପରି ଆଉ ଘରକୁ ଫେରିଯିବୁ ! ଶଶୀ ନିତ୍ୟପୂଜାର ଭାର ନେଇଛନ୍ତି । ନରେନ୍ଦ୍ର ଗୁରୁ ଭାଇମାନଙ୍କ ତତ୍ତ୍ୱାବଧାନ କରୁଛନ୍ତି । ସେମାନେ ମଧ ତାଙ୍କୁ ଭଲ ପାଇ ରହନ୍ତି । ନରେନ୍ଦ୍ର କହିଲେ, ସାଧନ କରିବାକୁ ହେବ, ତା'ନ ହେଲେ ଭଗବାନଙ୍କୁ ଲାଭ କରିହେବ ନାହିଁ । ସେ ନିଜେ ଓ ଗୁରୁଭାଇମାନେ ନାନାବିଧ ସାଧନରେ ପ୍ରବୃତ୍ତ ହେଲେ । ବେଦ, ପୁରାଣ ଓ ତନ୍ତ୍ରମତରେ ମନର ଖେଦ ମେଣ୍ଟାଇବା ପାଇଁ ଅନେକ ପ୍ରକାର ସାଧନାରେ ପ୍ରବୃତ୍ତ ହେଲେ । କେତେବେଳେ ବା ନିର୍ଜନରେ ବୃକ୍ଷ ତଳେ କେତେବେଳେ ବା ଏକାକୀ ଶ୍ମଶାନ ମଧ୍ୟରେ, କେତେବେଳେ ଗଙ୍ଗାତୀରରେ ସାଧନ କରନ୍ତି । ମଠ ମଧ୍ୟରେ କେବେ ଧ୍ୟାନ ଘରେ ଏକାକୀ ଜପ ଧ୍ୟାନରେ ଦିନ ଯାପନ କରନ୍ତି । ପୁଣି କେବେ ସମସ୍ତେ ଏକତ୍ର ମିଳିତ ହୋଇ ସଂକୀର୍ତ୍ତନାନନ୍ଦରେ ନୃତ୍ୟ କରୁଥାଆନ୍ତି । ସେମାନେ ବିଶେଷତଃ ନରେନ୍ଦ୍ର ଈଶ୍ୱର ଲାଭ ପାଇଁ ବ୍ୟାକୁଳ । କେତେବେଳେ କହନ୍ତି, ପ୍ରାୟୋପବେଶନ କଅଣ କରିବା ? କେଉଁ ଉପାୟରେ ତାଙ୍କୁ ଲାଭ କରିବା ?

ଲାଟୁ, ତାରକ ଓ ବୁଢ଼ା ଗୋପାଳ—ଏମାନଙ୍କର ରହିବାର ସ୍ଥାନ ନାହିଁ, ଏମାନଙ୍କର ନାମ ଉଲ୍ଲେଖ କରି ସୁରେନ୍ଦ୍ର ପ୍ରଥମ ମଠ କରନ୍ତି । ସୁରେନ୍ଦ୍ର କହିଲେ, ଭାଇ ! ତୁମେମାନେ ଏହି ସ୍ଥାନରେ ଠାକୁରଙ୍କର ଗାଦି ନେଇ ରହିବ, ଆଉ ଆମେମାନେ ସମସ୍ତେ ମଝିରେ ମଝିରେ ଶାନ୍ତି ପାଇଁବା ପାଇଁ ଏଠାକୁ ଆସିବୁ । ଦେଖୁ ଦେଖୁ କୌମାର ବୈରାଗ୍ୟବାନ୍ ଭକ୍ତମାନେ ଯାତାୟତ କରୁ କରୁ ଆଉ

ଘରକୁ ଫେରିଲେ ନାହିଁ । ନରେନ୍ଦ୍ର, ରାଖାଲ, ନିରଞ୍ଜନ, ବାବୁରାମ, ଶରତ, ଶଶୀ ଓ କାଳୀ ରହିଗଲେ । କିଛିଦିନ ପରେ ସୁବୋଧ ଓ ପ୍ରସନ୍ନ ଆସିଲେ । ଯୋଗୀନ ଓ ଲାଟୁ ବୃନ୍ଦାବନରେ ଥିଲେ, ଏକ ବର୍ଷ ପରେ ଆସି ପହଞ୍ଚିଲେ । ଗଙ୍ଗାଧର ସର୍ବଦା ମଠକୁ ଯାତାୟତ କରନ୍ତି । ନରେନ୍ଦ୍ରଙ୍କୁ ନ ଦେଖି ସେ ରହି ପାରୁ ନ ଥିଲେ । ସେ "ଜୟ ଶିବ ଓଙ୍କାରଃ" ଏହି ଆରତିର ସ୍ତବ ଆଣିଦେଲେ । ମଠର ଭାଇମାନେ "ବାଃ ଗୁରୁଜୀ କୀ ଫତେ" ଏହି ଜୟ ଜୟକାର ଧ୍ୱନି ଯାହା ମଝିରେ ମଝିରେ କରନ୍ତି, ତାହା ମଧ ଗଙ୍ଗାଧର ଶିଖାଇଥିଲେ । ତିବତ୍‌ରୁ ଫେରିବା ପରେ ସେ ମଠରେ ବାସ କଲେ । ଠାକୁରଙ୍କର ଆଉ ଦୁଇଜଣ ଭକ୍ତ ହରି ଓ ତୁଳସୀ, ନରେନ୍ଦ୍ର ଓ ତାଙ୍କ ଗୁରୁ ଭାଇମାନଙ୍କୁ ସର୍ବଦା ଦର୍ଶନ କରିବାକୁ ଆସନ୍ତି । ଅବଶେଷରେ କିଛିଦିନ ପରେ ସେମାନେ ମଠରେ ବାସ କଲେ ।

## (ନରେନ୍ଦ୍ରଙ୍କର ପୂର୍ବକଥା ଓ ଶ୍ରୀରାମକୃଷ୍ଣଙ୍କର ସ୍ନେହ)

ଆଜି ଶୁକ୍ରବାର, ୨୫ ତାରିଖ, ମାର୍ଚ୍ଚ, ୧୮୮୭ ଖ୍ରୀଷ୍ଟାବ୍ଦ,—ମାଷ୍ଟର ମଠର ଭାଇମାନଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ଦେବେନ୍ଦ୍ର ମଧ ଆସିଛନ୍ତି । ମାଷ୍ଟର ପ୍ରାୟ ଦର୍ଶନ କରିବାକୁ ଆସନ୍ତି ଓ କେବେ କେବେ ରହିଯାଆନ୍ତି । ଗତ ଶନିବାର ଦିନ ଆସି ଶନି ରବି ଓ ସୋମ ତିନିଦିନ ଥିଲେ । ମଠର ଭାଇମାନଙ୍କୁ ବିଶେଷତଃ ନରେନ୍ଦ୍ରଙ୍କ ବର୍ତ୍ତମାନ ତୀବ୍ର ବୈରାଗ୍ୟ । ତେଣୁ ସେ ଉତ୍ସୁକ ହୋଇ ସର୍ବଦା ସେମାନଙ୍କୁ ଦେଖିବାକୁ ଆସନ୍ତି ।

ରାତ୍ରି ହୋଇଛି । ଆଜି ରାତ୍ରିରେ ମାଷ୍ଟର ରହିବେ ।

ସନ୍ଧ୍ୟା ପରେ ଶଶୀ ମଧୁର ନାମ କରି କରି ଠାକୁର ଘରେ ଆଲୋକ ଜାଳିଲେ ଓ ଝୁଣା ଦେଲେ । ସେହି ଝୁଣା ନେଇ ଯେଉଁ ଘରେ ଯେତେ ଫଟୋ ଅଛି, ପ୍ରତ୍ୟେକଟିର ପାଖକୁ ଯାଇ ପ୍ରଣାମ କରୁଛନ୍ତି ।

ଏଥର ଆଳତି ହୋଉଛି । ଶଶୀ ଆଳତି କରୁଛନ୍ତି । ମଠ ଭାଇମାନେ, ମାଷ୍ଟର, ଦେବେନ୍ଦ୍ର ସମସ୍ତେ ହାତ ଯୋଡ଼ି ଆଳତି ଦେଖୁଛନ୍ତି ଓ ସଙ୍ଗେ ସଙ୍ଗେ ଆଳତି ସ୍ତବ ଗାଉଛନ୍ତି—'ଜୟ ଶିବ ଓଁକାର, ଭଜ ଶିବ ଓଁକାର ! ବ୍ରହ୍ମା ବିଷ୍ଣୁ ସଦାଶିବ ! ହର ହର ମହାଦେବ !!'

ନରେନ୍ଦ୍ର ଓ ମାଷ୍ଟର ଦୁଇଜଣ କଥା କହୁଛନ୍ତି । ନରେନ୍ଦ୍ର ଠାକୁରଙ୍କ ପାଖକୁ ଯିବା ଅବଧି ଅନେକ ପୂର୍ବକଥା ମାଷ୍ଟରଙ୍କ ପାଖରେ କହୁଛନ୍ତି । ନରେନ୍ଦ୍ରଙ୍କ ବୟସ ବର୍ତ୍ତମାନ ୨୪ ବର୍ଷ ୨ ମାସ ହେବ ।

"ପ୍ରଥମେ ପ୍ରଥମେ ଯେତେବେଳେ ଗଲି, ସେତେବେଳେ ଦିନେ ଭାବରେ କହିଲେ, ତୁମେ ଆସିଛ !"

"ମୁଁ ଭବିଲି, କି ଆଶ୍ଚର୍ଯ୍ୟ ! ଇଏ ଯେପରି ମୋତେ ଅନେକ ଦିନରୁ ଚିହ୍ନନ୍ତି । ତାହାପରେ କହିଲେ, ତୁମେ କଅଣ ଗୋଟିଏ ଜ୍ୟୋତି ଦେଖିବାକୁ ପାଅ ।"

"ମୁଁ କହିଲି, ଆଜ୍ଞା ହଁ । ଶୋଇବା ପୂର୍ବରୁ କପାଳ ପାଖରେ ଦେଖେ ଯେପରି ଗୋଟିଏ ଜ୍ୟୋତି ଜୁଳୁଛି ।"

ମାଷ୍ଟର—ବର୍ତ୍ତମାନ କଅଣ ଦେଖ ?

ନରେନ୍ଦ୍ର—ଆଗେ ଖୁବ୍ ଦେଖୁଥିଲି । ଯଦୁମଲିକଙ୍କ ରନ୍ଧାଘରେ ଦିନେ ଠାକୁର ମୋତେ ସ୍ପର୍ଶକରି ମନେ ମନେ କଅଣ କହିଲେ, ମୁଁ ଅଜ୍ଞାନ ହୋଇଗଲି । ସେହି ସ୍ପର୍ଶ ପ୍ରଭାବରେ ମୁଁ ଏକ ମାସ ନିଶାଶକ୍ତ ଭଳି ଥିଲି ।

"ମୋର ବିବାହ ହେବ ଶୁଣି ଠାକୁର ମାଆ କାଳୀଙ୍କ ପାଦଧରି କାନ୍ଦିଥିଲେ । କାନ୍ଦି କାନ୍ଦି କହିଥିଲେ, ମାଆ ସବୁ ବଦଳାଇ ଦିଅ ମା' । ନରେନ୍ଦ୍ର ଯେପରି ବୁଡ଼ି ନ ଯାଏ ।"

"ଯେତେବେଳେ ବାପା ମରିଗଲେ, ମା' ଭାଇମାନେ ଖାଇବାକୁ ପାଇଲେ ନାହିଁ, ସେତେବେଳେ ଦିନେ ଅନ୍ନଦା ଗୁହଙ୍କ ସଙ୍ଗରେ ଯାଇ ତାଙ୍କୁ ଦେଖାକଲି ।"

"ସେ ଅନ୍ନଦା ଗୁହଙ୍କୁ କହିଲେ, "ନରେନ୍ଦ୍ରଙ୍କର ବାପା ମରିଯାଇଛନ୍ତି, ସେମାନଙ୍କର ଭାରି କଷ୍ଟ, ବର୍ତ୍ତମାନ ବନ୍ଧୁବାନ୍ଧବମାନେ ଯଦି ସାହାଯ୍ୟ କରନ୍ତି ତା'ହେଲେ ଭଲ ହୁଅନ୍ତା ।"

"ଅନ୍ନଦା ଗୁହ ଗଲାପରେ ମୁଁ ତାଙ୍କୁ ଗାଳି ଦେବାକୁ ଲାଗିଲି । କହିଲି, କାହିଁକି ଆପଣ ତାଙ୍କ ପାଖରେ ସେ ସବୁକଥା କହିଲେ ? ସେ ତିରସ୍କୃତ ହୋଇ କାନ୍ଦିବାକୁ ଲାଗିଲେ । ସେ କହିଲେ, 'ତୋ ପାଇଁ ମୁଁ ଦ୍ୱାରେ ଦ୍ୱାରେ ଭିକ୍ଷା କରିପାରେ ।'

"ସେ ଆମମାନଙ୍କୁ ଭଲପାଇ ବଶୀଭୂତ କରିଥିଲେ । ଆପଣ କଅଣ କହନ୍ତି?

ମାଷ୍ଟର—ଅଣୁମାତ୍ରେ ସନ୍ଦେହ ନାହିଁ । ତାଙ୍କର ଅହେତୁକ ପ୍ରେମ ।

ନରେନ୍ଦ୍ର—ମୋତେ ଦିନେ ଏକାକୀ ଦେଖି ଗୋଟିଏ କଥା କହିଲେ । ଅନ୍ୟ କେହି ନଥିଲେ । ଏକଥା ଆପଣ (ଆମମାନଙ୍କ ଭିତରେ) ଆଉ କାହାକୁ କହିବେ ନାହିଁ ?

ମାଷ୍ଟର—ନା । କଅଣ କହିଲେ ?

ନରେନ୍ଦ୍ର—ସେ କହିଲେ ମୋର ତ ସିଦ୍ଧାଇ ଦେଖାଇବାର ଶକ୍ତି ନାହିଁ ।

ତୋ ଭିତର ଦେଇ କରିବି, କଅଣ କହୁଛୁ ? କହିଲି,—ନା, ତାହା ହେବ ନାହିଁ ।

''ତାଙ୍କ କଥାକୁ ଉଡ଼ାଇ ଦେଉଥିଲି;—ଏହା ତାଙ୍କ ପାଖରୁ ଶୁଣିଛନ୍ତି । ଈଶ୍ୱରଙ୍କ ରୂପ ଦର୍ଶନ କରନ୍ତି, ଏ ବିଷୟରେ ମୁଁ କହିଲି, ସେ ସବୁ ମନର ଭୁଲ ।''

''ସେ କହିଲେ, ଆହେ, ମୁଁ କୋଠୀ ଉପରୁ ଚିତ୍କାର କରୁଥିଲି, ଆହେ କେଉଁଠାରେ କିଏ ଭକ୍ତ ଅଛି ଆସ,—ତୁମମାନଙ୍କୁ ନ ଦେଖି ମୋର ପ୍ରାଣ ଛାଡ଼ି ଯାଉଛି । ମା' କହିଲେ, 'ଭକ୍ତମାନେ ସବୁ ଆସିବେ,'—ତେବେ ଦେଖ, ସବୁ ତ ମିଳୁଛି !''

ମୁଁ ସେତେବେଳେ ଆଉ କଅଣ କହିବି, ଚୁପ ହୋଇ ରହିଲି ।

## (ନରେନ୍ଦ୍ରଙ୍କ ଅଖଣ୍ଡ ଆଧାର—ନରେନ୍ଦ୍ରଙ୍କ ଅହଙ୍କାର)

''ଦିନେ ଘରର ଦ୍ୱାର ବନ୍ଦ କରି ଦେବେନ୍ଦ୍ରବାବୁ ଓ ଗିରିଶବାବୁଙ୍କୁ ମୋ ବିଷୟରେ କହିଥିଲେ ଯେ ତା'ର ଘର ବିଷୟରେ କହିଦେଲେ, ସେ ଦେହ ରଖିବ ନାହିଁ ।''

ମାଷ୍ଟର—ହଁ ଶୁଣିଛି । ଆମମାନଙ୍କ ନିକଟରେ ମଧ୍ୟ ଅନେକଥର କହିଛନ୍ତି । କାଶୀପୁରେ ରହିବା ସମୟରେ ତୁମର ଥରେ ସେହିପରି ଅବସ୍ଥା ହୋଇଥିଲା; ନୁହେଁ ?

ନରେନ୍ଦ୍ର—ସେହି ଅବସ୍ଥାରେ ବୋଧ ହେଲା ଯେ, ମୋର ଶରୀର ନାହିଁ, କେବଳ ମୁହଁଟି ଦେଖିପାରୁଛି । ଠାକୁରେ ଉପର ଘରେ ଥିଲେ । ମୋର ଏ ଅବସ୍ଥା ତଳେ ହୋଇଥିଲା । ମୁଁ ସେହି ଅବସ୍ଥାରେ କାନ୍ଦିବାକୁ ଲାଗିଲି । କାନ୍ଦିବାକୁ ଲାଗିଲି, ମୋର କଅଣ ହେଲା ! ବୁଢ଼ା ଗୋପାଳ ଉପରକୁ ଯାଇ ଠାକୁରଙ୍କୁ କହିଲେ, ନରେନ୍ଦ୍ର କାନ୍ଦୁଛନ୍ତି ।

''ତାଙ୍କ ସହିତ ଦେଖା ହେବାରୁ, ସେ କହିଲେ, 'ଏବେ ଜାଣି ପାରିଲୁ, ଚାବି ମୋ ପାଖରେ ରହିଲା ।'—ମୁଁ କହିଲି ମୋର କଅଣ ହେଲା !

''ସେ ଅନ୍ୟ ଭକ୍ତମାନଙ୍କୁ ଅନାଇ କହିଲେ, ସେ ନିଜକୁ ଜାଣି ପାରିଲେ ଦେହ ରଖିବ ନାହିଁ । ମୁଁ ଭୁଲାଇ ରଖିଛି । ଦିନେ କହିଲେ, ତୁମେ ମନେ କରିଲେ କୃଷ୍ଣଙ୍କୁ ହୃଦୟ ମଧ୍ୟରେ ଦେଖିପାର । ମୁଁ କହିଲି, ମୁଁ କୃଷ୍ଣଙ୍କୁ ମାନେ ନାହିଁ । (ମାଷ୍ଟର ଓ ନରେନ୍ଦ୍ରଙ୍କ ହାସ୍ୟ)

''ଆଉ ଗୋଟିଏ ଦେଖିଛି, ଗୋଟିଏ ଗୋଟିଏ ଜାଗା, ଜିନିଷ ବା ମନୁଷ୍ୟ ଦେଖିଲେ, ବୋଧ ହୁଏ ଯେପରି ଆଗେ ଜନ୍ମ ଜନ୍ମାନ୍ତରେ ଦେଖିଛି । ଯେପରି ଚିହ୍ନା ଚିହ୍ନା । Amherst Street ରେ ଯେତେବେଳେ ଶରତଙ୍କ ଘରକୁ ଗଲି, ଶରତଙ୍କୁ କହିଲି, ଏହି ଘର ଯେପରି ମୋର ସବୁ ଜଣା । ଘର ଭିତର ବାଟଗୁଡ଼ିକ, ଘରଗୁଡ଼ିକ, ଯେପରି ଅନେକ ଦିନର ଚିହ୍ନା ଚିହ୍ନା ।

"ମୁଁ ନିଜ ମତ ଅନୁଯାୟୀ କାର୍ଯ୍ୟ କରେ, ସେ (ଠାକୁରେ) କିଛି କହନ୍ତି ନାହିଁ । ମୁଁ ସାଧାରଣ ବ୍ରାହ୍ମ ସମାଜରେ ସଭ୍ୟ ହୋଇଥିଲି, ଜାଣନ୍ତି ତ ?

ମାଷ୍ଟର—ହଁ, ମୁଁ ତାହା ଜାଣେ ।

ନରେନ୍ଦ୍ର—ସେ ଜାଣିଥିଲେ ଯେ, ସେଠାକୁ ସ୍ତ୍ରୀଲୋକମାନେ ଯାଆନ୍ତି । ସ୍ତ୍ରୀଲୋକମାନଙ୍କ ସମ୍ମୁଖରେ ଧ୍ୟାନ କରାଯାଏ ନାହିଁ; ତେଣୁ ନିନ୍ଦା କରୁଥିଲେ । ମୋତେ କିଛି କହିଲେ ନାହିଁ । ଦିନେ କେବଳ କହିଲେ, ରାଖାଲକୁ ଏକଥା କହିବୁ ନାହିଁ ଯେ,—ତୁମେ ସମାଜରେ ସଭ୍ୟ ହୋଇଛ, ତାହେଲେ ତା'ର ମଧ ହେବାକୁ ଇଚ୍ଛାହେବ ।

ମାଷ୍ଟର—ତୁମ ମନର ଜୋର୍ ବେଶି, ତେଣୁ ତୁମକୁ ବାରଣ କରିନାହାନ୍ତି ।

ନରେନ୍ଦ୍ର—ଅନେକ ଦୁଃଖ କଷ୍ଟ ପାଇବା ପରେ ଏହି ଅବସ୍ଥା ହୋଇଛି । ମାଷ୍ଟର ମହାଶୟ, ଆପଣ ଦୁଃଖ କଷ୍ଟ ପାଇନାହାନ୍ତି, ତେଣୁ ମନେକର ଦୁଃଖ କଷ୍ଟ ନ ପାଇଲେ Resignation (ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ସମର୍ପଣ) ହୁଏ ନାହିଁ— Absolute Dependence on God.

ନରେନ୍ଦ୍ର—ଆଚ୍ଛା—ଏତେ ନମ୍ର ଓ ନିରହଙ୍କାର; କେତେ ବିନୟୀ ! ମୋର କିପରି ବିନୟ ହେବ କହି ପାରିବେ ?

ମାଷ୍ଟର—ସେ କହିଛନ୍ତି, ତୁମର ଅହଂକାର ସମ୍ବନ୍ଧରେ—ଏ 'ଅହଂ' କାହାର ?

ନରେନ୍ଦ୍ର—ଏହାର ଅର୍ଥ କଅଣ ?

ମାଷ୍ଟର—ଅର୍ଥାତ୍ ରାଧିକାକୁ ଜଣେ ସଖୀ କହୁଛନ୍ତି, ତୋର ଅହଂକାର ହୋଇଛ—ତେଣୁ କୃଷ୍ଣଙ୍କୁ ଅପମାନ କଲୁ । ଆଉ ଜଣେ ସଖୀ ତାହାର ଉତ୍ତର ଦେଲେ, ହଁ, ଅହଂକାର ଶ୍ରୀମତୀଙ୍କର ହୋଇଥିଲା ସତ, କିନ୍ତୁ ଏ 'ଅହଂ' କାହାର ? ଅର୍ଥାତ୍, କୃଷ୍ଣ ମୋର ପତି,—ଏହି ଅହଂକାର;—କୃଷ୍ଣହିଁ 'ଅହଂ' ରଖିଦେଇଛନ୍ତି । ଠାକୁରଙ୍କର କଥାର ମାନେ ଏହି—ଈଶ୍ୱରହିଁ ଏହି ଅହଂକାର ତୁମ ଭିତରେ ରଖି ଦେଇଛନ୍ତି; ଯାହା ଦ୍ୱରା ଅନେକ କାର୍ଯ୍ୟ କରାଇ ନେବେ ।

ନରେନ୍ଦ୍ର—କିନ୍ତୁ ମୁଁ ସାହସର ସହିତ କହିପାରେ ଯେ ମୋର ଦୁଃଖ ନାହିଁ !

ମାଷ୍ଟର(ସହାସ୍ୟରେ)—ତାହା ଯଦି ତୁମର ଇଚ୍ଛା ତେବେ ଜୋରରେ ଘୋଷଣା କର । (ଉଭୟଙ୍କର ହାସ୍ୟ)

ଏଥର ଅନ୍ୟାନ୍ୟ ଭକ୍ତ ମାନଙ୍କ କଥା ପଡ଼ିଲା—ବିଜୟ ଗୋସ୍ୱାମୀ ପ୍ରଭୃତିଙ୍କର ।

ନରେନ୍ଦ—ସେ ବିଜୟ ଗୋସ୍ୱାମୀଙ୍କ କଥା କହିଥିଲେ, କବାଟରେ ଧକ୍କା ଦେଉଛି ।

ମାଷ୍ଟର—ଅର୍ଥାତ୍ ଘର ଭିତରେ ବର୍ତ୍ତମାନ ମଧ୍ୟ ପ୍ରବେଶ କରିନାହାନ୍ତି ।

''କିନ୍ତୁ ଶ୍ୟାମପୁକୁର ଘରେ ବିଜୟ ଗୋସ୍ୱାମୀ ଠାକୁରଙ୍କୁ କହିଥିଲେ, 'ମୁଁ ଆପଣଙ୍କୁ ଢାକାରେ ଏହି ରୂପରେ ଦର୍ଶନ କରିଛି; ଏହି ଶରୀରରେ ? ତୁମେ ମଧ୍ୟ ସେଠାରେ ଉପସ୍ଥିତ ଥିଲ ।''

ନରେନ୍ଦ୍ର—ଦେବେନ୍ଦ୍ର ବାବୁ, ରାମବାବୁ, ଏମାନେ ସମସ୍ତେ ସଂସାର ତ୍ୟାଗ କରିବେ—ଖୁବ୍ ଚେଷ୍ଟା କରୁଛନ୍ତି । ରାମବାବୁ Privately କହିଛନ୍ତି, ଦୁଇବର୍ଷ ପରେ ତ୍ୟାଗ କରିବି ।

ମାଷ୍ଟର—ଦୁଇବର୍ଷ ପରେ ? ସ୍ତ୍ରୀ, ପିଲାମାନଙ୍କର ବନ୍ଦୋବସ୍ତ ହେଲେ ବୋଧ ହୁଏ ?

ନରେନ୍ଦ—ଆଉ ବି ଘରଟାକୁ ଭଡ଼ାଦେବ । ଗୋଟିଏ ଛୋଟ ଘର କିଣିବେ ! ଝିଅର ବିଭାଘର ସେମାନେ ବୁଝିବେ ।

ମାଷ୍ଟର—ଗୋପାଳଙ୍କର ଉଚ୍ଚ ଅବସ୍ଥା, ନୁହେଁ ?

ନରେନ୍ଦ୍ର—କି ଅବସ୍ଥା ?

ମାଷ୍ଟର—ଏତେ ଭାବ, ହରିନାମରେ ଅଶ୍ରୁ, ରୋମାଞ୍ଚ ।

ନରେନ୍ଦ—ଭାବ ହେଲେ କଅଣ ବଡ଼ ଲୋକ ହୋଇଗଲା ।

''କାଳୀ, ଶରତ, ଶଶୀ, ସାରଦା ଏମାନେ—ଗୋପାଳଙ୍କ ଠାରୁ କେତେ ବଡ଼ ଲୋକ । ଏମାନଙ୍କର ତ୍ୟାଗ କେତେ ! ଗୋପାଳ ତାଙ୍କୁ (ଠାକୁର ଶ୍ରୀରାମକୃଷ୍ଣଙ୍କୁ ) ମାନନ୍ତି କି ?

ମାଷ୍ଟର—ଠାକୁର କହିଥିଲେ ସେ (ଗୋପାଳ) ଏଠାର ଲୋକ ନୁହନ୍ତି । ତେବେ ଠାକରଙ୍କୁ ତ ଭାରି ଭକ୍ତି କରନ୍ତି ଦେଖିଛି ।

ନରେନ୍ଦ୍ର—କଅଣ ଦେଖିଛନ୍ତି ?

ମାଷ୍ଟର—ଯେତେବେଳେ ପ୍ରଥମେ ପ୍ରଥମେ ଦକ୍ଷିଣେଶ୍ୱରକୁ ଯାଏ, ଠାକୁରଙ୍କ ଘରେ ଭକ୍ତମାନଙ୍କର ଦରବାର ଭାଙ୍ଗିଲା ପରେ, ବାହାରକୁ ଆସି ଦିନେ ଦେଖିଲି—ଗୋପାଳ ଆଣ୍ଠୁମାଡ଼ି ଉଦ୍ୟାନର ଲାଲ ସଡ଼କ ପଥରେ ହାତ ଯୋଡ଼ି ରହିଛନ୍ତି—ଠାକୁରେ ସେହିଠାରେ ଠିଆ ହୋଇଛନ୍ତି । ନିର୍ମଳ ଚନ୍ଦ୍ରାଲୋକ । ଠାକୁରଙ୍କ ଘରର ଠିକ୍ ଉତ୍ତରରେ ଯେଉଁ ବାରଣ୍ଡାଟି ଅଛି ତାହାର ଠିକ୍ ଉତ୍ତର ପାର୍ଶ୍ୱରେ ଲାଲ୍ ସଡ଼କ ରାସ୍ତା । ସେଠାରେ ଆଉ କେହି ନଥିଲେ । ବୋଧ ହେଲା ଯେପରି—ଗୋପାଳ ଶରଣାଗତ ହୋଇଛନ୍ତି ଓ ଠାକୁରେ ଆଶ୍ୱାସ ଦେଉଛନ୍ତି ।

ନରେନ୍ଦ୍ର—ମୁଁ ଦେଖି ନାହିଁ ।

ମାଷ୍ଟର—ଆଉ ଠାକୁର ମଝିରେ ମଝିରେ କହୁଥିଲେ ଗୋପାଳଙ୍କର ପରସହଂସ ଅବସ୍ଥା । ତେବେ ଏହା ମଧ୍ୟ ମନେ ଅଛି, ଠାକୁରେ ତାଙ୍କୁ ସ୍ତ୍ରୀଭକ୍ତମାନଙ୍କ

ନିକଟକୁ ଯିବା ଆସିବା କରିବାକୁ ବାରଣ କରିଥିଲେ । ଅନେକଥର ସାବଧାନ କରି ଦେଇଥିଲେ ।

ନରେନ୍ଦ୍ର—ଆଉ ଠାକୁର ମୋତେ କହିଥିଲେ, ତା'ର ଯଦି ପରମହଂସ ଅବସ୍ଥା ତେବେ ଟଙ୍କା ପାଇଁ ସେ ଲାଳାୟିତ କାହିଁକି ? ଆଉ କହିଛନ୍ତି, ' ସେ ଏଠାକାର ଲୋକ ନୁହନ୍ତି । ଯେଉଁମାନେ ମୋର ଆପଣାର ଲୋକ ସେମାନେ ଏଠାକୁ ସର୍ବଦା ଆସିବେ ।'

''ତେଣୁ—ବାବୁଙ୍କ ଉପରେ ସେ ବିରକ୍ତି ହେଉଥିଲେ । ସେ ସର୍ବଦା ଗୋପାଳ ସଙ୍ଗରେ ରହୁଥିଲେ ଏବଂ ଠାକୁରଙ୍କ ପାଖକୁ ବେଶୀ ଆସୁନଥିଲେ ।''

''ମୋତେ କହିଥିଲେ,—'ଗୋପାଳ ସିଦ୍ଧ—ହଠାତ୍ ସିଦ୍ଧ'; ସେ ଏଠାର ଲୋକ ନୁହନ୍ତି । ଯଦି ଆପଣାର ହୁଅନ୍ତେ ତାଙ୍କୁ ଦେଖିବା ପାଇଁ ମୁଁ କାନ୍ଦି ନାହିଁ କାହିଁକି ?''

''କେହି କେହି ତାଙ୍କୁ ନିତ୍ୟାନନ୍ଦ ବୋଲି ପ୍ରମାଣ କରିଛନ୍ତି । କିନ୍ତୁ ସେ (ଠାକୁରେ) କେତେଥର କହିଛନ୍ତି, ମୁଁ ହିଁ ଅଦ୍ୱୈତ-ଚୈତନ୍ୟ-ନିତ୍ୟାନନ୍ଦ ଏକାଧାରରେ ତିନିଜଣ ।''

## (୩)

## ନରେନ୍ଦ୍ରଙ୍କ ପୂର୍ବକଥା

ମଠରେ କାଳୀ ତପସ୍ୱୀଙ୍କ ଘରେ ଦୁଇଜଣ ଭକ୍ତ ବସିଛନ୍ତି । ଜଣେ ତ୍ୟାଗୀ ଓ ଜଣେ ଗୃହୀ । ଉଭୟଙ୍କର ବୟସ ୨୪/୨୫ । ଦୁଇଜଣ କଥା କହୁଛନ୍ତି । ଏପରି ସମୟରେ ମାଷ୍ଟର ଆସିଲେ । ସେ ମଠରେ ତିନିଦିନ ରହିବେ ।

ଆଜି ଗୁଡ୍ ଫ୍ରାଇଡ୍ରେ; ୮ ତାରିଖ ଅପ୍ରେଲ ୧୮୮୭; ଶୁକ୍ରବାର । ବର୍ତ୍ତମାନ ସମୟ ସକାଳ ୮ଟା ହେବ । ମାଷ୍ଟର ଆସି ଠାକୁର ଘରକୁ ଯାଇ ପ୍ରଣାମ କଲେ । ତତ୍‌ପରେ ନରେନ୍ଦ୍ର, ରାଖାଲ ପ୍ରଭୃତି ଭକ୍ତମାନଙ୍କ ସହିତ ଦେଖା କରି କ୍ରମେ ଏହି ଘରେ ଆସି ବସିଲେ ଏବଂ ଦୁଇଜଣ ଭକ୍ତଙ୍କ ସହ ସମ୍ଭାଷଣ କରି କ୍ରମେ ସେମାନଙ୍କ କଥା ଶୁଣିବାକୁ ଲାଗିଲେ । ଗୃହୀ ଭକ୍ତଙ୍କର ଇଛା ସଂସାର ତ୍ୟାଗ କରିବାକୁ । ମଠରେ ତ୍ୟାଗୀ ଭକ୍ତ ଜଣଙ୍କ ତାହାଙ୍କୁ ସଂସାର ତ୍ୟାଗ ନ କରିବାକୁ ବୁଝାଉଛନ୍ତି ।

ତ୍ୟାଗୀ ଭକ୍ତ—ଯାହା କିଛି କର୍ମ ଅଛି—କରିଦିଅ । କିଛି କରିଲେ ସବୁ ଶେଷ ହୋଇଯିବ ।

''ଜଣେ ଶୁଣିଥିଲେ, ସେ ନର୍କକୁ ଯିବେ । ସେ ଜଣେ ବନ୍ଧୁଙ୍କୁ ପଚାରିଲେ, ନର୍କ କିପରି? ବନ୍ଧୁଟି ଖଣ୍ଡେ ଖଡ଼ି ନେଇ ନର୍କର ଚିତ୍ର ଆଙ୍କିବାକୁ ଲାଗିଲେ । ନର୍କ

ଯହୁଁ ଅଙ୍କା ହୋଇଛି, ସଙ୍ଗେ ସଙ୍ଗେ ଏହି ଲୋକଟି ତା'ଉପରେ ଗଡ଼ିଗଲେ । ଆଉ କହିଲେ ଏଥର ମୋର ନର୍କ ଭୋଗ ହୋଇଗଲା ।

ଗୃହୀଭକ୍ତ—ମୋତେ ସଂସାର ଭଲ ଲାଗେ ନାହିଁ; ତୁମେମାନେ କେତେ ଆନନ୍ଦରେ ଅଛ !

ତ୍ୟାଗୀଭକ୍ତ—ତୁମେ ଏତେ କଥା କହୁଛ କାହିଁକି ? ବାହାରିବ ତ ବାହାରି ଆସ । ନଚେତ୍ ଥରେ ସଉକ କରି ଭୋଗ କରିନିଅ ।

ନଅଟା ପରେ ଠାକୁର ଘରେ ଶଶୀ ପୂଜା କଲେ ।

ପ୍ରାୟ ଏଗାରଟା ବାଜିଲା । ମଠର ଭାଇମାନେ କ୍ରମେ କ୍ରମେ ଗଙ୍ଗାସ୍ନାନ କରିବାକୁ ଗଲେ । ସ୍ନାନ ପରେ ଶୁଦ୍ଧ ବସ୍ତ୍ର ପରିଧାନ କରି ପ୍ରତ୍ୟେକ ଠାକୁର ଘରକୁ ଯାଇ ଠାକୁରଙ୍କୁ ପ୍ରଣାମ ଓ ତତ୍‌ପରେ ଧ୍ୟାନ କଲେ ।

ଠାକୁର ଭୋଗ ପରେ ମଠର ଭାଇମାନେ ବସି ପ୍ରସାଦ ପାଇଲେ । ମାଷ୍ଟର ମଧ ତାଙ୍କ ସଙ୍ଗେ ପ୍ରସାଦ ପାଇଲେ ।

ସନ୍ଧ୍ୟା ହେଲା । ଝୁଣା ଦେବା ପରେ କ୍ରମେ ଆରତି ହେଲା । ଘରେ ରାଖାଲ, ଶଶୀ, ବୁଢ଼ା ଗୋପାଳ ଓ ହରୀଶ ବସିଛନ୍ତି ।

ମାଷ୍ଟର ମଧ ଅଛନ୍ତି । ରାଖାଲ ଠାକୁର ଖାଇବା ଖୁବ୍ ସାବଧାନରେ ରଖିବାକୁ କହୁଛନ୍ତି ।

ରାଖାଲ(ଶଶୀ ପ୍ରଭୃତିଙ୍କ ପ୍ରତି)—ମୁଁ ଦିନେ ଠାକୁର ଜଳଖିଆ ଖାଇବା ପୂର୍ବରୁ ଜଳଖିଆ ଖାଇଥିଲି । ମୋତେ ଦେଖି ସେ କହିଲେ, ''ତୋ ଆଡ଼କୁ ଚାହିଁ ପାରୁନାହିଁ । ତୁ କାହିଁକି ଏ କାମ କଲୁ !'' —ମୁଁ କାନ୍ଦିବାକୁ ଲାଗିଲି ।

ବୁଢ଼ା ଗୋପାଳ—ମୁଁ କାଶୀପୁରେ ତାଙ୍କ ଖାଇବା ଜିନିଷ ଉପରେ ଜୋର୍‌ରେ ନିଃଶ୍ୱାସ ପକାଇଥିଲି, ସେତେବେଳେ ସେ କହିଲେ, 'ସେ ଖାଦ୍ୟ ନେଇଯାଅ' ।

ବାରଣ୍ଡା ଉପରେ ମାଷ୍ଟର ନରେନ୍ଦ୍ରଙ୍କ ସହିତ ବୁଲୁଛନ୍ତି ଓ ଉଭୟେ ଅନେକ କଥାବାର୍ତ୍ତା କରୁଛନ୍ତି । ନରେନ୍ଦ୍ର କହିଲେ, ମୁଁ ତ କିଛି ମାନେନାହିଁ—

ମାଷ୍ଟର—କଅଣ, ରୂପ !

ନରେନ୍ଦ୍ର—ସେ ଯାହା ଯାହା କହୁଥିଲେ, ପ୍ରଥମେ ବହୁତ କଥା ମାନୁ ନଥିଲି । ଦିନେ ସେ କହିଲେ, ତେବେ ଆସୁଛୁ କାହିଁକି ?

ମୁଁ କହିଲି, 'ଆପଣଙ୍କୁ ଦେଖିବାକୁ ଆସେ, କଥା ଶୁଣିବାକୁ ନୁହେଁ ।'

ମାଷ୍ଟର—ସେ କଅଣ କହିଲେ ?

ନରେନ୍ଦ୍ର—ସେ ଖୁବ୍ ଖୁସି ହେଲେ ।

ପରଦିନ ଶନିବାର । ୯ ତରିଖ ଅପ୍ରେଲ ୧୮୮୭ । ଠାକୁରଙ୍କ ଭୋଗ ପରେ ମଠର ଭାଇମାନେ ଆହାର ପରେ ଟିକିଏ ବିଶ୍ରାମ କରୁଛନ୍ତି । ନରେନ୍ଦ୍ର ଓ ମାଷ୍ଟର ମଠର ପଶ୍ଚିମ ଦିଗରେ ଥିବା ବଗିଚାରେ ଗୋଟିଏ ଗଛତଳେ ବସି ନିର୍ଜନରେ କଥା କହୁଛନ୍ତି । ନରେନ୍ଦ୍ର ଓ ଠାକୁରଙ୍କର ସ୍ମୃତିଚାରଣ କରୁଛନ୍ତି । ନରେନ୍ଦ୍ରଙ୍କ ବୟସ ୨୪; ମାଷ୍ଟରଙ୍କୁ ୩୨ ବର୍ଷ ।

ମାଷ୍ଟର—ଠାକୁରଙ୍କ ସହିତ ପ୍ରଥମ ଦେଖାଦିନଟି ତୁମର ଭଲ ଭାବରେ ମନେ ଅଛି ?

ନରେନ୍ଦ୍ର—ତାହା ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ । ତାଙ୍କ ଘରେ ସେହି ଦିନ ଏହି ଦୁଇଟି ଗୀତ ଗାଇଥିଲି—

ମନ ଚାଲ ନିଜ ନିକେତନେ ।
ସଂସାର ବିଦେଶେ, ବିଦେଶୀର ବେଶେ,
ଭ୍ରମୁ କିମ୍ପା ଅକାରଣେ ॥
ବିଷୟ ପଞ୍ଚକ ଅବା ଭୂତଗଣ,
ସବୁ ତୋର ପର, କେ ନୁହେଁ ଆତ୍ମନଃ,
ପର ପ୍ରେମେ କିମ୍ପା ହୋଇ ଅଚେତନ
ଭୁଲିଛ ଆପଣା ଜନେ ॥
ସତ୍ୟ ପଥେ ମନ କର ଆରୋହଣ,
ପ୍ରେମ-ଦୀପ ଜାଳି ଚଳ ଅନୁକ୍ଷଣ,
ସାଥିରେ ସମ୍ବଳ ରଖ ପୁଣ୍ୟ ଧନ,
ଗୋପନେ ଅତି ଯତନେ ॥
ଲୋଭ ମୋହ ଆଦି ପଥେ ଦସ୍ୟୁଗଣ,
ପଥିକର କରେ ସର୍ବସ୍ୱ ହରଣ,
ପରମ ପତନେ ରଖରେ ପ୍ରହରୀ
ଶମ ଦମ ଦୁଇ ଜନେ ॥
ସାଧୁସଙ୍ଗ ନାମେ ଅଛି ପାନ୍ଥ-ଧାମ
ଶ୍ରାନ୍ତ ହେଲେ ତହିଁ କରିବ ବିଶ୍ରାମ,
ପଥଭ୍ରାନ୍ତ ହେଲେ ପଚାରିବ ପଥ
ସେ ପାନ୍ଥ-ନିବାସୀଗଣେ ॥
ଯଦି ଦେଖ ପଥେ ଭୟର ଆକାର
ପ୍ରାଣପ୍ରଣେ ଦିଅ ଦୋହାଇ ରାଜାର,

ସେ ପଥେ ରାଜାର ପ୍ରବଳ ପ୍ରତାପ
ଶମନ ଡରେ ଯାହା ଶାସନେ ॥
ଗୀତ—ଯିବ କିହେ ଦିନ ମୋର ବିଫଳେ ଚାଲି ।
ଦିବାନିଶି ଅଛି ପ୍ରଭୁ ତବ ଆଶା ପଥ ଚାହିଁ ॥
ତୁମେ ତ୍ରିଭୁବନ ନାଥ, ମୁହିଁ ଭିକାରି ଅନାଥ ।
କେମିତି କହିବି ତୁମକୁ, 'ଆସ ମୋ ହୃଦୟେ ବୋଲି' ॥
ହୃଦୟ କୁଟୀର ଦ୍ୱାର ନିରନ୍ତର ରଖେ ଖୋଲି ।
ଅନ୍ତରେ ଆସ ବାରେ ପ୍ରଭୁ ତୁମେ କୃପା କରି ॥

ମାଷ୍ଟର—ଗୀତ ଶୁଣି କଅଣ କହିଲେ ?

ନରେନ୍ଦ୍ର—ତାଙ୍କର ଭାବ ହୋଇଯାଇଥିଲା । ରାମବାବୁଙ୍କୁ ପଚାରିଲେ, 'ଏ ପିଲାଟି କିଏ ?' ଆହା, କେତେ ଭଲ ଗାଉଛି । ମୋତେ ପୁଣି ଆସିବାକୁ କହିଲେ !

ମାଷ୍ଟର—ଏହାପରେ କେଉଁଠାରେ ଦେଖାଗଲା ।

ନରେନ୍ଦ୍ର—ଏହାପରେ ରାଜମୋହନଙ୍କ ଘରେ । ତାହାପରେ ପୁଣି ଦକ୍ଷିଣେଶ୍ୱରରେ । ସେଥର ଦେଖି ଭାବରେ ମୋତେ ସ୍ତବ କରିବାକୁ ଲାଗିଲେ । ସ୍ତବ କରି କହିଲେ, 'ନାରାୟଣ, ତୁମେ ମୋ ପାଇଁ ଦେହ ଧାରଣ କରି ଆସିଛ !'

''କିନ୍ତୁ ଏହି କଥା ଗୁଡ଼ିକ କାହାକୁ କହିବେ ନାହିଁ ।''

ମାଷ୍ଟର—ଆଉ କଅଣ କହିଲେ ?

ନରେନ୍ଦ୍ର—ତୁମେ ମୋ ପାଇଁ ଦେହ ଧାରଣ କରି ବାବୁ ଆସିଛ । ମାଆଙ୍କୁ କହିଥିଲି, 'ମା' ମୁଁ କଅଣ ଯାଇପାରେ ! ଗଲେ କାହା ସଙ୍ଗରେ କଥା କହିବି ! ମା', କାମିନୀ-କାଞ୍ଚନ-ତ୍ୟାଗୀ ଶୁଦ୍ଧ ଭକ୍ତ ନ ପାଇଲେ କିପରି ପୃଥିବୀରେ ରହିବି !' କହିଲେ, 'ତୁମେ ରାତ୍ରରେ ଆସି ମୋତେ ଉଠାଇଲ ଆଉ କହିଲ, ମୁଁ ଆସିଛି ।' ମୁଁ କିନ୍ତୁ କିଛି ଜାଣେ ନାହିଁ; କଲିକତା ଘରେ ଘୋର ନିଦରେ ଶୋଇଥିଲି ।

ମାଷ୍ଟର—ଅର୍ଥାତ୍ ତୁମେ ଏକ ସମୟରେ Present ଅଛ, Absent ମଧ୍ୟ ଅଛ, ଯେପରି ଈଶ୍ୱର ହେଉଛନ୍ତି ସାକାର ଓ ନିରାକାର ।

ନରେନ୍ଦ୍ର—କିନ୍ତୁ ଏ କଥା କାହାକୁ କହିବ ନାହିଁ ।

## ନରେନ୍ଦ୍ରଙ୍କ ପ୍ରତି ଲୋକଶିକ୍ଷା ପାଇଁ ଆଦେଶ

ନରେନ୍ଦ୍ର—କାଶୀପୁରରେ ସେ ମୋ ଭିତରେ ଶକ୍ତି ସଞ୍ଚାର କରିଥିଲେ ।

ମାଷ୍ଟର—ଯେତେବେଳେ କାଶୀପୁର ଉଦ୍ୟାନରେ ଗଛତଳେ ଧୂନି ଜାଳି ବସିଥିଲ, ତୁହେଁ ?

ନରେନ୍ଦ୍ର—ହଁ । କାଳୀକୁ କହିଲି, ମୋ ହାତ ଧର ଦେଖି । କାଳୀ 'କହିଲା, ତୁମର ଦେହ ଛୁଇଁବାରୁ ମୋ ଦେହରେ ଗୋଟାଏ କଅଣ shock ଲାଗିଲା ।'

ଏ କଥା (ଆମମାନଙ୍କ ମଧ୍ୟରେ) କାହାରିକୁ କହିବେ ନାହିଁ— ପ୍ରତିଜ୍ଞା କରନ୍ତୁ ।

ମାଷ୍ଟର—ତୁମ ଭିତରେ ଶକ୍ତି ସଞ୍ଚାର କଲେ, ଏହାର ବିଶେଷ ଉଦ୍ଦେଶ୍ୟ ଅଛି, ତୁମ ଦ୍ୱାରା ଅନେକ କାର୍ଯ୍ୟ ହେବ । ଦିନେ ଖଣ୍ଡେ କାଗଜରେ ଲେଖିଥିଲେ, **'ନରେନ୍ ଲୋକଶିକ୍ଷା ଦେବ ।'**

ନରେନ୍ଦ୍ର—ମୁଁ କିନ୍ତୁ କହିଥିଲି, 'ମୁଁ ସେ ସବୁ ପାରିବି ନାହିଁ ।'

''ସେ କହିଲେ, 'ତୁମର ହାଡ଼ କରିବ ।' ଶରତର ଭାର ମୋ ଉପରେ ଦେଇଛନ୍ତି । ସେ ବର୍ତ୍ତମାନ ବ୍ୟାକୁଳ ହେଉଛି । ତା'ର କୁଣ୍ଡଳିନୀ ଜାଗ୍ରତ ହୋଇଛି ।

ମାଷ୍ଟର—ବର୍ତ୍ତମାନ ଯେପରି ପତ୍ର ଜମି ନ ଯାଏ । ଠାକୁର କହୁଥିଲେ, ବୋଧ ହୁଏ, ମନେଥିବ ଯେ, ପୋଖରୀ ଭିତରେ ମାଛମାନଙ୍କର ଗାତ ଥାଏ ଯେଉଁଠାରେ ମାଛମାନେ ଆସି ବିଶ୍ରାମ କରନ୍ତି । ଯେଉଁ ଗାତରେ ପତ୍ର ଜମିଯାଏ, ସେ ଗାତରେ ଆଉ ମାଛ ଆସି ରହନ୍ତି ନାହିଁ ।

## ନରେନ୍ଦ୍ରଙ୍କର ଅଖଣ୍ଡ ଘର

ନରେନ୍ଦ—ଠାକୁର ମୋତେ ନାରାୟଣ କହୁଥିଲେ ।

ମାଷ୍ଟର—ତୁମଙ୍କୁ 'ନାରାୟଣ' କହୁଥିଲେ ଜାଣେ ।

ନରେନ୍ଦ୍ର—ତାଙ୍କର ଅସୁସ୍ଥ ସମୟରେ ଶୌଚ ପାଇଁ ମୋ ହାତରୁ ପାଣି ନେଉ ନଥିଲେ ।

କାଶିପୁରେ କହିଲେ, 'ଚାବି ମୋ ପାଖରେ ରହିଲା; ସେ ନିଜେ କିଏ; ଜାଣିପାରିଲେ ଦେହତ୍ୟାଗ କରିବ ।'

ମାଷ୍ଟର—ଯେତେବେଳେ ତୁମର ଦିନେ ନିର୍ବିକଳ୍ପ ସମାଧି ଅବସ୍ଥା ହୋଇଥିଲା, ନୁହେଁ ?

ନରେନ୍ଦ୍ର—ସେହି ସମୟରେ ବୋଧ ହେଉଥିଲା, ଯେପରି ମୋର ଶରୀର ନାହିଁ, କେବଳ ମୁହଁଟି ଅଛି । ପରୀକ୍ଷା ଦେବି ବୋଲି ଘରେ ଆଇନ୍ ପଢୁଥିଲି, । ସେତେବେଳେ ହଠାତ୍ ମନେ ହେଲା, କଅଣ କରୁଛି !

ମାଷ୍ଟର—ଯେତେବେଳେ ଠାକୁରେ କାଶୀପୁରେ ଥିଲେ ?

ନରେନ୍ଦ୍ର—ହଁ । ପାଗଳ ପରି ଘରୁ ବାହାରି ଆସିଲି । ସେ ପ୍ରଶ୍ନ କଲେ, 'ତୁମେ କଅଣ ଚାହୁଁଛ ?' ମୁଁ କହିଲି, ମୁଁ ସମାଧିସ୍ଥ ହୋଇ ରହିବି, 'ସେ କହିଲେ, ତୁମର ତ ବଡ଼ ହୀନ ବୁଦ୍ଧି । ସମାଧିର ପରପାରିକୁ ଯାଅ । ସମାଧି ତ ତୁଚ୍ଛ କଥା ।'

ମାଷ୍ଟର—ହଁ, ସେ କହୁଥିଲେ ଜ୍ଞାନ ପରେ ବିଜ୍ଞାନ । ଛାତକୁ ଉଠିଲା ପରେ ପୁଣି ସିଡ଼ିରେ ଯିବା ଆସିବା କରିବା ।

ନରେନ୍ଦ୍ର—କାଳୀ ଜ୍ଞାନ ଜ୍ଞାନ କହେ । ମୁଁ ସେଥିପାଇଁ ତାକୁ ଗାଳି ଦିଏ । ଜ୍ଞାନ କ'ଣ ସହଜରେ ହେବ ? ଆଗେ ଭକ୍ତି ଦୃଢ଼ ହେଉ ।

"ପୁଣି ତାରକ ବାବୁଙ୍କୁ ଦକ୍ଷିଣେଶ୍ୱରରେ କହିଥିଲେ, ଭାବଭକ୍ତି କିଛି ଶେଷ ନୁହେଁ ।"

ମାଷ୍ଟର—ତୁମ ବିଷୟରେ ଆଉ କଅଣ କହିଥିଲେ କୁହ ।

ନରେନ୍ଦ୍ର—ମୋ କଥାରେ ଏତେ ବିଶ୍ୱାସ ଯେ ଯେତେବେଳେ କହିଲି, 'ଆପଣ ଯେଉଁ ରୂପ ଦେଖନ୍ତି ସେ ସବୁ ମନର ଭୁଲ, ସେତେବେଳେ ମାଆଙ୍କ ପାଖକୁ ଯାଇ ପଚାରିଲେ, 'ମା' ନରେନ୍ଦ୍ର ଏହିସବୁ କଥା କହିଛି, ତେବେ ଏସବୁ କଅଣ ଭୁଲ ?' ତାହାପରେ କହିଲେ,ମା କହିଲେ, ସେ ସବୁ ସତ୍ୟ ।'

ଠାକୁର କହିଥିଲେ, ବୋଧହୁଏ ମନେଥିବ, 'ତୁମର ଗୀତ ଶୁଣିଲେ (ଛାତିରେ ହାତ ଦେଇ) ଏହାଙ୍କ ଭିତରେ ଯେ ଅଛନ୍ତି, ସେ ସର୍ପପରି ଫଁ ଶବ୍ଦ କରି ଫଣା ଟେକି ସ୍ଥିର ହୋଇ ଶୁଣନ୍ତି ।'

"କିନ୍ତୁ, ମାଷ୍ଟର ମହାଶୟ, ସେ ତ ଏତେ କଥା କହିଥିଲେ । କାହିଁ ମୋର କଅଣ ହେଲା !"

ମାଷ୍ଟର—ବର୍ତ୍ତମାନ ଶିବ ସାଜିଛି, ପଇସା ନେବାର ଶକ୍ତି ନାହିଁ । ଠାକୁରଙ୍କର ଗଳ୍ପ ମନେ ଅଛି ତ ?

ନରେନ୍ଦ୍ର—କ'ଣ ଥରେ କୁହନ୍ତୁ ତ ।

ମାଷ୍ଟର—ଜଣେ ବହୁରୂପୀ ଶିବ ସାଜିଥିଲା । ଯାହାଙ୍କ ଘରକୁ ଯାଇଥିଲା, ସେମାନେ ଗୋଟାଏ ଟଙ୍କା ଦେବାକୁ ଚାହିଁଲେ, ସେ ନେଲା ନାହିଁ । ଘରୁ ହାତ ପାଦ ଧୋଇ ଆସି ଟଙ୍କା ଚାହିଁଲା । ଘର ଲୋକେ କହିଲେ, 'ସେତେବେଳେ ତ ନେଲ ନାହିଁ ?'ସେ କହିଲା ସେତେବେଳେ ଶିବ ସାଜିଥିଲି, ସନ୍ୟାସୀ—ଟଙ୍କା ଛୁଇଁବାର ଶକ୍ତି ନାହିଁ ।'

ଏହି କଥା ଶୁଣି ନରେନ୍ଦ୍ର ଅନେକ କ୍ଷଣ ଧରି ଖୁବ୍ ହସିଲେ ।

ମାଷ୍ଟର—ତୁମେ ବର୍ତ୍ତମାନ ବୈଦ୍ୟ ସାଜିଛ । ତୁମ ଉପରେ ସବୁ ଭାର । ତୁମେ ମଠର ଭାଇ ମାନଙ୍କୁ ମନୁଷ୍ୟ କରିବ ।

ନରେନ୍ଦ୍ର—ସାଧନ ଭଜନ ଯାହା ଆମେମାନେ କରୁଛୁ, ଏ ସବୁ ତାଙ୍କ କଥାରେ । କିନ୍ତୁ Strange (ଆଶ୍ଚର୍ଯ୍ୟର ବିଷୟ) ଏହି ଯେ, ରାମବାବୁ ଏହି ସାଧନ ପାଇଁ ସମାଲୋଚନା କରନ୍ତି । ରାମବାବୁ କହନ୍ତି, ତାଙ୍କୁ ଦର୍ଶନ କରିଛୁ, ଆଉ ସାଧନ କଅଣ ?

ମାଷ୍ଟର—ଯାହାର ଯେପରି ବିଶ୍ୱାସ ସେ ସେପରି କରୁ ।

ନରେନ୍ଦ୍ର—ଆମମାନଙ୍କୁ ତ ସେ ସାଧନ କରିବାକୁ କହିଛନ୍ତି ।

ନରେନ୍ଦ୍ର ଠାକୁରଙ୍କ ପ୍ରେମର କଥା ପୁଣି କହିଛନ୍ତି ।

ନରେନ୍ଦ୍ର—ମୋ ପାଇଁ ମାଆଙ୍କ ନିକଟରେ କେତେ କଥା କହିଛନ୍ତି । ଯେତେବେଳେ ଖାଇବାକୁ ପାଉନାହିଁ—ବାପାଙ୍କର କାଳ ହୋଇଛି—ଘରେ ଖୁବ୍ କଷ୍ଟ—ସେତେବେଳେ ମୋ ପାଇଁ ଟଙ୍କା ପ୍ରାର୍ଥନା କରିଥିଲେ ।

ମାଷ୍ଟର—ତାହା ଜାଣେ, ତୁମ ପାଖରୁ ଶୁଣିଥିଲି ।

ନରେନ୍ଦ୍ର—ଟଙ୍କା ହେଲା ନାହିଁ । ସେ କହିଲେ, ମା' କହିଛନ୍ତି, ମୋଟା ଭାତା, ମୋଟାଲୁଗା ହୋଉପାରେ । ଭାତ, ଡାଲି ହୋଇପାରେ ।

"ମୋ ପ୍ରତି ଏତେ ସ୍ନେହ—କିନ୍ତୁ ଯେତେବେଳେ କୌଣସି ଅପବିତ୍ର ଭାବ ଆସିଛି, ସଙ୍ଗେ ସଙ୍ଗେ ଜାଣିପାରିଛନ୍ତି । ଅନ୍ନଦାଙ୍କ ସଙ୍ଗରେ ଯେତେବେଳେ ବୁଲୁଥିଲି, ଅସତ୍ ଲୋକଙ୍କ ସଙ୍ଗରେ ବେଳେବେଳେ ଯାଇ ପଡ଼ିଥିଲି । ସେତେବେଳେ ମୋ ହାତରୁ ଆଉ ଖାଇଲେ ନାହିଁ; ହାତ ଟିକିଏ ଉଠି ଆଉ ଉଠିଲା ନାହିଁ । ତାଙ୍କର ଅସୁସ୍ଥ ସମୟରେ ତାଙ୍କ ମୁହଁ ପର୍ଯ୍ୟନ୍ତ ଉଠି ଆଉ ଉଠିଲା ନାହିଁ; କହିଲେ, ତୁମର ବର୍ତ୍ତମାନ ହୋଇନାହିଁ ।"

"ଥରେ ଥରେ ଖୁବ୍ ଅବିଶ୍ୱାସ ଆସେ । ବାବୁରାମଙ୍କ ଘରେ ମୋର ମନେ ହେଲା, ଯେପରି କିଛି ନାହିଁ । ଈଶ୍ୱର ବୋଲି କେହି ନାହାନ୍ତି ।

ମାଷ୍ଟର—ଠାକୁରେ ତ କହୁଥିଲେ, ତାଙ୍କର ମଧ୍ୟ ଏହିପରି ଅବସ୍ଥା ବେଳେ ବେଳେ ହେଉଥିଲା । ଦୁଇଜଣ ନୀରବ ଅଛନ୍ତି । ମାଷ୍ଟର କହୁଛନ୍ତି, "ଧନ୍ୟ ତୁମେମାନେ ! ରାତି ଦିନ ତାଙ୍କୁ ଚିନ୍ତା କରୁଛ !" ନରେନ୍ଦ୍ର କହିଲେ, "କାହିଁ ? ତାଙ୍କୁ ଦେଖି ପାରୁନାହିଁ ବୋଲି ଶରୀର ତ୍ୟାଗ କରିବାକୁ ଇଚ୍ଛା ହେଉଛି କାହିଁ ?"

ରାତ୍ରି ହୋଇଛି । ନିରଞ୍ଜନ ପୁରୀ ଧାମରୁ କିଛି କ୍ଷଣ ହେଲା ଫେରିଛନ୍ତି । ତାହାଙ୍କୁ ଦେଖି ମଠର ଭାଇମାନେ ଓ ମାଷ୍ଟର ସମସ୍ତେ ଆନନ୍ଦ ପ୍ରକାଶ କଲେ । ସେ ପୁରୀ ଯାତ୍ରାର ବିବରଣୀ କହିବାକୁ ଲାଗିଲେ । ନିରଞ୍ଜନଙ୍କର ବୟସ ବର୍ତ୍ତମାନ ୨୫/୨୬ ହେବ । ସନ୍ଧ୍ୟାରତି ପରେ କେହି କେହି ଧ୍ୟାନ କରୁଛନ୍ତି । ନିରଞ୍ଜନ ଫେରିଛନ୍ତି ବୋଲି ଅଧିକାଂଶ ବଡ଼ଘରେ ଆସି ବସିଲେ ଓ ଆଳାପ କଲେ । ରାତ୍ରି ୯ଟା ପରେ ଶଶୀ ଠାକୁରଙ୍କୁ ଭୋଗ ନିବେଦନ କଲେ ଓ ଶୟନ କରାଇଲେ ।

ମଠ ଭାଇମାନେ ନିରଞ୍ଜନଙ୍କୁ ନେଇ ରାତ୍ରି ଆହାର କରିବାକୁ ବସିଲେ । ଖାଦ୍ୟ ମଧ୍ୟରେ ରୁଟି, ଗୋଟିଏ ତରକାରି ଓ ଟିକିଏ ଗୁଡ଼, ଆଉ ଠାକୁରଙ୍କର ସୁଜିର ପାୟସ—ପ୍ରସାଦ ।

❁❁❁

# ପଞ୍ଚମ ପରିଚ୍ଛେଦ

## ଭକ୍ତ ମାନଙ୍କ ହୃଦୟରେ ଠାକୁର ଶ୍ରୀରାମକୃଷ୍ଣ

### (୧)

### (ବରାହନଗରରେ ନରେନ୍ଦ୍ର ପ୍ରଭୃତିଙ୍କର ସାଧନ ଓ ତୀବ୍ର ବୈରାଗ୍ୟ)

ଆଜି ବୈଶାଖ ପୂର୍ଣ୍ଣିମା । ୭ ତାରିଖ ମେ,୧୮୮୭ ଖ୍ରୀଷ୍ଟାବ୍ଦ । ଶନିବାର ଅପରାହ୍ନ । ନରେନ୍ଦ୍ର ମାଷ୍ଟରଙ୍କ ସହିତ କଥା କହୁଛନ୍ତି । କଲିକତା, ଗୁରୁ ପ୍ରସାଦ ଚୋଧୁରୀ ଲେନ୍‌ର ଗୋଟିଏ ଗୃହର ତଳ ଘରେ ଖଟ ଉପରେ ଉଭୟେ ବସିଛନ୍ତି ।

ମଣି ସେହି ଘରେ ପଢ଼ାପଢ଼ି କରନ୍ତି । Merchant of Venice, Comus, Blackie's Self Culture ଏହି ସବୁ ବହି ପଢୁଛନ୍ତି, ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । ସ୍କୁଲରେ ପଢ଼ାଇବାକୁ ହେବ ।

ପ୍ରାୟ ନଅ ମାସ ହେବ, ଠାକୁର ଶ୍ରୀରାମକୃଷ୍ଣ ଭକ୍ତ ମାନଙ୍କୁ ଅସୀମ ସମୁଦ୍ରରେ ଭସାଇ ସ୍ୱଧାମକୁ ଚାଲିଯାଇଛନ୍ତି । ଅବିବାହିତ ଓ ବିବାହିତ ଭକ୍ତମାନେ ଠାକୁର ଶ୍ରୀରାମକୃଷ୍ଣଙ୍କର ସେବା କରୁଥିବା ସମୟରେ ଯେଉଁ ସ୍ନେହ ସୂତ୍ରରେ ବନ୍ଧାହୋଇଛନ୍ତି, ତାହା ଆଉ ଛିନ୍ନ ହେବାର ନୁହେଁ । ହଠାତ୍ କର୍ଣ୍ଣଧାରଙ୍କ ଅଦର୍ଶନରେ ଆରୋହୀ ଭୟ ପାଇଛନ୍ତି ସତ୍ୟ, କିନ୍ତୁ ସମସ୍ତେ ଯେପରି ଏକପ୍ରାଣ । ପରସ୍ପର ମୁହଁ ଚାହିଁରହିଛନ୍ତି । ବର୍ତ୍ତମାନ ପରସ୍ପରକୁ ନ ଦେଖିଲେ ସେମାନେ ଆଉ ଥୟ ଧରନ୍ତି ନାହିଁ । ଅନ୍ୟ ଲୋକଙ୍କ ସଙ୍ଗରେ ଆଉ ଆଳାପ ଭଲ ଲାଗେ ନାହିଁ । ତାଙ୍କ ଛଡ଼ା ଆଉ ଅନ୍ୟ କଥା କିଛି ଭଲ ଲାଗେ ନାହିଁ । ସମସ୍ତେ ଭାବନ୍ତି, ତାଙ୍କୁ କଅଣ ଆଉ ଦେଖି ପାରିବା ନାହିଁ ? ସେ' ତ କହିଯାଇଛନ୍ତି, ବ୍ୟାକୁଳ ହୋଇ ଡାକିଲେ, ଈଶ୍ୱର ଦେଖାଦେବେ । କହି ଯାଇଛନ୍ତି, ଆନ୍ତରିକ ହେଲେ ସେ ନିଶ୍ଚୟ ଶୁଣିବେ । ଯେତେବେଳେ ନିର୍ଜନରେ ଥାଆନ୍ତି, ସେତେବେଳେ ସେହି ଆନନ୍ଦମୟ ମୂର୍ତ୍ତି ମନେ ପଡ଼େ । ରାସ୍ତାରେ ଚାଲିଲାବେଳେ ଉଦ୍ଦେଶ୍ୟହୀନ ଭାବରେ ଏକାକୀ କାନ୍ଦି କାନ୍ଦି ବୁଲନ୍ତି । ଠାକୁରେ ସେଥିପାଇଁ ବୋଧେ ମଣିଙ୍କୁ କହିଥିଲେ, ତୁମେମାନେ ରାସ୍ତାରେ କାନ୍ଦି କାନ୍ଦି ବୁଲିବ, ତେଣୁ ଶରୀର ତ୍ୟାଗ କରିବାକୁ ଟିକିଏ କଷ୍ଟ ହେଉଛି । କେହି କେହି ଭାବୁଛନ୍ତି, ସେ ଚାଲିଯିବା ପରେ କାହିଁକି ମୁଁ ଏପର୍ଯ୍ୟନ୍ତ ବଞ୍ଚିରହିଛି । ଏହି ଅନିତ୍ୟ ସଂସାରରେ ରହିବାକୁ ଏତେ ଇଛା ! ନିଜେ ମନେ କଲେ ତ ଶରୀର ତ୍ୟାଗ କରିପାରେ, ତା' କରୁଛି କେଉଁଠି ?

ଯୁବକଭକ୍ତମାନେ କାଶୀପୁର ବଗିଚାରେ ରହି ଦିନରାତି ଠାକୁରଙ୍କ ସେବା କରିଥିଲେ । ତାଙ୍କର ମହାସମାଧି ପରେ ଅନିଚ୍ଛା ସତ୍ତ୍ୱେ ଯନ୍ତ୍ର ପୁତ୍ତଳିକା ପରି ନିଜ

ନିଜର ଘରକୁ ଫେରିଗଲେ । ଠାକୁରେ କାହାରିକୁ ହେଲେ ସନ୍ନ୍ୟାସୀର ବାହ୍ୟ ଚିହ୍ନ (ଗେରୁଆ ବସ୍ତ୍ର ଇତ୍ୟାଦି) ଧାରଣ କରିବାକୁ ଅଥବା ଗୃହୀର ଉପାଧି ତ୍ୟାଗ କରିବାକୁ କହିନଥିଲେ । ସେମାନେ ଲୋକମାନଙ୍କ ପାଖରେ ଦତ୍ତ, ଘୋଷ, ଚକ୍ରବର୍ତ୍ତୀ, ଘୋଷାଲ ଇତ୍ୟାଦି ଉପାଧିଯୁକ୍ତ ଭାବରେ ପରିଚିତ ଥିଲେ । କିନ୍ତୁ ଠାକୁରେ ସେମାନଙ୍କୁ ତ୍ୟାଗୀ କରି ଯାଇଛନ୍ତି । ଦୁଇ ତିନି ଜଣଙ୍କ ଫେରିଯିବାକୁ ଘର ନ ଥିଲା ।

ସୁରେନ୍ଦ୍ର ସେମାନଙ୍କୁ କହିଲେ, ଭାଇ, ତୁମେମାନେ ଆଉ କୁଆଡ଼େ ଯିବ, ଗୋଟିଏ ଘର ଭଡ଼ା ନିଆଯାଉ । ତୁମେମାନେ ବି ରହିବ ଆଉ ଆମମାନଙ୍କର ଏକାଠି ହେବା ପାଇଁ ବି ଗୋଟିଏ ସ୍ଥାନ ଦରକାର, ତା ନ ହେଲେ ସଂସାରରେ ଏପରି ଭାବରେ ଦିନରାତି କିପରି କଟାଇବ ? ସେଠାରେ ତୁମେମାନେ ବାସ କରିବ। ମୁଁ କାଶୀପୁର ବଗିଚାକୁ ଠାକୁରଙ୍କ ସେବା ନିମନ୍ତେ ଯତ୍କିଞ୍ଚିତ ଦେଉଥିଲି, ବର୍ତ୍ତମାନ ସେଥିରେ ବସା ଖର୍ଚ୍ଚ ଚଳିବ । ସୁରେନ୍ଦ୍ର ପ୍ରଥମେ ପ୍ରଥମେ ମାସେ ଦୁଇମାସ ତିରିଶ ଟଙ୍କା ଲେଖାଁଏ ଦେଉଥିଲେ । କ୍ରମେ ମଠରେ ଅନ୍ୟାନ୍ୟ ଭାଇମାନେ ଯୋଗ ଦେବାପରେ, ସେ ଶହେ ଟଙ୍କା ଦେଲେ । ବରାହନଗରରେ ଯେଉଁ ଭଡ଼ା ଘର ନିଆଗଲା, ତାହାର ଭଡ଼ା ଓ tax ମିଶି ଏଗାର ଟଙ୍କା । ପାଚକ ବ୍ରାହ୍ମଣର ଦରମା ଛଅଟଙ୍କା ଆଉ ଭୋଜନାଦିର ଖରଚ । ବୁଢ଼ା ଗୋପାଳ, ଲାଟୁ ଓ ତାରକଙ୍କର ଯିବାପାଇଁ ଘର ନାହିଁ । ଛୋଟ ଗୋପାଳ ପ୍ରଥମେ କାଶୀପୁର ବଗିଚାରୁ ଠାକୁରଙ୍କର ଗଦି ଓ ଜିନିଷ ପତ୍ର ନେଇ ସେଇ ବସାଘରକୁ ଗଲେ । ସଙ୍ଗରେ ପାଚକ ବ୍ରାହ୍ମଣ ଓ ଶଶୀ । ରାତିରେ ଶରତ ଆସି ରହିଲେ । ତାରକ ବୃନ୍ଦାବନ ଯାଇଥିଲେ । କିଛିଦିନ ପରେ ସେ ବି ଆସିଲେ । ନରେନ୍ଦ୍ର, ଶରତ, ଶଶୀ, ନିରଞ୍ଜନ ଓ କାଳୀ ପ୍ରଥମେ ମଝେ ମଝେ ଘରୁ ଆସୁଥିଲେ । ରାଖାଲ, ଲାଟୁ, ଯୋଗୀନ, ଓ କାଳୀ ଠିକ୍ ଏହି ସମୟରେ ବୃନ୍ଦାବନ ଯାଇଥିଲେ । କାଳୀ ଏକମାସ ମଧ୍ୟରେ ଫେରିଲେ । ରାଖାଲ କେତେମାସ ପରେ, ଓ ଯୋଗୀନ ଏକବର୍ଷ ପରେ ଫେରିଥିଲେ ।

କିଛିଦିନ ମଧ୍ୟରେ ନରେନ୍ଦ୍ରନାଥ, ରାଖାଲ, ନିରଞ୍ଜନ, ଶରତ, ଶଶୀ, ବାବୁରାମ, ଯୋଗୀନ, କାଳୀ, ଲାଟୁ, ମଠରେ ବାସ କଲେ, ଆଉ ଘରକୁ ଫେରିଲେ ନାହିଁ । କ୍ରମେ ପ୍ରସନ୍ନ ଓ ସୁବୋଧ ଆସି ରହିଲେ । ଗଙ୍ଗାଧର ଓ ହରି ପରେ ଆସି ପହଞ୍ଚିଲେ ।

ଧନ୍ୟ ସୁରେନ୍ଦ୍ର ! ଏହି ପ୍ରଥମ ମଠ ତୁମରି ହାତରେ ଗଢ଼ା । ତୁମରି ସଦିଚ୍ଛାରେ ଏହି ଆଶ୍ରମ ହେଲା । ତୁମକୁ ଯନ୍ତ୍ର ସ୍ୱରୂପ କରି ଠାକୁର ଶ୍ରୀରାମକୃଷ୍ଣ ତାଙ୍କର ମୂଳମନ୍ତ୍ର କାମିନୀ-କାଞ୍ଚନ ତ୍ୟାଗ ମୂର୍ତ୍ତିମାନ କଲେ । କୌମାର

ବୈରାଗ୍ୟବାନ ଶୁଦ୍ଧାତ୍ମା ନରେନ୍ଦ୍ର ପ୍ରଭୃତି ଭକ୍ତଙ୍କ ଦ୍ୱାରା ପୁନରାୟ ସନାତନ ହିନ୍ଦୁ-ଧର୍ମକୁ ଜନ ସମ୍ମୁଖରେ ପ୍ରକାଶ କଲେ । ଭାଇ ତୁମର ଋଣ କିଏ ଭୁଲିବ ? ମଠର ଭାଇମାନେ ମାତୃହୀନ ବାଳକ ପରି ରହିଥା'ନ୍ତି—ତୁମକୁ ଅପେକ୍ଷା କରିଥା'ନ୍ତି, କେତେବେଳେ ତୁମେ ଆସିବ । ଆଜି ଘର ଭଡ଼ା ଦେବାରେ ସବୁ ଟଙ୍କା ଶେଷ ହୋଇଛି—ଆଜି ଖାଇବାକୁ କିଛି ନାହିଁ-କେତେବେଳେ ତୁମେ ଆସିବ—ଆସି ଭାଇମାନଙ୍କର ଖାଇବାର ବନ୍ଦୋବସ୍ତ କରିଦେବ । ତୁମର ଅକୃତ୍ରିମ ସ୍ନେହ ସ୍ମରଣ କଲେ କିଏ ଅବା ଅଶ୍ରୁ ବିସର୍ଜନ ନକରି ରହିପାରିବ ।

## (ନରେନ୍ଦ୍ରାଦି ଭକ୍ତମାନଙ୍କର ଈଶ୍ୱରଙ୍କ ପାଇଁ ବ୍ୟାକୁଳତା ଓ ପୟୋପବେଶନ—ପ୍ରସଙ୍ଗ)

କଲିକତାରେ ସେହି ତଳଘରେ ନରେନ୍ଦ୍ର ମଣିଷଙ୍କ ସହିତ କଥା କହୁଛନ୍ତି । ନରେନ୍ଦ୍ର ବର୍ତ୍ତମାନ ଭକ୍ତମାନଙ୍କର ନେତା । ମଠର ସମସ୍ତଙ୍କର ଅନ୍ତରରେ ତୀବ୍ର ବୈରାଗ୍ୟ । ଭଗବାନଙ୍କୁ ଦର୍ଶନ କରିବା ପାଇଁ ସମସ୍ତେ ଛଟପଟ ହେଉଛନ୍ତି ।

ନରେନ୍ଦ୍ର(ମଣିଷଙ୍କ ପ୍ରତି)—ମୋତେ କିଛି ଭଲ ଲାଗୁ ନାହିଁ । ଏହି ଆପଣଙ୍କ ସଙ୍ଗେ କଥା କହୁଛି, ଇଛା ହେଉଛି, ବର୍ତ୍ତମାନ ଉଠିଯିବି ।

ନରେନ୍ଦ୍ର କିଛି କ୍ଷଣ ନୀରବ ରହିଲେ । ପରେ କହୁଛନ୍ତି—'ପୟୋପବେଶନ କରିବି ?'

ମଣି—ତା'ତ ବେଶ । ଭଗବାନଙ୍କ ପାଇଁ ତ ସବୁ କରାଯାଏ ।

ନରେନ୍ଦ୍ର—ଯଦି କ୍ଷୁଧା ସମ୍ଭାଳି ନ ପାରେ ?

ମଣି—ତା ହେଲେ ଖାଇବ । ପୁଣି ଲାଗିବ ।

ନରେନ୍ଦ୍ର—ପୁଣି କିଛି ସମୟ ନୀରବ ରହିଲେ ।

ନରେନ୍ଦ୍ର—ଭଗବାନ ନାହାନ୍ତି ବୋଲି ବୋଧ ହେଉଛି । ଏତେ ପ୍ରାର୍ଥନା କରୁଛି ଥରେ ହେଲେ ଜବାବ ପାଉନାହିଁ ।

"କେତେ ଦେଖିଲି, ମନ୍ତ୍ର ସୁନାର ଅକ୍ଷରରେ ଚକ୍ ଚକ୍ କରୁଛି !"

"କେତେ କାଳୀ ରୂପ, ଆଉ ଅନ୍ୟ ରୂପ ଦେଖିଲି । ତେବେ ବି ଶାନ୍ତି ହେଉ ନାହିଁ ।"

"ଛଅଟା ପଇସା ଦେବ ?"

ନରେନ୍ଦ୍ର ଶୋଭା ବଜାରରୁ (ସେୟାର ଗାଡ଼ିରେ) ବରାହନଗର ମଠକୁ ଯାଇଛନ୍ତି, ସେଥିପାଇଁ ଛଅ ପଇସା ।

ଦେଖୁ ଦେଖୁ ସାତୁ (ସାତକଡ଼ି) ଗାଡ଼ିରେ ଉପସ୍ଥିତ ହେଲେ । ସାତୁ ନରେନ୍ଦ୍ରଙ୍କ ସମବୟସ୍କ । ମଠର ଭାଇମାନଙ୍କୁ ସର୍ବଦା ଭଲ ପାଆନ୍ତି ଓ ସର୍ବଦା

ମଠକୁ ଯାଆନ୍ତି । ତାଙ୍କର ଘର ବରାହ ନଗର ମଠ ପାଖରେ । କଲିକତା ଅଫିସରେ କାର୍ଯ୍ୟ କରନ୍ତି । ତାଙ୍କର ଗାଡ଼ି ଅଛି । ସେହି ଗାଡ଼ିରେ ବସି ଅଫିସରୁ ଆସି ଉପସ୍ଥିତ ହେଲେ ।

ନରେନ୍ଦ୍ର ମଣିଙ୍କୁ ପଇସା ଫେରାଇ ଦେଲେ; ଆଉ କଅଣ ହେବ । ସାଙ୍ଗରେ ଯିବି । ଆପଣ କିଛି ଖୁଆନ୍ତୁ । ମଣି ଜଳଖିଆ ଖୁଆଇଲେ ।

ମଣି ମଧ୍ୟ ସେହି ଗାଡ଼ିରେ ଉଠିଲେ, ସେମାନଙ୍କ ସହିତ ମଠକୁ ଯିବେ । ସଂଧ୍ୟା ସମୟରେ ସମସ୍ତେ ମଠରେ ପହଞ୍ଚିଲେ । ମଠର ଭାଇମାନେ କିପରି ଦିନ କଟାଉଛନ୍ତି ଓ ସାଧନ କରୁଛନ୍ତି, ମଣି ଦେଖିବେ । ଠାକୁର ଶ୍ରୀରାମକୃଷ୍ଣ ପାର୍ଷଦମାନଙ୍କ ହୃଦୟରେ ପ୍ରତିବିମ୍ବିତ ହେଉଛନ୍ତି, ତାହା ଦେଖିବାକୁ ମଣି ମଝିରେ ମଝିରେ ମଠ ଦର୍ଶନ କରିବାକୁ ଯାଆନ୍ତି ।

ମଠରେ ନିରଞ୍ଜନ ନାହାନ୍ତି । ପରିବାରରେ ଏକମାତ୍ର ଜୀବିତ ଥିବା ତାଙ୍କ ମା'ଙ୍କୁ ଦେଖିବାକୁ ଘରକୁ ଯାଇଛନ୍ତି । ବାବୁରାମ, ଶରତ, କାଳୀ ପୁରୀଧାମକୁ ଯାଇଛନ୍ତି ।

ସେଠାରେ ଆଉ କିଛି ଦିନ ରହି ରଥଯାତ୍ରା ଦର୍ଶନ କରିବେ ।

## (ଠାକୁର ଶ୍ରୀରାମକୃଷ୍ଣଙ୍କର ବିଦ୍ୟାର ସଂସାର ଓ ନରେନ୍ଦ୍ରଙ୍କ ତତ୍ତ୍ୱାବଧାନ)

ନରେନ୍ଦ୍ର ମଠ ଭାଇମାନଙ୍କ ତତ୍ତ୍ୱାବଧାନ କରୁଛନ୍ତି । ପ୍ରସନ୍ନ କେତେଦିନ ସାଧନ କରିଥିଲେ । ନରେନ୍ଦ୍ର ତାଙ୍କ ପାଖରେ ପୟୋପବେଶନ କଥା ଉଠାଇଥିଲେ । ନରେନ୍ଦ୍ର କଲିକତା ଯାଇଛନ୍ତି ଦେଖି ସେହି ଅବସରରେ ସେ ନିରୁଦ୍ଦେଶ ହୋଇ ଚାଲି ଯାଇଛନ୍ତି । ନରେନ୍ଦ୍ର ଆସି ସମସ୍ତ ଶୁଣିଲେ । 'ରାଜା' କାହିଁକି ତାକୁ ଯିବାକୁ ଦେଇଛି ? କିନ୍ତୁ ରାଖାଲ ନ ଥିଲେ । ସେ ମଠରୁ ବାହାରି ଦକ୍ଷିଣେଶ୍ୱର ବଗିଚାରେ ବୁଲିବାକୁ ଯାଇଥିଲେ । ରାଖାଲଙ୍କୁ ସମସ୍ତେ 'ରାଜା' ବୋଲି ଡାକୁଥିଲେ । ଅର୍ଥାତ୍ 'ରାଖାଲ ରାଜା' ଶ୍ରୀକୃଷ୍ଣଙ୍କର ଆଉ ଗୋଟେ ନାମ ।'

ନରେନ୍ଦ୍ର—'ରାଜା ଆସୁ, ଥରେ ପଚାରିବି । କାହିଁକି ତାଙ୍କୁ ଯିବାକୁ ଦେଲା ? (ହରିଶଙ୍କ ପ୍ରତି)—ତୁମେ ତ ଗୋଡ଼ମେଲାଇ ଲେକ୍‌ଚର ଝାଡୁଥିଲ, ତାକୁ ମନା କରିପାରିଲ ନାହିଁ ?

ହରିଶ(ଅତି ମୃଦୁସ୍ୱରରେ)—ତାରକ ଭାଇ କହିଥିଲେ, ତଥାପି ସେ ଚାଲିଗଲା ।

ନରେନ୍ଦ୍ର(ମାଷ୍ଟରଙ୍କ ପ୍ରତି)—ଦେଖନ୍ତୁ, ମୁଁ ଭାରୀ ଅସୁବିଧାରେ ପଡ଼ିଛି । ଏଠାରେ ବି ଏକ ମାୟାର ସଂସାରରେ ଆସି ପଡ଼ିଛି । ପୁଣି ଟୋକାଟା କୁଆଡ଼େ ଗଲା ।

ରାଖାଲ ଦକ୍ଷିଣେଶ୍ୱର କାଳୀ ମନ୍ଦିରରୁ ଫେରି ଆସିଛନ୍ତି । ଭବନାଥ ତାଙ୍କୁ ସଙ୍ଗରେ ନେଉଯାଇଥିଲେ ।

ରାଖାଲଙ୍କୁ ନରେନ୍ଦ୍ର ପ୍ରସନ୍ନଙ୍କ କଥା କହିଲେ । ପ୍ରସନ୍ନ ନରେନ୍ଦ୍ରଙ୍କୁ ଖଣ୍ଡିଏ ପତ୍ର ଲେଖିଥିଲେ । ସେହି ପତ୍ର ପଢ଼ାଯାଉଛି । ପତ୍ରରେ ଏହି ମର୍ମରେ ଲେଖିଛନ୍ତି । 'ମୁଁ ପଦ ବ୍ରଜରେ ବୃନ୍ଦାବନ ଚାଲିଲି । ଏଠାରେ ରହିବା ମୋ ପକ୍ଷରେ ବିପଦ । ଏଠାରେ ଭାବର ପରିବର୍ତ୍ତନ ହେଉଛି । ଆଗେ ବାପା, ମା, ଘରର ସମସ୍ତଙ୍କୁ ସ୍ୱପ୍ନ ଦେଖିଲି । ତା' ପରେ ମାୟାର ମୂର୍ତ୍ତି ଦେଖିଲି । ଦୁଇଥର ଖୁବ୍ କଷ୍ଟ ପାଇଛି; ଘରକୁ ଫେରିଯିବାକୁ ହୋଇଥିଲା । ତେଣୁ ଏଥର ଦୂରକୁ ଯାଉଛି । ପରମହଂସ ଦେବ ମୋତେ କହିଥିଲେ, ତୋ ଘରେ ସେମାନେ ସବୁ କରିପାରନ୍ତି; ସେମାନଙ୍କୁ ବିଶ୍ୱାସ କରିବୁ ନାହିଁ ।'

ରାଖାଲ କହୁଛନ୍ତି, ଏହି ସବୁ କାରଣ ଯୋଗୁ ସେ ଚାଲିଯାଇଛି । ସେ ପୁଣି କହିଛି, 'ନରେନ୍ଦ୍ର ପ୍ରାୟ ଘରକୁ ଯାଏ—ମା' ଓ ଭାଇ ଭଉଣୀଙ୍କ ଖବର ନେବାକୁ ଓ ମକଦ୍ଦମା କରିବାକୁ । ଭୟ ହୁଏ, କାଳେ ତା ଦେଖାଦେଖି ମୋର ଘରକୁ ଯିବାକୁ ଇଚ୍ଛା ହେବ ।

ନରେନ୍ଦ୍ର ଏହି କଥା ଶୁଣି ଚୁପ୍ ହୋଇ ରହିଲେ ।

ରାଖାଲ ତୀର୍ଥକୁ ଯିବା କଥା କହୁଛନ୍ତି । ଏଠାରେ ରହି ତ କିଛି ହେଲା ନାହିଁ । ସେ ଯାହା କହୁଥିଲେ ଭଗବାନ ଦର୍ଶନ ହେଲା କେଉଁଠି ? ରାଖାଲ ଶୋଇଛନ୍ତି । ନିକଟରେ କିଏ ବା ଶୋଇଛନ୍ତି, କିଏ ବା ବସିଛନ୍ତି ।

ରାଖାଲ—ଚାଲ ନର୍ମଦାକୁ ବାହାରି ପଡ଼ିବା ।

ନରେନ୍ଦ୍ର—ବାହାରି କ'ଣ ହେବ ? ଜ୍ଞାନ କିଛି ହେବ ? ସେଥିପାଇଁ ଜ୍ଞାନ ଜ୍ଞାନ କରୁଛୁ ।

ଜଣେ ଭକ୍ତ—ତା' ହେଲେ ସଂସାର ତ୍ୟାଗ କଲ କାହିଁକି ?

ନରେନ୍ଦ୍ର—ରାମକୁ ପାଇଲି ନାହିଁ ବୋଲି ଯେ ଶ୍ୟାମ ସଙ୍ଗରେ ରହିବି ଆଉ ପିଲାପିଲିଙ୍କ ବାପ ହେବି, ସେ କିପରି କଥା ।

ଏହା କହି ନରେନ୍ଦ୍ର ଉଠି ଗଲେ ।

ରାଖାଲ ଶୋଇଛନ୍ତି । କିଛିକ୍ଷଣ ପରେ ନରେନ୍ଦ୍ର ପୁନରାୟ ଆସି ବସିଲେ ।

ଜଣେ ଭାଇ ଶୋଇ କରି ରହସ୍ୟ ଭାବରେ କହୁଛନ୍ତି (ଯେପରି ଈଶ୍ୱରଙ୍କ ଅଦର୍ଶନରେ ବଡ଼ କାତର ହୋଇଛନ୍ତି)—"ଆରେ, ମୋତେ ଗୋଟାଏ ଛୁରି ଆଣି ଦେରେ !—ଆଉ ଦରକାର ନାହିଁ !—ଆଉ ଯନ୍ତ୍ରଣା ସହ୍ୟ ହେଉନାହିଁ !"

ନରେନ୍ଦ୍ର(ଗମ୍ଭୀର ଭାବରେ)—ଏହିଠାରେ ଅଛି, ହାତ ବଢ଼ାଇ ନେ । (ସମସ୍ତଙ୍କର ହାସ୍ୟ) ।

ପ୍ରସନ୍ନଙ୍କ କଥା ପୁଣି ହେବାକୁ ଲାଗିଲା ।

ନରେନ୍ଦ୍ର—ଏଠାରେ ବି ମାୟା । ତେବେ ଆଉ ସନ୍ୟାସ କାହିଁକି ?

ରାଖାଲ—'ମୁକ୍ତି ଓ ତାହାର ସାଧନ' ବହିଟିରେ ଅଛି, ସନ୍ୟାସୀମାନଙ୍କର ଏକ ସଙ୍ଗରେ ରହିବା ଭଲ ନୁହେଁ । 'ସନ୍ୟାସୀ ନଗରୀ'ର କଥା ଅଛି ।

ଶଶୀ—ମୁଁ ସନ୍ୟାସ ମାନେ ନା । ମୋର ଅଗମ୍ୟ ସ୍ଥାନ କିଛି ନାହିଁ । ଏପରି ଜାଗା ନାହିଁ, ଯେଉଁଠାରେ ମୁଁ ରହି ନ ପାରେ ।

ଭବନାଥଙ୍କ କଥା ପଡ଼ିଲା । ଭବନାଥଙ୍କ ସ୍ତ୍ରୀଙ୍କର ସଂଙ୍କଟାପନ୍ନ ଅବସ୍ଥା ହୋଇଥିଲା ।

ନରେନ୍ଦ୍ର(ରାଖାଲଙ୍କ ପ୍ରତି)—ଭବନାଥର ସ୍ତ୍ରୀଟା ବୋଧେ ବଞ୍ଚିଛି; ସେଥିପାଇଁ ସେ ଫୁର୍ତ୍ତିକରି ଦକ୍ଷିଣେଶ୍ୱର ବୁଲିବାକୁ ଯାଇଥିଲା ।

କାଙ୍କୁଡ଼ଗାଛିର ଉଦ୍ୟାନ କଥା ପଡ଼ିଲା । ରାମଚନ୍ଦ୍ର ଦତ୍ତ ମନ୍ଦିର କରିବେ ।

ନରେନ୍ଦ୍ର(ରାଖାଲଙ୍କ ପ୍ରତି)—କାହିଁ, ମୁଁ କିଛି ଜାଣେ ନାହିଁ ।

ସନ୍ଧ୍ୟା ହେଲା । ଶଶୀ ଠାକୁର ଶ୍ରୀରାମକୃଷ୍ଣଙ୍କ ଘରେ ଝୁଣା ଦେଲେ ଓ ଅନ୍ୟାନ୍ୟ ଘରେ ଯେତେ ଠାକୁରଙ୍କର ଫଟୋ ଥିଲା, ସେଠାକୁ ଯାଇ ଝୁଣା ଦେଲେ ଓ ମଧୁର ସ୍ୱରରେ ନାମ କରୁ କରୁ ପ୍ରଣାମ କଲେ ।

ଏଥର ଆରତି ହେଉଛି । ମଠର ଭାଇମାନେ ଓ ଅନ୍ୟାନ୍ୟ ଭକ୍ତମାନେ ସମସ୍ତେ କରଯୋଡ଼ି ଠିଆ ହୋଇ ଆରତି ଦର୍ଶନ କରୁଛନ୍ତି । ଘଣ୍ଟା ବାଜୁଛି । ଭକ୍ତମାନେ ସମସ୍ୱରରେ ଆରତି ଗୀତ ଗାଉଛନ୍ତି—

ଜୟ ଶିବ ଓଁକାର ଭଜ ଶିବ ଓଁକାର ।
ବ୍ରହ୍ମା ବିଷ୍ଣୁ ସଦାଶିବ ହର ହର ହର ମହାଦେବ ।।

ନରେନ୍ଦ୍ର ଏହି ଗୀତ ଧରାଇଛନ୍ତି । କାଶୀଧାମରେ ବିଶ୍ୱନାଥଙ୍କ ସମ୍ମୁଖରେ ଏହି ଗୀତ ହୁଏ ।

ମଣି ମଠର ଭକ୍ତମାନଙ୍କୁ ଦର୍ଶନ କରି ପରମ ପ୍ରୀତି ଲାଭ କରିଛନ୍ତି । ମଠର ଖାଇବା ପିଇବା ଶେଷ ହେବାକୁ ୧୧ଟା ବାଜିଲା । ଭକ୍ତମାନେ ସମସ୍ତେ ଶୟନ କଲେ । ସେମାନେ ଯତ୍ନ କରି ମଣିଙ୍କୁ ଶୁଆଇଲେ ।

ରାତ୍ରି ଦୁଇ ପ୍ରହର ହେଲା । ମଣିଙ୍କୁ ନିଦ୍ରା ହେଉ ନାହିଁ । ଭାବୁଛନ୍ତି । ସମସ୍ତେ ରହିଛନ୍ତି, ସେହି ଅଯୋଧ୍ୟା, କେବଳ ରାମ ନାହାନ୍ତି । ମଣି ନିଃଶବ୍ଦରେ ଉଠିଗଲେ ।

ଆଜି ବୈଶାଖ ପୂର୍ଣ୍ଣିମା । ମଣି ଏକାକୀ ଗଙ୍ଗାତୀରରେ ବିଚରଣ କରୁଛନ୍ତି । ଠାକୁରେ ଶ୍ରୀରାମକୃଷ୍ଣଙ୍କ କଥା ଭାବୁଛନ୍ତି ।

## ନରେନ୍ଦ୍ରାଦି ମଠର ଭାଇମାନଙ୍କର ବୈରାଗ୍ୟ ଓ ଯୋଗବାଶିଷ୍ଠ ପାଠ — ସଂକୀର୍ତ୍ତନାନନ୍ଦ ଓ ନୃତ୍ୟ

ମାଷ୍ଟର ଶନିବାର ଦିନ ଆସିଛନ୍ତି । ବୁଧବାର ପର୍ଯ୍ୟନ୍ତ ଅର୍ଥାତ୍ ପାଞ୍ଚଦିନ ମଠରେ ରହିବେ । ଆଜି ରବିବାର । ଗୃହସ୍ଥ ଭକ୍ତମାନେ ପ୍ରାୟ ରବିବାର ଦିନ ମଠ ଦର୍ଶନ କରିବାକୁ ଆସନ୍ତି । ଆଜି କାଲି ଯୋଗବାଶିଷ୍ଠ ପ୍ରାୟ ପଢ଼ା ହୁଏ । ମାଷ୍ଟର ଠାକୁର ଶ୍ରୀରାମକୃଷ୍ଣଙ୍କ ପାଖରୁ ଯୋଗବାଶିଷ୍ଠ କଥା କିଛି କିଛି ଶୁଣିଥିଲେ । ଦେହବୁଦ୍ଧି ଥିଲେ ଯୋଗବାଶିଷ୍ଠର ସୋଽହଂ ଭାବ ଆଶ୍ରୟ କରିବାକୁ ଠାକୁରେ ବାରଣ କରିଥିଲେ; ଆଉ କହିଥିଲେ ସେବ୍ୟ ସେବକର ଭାବ ଭଲ । ମାଷ୍ଟର ଦେଖିବେ, ମଠର ଭାଇମାନଙ୍କ ସହିତ ମିଳେ କି ନାହିଁ । ଯୋଗବାଶିଷ୍ଠ ସମ୍ବନ୍ଧରେ କଥା ପକାଇଲେ ।

ମାଷ୍ଟର — ଆଚ୍ଛା, ଯୋଗବାଶିଷ୍ଠରେ ବ୍ରହ୍ମଜ୍ଞାନ କଥା କିପରି ଅଛି ?

ରାଖାଲ — କ୍ଷୁଧା, ତୃଷ୍ଣା, ସୁଖ, ଦୁଃଖ ଏ ସମସ୍ତ ମାୟା । ମନର ନାଶ ହେଲା ଉପାୟ ।

ମାଷ୍ଟର — ମନର ନାଶ ପରେ ଯାହା ଥାଏ ସେହି ବ୍ରହ୍ମ । ନା କଅଣ ?

ରାଖାଲ — ହଁ ।

ମାଷ୍ଟର — ଠାକୁର ମଧ୍ୟ ଏହି କଥା କହିଥିଲେ । ଲଙ୍ଗଳୀ ତାଙ୍କୁ ଏହି କଥା କହିଥିଲେ ।

ଆଚ୍ଛା, ରାମଙ୍କୁ କ'ଣ ବଶିଷ୍ଠ ସଂସାର କରିବାକୁ କହିଥିଲେ । ଏପରି କିଛି ଦେଖିଲେ?

ରାଖାଲ — କାହିଁ, ଏ ପର୍ଯ୍ୟନ୍ତ ତ ପାଇ ନାହିଁ । ରାମଙ୍କୁ ଅବତାର ବୋଲି ମଧ୍ୟ ମାନୁ ନାହିଁ ।

ଏହିପରି କଥାବାର୍ତ୍ତା ହେଉଛନ୍ତି । ଏପରି ସମୟରେ ନରେନ୍ଦ୍ର, ତାରକ ଓ ଆଉ ଜଣେ ଭକ୍ତ ଗଙ୍ଗାତୀରରୁ ଫେରିଆସିଲେ । ସେମାନଙ୍କର କୋନ୍ନଗରକୁ ବୁଲିଯିବାର ଇଚ୍ଛା ଥିଲା — କିନ୍ତୁ ନୌକା ପାଇଲେ ନାହିଁ । ସେମାନେ ଆସି ବସିଲେ । ଯୋଗବାଶିଷ୍ଠ କଥା ଚାଲିବାକୁ ଲାଗିଲା ।

ନରେନ୍ଦ୍ର(ମାଷ୍ଟରଙ୍କ ପ୍ରତି)—ଭଲ ଗଳ୍ପ ସବୁ ଅଛି । ଲୀଳାର କଥା ଜାଣନ୍ତି ?

ମାଷ୍ଟର—ହଁ, ଯୋଗବାଶିଷ୍ଠରେ ଅଛି, ଟିକିଏ ଟିକିଏ ଦେଖିଛି । ଲୀଳାର ବ୍ରହ୍ମଜ୍ଞାନ ହୋଇଥିଲା, ନୁହେଁ ?

ନରେନ୍ଦ୍ର—ହଁ, ଆଉ ଇନ୍ଦ୍ର-ଅହଲ୍ୟା ସଂବାଦ ? ପୁଣି ବିଦୂରଥ ରାଜା ଚଣ୍ଡାଳ ହେଲା ?

ମାଷ୍ଟର—ହଁ ମନେ ପଡୁଛି ।

ନରେନ୍ଦ୍ର—ବନର ବର୍ଣ୍ଣନାଟି କେତେ ଚମତ୍କାର ।

## ମଠରେ ଭାଇମାନଙ୍କର ପ୍ରତ୍ୟହ ଗଙ୍ଗାସ୍ନାନ ଓ ଗୁରୁ ପୂଜା

ନରେନ୍ଦ୍ରାଦି ଭକ୍ତମାନେ ଗଙ୍ଗାସ୍ନାନ କରିବାକୁ ଯାଉଛନ୍ତି । ମାଷ୍ଟର ମଧ୍ୟ ସ୍ନାନ କରିବେ । ଖରା ଦେଖି ମାଷ୍ଟର ଛତା ନେଇଛନ୍ତି । ବରାହ ନଗର ନିବାସୀ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମଧ୍ୟ ସାଙ୍ଗରେ ସ୍ନାନ କରିବାକୁ ଯାଉଛନ୍ତି । ଏହି ସଦାଚାରାନିଷ୍ଠ ଗୃହସ୍ଥ ବ୍ରାହ୍ମଣ ଯୁବକ ମଠକୁ ସର୍ବଦା ଆସନ୍ତି ।

ମାଷ୍ଟର(ଶରତଙ୍କ ପ୍ରତି)—ଭାରୀ ଖରା ।

ନରେନ୍ଦ୍ର—ଛତା ନେଇଥିବାରୁ କ'ଣ ଏପରି କହୁଛନ୍ତି ! (ମାଷ୍ଟରଙ୍କର ହାସ୍ୟ)

ଭକ୍ତମାନେ କାନ୍ଧରେ ଗାମୁଛା ପକାଇ ମଠରୁ ରାସ୍ତାଦେଇ ପାରାମାଣିକ ଘାଟର ଉତ୍ତର ପାଖରେ ସ୍ନାନ କରିବାକୁ ଯାଉଛନ୍ତି । ସମସ୍ତେ ଗେରୁଆ ବସ୍ତ୍ର ପିନ୍ଧିଛନ୍ତି । ଆଜି ବୈଶାଖ ୨୬ ଦିନ । ପ୍ରବଳ ଖରା ।

ମାଷ୍ଟର(ନରେନ୍ଦ୍ରଙ୍କ ପ୍ରତି)—ସର୍ଦ୍ଦିଗର୍ମି ହୋଇପାରେ ।

ନରେନ୍ଦ୍ର—ଆପଣମାନଙ୍କର ଶରୀର ବୈରାଗ୍ୟର ପ୍ରତିବନ୍ଧକ; ନୁହେଁ ? ଆପଣଙ୍କର, ଦେବେନ୍‌ବାବୁଙ୍କର—

ମାଷ୍ଟର ହସିବାକୁ ଲାଗିଲେ ଓ ଭାବିବାକୁ ଲାଗିଲେ, "ଖାଲି କଅଣ ଶରୀର ?"

ସ୍ନାନାନ୍ତେ ଭକ୍ତମାନେ ମଠକୁ ଫେରିଲେ ଓ ଗୋଡ଼ ଧୋଇ ଠାକୁର ଶ୍ରୀରାମକୃଷ୍ଣଙ୍କ ଘରେ ପ୍ରବେଶ କଲେ । ପ୍ରଣାମ ପୂର୍ବକ ଜଣ ଜଣ ହୋଇ ଠାକୁରଙ୍କର ପାଦ ପଦ୍ମରେ ପୁଷ୍ପାଞ୍ଜଳୀ ଦେଲେ ।

ନରେନ୍ଦ୍ରଙ୍କର ପୂଜା ଘରକୁ ଆସିବାରେ କିଛି ବିଳମ୍ବ ହୋଇଥିଲା । ଗୁରୁ ମହାରାଜାଙ୍କୁ ପ୍ରଣାମ କରି ଫୁଲ ଦେବାକୁ ଯାଇ ଦେଖନ୍ତି ତ ପୁଷ୍ପପାତ୍ରରେ ଫୁଲ ନାହିଁ । ତହୁଁ କହି ଉଠିଲେ ଫୁଲ ନାହିଁ ? ପୁଷ୍ପପାତ୍ରରେ ଗୋଟିଏ ଦୁଇଟି ବିଲ୍ୱପତ୍ର

ଥିଲା, ତାହା ଚନ୍ଦନରେ ବୁଡ଼ାଇ ନିବେଦନ କଲେ ।ଅରେ ଘଣ୍ଟାଧ୍ୱନି କଲେ । ପରେ ପ୍ରଣାମ କରି ଦାନାଘରେ ଯାଇ ବସିଲେ ।

## (ଦାନାଘର, ଠାକୁର ଘର ଓ କାଳୀତପସ୍ୱୀଙ୍କ ଘର)

ମଠର ଭାଇମାନେ ନିଜକୁ ଦାନା ଦୈତ୍ୟ ବୋଲି କହୁଥିଲେ ଓ ଯେଉଁ ଘରେ ସମସ୍ତେ ଏକତ୍ର ହୁଅନ୍ତି, ସେହି ଘରକୁ 'ଦାନାଘର' କହୁଥିଲେ । ସର୍ବଶେଷ ଦକ୍ଷିଣ ଘରଟିରେ ଯେଉଁମାନେ ନିର୍ଜନରେ ଧ୍ୟାନ ଧାରଣା ବା ପାଠାଦି କରୁଥିଲେ, ସେହିମାନେ କେବଳ ରହୁଥିଲେ । କାଳୀ ଏହି ଘରର ଦ୍ୱାର ରୁଦ୍ଧ କରି ଅଧିକାଂଶ ସମୟରେ ରହୁଥିଲେ ବୋଲି ମଠର ଭାଇମାନେ ଏହାକୁ କହୁଥିଲେ 'କାଳୀ ତପସ୍ୱୀଙ୍କ' ଘର । କାଳୀ ତପସ୍ୱୀଙ୍କ ଘରର ଉତ୍ତରରେ ଠାକୁରଙ୍କର ଘର । ତାହାର ଉତ୍ତରରେ ଠାକୁରଙ୍କର ନୈବେଦ୍ୟ ଘର । ଏହି ଘରେ ଠିଆ ହେଲେ ଆରତି ଦେଖାଯାଏ ଓ ଭକ୍ତମାନେ ଆସି ଠାକୁର ପ୍ରଣାମ କରନ୍ତି । ନୈବେଦ୍ୟ ଘରର ଉତ୍ତରରେ ଦାନା ଘର । ଘରଟି ଖୁବ୍ ଲମ୍ବା । ବାହାରର ଭକ୍ତମାନେ ଆସିଲେ; ଏହି ଘରେ ସେମାନଙ୍କୁ ଅଭ୍ୟର୍ଥନା କରାଯାଉଥିଲା । ଦାନା ଘରର ଉତ୍ତରରେ ଗୋଟିଏ ଛୋଟ ଘର । ଭାଇମାନେ 'ଭୋଜନ ଘର' କହୁଥିଲେ । ଏଠାରେ ଭକ୍ତ ମାନେ ଆହାର କରୁଥିଲେ ।

ଦାନାଘରର ପୂର୍ବ କୋଣରେ ବାରଣ୍ଡା । ଉତ୍ସବ ହେଲେ ଏହି ବାରଣ୍ଡାରେ ଖିଆପିଆ ହୁଏ । ବାରଣ୍ଡାର ଠିକ୍ ଉତ୍ତରରେ ରୋଷେଇ ଘର ।

ଠାକୁର ଘର ଓ କାଳୀ ତପସ୍ୱୀଙ୍କ ଘରର ପୂର୍ବରେ ବାରଣ୍ଡା । ବାରଣ୍ଡାର ଦକ୍ଷିଣ-ପଶ୍ଚିମ କୋଣରେ ବରାହ ନଗରର ଏକ ସମିତିର ଲାଇବ୍ରେରୀ ଘର । ଏହି ସମସ୍ତ ଘର ଦୋତାଲା ଉପରେ । କାଳୀ-ତପସ୍ୱୀଙ୍କ ଘର ଓ ସମିତିର ଲାଇବ୍ରେରୀ ଘର ମଧ୍ୟସ୍ଥଳରେ ଏକ ତାଲାରୁ ଦୋତାଲାକୁ ଉଠିବା ସିଡ଼ି । ଭକ୍ତମାନଙ୍କ ଭୋଜନ ଘରର ଉତ୍ତର ଦିଗରେ ଦୋତାଲାର ଛାତକୁ ଉଠିବାର ସିଡ଼ି । ନରେନ୍ଦ୍ରାଦି ମଠର ଭାଇମାନେ ଏହି ସିଡ଼ି ଦେଇ ସନ୍ଧ୍ୟା ସମୟରେ ମଝେ ମଝେ ଛାତକୁ ଉଠନ୍ତି । ସେଠାରେ ଉପବେଶନ କରି ସେମାନେ ଈଶ୍ୱରଙ୍କ ସମ୍ବନ୍ଧରେ ନାନା ବିଷୟରେ ଆଲୋଚନା କରନ୍ତି । କେତେବେଳେ ବା ଠାକୁର ଶ୍ରୀରାମକୃଷ୍ଣଙ୍କ କଥା, କେବେ ବା ଶଙ୍କରାଚାର୍ଯ୍ୟଙ୍କର, ରାମାନୁଜଙ୍କର ବା ଯୀଶୁଖ୍ରୀଷ୍ଟଙ୍କ କଥା; କେବେ ବା ହିନ୍ଦୁ ଦର୍ଶନର କଥା, କେବେ ବା ଇଉରୋପୀୟ ଦର୍ଶନ ଶାସ୍ତ୍ରର କଥା; ବେଦ, ପୁରାଣ, ତନ୍ତ୍ରର କଥା ।

ଦାନାଘରେ ବସି ନରେନ୍ଦ୍ର ତାଙ୍କ ଦେବ ଦୁର୍ଲ୍ଲଭ କଣ୍ଠରେ ଭଗବାନଙ୍କର ନାମ ଗୁଣ କୀର୍ତ୍ତନ କରନ୍ତି । ଶରତ ଓ ଅନ୍ୟାନ୍ୟ ଭାଇମାନଙ୍କୁ ଗୀତ ଶିଖାନ୍ତି । କାଳୀ

ବାଦ୍ୟଯନ୍ତ୍ର ଶିଖୁଥିଲେ । ଏହିଘରେ ନରେନ୍ଦ୍ର ଭାଇମାନଙ୍କ ସଙ୍ଗରେ ବହୁ ସମୟ ହରିନାମ ସଂକୀର୍ତ୍ତନରେ ଆନନ୍ଦ କରୁଥିଲେ ଓ ଆନନ୍ଦରେ ନୃତ୍ୟ କରୁଥିଲେ ।

## ନରେନ୍ଦ୍ର ଓ ଧର୍ମ ପ୍ରଚାର—ଧ୍ୟାନଯୋଗ ଓ କର୍ମଯୋଗ

ନରେନ୍ଦ୍ର ଦାନାଘରେ ବସିଛନ୍ତି । ଭକ୍ତମାନେ ବସିଛନ୍ତି—ଚୁନିଲାଲ ମାଷ୍ଟର ଓ ମଠର ଭାଇମାନେ । ଧର୍ମ ପ୍ରଚାର କଥା ପଡ଼ିଲା ।

ମାଷ୍ଟର(ନରେନ୍ଦ୍ରଙ୍କ ପ୍ରତି)—ବିଦ୍ୟାସାଗର କହନ୍ତି, ମୁଁ ବେତ ଖାଇବା ଭୟରେ ଈଶ୍ୱରଙ୍କ କଥା କାହାକୁ କହେ ନାହିଁ ।

ନରେନ୍ଦ୍ର—ବେତ ଖାଇବାର ଭୟ ?

ମାଷ୍ଟର—ବିଦ୍ୟାସାଗର କହନ୍ତି, ମନେକର, ମରିବା ପରେ ଆମେମାନେ ସମସ୍ତେ ଈଶ୍ୱରଙ୍କ ପାଖକୁ ଗଲୁ । ମନେକର, କେଶବ ସେନ୍‌ଙ୍କୁ ଯମଦୂତମାନେ ଈଶ୍ୱରଙ୍କ ପାଖକୁ ନେଇଗଲେ । କେଶବ ସେନ୍ ଅବଶ୍ୟ ସଂସାରରେ ପାପତାପ କରିଛନ୍ତି । ଯେତେବେଳେ ପ୍ରମାଣ ହେଲା, ସେତେବେଳେ ହୁଏତ ଈଶ୍ୱର କହିବେ, ତାକୁ ପଚିଶି ବେତ ମାର । ତାପରେ ମନେକର, ମୋତେ ନେଇଗଲେ । ମୁଁ ହୁଏତ କେଶବ ସେନ୍‌ଙ୍କ ସମାଜକୁ ଯାଏ । ମୁଁ ଅନେକ ଅନ୍ୟାୟ କରିଛି । ତା ପାଇଁ ବେତର ହୁକୁମ ହେଲା । ସେତେବେଳେ ମୁଁ ହୁଏତ କହିଲି, କେଶବ ସେନ୍ ମୋତେ ଏହିପରି ବୁଝାଇଥିଲେ । ତେଣୁ ଏହିପରି କାର୍ଯ୍ୟ କରିଛି । ତହୁଁ ଈଶ୍ୱର ଦୂତମାନଙ୍କୁ ପୁଣି ହୁଏତ କହିବେ, କେଶବ ସେନ୍‌ଙ୍କୁ ନେଇଆସ । ଆସିଲା ପରେ ହୁଏତ ତାଙ୍କୁ ପଚାରିବେ । ତୁ ଏହାକୁ ଉପଦେଶ ଦେଇଥିଲୁ ? ତୁ ନିଜେ ଈଶ୍ୱରଙ୍କ କଥା କିଛି ଜାଣି ନାହୁଁ, ପରକୁ ଉପଦେଶ ଦେଇଥିଲୁ ? ଆରେ କିଏ ଅଛ, ଏହାକୁ ଆହୁରି ପଚିଶି ବେତ ଦିଅ । (ସମସ୍ତଙ୍କର ହାସ୍ୟ)

ତେଣୁ ବିଦ୍ୟାସାଗର କହନ୍ତି, ନିଜେ ତ ସମ୍ଭାଳି ପାରୁ ନାହିଁ, ପୁଣି ପର ପାଇଁ ବେତ ଖାଇବା (ସମସ୍ତଙ୍କର ହାସ୍ୟ) । ମୁଁ ନିଜେ ଈଶ୍ୱରଙ୍କ ବିଷୟରେ କିଛି ବୁଝିନାହିଁ, ପୁଣି ପରକୁ କି ଲେକଚ୍‌ର ଦେବି ।

ନରେନ୍ଦ୍ର—ଯେ ଏଇଟା ବୁଝିନାହିଁ, ସେ ପୁଣି ପାଞ୍ଚଟା ବୁଝିଲା କିପରି ?

ମାଷ୍ଟର—ପୁଣି ପାଞ୍ଚଟା କଅଣ ?

ନରେନ୍ଦ୍ର—ଯେ ଏଇଟା ବୁଝିନାହିଁ ସେ ପରୋପକାର କିପରି ଭାବରେ ବୁଝିଲା ? ସ୍କୁଲ କିପରି ବୁଝିଲା ? ସ୍କୁଲ କରି ପିଲାମାନଙ୍କୁ ବିଦ୍ୟା ଶିଖାଇବାକୁ ହେବ, ଆଉ ସଂସାରରେ ପ୍ରବେଶ କରି, ବିଭାହୋଇ ପୁଅ-ଝିଅଙ୍କର ବାପ ହେବା ଯେ ଠିକ୍, ଏଇଟା ବା ବୁଝିଲା କିପରି ?

"ଯେ ଗୋଟାଏ ଠିକ୍ ବୁଝେ, ସେ ସବୁ ବୁଝେ ।"

ମାଷ୍ଟର(ସ୍ୱଗତଃ)—ଠାକୁର ତ ସତରେ କହନ୍ତି, 'ଯେ ଈଶ୍ୱରଙ୍କୁ ଜାଣିଛି, ସେ ସବୁ ବୁଝେ ।' ଆଉ ସଂସାର କରିବା ସ୍କୁଲ କରିବା ସମ୍ବନ୍ଧରେ ବିଦ୍ୟାସାଗରକୁ କହିଥିଲେ ଯେ 'ସେ ସବୁ ରଜୋଗୁଣରୁ ହୁଏ ।' ବିଦ୍ୟାସାଗର ଦୟା ଅଛି ବୋଲି କହିଥିଲେ । ଏ ରଜୋଗୁଣର ସତ୍ତ୍ୱ । ଏ ରଜୋଗୁଣରେ ଦୋଷ ନାହିଁ ।

ଖାଇବା ପରେ ମଠର ଭାଇମାନେ ବିଶ୍ରାମ କରିଛନ୍ତି । ମଣି ଓ ଚୁନିଲାଲ ନୈବେଦ୍ୟ ଘରର ପୂର୍ବ ଦିଗରେ ଯେଉଁ ଅନ୍ଦର ମହଲର ସିଡ଼ି ଅଛି, ତାହାର ଚଟାଣରେ ବସି ଗଳ୍ପ କରୁଛନ୍ତି । କିପରି ଭାବରେ ଠାକୁରଙ୍କ ସହିତ ଦକ୍ଷିଣେଶ୍ୱରରେ ପ୍ରଥମେ ଦର୍ଶନ ହେଲା ସେହିକଥା ଚୁନିଲାଲ କହିଛନ୍ତି । ସଂସାର ଭଲ ଲାଗେ ନାହିଁ ବୋଲି ସେ ଥରେ ତୀର୍ଥ ଭ୍ରମଣରେ ଯାଇଥିଲେ । ସେହି ସମସ୍ତ ଗଳ୍ପ କରୁଛନ୍ତି । କିଛିକ୍ଷଣ ପରେ ନରେନ୍ଦ୍ର ଆସି ପାଖରେ ବସିଲେ । ଯୋଗବାଶିଷ୍ଠ କଥା ହେବାକୁ ଲାଗିଲା ।

ନରେନ୍ଦ୍ର(ମଣିଙ୍କ ପ୍ରତି)—ବିଦୁରଥର ଚଣ୍ଡାଳ ହେବା କଥା ?

ମଣି—କଅଣ, ଲବଣର କଥା କହୁଛ ?

ନରେନ୍ଦ୍ର—ଓ ! ଆପଣ ପଢ଼ିଛନ୍ତି ।

ମଣି—ହଁ ଅଳ୍ପ ପଢ଼ିଛି ।

ନରେନ୍ଦ୍ର—କ'ଣ ଏଠାରେ ବହି ପଢ଼ିଛନ୍ତି ?

ମଣି—ନା, ଘରେ ଟିକେ ପଢ଼ିଥିଲି ।

ନରେନ୍ଦ୍ର ଛୋଟ ଗୋପାଳକୁ ତମାଖୁ ଆଣିବାକୁ କହୁଛନ୍ତି । ଛୋଟ ଗୋପାଳ ଟିକେ ଧ୍ୟାନ କରୁଥିଲେ ।

ନରେନ୍ଦ୍ର—କି'ରେ ତମାଖୁ ପ୍ରସ୍ତୁତ କର । ଧ୍ୟାନ କ'ଣ କରୁଛ ରେ ? ଆଗେ ଠାକୁର ଓ ସାଧୁଙ୍କର ସେବା କରି Preparation କର । ତା ପରେ ଧ୍ୟାନ । ଆଗେ କର୍ମ ତା' ପରେ ଧ୍ୟାନ । (ସମସ୍ତଙ୍କର ହାସ୍ୟ) ।

ମଠର ପଶ୍ଚିମରେ ଲଗାଲଗି ଅନେକ ଜମି ଅଛି । ସେଠାରେ ଅନେକ ଗଛ ଅଛି । ମାଷ୍ଟର ଗୋଟିଏ ଗଛ ମୂଳରେ ଏକାକୀ ବସିଛନ୍ତି । ଏପରି ସମୟରେ ପ୍ରସନ୍ନ ଆସି ଉପସ୍ଥିତ । ବେଳ ତିନିଟା ହେବ ।

ମାଷ୍ଟର—ଏଇ କେତେଦିନ ହେଲା କୁଆଡ଼େ ଯାଇଥିଲ ? ତୁମ ପାଇଁ ସମସ୍ତେ ଚିନ୍ତିତ ହୋଇଛନ୍ତି । ସେମାନଙ୍କ ସହିତ ଦେଖା ହୋଇଛି ? କେତେବେଳେ ଆସିଲ ?

ପ୍ରସନ୍ନ—କୋନ୍ନଗର ପର୍ଯ୍ୟନ୍ତ ଯାଇଥିଲି । (ଉଭୟଙ୍କର ହାସ୍ୟ) ।

ମାଷ୍ଟର—ବସ, ଟିକେ କଥା କୁହ, ଶୁଣେ । କୁଆଡ଼ ଯାଇଥିଲ ?

ପ୍ରସନ୍ନ—ଦକ୍ଷିଣେଶ୍ୱର କାଳୀ ମନ୍ଦିରକୁ, ସେଠାରେ ଏକ ରାତ୍ରି ଥିଲି ।

ମାଷ୍ଟର(ସହାସ୍ୟ) — ହାଜରା ମହାଶୟଙ୍କର ବର୍ତ୍ତମାନ କିପରି ଭାବ ?

ପ୍ରସନ୍ନ — ହାଜରା କହିଲେ, ତୁମେ ମୋତେ କଅଣ ଭାବିଛ ? (ଉଭୟଙ୍କର ହାସ୍ୟ) ।

ମାଷ୍ଟର(ସହାସ୍ୟ) — ତୁମେ କଅଣ କହିଲ ?

ପ୍ରସନ୍ନ — ମୁଁ ଚୁପ୍ ରହିଲି ।

ମାଷ୍ଟର — ତା'ପରେ ?

ପ୍ରସନ୍ନ — ପୁଣି କହିଲେ, ମୋ ପାଇଁ ତମାଖୁ ଆଣିଛ ? (ଉଭୟଙ୍କର ହାସ୍ୟ) । ଖଟାଇ ନେବାକୁ ଚାହାନ୍ତି । (ହାସ୍ୟ) ।

ମାଷ୍ଟର — ତା ପରେ କୁଆଡ଼େ ଗଲ ?

ପ୍ରସନ୍ନ — କ୍ରମେ କୋନ୍ନଗର ଗଲି । ଗୋଟିଏ ଜାଗାରେ ରାତିରେ ରହିଲି । ଆହୁରି ଆଗେଇ ଯିବି ଭାବିଲି । ପଶ୍ଚିମ ଦିଗକୁ ଯିବାପାଇଁ ରେଳଭଡ଼ା ବିଷୟରେ ଭଦ୍ରଲୋକମାନଙ୍କୁ ପଚାରିଲି, ଏଠାରେ ମିଳିବ କି ନାହିଁ ?

ମାଷ୍ଟର — ସେମାନେ କଅଣ କହିଲେ ?

ପ୍ରସନ୍ନ — ଟଙ୍କାଏ ସୁକାଏ ପାଇପାର । ଏତେ ରେଳଭଡ଼ା କିଏ ଦେବ ? (ଉଭୟଙ୍କର ହାସ୍ୟ) ।

ମାଷ୍ଟର — ସଙ୍ଗରେ କଅଣ ଥିଲା ?

ପ୍ରସନ୍ନ — ଖଣ୍ଡିଏ ଲୁଗା । ପରମହଂସ ଦେବଙ୍କର ଛବି ଥିଲା । ଛବି କାହାରିକି ଦେଖାଇ ନାହିଁ ।

## (ପିତାପୁତ୍ର ସଂବାଦ — ଆଗେ ବାପା — ମା' ନା ଆଗେ ଈଶ୍ୱର ?)

ଶ୍ରୀଯୁକ୍ତ ଶଶୀଙ୍କର ବାପା ମଠକୁ ଆସିଛନ୍ତି । ବାପା ମଠରୁ ପୁଅକୁ ନେଇଯିବେ । ଠାକୁର ଶ୍ରୀରାମକୃଷ୍ଣଙ୍କର ଅସୁସ୍ଥତା ସମୟରେ ପ୍ରାୟ ନଅ ମାସ ଧରି ଅନନ୍ୟ ଚିତ୍ତ ହୋଇ ଶଶୀ ତାଙ୍କର ସେବା କରୁଥିଲେ । ସେ କଲେଜରେ ବି,ଏ ପର୍ଯ୍ୟନ୍ତ ପଢ଼ିଥିଲେ । ଏଣ୍ଟ୍ରାନ୍ସରେ ବୃତ୍ତି ପାଇଥିଲେ । ବାପା ଦରିଦ୍ର ବ୍ରାହ୍ମଣ, କିନ୍ତୁ ସାଧକ ଓ ନିଷ୍ଠାବାନ । ଶଶୀ ବାପାମାଆଙ୍କର ବଡ଼ ପୁଅ । ସେମାନଙ୍କର ବଡ଼ ଆଶା ଯେ, ଶଶୀ ପାଠପଢ଼ା ପରେ ରୋଜଗାର କରି ସେମାନଙ୍କର ଦୁଃଖ ଦୂର କରିବ । କିନ୍ତୁ ଭଗବାନଙ୍କୁ ପାଇବା ପାଇଁ ସେ ସବୁ ତ୍ୟାଗ କରିଥିଲେ । ବନ୍ଧୁମାନଙ୍କୁ କାନ୍ଦି କହନ୍ତି 'କଅଣ କରିବି, ମୁଁ କିଛି ବୁଝିପାରୁ ନାହିଁ । ସେମାନେ କେତେ ଆଶା କରିଥିଲେ । ମା' ମୋର ଗହଣା ପିନ୍ଧିପାରି ନାହାନ୍ତି; ମୁଁ କେତେ ଆଶା କରିଥିଲି, ତାଙ୍କୁ ଗହଣା ପିନ୍ଧାଇବି । କିଛି ହେଲା ନାହିଁ । ଘରକୁ ଫେରିବା

ଅସମ୍ଭବ । ଗୁରୁ ମହାରାଜ କାମିନୀ-କାଞ୍ଚନ ତ୍ୟାଗ କରିବାକୁ କହିଛନ୍ତି । ଆଉ ଯିବାର ଉପାୟ ନାହିଁ ।'

ଠାକୁର ଶ୍ରୀରାମକୃଷ୍ଣଙ୍କର ସ୍ୱଧାମକୁ ଗମନ କରିବା ପରେ ଶଶୀଙ୍କ ପିତା ଭାବିଲେ, ଏଥର ବୋଧେ ଶଶୀ ଘରକୁ ଫେରିବେ । କିନ୍ତୁ ଅଳ୍ପ ଦିନ ଘରେ ରହିଲା ପରେ ମଠ ସ୍ଥାପିତ ହେଲା । ମଠକୁ କିଛି ଦିନ ଯାତାୟାତ କରିବା ପରେ ଶଶୀ ମଠରେ ବାସ କରିବାକୁ ସ୍ଥିର କଲେ । ତେଣୁ ପିତା ମଝିରେ ମଝିରେ ତାଙ୍କୁ ନେବାକୁ ଆସନ୍ତି । ସେ କୌଣସି ମତେ ଯିବେ ନାହିଁ । ଆଜି ବାପା ଆସିଛନ୍ତି ଶୁଣି ଅନ୍ୟ ଦ୍ୱାର ଦେଇ ପଳାୟନ କଲେ, ଯେପରି ତାଙ୍କ ସହିତ ଦେଖା ନ ହେବ ।

ପିତା ମାଷ୍ଟରଙ୍କୁ ଚିହ୍ନନ୍ତି । ତାଙ୍କ ସଙ୍ଗରେ ଉପର ବାରଣ୍ଡାରେ ଚୁଲୁ ଚୁଲୁ କଥା କହିବାକୁ ଲାଗିଲେ ।

ପିତା—ଏଠାରେ କର୍ତ୍ତା କିଏ ? ଏହି ନରେନ୍ଦ୍ର ତ ଯେତେ ନଷ୍ଟର ମୂଳ । ଏମାନେ ତ ଘରକୁ ଫେରି ଯାଇଥିଲେ । ପଢ଼ା ପଢ଼ି ପୁଣି ଆରମ୍ଭ କରିଥିଲେ ।

ମାଷ୍ଟର—ଏଠାରେ କର୍ତ୍ତା କେହି ନାହିଁ । ସମସ୍ତେ ସମାନ । ନରେନ୍ଦ୍ର କ'ଣ କରିବେ ? ନିଜର ଇଚ୍ଛା ନଥିଲେ କେହି କ'ଣ ଗୃହତ୍ୟାଗ କରିପାରେ ? ଆମେ କ'ଣ ସଂପୂର୍ଣ୍ଣ ରୂପେ ଗୃହତ୍ୟାଗ କରି ଆସିପାରୁଛୁ ?

ପିତା—ତୁମେ ତ ଭଲ କରୁଛ । ତୁମେ ସଂସାରରେ ରହିଛ ଏବଂ ଉପାସନା କରୁଛ । ଏଥରେ କ'ଣ ଧର୍ମ ହୁଏ ନାହିଁ ? ଏହାହିଁ ଆମର ଇଚ୍ଛା । ଅମେ ଚାହୁଁ ଶଶୀ ଗୃହରେ ରହୁ ଓ ଏଠାକୁ ମଧ ଯିବା ଆସିବା କରୁ । ତା'ର ମା' ଯେ କେତେ କାନ୍ଦୁଛି ।

ମାଷ୍ଟର ଦୁଃଖିତ ହୋଇ ଚୁପ୍ ରହିଲେ ।

ପିତା—ଭଲ ସାଧୁ ଖୋଜିବା ବିଷୟରେ କହୁଛ । ଶଶୀ ଯଦି ଚାହେଁ ମୁଁ ତାକୁ ଜଣେ ଭଲ ସାଧୁଙ୍କ ପାଖକୁ ନେଇଯିବି । ଇନ୍ଦ୍ରନାରାୟଣ ପାଖକୁ ଜଣେ ଭଲ ସାଧୁ ଆସିଛନ୍ତି । ସେହି ସାଧୁଜଣଙ୍କୁ ଶଶୀ ଦେଖୁନା ।

## ରାଖାଲର ବୈରାଗ୍ୟ, ସନ୍ନ୍ୟାସୀ ଓ ନାରୀ

ରାଖାଲ ଓ ମାଷ୍ଟର କାଳୀତପସ୍ୱୀ-ଘରର ପୂର୍ବଦିଗ ବାରଣ୍ଡାରେ ପଦଚାରଣ କରୁଛନ୍ତି ।

ରାଖାଲ(ବ୍ୟସ୍ତ ହୋଇ)—ମାଷ୍ଟର ମହାଶୟ, ଆମେ ସମସ୍ତେ ମିଳି ସାଧନ କରିବା । ଆମେ ଗୃହତ୍ୟାଗ କରିଛୁ । ଯଦି କେହି କହେ ଯେ ଈଶ୍ୱର ତ ମିଳିଲେ ନାହିଁ, ଏତେ ଦେଖାଦେଖି କାହିଁକି ? ନରେନ୍ଦ୍ର ଏହାର ଭଲ ଉତ୍ତର ଦେଉଛି । ସେ କହେ, 'ରାମ ନ ମିଳିଲେ, ଆମେ କ'ଣ ଶ୍ୟାମ ସହିତ ଘର

କରିବୁ; କ'ଣ ପିଲାପିଲିଙ୍କର ବାପା ହେବୁ ।' ବେଳେ ବେଳେ ନରେନ୍ଦ୍ର ସୁରେନ୍ଦ୍ର କଥା କହେ । ଆପଣ ତାକୁ ପଚାରିବେ ।

ମାଷ୍ଟର—"ଠିକ୍ କଥା । ରାଖାଲ ବାବୁ, ଦେଖୁଛି ତୁମର ମନ ମଧ୍ଯ ଈଶ୍ୱରଙ୍କ ପାଇଁ ବ୍ୟାକୁଳ ହୋଇଛି ।"

ରାଖାଲ—ମାଷ୍ଟର ମହାଶୟ, କଅଣ କହିବି ? ଦ୍ୱିପ୍ରହର ସମୟରେ ନର୍ମଦା ଯିବା ପାଇଁ ପ୍ରାଣ ବ୍ୟାକୁଳ ହୋଇଥିଲା ।

"ମାଷ୍ଟର ମହାଶୟ, ସାଧନ କରନ୍ତୁ, ତା ନହେଲେ କିଛି ହେବ ନାହିଁ, ଦେଖୁ ନାହାନ୍ତି, ଶୁକଦେବଙ୍କର ବି ଭୟ । ଜନ୍ମ ଗ୍ରହଣ କରି ପଳାୟନ । ବ୍ୟାସଦେବ ଠିଆ ହେବାକୁ କହିଲେ, ତଥାପି ଠିଆ ହେଲେ ନାହିଁ ।

ମାଷ୍ଟର—ତୁମେ ବୋଧେ ଯୋଗୋପନିଷଦର କଥା କହୁଛ ? ମାୟା ରାଜ୍ୟରୁ ଶୁକଦେବ ପଳାଉଥିଲେ । ହଁ, ବ୍ୟାସ ଆଉ ଶୁକଦେବଙ୍କର ବେଶ୍ କଥୋପକଥନ ଅଛି । ଏଇ ସଂସାରରେ ଥାଇ ଧର୍ମ କରିବାକୁ କହିଛନ୍ତି । ଶୁକଦେବ କହିଛନ୍ତି, ହରିପାଦପଦ୍ମ କେବଳ ସାର । ଆଉ ସଂସାରରେ ବିବାହ କରି ସ୍ତ୍ରୀ ଲୋକମାନଙ୍କ ସହିତ ବାସ କରିବାକୁ ଘୃଣା କରିଛନ୍ତି ।

ରାଖାଲ—ଅନେକ ମନେ କରନ୍ତି, ସ୍ତ୍ରୀ ଲୋକ ନ ଦେଖିଲେ ହେଲା । ସ୍ତ୍ରୀ ଲୋକ ଦେଖି ମୁଣ୍ଡ ନୁଆଇଁ ଦେଲେ କ'ଣ ହେବ ?

ନରେନ୍ଦ୍ର କାଲି ରାତିରେ ଠିକ୍ କହିଲା, "ଯେତେକ୍ଷଣ ମୋର କାମଭାବ ଅଛି ସେତେକ୍ଷଣ ସ୍ତ୍ରୀ, ପୁରୁଷ ଭେଦାଭେଦ ଅଛି; ତା ନ ହେଲେ ସ୍ତ୍ରୀ ପୁରୁଷ ଭେଦାଭେଦ ନାହିଁ ।

ମାଷ୍ଟର—ଠିକ୍ କଥା । ପିଲାମାନଙ୍କର ସ୍ତ୍ରୀ ପୁରୁଷ ଭେଦ ନାହିଁ ।

ରାଖାଲ—ସେଥିପାଇଁ କହୁଛି, ଆମ୍ଭମାନଙ୍କର ସାଧନ ଦରକାର, ମାୟାତୀତ ନ ହେଲେ, କିପରି ଭାବରେ ଜ୍ଞାନ ହେବ ? ଚାଲନ୍ତୁ ବଡ଼ ଘରକୁ ଯିବା, ବରାହ ନଗରରୁ କେତେ ଜଣ ଭଦ୍ରଲୋକ ଆସିଛନ୍ତି । ଚାଲନ୍ତୁ ନରେନ୍ଦ୍ର ସେମାନଙ୍କୁ କଅଣ କହୁଛି, ଶୁଣିବା ।

## ନରେନ୍ଦ୍ର ଓ ଶରଣାଗତି (Resignation)

ନରେନ୍ଦ୍ର କଥା କହୁଛନ୍ତି । ମାଷ୍ଟର ଭିତରକୁ ଗଲେ ନାହିଁ । ଘରର ପୂର୍ବଦିଗ ବାରଣ୍ଡାରେ ବୁଲୁ ବୁଲୁ କିଛି ଶୁଣିବାକୁ ପାଇଲେ ।

ନରେନ୍ଦ୍ର କହୁଛନ୍ତି—ସନ୍ଧ୍ୟାଦି କର୍ମର ସ୍ଥାନ କାଳ ନାହିଁ ।

ଜଣେ ଭଦ୍ରଲୋକ—ଆଛା ମହାଶୟ, ସାଧନ କରିଲେ ତାଙ୍କୁ ପାଇହେବ ?

ନରେନ୍ଦ୍ର—ତାଙ୍କ କୃପା । ଗୀତାରେ କହିଛନ୍ତି—

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି
ଭ୍ରାମୟନ୍ ସର୍ବଭୂତାନାଂ ଯନ୍ତ୍ରାରୂଢ଼ାନି ମାୟୟା ॥ ୧୮/୬୧
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ
ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥ ୧୮/୬୨

''ତାଙ୍କର କୃପା ନହେଲେ ସାଧନ ଭଜନରେ କିଛି ହୁଏ ନାହିଁ । ତାଙ୍କରି ଶରଣାଗତ ହେବାକୁ ହୁଏ ।

ଭଦ୍ରଲୋକ—ଆମେମାନେ ମଧ୍ୟେ ମଧ୍ୟେ ଆସି ବିରକ୍ତି କରିବୁ ।

ନରେନ୍ଦ୍ର—ଯେତେବେଳେ ଚାହିଁବେ ଆସିବେ ।

''ଆପଣମାନଙ୍କର ସେଠାରେ ଥିବା ଗଙ୍ଗା ଘାଟକୁ ଆମେ ଗାଧୋଇ ଯାଉ ।''

ଭଦ୍ରଲୋକ—ସେଥିରେ ଆପତ୍ତି ନାହିଁ, ତେବେ ଅନ୍ୟ ଲୋକ ଯେପରି ନ ଯାଆନ୍ତି ।

ନରେନ୍ଦ୍ର—ଯଦି କହିବେ ତ ଆମେ ଯିବୁ ନାହିଁ ।

ଭଦ୍ରଲୋକ—ନା, ତା ନୁହେଁ—ତେବେ ଯଦି ଦେଖନ୍ତି ପାଞ୍ଚଜଣ ଯାଉଛନ୍ତି ତେବେ, ନ ଯିବା ଭଲ ।

## (ଆରତି ଓ ନରେନ୍ଦ୍ରଙ୍କର ଗୁରୁଗୀତା ପାଠ)

ସନ୍ଧ୍ୟାପରେ ଆରତି ହେଲା । ଭକ୍ତମାନେ ପୁଣି କୃତାଞ୍ଜଳି ହୋଇ ''ଜୟ ଶିବ ଓଁକାର'' ସମ ସ୍ୱରରେ ଗାଉ ଗାଉ ଠାକୁରଙ୍କୁ ସ୍ତବ କରିବାକୁ ଲାଗିଲେ । ଆରତି ପରେ ଭକ୍ତ ମାନେ ଘରକୁ ଯାଇ ବସିଲେ । ମାଷ୍ଟର ବସିଛନ୍ତି । ପ୍ରସନ୍ନ ଗୁରୁ ଗୀତା ପାଠ କରି ଶୁଣାଇବାକୁ ଲାଗିଲେ । ନରେନ୍ଦ୍ର ନିଜେ ଆସି ସୁର କରି ପାଠ କରିବାକୁ ଲାଗିଲେ ।

ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ ।
ଏକଂ ନିତ୍ୟ ବିମଳମଚଳଂ ସର୍ବଧୀସାକ୍ଷୀଭୂତଂ
ଭାବାତୀତଂ ତ୍ରିଗୁଣ ରହିତଂ ସଦ୍‌ଗୁରୁଂ ତ୍ୱଂ ନମାମି ॥

ପୁଣି ଗାଇଲେ—

ନ ଗୁରୋରଧିକଂ ନ ଗୁରୋରଧିକଂ । ଶିବଶାସନତଃ ଶିବଶାସନତଃ ॥
ଶ୍ରୀମଦ୍ ପରଂ ବ୍ରହ୍ମଗୁରୁଂ ବଦାମି । ଶ୍ରୀମଦ୍ ପରଂ ବ୍ରହ୍ମଗୁରୁଂ ଭଜାମି ॥
ଶ୍ରୀମଦ୍ ପରଂ ବ୍ରହ୍ମଗୁରୁଂ ସ୍ମରାମି । ଶ୍ରୀମଦ୍ ପରଂ ବ୍ରହ୍ମଗୁରୁଂ ନମାମି ।

ନରେନ୍ଦ୍ର ସୁଲଳିତ ସ୍ୱରରେ ଗୁରୁଗୀତା ପାଠ କରିବାକୁ ଲାଗିଲେ । ଆଉ ଭକ୍ତମାନଙ୍କର ମନ ଯେପରି ନିବାତ ନିଷ୍କମ୍ପ ଦୀପ ଶିଖାପରି ସ୍ଥିର ହୋଇଗଲା ।

ସତକୁ ସତ ଠାକୁର କହୁଥିଲେ ସୁମଧୁର ବଂଶୀଧ୍ୱନି ଶୁଣି ସର୍ପ ଯେପରି ଫଣାଟେକି ସ୍ଥିର ହୋଇରହେ, ନରେନ୍ଦ୍ର ଗାଇଲେ ହୃଦୟ ଭିତରେ ଯେ ଅଛନ୍ତି, ସେ ମଧ୍ୟ ସେହିପରି ଚୁପ୍ ହୋଇ ଶୁଣନ୍ତି । ଆହା ! ମଠ ଭାଇମାନଙ୍କର କି ଗୁରୁଭକ୍ତି !

## (ଠାକୁର ଶ୍ରୀରାମକୃଷ୍ଣଙ୍କ ସ୍ନେହ ଓ ରାଖାଲ)

କାଳୀ ତପସ୍ୱୀଙ୍କ ଘରେ ରାଖାଲ ବସିଛନ୍ତି । ପାଖରେ ପ୍ରସନ୍ନ । ମାଷ୍ଟର ମଧ୍ୟ ଅଛନ୍ତି ।

ରାଖାଲ ପରିବାର ଓ ସନ୍ତାନ ତ୍ୟାଗ କରି ଆସିଛନ୍ତି । ଅନ୍ତରରେ ତୀବ୍ର ବୈରାଗ୍ୟ, ଏକାକୀ ନର୍ମଦାତୀରକୁ କିମ୍ବା ଅନ୍ୟ ସ୍ଥାନକୁ ଚାଲିଯିବାକୁ ଭାବୁଛନ୍ତି । ତଥାପି ପ୍ରସନ୍ନଙ୍କୁ ବୁଝାଉଛନ୍ତି ।

ରାଖାଲ(ପ୍ରସନ୍ନଙ୍କ ପ୍ରତି)—କାହିଁକି ବାହାରକୁ ପଳାଉଛୁ ? ଏଠାରେ ସାଧୁସଙ୍ଗ । ଏହାକୁ ଛାଡ଼ି ଯାଆନ୍ତି ? ପୁଣି ନରେନ୍ଦ୍ରଙ୍କ ପରି ଲୋକର ସଙ୍ଗ । ଏସବୁ ଛାଡ଼ି କୁଆଡ଼େ ଯିବୁ ?

ପ୍ରସନ୍ନ—କଲିକତାରେ ବାପା, ମା' ରହିଛନ୍ତି । ଭୟହେଉଛି କାଳେ ସେମାନଙ୍କର ସ୍ନେହ ମୋତେ ଟାଣିନିଏ, ତେଣୁ ଦୂରକୁ ପଳାଇଯିବାକୁ ଚାହେଁ ।

ରାଖାଲ—ଗୁରୁ ମହାରାଜ ଯେପରି ଭଲ ପାଆନ୍ତି, ସେତେ କଅଣ ବାପା ମା' ଭଲ ପାଆନ୍ତି । ଆମେମାନେ ତାଙ୍କର କଅଣ କରିଛୁ ଯେ, ସେ ଏତେ ଭଲ ପାଆନ୍ତି । କାହିଁକି ସେ ଆମମାନଙ୍କର ଦେହ, ମନ, ଆତ୍ମାର, ମଙ୍ଗଳ ନିମନ୍ତେ ଏତେ ବ୍ୟସ୍ତ ଥିଲେ । ଅମେମାନେ କଅଣ କରିଛୁ ?

ମାଷ୍ଟର (ସ୍ୱଗତ)—ଆହା, ରାଖାଲ ଠିକ୍ କହିଛନ୍ତି । ସେଥିପାଇଁ ତାଙ୍କୁ କହନ୍ତି ଅହେତୁକ କୃପାସିନ୍ଧୁ ।

ପ୍ରସନ୍ନ—ତୁମର କଅଣ ବାହାରି ଯିବାକୁ ଇଛା ହୁଏ ନାହିଁ ?

ରାଖାଲ—ମୋ ମନରେ ଖିଆଲ ହେଉଛି ଯେ, ନର୍ମଦା ତୀରକୁ ଯାଇ କିଛିଦିନ ରହନ୍ତି । ଥରେ ଥରେ ଭାବେ ଏହି ସବୁ ଜାଗାରେ କୌଣସି ବଗିଚାରେ ଯାଇ ରହନ୍ତି ଓ କିଛିଦିନ ସାଧନ କରନ୍ତି । ଭାବୁଛି, ତିନିଦିନ ପଞ୍ଚତପା କରିବି । ତଥାପି ସଂସାରୀଙ୍କ ବଗିଚାକୁ ଯିବାକୁ ମନ ହୁଏ ନାହିଁ ।

## ଈଶ୍ୱର କଅଣ ଅଛନ୍ତି ?

ଦାନାଘରେ ତାରକ ଓ ପ୍ରସନ୍ନ କଥା କହୁଛନ୍ତି । ତାରକଙ୍କର ମାଆ ନାହାନ୍ତି । ପିତା ରାଖାଲଙ୍କ ପିତାଙ୍କ ପରି ଦ୍ୱିତୀୟ ବିବାହ କରିଛନ୍ତି । ତାରକ ମଧ୍ୟ ବିବାହ କରିଥିଲେ । କିନ୍ତୁ ପତ୍ନୀ ବିୟୋଗ ହୋଇଛି । ମଠ ବର୍ତ୍ତମାନ ତାରକଙ୍କ ଘର । ତାରକ ମଧ୍ୟ ପ୍ରସନ୍ନଙ୍କୁ ବୁଝାଉଛନ୍ତି ।

ପ୍ରସନ୍ନ—ନା ହେଲା ଜ୍ଞାନ ନା ହେଲା ପ୍ରେମ, କଅଣ ନେଇ ରହିବାକୁ ହେବ ?

ତାରକ—ଜ୍ଞାନ ହେବା କଷ୍ଟକର ସତ୍ୟ, କିନ୍ତୁ ପ୍ରେମ ହେଲା ନାହିଁ କାହିଁକି ?

ପ୍ରସନ୍ନ—କାନ୍ଦିପାରିଲି ନାହିଁ; ପ୍ରେମ ହେବ କିପରି ? ଏତେଦିନ ପରେ କଅଣ ହେଲା ?

ତାରକ—କାହିଁକି, ପରମହଂସ ମହାଶୟଙ୍କୁ ତ ଦେଖିଛ । ଜ୍ଞାନ ହେବ ନାହିଁ କାହିଁକି ?

ପ୍ରସନ୍ନ—କି ଜ୍ଞାନ ହେବ ? ଜ୍ଞାନ ମାନେ ତ ଜାଣିବା । କଅଣ ଜାଣିବ ? ଭଗବାନ ଅଛନ୍ତି କି ନାହାନ୍ତି, ତା'ର ବି ଠିକ୍ ନାହିଁ ।

ତାରକ—ହଁ, ତାହା ସତ୍ୟ, ଜ୍ଞାନୀଙ୍କ ମତରେ ଈଶ୍ୱର ନାହାନ୍ତି ।

ମାଷ୍ଟର(ସ୍ୱଗତଃ)—ଆହା ପ୍ରସନ୍ନଙ୍କର ଯେ କି ଅବସ୍ଥା । ଠାକୁରେ କହିଥିଲେ, ଯେଉଁମାନେ ଭଗବାନଙ୍କୁ ଚାହାନ୍ତି, ସେମାନଙ୍କର ଏହିପରି ଅବସ୍ଥା ହୁଏ । କେତେବେଳେ ବି ବୋଧହୁଏ ଭଗବାନ ଅଛନ୍ତି ନା ନାହାନ୍ତି । ତାରକ ବୋଧହୁଏ ବର୍ତ୍ତମାନ ବୌଦ୍ଧମତ ଆଲୋଚନା କରୁଛନ୍ତି, ସେଥିପାଇଁ ଜ୍ଞାନୀଙ୍କ ମତରେ ଈଶ୍ୱର ନାହାନ୍ତି ବୋଲି କହୁଛନ୍ତି । ଠାକୁରେ କିନ୍ତୁ କହିଥିଲେ, ଜ୍ଞାନୀ ଆଉ ଭକ୍ତ ଗୋଟିଏ ଜାଗାରେ ପହଞ୍ଚିବେ ।

## (୨)

## ଭାଇମାନଙ୍କ ସଙ୍ଗେ ନରେନ୍ଦ୍ର—ନରେନ୍ଦ୍ରଙ୍କ ଅନ୍ତରର କଥା

ଧ୍ୟାନଘରେ ଅର୍ଥାତ୍ କାଳୀ ତପସ୍ୱୀଙ୍କ ଘରେ, ନରେନ୍ଦ୍ର ଓ ପ୍ରସନ୍ନ କଥା କହୁଛନ୍ତି । ଘରର ଆଉ ଗୋଟିଏ ପାଖରେ ରାଖାଲ, ହରିଶ ଓ ଛୋଟ ଗୋପାଳ ଅଛନ୍ତି । ଶେଷରେ ବୁଢ଼ା ଗୋପାଳ ଆସିଛନ୍ତି ।

ନରେନ୍ଦ୍ର ଗୀତା ପାଠ କରୁଛନ୍ତି ଓ ପ୍ରସନ୍ନଙ୍କୁ ଶୁଣାଉଛନ୍ତି—

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍‌ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ॥
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍‌ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥
ସର୍ବଧର୍ମାନ୍‌ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

—ଗୀତା ୧୮/୬୧,୬୨,୬୬

ନରେନ୍ଦ୍ର—ଦେଖୁଛୁ 'ଯନ୍ତାରୂଢ଼' ? 'ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରରୂଢ଼ାନି ମାୟୟା । ଈଶ୍ୱରଙ୍କୁ ଜାଣିବା ! ତୁ କୀଟସ୍ୟ କୀଟ, ତୁ ତାଙ୍କୁ ଜାଣି ପାରିବୁ ! ଥରେ ଭାବିଲୁ, ମନୁଷ୍ୟ କଅଣ ? ଏହି ଯେଉଁ ଅସଂଖ୍ୟ ତାରା ଦେଖୁଛୁ, ଶୁଣିଛି ଏ ଗୋଟିଏ ଗୋଟିଏ Solar System (ସୌରଜଗତ) । ଆମମାନଙ୍କର ପୃଥିବୀ ଗୋଟିଏ Solar System (ସୌରଜଗତ)ର ଅଂଶ । ସୂର୍ଯ୍ୟଙ୍କ ତୁଳନାରେ ପୃଥିବୀ କେତେ କ୍ଷୁଦ୍ର । ସେହି ପୃଥିବୀରେ ମନୁଷ୍ୟ ବୁଲୁଛି ଗୋଟିଏ ପୋକ ପରି । ନରେନ୍ଦ୍ର ଗୀତ ଗାଉଛନ୍ତି—

## (ତୁମେ ପିତା ଆମେ ଶିଶୁ)

ପୃଥ୍ୱୀର ଧୂଳିରେ ଦେବ ଆମର ଜନମ,
ପୃଥ୍ୱୀର ଧୂଳିରେ ଅନ୍ଧ ଆମର ନୟନ ॥
ଜନ୍ମିଅଛୁ ଶିଶୁ ହୋଇ ଧୂଳି ନେଇ ଖେଳ,
ଆମକୁ ଅଭୟ ଦିଅ ଦୁର୍ବଳ—ଶରଣ ॥
ବାରେ ଭୁଲ କଲେ ତୁମେ ନେବନି କି କୋଳେ,
ସତେ କ'ଣ ତେଜି ପ୍ରଭୁ ଯିବ ଚାଲି ଦୂରେ ॥
ଉଠି ଆଉ ନ ପାରିବୁ ପ୍ରଭୁ ଏହା ହେଲେ,
ଅଚେତ ହୋଇ ଚିରଦିନ ପଡ଼ି ରହିବୁ ଭୂମିରେ ॥
ଶିଶୁ ଆମେ କ୍ଷୁଦ୍ର ଅତି ଅଟେ ଆମ ମନ,
ପଦେ ପଦେ ହୁଏ ପିତା ଚରଣ ସ୍ଖଳନ ॥
ରୁଦ୍ରମୁଖ କିମ୍ପା ପ୍ରଭୁ ଦେଖାଅ ଆମ୍ଭରେ,
ମଧ୍ୟେ ମଧ୍ୟେ ପୁଣି କିମ୍ପା ଭ୍ରୁକଟି ଭୀଷଣ ॥
ସାନ ଯେଣୁ ଆମ ଉପରେ କର ନାହିଁ ରୋଷ;
ସ୍ନେହବାକ୍ୟେ କୁହ ପିତା କିବା ଆମ ଦୋଷ ॥
ଶହେଥର ନିଅ ତୋଳି, ଶହେଥର ଗଲେ ଭୁଲି;
କ'ଣ ବା ପାରିବୁ କରି, ଆମ ଦୁରୁବଳ ॥

''ପଡ଼ି ରହ । ତାଙ୍କର ଶରଣାଗତ ହୋଇ ପଡ଼ିରହ ।''

ନରେନ୍ଦ୍ର ଯେପରି ଆବିଷ୍ଟହୋଇ ପୁଣି ଗାଉଛନ୍ତ—

## (ଉପାୟ—ଶରଣାଗତି)

ପ୍ରଭୁ, ଦାସ ମୁଁ ତୁମର, ଦାସ ମୁଁ ତୁମର ।
ତୁମେ ପ୍ରଭୁ ମାଲିକ ମୋର ॥
ଦୁଇ ଖଣ୍ଡ ରୁଟି ଦେଇ, ଦେଲ କୌପୀନ ।

ଭକତି—ଭାବ ଦିଅ ପ୍ରଭୁ ଗାଏ ତବ ନାମ ॥
ତୁମେ ପ୍ରଭୁ ଦୟାମୟ, ଏହି ନାମ ଗାଏ ।
ଦାସ କବୀର ତବ ଚରଣେ ଶରଣ ନିଏ ॥

"ତାଙ୍କ କଥା କଅଣ ମନେ ନାହିଁ ? ଈଶ୍ୱର ଯେ ଚିନିର ପାହାଡ଼ । ତୁ ପିମ୍ପୁଡ଼ି, ଗୋଟିଏ ଦାନାରେ ତୋର ପେଟ ପୁରିଯିବ । ତୁ ମନେ କରିଛୁ, ପାହାଡ଼ଟାକୁ ମୁଣ୍ଡାଇ ଆଣିବୁ । ସେ କହିଛନ୍ତି, ମନେ ନାହିଁ; ଶୁକଦେବ ଅତି ବେଶୀରେ ଗୋଟିଏ ବଡ଼ ପିମ୍ପୁଡ଼ି ? ସେଥିପାଇଁ କାଳୀକୁ କହୁଥିଲି, ଶଳା, ଗଜ ଫିତା ନେଇ ଈଶ୍ୱରଙ୍କୁ ମାପିବୁ ?

"ଈଶ୍ୱର ଦୟାର ସିନ୍ଧୁ, ତାଙ୍କର ଶରଣାଗତ ହୋଇାରହ; ସେ ହିଁ କୃପା କରିବେ, ତାଙ୍କୁ ପ୍ରାର୍ଥନା କର—

'ୟତ୍ତେ ଦକ୍ଷିଣଂ ମୁଖଂ ତେନ ମାଂ ପାହି ନିତ୍ୟମ୍—'
ଅସତୋ ମା ସଦ୍‌ଗମୟ । ତମସୋ ମା ଜ୍ୟୋତିର୍ଗମୟ ॥
ମୃତ୍ୟୋର୍ମା ଅମୃତଂ ଗମୟ । ଆବିରାବୀର୍ମ ଏଧି ॥
ରୁଦ୍ର ୟତ୍ତେ ଦକ୍ଷିଣଂ ମୁଖଂ । ତେନ ମାଂ ପାହି ନିତ୍ୟମ୍ ॥

ପ୍ରସନ୍ନ—କି ସାଧନା କରିବା ?

ନରେନ୍ଦ୍ର—କେବଳ ତାଙ୍କର ନାମ କର । ଠାକୁରଙ୍କର ଗୀତ ମନେ ନାହିଁ ? ନରେନ୍ଦ୍ର ଗୀତଟି ଗାଇଲେ :

### (ଉପାୟ–ତାଙ୍କ ନାମ)

(୧) ଶ୍ୟାମା ମା' ଗୋ, ଭରସା ତୁମରି ନାମ ।
ପୂଜାରେ ବା ଲୋକାଚାରେ କହ ମୋର କିବା କାମ ॥
ତୁମ ନାମେ କଟେ କାଳ-ପାଶ, ବୋଲିଛନ୍ତି ମହାଦେବ ।
ମୁଁ ଯେ ଅଟେ ଶିବ ଦାସ, ଶିବ ବାକ୍ୟ (ମୋର) ମହାମନ୍ତ୍ର ॥
ଏ ଭବ ସଂସାର ଘୋର, ଯାହା ତ ହେବାର ହେବ ।
ଶିବ ବାକ୍ୟେ ପ୍ରୀତି ମୋର, ତବ ନାମ ମୋର ସାର ॥
(୨) ଶିଶୁ ଆମେ କ୍ଷୁଦ୍ର ଅତି ଅଟେ ଆମ ମନ ।
ପଦେ ପଦେ ହୁଏ ପିତା ଚରଣ ସ୍ଖଳନ ॥

### (ଈଶ୍ୱର କଅଣ ଅଛନ୍ତି ? ଈଶ୍ୱର କଅଣ ଦୟାମୟ ?)

ପ୍ରସନ୍ନ—ତୁମେ କହୁଛ ଈଶ୍ୱର ଅଛନ୍ତି । ପୁଣି ତୁମେ କୁହ, ଚାର୍ବାକ ଓ ଅନ୍ୟ କେତେଜଣ କହି ଯାଇଛନ୍ତି ଯେ, ଏଇ ଜଗତ ଆପେ ଆପେ ସୃଷ୍ଟି ହୋଇଛି ।

ନରେନ୍ଦ୍ର—Chemistry (କେମିଷ୍ଟ୍ରି) ପଢ଼ିନାହୁଁ ? ଆରେ, Combination କିଏ କରିବ ? ଯେପରି ଜଳ ତିଆରି କରିବା ପାଇଁ Oxygen, Hydrogen, ଆଉ Electricity ଏହା ସବୁ human handରେ ଏକତ୍ର କରାଯାଏ ।

"Intelligence force ସମସ୍ତେ ମାନନ୍ତି । ଜ୍ଞାନସ୍ୱରୂପ ଜଣେ; ଯେ କି ଏହିସବୁ କାର୍ଯ୍ୟ ଚଳାଉଛି ।"

ପ୍ରସନ୍ନ—ଦୟା ଅଛି ବୋଲି କିପରି ଜାଣିବୁ ?

ନରେନ୍ଦ୍ର—'ଯତ୍ତେ ଦକ୍ଷିଣଂ ମୁଖମ୍' । ବେଦରେ କହିଛି ।

"John Stuart Mill ମଧ୍ୟ ସେଇ କଥା କହିଛନ୍ତି । ଯିଏ ମନୁଷ୍ୟ ଭିତରେ ଏହି ଦୟା ଦେଇଛନ୍ତି ତାଙ୍କ ଭିତରେ କେତେ ଦୟା କିଏ ଜାଣେ । Mill ଏହି କଥା କହିଛନ୍ତି । ସେ (ଠାକୁରେ) ତ କହୁଥିଲେ 'ବିଶ୍ୱାସ ହିଁ ସାର' । ସେ ତ ପାଖରେ ରହିଛନ୍ତି । ବିଶ୍ୱାସ କଲେ ହେଲା ।

ଏହା କହି ନରେନ୍ଦ୍ର ମଧୁର ସ୍ୱରରେ ଗାଉଛନ୍ତି—

## (ଉପାୟ—ବିଶ୍ୱାସ)

ମୋତେ କାହିଁ ଖୋଜରେ ଦାସ, ମୁଁ ଯେ ତୋ ପାର୍ଶ୍ୱରେ ।
ଦୂରେ ବହୁ ଦୂରେ ଖୋଜୁ ମୁଁ ଯେ ତୋର ନିକଟରେ ॥
ଲୋମ ବା ଚର୍ମରେ ନାହିଁ, ନାହିଁ ଅସ୍ଥି ବା ମାଂସରେ ।
ମସ୍‌ଜିଦେ, ମନ୍ଦିରେ ନାହିଁ, ନାହିଁ କାଶୀ, କୈଳାସରେ ॥
ନାହିଁ କ୍ରିୟା କ୍ରମରେ ମୁଁ, ଯୋଗ ବୈରାଗ୍ୟ ସନ୍ନ୍ୟାସେ ।
ଖୋଜିଲେ ମିଳିବ ଏବେ, ମୁଁ ହିଁ ଯେ ବିଶ୍ୱାସେ ॥

## (ବାସନା ଥିଲେ ଈଶ୍ୱରଙ୍କଠାରେ ଅବିଶ୍ୱାସ ହୁଏ)

ପ୍ରସନ୍ନ—ତୁମେ କେତେବେଳେ କୁହ, ଭଗବାନ ନାହାନ୍ତି; ପୁଣି ଏବେ, ଏହି ସବୁ କଥା କହୁଛ । ତୁମ କଥାରେ ଠିକ୍ ନାହିଁ, ତୁମେ ପ୍ରାୟ ମତ ବଦଳାଅ । (ସମସ୍ତଙ୍କର ହାସ୍ୟ) ।

ନରେନ୍ଦ୍ର—ଏକଥା ଆଉ କେବେହେଲେ ବଦଳାଇବି ନାହିଁ—ଯେତେକ୍ଷଣ କାମନା, ବାସନା, ସେତେକ୍ଷଣ ଈଶ୍ୱରଙ୍କ ଠାରେ ଅବିଶ୍ୱାସ । ଗୋଟିଏ ନା ଗୋଟିଏ କାମନା ରହିଥାଏ । ହୁଏତ ଭିତରେ ଭିତରେ ପଢ଼ିବାକୁ ଇଛା ଅଛି–ପାଶ୍ କରିବ, କିମ୍ବା ପଣ୍ଡିତ ହେବ—ଏହି ସବୁ କାମନା ।

ନରେନ୍ଦ୍ର ଭକ୍ତିରେ ଗଦ୍ ଗଦ୍ ହୋଇ ଗୀତ ଗାଇବାକୁ ଲାଗିଲେ । 'ସେ ଶରଣାଗତ ବତ୍ସଳ, ପରମ ପିତାମାତା' ।

ଜୟଦେବ ଜୟଦେବ ଜୟ ମଙ୍ଗଳଦାତା, ଜୟ ଜୟ ମଙ୍ଗଳଦାତା ।
ସଂକଟଭୟ ଦୁଃଖତ୍ରାତା, ବିଶ୍ୱଭୁବନପାତା, ଜୟ ଦେବ ଜୟ ଦେବ ॥
ଅଚିନ୍ତ୍ୟ ଅନନ୍ତ ଅପାର, ନାହିଁ ତବ ଉପମା ପ୍ରଭୁ ନାହିଁ ତବ ଉପମା ।
ପ୍ରଭୁ ବିଶ୍ୱେଶ୍ୱର ବ୍ୟାପକ ବିଭୁ ଚିନ୍ମୟ ପରମାତ୍ମା ଜୟଦେବ ଜୟଦେବ ॥
ଜୟ ଜଗବନ୍ଦ୍ୟ ଦୟାଲ, ପ୍ରଣମି ତବ ଚରଣେ, ପ୍ରଭୁ ପ୍ରଣମି ତବ ଚରଣେ ।
ପରମ ଶରଣ ତୁମେ ହେ, ଜୀବନେ ମରଣେ, ଜୟ ଦେବ ଜୟ ଦେବ ॥
ତବଶ୍ରୀଚରଣେ କରୁ ଏ ମିନତି, ପ୍ରଭୁ କରୁ ଏ ମିନତି ।
ଏ ଲୋକେ ସୁମତି ଦିଅ, ପରଲୋକେ ସୁଗତି, ଜୟ ଦେବ ଜୟ ଦେବ ॥

ନରେନ୍ଦ୍ର ପୁଣି ଗାଇଲେ—ଭାଇମାନଙ୍କୁ ହରିରସ ପାନ କରିବାକୁ ପୁଣି କହୁଛନ୍ତି ।

ଈଶ୍ୱର ଖୁବ୍ ପାଖରେ ଅଛନ୍ତି—କସ୍ତୁରୀ ଯେପରି ମୃଗଠାରେ—
ପିଇ ମତୁଆଲା ହୁଅ ହରିରସ ଅବଧୂତ ପ୍ରେମ ପିଆଲାରେ ।
ବାଲ୍ୟାବସ୍ଥା ଖେଳରେ ଗଲା, ନାରୀବଶେ ତାରୁଣ୍ୟରେ ।
ବୃଦ୍ଧକାଳେ କଫ, ବାୟୁରେ ଭୟ, ଶ୍ମଶାନ ଯିବା ଅପେକ୍ଷାରେ ।
କସ୍ତୁରୀ ଅଛି ନାଭି ପଦ୍ମରେ, ଭରମେ ବୁଲେ ମୃଗରେ ।
ସଦ୍‌ଗୁରୁ ବିନା ନର ଯଥା, ଭରମେ ବୃଥା ଏ ସଂସାରେ ।

ମାଷ୍ଟର ବାରଣ୍ଡାରୁ ଏହି ସମସ୍ତ କଥା ଶୁଣିଛନ୍ତି ।

ନରେନ୍ଦ୍ର ଉଠିଲେ । ଘର ଭିତରରୁ ଆସିବା ସମୟରେ କହୁଛନ୍ତି, ବକି ବକି ମୁଣ୍ଡ ଗରମ ହୋଇଗଲାଣି । ବାରଣ୍ଡାରେ ମାଷ୍ଟରଙ୍କୁ ଦେଖି କହିଲେ, "ମାଷ୍ଟର ମହାଶୟ ଆସନ୍ତୁ ପାଣି ପିଇବା ।"

ମଠର ଜଣେ ଭାଇ ନରେନ୍ଦ୍ରଙ୍କୁ କହୁଛନ୍ତି, "ତେବେ ଭଗବାନ ନାହାନ୍ତି ବୋଲି ଯେ ଆଗରୁ କହୁଥିଲ କାହିଁକି ?" ନରେନ୍ଦ୍ର ହସିବାକୁ ଲାଗିଲେ ।

## (ନରେନ୍ଦ୍ରଙ୍କର ତୀବ୍ର ବୈରାଗ୍ୟ—ନରେନ୍ଦ୍ରଙ୍କର ଗୃହସ୍ଥାଶ୍ରମକୁ ନିନ୍ଦା)

ପରଦିନ ସୋମବାର ୯ ତାରିଖ । ମାଷ୍ଟର ସକାଳ ବେଳା ମଠ ବଗିଚାରେ ଗୋଟିଏ ଗଛମୂଳେ ବସିଛନ୍ତି । ମାଷ୍ଟର ଭାବୁଛନ୍ତି, ଠାକୁରେ ମଠର ଭାଇମାନଙ୍କୁ କାମିନୀ-କାଞ୍ଚନ ତ୍ୟାଗ କରାଉଛନ୍ତି । ଆହା ! ଏମାନେ ଭଗବାନଙ୍କ ପାଇଁ ବ୍ୟାକୁଳ । ସ୍ଥାନଟି ଯେପରି ସାକ୍ଷାତ୍ ବୈକୁଣ୍ଠ । ମଠର ଭାଇମାନେ ଯେପରି ସାକ୍ଷାତ୍ ନାରାୟଣ । ଅଳ୍ପଦିନ ପୂର୍ବରୁ ଠାକୁରଙ୍କର ମହାସମାଧି ହୋଇଛି, ତେଣୁ ସେହି ସମସ୍ତ ଭାବ ସେହିପରି ରହିଛି ।

ସେହି ଅଯୋଧ୍ୟା । କେବଳ ରାମ ନାହାନ୍ତି ।

ଏମାନଙ୍କୁ ସେ ଗୃହତ୍ୟାଗ କରାଇଲେ । ଆଉ କେତେଜଣଙ୍କୁ ସେ ଘରେ ରଖିଛନ୍ତି କାହିଁକି ? ଏହାର କ'ଣ କୌଣସି ଉପାୟ ନାହିଁ ?

ନରେନ୍ଦ୍ର ଉପର ମହଲାରୁ ଦେଖିଲେ, ମାଷ୍ଟର ଏକାକୀ ଗଛମୂଳେ ବସିଛନ୍ତି । ସେ ଓହ୍ଲାଇ ଆସି ହସି ହସି କହିଲେ, ମାଷ୍ଟର ମହାଶୟ, କଅଣ ହେଉଛି ? କିଛି କଥା ହେଉ ହେଉ ମାଷ୍ଟର କହିଲେ, ଆହା ତୁମର କିପରି ମଧୁର ସ୍ୱର ! ଗୋଟିଏ କିଛି ସ୍ତବ ଗାଅ ।

ନରେନ୍ଦ୍ର ସୁର କରି ଅପରାଧ ଭଞ୍ଜନ ସ୍ତବ ବୋଲିବାକୁ ଲାଗିଲେ— ଗୃହସ୍ଥମାନେ ଈଶ୍ୱରଙ୍କୁ ଭୁଲି ରହିଛନ୍ତି—କେତେ ଅପରାଧ କରନ୍ତି—ବାଲ୍ୟ, ପୌଢ଼ ଓ ବାର୍ଦ୍ଧକ୍ୟରେ କାହିଁକି ସେମାନେ କାୟମନୋବାକ୍ୟରେ ଭଗବାନ ସେବା ଓ ଚିନ୍ତା କରନ୍ତି ନାହିଁ ।

ବାଲ୍ୟେ ଦୁଃଖାତିରେକୋ ମଲଲୁଲିତବପୁଃ ସ୍ତନ୍ୟପାନେ ପିପାସା
ନୋ ଶକ୍ତଶ୍ଚେନ୍ଦ୍ରିୟେଭ୍ୟୋ ଭବଗୁଣଜନିତାଃ ଶତ୍ରବୋ ମାଂ ତୁଦନ୍ତି ।
ନାନାରୋଗୋତ୍ଥଦୁଃଖାଦ୍ ରୁଦନପରବଶଃ ଶଙ୍କରଂ ନ ସ୍ମରାମି
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ ॥
ପୌଢ଼ୋଽହଂ ଯୌବନସ୍ଥୋ ବିଷୟବିଷଧରୈଃ ପଞ୍ଚଭିର୍ମର୍ମସନ୍ଧୌ
ଦଷ୍ଟୋ ନଷ୍ଟୋଽବିବେକଃ ସୁତଧନଯୁବତୀସ୍ୱାଦସୌଖ୍ୟେ ନିଷଣ୍ଣଃ ।
ଶୈବୀଚିନ୍ତାବିହୀନଂ ମମ ହୃଦୟମହୋ ମାନଗର୍ବାଧିରୂଢ଼ଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ ॥
ବାର୍ଦ୍ଧକ୍ୟେ ଚେନ୍ଦ୍ରିୟାଣାଂ ବିଗତଗତିମତିଶ୍ଚାଧିଦୈବାଦିତାପୈଃ
ପାପୈ ରୋଗୈର୍ବିୟୋଗୈସ୍ତ୍ୱନବସିତବପୁଃ ପୌଢ଼ିହୀନଂ ଚ ଦୀନମ୍ ।
ମିଥ୍ୟାମୋହାଭିଲାଷୈର୍ଭ୍ରମତି ମମ ମନୋ ଧୂର୍ଜଟେର୍ଧ୍ୟାନଶୂନ୍ୟଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ ॥
ସ୍ନାତ୍ୱା ପ୍ରତ୍ୟୁଷକାଲେ ସ୍ନପନବିଧିବିଧୌ ନାହୃତଂ ଗାଙ୍ଗତୋୟଂ
ପୂଜାର୍ଥଂ ବା କଦାଚିଦ୍ବହୁତରଗହନାତ୍ ଖଣ୍ଡବିଲ୍ୱୀଦଲାନି ।
ନାନୀତା ପଦ୍ମମାଲା ସରସି ବିକସିତା ଗନ୍ଧଧୂପୈସ୍ତ୍ୱଦର୍ଥଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ ॥
ଗାତ୍ରଂ ଭସ୍ମସିତଂ ସିତଂ ଚ ହସିତଂ ହସ୍ତେ କପାଲଂ ସିତଂ
ଖଟ୍ୱାଙ୍ଗଂ ଚ ସିତଂ ସିତଶ୍ଚ ବୃଷଭଃ କର୍ଣ୍ଣେ ସିତେ କୁଣ୍ଡଲେ ।
ଗଙ୍ଗାଫେନସିତା ଜଟା ପଶୁପତେଶ୍ଚନ୍ଦ୍ରଃ ସିତୋ ମୂର୍ଧନି
ସୋଽୟଂ ସର୍ବସିତୋ ଦଦାତୁ ବିଭବଂ ପାପକ୍ଷୟଂ ସର୍ବଦା ॥

ଇତ୍ୟାଦି ସ୍ତବ ପାଠ ହୋଇଗଲା । ପୁଣି କଥାବାର୍ତ୍ତା ହୋଇଛି ।

ନରେନ୍ଦ୍ର—ନିର୍ଲିପ୍ତ ସଂସାର କହନ୍ତୁ ବା ଯାହା କହନ୍ତୁ, କାମିନୀ-କାଞ୍ଚନ ତ୍ୟାଗ ନ କଲେ ହେବ ନାହିଁ । ସ୍ତ୍ରୀ ସଙ୍ଗରେ ସହବାସ କରିବାକୁ ଘୃଣା ହୁଏ ନାହିଁ ? ଯେଉଁ ସ୍ଥାନରେ କୃମି, କଫ, ମେଦ, ଦୁର୍ଗନ୍ଧ—

ଅମେଧ୍ୟପୂର୍ଣ୍ଣେ କୃମିଜାଲସଙ୍କୁଲେ ସ୍ୱଭାବଦୁର୍ଗନ୍ଧ ନିରନ୍ତକାନ୍ତରେ ।
କଳେବରେ ମୂତ୍ର ପୁରୀଷଭାବିତେ ରମନ୍ତି ମୂଢ଼ା ବିରମନ୍ତି ପଣ୍ଡିତାଃ ॥

ବେଦାନ୍ତ ବାକ୍ୟରେ ଯେ ରମଣ କରେ ନାହିଁ, ହରି-ରସ ମଦିରା ଯେ ପାନ କରେ ନାହିଁ, ତାହାର ବୃଥା ଜୀବନ ।

ଓଁକାରମୂଳଂ ପରମଂ ପଦାନ୍ତରଂ ଗାୟତ୍ରୀସାବିତ୍ରୀ ସୁଭାଷିତାନ୍ତରଂ ।
ବେଦାନ୍ତରଂ ଯଂ ପୁରୁଷୋ ନ ସେବତେ ବୃଥାନ୍ତରଂ ତସ୍ୟ ନରସ୍ୟଜୀବନମ୍॥

ଗୋଟିଏ ଗୀତ ଶୁଣନ୍ତୁ—

ଛାଡ଼ ମୋହ—ଛାଡ଼ରେ କୁମନ୍ତ୍ରଣା, ଜାଣ ତାଙ୍କୁ ଯିବରେ ଯନ୍ତ୍ରଣା ॥
ଚାରି ଦିନ ସୁଖ ପାଇଁ ପାଶୋରିଲ ପ୍ରାଣବନ୍ଧୁ ଆହା କି ବିଡ଼ମ୍ବନା ॥

କୌପୀନ ନ ପିନ୍ଧିଲେ ଆଉ ଉପାୟ ନାହିଁ । ସଂସାର ତ୍ୟାଗ ।

ଏହା କହି ପୁଣି ସୁର କରି କୌପୀନ ପଞ୍ଚକମ୍ ଆବୃତ୍ତି କରୁଛନ୍ତି -

ବେଦାନ୍ତବାକ୍ୟେଷୁ ସଦା ରମନ୍ତୋ, ଭିକ୍ଷାନ୍ନ ମାତ୍ରେଣ ଚ ତୁଷ୍ଟିମନ୍ତଃ,
ଅଶୋକମନ୍ତଃକରଣେ ଚରନ୍ତଃ କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ ॥

ନରେନ୍ଦ୍ର ପୁଣି କହୁଛନ୍ତି, ମନୁଷ୍ୟ କାହିଁକି ସଂସାରରେ ବଦ୍ଧ ହେବ, କାହିଁକି ମାୟାରେ ବଦ୍ଧ ହେବ ? ମନୁଷ୍ୟର ସ୍ୱରୂପ କ'ଣ ? 'ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହଂ' ମୁ ହିଁ ସେହି ସଚ୍ଚିଦାନନ୍ଦ ।

ନରେନ୍ଦ୍ର ସୁଲଳିତ ସ୍ୱରରେ ଶଙ୍କରାଚାର୍ଯ୍ୟଙ୍କର ସ୍ତବ ଆବୃତ୍ତି କରୁଛନ୍ତି—

ଓଁ ମନୋବୁଦ୍ଧ୍ୟହଙ୍କାରଚିତ୍ତାନି ନାହଂ ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ ।
ନ ଚ ବ୍ୟୋମଭୂମୀ ନ ତେଜୋ ନ ବାୟୁଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।

ନରେନ୍ଦ୍ର ଆଉ ଗୋଟିଏ ସ୍ତବ, ବାସୁଦେବାଷ୍ଟକ, ଗାଉଛନ୍ତି—

ହେ ମଧୁସୂଦନ । ମୁଁ ତୁମର ଶରଣାଗତ; ମୋତେ କୃପାକରି କାମ, ନିଦ୍ରା, ପାପ, ମୋହ, ସ୍ତ୍ରୀ ପୁତ୍ରର ମୋହଜାଲ, ବିଷୟ ତୃଷ୍ଣାରୁ ତ୍ରାଣ କର । ତୁମର ପାଦ ପଦ୍ମରେ ଭକ୍ତି ଦିଅ ।

ଓମିତି ଜ୍ଞାନରୂପେଣ ରାଗାଜୀର୍ଣ୍ଣେନ ଜୀର୍ୟତଃ ।
କାମନିଦ୍ରାଂ ପ୍ରପନ୍ନୋଽସ୍ମି ତ୍ରାହି ମାଂ ମଧୁସୂଦନ ॥
ନ ଗତିର୍ବିଦ୍ୟତେ ନାଥ ତ୍ୱମେକଃ ଶରଣଂ ପ୍ରଭୋ ।

ପାପ ପଙ୍କେ ନିମଗ୍ନୋହସ୍ମି ତ୍ରାହି ମାଂ ମଧୁସୂଦନ ॥
ମୋହିତୋ ମୋହଜାଲେନ ପୁତ୍ରଦାର ଗୃହାଦିଷୁ ।
ତୃଷୟା ପୀଡ୍ୟମାନୋହସ୍ମି ତ୍ରାହି ମାଂ ମଧୁସୂଦନ ॥
ଭକ୍ତି ହୀନଞ୍ଚ ଦୀନଞ୍ଚ ଦୁଃଖଶୋକାତୁରଂ ପ୍ରଭୋ ।
ଅନାଶ୍ରୟମନାଥଞ୍ଚ ତ୍ରାହି ମାଂ ମଧୁସୂଦନ ॥
ଗତାଗତେନ ଶ୍ରାନ୍ତୋହସ୍ମି ଦୀର୍ଘ ସଂସାର ବର୍ତ୍ମସୁ ।
ପୁନର୍ନାଗନ୍ତୁମିଚ୍ଛାମି ତ୍ରାହି ମାଂ ମଧୁସୂଦନ ॥
ବହବୋହପି ମୟା ଦୃଷ୍ଟଂ ଯୋନିଦ୍ୱାରଂ ପୃଥକ୍ ପୃଥକ୍ ।
ଗର୍ଭବାସେ ମହଦ୍ଦୁଃଖଂ ତ୍ରାହି ମାଂ ମଧୁସୂଦନ ॥
ତେନ ଦେବ ପ୍ରପନ୍ନୋହସ୍ମି ନାରାୟଣ ପରାୟଣଃ ।
ଜଗତ୍ ସଂସାର ମୋକ୍ଷାର୍ଥଂ ତ୍ରାହି ମାଂ ମଧୁସୂଦନ ॥
ବାଚୟାମି ଯଥୋତ୍ପନ୍ନଂ ପ୍ରଣମାମି ତବାଗ୍ରତଃ ।
ଜରାମରଣଭୀତୋହସ୍ମି ତ୍ରାହି ମାଂ ମଧୁସୂଦନ ॥
ସୁକୃତଂ ନ କୃତଂ କିଞ୍ଚିତ୍ ଦୁଷ୍କୃତଞ୍ଚ କୃତଂ ମୟା ।
ସଂସାରେ ପାପ ପଙ୍କେହସ୍ମିନ୍ ତ୍ରାହି ମାଂ ମଧୁସୂଦନ ॥
ଦେହାନ୍ତରସହସ୍ରାଣାମନ୍ୟୋନ୍ୟଞ୍ଚ କୃତଂ ମୟା ।
କର୍ତ୍ତୃତ୍ୱଞ୍ଚ ମନୁଷ୍ୟାଣାଂ ତ୍ରାହି ମାଂ ମଧୁସୂଦନ ॥
ବାକ୍ୟେନ ଯତ୍ ପ୍ରତିଜ୍ଞାତଂ କର୍ମଣା ନୋପପାଦିତଂ ।
ସୋଽହଂ ଦେବ ଦୁରାଚାରସ୍ତ୍ରାହି ମାଂ ମଧୁସୂଦନ ॥
ଯତ୍ର ଯତ୍ର ହି ଜାତୋଽସ୍ମି ସ୍ତ୍ରୀଷୁ ବା ପୁରୁଷେଷୁ ବା ।
ତତ୍ର ତତ୍ରାଚଳା ଭକ୍ତିସ୍ତ୍ରାହି ମାଂ ମଧୁସୂଦନ ॥

ମାଷ୍ଟର(ସ୍ୱଗତଃ)—ନରେନ୍ଦ୍ରଙ୍କର ତୀବ୍ର ବୈରାଗ୍ୟ । ତେଣୁ ମଠର ଭାଇମାନଙ୍କର ଏହି ଅବସ୍ଥା । ଏମାନଙ୍କୁ ଦେଖିଲେ ସଂସାରରେ ଥିବା ଠାକୁରଙ୍କ ଭକ୍ତମାନଙ୍କର କାମିନୀ-କାଞ୍ଚନ ତ୍ୟାଗର ଇଚ୍ଛା ଉଦ୍ଦୀପନା ହେଉଛି । ଆହା, ଏମାନଙ୍କର କିପରି ଅବସ୍ଥା । ଅନ୍ୟ କେତେଜଣଙ୍କୁ ସେ ସଂସାରରେ କାହିଁକି ଏ ପର୍ଯ୍ୟନ୍ତ ରଖିଛନ୍ତି ? ସେ କ'ଣ କୌଣସି ଉପାୟ କରିବେ ? ସେ କଅଣ ତୀବ୍ର ବୈରାଗ୍ୟ ଦେବେ, ନା ସଂସାରରେ ଭୁଲାଇ ରଖିଦେବେ ?

ଆଜି ନରେନ୍ଦ୍ର ଓ ଆଉ ଜଣେ ଦୁଇ ଜଣ ଭାଇ ଆହାର ପରେ କଲିକତା ଗଲେ । ରାତିରେ ନରେନ୍ଦ୍ର ଫେରିବେ । ନରେନ୍ଦ୍ରଙ୍କ ଘର ମକଦ୍ଦମା ଏବେ ବି ନିଷ୍ପତ୍ତି

ହୋଇନାହିଁ । ମଠରେ ଭାଇମାନେ ନରେନ୍ଦ୍ରଙ୍କ ଅଦର୍ଶନ ସହ୍ୟ କରିପାରନ୍ତି ନାହିଁ । ସମସ୍ତେ ଭାବୁଛନ୍ତି, ନରେନ୍ଦ୍ର କେତେବେଳେ ଫେରିବେ ?

❋❋❋

# ଷଷ୍ଠ ପରିଚ୍ଛେଦ

## ବରାହନଗର ମଠ

### (୧)

ଆଜି ସୋମବାର, ୯ ତାରିଖ ମେ ୧୮୮୭, ଜ୍ୟେଷ୍ଠ-କୃଷ୍ଣା-ଦ୍ୱିତୀୟା ତିଥି । ନରେନ୍ଦ୍ରାଦି ଭକ୍ତମାନେ ମଠରେ ଅଛନ୍ତି । ଶରତ, ବାବୁରାମ ଓ କାଳୀ ଶ୍ରୀକ୍ଷେତ୍ରକୁ ଯାଇଛନ୍ତି । ନିରଞ୍ଜନ ମା'ଙ୍କୁ ଦେଖିବାକୁ ଯାଇଛନ୍ତି । ମାଷ୍ଟର ଆସିଛନ୍ତି ।

ଖାଇବା ପିଇବା ପରେ ମଠର ଭାଇମାନେ ଟିକିଏ ବିଶ୍ରାମ କରୁଛନ୍ତି । ବୁଢ଼ା ଗୋପାଳ ଗୀତ ଖାତାରେ ଗୀତ ଲେଖୁଛନ୍ତି ।

ଅପରାହ୍ନ ସମୟ । ରବୀନ୍ଦ୍ର ଉନ୍ମତ୍ତ ଭଳି ଆସି ଉପସ୍ଥିତ । ଖାଲି ପାଦ, କଳା ଧଡ଼ି ଲୁଗାରୁ ଅଧେ ପିନ୍ଧିଛନ୍ତି । ଉନ୍ମତ୍ତ ଲୋକଙ୍କ ଚକ୍ଷୁ ଭଳି ତାଙ୍କର ଚକ୍ଷୁ ଏଣେ ତେଣେ ଘୂରୁଛି । ସମସ୍ତେ ପଚାରିଲେ, "କ'ଣ ହୋଇଛି ? ରବୀନ୍ଦ୍ର କହିଲେ, ଟିକିଏ ପରେ ସବୁ କହୁଛି । ମୁଁ ଆଉ ଘରକୁ ଫେରିବି ନାହିଁ, ଆପଣମାନଙ୍କ ସଙ୍ଗରେ ଏହିଠାରେ ରହିବି । ସେ ବିଶ୍ୱାସଘାତକ ।" ପାଞ୍ଚ ବର୍ଷର ମଦ ଅଭ୍ୟାସ, ତା ପାଇଁ ଛାଡ଼ିଛି । ଆଠ ମାସ ହେଲା ଛାଡ଼ିଛି । ସେ ଗୋଟିଏ ବିଶ୍ୱାସଘାତକ ।" ମଠର ଭାଇମାନେ ସମସ୍ତେ କହିଲେ, "ତୁମେ ଶାନ୍ତ ହୁଅ, କିପରି ଆସିଲ ?"

ରବୀନ୍ଦ୍ର—ମୁଁ କଲିକତାରୁ ପାଦରେ ଚାଲି ଚାଲି ଆସିଛି । ଭକ୍ତମାନେ ପଚାରିଲେ, "ତୁମ ପିନ୍ଧା ଲୁଗାରୁ ଅଧେ କୁଆଡ଼େ ଗଲା ?"

ରବୀନ୍ଦ୍ର କହିଲେ, "ଆସିବା ସମୟରେ ସେ ଟଣାଟଣି କଲା, ତେଣୁ ଲୁଗାରୁ ଅଧେ ଚିରିଗଲା ।"

ଭକ୍ତମାନେ କହିଲେ, "ତୁମେ ଗଙ୍ଗାରେ ସ୍ନାନ କରି ଆସ, ଆସି ଶାନ୍ତ ହୁଅ । ତାହାପରେ ଆସି କଥାବାର୍ତ୍ତା ହେବ ।"

ରବୀନ୍ଦ୍ର କଲିକତାର ଗୋଟିଏ ଅତି ସମ୍ଭ୍ରାନ୍ତ କାୟସ୍ଥ ବଂଶରେ ଜନ୍ମଗ୍ରହଣ କରିଛନ୍ତି । ବୟଃକ୍ରମ ୨୦/୨୨ ବର୍ଷ ହେବ । ଠାକୁରେ ଶ୍ରୀରାମକୃଷ୍ଣଙ୍କୁ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ଦର୍ଶନ କରିଥିଲେ ଏବଂ ତାଙ୍କର ବିଶେଷ କୃପା ଭାଜନ ହୋଇଥିଲେ । ଥରେ ତିନି ରାତି ତାଙ୍କ ପାଖରେ ବାସ କରିଥିଲେ । ସ୍ୱଭାବ ଅତି ମଧୁର ଓ କୋମଳ । ଠାକୁରେ ଖୁବ୍ ସ୍ନେହ କରିଥିଲେ କିନ୍ତୁ କହିଥିଲେ, "ତୋର

କିନ୍ତୁ ଡେରି ହେବ, ବର୍ତ୍ତମାନ ତୋର ଟିକିଏ ଭୋଗ ଅଛି । ଏବେ କିଛି ହେବ ନାହିଁ । ଯେତେବେଳେ ଡକାୟତି ହୁଏ, ସେତେବେଳେ ଠିକ୍ ସେହି ସମୟରେ ପୁଲିସ୍ କିଛି କରିପାରେ ନାହିଁ । ପରେ ପୁଲିସ୍ ଆସି ଗିରଫ୍‌ଦାର କରେ ।'' ଆଜି ରବୀନ୍ଦ୍ର ବାରାଙ୍ଗନା ମୋହଗ୍ରସ୍ତ । କିନ୍ତୁ ଅନ୍ୟ କେତେକ ସୁଗୁଣ ଅଛି । ଗରିବମାନଙ୍କ ପ୍ରତି ଦୟା, ଈଶ୍ୱର ଚିନ୍ତା, ଏହିସବୁ ଅଛି । ବେଶ୍ୟାକୁ ବିଶ୍ୱାସଘାତକ ମନେକରି ଅର୍ଦ୍ଧ ବସ୍ତ୍ରରେ ମଠକୁ ଆସିଛନ୍ତି । ସଂସାରକୁ ଆଉ ଫେରିବେ ନାହିଁ, ଏହି ସଂକଳ୍ପ ।

ରବୀନ୍ଦ୍ର ଗଙ୍ଗା ସ୍ନାନ କରିବାକୁ ଯାଉଛନ୍ତି । ପାରାମାଣିକ ଘାଟକୁ ଯିବେ । ଜଣେ ଭକ୍ତ ସଙ୍ଗରେ ଯାଇଛନ୍ତି । ତାଙ୍କର ଭାରି ଇଛା ଯେ, ପିଲାଟିର ସାଧୁ ସଙ୍ଗକରି ଯେପରି ଚୈତନ୍ୟ ହେଉ । ସ୍ନାନ ପରେ ସେ ରବୀନ୍ଦ୍ରଙ୍କୁ ଘାଟ ନିକଟସ୍ଥ ଶ୍ମଶାନକୁ ନେଇଗଲେ । ତାଙ୍କୁ ମୃତ ଦେହ ଦର୍ଶନ କରାଇ କହିଲେ, ''ଏଠାରେ ମଠର ଭାଇମାନେ ମଝିରେ ମଝିରେ ରାତିରେ ଏକାକୀ ଆସି ଧ୍ୟାନ କରନ୍ତି । ଏଠାରେ ଆମମାନଙ୍କର ଧ୍ୟାନ କରିବା ଭଲ । ସଂସାର ଯେ ଅନିତ୍ୟ, ଏହା ଭଲଭାବରେ ବୋଧହୁଏ ।'' ରବୀନ୍ଦ୍ର ସେହି କଥା ଶୁଣି ଧ୍ୟାନରେ ବସିଲେ । ଧ୍ୟାନ ବେଶୀ କ୍ଷଣ କରି ପାରିଲେ ନାହିଁ । ମନ ଅସ୍ଥିର ଅଛି ।

ଉଭୟେ ମଠକୁ ଫେରିଲେ । ଠାକୁର ଘରକୁ ଆସି ଉଭୟେ ଠାକୁରଙ୍କୁ ପ୍ରଣାମ କଲେ । ଭକ୍ତଟି କହିଲେ, ଏହି ଘରେ ମଠର ଭାଇମାନେ ଧ୍ୟାନ କରନ୍ତି, ରବୀନ୍ଦ୍ର ମଧ୍ୟ ଟିକିଏ ଧ୍ୟାନ କରିବାକୁ ବସିଲେ, କିନ୍ତୁ ଧ୍ୟାନ ବେଶୀ କ୍ଷଣ ହେଲା ନାହିଁ ।

ମଣି—କଅଣ, ମନ ବଡ଼ ଚଞ୍ଚଳ ? ତେଣୁ ବୋଧହୁଏ ଉଠି ପଡ଼ିଲେ ? ବୋଧ ହୁଏ ଧ୍ୟାନ ହେଲା ନାହିଁ ?

ରବୀନ୍ଦ୍ର—ଆଉ ସଂସାରକୁ ଫେରିବି ନାହିଁ, ତାହା ନିଶ୍ଚିତ । ତେବେ ସତକୁ ସତ ମନଟା ଚଞ୍ଚଳ ।

ମଣି ଓ ରବୀନ୍ଦ୍ର ମଠର ଏକ ନଭୃତ ସ୍ଥାନରେ ଠିଆ ହୋଇଛନ୍ତି । ମଣି ବୁଦ୍ଧଦେବଙ୍କ ଗଳ୍ପ କହୁଛନ୍ତି । ଦେବକନ୍ୟାମାନଙ୍କର ଗୋଟିଏ ଗୀତ ଶୁଣି ବୁଦ୍ଧ ଦେବଙ୍କର ପ୍ରଥମ ଚୈତନ୍ୟ ହୋଇଥିଲା । ଆଜିକାଲି ମଠରେ ବୁଦ୍ଧ-ଚରିତ ଓ ଚୈତନ୍ୟ-ଚରିତର ଆଲୋଚନା ସର୍ବଦା ହୁଏ । ମଣି ସେହି ଗୀତ ଗାଉଛନ୍ତି—

ପ୍ରାଣର ଜ୍ୱଳା କିଏ ଦେବ ଶାନ୍ତ କରି,
କେଉଁଠାରୁ ଆସି, କାହିଁ ଯାଏ ଭାସି ।
କେତେ କାନ୍ଦି ହସି ଆସେ ମୁଁ ଯେ ଫେରି,
ସଦା ଭାଳେ ତାରେ ଯାଏ ବା ଯହିଁ ॥

ରାତ୍ରିରେ ନରେନ୍ଦ୍ର, ତାରକ ଓ ହରିଶ—କଲିକତାରୁ ଫେରିଲେ । ଆସି କହିଲେ, ଓଃ ଖୁବ୍ ଖିଆ ହୋଇଛି । ସେମାନଙ୍କୁ କଲିକତାରେ କୌଣସି ଭକ୍ତର ଘରକୁ ନିମନ୍ତ୍ରଣ ହୋଇଥିଲା ।

ନରେନ୍ଦ୍ର ଓ ମଠର ଭାଇମାନେ, ମାଷ୍ଟର, ରବୀନ୍ଦ୍ର ପ୍ରଭୃତି ଦାନାଘରେ ବସିଛନ୍ତି । ନରେନ୍ଦ୍ର ମଠକୁ ଆସି ସମସ୍ତ କଥା ଶୁଣିଛନ୍ତି ।

## (ସନ୍ତପ୍ତ ଜୀବ ଓ ନରେନ୍ଦ୍ରଙ୍କ ଉପଦେଶ)

ନରେନ୍ଦ୍ର ଗାଉଛନ୍ତି—ଗୀତ ମାଧ୍ୟମରେ ଯେପରି ରବୀନ୍ଦ୍ରଙ୍କୁ ଉପଦେଶ ଦେଉଛନ୍ତି—

ଛାଡ଼ ମୋହ, ଛାଡ଼ରେ କୁମନ୍ତ୍ରଣା, ଜାଣ ତାଙ୍କୁ ଯିବରେ ଯନ୍ତ୍ରଣା ।

ନରେନ୍ଦ୍ର ପୁଣି ଗାଇଲେ—ଯେପରି ରବୀନ୍ଦ୍ରଙ୍କୁ ହିତବଚନ କହୁଛନ୍ତି—

ପିଇ ମତୁଆଲା ହୁଅ ହରିରସ ଅବଧୂତ ପ୍ରେମ ପିଆଲାରେ ।

କିଛି ସମୟ ପରେ ମଠର ଭାଇମାନେ କାଳୀ ତପସ୍ୱୀଙ୍କ ଘରେ ବସିଛନ୍ତି । ଗିରିଶଙ୍କର ବୁଦ୍ଧ ଚରିତ ଓ ଚୈତନ୍ୟ ଚରିତ ଏହି ଦୁଇ ଖଣ୍ଡ ନୂତନ ପୁସ୍ତକ ଆସିଛି । ନରେନ୍ଦ୍ର, ଶଶୀ, ରାଖାଲ, ପ୍ରସନ୍ନ, ମାଷ୍ଟର ପ୍ରଭୃତି ବସିଛନ୍ତି । ନୂତନ ମଠରେ ଶଶୀ ଦିନରାତି ଏକ ମନରେ ଠାକୁରଙ୍କର ପୂଜାଦି ସେବା କରନ୍ତି । ତାଙ୍କର ସେବା ଦେଖି ସମସ୍ତେ ଅବାକ୍ ହୋଇଛନ୍ତି । ଠାକୁରଙ୍କର ଅସୁସ୍ଥତା ସମୟରେ ସେ ରାତିଦିନ ଯେପରି ତାଙ୍କର ସେବା କରିଥିଲେ, ଏବେ ମଧ୍ୟ ସେହିପରି ଅନନ୍ୟ ମନରେ, ଗଭୀର ଭକ୍ତି ସହକାରେ ସେବା କରୁଛନ୍ତି ।

ମଠର ଜଣେ ଭାଇ ବୁଦ୍ଧ ଚରିତ ଓ ଚୈତନ୍ୟ ଚରିତ ପଢୁଛନ୍ତି । ସ୍ୱର ଟିକିଏ ବ୍ୟଙ୍ଗ ଭାବରେ ଚୈତନ୍ୟ ଚରିତାମୃତ ପଢୁଛନ୍ତି । ନରେନ୍ଦ୍ର ବହି ଖଣ୍ଡିକ ନେଇଗଲେ ଏବଂ କହିଲେ, "ଏହିପରି ଭାବରେ ଭଲ ଜିନିଷକୁ ମଧ୍ୟ ଖରାପ କରାହୁଏ ।"

ନରେନ୍ଦ୍ରେ ନିଜେ ଚୈତନ୍ୟ ଦେବଙ୍କର ପ୍ରେମ ବିତରଣ କଥା ପଢୁଛନ୍ତି ।

ମଠର ଭାଇ—ମୁଁ କହୁଛି କେହି କାହାକୁ ପ୍ରେମ ଦେଇପାରେ ନାହିଁ ।

ନରେନ୍ଦ୍ର—ମୋତେ ପରମହଂସ ମହାଶୟ ପ୍ରେମ ଦେଇଛନ୍ତି ।

ମଠର ଭାଇ—ଆଛା, ତୁମେ କ'ଣ ତାହା ପାଇଛ ?

ନରେନ୍ଦ୍ର—ତୁ କ'ଣ ବୁଝିବୁ ? ତୁ Servant Class (ଈଶ୍ୱରଙ୍କ ସେବକ ଶ୍ରେଣୀର) । ତୁମେ ସମସ୍ତେ ମୋର ସେବା କରିବା ଉଚିତ୍ । (ସମସ୍ତଙ୍କ ହାସ୍ୟ) । ତୁ ମନେ କରୁଛୁ ସବୁ ବୁଝିଛୁ । (ହାସ୍ୟ) । ଯା' ତମାଖୁ ପ୍ରସ୍ତୁତ କର । (ସମସ୍ତଙ୍କର ହାସ୍ୟ) ।

ମଠର ଭାଇ—କରିବି ନାହିଁ । (ସମସ୍ତଙ୍କର ହାସ୍ୟ) ।

ମାଷ୍ଟର (ସ୍ୱଗତ)—ଠାକୁର ଶ୍ରୀରାମକୃଷ୍ଣ ମଠ ଭାଇମାନଙ୍କୁ ଅନେକଙ୍କ ଭିତରେ ଶକ୍ତି ଦେଇଛନ୍ତି । କେବଳ ନରେନ୍ଦ୍ର ଭିତରେ ନୁହେଁ । ଏହି ଶକ୍ତି ନ ଥିଲେ କ'ଣ କାମିନୀ-କାଞ୍ଚନ ତ୍ୟାଗ ହୁଏ ?

## (ମଠ-ଭାଇମାନଙ୍କର ସାଧନା)

ପରଦିନ ମଙ୍ଗଳବାର ମେ ମାସ ୧୦ ତାରିଖ । ଆଜି ମହାମାୟାଙ୍କର ବାର । ନରେନ୍ଦ୍ର ପ୍ରଭୃତି ମଠର ଭାଇମାନେ ଆଜି ବିଶେଷ ରୂପେ ମା'ଙ୍କ ପୂଜା କରୁଛନ୍ତି । ଠାକୁର ଘର ସମ୍ମୁଖରେ ତ୍ରିକୋଣ ଯନ୍ତ୍ର ପ୍ରସ୍ତୁତ ହେଲା, ହୋମ ହେବ । ନରେନ୍ଦ୍ର ଗୀତା ପାଠ କରୁଛନ୍ତି ।

ମଣି ଗଙ୍ଗାସ୍ନାନ କରିବାକୁ ଗଲେ । ରବୀନ୍ଦ୍ର ଛାତ ଉପରେ ଏକାକୀ ବିଚରଣ କରୁଅଛନ୍ତି । ନରେନ୍ଦ୍ର ଆବୃତ୍ତି କରୁଥିବା ସ୍ତବ ଶୁଣୁଛନ୍ତି ।

ଓଁ ମନୋବୁଦ୍ଧ୍ୟହଙ୍କାର ଚିତ୍ତାନି ନାହଂ
ନ ଚ ଶ୍ରୋତଜ୍ୱିହେ ନ ଚ ଘ୍ରାଣ—ନେତ୍ରେ ।
ନ ଚ ବ୍ୟୋମଭୂମିର୍ନ ତେଜୋ ନ ବାୟୁ—
ଶ୍ଚିଦାନନ୍ଦ ରୂପଃ ଶିବୋଽହମ୍ ଶିବୋଽହମ୍ ॥

ଏଥର ରବୀନ୍ଦ୍ର ଗଙ୍ଗା ସ୍ନାନ ସାରି ଫେରିଛନ୍ତି; ଓଦା ଲୁଗା ।

ନରେନ୍ଦ୍ର(ମଣିଙ୍କ ପ୍ରତି ଏକାନ୍ତରେ)—ଏବେ ସ୍ନାନ କରି ଆସିଛି, ଏତିକି ବେଳେ ସନ୍ନ୍ୟାସ ଦେଲେ ଠିକ୍ ହେବ । (ମଣି ଓ ନରେନ୍ଦ୍ରଙ୍କ ହାସ୍ୟ)

ପ୍ରସନ୍ନ ରବୀନ୍ଦ୍ରଙ୍କୁ ଓଦା ଲୁଗା ବଦଳିବାକୁ କହି ତାଙ୍କୁ ଖଣ୍ଡେ ଗେରୁଆ ଲୁଗା ଆଣି ଦେଲେ ।

ନରେନ୍ଦ୍ର(ମଣିଙ୍କ ପ୍ରତି)—ଏଥର ତ୍ୟାଗୀର ଲୁଗା ପିନ୍ଧିବାକୁ ହେବ ।

ମଣି (ସହାସ୍ୟେ)—କେଉଁ ତ୍ୟାଗ ?

ନରେନ୍ଦ୍ର—କାମ-କାଞ୍ଚନ ତ୍ୟାଗ ।

ରବୀନ୍ଦ୍ର ଗେରୁଆ ଲୁଗାଟି ପିନ୍ଧି କାଳୀତପସ୍ୱୀଙ୍କ ଘରକୁ ଯାଇ ନିର୍ଜନରେ ବସିଲେ । ବୋଧହୁଏ ଟିକିଏ ଧ୍ୟାନ କରିବେ ।

## (୨)

## ଶ୍ରୀରାମକୃଷ୍ଣ ଅଶ୍ୱିନୀକୁମାର ପ୍ରଭୃତି ଭକ୍ତଙ୍କ ସଙ୍ଗରେ (ଶ୍ରୀଯୁକ୍ତ କେଶବ ସେନ୍ (୧୮୮୧) 'ଦେବେନ୍ଦ୍ରନାଥ ଠାକୁର, ଅଚଳାନନ୍ଦ, ଶିବନାଥ, ହୃଦୟ, ନରେନ୍ଦ୍ର, ଗିରିଶ)

ପ୍ରାଣର ଭାଇ ଶ୍ରୀମ,[୧] ତୁମ ପ୍ରେରିତ ଶ୍ରୀରାମକୃଷ୍ଣ କଥାମୃତ, ଚତୁର୍ଥ ଖଣ୍ଡ, କୁମାର ପୂର୍ଣ୍ଣିମା ଦିନ ପାଇଁ ଆଜି ଦ୍ୱିତୀୟାରେ ଶେଷ କରିଛି । ଧନ୍ୟ ତୁମେ । ଏତେ ଅମୃତ ସାରା ଦେଶରେ ସିଞ୍ଚିଲ । ବହୁତ ଦିନ ପୂର୍ବରୁ ଶ୍ରୀରାମକୃଷ୍ଣଙ୍କ ସହିତ ମୋର ହୋଇଥିବା କଥୋପକଥନ ବିଷୟରେ ଜାଣିବାକୁ ଚାହିଁଥିଲ । ତାହା ଜଣାଇବାକୁ ଚେଷ୍ଟା କରିଛି । କିନ୍ତୁ ମୁଁ ତ ଶ୍ରୀମଙ୍କ ଭଳି ଭାଗ୍ୟ ନେଇ ଆସି ନାହିଁ ଯେ, ଶ୍ରୀଚରଣ ଦର୍ଶନର ଦିନ, ତାରିଖ, ମୁହୂର୍ତ୍ତ ଓ ଶ୍ରୀମୁଖନିଃସୃତ ସବୁ କଥା ଏକାବେଳେ ଠିକ୍ ଠିକ୍ ଲେଖି ରଖିବି । ଯାହା କିଛି ମନେ ଅଛି ଲେଖୁଛି । ହୁଏତ ଦିନକର କଥା ଅନ୍ୟଦିନ ସହିତ ମିଶିଯାଇପାରେ କାରଣ ମୁଁ ଅନେକ କଥା ଭୁଲିଯାଇଛି ।

ବୋଧହୁଏ ୧୮୮୧ ଖ୍ରୀଷ୍ଟାବ୍ଦର ଶାରଦୀୟ ଅବକାଶ ସମୟରେ ପ୍ରଥମ ଦର୍ଶନ । ସେଦିନ କେଶବ ବାବୁଙ୍କର ଆସିବାର କଥା । ମୁଁ ନୌକାରେ ଯାଇ ଘାଟରେ ଉଠି ଜଣଙ୍କୁ ପଚାରିଲି, "ପରମହଂସ କେଉଁଠାରେ ?" ସେ ଉତ୍ତର ଦିଗ ବାରଣ୍ଡାରେ ତକିଆକୁ ଆଉଜି ବସିଥିବା ଏକ ବ୍ୟକ୍ତିଙ୍କୁ ଦେଖାଇ କହିଲେ "ଏଇ ପରମହଂସ ।" କଳାଧଡ଼ି ଲୁଗା ପିନ୍ଧିଛନ୍ତି ଆଉ ତକିଆକୁ ଆଉଜି ବସିଛନ୍ତି ଦେଖି ଭାବିଲି, 'ଏ ପୁଣି କି ପ୍ରକାର ପରମହଂସ ?' କିନ୍ତୁ ଦେଖିଲି, ଦୁଇଗୋଡ଼ ଉପରକୁ ଟେକି ଆଉ ଦୁଇ ହାତ ବେଷ୍ଟନ କରି ଅଧା ଚିତ୍ ହୋଇ ତକିଆକୁ ଆଉଜି ରହିଛନ୍ତି । ମନେହେଲା 'ଏହାଙ୍କର କେତେବେଳେ ହେଲେ ବାବୁଙ୍କ ପରି ତକିଆକୁ ଆଉଜିବା ଅଭ୍ୟାସ ନାହିଁ, ତେବେ ବୋଧ ହେଉଛି ଏ ପରମହଂସ ହେବେ ।' ତକିଆର ଅତି ନିକଟରେ ତାଙ୍କ ଡାହାଣ ପାଖରେ ଜଣେ ବାବୁ ବସିଛନ୍ତି । ଶୁଣିଲି ତାଙ୍କ ନାମ ରାଜେନ୍ଦ୍ର ମିତ୍ର, ଯେ ବେଙ୍ଗଲ ଗଭର୍ଣ୍ଣମେଣ୍ଟରେ ଆସିଷ୍ଟାଣ୍ଟ ସେକ୍ରେଟାରି ହୋଇଥିଲେ । ଆଉ ଡାହାଣ ଦିଗରେ କେତେଜଣ ଲୋକ ବସିଛନ୍ତି । ଟିକିଏ ପରେ ରାଜେନ୍ଦ୍ର ବାବୁଙ୍କୁ କହିଲେ—"ଦେଖ ତ କେଶବ ଆସୁଛି କି ନାହିଁ ?" ଜଣେ ଟିକିଏ ଆଗେଇ ଯାଇ ଫେରି ଆସି କହିଲେ—"ନା !" ଆଉ ଟିକିଏ ଶବ୍ଦ ହେବାରୁ କହିଲେ—"ଆଉ ଥରେ ଦେଖିଲ ।" ଏଥର ମଧ୍ୟ ଜଣେ ଦେଖି ଆସି କହିଲେ—"ନା ।" ସଙ୍ଗେ ସଙ୍ଗେ ପରମହଂସ ଦେବ ହସି ହସି କହିଲେ,

୧ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦତ୍ତ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ଗୁପ୍ତ (ଶ୍ରୀମ)ଙ୍କୁ ଏହି ପତ୍ରଟି ଲେଖିଥିଲେ ।

'ପତର ଉପରେ ପଡ଼େ ପତର, ରାଇ କହେ ଆସିଲେ ପ୍ରାଣନାଥ ମୋହର ।' ହଁ, ଦେଖ ତ କେଶବର ଚିରଦିନ କିପରି ରୀତି ! ଆସିବ, ଆସିବ ବୋଲି ଆସେ ନାହିଁ । କିଛି ସମୟ ପରେ ପ୍ରାୟ ସନ୍ଧ୍ୟା ହେଲା । ଏପରି ସମୟରେ କେଶବ ଦଳବଳ ସହ ଆସି ଉପସ୍ଥିତ ।

ଆସି ଯହୁଁ ଭୂମିଷ୍ଠ ହୋଇ ତାଙ୍କୁ ପ୍ରଣାମ କଲେ, ସେ ମଧ୍ୟ ଠିକ୍ ସେହିପରି କରି ଟିକିଏ ପରେ ମୁଣ୍ଡ ଉଠାଇଲେ । ସେତେବେଳେ ସମାଧିସ୍ଥ—କହୁଛନ୍ତି— "କଲିକତାଯାକ ଲୋକଙ୍କୁ ଜୁଟାଇ ନେଇ ଆସିଛନ୍ତି—କଣ ନା ମୁଁ ବକ୍ତୃତା ଦେବି । ସେ ଯାହା ହେଉ ମୁଁ ପାରିବି ନାହିଁ । କରିବାକୁ ହୁଏ, ତୁମେ କର । ମୁଁ ସେ ସବୁ ପାରିବି ନାହିଁ" ।

ସେହି ଅବସ୍ଥାରେ ଟିକିଏ ଦିବ୍ୟ ହସ ହସି କହୁଛନ୍ତି—"ମୁଁ ଖାଇବି, ପିଇବି, ରହିବି । ମୁଁ ଖାଇବି, ଶୋଇବି । ଯିବି । ମୁଁ ସେ ସବୁ ପାରିବି ନାହିଁ ।" କେଶବ ବାବୁ ଦେଖୁଛନ୍ତି ଆଉ ଭାବସ୍ଥ ହେଉଛନ୍ତି, ଭାବରେ ଥାଇ ମଝିରେ ମଝିରେ "ଆହାଃ ଆହାଃ" କହୁଛନ୍ତି ।

ମୁଁ ଠାକୁରଙ୍କର ଅବସ୍ଥା ଦେଖି ଭାବୁଛି, "ଏ କ'ଣ ଢଙ୍ଗ ?" ଆଉ ତ କେବେହେଲେ ଏପରି ଦେଖିନାହିଁ, ଆଉ ଯେପରି ବିଶ୍ୱାସୀ ତାହା ତ ଜାଣ ।

ସମାଧି ଭଙ୍ଗ ପରେ କେଶବ ବାବୁଙ୍କୁ କହିଲେ, "କେଶବ, ଦିନେ ତୁମର ସେଠାକୁ ଯାଇଥିଲି, ଶୁଣିଲି ତୁମେ କହୁଛ, "ଭକ୍ତି ନଦୀରେ ବୁଡ଼ି ସଚ୍ଚିଦାନନ୍ଦ ସାଗରରେ ଯାଇ ପଡ଼ିବି ।" ମୁଁ ସେତେବେଳେ ଉପରକୁ ଚାହିଁ (ଯେଉଁଠାରେ କେଶବ ବାବୁଙ୍କ ସ୍ତ୍ରୀ ଓ ଅନ୍ୟାନ୍ୟ ସ୍ତ୍ରୀ ଲୋକମାନେ ବସିଥିଲେ) ଭାବିଲି, ତାହାହେଲେ ଏମାନଙ୍କର ଦଶା କ'ଣ ହେବ ? ତୁମେମାନେ ଗୃହୀ, ଏକାବେଳେ ସଚ୍ଚିଦାନନ୍ଦ ସାଗରରେ କିପରି ଯାଇ ପଡ଼ିବ ? ନେଉଳ ଭଳି ପଛରେ ଇଟା ବନ୍ଧା ଅଛି, କୌଣସି କାରଣରୁ ଠଣାରେ ଯାଇ ବସିଲା, କିନ୍ତୁ ରହିପାରୁଛି କିପରି । ଇଟା ଭାରରେ ପୁଣି ଧପ୍ କରି ଖସି ପଡ଼ିଲା । ତୁମେମାନେ ଟିକିଏ ଧ୍ୟାନ ଧାରଣା କରିପାର କିନ୍ତୁ ଦାରା ସୂତ ରୂପକ ଇଟାର ଭାର ପୁଣି ଖସାଇ ପକାଏ । ତୁମେମାନେ ଭକ୍ତି ନଦୀରେ ଥରେ ବୁଡ଼ିବ ଓ ଥରେ ଉଠିବ, ପୁଣି ବୁଡ଼ିବ ପୁଣି ଉଠିବ । ଏହିପରି ଚାଲିବ । ତୁମେମାନେ ଏକାବେଳେ ବୁଡ଼ିରହିବ କିପରି ?"

କେଶବ ବାବୁ କହିଲେ, "ଗୃହସ୍ଥର କ'ଣ ହେବ ନାହିଁ ? ମହର୍ଷି ଦେବେନ୍ଦ୍ର ନାଥ ଠାକୁର ?"

ପରମହଂସ ଦେବ, "ଦେବେନ୍ଦ୍ରନାଥ ଠାକୁର, ଦେବେନ୍ଦ୍ର, ଦେବେନ୍ଦ୍ର" ଏହିପରି କହି ଦୁଇ ତିନି ଥର ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ, ତା'ପରେ କହିଲେ : ଏ କଥାଟି ଜାଣ, ଜଣଙ୍କ ଘରେ ଦୁର୍ଗୋତ୍ସବ ହେଉଥିଲା, ଉଦୟାସ୍ତ

ବୋଦାବଳି ପଡୁଥିଲା । କେତେକ ବର୍ଷ ପରେ ଆଉ ବଳିର ସେପରି ଧୂମ୍‌ଧାମ୍ ନାହିଁ । ଜଣେ ପଚାରିଲା ମହାଶୟ, ଆଜି କାଲି ତ ଆପଣଙ୍କ ଘରେ ବଳିର ଧୂମ୍ ଧାମ୍ ନାହିଁ ? ସେ କହିଲେ ଆରେ ! ଏବେ ତ ଦାନ୍ତ ପଡ଼ିଯାଇଛି । ଦେବେନ୍ଦ୍ର ଏବେ ମଧ୍ୟ ଧ୍ୟାନ ଧାରଣା କରନ୍ତି, ସେ ତ ନିଶ୍ଚୟ କରିବେ । କିନ୍ତୁ ସେ ଜଣେ ବଡ଼ ମଣିଷ ।

ଦେଖ, ଯେତେଦିନ ମାୟା ଥାଏ, ସେତେଦିନ ମଣିଷ ପଇଡ଼ ଭଳି । ପଇଡ଼ରୁ ନାଳି ବାହାର କରିବାକୁ ଗଲେ ତା ସହିତ ସଢ଼େଇର କିଛି ଅଂଶ ଚାଲି ଆସେ । ଆଉ ଯେତେବେଳେ ମାୟା ଶେଷ ହୋଇଯାଏ, ସେତେବେଳେ ଶୁଖିଲା ନଡ଼ିଆ । ସେତେବେଳେ ନଡ଼ିଆ ଆଉ ସଢ଼େଇ ପୃଥକ୍ ହୋଇଯାଏ । ନଡ଼ିଆ, ଭିତରେ ଖଡ୍ ଖଡ୍ କରେ । ଆତ୍ମା ହୁଏ ଅଲଗା, ଶରୀର ହୁଏ ଅଲଗା । ଦେହ ସଙ୍ଗରେ ଯୁକ୍ତ ରହେ ନାହିଁ । ''ସେଇ ଯେ 'ମୁଁ' ବଡ଼ ମୁସ୍କିଲରେ ପକାଏ । ବଦ୍‌ମାସ 'ମୁଁ' କ'ଣ ଯିବ ନାହିଁ ? ପୁରୁଣା ଘରେ ଅଶ୍ୱତ୍ଥ ଗଛ ଉଠିଛି; ଖୋଳି ବାହାର କରିନିଅ । ପୁଣି ପରଦିନ ଦେଖିବ, ଗୋଟିଏ କୁଆଁ ବାହାରିଛି— 'ମୁଁ' ମଧ୍ୟ ସେହିପରି । ରସୁଣ ଗୋଳା ପାତ୍ର ସାତ ଥର ଧୋଇଲା ପରେ ବି ଗନ୍ଧ ଯାଏ ନାହିଁ ।''

କ'ଣ କହୁ କହୁ କେଶବ ବାବୁଙ୍କୁ କହିଲେ : ହଁ କେଶବ, ତୁମମାନଙ୍କର କଲିକତା ବାବୁମାନେ କହନ୍ତି ଯେ, 'ଈଶ୍ୱର ନାହାନ୍ତି ?' ବାବୁ ସିଡ଼ିରେ ଉଠୁଛନ୍ତି, ଗୋଟିଏ ପାଦ ପକାଇ ଆଉ ଗୋଟିଏ ପାଦ ପକାଇବା ମାତ୍ରେ 'ଉଃ କ'ଣ ହେଲା' କହି ପଡ଼ି ଅଚେତ୍ ହୋଇଗଲେ । ଡାକ୍ତରଙ୍କୁ ଡକା ହେଲା — ଡାକ୍ତର ଆସୁ ଆସୁ ହୋଇ ଯାଇଛି । ଏଁ, ଏମାନେ କହନ୍ତି, ଈଶ୍ୱର ନାହାନ୍ତି ।

ଘଣ୍ଟାଏ ଦେଢ଼ ଘଣ୍ଟା ପରେ କୀର୍ତ୍ତନ ଆରମ୍ଭ ହେଲା । ତାହା ପରେ ଯାହା ଦେଖିଲି ତାହା ମଧ୍ୟ ଜନ୍ମ-ଜନ୍ମାନ୍ତରରେ ଭୁଲିବି ନାହିଁ । ସମସ୍ତେ ନାଚିବାକୁ ଲାଗିଲେ, କେଶବଙ୍କୁ ମଧ୍ୟ ନାଚୁଥିବାର ଦେଖିଲି, ମଝିରେ ଠାକୁର, ଆଉ ଅନ୍ୟ ସମସ୍ତେ ତାଙ୍କୁ ଘେରି ନାଚୁଛନ୍ତି ! ନାଚୁ ନାଚୁ ଠାକୁର ଏକାବେଳେ ସ୍ଥିର— ସମାଧିସ୍ଥ । ଅନେକ କ୍ଷଣ ଏହିପରି ଗଲା । ଶୁଣୁ ଶୁଣୁ ଦେଖୁ ଦେଖୁ ବୁଝିଲି 'ଇଏ ପରମହଂସ ସତ ।'

ଆଉ ଦିନେ, ବୋଧହୁଏ ୧୮୮୩ ଖ୍ରୀଷ୍ଟାବ୍ଦରେ ଶ୍ରୀରାମପୁରରେ କେତେଜଣ ଯୁବକଙ୍କୁ ସଙ୍ଗରେ ନେଇ ଯାଇଥିଲି । ସେଦିନ ସେମାନଙ୍କୁ ଦେଖି ପଚାରିଲେ— ''ଏମାନେ କାହିଁକି ଆସିଛନ୍ତି ?''

ମୁଁ— ଆପଣଙ୍କୁ ଦେଖିବାକୁ ।

ଠାକୁର—ମୋତେ କ'ଣ ଦେଖିବେ ? ଏମାନେ ସବୁ ବିଲିଡ଼ିଙ୍ଗ୍‌ଆଦି ଦେଖନ୍ତୁନା ?

ମୁଁ—ଏମାନେ ତ ତାହା ଦେଖିବାକୁ ଆସି ନାହାନ୍ତି, ଆପଣଙ୍କୁ ଦେଖିବାକୁ ଆସିଛନ୍ତି ।

ଠାକୁର—ତେବେ ମନେହୁଏ ଏମାନେ ଚକ୍‌ମକିର ପଥର । ଭିତରେ ଅଗ୍ନି ଅଛି । ହଜାରେ ବର୍ଷ ପାଣିରେ ପକାଇ ରଖ, ଘଷିଲେ ଅଗ୍ନି ବାହାରିବ । ଏମାନେ ମନେହୁଏ ସେହି ଜାତୀୟ ଜୀବ । ଆମକୁ ଘଷିଲେ ଅଗ୍ନି ବାହାରୁଛି କାହିଁ ?

ଆମେମାନେ ଏହି ଶେଷ କଥା ଶୁଣି ହସିଲୁ । ସେଦିନ ଆଉ କ'ଣ କ'ଣ କଥା ହେଲା, ଠିକ୍ ମନେ ନାହିଁ । ତେବେ 'ମୁଁ'ର ଗନ୍ଧ ଯାଏ ନାହିଁ, ଆଉ କାମିନୀ-କାଞ୍ଚନ, ତ୍ୟାଗର କଥା ମଧ୍ୟ କିଛି ହୋଇଥିଲା ।

ଆଉ ଦିନେ ଯାଇଛି । ପ୍ରଣାମ କରି ବସିଛି, କହିଲେ :"ସେଇ ଯେ ବୋତଲ ଖୋଳିଲେ ଫସ୍ ଫସ୍ କରି ଉଠେ ଟିକିଏ ଖଟା ଟିକିଏ ମିଠା, ସେଥିରୁ ଗୋଟିଏ ଆଣି ଦେଇପାର ?" ମୁଁ କହିଲି—ଲେମୋନେଡ୍ ? ଠାକୁର କହିଲେ —"ଆଣ ନା ?" ମନେହୁଏ ଗୋଟିଏ ଆଣି ଦେଲି । ସେହିଦିନ ଯେତେଦୂରେ ମନେହୁଏ ଆଉ କେହି ନଥିଲେ । କେତୋଟି ପ୍ରଶ୍ନ ପଚାରିଲି—"ଆପଣଙ୍କର କ'ଣ ଜାତି ଭେଦ ଅଛି ?"

ଠାକୁରେ—କାହିଁ, କେଉଁଠି ଅଛି ? କେଶବ ସେନ୍‌ଙ୍କ ଘରେ ଚଡ଼ଚଡ଼ି ଖାଇଛି, ତେବେ ଦିନକର କଥା କହୁଛି । ଜଣେ ଲମ୍ବା ଦାଢ଼ି ବାଲା ବରଫ ନେଇ ଆସିଥିଲା, ତାହା କାହିଁକି ଖାଇବାକୁ ଇଛା ହେଲା ନାହିଁ, ପୁଣି ଟିକିଏ ପରେ ଜଣେ ତାହାରି ପାଖରୁ ବରଫ ନେଇଆସିଲା । କଡ଼ ମଡ଼ କରି ଚୋବାଇ ଖାଇଲି । ତେବେ କ'ଣ ଜାଣ ଜାତି ଭେଦ ସ୍ୱାଭାବିକ ଭାବରେ ଚାଲିଯାଏ । ଯେପରି ନଡ଼ିଆ ଗଛ, ତାଳଗଛ ବଡ଼ ହେଲେ ବାହୁଙ୍ଗା ଆପେ ଆପେ ଖସିପଡ଼େ । ଜାତି ଭେଦ ସେହିପରି ଚାଲିଯାଏ । ସେ ଶଳାଙ୍କ ଭଳି ଜୋର କରି ଉଠାଇ ଦିଅନାହିଁ ।

ମୁଁ ପଚାରିଲି—"କେଶବ ବାବୁ କିପରି ଲୋକ ?"

ଠାକୁରେ—ଆହେ ସେ ଦୈବୀ ମନୁଷ୍ୟ ।

ମୁଁ—ଆଉ ତ୍ରୈଲୋକ୍ୟ ବାବୁ ?

ଠାକୁରେ—ଭଲ ଲୋକ, ଭଲ ଗାଆନ୍ତି ।

ମୁଁ—ଶିବନାଥବାବୁ ?

ଠାକୁରେ—ଭଲ ଲୋକ, ତେବେ ତର୍କ କରନ୍ତି ।

ମୁଁ—ହିନ୍ଦୁ ଓ ବ୍ରାହ୍ମ ଭିତରେ ତଫାତ୍ କଅଣ ?

ଠାକୁରେ—ତଫାତ୍ ଆଉ କଅଣ ?

ଏଠାରେ ରୋଶନଚୌକି ବାଜେ, ଜଣେ ସାନାଇର ପେଁ ଶବ୍ଦ ଧରିଥାଏ ଆଉ ଜଣେ ତାହାରି ଭିତରେ 'ରାଧା ମୋର ମାନ କରିଛି' ଇତ୍ୟାଦି ନାନା ପ୍ରକାର ରାଗ ରାଗିଣୀ ବଜାଉ ଥାଏ । ବ୍ରାହ୍ମମାନେ ନିରାକାର ପେଁ ଧରି ବସି ରହିଛନ୍ତି । ଆଉ ହିନ୍ଦୁମାନେ ନାନା ପ୍ରକାର ରାଗରାଗିଣୀ ବଜାଉଛନ୍ତି ।

''ଜଳ ଆଉ ବରଫ—ନିରାକାର ଆଉ ସାକାର । ଯାହା ଜଳ ତାହା ଥଣ୍ଡାରେ ବରଫ ହୁଏ, ଜ୍ଞାନର ଉଷ୍ଣତାରେ ବରଫ ଜଳ ହୋଇଯାଏ, ଭକ୍ତି ହିମରେ ଜଳ ବରଫ ହୁଏ ।''

''ସେହି ଗୋଟିଏ ଜିନିଷ । ନାନା ପ୍ରକାର ଲୋକ ଅଲଗା ଅଲଗା ଜିନିଷ ଦିଅନ୍ତି । ଯେପରି ପୋଖରୀର ଚାରିପାଖରେ ଚାରି ଘାଟ । ଏ ଘାଟରୁ ଜଳ ନେଉଛନ୍ତି; ପଚାରିଲେ କହିବେ 'ଜଳ' । ସେ ଘାଟରୁ ଯେଉଁମାନେ ଜଳ ନେଉଛନ୍ତି, କହିବେ 'ପାନି' ଅନ୍ୟ ଗୋଟିଏ ଘାଟରେ 'ୱାଟର୍', ଆଉ ଗୋଟିଏ ଘାଟରେ 'ଆକ୍ୱା', —ଜଳ କିନ୍ତୁ ଏକ ।''

ବରିଶାଲରେ ଅଚଳାନନ୍ଦ ତୀର୍ଥଅବଧୂତଙ୍କ ସଙ୍ଗରେ ଦେଖା ହୋଇଥିଲା ବୋଲି କହିବାରୁ କହିଲେ—''ସେହି କୋତରଙ୍ଗର ରାମକୁମାର ତ'' ମୁଁ କହିଲି 'ହଁ ଆଜ୍ଞା' ।

ଠାକୁର—ତାଙ୍କୁ କିପରି ଲାଗିଲା ?

ମୁଁ—ଖୁବ୍ ଭଲ ଲାଗିଲା ।

ଠାକୁରେ—ଆଚ୍ଛା ସେ ଭଲ ନା, ମୁଁ ଭଲ ?

ମୁଁ—ତାଙ୍କ ସଙ୍ଗରେ କ'ଣ ଆପଣଙ୍କର ତୁଳନା ହୁଏ ? ସେ ପଣ୍ଡିତ, ବିଦ୍ୱାନ ଲୋକ ଆଉ ଆପଣ କ'ଣ ପଣ୍ଡିତ, ଜ୍ଞାନୀ ? ଉତ୍ତର ଶୁଣି ଟିକିଏ ଅବାକ୍ ହୋଇ ଚୁପ୍ ହୋଇ ରହିଲେ । ମିନିଟିଏ ଅଧ ମିନିଟିଏ ପରେ ମୁଁ କହିଲି: ''ଯାହାହେଉ ସେ ପଣ୍ଡିତ ହୋଇ ପାରନ୍ତି, ଆପଣ ମଜାର ଲୋକ । ଆପଣଙ୍କ ପାଖରେ ଖୁବ୍ ମଜା ।''

ଏଥର ହସି କହିଲେ ''ବେଶ୍ କହିଛ, ଠିକ୍ କହିଛ ।''

ମୋତେ ପଚାରିଲେ, ''ମୋର ପଞ୍ଚବଟୀ ଦେଖିଛ ?'' କହିଲି, ଆଜ୍ଞା ହଁ । ସେଠାରେ କଅଣ କଅଣ କରୁଥିଲେ ତା ମଧ୍ୟ କିଛି କହିଲେ, ସେଇ ନାନା ଭାବର ସାଧନା କଥା, ଲଙ୍ଗୁଳୀର କଥା ମଧ୍ୟ କହିଲେ । ମୁଁ ପଚାରିଲି, ''ତାଙ୍କୁ ପାଇବି କିପରି ?''

ଉତ୍ତର—ଆହେ ସେ'ତ ଚୁମ୍ବକ, ଲୁହାକୁ ଯେପରି ଟାଣେ ସେହିପରି ଆମମାନଙ୍କୁ ଟାଣୁଛନ୍ତି । ଲୁହା ଉପରେ କାଦୁଅ ଲାଗିଥିଲେ ଟାଣିପାରେ ନାହିଁ ।

କାନ୍ଦି କାନ୍ଦି ଯେତେବେଳେ କାଦୁଅ ଟିକକ ଧୋଇଯାଏ ସଙ୍ଗେ ସଙ୍ଗେ ଚଟ୍ କରି ଲାଗିଯାଏ ।

ମୁଁ ଠାକୁରଙ୍କର ଉକ୍ତିଗୁଡ଼ିକୁ ଶୁଣି ଶୁଣି ଲେଖୁଥିଲି, କହିଲେ : "ହଁ ଦେଖ, ଭାଙ୍ଗ ଭାଙ୍ଗ କହିଲେ ହେବ ନାହିଁ। ଭାଙ୍ଗକୁ ବାଟି ଖାଇବାକୁ ହେବ।" —ଏହାପରେ ମୋତେ କହିଲେ, "ତୁମେମାନେ ତ ସଂସାରରେ ରହିବ, ତେଣୁ ଟିକିଏ ଗୋଲାପି ନିଶା କରି ରହ । କାମ ଦାମ କରୁଛ ଅଥଚ ନିଶାଟି ଲାଗିଅଛି । ତୁମେମାନେ ତ ଆଉ ଶୁକଦେବଙ୍କ ପରି ହୋଇପାରିବ ନାହିଁ—ଯେ ଈଶ୍ୱରାବେଶରେ ବିବସ୍ତ୍ର ହୋଇ ପଡ଼ିରହିବ ।

"ସଂସାରରେ ରହିବ ତ ଖଣ୍ଡେ ମୁକ୍ତାରିନାମା ଲେଖିଦିଅ—ବକାଲତ ନାମା ଦିଅ । ସେ ଯାହା କରିବାର କଥା କରିବେ । ବଡ଼ ଲୋକ ଘର ଦାସୀ ଭଳି ତୁମେ ରହିବ । ବାବୁଙ୍କ ପିଲାପିଲିଙ୍କୁ କେତେ ଆଦର କରୁଛି, ଗାଧୋଇ ଦେଉଛି, ଖୁଆଉଛି ଯେପରି ତାର ନିଜର ପିଲା, କିନ୍ତୁ ମନେ ମନେ ଜାଣେ, "ଏ ମୋର ନୁହେଁ, ଚାକିରି ଗଲେ—ଆଉ କୌଣସି ସଂପର୍କ ନାହିଁ ।"

"ଯେପରି ପଣସ ଖାଇବାକୁ ହେଲେ ହାତରେ ତେଲ ଲଗାଇ ନେବାକୁ ହୁଏ, ସେହିପରି ତେଲ ଲଗାଇ ନିଅ, ତାହା ହେଲେ ଆଉ ସଂସାରରେ ଜଡ଼ିତ ହେବ ନାହିଁ, ଲିପ୍ତ ହେବ ନାହିଁ ।"

ଏତେବେଳ ଯାଏ ତଳେ ବସି କଥା ହେଉଥିଲା; ବର୍ତ୍ତମାନ ଖଟ ଉପରକୁ ଉଠି ଲମ୍ବ ହୋଇ ଶୋଇଲେ । ମୋତେ କହିଲେ "ପଙ୍ଖା କର ।" ମୁଁ ପଙ୍ଖା କରିବାକୁ ଲାଗିଲି । ନୀରବ ରହିଲେ । ଟିକିଏ ପରେ କହିଲେ "ଖୁବ୍ ଗରମ ହେ, ପଙ୍ଖାଟି ଟିକିଏ ପାଣିରେ ଓଦା କରି ନିଅ । ମୁଁ କହିଲି, "ପୁଣି ସଉକ ତ ଅଛି ଦେଖୁଛି ।" ହସି କହିଲେ— "କାହିଁକି ରହିବନି ?" ମୁଁ କହିଲି, "ତେବେ ଥାଉ ଥାଉ ।" ସେହିଦିନ ପାଖରେ ବସି ଯେଉଁ ଆନନ୍ଦ ପାଇଛି ତାହା ଆଉ କେବେ ହେବ ନାହିଁ ।

ଶେଷଥର—ଯେଉଁ ଥରର କଥା ତୁମେ ଗୋଟିଏ ଜାଗାରେ ଉଲ୍ଲେଖ କରିଛ—ସେଥର ଆମ ସ୍କୁଲର ହେଡ୍‌ମାଷ୍ଟରଙ୍କୁ ନେଇ ଯାଇଥିଲି, ତାଙ୍କର ବି.ଏ. ପାଶ କରିବାର ଅବ୍ୟବହିତ ପରେ । ଏହି ସେଦିନ ତୁମ ସଙ୍ଗରେ ତାଙ୍କର ଦେଖା ହୋଇଥିଲା ।

ତାଙ୍କୁ ଦେଖିବାମାତ୍ରେ କହିଲେ, "ଏହାଙ୍କୁ ପୁଣି କେଉଁଠାରୁ ପାଇଲ ?"

"ଆହା ତୁମେ ତ ଓକିଲ । ଭଲ ତ । ଭାରି ବୁଦ୍ଧିମାନ । ମୋତେ ଟିକିଏ ବୁଦ୍ଧି ଦେଇପାରିବ ? ତୁମ ବାପା ତ ସେଦିନ ଆସିଥିଲେ, ଏଠାରେ ତିନିଦିନ ଥିଲେ ।"

ମୁଁ ପଚାରିଲି, ''ତାଙ୍କୁ କିପରି ଦେଖିଲେ ?''

କହିଲେ—''ଭଲ ଲୋକ, ତେବେ ମଝିରେ ମଝିରେ ଏଣୁ ତେଣୁ ବକନ୍ତି ।''

ଟିକିଏ ହସିଲେ । ମୁଁ କହିଲି, ''ଆମମାନଙ୍କୁ କିଛି କହନ୍ତୁ ।'' କହିଲେ, ''ହୃଦୟକୁ ଚିହ୍ନ ?'' (ହୃଦୟ ମୁଖୋପାଧ୍ୟାୟ) ।

ମୁଁ କହିଲି, 'ଆପଣଙ୍କ ଭଣଜା ତ ? ମୋ ସଙ୍ଗରେ ଆଳାପ ହୋଇ ନାହିଁ ।'

ଠାକୁରେ—ହୃଦୟ କହୁଥିଲା, 'ମାମୁଁ' ତୁମର ଯାହା କହିବାର ଅଛି ଏକାଥରକେ କହିଦିଅନା । କଅଣ ଗୋଟାଏ କଥାକୁ ଥରକୁ ଥର କହିବ ?' ମୁଁ କହିଲି, ତୋର କଅଣ ଅଛି ? ମୋ କଥା ମୁଁ ଲକ୍ଷଥର କହିବି, ତୋର କଅଣ ଅଛି ?

ମୁଁ ହସି ହସି କହିଲି, ''ତାହା ତ ନିଶ୍ଚୟ ।''

ଅଳ୍ପକ୍ଷଣ ପରେ ବସି ଓଁ ଓଁ କହୁ କହୁ ଗୀତ ଧରିଲେ—

ଡୁବ୍, ଡୁବ୍ ଡୁବ୍ ରୂପସାଗରରେ ମୋହର ମନ ।

ପଦେ ଦୁଇପଦ ଗାଉ ଗାଉ ଡୁବ୍ ଡୁବ୍ କହୁ କହୁ ଡୁବିଗଲେ । ସମାଧି ଭଙ୍ଗ ହେଲା, ପଦ-ଚାରଣ କରୁବାକୁ ଲାଗିଲେ । ପିନ୍ଧା ଲୁଗାକୁ ଦୁଇ ହାତରେ ଟାଣି ଟାଣି ଏକାବେଳକେ ଅଣ୍ଟା ପର୍ଯ୍ୟନ୍ତ ଉପରକୁ ଟେକିଲେ, ସେଥିରେ କିଛି ଅଂଶ ତଳେ ଘୁଷୁରିଛି, ଆଉ କିଛିଟା ଝୁଲୁଛି । ମୁଁ ଆଉ ମୋ ସଙ୍ଗୀ ଉପରେ ପରସ୍ପର ଚିମୁଟା ଚିମୁଟି ହୋଇ  ଧୀରେ ଧୀରେ କହୁଛୁ,  'ଲୁଗାଟି ଭଲ ପିନ୍ଧା ହୋଇଛି !' ଟିକିଏ ପରେ 'ଦୂର ଶଳା ଲୁଗା କହି ଲୁଗାଟିକୁ ଫିଙ୍ଗିଦେଲେ । ଫିଙ୍ଗି ଦିଗମ୍ବର ହୋଇ ପଦଚାରଣ କରିବାକୁ ଲାଗିଲେ । ଉତ୍ତର ଦିଗରୁ କାହାର ଛତା ଓ ଲାଠି ଆମ ସମ୍ମୁଖକୁ ଆଣି ପଚାରିଲେ—''ଏ ଛତା, ଲାଠି ତୁମର ?'' ମୁଁ କହିଲି, 'ନା !' ସଙ୍ଗେ ସଙ୍ଗେ କହିଲେ, ''ମୁଁ ଆଗରୁ ବୁଝିଛି, ଏହା  ତୁମର ନୁହେଁ । ମୁଁ ଛତା ଲାଠି ଦେଖିଲେ ମନୁଷ୍ୟକୁ ବୁଝିପାରେ । ସେହି ଗୋଟିଏ ଲୋକ ହାଉଁ ମାଉଁ କରି କେତେଗୁଡ଼ାଏ ଗିଳିଦେଇ ଗଲା, ଏହା ନିଶ୍ଚୟ ତାହାରି ।''

କିଛି ସମୟ ପରେ ଏହି ଭାବରେ ଖଟର ଉତ୍ତର ପଟରେ ପଶ୍ଚିମକୁ ମୁହଁ କରି ବସିପଡ଼ିଲେ । ବସିଯାଇ ମୋତେ ପଚାରିଲେ, ''ଆହେ, ମୋତେ କଅଣ ଅସଭ୍ୟ, ମନେ କରୁଛ ?''

ମୁଁ କହିଲି ନା ଆପଣ ଖୁବ୍ ସଭ୍ୟ । ତେବେ ଏପରି ପଚାରୁଛନ୍ତି କାହିଁକି ?

ଠାକୁର—ଆରେ ଶିବନାଥ ପ୍ରଭୃତି ଅସଭ୍ୟ ମନେ କରନ୍ତି । ସେମାନେ ଆସିଲେ କୌଣସି ପ୍ରକାରେ ଗୋଟିଏ ଲୁଗା ଗୁଡ଼ାଇ ବସିବାକୁ ହୁଏ । ଗିରିଶ ଘୋଷକୁ ଚିହ୍ନ ?

ମୁଁ—କେଉଁ ଗିରିଶ ଘୋଷ ? ଯେ ଥିଏଟର କରନ୍ତି ?

ଠାକୁର—ହଁ ।

ମୁଁ—କେବେ ଦେଖିନାହିଁ, ନାମ ଶୁଣିଛି ।

ଠାକୁରେ—ଭଲ ଲୋକ ।

ମୁଁ—ଶୁଣିଛି ମଦ ଖାଆନ୍ତି ନା କଅଣ ?

ଠାକୁରେ—ଖାଉନା, ଖାଉନା କେତେଦିନ ଖାଇବ ? ''ତୁମେ ନରେନ୍ଦ୍ରଙ୍କୁ ଚିହ୍ନ ?''

ମୁଁ—ଆଜ୍ଞା, ନା ।

ଠାକୁରେ—ମୋର ଖୁବ୍ ଇଛା ଯେ, ତୁମର ତା ସାଙ୍ଗରେ ଆଳାପ ହେଉ, ସେ ବି.ଏ ପାଶ୍ କରିଛି, ବିବାହ କରିନାହିଁ ।

ମୁଁ—ଆଜ୍ଞା ହଁ, ଆଳାପ କରିବି ।

ଠାକୁରେ—ଆଜି ରାମ ଦତ୍ତଙ୍କ ଘରେ କୀର୍ତ୍ତନ ହେବ । ସେହିଠାରେ ଦେଖାହେବ । ସଂଧ୍ୟା ସମୟରେ ସେହିଠାକୁ ଯାଅ ।

ମୁଁ—ଆଜ୍ଞା, ହଁ ।

ଠାକୁରେ—ଯିବ ତ ? ନିଶ୍ଚୟ ଯାଅ ।

ମୁଁ—ଆପଣଙ୍କର ହୁକୁମ ହେଲା, ତାହା ମାନିବି ନାହିଁ ? ଅବଶ୍ୟ ଯିବି । ଘରେ ଥିବା କେତେଖଣ୍ଡ ଛବି ଦେଖାଇଲେ, ପରେ ପଚାରିଲେ, ''ବୁଦ୍ଧଦେବଙ୍କ ଛବି ମିଳିବ?''

ମୁଁ—ମିଳେ ବୋଲି ଶୁଣିଛି ।

ଠାକୁରେ—ସେହି ଛବିରୁ ଖଣ୍ଡିଏ ମୋତେ ଦିଅ ।

ମୁଁ—ଆଜ୍ଞା ହଁ, ଏଥର ଯେତେବେଳେ ଆସିବି, ନେଇ ଆସିବି । ଆଉ ଦେଖା ହେଲା ନାହିଁ । ଆଉ ସେହି ଶ୍ରୀଚରଣ ପ୍ରାନ୍ତରେ ବସିବାକୁ ଭାଗ୍ୟରେ ଘଟିନାହିଁ ।

ସେଦିନ ସଂଧ୍ୟା ସମୟରେ ରାମବାବୁଙ୍କ ଘରକୁ ଗଲି । ନରେନ୍ଦ୍ରଙ୍କ ସଙ୍ଗରେ ଦେଖା ହେଲା । ଠାକୁରେ ଗୋଟିଏ ଘରେ ତକିଆକୁ ଆଉଜି ବସିଥିଲେ, ନରେନ୍ଦ୍ର ତାଙ୍କ ଡାହାଣ ପାଖରେ । ମୁଁ ସମ୍ମୁଖରେ । ନରେନ୍ଦ୍ରଙ୍କ ସଙ୍ଗରେ ଆଳାପ କରିବାକୁ କହିଲେ ।

ନରେନ୍ଦ୍ର କହିଲେ, ମୋର ଆଜି ଖୁବ୍ ମୁଣ୍ଡ ବିନ୍ଧୁଛି । କଥା କହିବାକୁ ଇଛା ହେଉନାହିଁ । ମୁଁ କହିଲି, ''ଠିକ୍ ଅଛି ଆଉ ଦିନେ ଆଳାପ ହେବ ।''

ସେହି ଆଳାପ ହେଲା ୧୮୯୭ ଖ୍ରୀଷ୍ଟାବ୍ଦରେ ମେ, କିମ୍ବା ଜୁନ୍ ମାସରେ, ଆଲମୋଡ଼ାରେ ।

ଠାକୁରଙ୍କର ଇଚ୍ଛା ତ ପୂର୍ଣ୍ଣ ହେବାକୁ ହେବ୍, ତେଣୁ ବାରବର୍ଷ ପରେ ପୂର୍ଣ୍ଣ ହେଲା । ଆହା ସେହି ବିବେକାନନ୍ଦଙ୍କ ସଙ୍ଗରେ ଆଲମୋଡ଼ାରେ କେତୋଟି ଦିନ କେତେ ଆନନ୍ଦରେ ଯେ କଟାଇଥିଲି । କେତେବେଳେ ତାଙ୍କ ବସାରେ ତ କେତେବେଳେ ମୋ ବସାରେ, ଆଉ ଦିନେ ନିର୍ଜନରେ ତାଙ୍କ ସହିତ ଗୋଟିଏ ପର୍ବତ ଶୃଙ୍ଗରେ । ଆଉ ତାଙ୍କ ସଙ୍ଗରେ ଦେଖା ହୋଇନାହିଁ । ଠାକୁରଙ୍କ ଇଚ୍ଛା ପୂର୍ଣ୍ଣ ହେବାପାଇଁ ସେହି ଦେଖା ।

ଠାକୁରଙ୍କ ସଙ୍ଗରେ ପ୍ରାୟ ଚାରି ପାଞ୍ଚ ଦିନର ଦେଖା, କିନ୍ତୁ ସେହି ଅଳ୍ପ ସମୟ ମଧ୍ୟରେ ଏପରି ହୋଇଥିଲା, ଯେ ତାଙ୍କୁ (ଠାକୁରଙ୍କୁ) ମନେ ହେଉଥିଲା ଯେପରି ସହପାଠୀ, କିପରି ସ୍ୱାଧୀନ ଭାବରେ କଥା କହିଛି, ସମ୍ମୁଖରୁ ଆସିବା ପରେ ମନେ ହେଉଥିଲା, ଆରେ ବାପରେ କାହା ପାଖକୁ ଯାଇଥିଲି ।' ସେହି କେଇ ଦିନରେ ଯାହା ଦେଖିଛି ଓ ପାଇଛି ସେଥିରେ ଜୀବନ ମଧୁମୟ କରି ରଖିଛି । ସେହି ଦିବ୍ୟାମୃତବର୍ଷୀ ହସଟିକକୁ ଯତ୍ନରେ ସ୍ମୃତି ମନ୍ଦିରରେ ରଖିଛି । ସେ ତ ନିଃସମ୍ବଳର ଅଫୁରନ୍ତ ସମ୍ବଳ ହେ ! ଆଉ ସେହି ହସଚ୍ୟୁତ ଅମୃତକଣାରେ ଆମେରିକା ପର୍ଯ୍ୟନ୍ତ ଅମୃତାୟିତ ହୋଉଛି—ଏହା ଭାବି ''ହୃଷ୍ୟାମି ଚ ମୁହୁର୍ମୁହୁଃ, ହୃଷ୍ୟାମି ଚ ପୁନଃ ପୁନଃ ।'' ମୋର ଯଦି ଏପରି, ବର୍ତ୍ତମାନ ବୁଝ ତୁମେ କିପରି ଭାଗ୍ୟଧର ।''

❁ ❁ ❁

# ଶ୍ରୀମ(ମହେନ୍ଦ୍ରନାଥ ଗୁପ୍ତ)ଙ୍କ ସଂକ୍ଷିପ୍ତ ଜୀବନୀ

ଶ୍ରୀଯୁକ୍ତ ମହେନ୍ଦ୍ରନାଥ ଗୁପ୍ତ ସ୍ୱପ୍ରଣୀତ "ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ" ରେ 'ଶ୍ରୀମ' 'ମାଷ୍ଟର' , 'ମଣି' , ମୋହିନୀ ମୋହନ ବା 'ଜଣେ ଭକ୍ତ' ଇତ୍ୟାଦି ଛଦ୍ମନାମରେ ବା ଅସମ୍ପୂର୍ଣ୍ଣ ପରିଚୟର ଆବରଣରେ ନିଜକୁ ଗୁପ୍ତ ରଖିବାର ଚେଷ୍ଟା କରି ମଧ ସଫଳ ହୋଇ ନାହାନ୍ତି । କାରଣ ତାଙ୍କର କୀର୍ତ୍ତି ସୌରଭ ସର୍ବତ୍ର ପ୍ରସାରିତ ହୋଇଛି । ଶ୍ରୀରାମକୃଷ୍ଣ ପରମହଂସଦେବଙ୍କୁ ସେ ୧୮୮୨ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଦର୍ଶନ କରିଥିଲେ । ଏହି ସମୟରେ ସେ ମେଟ୍ରୋପଲିଟାନ୍ ବିଦ୍ୟାଳୟର ଶ୍ୟାମବଜାର ଶାଖାରେ ପ୍ରଧାନ ଶିକ୍ଷକ ଥିଲେ । ଶ୍ରୀରାମକୃଷ୍ଣ ଭକ୍ତମଣ୍ଡଳୀରେ ସୁପରିଚିତ ରାଖାଲ, ବାବୁରାମ, ସୁବୋଧ, ପୂର୍ଣ୍ଣ, ତେଜଚନ୍ଦ୍ର, ପଲ୍ଟୁ, କ୍ଷୀରୋଦ, ନାରାୟଣ ପ୍ରଭୃତି ବିଭିନ୍ନ ସମୟରେ ଏହି ବିଦ୍ୟାଳୟର ଛାତ୍ର ଥିଲେ । ଏଥିପାଇଁ ସେ 'ମାଷ୍ଟର ମହାଶୟ' ନାମରେ ପରିଚିତ ଥିଲେ । ଏପରିକି ଠାକୁର ବେଳେବେଳେ ତାଙ୍କୁ ମାଷ୍ଟର, ମହେନ୍ଦ୍ର ମାଷ୍ଟର ବୋଲି ସମ୍ବୋଧନ କରୁଥିଲେ । ଠାକୁରଙ୍କର ଅନେକ ଅନ୍ତରଙ୍ଗ ସନ୍ନ୍ୟାସୀ ଓ ଗୃହୀ-ସନ୍ତାନଗଣଙ୍କୁ ମାଷ୍ଟର ମହାଶୟ ହିଁ ପ୍ରଥମେ ଠାକୁରଙ୍କ ନିକଟରେ ଉପସ୍ଥିତ କରାଇଥିଲେ । ଏହା ଲକ୍ଷ୍ୟ କରି ଶ୍ରୀ ଗିରିଶ ଘୋଷ କହିଥିଲେ, "ମାଷ୍ଟର ହିଁ ଦେଖୁଛି ସବୁ ଗୋପନରେ ଶେଷ କଲେ ।"

'କଥାମୃତ'ର ଆରମ୍ଭରେ ଶ୍ରୀମଦ୍‌ଭାଗବତର ଏହି ଶ୍ଳୋକଟି ଉଦ୍ଧୃତ ହୋଇଅଛି ।

"ତବ କଥାମୃତଂ ତପ୍ତ ଜୀବନଂ କବିଭିରୀଡ଼ିତଂ କଳ୍ମଷାପହମ୍
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ ଭୁବି ଗୃଣନ୍ତି ଯେ ଭୂରିଦା ଜନାଃ ।"

ଶ୍ରୀରାମକୃଷ୍ଣଙ୍କର କଥାମୃତ ପ୍ରଚାର ପୂର୍ବକ ମାଷ୍ଟର ମହାଶୟ ଶତ ସହସ୍ର ଲୋକମାନଙ୍କର ଗୃହରେ ଅମୃତ ଧାରା ପ୍ରବାହିତ କରି ସର୍ବୋତ୍ତମ ଫଳଦାନର ଅଧିକାରୀ ହୋଇଛନ୍ତି । ଏହି ଗ୍ରନ୍ଥରେ ଭାଷାର ସହଜ ସାବଲୀଳ ଗତି; ଭାବ-ଗାମ୍ଭୀର୍ଯ୍ୟ, ଅଳ୍ପ କଥାରେ ସଜୀବ ଚିତ୍ରାଙ୍କନ, ସାର୍ବଜନୀନ ସହାନୁଭୂତି, ଅସୀମ ଉଦାରତା ଓ ଅବାଧ ଅର୍ନ୍ତଦୃଷ୍ଟିର ସୁନିର୍ମଳ ଦର୍ପଣରୂପେ ଜଗତର ସର୍ବଶ୍ରେଷ୍ଠ ସାହିତ୍ୟ ମଧ୍ୟରେ ଅଧିକାର ପୂର୍ବକ ଗ୍ରନ୍ଥକାରଙ୍କୁ ଅମର କରିଛନ୍ତି ।

ବଙ୍ଗାବ୍ଦ ୧୨୬୧ ସାଲ ଆଷାଢ଼ ୩୧ ଦିନ, ଶୁକ୍ରବାର ୧୮୫୪ ଖ୍ରୀଷ୍ଟାବ୍ଦ ଜୁଲାଇ ୧୪ ତାରିଖ ନାଗ ପଞ୍ଚମୀ ଦିନ ମହେନ୍ଦ୍ରନାଥ କଲିକତାର ସିମୁଳିୟା ପଲ୍ଲିସ୍ଥ ଶିବନାରାୟଣ ଦାସ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ମଧୁସୂଦନ ଗୁପ୍ତ ଓ ମାତାଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ । ମଧୁସୂଦନ କଲିକତା ହାଇକୋର୍ଟରେ ଜଣେ ଅଫିସର୍ ଭାବରେ କାର୍ଯ୍ୟ କରୁଥିଲେ । ମହେନ୍ଦ୍ରନାଥ

ମଧୁସୂଦନଙ୍କ ତୃତୀୟ ପୁତ୍ର ଥିଲେ । ପିତା ମଧୁସୂଦନ ଓ ମାତା ସ୍ୱର୍ଣ୍ଣମୟୀ, ସେମାନଙ୍କର ସରଳତା, ମଧୁର ବ୍ୟବହାର ଓ ଧର୍ମନିଷ୍ଠା ପାଇଁ ସୁପରିଚିତ ଥିଲେ । ମାତାଙ୍କ ସ୍ନେହ ଓ ସଦ୍‌ଗୁଣ ରାଶି ମହେନ୍ଦ୍ରଙ୍କୁ ମାତୃଭକ୍ତରେ ପରିଣତ କରିଥିଲା । ମହେନ୍ଦ୍ରନାଥ ପାଞ୍ଚ ବର୍ଷ ବୟସରେ ଜନନୀଙ୍କ ସହିତ ମାହେଶକୁ ରଥ ଦେଖିବାକୁ ଯାଇଥିଲେ । ଫେରିବା ସମୟରେ ସେମାନଙ୍କର ନୌକା ଦକ୍ଷିଣେଶ୍ୱର ଘାଟରେ ଲାଗିଲା । ଯେତେବେଳେ ସମସ୍ତେ ମନ୍ଦିରରେ ଦେବ ଦେବୀ ଦେଖିବାରେ ବ୍ୟସ୍ତ, ସେତେବେଳେ ସେ ଶ୍ରୀ ଶ୍ରୀ ଭବତାରିଣୀ ମନ୍ଦିର ସମ୍ମୁଖସ୍ଥ ନାଟ–ମନ୍ଦିରରେ ଏକାକୀ ହୋଇ ପଡ଼ିବାରୁ ମା'ଙ୍କୁ ନଦେଖି କ୍ରନ୍ଦନ କରିବାକୁ ଲାଗିଲେ । ଏହି ସମୟରେ ତାଙ୍କୁ କ୍ରନ୍ଦନରତ ଦେଖି ଶ୍ରୀମନ୍ଦିରରୁ ବାହାରି ଜଣେ ସୌମ୍ୟମୂର୍ତ୍ତି ବ୍ରାହ୍ମଣ ତାଙ୍କ ମସ୍ତକରେ ହସ୍ତ ସ୍ଥାପନ ପୂର୍ବକ ସାନ୍ତ୍ୱନା ଦେଲେ ଏବଂ ବାଳକ ଶାନ୍ତ ହୋଇ ନିର୍ଣ୍ଣିମେଷ ନୟନରେ ତାଙ୍କୁ ଦେଖିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ମାଷ୍ଟର ମହାଶୟ କହୁଥିଲେ ଯେ ସେହି ସୌମ୍ୟମୂର୍ତ୍ତି ବ୍ରାହ୍ମଣ ହେଉଛନ୍ତି ସ୍ୱୟଂ ଶ୍ରୀରାମକୃଷ୍ଣ ।

ମହେନ୍ଦ୍ରନାଥ ବାଲ୍ୟକାଳରେ ହେୟାର ସ୍କୁଲରେ ଅଧ୍ୟୟନ କରୁଥିଲେ । ସେ ଅତ୍ୟନ୍ତ ମେଧାବୀ ଛାତ୍ରଥିଲେ ଏବଂ ପରୀକ୍ଷାରେ ସବୁବେଳେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରୁଥିଲେ । ସ୍କୁଲକୁ ଯାତାୟାତ ବାଟରେ ସେ ଠଣଠଣିଆର ଶୀତଳା ଦେବୀଙ୍କୁ ନିୟମିତ ପ୍ରଣାମ କରୁଥିଲେ । ଦୁର୍ଗାପୂଜା ସମୟରେ ସେ ଦୀର୍ଘସମୟ ଭକ୍ତିଭରା ହୃଦୟରେ ମା'ଙ୍କ ପ୍ରତିମା ସମ୍ମୁଖରେ ଉପବିଷ୍ଟ ରହୁଥିଲେ । Entrance, F.A., B.A. ପରୀକ୍ଷା ପ୍ରତ୍ୟେକଟିରେ ସେ ସମ୍ମାନର ସହିତ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଉଥିଲେ । ୧୮୭୪ ଖ୍ରୀଷ୍ଟାବ୍ଦରେ B.A. ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟ ଓ କଲେଜରେ ଅଧ୍ୟୟନ କରୁଥିବା ସମୟରେ ସେ ରାମାୟଣ, ମହାଭାରତ, ପୁରାଣ, 'ଶ୍ରୀଚୈତନ୍ୟଚରିତାମୃତ' ଆଦି ଧର୍ମଗ୍ରନ୍ଥ ପଢ଼ିଥିଲେ । ସଂସ୍କୃତ ପୁରାଣ ଓ କାବ୍ୟଶାସ୍ତ୍ରାଦିରେ ମଧ୍ୟ ତାଙ୍କର ବିଶେଷ ଅଧିକାର ଥିଲା । କୁମାର ସମ୍ଭବ, ଶକୁନ୍ତଳା, ଭଟ୍ଟୀକାବ୍ୟ, ଉତ୍ତର ରାମଚରିତ ଆଦିର ଶ୍ଳୋକ 'ଶ୍ରୀମ'ଙ୍କର ମୁଖସ୍ଥ ଥିଲା । ଜୈନ ଓ ବୌଦ୍ଧ ଦର୍ଶନ ମଧ୍ୟ ସେ ଅଧ୍ୟୟନ କରିଥିଲେ । ବାଇବେଲ୍, ବିଶେଷତଃ ନିଉ ଟେଷ୍ଟାମେଣ୍ଟ ଅଂଶଟି ଅତି ଉତ୍ତମ ଭାବରେ ସେ ଅଧ୍ୟୟନ କରିଥିଲେ । ଏହି ୧୮୭୪ ଖ୍ରୀଷ୍ଟାବ୍ଦରେ ସେ କେଶବ ସେନ୍‌ଙ୍କର ସଂମ୍ପର୍କୀୟା ଭଉଣୀ ନିକୁଞ୍ଜଦେବୀଙ୍କୁ ବିବାହ କରିଥିଲେ । ନିକୁଞ୍ଜ ଦେବୀଙ୍କୁ ଠାକୁର ଶ୍ରୀରାମକୃଷ୍ଣ ଓ ଶ୍ରୀଶ୍ରୀମା ସାରଦା ଦେବୀ ଅତ୍ୟନ୍ତ ସ୍ନେହ କରୁଥିଲେ ।

ଅଧ୍ୟାପନା କାର୍ଯ୍ୟରେ ବ୍ରତୀ ହେବା ପୂର୍ବରୁ ମହେନ୍ଦ୍ରନାଥ କିଛିଦିନ ସୌଦାଗରୀ ଅଫିସ୍‌ରେ ଅଳ୍ପ ସମୟ ପାଇଁ କାର୍ଯ୍ୟ କରିଥିଲେ । ଠାକୁର ତା'ଙ୍କ ଜୀବନ ଧାରା ଅନ୍ୟ ପ୍ରକାର ନିର୍ଦ୍ଦିଷ୍ଟ କରି ରଖିଥିଲେ । ସେ ଅଧ୍ୟାପନା କାର୍ଯ୍ୟରେ ପ୍ରବେଶ କଲେ । ସେ ନାରେଲ ହାଇସ୍କୁଲ, ସିଟି ସ୍କୁଲ, ରିପନ୍ କଲେଜ ସ୍କୁଲ, ମେଟ୍ରୋପଲିଟାନ୍ ସ୍କୁଲ, ଆର୍ଯ୍ୟ ସ୍କୁଲ, ଓରିଏଣ୍ଟାଲ ସ୍କୁଲ, ଓରିଏଣ୍ଟାଲ ସେମିନାରୀ ଏବଂ ମଡ଼େଲ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ସିଟି ଓ ରିପନ କଲେଜରେ ସେ ଅଧ୍ୟାପକ ଭାବରେ ଇଂରାଜୀ, ଦର୍ଶନ, ଇତିହାସ ଏବଂ ଅର୍ଥନୀତି ଆଦି ବିଷୟରେ ଶିକ୍ଷାଦାନ କରିଥିଲେ । ଶେଷରେ ସେ ମର୍ଟନ ସ୍କୁଲରେ କାର୍ଯ୍ୟ କରିଥିଲେ । ସେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ସୁରେନ୍ଦ୍ରନାଥ ବାନାର୍ଜୀ ପରି ଖ୍ୟାତନାମା ମନିଷୀମାନଙ୍କ ସହିତ କାର୍ଯ୍ୟ କରିଥିଲେ । ସମୟ ସମୟରେ ଏକାଧିକ ଶିକ୍ଷାନୁଷ୍ଠାନରେ ତାଙ୍କୁ କାର୍ଯ୍ୟ କରିବାକୁ ହେଉଥିଲା । ଛାତ୍ରମାନେ ତାଙ୍କର ଗାମ୍ଭୀର୍ଯ୍ୟ, ଧର୍ମଭାବ ଓ ସହଜ ଅଧ୍ୟାପନା ପ୍ରଣାଳୀରେ ବିଶେଷ ଆକୃଷ୍ଟ ହେଉଥିଲେ । ଅଧ୍ୟାପନାରେ ସେ ଯଶସ୍ୱୀ ହୋଇଥିଲେ । 'ଶ୍ରୀମ' କେଶବଚନ୍ଦ୍ର ସେନ୍‌ଙ୍କ ବକ୍ତୃତାରେ ଆକୃଷ୍ଟ ହୋଇ ସମାଜ ମନ୍ଦିର ଏବଂ 'କମଳକୁଟୀର'କୁ ଯାଉଥିଲେ । ଶ୍ରୀରାମକୃଷ୍ଣଙ୍କ ଦର୍ଶନ ଲାଭ କରିବା ପରେ ସେ କେଶବଙ୍କ ଆକର୍ଷଣ-ଶକ୍ତିର କାରଣ ଦର୍ଶାଇ କହିଥିଲେ, ''ଓଃ, କେଶବ ସେନ୍‌ଙ୍କ ବକ୍ତୃତା ଯେ ଏତେ ଭଲ ଲାଗୁଥିଲା ଓ ସେ ଯେ ଦେବତା ବୋଲି ମନେ ହେଉଥିଲେ, ତାର କାରଣ ସେତେବେଳେ ସେ ବନ୍ଧୁବାନ୍ଧବମାନଙ୍କ ସହ ଠାକୁରଙ୍କ ପାଖକୁ ଯାତାୟାତ କରୁଥିଲେ ଏବଂ ଠାକୁରଙ୍କର ଅମୃତମୟ ଉପଦେଶାବଳୀ ଠାକୁରଙ୍କର ନାମ ଉଲ୍ଲେଖ ନ କରି ପ୍ରଚାର କରୁଥିଲେ ।'' ଶ୍ରୀରାମକୃଷ୍ଣଙ୍କ ପରିଚୟ ସେ ପ୍ରଥମେ ନିଜର ଆତ୍ମୀୟ ଓ ବ୍ରାହ୍ମସମାଜରେ ସୁପରିଚିତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ଗୁପ୍ତଙ୍କ ନିକଟରୁ ୧୮୮୧ ଖ୍ରୀଷ୍ଟାବ୍ଦରେ ପାଇଥିଲେ । ଇତି ମଧ୍ୟରେ ପରିବାରରେ ଅପ୍ରତ୍ୟାଶିତ ଭାବରେ ଅଶାନ୍ତି ସୃଷ୍ଟି ହେବାରୁ, ସାଂସାରିକ ଘାତ ପ୍ରତିଘାତରୁ ନିଷ୍କୃତି ପାଇବା ପାଇଁ ମହେନ୍ଦ୍ରନାଥ ବରାହ ନଗରବାସୀ ନିଜର ଭଗ୍ନୀପତି ଶ୍ରୀଯୁକ୍ତ ଈଶାନ ଚନ୍ଦ୍ର କବିରାଜଙ୍କ ଗୃହରେ ୧୮୮୨ ଖ୍ରୀଷ୍ଟାବ୍ଦ, ଫେବୃୟାରୀ ମାସରେ ଆଶ୍ରୟ ନେଇଥିଲେ । ଏଠାରେ ଅବସ୍ଥାନ କରିବା ସମୟରେ ନିଜ ପୁତୁରା ସିଦ୍ଧେଶ୍ୱର ମଜୁମ୍‌ଦାରଙ୍କ ସହ ଦକ୍ଷିଣେଶ୍ୱରର କାଳୀ ମନ୍ଦିରକୁ ଯାଇଥିଲେ ଏବଂ ସନ୍ଧ୍ୟା ସମୟରେ କାଳୀ ମନ୍ଦିରର ପବିତ୍ର ପରିବେଶରେ ଭଗବାନ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ଦିବ୍ୟ ଦର୍ଶନ ଲାଭ କରିଥିଲେ । ଶ୍ରରାମକୃଷ୍ଣଙ୍କ କଥାମୃତ ଶୁଣୁ ଶୁଣୁ ତାଙ୍କର ବୋଧ ହେଲା ଯେ ସେ ଯେପରି ଭାଗବତ କହୁଥିବା ଭଗବାନ ଶୁକଦେବ ଅବା ଶ୍ରୀଜଗନ୍ନାଥ କ୍ଷେତ୍ରରେ ଭକ୍ତ ସଙ୍ଗେ ସଂକୀର୍ତ୍ତନ କରୁଥିବା ଶ୍ରୀ

ଗୌରାଙ୍ଗ । 'ଶ୍ରୀମ' ବିଦାୟ ନେବା ସମୟରେ ଠାକୁର ତାଙ୍କୁ 'ପୁଣି ଆସ' ବୋଲି କହିଥିଲେ । ଦ୍ୱିତୀୟ ଦର୍ଶନରେ ଠାକୁର, 'ଶ୍ରୀମ'ଙ୍କୁ କହିଲେ, ''ଦେଖ, ତୁମର ଲକ୍ଷଣ ଭଲ ଥିଲା, ମୁଁ କପାଳ ଓ ଚକ୍ଷୁ ଦେଖିଲେ ବୁଝିପାରେ ।'' ଶ୍ରୀରାମକୃଷ୍ଣ 'ଶ୍ରୀମ'ଙ୍କୁ ବୁଝାଇଦେଲେ ଯେ, ''ଈଶ୍ୱରଙ୍କୁ ଜାଣିବା ହେଉଛି ଜ୍ଞାନ ଏବଂ ଈଶ୍ୱରଙ୍କୁ ନ ଜାଣିବା ଅଜ୍ଞାନ ।'' ପୁଣି କହିଲେ ଯେ, ''ନିରାକାରରେ ବିଶ୍ୱାସ କରିବା ଭଲ; କିନ୍ତୁ ସାକାର ମଧ୍ୟ ସତ୍ୟ ଏବଂ ମନ୍ଦିରରେ ଦେବୀ ମୃଣ୍ମୟୀ ନୁହନ୍ତି ଚିନ୍ମୟୀ ।'' 'ଶ୍ରୀମ' ବୁଝିପାରିଲେ ଯେ, ଈଶ୍ୱରସାକ୍ଷାତ୍‌କାର ହିଁ ଧର୍ମ । କ୍ରମେ ଶ୍ରୀରାମକୃଷ୍ଣଙ୍କ ପ୍ରତି 'ଶ୍ରୀମ'ଙ୍କର ଆକର୍ଷଣ ବୃଦ୍ଧି ପାଇବାକୁ ଲାଗିଲା ।

ସେ ରବିବାର ତଥା ଅନ୍ୟ ଛୁଟିଦିନମାନଙ୍କରେ ଦକ୍ଷିଣେଶ୍ୱରକୁ ଆସି ଶ୍ରୀରାମକୃଷ୍ଣଙ୍କ ପବିତ୍ର ସଙ୍ଗ ଲାଭ କରୁଥିଲେ ଏବଂ ବେଳେବେଳେ କିଛି ଦିନ ବାସ କରି ସାଧନ ଭଜନରେ ସମୟ ଅତିବାହିତ କରୁଥିଲେ ।

ଦିନେ ଶ୍ରୀରାମକୃଷ୍ଣ ତାଙ୍କୁ କହିଲେ, ''ତୁମର ଏଠା ପ୍ରତି (ଶ୍ରୀରାମକୃଷ୍ଣଙ୍କ ପ୍ରତି) ଏତେ ଆକର୍ଷଣ କାହିଁକି ? କଲିକତାରେ ବହୁତ ଲୋକ ବାସ କରନ୍ତି । ସେମାନଙ୍କର ମୋ ପ୍ରତି ଆକର୍ଷଣ ନାହିଁ; କିନ୍ତୁ ତୁମର ଅଛି କାହିଁକି ? ଜନ୍ମାନ୍ତରର ସଂସ୍କାର ।'' ଥରେ କହିଥିଲେ, ''ଦେଖ, ତୁମର ଘର, ତୁମେ କିଏ, ତୁମର ଅନ୍ତର-ବାହାର, ତୁମର ଅତୀତ ତୁମର ଭବିଷ୍ୟତ—ଏ ସବୁ ମୁଁ ଜାଣେ ।'' ଅନ୍ୟ ପ୍ରସଙ୍ଗରେ କହିଥିଲେ, ଏହି ଚକ୍ଷୁରେ ଶ୍ରୀଚୈତନ୍ୟଙ୍କ ସାଙ୍ଗୋପାଙ୍ଗ ସମସ୍ତଙ୍କୁ ଦେଖିଥିଲି—ସେମାନଙ୍କ ମଧ୍ୟରେ ତୁମକୁ ମଧ୍ୟ ଦେଖିଥିଲି । 'ଶ୍ରୀମ'ଙ୍କୁ ଠାକୁର କହିଥିଲେ, ''ତୁମର ଚୈତନ୍ୟ ଭାଗବତ ପଢ଼ା ଶୁଣି ତୁମକୁ ଚିହ୍ନିଛି—ତୁମେ ନିଜ ଲୋକ, ଗୋଟିଏ ସତ୍ତା—ଯେପରି ପିତା ଓ ପୁତ୍ର ।

ଏହିପରି ସଂସ୍କାର ସମ୍ପନ୍ନ ଉଚ୍ଚାଧିକାରୀ 'ଶ୍ରୀମ'ଙ୍କୁ ଠାକୁର ଉପଦେଶ ଓ ସାଧନ ସାହାଯ୍ୟରେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଆଧ୍ୟାତ୍ମିକ ଅନୁଭୂତିର ସ୍ୱାଦ ଦେଲେ । ତ୍ରିକାଳଜ୍ଞ ଠାକୁର 'ଶ୍ରୀମ'ଙ୍କୁ ସଦ୍‌ଗୃହସ୍ଥ ହେବା ପାଇଁ ଉପଦେଶ ଦେଇଥିଲେ ଏବଂ ତା'ଙ୍କ ମନରେ ସନ୍ନ୍ୟାସୀ ହେବାର ଆଗ୍ରହ ଜନ୍ମିଥିବା ସମୟରେ ଗୃହସ୍ଥାଶ୍ରମର ଭଲ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ନିବୃତ୍ତ କରିଥିଲେ । ଠାକୁର ତାଙ୍କୁ ସାନ୍ତ୍ୱନା ଦେଇ କହିଥିଲେ, ''ମନରେ ତ୍ୟାଗ ହେଲେ ତ୍ୟାଗୀ ହେବ ।'' ପୁଣି କହିଥିଲେ, ମା ମୋତେ କହିଛି, ''ତୁମକୁ ମା'ଙ୍କର କାର୍ଯ୍ୟ କରିବାକୁ ହେବ—ତୁମକୁ ଜଗତରେ ଭାଗବତ ଶୁଣାଇବାକୁ ହେବ ।'' 'ମା' ଭାଗବତର ପଣ୍ଡିତଙ୍କୁ ଗୋଟିଏ ପାଶ ଦେଇ ସଂସାରରେ ରଖନ୍ତି, ନଚେତ୍ ଭାଗବତ କିଏ ଶୁଣାଇବ ?'' ଶ୍ରୀ କେଶବ ଗୁପ୍ତ ଲେଖିଛନ୍ତି—''ସାହିତ୍ୟ ଯଶର ଲୋଭ ଦମନ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତର ସାର୍ଥକତା । ରାତିର ଫୁଲ ଭଳି ନିଜକୁ ଲୁଚାଇ ରଖି ସୁବାସ ବିତରଣ କରିବା ହିଁ ଏହି ଧର୍ମ ଗ୍ରନ୍ଥର ପ୍ରଗାଢ଼ ସୌନ୍ଦର୍ଯ୍ୟ ।''

ଶ୍ରୀରାମକୃଷ୍ଣ ଯେ ତାଙ୍କୁ ପରୀକ୍ଷା କରୁଥିଲେ, ତାହା ମଧ୍ୟ, 'କଥାମୃତ' ରେ ମିଳେ । (୧୮୮୪, ନଭେମ୍ବର ୯ ତାରିଖ) 'ଶ୍ରୀମ' ଶ୍ରୀ ଶ୍ରୀ ଠାକୁରଙ୍କର ଅମୃତୋପମ ବାଣୀର ଦୈନନ୍ଦିନ ବିବରଣ ବର୍ଷ, ତାରିଖ, ବାର, ତିଥି ସମେତ ଡାଇରିରେ ଲିପିବଦ୍ଧ କରିଥିଲେ । ଏହାକୁ ଭିତ୍ତି କରି 'ଶ୍ରୀଶ୍ରୀ ରାମକୃଷ୍ଣ କଥାମୃତ'ର ଉତ୍ପତ୍ତି । ଅବତାର ପୁରୁଷଙ୍କର ଏପରି ଜୀବନ-ଚରିତ ପୃଥିବୀର ଧର୍ମ-ଇତିହାସରେ ବିରଳ ।

ତେର ବର୍ଷ ବୟସରୁ 'ଶ୍ରୀମ'ଙ୍କର ଡାଇରି ଲେଖିବା ଅଭ୍ୟାସ ଥିଲା । ଏହି ଗୁଣ ସହିତ 'ଶ୍ରୀମ' ଅଦ୍ଭୁତ ସ୍ମୃତିଶକ୍ତି, ଅସାଧାରଣ କଳ୍ପନା ଶକ୍ତି ଓ ବିସ୍ମୟକର ବର୍ଣ୍ଣନା ଶକ୍ତିର ଅଧିକାରୀ ଥିଲେ । ଦୀର୍ଘ ପଚାଶ ବର୍ଷର ବ୍ୟବଧାନ ପରେ ମଧ୍ୟ ସେ ଶ୍ରୀରାମକୃଷ୍ଣଙ୍କ ଜୀବନର ଦୃଶ୍ୟାବଳୀ ସ୍ପଷ୍ଟ ଭାବରେ ଦେଖିପାରୁଥିଲେ । ଏତଦ୍‌ବ୍ୟତୀତ ସର୍ବଦା ନିଜକୁ ସାଧୁସଙ୍ଗ ଦେବାର ଏକ ମହତ୍ ବାସନା ତାଙ୍କୁ ଦକ୍ଷିଣେଶ୍ୱର, ଶ୍ୟାମପୁକୁର ଓ କାଶୀପୁର ତଥା ଅନ୍ୟାନ୍ୟ ସ୍ଥାନମାନଙ୍କରେ ଶ୍ରୀରାମକୃଷ୍ଣଙ୍କ ପବିତ୍ର ସାନ୍ନିଧ୍ୟରେ ନିଜର ଅଭିଜ୍ଞତା ସମୂହକୁ ଲେଖାରେ ରୂପ ଦେବା ପାଇଁ ପ୍ରେରଣା ଦେଇଥିଲା । ନିଜର ଅଧ୍ୟାପନା ତାଙ୍କୁ ରବିବାର ଓ ଅନ୍ୟାନ୍ୟ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ଶ୍ରୀରାମକୃଷ୍ଣଙ୍କ ସାନ୍ନିଧ୍ୟରୁ ବଞ୍ଚିତ କରୁଥିଲା । ତେଣୁ ଏହି ଡ଼ାଇରି ଉପରେ ସେ ଅନ୍ୟଦିନମାନଙ୍କରେ 'ସାଧୁ ସଙ୍ଗ' ପାଇଁ ନିର୍ଭର କରୁଥିଲେ ।

ଏକଦା ଭଗବାନ ବ୍ୟାସଦେବଙ୍କର ମନ ଅଶାନ୍ତ ହୋଇଥିଲା । ଏହି ସମୟରେ ମନର ଶାନ୍ତି ଲାଭ ପାଇଁ ଦେବର୍ଷି ନାରଦ ତା'ଙ୍କୁ ଶ୍ରୀକୃଷ୍ଣ-ଚରିତ, ତାଙ୍କର ଜ୍ଞାନ ଓ ଭକ୍ତି ସମ୍ପର୍କୀୟ ଉପଦେଶାବଳୀ ରଚନା କରିବାକୁ ଉପଦେଶ ଦେଇଥିଲେ । ଫଳତଃ 'ଭାଗବତ' ରୂପକ ଅମୂଲ୍ୟ ରତ୍ନ ଜଗତକୁ ପ୍ରାପ୍ତ ହୋଇଥିଲା । ସେହିପରି ଆଧୁନିକ ବ୍ୟାସ, 'ଶ୍ରୀମ'ଙ୍କ ମାନସିକ ଅଶାନ୍ତିରୁ ଜଗତ, 'ଶ୍ରୀରାମକୃଷ୍ଣ କଥାମୃତ' ରୂପକ ଅମୂଲ୍ୟ ରତ୍ନ ଲାଭ କରିଛି । 'କଥାମୃତ'ରେ ଶ୍ରୀରାମକୃଷ୍ଣ କହୁଛନ୍ତି, "ମା', ମୁଁ ଆଉ କହିପାରୁ ନାହିଁ—ରାମ, ମହେନ୍ଦ୍ର, ବିଜୟ, ପ୍ରଭୃତିଙ୍କୁ ଶକ୍ତି ଦିଅ, ଏମାନେ ଏତିକି ବେଳୁ ତୁମ କାର୍ଯ୍ୟ କରନ୍ତୁ । ମା' ତାକୁ (ମାଷ୍ଟରକୁ) କଳାଏ ଶକ୍ତି ଦେଲୁ କାହିଁକି ? ଆଚ୍ଛା ବୁଝିଛି, ସେତିକିରେ ତୋ'ର କାର୍ଯ୍ୟ ହେବ ।"

ଶ୍ରୀରାମକୃଷ୍ଣ ଉଭୟ ଗୃହସ୍ଥ ଓ ସନ୍ନ୍ୟାସୀଙ୍କର ଆଦର୍ଶ ଥିଲେ । ଗୃହସ୍ଥ ଜୀବନରେ ମଧ୍ୟ କିପରି ସାଧୁତ୍ୱର ଶ୍ରେଷ୍ଠ ଅବସ୍ଥା ଲାଭ ସମ୍ଭବ—ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି 'ଶ୍ରୀମ' । ସେ ଦୁଇଟି ପୁତ୍ର ଓ ଦୁଇଟି କନ୍ୟାଙ୍କର ଜନକ ଥିଲେ । ଜଣେ ଗୃହସ୍ଥ ଭାବରେ ତାଙ୍କୁ ପରିବାରର ଦାୟିତ୍ୱ ବହନ କରିବାକୁ

ହେଉଥିଲେ ମଧ୍ୟ ଜଣେ ଆଦର୍ଶ ଭକ୍ତ ଭାବରେ ସେ ସର୍ବଦା ନିଜ ଆଦର୍ଶକୁ ପ୍ରାଧାନ୍ୟ ଦେଉଥିଲେ । ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ପରିଚାଳିତ ଶ୍ୟାମପୁକୁର ସ୍କୁଲରେ 'ଶ୍ରୀମ' ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ଥରେ ଉକ୍ତ ସ୍କୁଲର ପରୀକ୍ଷା ଫଳ ଭଲ ନ ହେବାରୁ ବିଦ୍ୟାସାଗର ମହାଶୟ ସମାଲୋଚନା କରି କହିଥିଲେ—ମାଷ୍ଟର, ପରମହଂସଙ୍କୁ ନେଇ ବ୍ୟସ୍ତ, ସ୍କୁଲର ଭଲମନ୍ଦ ବିଷୟରେ ଲକ୍ଷ୍ୟ ଦେବାକୁ ତା'ର ସମୟ ନାହିଁ । ଏହି ସମାଲୋଚନାରେ ଗୁରୁଙ୍କ ନାମ ଉଲ୍ଲେଖ ଥିବାରୁ ସେ ଭବିଷ୍ୟତରେ କୌଣସି ଚିନ୍ତା ନ କରି ତତ୍କ୍ଷଣାତ୍ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଲେ । ଫଳରେ ତାଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଲା । ପନ୍ଦର ଦିନ ପରେ ଦିନେ ନିଜ ଘର ବାରଣ୍ଡାରେ ପଦଚାରଣା କରୁ କରୁ ଭାବୁଛନ୍ତି ପରଦିନ କିପରି ପିଲାମାନଙ୍କ ପାଇଁ ଖାଦ୍ୟର ବନ୍ଦୋବସ୍ତ କରିବେ ? ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କୁ ଗୋଟିଏ ପତ୍ର ଦେଲେ । ଉକ୍ତ ପତ୍ରଟି ତାଙ୍କ ବନ୍ଧୁ ସୁରେନ୍ଦ୍ରନାଥ ବାନାର୍ଜି ଲେଖିଥିଲେ । ରିପନ୍ କଲେଜର ଅଧ୍ୟାପକ ଭାବରେ ଯୋଗଦେବା ପାଇଁ 'ଶ୍ରୀମ'ଙ୍କର ମତାମତ ଜାଣିବାକୁ ଚାହିଁଥିଲେ । ପରେ ଠାକୁର ଏହା ଶୁଣି କହିଥିଲେ—''ଭଲ କରିଛ, ମା' ଚଳାଇ ନେବେ ।''

ଏହିପରି ନିଜର ଆଦର୍ଶକୁ ଅନୁସରଣ କରିବାକୁ ଯାଇ ସେ ତିନି ଚାରି ଥର ନିଜ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ ମଧ୍ୟ ତାଙ୍କ ପରିବାରର ବିଶେଷ ଅସୁବିଧା ହୋଇନଥିଲା । ୧୮୮୪ ଖ୍ରୀଷ୍ଟାବ୍ଦ, ଜାନୁୟାରୀ ମାସରେ ଠାକୁର ତାଙ୍କୁ କହିଥିଲେ, ''ବର୍ତ୍ତମାନ ଯାଇ ଘରେ ରହ, ସେମାନେ ଜାଣନ୍ତୁ ଯେପରି ତୁମେ ସେମାନଙ୍କର ଆପଣାର, ଆଉ ଭିତରେ ଜାଣିବ, ତୁମେ ସେମାନଙ୍କର ଆପଣାର ନୁହଁ, ସେମାନେ ମଧ୍ୟ ତୁମର ଆପଣାର ନୁହନ୍ତି ।'' ସାରାଜୀବନ ଧରି ଏହି ଆଦର୍ଶ, ଏହି ଗାର୍ହସ୍ଥ୍ୟ ସନ୍ନ୍ୟାସ ମନ୍ତ୍ର ମହେନ୍ଦ୍ରନାଥ ସାଧନ କରିଥିଲେ ।

ଶ୍ରୀରାମକୃଷ୍ଣ ମହାସମାଧି ପୂର୍ବରୁ ଓ ପରେ 'ଶ୍ରୀମ' ନିଜ ସାଧନାର ଅଙ୍ଗ ସ୍ୱରୂପ ତୀର୍ଥାଟନ କରିଥିଲେ । କାମାରପୁକୁରରେ ଶ୍ରୀରାମକୃଷ୍ଣଙ୍କ କୃପାରୁ ସେ ଦେଖିଲେ ଯେ ସଂପୂର୍ଣ୍ଣ କାମାରପୁକୁର ଦିବ୍ୟାଲୋକସ୍ନାତ ଏକ ପବିତ୍ର ତୀର୍ଥକ୍ଷେତ୍ର । ମନୁଷ୍ୟ, ପଶୁ-ପକ୍ଷୀ ଏପରିକି ତରୁ-ଲତା ମଧ୍ୟ ଯେପରି ମହାଜ୍ୟୋତିରୁ ପ୍ରସ୍ତୁତ । ଦକ୍ଷିଣେଶ୍ୱରରେ ମଧ୍ୟ ତାଙ୍କର ଅନୁରୂପ ଅନୁଭୂତି ହୋଇଥିଲା । ଠାକୁରଙ୍କ ନିର୍ଦ୍ଦେଶରେ ସେ ଶ୍ରୀକ୍ଷେତ୍ରକୁ ଯାଇଥିଲେ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସେ ଭାବାବେଶରେ ନିୟମର ଊର୍ଦ୍ଧ୍ୱକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଆଲିଙ୍ଗନ କରିଥିଲେ । ସେ ବରାହ ନଗର ମଠକୁ ମଝିରେ ମଝିରେ ଯାଇ ଶ୍ରୀରାମକୃଷ୍ଣଙ୍କ ତ୍ୟାଗୀ ସନ୍ନ୍ୟାସୀ ଶିଷ୍ୟମାନଙ୍କ ସହ ବାସ କରି କଠୋର ସାଧନା କରୁଥିଲେ ।

ବରାହ ନଗର ମଠ ପରିଚାଳନାରେ 'ଶ୍ରୀମ' ନିୟମିତ ଆର୍ଥିକ ସାହାଯ୍ୟ କରୁଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ପରିବାରରେ ଆର୍ଥିକ ସଙ୍କଟ ସମୟରେ 'ଶ୍ରୀମ'ଙ୍କର ଆର୍ଥିକ ସାହାଯ୍ୟ ବିଶେଷ ଉଲ୍ଲେଖଯୋଗ୍ୟ । ୧୮୮୯ ଖ୍ରୀଷ୍ଟାବ୍ଦରୁ ନିୟମିତ ପ୍ରତିମାସରେ 'ଶ୍ରୀମ' ଶ୍ରୀଶ୍ରୀମା ସାରଦା ଦେବୀଙ୍କ ସେବା ପାଇଁ ଟଙ୍କା ପଠାଉଥିଲେ ।

୧୮୯୦ ରୁ ୧୮୯୩ ଖ୍ରୀଷ୍ଟାବ୍ଦ ମଧ୍ୟରେ 'ଶ୍ରୀମ' ଡାଇରି ଗୁଡ଼ିକ ମଧ୍ୟରେ ବୁଡ଼ିରହି ଦିବାରାତ୍ର ଶ୍ରୀଶ୍ରୀଠାକୁରଙ୍କ ଚିନ୍ତା ଏବଂ ଶ୍ରୀଶ୍ରୀମା'ଙ୍କୁ ଅବଲମ୍ବନ କରି କଟାଇ ଦେଉଥିଲେ । ମନରେ ଦ୍ୱନ୍ଦ୍ୱ ଆସୁଥିବା ସମୟରେ, ଶ୍ରୀଶ୍ରୀମା'ଙ୍କ ଶରଣାପନ୍ନ ହେଉଥିଲେ । ଶ୍ରୀଶ୍ରୀମା'ଙ୍କୁ ମଧ୍ୟ ସମୟ ସମୟରେ ନିଜ ଘରକୁ ଆମନ୍ତ୍ରଣ କରି ଭକ୍ତି ସହକାରେ ସେବା କରୁଥିଲେ । 'ଶ୍ରୀମ'ଙ୍କ ଠାକୁର ଘରେ ଶ୍ରୀରାମକୃଷ୍ଣଙ୍କ ବ୍ୟବହୃତ ଜପମାଳା, ଶ୍ରୀମଙ୍କୁ ଠାକୁରଙ୍କ ପ୍ରଦତ୍ତ ଛବି, ଜାମା, ଗ୍ଲାସ, ମୋଲେସ୍କିନର ଚାଦର, ପାଦୁକା, ଶ୍ରୀଶ୍ରୀମା'ଙ୍କର ସିନ୍ଦୁର ଡବା, ପଦଚିହ୍ନ, ମସ୍ତକର କେଶ ଓ ହାତ ଏବଂ ପାଦର ନଖ, ଯତ୍ନ ସହକାରେ ସୁରକ୍ଷିତ ଅଛି ।

ଦିନେ ଶ୍ରୀଶ୍ରୀମା'ଙ୍କ ଆଦେଶରେ ଶ୍ରୀମ ତାଙ୍କୁ 'କଥାମୃତ' ଶୁଣାଇଥିଲେ । ଏହା ଶୁଣି ଶ୍ରୀଶ୍ରୀମା' ଅତ୍ୟନ୍ତ ସନ୍ତୁଷ୍ଟ ହେଲେ ଏବଂ ଶ୍ରୀମଙ୍କୁ ଆଶୀର୍ବାଦ କରି କହିଲେ—ତୁମ ମୁହଁରୁ ଏହିସବୁ କଥା ଶୁଣି ମୋର ବୋଧ ହେଲା ଯେ ସେ ନିଜେ କହୁଛନ୍ତି ଏବଂ ପୁସ୍ତକାକାରରେ ପ୍ରକାଶ କରିବାକୁ ଅନୁମତି ଓ ଆଶୀର୍ବାଦ ଦେଲେ ।

''ଶ୍ରୀଶ୍ରୀରାମକୃଷ୍ଣ କଥାମୃତ—ଶ୍ରୀମକଥିତ'' ନାମ ଧାରଣ କରି ତତ୍ତ୍ୱମଞ୍ଜରୀ, ବଙ୍ଗଦର୍ଶନ, ଉଦ୍‌ବୋଧନ, ହିନ୍ଦୁ ପତ୍ରିକା ପ୍ରଭୃତି ତତ୍‌କାଳୀନ ପ୍ରଚାରିତ ମାସିକ ପତ୍ରିକାରେ ପ୍ରକାଶିତ ହେବାକୁ ଲାଗିଲା । ପରେ ଏହିସବୁ ଏକତ୍ରିଭୂତ କରି ସ୍ୱାମୀ ତ୍ରିଗୁଣାତୀତାନନ୍ଦ କର୍ତ୍ତୃକ ଉଦ୍‌ବୋଧନ ପ୍ରେସରୁ ୧୯୦୨ ମସିହାରେ ପ୍ରଥମ ଭାଗ ପ୍ରସାରିତ ହୁଏ । ପରେ ଦ୍ୱିତୀୟ ଭାଗ—୧୯୦୪, ତୃତୀୟଭାଗ—୧୯୦୮, ଚତୁର୍ଥଭାଗ—୧୯୧୦ ଏବଂ ପଞ୍ଚମ ଭାଗ—୧୯୩୨ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୁଏ । ଭାରତୀୟ ଓ ବିଦେଶୀ ଅନେକ ପ୍ରକାର ଭାଷାରେ ଏହି ପୁସ୍ତକର ଅନୁବାଦ ହୋଇଛି । ମନୀଷୀ ରୋମାରୋଲାଁ 'କଥାମୃତ' ପାଠ କରି ଲେଖିଥିଲେ ''The exactitude is almost stenographic.''

ଶ୍ରୀଶ୍ରୀ କଥାମୃତ ପ୍ରକାଶ ପରେ ରାମକୃଷ୍ଣ ମଠ ଓ ଶ୍ରୀଶ୍ରୀମା'ଙ୍କ ଗୃହକୁ ନୂଆ ନୂଆ ଭକ୍ତମାନଙ୍କର ସମାଗମ ହେବାକୁ ଲାଗିଲା । ଶ୍ରୀଶ୍ରୀ କଥାମୃତ ପାଠ ପରେ ପ୍ରେରଣା ଲାଭ କରି କେତେଜଣ ସନ୍ନ୍ୟାସୀ ହେବାକୁ ରାମକୃଷ୍ଣ ମଠରେ ଯୋଗ ଦେଲେ । ଶୋକ, ତାପ ସଂସାରରେ ଶାନ୍ତିର ମନ୍ଦାକିନୀ ଧାରା ପ୍ରବାହିତ ହେଲା ।

ସ୍ୱାମୀ ପ୍ରେମାନନ୍ଦ ଲେଖିଲେ— "କଥାମୃତ ପାଠରେ ହଜାର ହଜାର ଲୋକ ପ୍ରାଣ ପାଉଛନ୍ତି, ସହସ୍ର ସହସ୍ର ଭକ୍ତ ଆନନ୍ଦ ଉପଲବ୍ଧି କରୁଛନ୍ତି" । 'କଥାମୃତ' ପାଠ ପରେ ଅନେକ ଜାଣିଲେ ଯେ, ଶ୍ରୀରାମକୃଷ୍ଣ ଲୋକପାବନ ରୂପରେ ଆବିର୍ଭୁତ ହୋଇଥିଲେ । ତାଙ୍କର ଚରଣରେ ପ୍ରାଣ ସମର୍ପଣ କଲେ ଜୀବର ଶାନ୍ତି ଆସିବ ଓ ଜୀବ ନିର୍ଭୟ ହେବ । ୧୯୫୫ ଖ୍ରୀଷ୍ଟାବ୍ଦରେ ଶ୍ରୀମଙ୍କର ଜନ୍ମୋତ୍ସବ ଉପଲକ୍ଷେ ସଭାପତିଙ୍କ ଭାଷଣରେ ହେମେନ୍ଦ୍ର ପ୍ରସାଦ ଘୋଷ କହିଥିଲେ— "ଶ୍ରୀମ ପ୍ରଥମେ ତାଙ୍କ କଥାମୃତ ମାଧ୍ୟମରେ ଶ୍ରୀଶ୍ରୀ ରାମକୃଷ୍ଣ ଦେବଙ୍କୁ ଅତି ଅଳ୍ପ ସମୟ ମଧ୍ୟରେ ଲୋକ ଚକ୍ଷୁର ସମ୍ମୁଖରେ ଉଦ୍‌ଘାଟିତ କରିଛନ୍ତି । ଏହି କଥାମୃତ ସେ ରଚନା ନ କରିଥିଲେ ଶ୍ରୀଶ୍ରୀ ଠାକୁରଙ୍କୁ ଚିହ୍ନିବାକୁ ବହୁତ ବିଳମ୍ବ ହୋଉଥାଆନ୍ତା । ଗାର୍ହସ୍ଥ୍ୟ ଧର୍ମ ପାଳନ କରି ମଧ୍ୟ ଭଗବତ୍ ସତ୍ତାକୁ ଲାଭ କରାଯାଏ ଶ୍ରୀଶ୍ରୀ ରାମକୃଷ୍ଣ ଦର୍ଶିତ ଏହି ସତ୍ୟ ଶ୍ରୀମ'ଙ୍କ ମଧ୍ୟରେ ମୂର୍ତ୍ତ ହୋଇ ଫୁଟି ଉଠିଛି ।" ପାଶ୍ଚାତ୍ୟ ଦେଶରୁ ବହୁ ଭକ୍ତଙ୍କର ତାଙ୍କ ଘରେ ସମାଗମ ହେଲା । ସେ ଦିନ ପରେ ଦିନ ମାସ ପରେ ମାସ, ବର୍ଷ ପରେ ବର୍ଷ ଏକମାତ୍ର ଗୁରୁଦେବ ଶ୍ରୀରାମକୃଷ୍ଣଙ୍କର କଥା ହିଁ ସେମାନଙ୍କୁ ଶୁଣାଉଥିଲେ । ମହେନ୍ଦ୍ରନାଥ କହୁଥିଲେ— "I am an insignificant person, but I live by the side of an ocean and I keep with me a few pitchers of sea water; when a visittor comes, I entertain him with that. What else can I speak of but his words ?"

ଏପରି ପ୍ରାଣସ୍ପର୍ଶୀ ଓ ଦରଦ ପୂର୍ଣ୍ଣ ଭାବରେ ଶ୍ରୀମ କହୁଥିଲେ, ମନେ ହେଉଥିଲା ଯେପରି ଠାକୁରଙ୍କ ନିକଟରେ ବସି ସେମାନେ ତାହା ଶୁଣୁଛନ୍ତି । ଯେଉଁସ୍ଥାନରେ ବସି ସେ ଠାକୁରଙ୍କ ସମ୍ବନ୍ଧରେ ଆଲୋଚନା କରୁଥିଲେ, ସେହିସ୍ଥାନ ଓ ଠାକୁରଙ୍କ ଲୀଳା କ୍ଷେତ୍ରଗୁଡ଼ିକ ମଧ୍ୟରେ ଯେପରି ସେତୁ ନିର୍ମିତ ହେଉଥିଲା । ତାଙ୍କର ଆଲୋଚନା ବାସ୍ତବ ରୂପରେ ରୂପାୟିତ ହେଉଥିଲା । ପଲ୍ ବ୍ରାଣ୍ଟନ ମହେନ୍ଦ୍ରନାଥଙ୍କ ସଙ୍ଗରେ ସାକ୍ଷାତ୍ କରନ୍ତି ଏବଂ ତାଙ୍କର ସାକ୍ଷାତ୍‌କାରର ବିବରଣୀ Search in Secret India ପୁସ୍ତକରେ ଲିପିବଦ୍ଧ କରନ୍ତି । ପ୍ରଥମ ସାକ୍ଷାତ୍‌କାରର ବିବରଣୀ ପ୍ରସଙ୍ଗରେ ଏକ ସ୍ଥାନରେ ଲେଖିଛନ୍ତି "A venerable patriarch has stepped-out from the pages of Bible and a figure from Mosaic Times has turned to flesh !" ମହେନ୍ଦ୍ରନାଥ ଗୃହୀ ସନ୍ନ୍ୟାସୀ, ତାଙ୍କର ଜୀବନ କଥା ତ୍ୟାଗର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଶ୍ରୀମ-କଥିତ ଶ୍ରୀଶ୍ରୀରାମକୃଷ୍ଣ କଥାମୃତ କେବଳ ଅପରୂପ ସାହିତ୍ୟ ନୁହେଁ—ଏହା ଦିବ୍ୟ ଜୀବନର ଅମର ବାଣୀ । ମହେନ୍ଦ୍ରନାଥଙ୍କ ସଂସ୍ପର୍ଶରେ ଆସି ବହୁ ଯୁବକ ସନ୍ନ୍ୟାସୀ ହୋଇଛନ୍ତି ଓ ଧର୍ମ ଜୀବନରେ ନୂତନ ଅନୁପ୍ରେରଣା ପାଇଛନ୍ତି । ଯେଉଁମାନେ ତାଙ୍କୁ ଥରେ

ଦର୍ଶନ କରିଛନ୍ତି, ତାଙ୍କର ଯୋଗୀଜନୋଚିତ ମୂର୍ତ୍ତି, ନିରଂହକାର ଓ ସରଳତା କେତେବେଳେ ହେଲେ ଭୁଲିବାର ନୁହେଁ । ସ୍ୱାମୀ ବିଜ୍ଞାନାନନ୍ଦ ଏକଦା କହିଥିଲେ "ଯେ ମଠର ଚଉଦ ଅଣା ସାଧୁ ଦେଖୁଛି ସନ୍ୟାସୀ ହୋଇଛନ୍ତି 'କଥାମୃତ' ପାଠ କରି ଓ ମାଷ୍ଟର ମହାଶୟଙ୍କର ସଙ୍ଗ କରି ।" ସ୍ୱାମୀଜୀଙ୍କର ପ୍ରତିଷ୍ଠିତ ମଠରେ ସନ୍ୟାସୀମାନେ ଈଶ୍ୱର ଚିନ୍ତାରେ ମଗ୍ନ ରହିବେ ଏବଂ "ଶ୍ରୀଶ୍ରୀ ରାମକୃଷ୍ଣ କଥାମୃତ—ଶ୍ରୀମ-କଥିତ" ପାଠରେ ଯେପରି ସେହି ସନ୍ୟାସ ମଣ୍ଡଳୀ ତିଆରି ହେବେ । ଠାକୁରଙ୍କର ପ୍ରତିଟି କଥା ସେ ଅକ୍ଷରେ ଅକ୍ଷରେ ପାଳନ କରିବାର ଚେଷ୍ଟା କରୁଥିଲେ । ତାଙ୍କର ଧର୍ମ ବିଷୟରେ ମତାନ୍ଧତା ନଥିଲା ଏବଂ ସବୁ କ୍ଷେତ୍ରରେ ଏକମାତ୍ର ଶ୍ରୀରାମକୃଷ୍ଣଙ୍କର ସମନ୍ୱୟ ମୂର୍ତ୍ତି ଦେଖୁଥିଲେ । ସାରା ଜୀବନ ଧରି ଠାକୁରଙ୍କର ଅମୀୟ ଅମୃତ ବାଣୀ ପରିବେଷଣ ଜୀବନର ବ୍ରତ ରୂପରେ ପାଳନ କରିଥିଲେ । ମାଷ୍ଟର ମହାଶୟଙ୍କର ଅନୁଧ୍ୟାନ ପୁସ୍ତକରେ ସ୍ୱାମୀଜୀଙ୍କର ଭ୍ରାତା ପୂଜ୍ୟପାଦ 'ମହେନ୍ଦ୍ରନାଥ ଦତ୍ତ ଲେଖିଛନ୍ତି'—

"ତାଙ୍କର ଭାବ ଥିଲା ଗୁରୁ, ଇଷ୍ଟ ଏକ । ଗୁରୁ ହିଁ ଇଷ୍ଟ, ଇଷ୍ଟ ହିଁ ଗୁରୁ, ଉଭୟ ଅଭିନ୍ନ । ଶ୍ରୀରାମକୃଷ୍ଣ ପ୍ରସଙ୍ଗ, ତାଙ୍କ ବିଷୟରେ ଚିନ୍ତା, ଅନୁଧ୍ୟାନ ଓ ନିରବଚ୍ଛିନ୍ନ ଚର୍ଚ୍ଚା କରି ତାଙ୍କର ଅନ୍ତର ଶ୍ରୀରାମକୃଷ୍ଣମୟ ହୋଇଥିଲା ଏବଂ ବାହାରେ ମହେନ୍ଦ୍ରଗୁପ୍ତ ଥିଲା । ତାଙ୍କର ବ୍ୟକ୍ତିତ୍ୱ ବା ସ୍ୱାତନ୍ତ୍ର୍ୟ ଭାବ ତ୍ୟାଗ କରି ସେ ରାମକୃଷ୍ଣମୟ ହେବା ପାଇଁ ଚେଷ୍ଟା କରିଥିଲେ । ସେ ତାଙ୍କର ସ୍ୱାଧୀନ ଚିନ୍ତା ବା ବ୍ୟକ୍ତିତ୍ୱ ବା ସ୍ୱାତନ୍ତ୍ର୍ୟ ଭାବ ବିସର୍ଜନ ଦେଇ ଗୁରୁଗତ ପ୍ରାଣ ହୋଇଥିଲେ । ଗୁରୁଙ୍କ ଆଦେଶ, ଗୁରୁଙ୍କ ବାଣୀ ଓ ଗୁରୁଙ୍କ ପ୍ରସଙ୍ଗ ଏଇ ହେଲା ତାଙ୍କ ପକ୍ଷରେ ଅଭ୍ରାନ୍ତ ଓ ଏକମାତ୍ର ଧ୍ୟେୟ ବିଷୟ । ଅବଶ୍ୟ ସଂସାର କାର୍ଯ୍ୟରେ ବା ସ୍କୁଲରେ ପଢ଼ାଇବା ସମୟରେ ଅର୍ଥାତ୍ ସାଧାରଣ କାର୍ଯ୍ୟ ସମୟରେ ତାଙ୍କର ନିଜର ବ୍ୟକ୍ତିତ୍ୱ ଓ ସ୍ୱାତନ୍ତ୍ର୍ୟ ଥିଲା । ସେ ଯେତେବେଳେ ଘର ସଂସାର କରୁଥିଲେ ଓ ସ୍କୁଲର ତତ୍ତ୍ୱାବଧାନ କରୁଥିଲେ ସେତେବେଳେ ତାଙ୍କର ନିଜର ସ୍ୱତନ୍ତ୍ର ମତ ଥିଲା । କିନ୍ତୁ ସାଧାରଣ କାର୍ଯ୍ୟ ଭିତରେ ମଧ୍ୟ ଯେ ତାଙ୍କର ରାମକୃଷ୍ଣମୟ ଦୃଷ୍ଟି ଓ ରାମକୃଷ୍ଣବର୍ଣ୍ଣ ସମିଶ୍ରିତ ଥିଲା ତାହା ସ୍ୱଷ୍ଟ ପ୍ରକାଶ ପାଉଥିଲା । ତେଣୁ କହିଛି ମାଷ୍ଟର ମହାଶୟଙ୍କର ଭାବ ହେଲା ଅନ୍ତର ରାମକୃଷ୍ଣ ଆଉ ବାହାର ମହେନ୍ଦ୍ରନାଥ ଗୁପ୍ତ..... ।"

ଶ୍ରୀଶ୍ରୀ ଠାକୁରଙ୍କ ମହାସମାଧି ପୂର୍ବରୁ ଭକ୍ତମାନଙ୍କ ମଧରେ ମହେନ୍ଦ୍ରନାଥ ହିଁ ପ୍ରଥମେ ଗୁରୁଙ୍କ ଜନ୍ମସ୍ଥାନ ଦର୍ଶନ କରନ୍ତି । ଏହା ତାଙ୍କ ନିକଟରେ ପରମ ପବିତ୍ର ତୀର୍ଥସ୍ଥାନ ରୂପେ ପରିଗଣିତ ଥିଲା । ଏହି ସ୍ଥାନର ପ୍ରତିଟି କ୍ଷେତ୍ର ପବିତ୍ରଜ୍ଞାନରେ ସାଷ୍ଟାଙ୍ଗ ହୋଉଥିଲେ ଓ ଏହି ସ୍ଥାନର ମୃତ୍ତକା ପବିତ୍ର ଜ୍ଞାନ କରି ସଙ୍ଗରେ ଆଣିଥିଲେ । ଶ୍ରୀଶ୍ରୀ ଠାକୁର ଏହା ଶୁଣି କହିଥିଲେ, "କେହି କହି ନାହାନ୍ତି

ନିଜେ ହିଁ....'' ଆନନ୍ଦରେ ଅଶ୍ରୁ ବିସର୍ଜନ କରନ୍ତି ଓ ତାଙ୍କର ମସ୍ତକ ଓ ଦେହରେ ହାତ ଦେଇ ଆଶୀର୍ବାଦ କରନ୍ତି ଓ କହନ୍ତି ''ମାଟି-ଅଣା ଭକ୍ତି ।'' ମହେନ୍ଦ୍ରନାଥ ଠାକୁରଙ୍କର ଆଦେଶାନୁଯାୟୀ ତାରେକେଶ୍ୱରରେ ତାରକ ନାଥ ଓ ପୁରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଦେବଙ୍କୁ ସ୍ପର୍ଶ କରି ଅଭାବନୀୟ ଆନନ୍ଦ ଲାଭ କରିଥିଲେ । ଏହା ଶୁଣି ଠାକୁରେ ମହେନ୍ଦ୍ର ନାଥଙ୍କ ହାତ ସ୍ପର୍ଶ କରି କହିଥିଲେ, ''ତୁମେ ଶୁଦ୍ଧ'' ।

ଯେତେବେଳେ ଶ୍ରୀଶ୍ରୀରାମକୃଷ୍ଣକଥାମୃତ ପୁସ୍ତକ ଆକାରରେ ଲେଖିବା କାର୍ଯ୍ୟ ଆରମ୍ଭ ହେଉଥିଲା ସେତେବେଳେ ଦେଖାଯାଉଥିଲା ଯେ ସେ ଶୁଦ୍ଧାଚାରରେ ଏକାହାର ଓ ହବିଷ୍ୟ କରି କାଳ କଟାଉଥିଲେ । ଯେତେଦିନ ପର୍ଯ୍ୟନ୍ତ ଏହି ପୁସ୍ତକର କପି ବାହାର ନ ହୁଏ, ସେତେଦିନ ସେ ଏହି ବ୍ରତ ପାଳନ କରୁଥିଲେ । ପଞ୍ଚମ ଭାଗ ମୁଦ୍ରଣ ସମାପ୍ତ କାଳରେ ସେ ଦେହତ୍ୟାଗ କରନ୍ତି । ଠାକୁରେ କହୁଥିଲେ, ''ଭାଗବତ-ଭକ୍ତ-ଭଗବାନ ତିନି ହିଁ ଏକ ।'' ଭାଗବତକାର ଭାଗବତ ସଙ୍ଗରେ ଚିର ଜୀବନ ଲାଭ କରନ୍ତି, ତେଣୁ ମହେନ୍ଦ୍ରନାଥଙ୍କର ମଧ୍ୟ ଅମରତ୍ୱ ଲାଭ ହୋଇଛି । ଯେତେଦିନ ଶ୍ରୀରାମକୃଷ୍ଣ ନାମ ଧରାଧାମରେ ରହିବ ଶ୍ରୀଭାଗବତ ଶ୍ରୀରାମକୃଷ୍ଣକଥାମୃତ ଓ ତାହା ସହିତ 'ଶ୍ରୀମ' ମଧ୍ୟ ଅମର ହୋଇ ରହିବେ ।

୧୯୩୨ ଖ୍ରୀଷ୍ଟାବ୍ଦ, ଜୁନ୍ ମାସ ୪ ତାରିଖ, ଫଳହାରିଣୀ କାଳିପୂଜା ପରଦିନ, ଶନିବାର ସକାଳ ୬ଟା ସମୟରେ ଶ୍ରୀଶ୍ରୀଠାକୁର ଓ ମାଆଙ୍କ ନାମ କରୁ କରୁ ଓ ''ଗୁରୁଦେବ, ମା' ମୋତେ କୋଳକୁ ନିଅ''—ଏହି ଶେଷ ପ୍ରାର୍ଥନା ଠାକୁରଙ୍କୁ ଜଣାଇ ଯୋଗୀବର 'ଶ୍ରୀମ' ୭୮ ବର୍ଷ ବୟସରେ ଦେହତ୍ୟାଗ କଲେ । ଏହା ଯେପରି ଇଚ୍ଛାନୁଯାୟୀ ଯୋଗୀଜନସୁଲଭ ଯୋଗରେ ମୃତ୍ୟୁ, ସେପରି ଠିକ୍ ଶୋଇପଡ଼ିଲେ । କାଶୀପୁର ଶ୍ମଶାନରେ ଯେଉଁସ୍ଥାନରେ ଶ୍ରୀଶ୍ରୀଠାକୁରଙ୍କ ଦେହ ପଞ୍ଚଭୂତ ହୋଇଥିଲା, ତାହାରି ଦକ୍ଷିଣ ପ୍ରାନ୍ତରେ ତାଙ୍କର ପବିତ୍ର ଦେହ ଚରମ ପରିଣାମ ପ୍ରାପ୍ତ ହେଲା । ମହେନ୍ଦ୍ରନାଥ ଚିରକାଳ ଶ୍ରୀଶ୍ରୀଠାକୁରଙ୍କ ଦାସ ହୋଇଥିଲେ ଓ ଶେଷରେ ମଧ୍ୟ ତାଙ୍କରି ପାଖରେ ସ୍ଥାନ ପାଇଲେ । ମହେନ୍ଦ୍ରନାଥ ପୂର୍ବରୁ ଶ୍ରୀରାମକୃଷ୍ଣଙ୍କର ବହୁ ଅନ୍ତରଙ୍ଗ ଭକ୍ତ ଏହି ମାୟା ଜଗତ ତ୍ୟାଗ କରିଛନ୍ତି, କିନ୍ତୁ ଏହି ଅମୂଲ୍ୟ ସ୍ଥାନଟି ଶ୍ରୀଶ୍ରୀଠାକୁରେ ଯେପରି ତାଙ୍କର ପ୍ରିୟ ଶିଷ୍ୟ ପାଇଁ ନିର୍ଦ୍ଧାରିତ କରିଥିଲେ ।

❁ ❁ ❁